

ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.116, Friday, 14 August 2026, Puri, Pages - 25, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୧୬, ଶୁକ୍ରବାର, ୧୪ ଅଗଷ୍ଟ ୨୦୨୬, ପୁରୀ, ୨୫ ପୃଷ୍ଠା, ମୂଲ୍ୟ - ୯ ଟଙ୍କା



ଅମୃତ ଦୁନିଆ
The Amruta Dunia
RNI No. ODIODI / 2014 / 56157 www.amrutadunia.org

Vol.13, Issue.116, Friday, 14 August 2026, Puri, Pages - 25, Rs. 9/-
ତ୍ରୟୋଦଶ ବର୍ଷ, ସଂଖ୍ୟା-୧୧୬, ଶୁକ୍ରବାର, ୧୪ ଅଗଷ୍ଟ ୨୦୨୬, ପୁରୀ, ୨୫ ପୃଷ୍ଠା, ମୂଲ୍ୟ - ୯ ଟଙ୍କା



# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org



Selfie ଦୁନିଆ

ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନିତ କରିବା ପାଇଁ ଇଚ୍ଛୁକ ଥିଲେ selfiedunia96@gmail.com କିମ୍ବା ୯୦୪୦୦୦୫୦୮୪ ହ୍ୱାଟସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ



■ Vol.13, Issue.116, Friday, 14 August 2026, Puri, Pages - 25, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୧୬, ଶୁକ୍ରବାର, ୧୪ ଅଗଷ୍ଟ ୨୦୨୬, ପୁରୀ, ୨୫ ପୃଷ୍ଠା, ମୂଲ୍ୟ - ୯ ଟଙ୍କା


### ଶକ୍ତି ବିଭାଗର ପ୍ରସ୍ତାବିତ ପ୍ରକଳ୍ପ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

## ୨୦୩୦ ସୁଦ୍ଧା ସମସ୍ତଙ୍କ ପାଇଁ ଗୁଣାତ୍ମକ ବିଦ୍ୟୁତ ସେବା

- ୨ ବର୍ଷ ମଧ୍ୟରେ ୧୫ଟି ନୂଆ ଗ୍ରୀଡ୍ ସବ୍‌ଷ୍ଟେସନ୍
- ୭୮୮.୯୯ ସର୍କିଟ୍ କିଲୋମିଟର ଟ୍ରାନ୍ସମିସନ୍ ଲାଇନ୍ ସ୍ଥାପିତ
- ଗୁଣାତ୍ମକ ବିଦ୍ୟୁତ୍ ସେବା ପାଇଁ ନିର୍ମାଣ କରାଯାଉଛି ୭୬୫ କେଭି ଗ୍ରୀଡ୍‌ର ରିଙ୍ଗ୍ ସିଷ୍ଟମ୍



ଭୁବନେଶ୍ୱର(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ଶକ୍ତି ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଓ ଆଗାମୀ ଦିନରେ ହେବାକୁ ଥିବା ଶକ୍ତି ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା କରିଛନ୍ତି। ବୈଠକରୁ ଜଣାଯାଇଛି ଯେ, ବର୍ତ୍ତମାନ ରାଜ୍ୟରେ ୨୧୦ଟି ଗ୍ରୀଡ୍ ସବ୍‌ଷ୍ଟେସନ୍ କାର୍ଯ୍ୟକ୍ଷମ ଅଛି । ସେଥିମଧ୍ୟରୁ ଗତ ୨ ବର୍ଷ ମଧ୍ୟରେ ୧୫ଟି ନୂଆ ଗ୍ରୀଡ୍ ସବ୍‌ଷ୍ଟେସନ୍ ସ୍ଥାପନ କରାଯାଇଛି। ସେହିଭଳି ୨ ବର୍ଷ ମଧ୍ୟରେ ୭୮୮.୯୯ ସର୍କିଟ୍ କିଲୋମିଟର ଟ୍ରାନ୍ସମିସନ୍ ଲାଇନ୍ ମଧ୍ୟ ବିଛାଯାଇଛି। ବୈଠକରେ ୨୦୩୦ ସୁଦ୍ଧା ରାଜ୍ୟର ପ୍ରତ୍ୟେକ ଅଞ୍ଚଳକୁ ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଇ ଦେବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ । ରାଜ୍ୟବାସୀଙ୍କ ପାଇଁ ନିରବଚ୍ଛିନ୍ନ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ତଥା ଦ୍ରୁତ ଶିଳ୍ପାୟନକୁ ଦୃଷ୍ଟିରେ ରଖି ୭୬୫ କେଭି ଗ୍ରୀଡ୍‌ର ଏକ ରିଙ୍ଗ୍ ସିଷ୍ଟମ୍ ସ୍ଥାପନ କରାଯାଉଛି ବୋଲି ବୈଠକରୁ ଜଣାଯାଇଛି। ଏହି ସିଷ୍ଟମ ପାଇଁ ଅନୁଗୋଳ ଓ ସୁନ୍ଦରଗଡ଼ରେ ୨ଟି ୭୬୫/୪୦୦ କେଭି ଗ୍ରୀଡ୍ କାର୍ଯ୍ୟକ୍ଷମ ଥିବା ବେଳେ ଗୋପାଳପୁର ଓ ପାରାଦୀପରେ ୨ଟି ୭୬୫/୪୦୦ କେଭି ବିଶିଷ୍ଟ ଗ୍ରୀଡ୍ ଷ୍ଟେସନ୍ ନିର୍ମାଣ କରାଯାଉଛି । ଏହା ସହିତ କୋଲାବିରା, ଡୁବୁରି ଓ ଆଠଗଡ଼ ନିକଟସ୍ଥ ବେତଖୋଲି ଠାରେ ଆଉ ୩ଟି ୭୬୫/୪୦୦ କେଭି ସବ୍‌ଷ୍ଟେସନ୍ ନିର୍ମାଣ କରିବା ପାଇଁ ଯୋଜନା କରାଯାଇଛି । ବୈଠକରୁ ଜଣାଯାଇଛି ଯେ, ରାଜ୍ୟରେ ୪୦୦ କେଭି ବିଶିଷ୍ଟ ୫ଟି ଗ୍ରୀଡ୍ ସବ୍‌ଷ୍ଟେସନ୍ ଥିବା ବେଳେ ଆଉ ୪ଟି ୪୦୦ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ନିର୍ମାଣାଧୀନ ରହିଛି ଏବଂ ୨ଟି ଟେଣ୍ଡର ଷ୍ଟେଜ୍‌ରେ ଅଛି । ଆଗକୁ ଆହୁରି ୯ଟି ୪୦୦ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ନିର୍ମାଣ କରିବାର ଯୋଜନା ରହିଛି । ଏସବୁ ସବ୍‌ଷ୍ଟେସନ୍ ଗୁଡ଼ିକ କାର୍ଯ୍ୟକ୍ଷମ ହେଲେ ଓଡ଼ିଶାରେ ବିଦ୍ୟୁତ୍ ସମସ୍ୟା ରହିବ ନାହିଁ । ସେହିଭଳି, ବିଭିନ୍ନ ଗ୍ରୀଡ୍ ଗୁଡ଼ିକର ଆଧୁନିକୀକରଣ କାର୍ଯ୍ୟ ମଧ୍ୟ ହାତକୁ ନିଆଯାଇଛି। ୨୦୩୦-୩୧ ସୁଦ୍ଧା ରାଜ୍ୟରେ ପ୍ରାୟ ୫୯୦ଟି ଶିଳ୍ପ ପ୍ରକଳ୍ପ ସ୍ଥାପନ ହେବାକୁ ଯାଉଛି । ଏହି ଶିଳ୍ପ ସଂସ୍ଥା ତଥା ଉପଭୋକ୍ତା ମାନଙ୍କ ପାଇଁ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣକୁ ଦୃଷ୍ଟିରେ ରଖି ରାଜ୍ୟରେ ୧୬ ହଜାର କୋଟି ଟଙ୍କାର ଶକ୍ତି ପ୍ରକଳ୍ପ ନିର୍ମାଣ କରାଯିବ ବୋଲି ବୈଠକରୁ ଜଣାପଡ଼ିଛି।

## ଝୁଲିଲା ନୂଆ ଡିଜିପି ନିଷ୍ପତ୍ତି

### ୧୮ ଯାଏଁ ବ୍ରେକ୍ ଲଗାଇଲେ ସୁପ୍ରିମକୋର୍ଟ

### ୟୁପିଏସ୍‌ସିରେ ହେବାକୁ ଥିବା ବୈଠକ ବାତିଲ



ଭୁବନେଶ୍ୱର(ବ୍ୟୁରୋ)

ଓଡ଼ିଶାର ପରବର୍ତ୍ତୀ ପୁଲିସ ମୁଖିଆ(ଡିଜିପି) ଚୟନ ପ୍ରକ୍ରିୟାରେ ଆଜି ବ୍ରେକ୍ ଲଗାଇଛନ୍ତି ସୁପ୍ରିମକୋର୍ଟ। ରାଜ୍ୟ ପୁଲିସ ଡିଜି ଚୟନ ପ୍ରକ୍ରିୟାରେ ବ୍ୟାକଡୋର ଏଣ୍ଟ୍ରି ଗ୍ରହଣୀୟ ନୁହେଁ ଓ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି ଶେଷ ନହେବା ପର୍ଯ୍ୟନ୍ତ ଚୟନ କମିଟି ବୈଠକ ବସିବ ନାହିଁ ବୋଲି ୟୁପିଏସସି ଆଜି ସୁପ୍ରିମକୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଛି । ଏହାସହିତ ଆଜି ସନ୍ଧ୍ୟା ସାଢ଼େ ୫ଟାରେ ୟୁପିଏସସିରେ ହେବାକୁ ଥିବା ବୈଠକ ମଧ୍ୟ ବାତିଲ ହୋଇଯାଇଛି। ସୁପ୍ରିମକୋର୍ଟ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୧୮ତାରିଖକୁ ଧାର୍ଯ୍ୟ କରିଛନ୍ତି। ସୂଚନା ଅନୁସାରେ, ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠଙ୍କ ଆଗରେ ଆଜି ବରିଷ୍ଠ ଓକିଲ ପି.ଚିଦାମ୍ବରମ୍ ସ୍ୱତନ୍ତ୍ର ମେନସନ୍ ମାଧ୍ୟମରେ ଏହି ଜନସ୍ୱାର୍ଥ ମାମଲାକୁ ଉଠାଇଥିଲେ। ଖଣ୍ଡପୀଠ ମଧ୍ୟାହ୍ନଭୋଜନ ବିରତିରେ ଯିବା ପୂର୍ବରୁ ଚିଦାମ୍ବରମ୍ ଦୃଷ୍ଟି ଆକର୍ଷଣ କରି କହିଥିଲେ ଯେ, ପ୍ରକାଶ ସିଂ ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶାବଳୀକୁ ଉଲ୍ଲଙ୍ଘନ କରି ଓଡ଼ିଶା ଡିଜିପି ଚୟନ ପ୍ରକ୍ରିୟା କରାଯାଉଛି। ଯଦିଓ ଆଜି ଶୁଣାଣି ପାଇଁ ଏହି ମାମଲା ତାଲିକାଭୁକ୍ତ ହୋଇଛି କିନ୍ତୁ ସମୟ ଅଭାବ(ଆଇଟମ ନମ୍ବର-୨୬)ରୁ ଶୁଣାଣି ସମ୍ଭବପର ହେବନି। ଚୂଡ଼ାନ୍ତ ପ୍ରାର୍ଥୀ ଚୟନ ପାଇଁ ୟୁପିଏସସି ଆଜି ହିଁ ବୈଠକ କରିବାକୁ ଯାଉଛନ୍ତି। ସୁପ୍ରିମକୋର୍ଟଙ୍କ ଶୁଣାଣି ଏଡ଼ାଇବା ଓ ୟୁପିଏସସିକୁ ପଠାଯାଇଥିବା ପ୍ୟାନେଲରେ ନାମ ସାମିଲ କରିବା ଉଦ୍ଦେଶ୍ୟରେ ଦୁଇଦିନ ପୂର୍ବରୁ ଜଣେ ଅଫିସରଙ୍କୁ ପଦୋନ୍ନତି ଦିଆଯାଇଛି ବୋଲି ସେ ଖଣ୍ଡପୀଠଙ୍କ ନିକଟରେ ଅଭିଯୋଗ କରିଥିଲେ। ତେବେ ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ସରକାରଙ୍କ ପକ୍ଷ ରଖି ନିୟମ ଉଲ୍ଲଙ୍ଘନ ହୋଇଥିବା ଅଭିଯୋଗକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରିବା ସହ ସର୍ଭିସ ରିଲେଟେଡ୍( ଚାକିରି ସହ ଜଡ଼ିତ) ବିବାଦରେ ଜନସ୍ୱାର୍ଥ ମାମଲାର ଗ୍ରହଣୀୟତା ଉପରେ ପ୍ରଶ୍ନ ଉଠାଇଥିଲେ। ଧାର୍ଯ୍ୟ ସମୟସୀମା ମଧ୍ୟରେ ନୂଆ ଡିଜି ନିଯୁକ୍ତି ନହେଲେ ରାଜ୍ୟକୁ କାର୍ଯ୍ୟକାରୀ ଡିଜିପିଙ୍କ କାର୍ଯ୍ୟ ଚଳାଇବାକୁ ପଡ଼ିବ, ଯାହାକି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀର ଉଲ୍ଲଙ୍ଘନ ବୋଲି ଶ୍ରୀ ଆଚାର୍ଯ୍ୟ ଯୁକ୍ତି ବାଢ଼ିଥିଲେ। ଏସବୁ ଶୁଣିବା ପରେ ଖଣ୍ଡପୀଠ ମଧ୍ୟ କୌଣସି ପ୍ରଭାବିତ ଅଫିସର କୋର୍ଟଙ୍କ ଦ୍ୱାରସ୍ଥ ହୋଇ ନଥିବାରୁ ଜନସ୍ୱାର୍ଥ ମାମଲାର ଗ୍ରହଣଯୋଗ୍ୟତାକୁ ନେଇ ସନ୍ଦେହ ବ୍ୟକ୍ତ କରିଥିଲେ। ଆଉ ଏନେଇ ଉକ୍ତ ମାମଲାର ଆମିକସକ୍ୟୁରୀ ବରିଷ୍ଠ ଓକିଲ ରାଜୁ ରାମଚନ୍ଦ୍ରନଙ୍କ ମତାମତ ଜାଣିବାକୁ ଚାହିଁଥିଲେ। ଶ୍ରୀ ରାମଚନ୍ଦ୍ରନ୍ ମଧ୍ୟ ଏହି ଜନସ୍ୱାର୍ଥ ମାମଲା ସଂକ୍ରାନ୍ତ ଆବେଦନକୁ ସମର୍ଥନ କରି ରାଜ୍ୟ ସରକାର ପ୍ରକାଶ ସିଂ ମାମଲାରେ ସୁପ୍ରିମକୋର୍ଟଙ୍କ ଗାଇଡଲାଇନ୍ ଉଲ୍ଲଙ୍ଘନ କରିଥିବା ■ ପୃଷ୍ଠା-୧୫

### ଭିଜିଲାନ୍ସ ଜାଲରେ ଏସ୍‌ଆର୍‌ଏ ଓ ଅବସରପ୍ରାପ୍ତ ପିଇଓ

କଟକ(ବ୍ୟୁରୋ)

୩ କୋଟି ୨ ଲକ୍ଷ ୯୫ ହଜାର ଟଙ୍କାର ସରକାରୀ ଅର୍ଥ ହଡ଼ପ ମାମଲାରେ ଜଗତସିଂହପୁର ଜିଲ୍ଲା ନୂଆଗାଁ ତହସିଲର ଏସ୍‌ଆରଏ ଭଞ୍ଜ କିଶୋର ବେହେରା ଓ ତିର୍ତ୍ତୋଲ ବ୍ଲକର ଅବସରପ୍ରାପ୍ତ ପିଇଓ ପ୍ରଦୀପ୍ତ କୁମାର ମଲ୍ଲିକଙ୍କୁ ଗିରଫ କରିଛି ପୁଲିସ। ଭିଜିଲାନ୍ସ ତା'ର ତଦନ୍ତରୁ ଜାଣିବାକୁ ପାଇଛି ଯେ, ୨୦୧୧-୧୨ ରୁ ୨୦୨୧-୨୨ ଆର୍ଥିକ ବର୍ଷ ମଧ୍ୟରେ ଏହି ସରକାରୀ ଅର୍ଥ ହଡ଼ପ କରାଯାଇଛି। ଏହି ଦୁର୍ନୀତିର କେନ୍ଦ୍ରସ୍ଥଳ ହେଉଛି ତିର୍ତ୍ତୋଲ ବ୍ଲକ୍ ଅଫିସ। ଭଞ୍ଜ କିଶୋର ବେହେରା, ପ୍ରଦୀପ୍ତ କୁମାର ମଲ୍ଲିକ ଓ ପୂର୍ବତନ ଏଇଇ ରାଜଦୀପ ହାଁସଦା ମିଶି ଏତେ ପରିମାଣର ସରକାରୀ ଅର୍ଥ ହଡ଼ପ କରିଥିଲେ। ପୂର୍ବତନ ଏଇଇ ରାଜଦୀପ ହାଁସଦାଙ୍କର ପରଲୋକ ହୋଇସାରିଛି। ଗିରଫ ହୋଇଥିବା ନୂଆଗାଁ ତହସିଲର ଏସ୍‌ଆରଏ ଭଞ୍ଜ କିଶୋର ବେହେରା ୨୦୧୧-୧୨ରୁ ୨୦୨୧-୨୨ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ତିର୍ତ୍ତୋଲ ବ୍ଲକ୍ ଅଫିସ୍‌ରେ ଏସ୍‌ଆରଏ ଥିଲେ।

### ଟେଲିକମ୍ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା ବୈଠକ

## ଡିସେମ୍ବର ସୁଦ୍ଧା ନେଟୱର୍କ ସଂଯୋଗୀକରଣରେ ଉନ୍ନତି

ଭୁବନେଶ୍ୱର(ବ୍ୟୁରୋ)

ଭୁବନେଶ୍ୱରସ୍ଥିତ ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର ଠାରେ ଡିଜିଟାଲ ଭାରତ ନିଧି ଅଧୀନରେ ରାଜ୍ୟରେ ଚାଲିଥିବା ବିଭିନ୍ନ ଟେଲିକମ୍ ପ୍ରକଳ୍ପର ଅଗ୍ରଗତି ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ଏହି ବୈଠକର ଅଧ୍ୟକ୍ଷତା କରି ରାଜ୍ୟର ସୁଦୂର ଓ ଗ୍ରାମାଞ୍ଚଳରେ ମୋବାଇଲ୍ ଏବଂ ଇଣ୍ଟରନେଟ୍ ସେବାର ପ୍ରସାର, ୪ଜି ସଂଯୋଗୀକରଣ ଏବଂ ନୂତନ ଟେଲିକମ୍ ଟାୱାର ସ୍ଥାପନର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିଛନ୍ତି । ବିଶେଷ କରି ଦୁର୍ଗମ ଓ ଗ୍ରାମାଞ୍ଚଳରେ ନେଟୱର୍କ ସଂଯୋଗୀକରଣକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ରାଜ୍ୟର ୬,୭୯୯ଟି ପଞ୍ଚାୟତକୁ ଆଇପି ଏମ୍‌ପିଏଲଏସ ପ୍ରଯୁକ୍ତି ସହ ରିଂ ଟୋପୋଲୋଜିରେ ଅପଗ୍ରେଡ୍ କରାଯିବ । ଡିଜିଟାଲ ଇଣ୍ଡିଆ ମିଶନର 'ଭାରତ ନେଟ୍ ପରିଯୋଜନା' ଫେଜ୍-୩ର ମଧ୍ୟ ସମୀକ୍ଷା କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଏହାକୁ ଆଗାମୀ ୩ବର୍ଷରେ ଶେଷ କରାଯିବାକୁ ନେଇ ହୋଇଥିବା ନିଷ୍ପତ୍ତିକୁ ସମୟାନୁବର୍ତ୍ତୀ ହୋଇ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟର ପ୍ରତ୍ୟେକ ଗାଁକୁ ଇଣ୍ଟରନେଟ୍ ସେବା ସହ ଯୋଡ଼ିବା ଏବଂ ଲୋକଙ୍କ ନିକଟରେ ଡିଜିଟାଲ୍ ସେବା ପହଞ୍ଚାଇବା ସରକାରଙ୍କ ପ୍ରମୁଖ ଲକ୍ଷ୍ୟ। ଏହି ଲକ୍ଷ୍ୟ ପୂରଣ ପାଇଁ ନେଟୱର୍କ ସଂଯୋଗୀକରଣରେ ଥିବା ଅବ୍ୟବସ୍ଥା ଓ ଅଭାବକୁ ଦୂର କରିବା ସହ ଟାୱାର ସ୍ଥାପନ ଏବଂ ୪ଜି ସେବାର ପ୍ରସାରକୁ ତ୍ୱରାନ୍ୱିତ କରିବାକୁ ଟେଲିକମ୍ କମ୍ପାନୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମୌସୁମୀ, ବନ୍ୟା ସମୟରେ ନେଟୱର୍କ ମେସିନ ଗୁଡ଼ିକର ସଂରକ୍ଷଣ, ପ୍ରମୁଖ ସ୍ଥାନ ଗୁଡ଼ିକରେ ଦୁର୍ବଳ ଇଣ୍ଟରନେଟ, ମେଡ଼ିକାଲ ଗୁଡ଼ିକରେ ଜରୁରୀ ଇଣ୍ଟରନେଟ ସେବା ପାଇଁ ଧ୍ୟାନ ଦେବାକୁ ମନ୍ତ୍ରୀ କହିଛନ୍ତି । ଡିସେମ୍ବର ୨୦୨୬ସୁଦ୍ଧା ରାଜ୍ୟରେ ନେଟୱର୍କ ସଂଯୋଗୀକରଣରେ ଉନ୍ନତି ଆଣିବା ପାଇଁ ବୈଠକରେ ଉପସ୍ଥିତ ସମସ୍ତ ଟେଲିକମ୍ ଅପରେଟରମାନେ ଜଣାଇଛନ୍ତି ।

### ଥମୁନି ବର୍ଷାଜନିତ ବନ୍ୟାସ୍ଥିତି

## ପାଣି ନ ଛାଡ଼ିବାରୁ କ୍ଷୟକ୍ଷତି ଆକଳନରେ ବିଳମ୍ବ

- ଜଳ ନିଷ୍କାସନ ପାଇଁ ନଦୀରେ ହେବ ଡ୍ରେଜିଂ
- ଉତ୍ତର ଓଡ଼ିଶାରେ ବର୍ଷା ଆଶଙ୍କା

ଭୁବନେଶ୍ୱର(ବ୍ୟୁରୋ)

ରାଜ୍ୟରେ ଲଘୁଚାପ ଅବପାତର ରୂପ ନେଇ ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ଲାଗି ରହିଛି । ବାରମ୍ବାର ବନ୍ୟା ସ୍ଥିତିକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ବାଲେଶ୍ୱରରୁ ଆରମ୍ଭ କରି ମୟୂରଭଞ୍ଜ ପର୍ଯ୍ୟନ୍ତ ଜିଲ୍ଲାଗୁଡ଼ିକୁ ରେଡ୍ ଜୋନ୍ ରେ ରଖାଯାଇଛି ବୋଲି ସେ ସୂଚନା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି ଯେ, ବର୍ଷାଜନିତ ବନ୍ୟା ଶେଷ ହେବାର ନା ନେଉ ନାହିଁ। ଗୋଟିଏ ବନ୍ୟାର ମୁକାବିଲା କଲା ବେଳକୁ ଆଉ ଏକ ବନ୍ୟା ଆସି ପହଞ୍ଚି ଯାଉଛି। ସମ୍ପୂର୍ଣ୍ଣ ପାଣି ନଛାଡ଼ିବାରୁ କ୍ଷୟକ୍ଷତି ଆକଳନ ପାଇଁ ବିଳମ୍ବ ହେଉଛି। ବିଶେଷ କରି ଉତ୍ତର ଓଡ଼ିଶାରେ ଏହି ସମସ୍ୟା ଦେଖାଦେଇଥିବା ବେଳେ ଅନ୍ୟ ଜିଲ୍ଲାଗୁଡ଼ିକରେ ସହାୟତା ଓ ଆବଣ୍ଟନ କାମ ଆରମ୍ଭ ହୋଇସାରିଛି । ଏଲ୍ ନିନୋ କାରଣରୁ କମ୍ ବୃଷ୍ଟିପାତ ହେବ ବୋଲି ଆକଳନ ହୋଇଥିଲେ ମଧ୍ୟ ଏହା ଅପେକ୍ଷା ୬୫% ଅଧିକ ବୃଷ୍ଟିପାତ ହୋଇଛି। ଗତ ଦୁଇ-ତିନି ସପ୍ତାହ ଭିତରେ ଦୁଇରୁ ଅଧିକ ବନ୍ୟା ଆସିସାରିଛି, ଯାହାକୁ ସଫଳତାର ସହିତ ମୁକାବିଲା କରାଯାଉଛି । ଉତ୍ତର ଓଡ଼ିଶାର କିଛି ନଦୀରେ ଜଳସ୍ତର ବୃଦ୍ଧି ପାଇଛି କିନ୍ତୁ ଏପର୍ଯ୍ୟନ୍ତ ବିପଦ ସଙ୍କେତ ପାଖରେ ପହଞ୍ଚି ନାହିଁ । ତଥାପି ଆଗାମୀ ୨୪ ଘଣ୍ଟା ପ୍ରବଳରୁ ପ୍ରବଳ ବର୍ଷା ହେବାକୁ ଥିବାରୁ ଜଳସେଚନ ବିଭାଗ ସଚେତନ ରହିଛି ଏବଂ ଏସଆରସି ଜିଲ୍ଲାପାଳମାନଙ୍କ ସହିତ ଲଗାତାର ■ ପୃଷ୍ଠା-୧୫



### ଅବପାତରେ ପରିଣତ ହେଲା ଲଘୁଚାପ, ପ୍ରବଳ ବର୍ଷିବ

ପଶ୍ଚିମବଙ୍ଗ ଉପକୂଳରେ ଅବପାତରେ ପରିଣତ ହେଲା ଲଘୁଚାପ। ବାରିପଦା ଠାରୁ ୧୯୦ କିମି ଦୂରରେ ଏହା କେନ୍ଦ୍ରୀଭୂତ ହୋଇଛି। ଆସନ୍ତା ୨୪ ଘଣ୍ଟାରେ ପଶ୍ଚିମବଙ୍ଗ ଦେଇ ଝାଡ଼ଖଣ୍ଡ ମୁହାଁ ହେବା ସମ୍ଭାବନା ରହିଛି। ଏହା ପ୍ରଭାବରେ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ରେଡ୍ ୱାର୍ଣ୍ଣିଂ ଜାରି ହୋଇଛି। ସେପଟେ ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ବର୍ଷା ଜାରି ରହିଛି। ଉତ୍ତର ■ ପୃଷ୍ଠା-୧୫

### ସେ କହିଲେ...



ଅଗଷ୍ଟ ସୁଦ୍ଧା ପ୍ରାୟ ୧୮ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉଠାଇବା କଥା, କିନ୍ତୁ ଏପର୍ଯ୍ୟନ୍ତ ମାତ୍ର ୬ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉଠାଯାଇଛି। ଚାଉଳ ଉଠାଇବାରେ ଏଫସିଆଇ ଢିଲା କରିଛି। ତେଣୁ ଚାଉଳ ଉଠାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି।ଏନେଇ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଚାଉଳ ଓ ଧାନ ଉଠାଣ ପ୍ରକ୍ରିୟାକୁ ଶୀଘ୍ର କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେହିଭଳି ଉଷୁନା ଚାଉଳର ଲକ୍ଷ୍ୟ ଧାର୍ଯ୍ୟ ସଂଶୋଧନ ସହ ବକେୟା ସବସିଡି ପ୍ରଦାନ ପାଇଁ ମଧ୍ୟ ଦାବି ରଖାଯାଇଛି।

**କୃଷ୍ଣଚନ୍ଦ୍ର ପାତ୍ର**
**ଯୋଗାଣ ମନ୍ତ୍ରୀ**

### ଅଧିକାରୀ ବେଫିକର ଚିନ୍ତାରେ ଚାଷୀ

## କୋମାରେ କୃଷି ବିଭାଗ, ବାଉଳି ହେଉଛନ୍ତି ମନ୍ତ୍ରୀ

**ଓଡ଼ିଶାର ଡବଲ ଇଞ୍ଜିନ ସରକାର କ୍ଷମତାକୁ ଆସିବାର ଦୁଇବର୍ଷରୁ ଊର୍ଦ୍ଧ୍ୱକାଳ ହେଲାଣି। ଦରଦାମ ବୃଦ୍ଧି, ସାର ସଙ୍କଟ, ଧାନବିକ୍ରି ପଞ୍ଜୀକରଣ, ଏଗ୍ରିଷ୍ଟାକ ଭଳି ଚାଷୀମାନେ ଅନେକ ସମସ୍ୟାରେ ଛନ୍ଦିହୋଇ ତ୍ରାହି ତ୍ରାହି ଡାକୁଛନ୍ତି। ବର୍ଷା ଓ ବନ୍ୟାରେ ୨୪ ଜିଲ୍ଲା ଆକ୍ରାମାକ୍ରା। ଧାନ ତଳି ଓ ବିଲରେ ଆଣ୍ଠୁଏ ପାଣି ଭର୍ତ୍ତି। ଏହି ସମସ୍ୟାର ଦୂରୀକରଣ କରାଯାଇ ପାରୁନାହିଁ। କୃଷି ବିଭାଗ କୋମାକୁ ଚାଲିଗଲାଣି। ରାଜ୍ୟରେ ଶୀତଳ ଭଣ୍ଡାର ନିର୍ମାଣକୁ ନେଇ ସରକାରୀ ଘୋଷଣା ଓ ଭୂମିସ୍ତରର ସ୍ଥିତି ମଧ୍ୟରେ ଥିବା ଭିନ୍ନତା ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ବିଭାଗୀୟ ସମୀକ୍ଷା ବୈଠକରେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କେ.ଭି. ସିଂଦେଓ ଅଧିକାରୀଙ୍କ ଉପରେ ଖୋଲାଖୋଲି ଅସନ୍ତୋଷ ପ୍ରକାଶ କରି କଡ଼ା ତାଗିଦ୍ କରିଛନ୍ତି। ୫୮ଟି ଶୀତଳ ଭଣ୍ଡାର ଘୋଷଣା ହୋଇଥିଲେ ମଧ୍ୟ ମାତ୍ର ଗୋଟିଏ ନିର୍ମାଣ ହୋଇଥିବାରୁ ଏନେଇ ସେ ପ୍ରଶ୍ନ କରିଥିଲେ। ହେଲେ ଖାଲି ପ୍ରଶ୍ନକଲେ ଚଳିବନି, ଏନେଇ କାର୍ଯ୍ୟ ସମୀକ୍ଷା ଓ ତଦାରଖ କରିବାର ଆବଶ୍ୟକତା ରହିଛି। କାହିଁକି କାର୍ଯ୍ୟ ବିଳମ୍ବ ହେଉଛି, ତାକୁ ଦେଖି ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ବି ଜରୁରୀ।**





- ଘୋଷିତ ୫୭ ଶୀତଳଭଣ୍ଡାର ଗଲା କୁଆଡ଼େ
- ଅଧିକାଂଶ ଜିଲ୍ଲାରେ ଶୀତଳଭଣ୍ଡାର ଅଚଳ
- ବଜେଟ ବଢ଼ାଇ ମନ୍ତ୍ରୀ ଶୋଇପଡୁଛନ୍ତି କାହିଁକି
- ଖାଲି ରାଗ; କାର୍ଯ୍ୟ ସମୀକ୍ଷା କି ତଦାରଖ ନାହିଁ
- ବିଭିନ୍ନ ସମସ୍ୟାରେ ଧନ୍ଦି ହେଉଛନ୍ତି ଚାଷୀକୁଳ

ଭୁବନେଶ୍ୱର(ବ୍ୟୁରୋ)

କୃଷି ବିଭାଗରେ ଏବେ ମାଳମାଳ ସମସ୍ୟା। ତାଲୁରୁ ତଳିପା ଗୋଟିଗଣିତା। ମନ୍ତ୍ରୀ କିଛି ଜାଣିପାରୁନାହାନ୍ତି, କେବଳ ଚାଷୀମାନେ ଧନ୍ଦି ହେଉଛନ୍ତି। ଦରଦାମ ବୃଦ୍ଧିଠାରୁ ଆରମ୍ଭ କରି ସାର ସଙ୍କଟ, ସରକାରୀ ବିହନ ଯୋଗାଣ, ଏଗ୍ରିଷ୍ଟାକ ସମସ୍ୟା, ବନ୍ୟାଜନିତ କ୍ଷତି ଏବେ କାଳ ସାଜିଛି। ବିଭାଗୀୟ ମନ୍ତ୍ରୀଙ୍କ ଏଭଳି ଉଦାସୀନତା ଯୋଗୁଁ ସାଧାରଣ ଖାଉଟି ବି ହୀନସ୍ତା ହେଉଛନ୍ତି। ଧାନବିକ୍ରି, ମଣ୍ଡି ସମସ୍ୟା ଏବେ ଚାଷୀଙ୍କ ଚିର ସହଚର ପାଲଟିଛି। ସରକାର ବଜେଟ୍ ବଢ଼ାଇ ଚୁପ୍‌ହୋଇ ବସିପଡ଼ିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ମନ୍ତ୍ରୀଙ୍କ କହିଛନ୍ତି ଯେ, ସରକାର ବିଭିନ୍ନ ଯୋଜନା ପାଇଁ ବଜେଟ୍ ବଢ଼ାଉଥିବା ସତ୍ତ୍ୱେ ଅନେକ କ୍ଷେତ୍ରରେ ଅର୍ଥ ଖର୍ଚ୍ଚ ହେଉନାହିଁ। କୃଷି ବିଭାଗର ବଜେଟ୍ ୭ ହଜାର କୋଟିରୁ ୧୫ ହଜାର କୋଟି ଟଙ୍କାକୁ ବଢ଼ାଯାଇଛି, କିନ୍ତୁ ତାହାର ପ୍ରଭାବ ଭୂମିସ୍ତରରେ ଦେଖାଯାଉ ନଥିବାରୁ ସେ ଅଧିକାରୀଙ୍କ କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଇଛନ୍ତି। ସରକାରଙ୍କୁ ଅନ୍ଧାରରେ ନରଖି ସଠିକ୍ ରିପୋର୍ଟ ଦେବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀଙ୍କ ଏହି ମନ୍ତବ୍ୟ ପରେ ବିଭିନ୍ନ ଜିଲ୍ଲାରେ ସ୍ଥିତି ଅନୁଧ୍ୟାନ କରାଯାଇଛି। ସମ୍ବଲପୁର, ସୁନ୍ଦରଗଡ଼, କୋରାପୁଟ ଓ କେନ୍ଦ୍ରାପଡ଼ାରେ ଅଧିକାଂଶ ଶୀତଳ ଭଣ୍ଡାର ଅଚଳ ଥିବା ଜଣାପଡ଼ିଛି। ନୂଆ ଶୀତଳ ଭଣ୍ଡାର ସ୍ଥାପନ ପାଇଁ ଘୋଷଣା ହୋଇଥିଲେ ମଧ୍ୟ ଅନେକ ଜିଲ୍ଲାରେ ସ୍ଥାନ ଚୟନ ପର୍ଯ୍ୟନ୍ତ ହୋଇନାହିଁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

କୁଚିଣ୍ଡା ଓ କେନ୍ଦ୍ରାପଡ଼ାର ଚାଷୀମାନେ ଅଭିଯୋଗ କରିଛନ୍ତି ଯେ, ଶୀତଳ ଭଣ୍ଡାର ନଥିବାରୁ ଫସଲ ସଂରକ୍ଷଣ କରିପାରୁ ନଥିବାରୁ ସେମାନେ କ୍ଷତି ସହୁଛନ୍ତି। ଠିକ୍ ସମୟରେ ବଜାରକୁ ପଠାଇପାରୁ ନଥିବାରୁ ଚାଷୀମାନେ ନ୍ୟାୟସଂଗତ ଦରରୁ ବଞ୍ଚିତ ହେଉଛନ୍ତି। ସରକାରୀ ତଥ୍ୟ ଅନୁଯାୟୀ ରାଜ୍ୟରେ ମୋଟ ୧୩୩ଟି ଶୀତଳ ଭଣ୍ଡାର ଥିବାବେଳେ ମାତ୍ର ୩୫ଟି ପୂର୍ଣ୍ଣ କାର୍ଯ୍ୟକ୍ଷମ ଅଛି। ସେଥିରୁ ୩୩ଟି ବେସରକାରୀ ଓ ୨ଟି ସରକାରୀ ଭାବେ ଚାଲିଛି। ଏହି ପରିସ୍ଥିତିରେ ନୂଆ ଶୀତଳ ଭଣ୍ଡାର ନିର୍ମାଣକୁ ସରକାର ଗୁରୁତ୍ୱ ଦେଇଥିଲେ ମଧ୍ୟ ଭୂମିସ୍ତରରେ ତାହାର ଗତି ନେଇ ଏବେ ପ୍ରଶ୍ନ ଉଠିଛି।

ରାଜ୍ୟ କୃଷି ବିଭାଗର ଅଧିକାରୀଙ୍କ କାର୍ଯ୍ୟଶୈଳୀକୁ ନେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ । କୃଷି ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ହର୍ଟିକଲଚର ଅଫିସର ସମ୍ମିଳନୀରେ ସେ ଅଧିକାରୀମାନଙ୍କୁ ଚରମ ଚେତାବନୀ ଦେବା ସହ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ଉପମୁଖ୍ୟମନ୍ତ୍ରୀଙ୍କ କହିବା ଅନୁଯାୟୀ, ଅନେକ ■ ପୃଷ୍ଠା-୧୫



### ଆର୍‌ଜି କର ଦୁଷ୍କର୍ମ ଓ ହତ୍ୟା ମାମଲା

## ସମ୍ବଲପୁରରୁ ଗିରଫ ହେଲେ ଟିଏମ୍‌ସିର ପୂର୍ବତନ ବିଧାୟକ

**ସମ୍ବଲପୁର(ଅମୃତ ମିଡିଆ):** ବହୁ ଚର୍ଚ୍ଚିତ ପଶ୍ଚିମବଙ୍ଗ ଆରଜି କର ହସ୍ପିଟାଲ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ନୂଆ ଟ୍ୱିଷ୍ଟ। ଗୁରୁବାର ଏହି ଘଟଣାରେ ଗିରଫ ହୋଇଛନ୍ତି ଟିଏମସିର ପୂର୍ବତନ ବିଧାୟକ ନିର୍ମଳ ଘୋଷ। ଆରଜି କର ପୀଡ଼ିତାଙ୍କ ଅନ୍ତିମ ସଂସ୍କାର ତରବରିଆ ଭାବେ କରାଯାଇଥିବା ଅଭିଯୋଗ ଘଟଣାରେ ଆଜି ପୁଲିସ୍ ତାଙ୍କୁ ଓଡ଼ିଶାର ସମ୍ବଲପୁରରୁ ଗିରଫ କରିଛି। ପ୍ରାମଣ ନଷ୍ଟ, ଅପରାଧିକ ଷଡ଼ଯନ୍ତ୍ର ଓ ଇଚ୍ଛା ବିରୋଧରେ ଜଣଙ୍କୁ ଗୋଟିଏ କାମ କରିବା ପାଇଁ ବାଧ କରିବା ଭଳି ଚାର୍ଜରେ ସମ୍ବଲପୁରରୁ ପୁଲିସ୍ ତାଙ୍କୁ ବିଧିବଦ୍ଧ ଭାବେ ଗିରଫ କରିଛି। ସମ୍ବଲପୁରରୁ ଗିରଫ କରିବା ପରେ ପୁଲିସ୍ ତାଙ୍କୁ ଟ୍ରାଞ୍ଜିଟ ରିମାଣ୍ଡରେ କୋଲକାତା ନେଇଥିବା ଜଣାପଡ଼ିଛି। ନିର୍ମଳ ଘୋଷ ହେଉଛନ୍ତି ପାନିହାଟୀ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ। ୨୦୨୬



ବିଧାନସଭା ନିର୍ବାଚନରେ ଆରଜି କାର ପୀଡ଼ିତାଙ୍କ ମା'ଙ୍କୁ ବିଜେପି ଏଠାରେ ପ୍ରାର୍ଥୀ କରିଥିଲା। ଆଉ ରତନା ଦେବନାଥ ଏଠାରୁ ବିଜୟ ହୋଇଛନ୍ତି। ରତନା ଦେବନାଥ ବିଧାୟକ ହେବା ପରେ ଆରଜି କର ଘଟଣାର ଖୋଳତାଡ଼ ପୁଣି ଆରମ୍ଭ ହୋଇଥିଲା। ନିର୍ମଳ ଘୋଷ ଜାଣିଶୁଣି ୨୦୨୪ରେ ପୀଡ଼ିତାଙ୍କ ପରିବାର ଉପରେ ଚାପ ପକାଇ ତରବରିଆ ଭାବେ ଅନ୍ତିମ ସଂସ୍କାର ପାଇଁ ବାଧ କରିଥିବା ଅଭିଯୋଗ ଆସିଥିଲା। ଏଥିପାଇଁ ୨ ଦିନ ତଳେ ତାଙ୍କ ବିରୋଧରେ ପୁଲିସ୍ ଏଫଆଇଆର ରୁଜୁ କରିଥିଲା। ପୀଡ଼ିତାଙ୍କ ବାପା ସୋମବାର ଅଭିଯୋଗ କରିବା ପରେ ପୁଲିସ୍ ଏହି ପଦକ୍ଷେପ ନେଇଥିଲା। ପୀଡ଼ିତାଙ୍କ ବାପା ଅଭିଯୋଗ କରିଛନ୍ତି ଯେ ତାଙ୍କ ଝିଅଙ୍କ ମୃତଦେହର ଅନ୍ତିମ ସଂସ୍କାର ତରବରିଆ ଭାବେ କରାଯାଇଥିଲା। ଏଥିରେ ନିର୍ମଳ ଘୋଷଙ୍କ ସମେତ ୩ ଜଣଙ୍କ ଭୂମିକା ଥିଲା। ପୂର୍ବତନ ଟିଏମ୍‌ସି ବିଧାୟକଙ୍କ ବ୍ୟତୀତ ଏହି ମାମଲାର ଅନ୍ୟ ଦୁଇ ଅଭିଯୁକ୍ତ ହେଲେ ପାନିହାଟୀ ପୌରସଂସ୍ଥାର କାଉନସିଲର ସୋମନାଥ ଦେ ଓ ମୃତ ଡାକ୍ତରୀ ଛାତ୍ରୀଙ୍କ ପରିବାରର ପଡ଼ୋଶୀ ସଞ୍ଜୀବ ମୁଖାର୍ଜୀ। ପୀଡ଼ିତାଙ୍କ ବାପା ଆହୁରି କହିଛନ୍ତି ଯେ ଦ୍ୱିତୀୟ ଥର ପୋଷ୍ଟମର୍ଟମ୍‌ର ସମ୍ଭାବନାକୁ ରୋକିବା ଓ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ଉକ୍ତ ୩ ଜଣଙ୍କ ତତ୍ତ୍ୱାବଧାନରେ ଅତ୍ୟନ୍ତ ତରବରିଆ ଭାବେ ମୃତଦେହର ଅନ୍ତିମ ସଂସ୍କାର କରାଯାଇଥିଲା। ରବିବାର ପାନିହାଟୀରେ ପୀଡ଼ିତାଙ୍କ ସ୍ମୃତିରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ବାରାକପୁର ପୁଲିସ କମିଶନରଙ୍କୁ ତରବରିଆ ଅନ୍ତିମ ସଂସ୍କାର ଅଭିଯୋଗର ତଦନ୍ତ ପୁଣି ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବାରାକପୁର ପୁଲିସ କମିଶନରେଟ୍‌ର ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କ କହିବା କଥା ଯେ ନୂଆ ମାମଲା ଡାକ୍ତରୀ ଛାତ୍ରୀଙ୍କ ଦୁଷ୍କର୍ମ ଓ ହତ୍ୟା ଘଟଣାର ସିବିଆଇ ତଦନ୍ତ ଠାରୁ ଅଲଗା। ଅଧିକାରୀଜଣଙ୍କ କହିଛନ୍ତି, "ସିବିଆଇ କୋଲକାତା ପୁଲିସ ଅଧୀନରେ ଥିବା ଆରଜି କର ହସ୍ପିଟାଲରେ ଘଟିଥିବା ଦୁଷ୍କର୍ମ ଓ ହତ୍ୟା ମାମଲାର ତଦନ୍ତ କରୁଛି। ଖାରଦା ଥାନାରେ ରୁଜୁ ହୋଇଥିବା ନୂଆ ଏଫ୍‌ଆଇଆର ମୃତକଙ୍କ ପରିବାରର ଅଭିଯୋଗ ଆଧାରରେ ହୋଇଛି।

### ଅଜାଆଇଙ୍କ ଭରସାରେ ଶିଶୁ

## ସହଯୋଗର ହାତବଢ଼ାଇଲେ ଜିଲ୍ଲାପରିଷଦ ସଦସ୍ୟା

**କଳାହାଣ୍ଡି(ଅମୃତ ମିଡିଆ-ପ୍ୟାରିଲାଲ ଦୁର୍ଗା):** କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ଅଧୀନ କୋଟାଗାଁ ପଞ୍ଚାୟତର ଜଣେ ନାବାଳିକା ଗର୍ଭବତୀ ହେବାପରେ ତାଙ୍କ ଅବର୍ତ୍ତମାନରେ ସେହି ଶିଶୁପୁତ୍ର ଅଜାଆଇ ଭରସାରେ ଲାଳନପାଳନ ହୋଇ ଆସୁଛି । ମାଆର ମୁହଁ ଦେଖି ନ ଥିବା ଶିଶୁପୁତ୍ର ଏକବର୍ଷ ହେବାକୁ ବସିଲାଣି । ହେଲେ କୌଣସି ପ୍ରକାରର ସରକାରୀ ସହାୟତା ଏଯାଏଁ ପାଇ ପାରି ନାହାନ୍ତି ଓ ଏନେଇ ଅଜାଆଇ ବାରମ୍ବାର ପ୍ରଶାସନ ପାଖକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇ ପଡ଼ିଲେଣି ଅଥଚ କୌଣସି ସୁଫଳ ପାଇ ପାରିନାହାନ୍ତି। ଏହାର ପ୍ରମୁଖ କାରଣ ହେଲା ଆଧାର ସମସ୍ୟା, ଶିଶୁର ଜନ୍ମ ପ୍ରମାଣ ପତ୍ର ମିଳୁ ନ ଥିବାରୁ ଆଧାର ପଞ୍ଜୀକରଣ ହୋଇ ପାରୁନାହିଁ। ଏଥିପାଇଁ କୌଣସି ସରକାରୀ ସହାୟତା ମିଳୁ ନ ଥିବା କର୍ମଚାରୀମାନେ ସଫେଇ ଦେଉଛନ୍ତି। ଏନେଇ ବିଭିନ୍ନ ଖବରକାଗଜ ରେ ଜୁଲାଇ



୨୭ତାରିଖ ଦିନ 'ଅଜାଆଇଙ୍କ ଭରସାରେ ଶିଶୁ, ଜନ୍ମ ପ୍ରମାଣପତ୍ର ମିଳୁ ନ ଥିବାରୁ ସରକାରୀ ସହାୟତାରୁ ବଞ୍ଚିତ' ଶୀର୍ଷକ ଖବର ପ୍ରକାଶ ପାଇଥିଲା । ଏହାପରେ ମଧ ବିଭାଗୀୟ ଅଧିକାରୀମାନେ ନିଘୋଡ଼ ନିଦରେ ଶୟନ କରିଥିବା ବେଳେ ଆଜି କଲମପୁର ଜିଲ୍ଲା ପରିଷଦ ଯୋନ -୧ ସଦସ୍ୟା ଦୁହିତା ମାଝୀ ସମ୍ପୃକ୍ତ ପରିବାର ନିକଟରେ ପହଞ୍ଚି ଥିଲେ । କିଛି ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ଶିଶୁ ଜନ୍ମ ପ୍ରମାଣ ପତ୍ର ହାସଲକରି ଆଧାରକାର୍ଡ ପାଇବା ପର୍ଯ୍ୟନ୍ତ ଲଢେଇ କରିବି ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏ ସମୟରେ ଆଶାକର୍ମୀ ଉପସ୍ଥିତ ରହିଥ?ବା ବେଳେ ବିଜେଡିର ପଞ୍ଚାୟତ ସଭାପତି ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ପ୍ରାର୍ଥନା ବାହାନାରେ ଗର୍ଭବତୀଙ୍କୁ ବଳାତ୍କାର ଅଭିଯୋଗ

**କଳାହାଣ୍ଡି(ଅମୃତ ମିଡିଆ-ପ୍ୟାରିଲାଲ ଦୁର୍ଗା):** କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ପାଷ୍ଟିକୁଡି ଅଞ୍ଚଳରୁ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ପ୍ରାର୍ଥନା ବାହାନାରେ ଜଣେ ୮ମାସର ଗର୍ଭବତୀ ମହିଳାଙ୍କୁ ସ୍ଥାନୀୟ ପାଷ୍ଟର ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏ ନେଇ ଭବାନୀପାଟଣା ସଦର ଥାନାରେ ମହିଳା ଜଣକ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୩୩୫/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣା କଳାହାଣ୍ଡି ଜିଲାରେ ଏବେ ଚର୍ଚ୍ଚାର ବିଷୟ ହୋଇଛି। ଅଭିଯୋଗ ଅନୁଯାୟୀ, ଗତ ୭ ତାରିଖରେ ଗର୍ଭବତୀ ମହିଳା ଜଣକ ଅସୁସ୍ଥ ଥିବାରୁ ତାଙ୍କୁ ଭଲ କରିବା ପାଇଁ ପ୍ରାର୍ଥନା କରିବାକୁ ପଡିବ ବୋଲି କହି ପୀଡିତା ଓ ତାଙ୍କ ସ୍ୱାମୀଙ୍କୁ ପାଷ୍ଟର ନିଜ ଘରକୁ ଡାକିଥିଲେ। ଏହାପରେ ଦମ୍ପତି ପାଷ୍ଟରଙ୍କ ଘରକୁ ଯାଇଥିଲେ। ସେଠାରେ ରାତିରେ ପୂର୍ବରୁ ଯୋଜନା କରିଥିବା ପାଷ୍ଟର ପୀଡିତାଙ୍କ ସ୍ୱାମୀଙ୍କୁ ନିଶା ଦେବା ପରେ ମହିଳାଙ୍କୁ ଏକ କୋଠରିକୁ ନେଇ ଜୋର ଜବରଦସ୍ତି ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏ ନେଇ ଭବାନୀପାଟଣା ସଦର ଥାନା ଆଇଆଇସି ଚିତ୍ରସେନ ପ୍ରଧାନୀଙ୍କୁ ପଚାରିବାରୁ ମହିଳାଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମହିଳାଙ୍କ ଡାକ୍ତରୀ ମାଇନା କରାଯାଇଛି। ଶୀଘ୍ର ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଥିଲେ।

## ବିଜେପି ପକ୍ଷରୁ ତ୍ରିରଙ୍ଗା ଯାତ୍ରାରେ ଯୋଗଦେଲେ ବିଧାୟକ

**ବଙ୍ଗୋମୁଣ୍ଡା(ଅମୃତ ମିଡିଆ):** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ର ବିଭିନ୍ନ ପଞ୍ଚାୟତ ରେ ଆଜି ବିଜେପି ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଛି। ବଙ୍ଗୋମୁଣ୍ଡା ବ୍ଲକ ର ୧୭ ଟି ପଞ୍ଚାୟତ ରେ ବିଜେପି ପକ୍ଷରୁ ଆୟୋଜିତ ହୋଇଛି 'ହର ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମ ହୋଇଛି । ବିଜେପି କର୍ମୀ ମାନେ ହାତରେ ତ୍ରିରଙ୍ଗା ପତାକା ଧରି ଦେଶ ଭକ୍ତି ର ନାରା ଦେଇ ପଦଯାତ୍ରା ରେ ବଙ୍ଗୋମୁଣ୍ଡା ସହର ପରିକ୍ରମା କରିଥିଲେ। ତ୍ରିରଙ୍ଗା ପତାକା ଧରି ଘରେ ଘରେ ତ୍ରିରଙ୍ଗା ପତାକା ଲଗାଇଥିଲେ। ଏହି କାର୍ଯ୍ୟକ୍ରମ ରେ ବଲାଙ୍ଗୀର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଜେପି କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଙ୍କ ନେତୃତ୍ୱ ରେ 'ହର ଘର ତିରଙ୍ଗା' ଓ 'ବନ୍ଦେ ମାତରମ' କାର୍ଯ୍ୟକ୍ରମ ଧୁମଧାମ ରେ ପାଳିତ ହୋଇଛି। ଏହି ଅବସରରେ ବଙ୍ଗୋମୁଣ୍ଡା ବ୍ଲକ ସଦର ରୁ ଏକ ବିଶାଳ ତିରଙ୍ଗା ରାଲି ବାହାରି ବ୍ଲକ ର କଁସିଲ, ଝରିଆଲ, ଅଲଣ୍ଡା, ଅର୍ଷାତୁଲା, ସିନ୍ଧେକେଲା, ଚାନ୍ଦୋତରା, ଝଲପ, ମମିଆଁ, ଭୁସଲାଡ଼, ପଲସଖଣ୍ଡ, ଚୁଲିଫୁଙ୍କା, ମନିଗାଁ, ତେତେଲପଡା, କପିଲାଭଟା, ଭାଲୁମୁଣ୍ଡା ପର୍ଯ୍ୟନ୍ତ ପରିକ୍ରମା କରିଥିଲା । ସେଠାରେ ରାଲି ର ସମାପନ ହୋଇଥିଲା। ତ୍ରିରଙ୍ଗା ପତାକା ଧରି କର୍ମୀ



ମାନେ ଦେଶ ପ୍ରେମ ର ନାରା ଦେଇ ସମଗ୍ର ଅଞ୍ଚଳକୁ ମୁଖରିତ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ରାଜ୍ୟ ବିଜେପି ଉପସଭାପତି ଶିବାଜୀ ମହାନ୍ତି, ବଲାଙ୍ଗୀର ଜିଲ୍ଲା ବିଜେପି ସଭାପତି ଶ୍ରୀବସ୍ତ ବେହେରା,ଜିଲ୍ଲା ବିଜେପି ସମ୍ପାଦକ ପୁରନ୍ଦର ବାଗ,ବିଜେପି କଣ୍ଟାବାଞ୍ଜି ସଂଯୋଜକ ଯୌବନ ବାଗ,ବ୍ଲକ ଅଧକ୍ଷା ଙ୍କ ପ୍ରତିନିଧି ଭୋଳାନାଥ ବେହେରା, ବିଧାୟକଙ୍କ ପ୍ରତିନିଧି ବସନ୍ତ ମେହେର, ବଙ୍ଗୋମୁଣ୍ଡା ବିଜେପି ମଣ୍ଡଳ ସଭାପତି ପବିତ୍ର ପୋଡ଼, ଯୁବନେତା ମୁକେଶ ବାଗ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କପିଲାଭଟା ପଞ୍ଚାୟତ ମୁଖ୍ୟାଳୟ ଠାରେ ବ୍ଲକ ଅଞ୍ଚଳ ର ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାଁ ସାହାଜି ଯୁବକ ସଂଘ ପକ୍ଷରୁ ମଧ ତ୍ରିରଙ୍ଗା ଯାତ୍ରା ହୋଇଥିଲା । ଏଥିରେ ଗ୍ରାମବାସୀ ମାନେ ସାମିଲ ହୋଇଥିଲେ ।ଏଥିରେ ବଙ୍ଗୋମୁଣ୍ଡା ବ୍ଲକ ବିଭିନ୍ନ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ମେମ୍ବର ଓ ଶତାଧିକ ବିଜେପି କର୍ମୀ ରାଲି ରେ ସାମିଲ ହୋଇ ଦେଶପ୍ରେମର ବାର୍ତ୍ତା ଦେଇଥିଲେ। ବଙ୍ଗୋମୁଣ୍ଡା ବ୍ଲକ ର ୧୭ ଟି ପଞ୍ଚାୟତ କୁ ବାଇକ ରାଲି ରେ ଶୋଭାଯାତ୍ରା କରିଥିଲେ । ବିଭିନ୍ନ ଛକ ଓ ଗାଁ ଗୁଡିକ ରେ ମହିଳା ମାନେ କଣ୍ଟାବାଞ୍ଜି ବିଧାୟକ ଙ୍କୁ ବନ୍ଦାପନା କରିବା ସହ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ଶାନ୍ତି ଶୃଙ୍ଖଳା ପାଇଁ ବଙ୍ଗୋମୁଣ୍ଡା ଓ ସିନ୍ଧେକେଲା ପୋଲିସ ମୁତୟନ ହୋଇଥିଲା ।

## ସନ୍ତାନ ସୁଖର ସ୍ୱପ୍ନ ହେବ ସାକାର ଆୟୁର୍ବେଦ ଚିକିତ୍ସାର ସଫଳତା

**ବଲାଙ୍ଗୀର(ଅମୃତ ମିଡିଆ):** ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, ବଲାଙ୍ଗିରରେ ସନ୍ତାନ ସୁଖର ସ୍ୱପ୍ନ ଏବେ ହେବ ସାକାର, ସ୍ୱଳ୍ପ ଖର୍ଚ୍ଚରେ ସଫଳ ଆୟୁର୍ବେଦିକ ବନ୍ଧ୍ୟାତ୍ୱ ଚିକିତ୍ସା, ନିଃସନ୍ତାନ ଓ ମଧ୍ୟବିତ୍ତ ପରିବାର ଏହି ସୁଯୋଗ ନେବାରୁ ବଂଚିତ ହୁଅନ୍ତି। ଏହି ସମସ୍ୟାର ସରଳ ଓ ସ୍ଥାୟୀ ସମାଧାନ ପାଇଁ ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, ବଲାଙ୍ଗିର ଆଣିଦେଇଛି ଆଶାର ନୂତନ କିରଣ । ଏଠାରେ ସମ୍ପୂର୍ଣ୍ଣ ସୁରକ୍ଷିତ ଏବଂ ଶାସ୍ତ୍ରସମ୍ମତ ଉପାୟରେ ସ୍ୱଳ୍ପ ଖର୍ଚ୍ଚରେ ବନ୍ଧ୍ୟାତ୍ୱ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି । ଏହି ସ୍ପେଶାଲିଷ୍ଟ ସେବା ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗର ମୁଖ୍ୟ



ଏଚ୍‌ଓଡି ତଥା ସହଯୋଗୀ ପ୍ରାଧାପକ ଡା. ଗଣେଶ କୁମାର ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଅଭିଜ୍ଞ ଚିକିତ୍ସକ ଦ୍ୱାରା ପରିଚାଳିତ ହେଉଛି । ପୁରୁଷ ବନ୍ଧ୍ୟାତ୍ୱ ସମସ୍ୟା, ଶୁକ୍ରାଣୁ ସଂଖ୍ୟା କମ୍ ରହିବା, ଶୁକ୍ରାଣୁ ଗତିଶୀଳତା ଅଭା, ଦୁର୍ବଳତା ଏବଂ ଅନ୍ୟାନ୍ୟ ଜନନ ସମ୍ବନ୍ଧୀୟ ଜଟିଳତା ସଫଳ ନିରାକରଣ । ମହିଳା ବନ୍ଧ୍ୟାତ୍ୱ ସମସ୍ୟା- ଫାଲୋପିଆନ ଟ୍ୟୁବ୍ ଅବରୋଧ, ପିସିଓଡି/ ପିସିଓଏସ୍ ସମସ୍ୟା ସମୟ ସୀମା ମଧ୍ୟ ଅଣ୍ଡୋତ୍ସର୍ଗ ନ ହେବା ଏବଂ ବାରମ୍ବାର ଗର୍ଭପାତ ଭଳି ଜଟିଳ ରୋଗର ବିଶେଷ ଚିକିତ୍ସା । ଶାସ୍ତ୍ର ସମ୍ମତ, ପ୍ରାକୃତିକ ଏବଂ ପାର୍ଶ୍ୱ ପ୍ରତିକ୍ରିୟା ମୁକ୍ତ ଔଷଧ ସେବନ, ପଂଚକର୍ମ ଚିକିତ୍ସା, ଶରୀରର ବିଷାକ୍ତ ପଦାଥ ଦୂର କରି ହରମୋନ ସମତା ଫେରାଇ ଆଣିବା ପାଇଁ ଆବଶ୍ୟକତା ଅନୁସାରେ ପଂଚକର୍ମ ପ୍ରକ୍ରିୟା । ବନ୍ଧ୍ୟାତ୍ୱ ଚିକିତ୍ସା ଅତି ବିଶେଷ ଓ ଅତ୍ୟନ୍ତ ଫଳପ୍ରଦ ପ୍ରକ୍ରିୟା, ଯାହା ଅଭିଜ୍ଞ ଡାକ୍ତରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାରେ ଅତି ସୁରକ୍ଷିତ ଭାବେ କରାଯାଏ । ସୁସ୍ଥ ଶରୀର ଓ ପ୍ରଜନନ କ୍ଷମତା ବୃଦ୍ଧି ପାଇଁ ସଠିକ୍ ଦିନଚର୍ଯ୍ୟା ଏବଂ ଆହାର ବିଷୟରେ ମାଗଣା ପରାମର୍ଶ ।

## ବିଶ୍ୱବିଦ୍ୟାଳୟ ପରିସରରେ ଅନୁମତି ବିନା ଏବିଭିପି କାର୍ଯ୍ୟକ୍ରମ ଅଭିଯୋଗ

### ପାଠପଢ଼ା ସମୟରେ ଲାଉଡସ୍ପିକର, ବ୍ୟାନର ଓ ପତାକା ବ୍ୟବହାର ନେଇ ଛାତ୍ରଛାତ୍ରୀଙ୍କ ଆପତ୍ତି

### ୩ ଛାତ୍ର ଓ ଜଣେ ଅଣଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**କଳାହାଣ୍ଡି(ଅମୃତ ମିଡିଆ):** ଆଗାମୀ 'ହର ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମକୁ ନେଇ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପରିସରରେ ଛାତ୍ର ରାଜନୀତି ଓ କ୍ୟାମ୍ପସ ଶୃଙ୍ଖଳାକୁ ନେଇ ବିବାଦ ଦେଖାଦେଇଛି। ବିଶ୍ୱବିଦ୍ୟାଳୟର କିଛି ଛାତ୍ରଛାତ୍ରୀ କୁଳସଚିବଙ୍କ ନିକଟରେ ଲିଖିତ ଅଭିଯୋଗ କରି, ଅନୁମତି ବିନା କ୍ୟାମ୍ପସରେ ଏକ ଛାତ୍ର ସଂଗଠନର କାର୍ଯ୍ୟକ୍ରମ, ଲାଉଡସ୍ପିକର, ବ୍ୟାନର ଓ ପତାକା ବ୍ୟବହାର ନେଇ ଆପତ୍ତି ଜଣାଇଥିବା ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ଅଗଷ୍ଟ ୧୩ ତାରିଖରେ ଜିଲ୍ଲା ପ୍ରଶାସନ ପକ୍ଷରୁ 'ହର ଘର ତ୍ରିରଙ୍ଗା' ଶୋଭାଯାତ୍ରା ଆୟୋଜନ ହେବାକୁ ଥିବାବେଳେ, ଏହାର ଠିକ୍ ପୂର୍ବରୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର କିଛି ଛାତ୍ର ଓ ଅଣଛାତ୍ର ବ୍ୟକ୍ତି ବିଶ୍ୱବିଦ୍ୟାଳୟ ପରିସରରେ ବିନା ଅନୁମତିରେ କାର୍ଯ୍ୟକ୍ରମ କରିଥିବା ଅଭିଯୋଗ ହୋଇଛି। ପାଠପଢ଼ା ଚାଲିଥିବା ସମୟରେ ଲାଉଡସ୍ପିକର ବ୍ୟବହାର କରାଯିବା ଏବଂ କ୍ୟାମ୍ପସରେ ହୋହାଲ୍ଲା ହୋଇଥିବା ନେଇ ଛାତ୍ରଛାତ୍ରୀମାନେ ପ୍ରଶ୍ନ ଉଠାଇଛନ୍ତି। ଛାତ୍ରଛାତ୍ରୀଙ୍କ ଅଭିଯୋଗର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି—ବିଶ୍ୱବିଦ୍ୟାଳୟ ପରିସରକୁ ଅଣଛାତ୍ରଙ୍କ ପ୍ରବେଶ। ଅଭିଯୋଗକାରୀଙ୍କ କହିବା ଅନୁଯାୟୀ, କ୍ୟାମ୍ପସରେ କିଛି ଅଣଛାତ୍ର ପ୍ରବେଶ କରିବା ସହ ବିଶ୍ୱବିଦ୍ୟାଳୟର କିଛି ଛାତ୍ରଙ୍କୁ ଅପମାନଜନକ ଭାବେ 'ତାଲିବାନୀ' ଓ 'ପାକିସ୍ତାନୀ' ବୋଲି ସମ୍ବୋଧନ କରିଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗର ସତ୍ୟତା ସମ୍ପର୍କରେ ବିଶ୍ୱବିଦ୍ୟାଳୟ କିମ୍ବା ପୁଲିସର ତଦନ୍ତ ଫଳାଫଳ ସାର୍ବଜନୀନ ହୋଇନଥିବାରୁ ଏହାକୁ ଅଭିଯୋଗ ଭାବରେ ହିଁ ଦେଖିବାକୁ ପଡ଼ିବ। ଏହା ସହ ଏକ ଇଣ୍ଡିଆନ୍ ଗ୍ୟାସ୍ ଏଜେନ୍ସିର ଗାଡ଼ିରେ ଏବିଭିପି ପତାକା ଲଗାଯାଇଥିବା ଏବଂ ଲାଉଡସ୍ପିକର ବ୍ୟବହାର ହୋଇଥିବା ନେଇ ମଧ ଛାତ୍ରଛାତ୍ରୀ ଆପତ୍ତି ଉଠାଇଛନ୍ତି। ଏକ ବାଣିଜ୍ୟିକ ସଂସ୍ଥାର ଗାଡ଼ି କେଉଁ ଅନୁମତିରେ ଏଭଳି ବ୍ୟବହାର ହେଲା, ତାହା ମଧ ତଦନ୍ତର ବିଷୟ ହୋଇପାରେ। ଘଟଣାକୁ ନେଇ ଛାତ୍ରଛାତ୍ରୀମାନେ କୁଳସଚିବ ଡ. ଗୁଣନିଧି ନାୟକଙ୍କ ନିକଟରେ ଲିଖିତ ଭାବରେ ଫେରାଦ ହୋଇଥିବା ଜଣାପଡ଼ିଛି। ଅଭିଯୋଗପତ୍ରରେ କ୍ୟାମ୍ପସ ଶୃଙ୍ଖଳା ଭଙ୍ଗ ଓ ଅସଦାଚରଣ ଅଭିଯୋଗରେ ତିନି ଜଣ ଛାତ୍ର ଏବଂ ଜଣେ ଅଣଛାତ୍ରଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଅଣଛାତ୍ରଙ୍କ ବିରୋଧରେ ଆବଶ୍ୟକ ହେଲେ ଆଇନଗତ ପଦକ୍ଷେପ ନେବାକୁ ମଧ ଦାବି ହୋଇଛି। ଛାତ୍ରଛାତ୍ରୀଙ୍କ ଯୁକ୍ତି ହେଉଛି, ବିଶ୍ୱବିଦ୍ୟାଳୟ ଏକ ଶିକ୍ଷାନୁଷ୍ଠାନ।



## ଧର୍ମଗଡ଼ରେ ଉପଖଣ୍ଡସ୍ତରୀୟ କୁଇଜ୍ ପ୍ରତିଯୋଗିତା

**କଳାହାଣ୍ଡି(ଅମୃତ ମିଡିଆ-ପ୍ୟାରିଲାଲ ଦୁର୍ଗା):** ସ୍ଥାନୀୟ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ବୁଧବାର ଉପଜିଲ୍ଲାପାଳ ମିସ୍ ପ୍ରେକ୍ଷ୍ୟା ଅଗ୍ରୱାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଧର୍ମଗଡ଼ ଉପଖଣ୍ଡସ୍ତରୀୟ କୁଇଜ୍ ପ୍ରତିଯୋଗିତା ଉତ୍ସାହ ଓ ଉଦ୍ଦୀପନାର ସହ ଆୟୋଜିତ ହୋଇଯାଇଛି। ଏଥିରେ ଧର୍ମଗଡ଼ ଉପଖଣ୍ଡ ଅନ୍ତର୍ଗତ ୬ଟି ବ୍ଲକ୍ ସମେତ ୩ଟି ଏନ୍‌ଏସିର ପ୍ରତିଯୋଗୀ ଦଳ ଅଂଶଗ୍ରହଣ କରିଥିଲେ। ଜୁନିୟର ବର୍ଗରେ କଳମପୁର ବ୍ଲକ ଦଳ ବିଜେତା ହୋଇଥିବା ବେଳେ ଜୁନାଗଡ଼ ବ୍ଲକ୍ ଦଳ ଉପବିଜେତା ହୋଇଥିଲା। ସେହିପରି ସିନିୟର ବର୍ଗରେ ଜୟପାଟଣା ବ୍ଲକ ଦଳ ବିଜେତା ହୋଇଥିବା ବେଳେ ଧର୍ମଗଡ଼ ଏନ୍‌ଏସିର ଦଳ ଉପବିଜେତା ହୋଇଥିଲା। କୋକସରା ତହସିଲଦାର ଶ୍ରୀ ଚୋଡ଼ଗଙ୍ଗ ପ୍ରଧାନ ଏବଂ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି



କଲେକ୍ଟର ଶ୍ରୀମତୀ ସୋନମ୍ ଅଗ୍ରୱାଲ କୁଇଜ୍ ମାଷ୍ଟର ଭାବେ ପ୍ରତିଯୋଗିତାକୁ ସୁଚାରୁରୂପେ ପରିଚାଳନା କରିଥିଲେ। ସହାୟକ ଜିଲ୍ଲାପାଳ ଶ୍ରୀ ଶ୍ରୀକାନ୍ତ ଶତପଥୀ ଏହି କାର୍ଯ୍ୟକ୍ରମର ଆୟୋଜନରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ଏଥିସହ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏବଂ ଧର୍ମଗଡ଼ ଏନ୍‌ଏସିର କର୍ମଚାରୀମାନେ କାର୍ଯ୍ୟକ୍ରମର ସଫଳ ଆୟୋଜନ ଓ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ଧର୍ମଗଡ଼ ଉପଖଣ୍ଡରେ ପ୍ରୋଜେକ୍ଟର ମାଧ୍ୟମରେ ଏଭଳି କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯିବା ପ୍ରଥମ ଘଟଣା ହୋଇଥିବାରୁ ଏହାକୁ ନେଇ ଛାତ୍ରଛାତ୍ରୀ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ବିଶେଷ ଉତ୍ସାହ ଦେଖା ଦେଇଥିଲା। ପ୍ରତିଯୋଗିତାକୁ ଉପଭୋଗ କରିବା ଓ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବା ପାଇଁ ଇଣ୍ଡୋର ଷ୍ଟାଡିୟମ୍‌ରେ ବହୁ ସଂଖ୍ୟକ ଦର୍ଶକଙ୍କ ସମାଗମ ହୋଇଥିଲା। ପ୍ରତିଯୋଗିତାକୁ ଅଧିକ ଆକର୍ଷଣୀୟ ଓ ରୋଚକ କରିବା ପାଇଁ ଏଥିରେ ବିଭିନ୍ନ ପର୍ଯ୍ୟାୟରେ ପ୍ରଶ୍ନୋତ୍ତର ରାଉଣ୍ଡ, ଅଡିଓ-ଭିଡିଓ ରାଉଣ୍ଡ, ରାପିଡ୍ ଫାୟାର୍ ରାଉଣ୍ଡ ଏବଂ ବଜର୍ ରାଉଣ୍ଡ ଆୟୋଜନ କରାଯାଇଥିଲା। ପ୍ରତ୍ୟେକ ରାଉଣ୍ଡରେ ପ୍ରତିଯୋଗୀମାନେ ନିଜର ଜ୍ଞାନ, ଉପସ୍ଥିତ ବୁଦ୍ଧି ଓ ତ୍ୱରିତ ନିଷ୍ପତ୍ତି କ୍ଷମତାର ପ୍ରଦର୍ଶନ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜ୍ଞାନ ଆହରଣ ଓ ଶିକ୍ଷା ପ୍ରତି ଆଗ୍ରହ ବୃଦ୍ଧି କରିବା ସହ ଏକ ସୁସ୍ଥ ଶୈକ୍ଷିକ ପରିବେଶ ସୃଷ୍ଟି କରିବା ଦିଗରେ ଉପଜିଲ୍ଲାପାଳ ମିସ୍ ପ୍ରେକ୍ଷ୍ୟା ଅଗ୍ରୱାଲଙ୍କ ଏହି ଅଭିନବ ପ୍ରୟାସକୁ ଅଞ୍ଚଳବାସୀ ଭୂୟସୀ ପ୍ରଶଂସା କରିଥିଲେ। ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଦଳ ଭବାନୀପାଟଣାଠାରେ ଆୟୋଜିତ ହେବାକୁ ଥିବା ଜିଲ୍ଲାସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

### ହର୍ ହର୍ ତ୍ରିରଙ୍ଗା, ଘର୍ ଘର୍ ତ୍ରିରଙ୍ଗା

## ଦେଶଭକ୍ତିର ଭାବନାରେ ଏକାଠି ହେଲେ ସମସ୍ତେ

**ଖପ୍ରାଖୋଲ(ଅମୃତ ମିଡିଆ) ଅଶୋକ କୁମାର ବାଗ :** ଦେଶପ୍ରେମ ଓ ଜାତୀୟ ଏକତାର ବାର୍ତ୍ତା ନେଇ ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ପ୍ରଶାସନ ପକ୍ଷରୁ ଗୁରୁବାର 'ହର ହର ତ୍ରିରଙ୍ଗା, ଘର ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଖପ୍ରାଖୋଲ ତହସିଲଦାର ସତ୍ୟସୁନ୍ଦର ରାଉତରାୟ, ବିଧାୟକ ପ୍ରତିନିଧି ପଦ୍ମନ ସିଂ ବରିହା, ସନ୍ତୋଷ ଭଇଁସାଳ, ହରିଶଙ୍କର କଲେଜର ଅଧ୍ୟକ୍ଷ ବଳଭଦ୍ର ଦାଶ, ବିଜେପି ମଣ୍ଡଳ ସଭାପତି ଉମାକାନ୍ତ ପଧାନ, ଖପ୍ରାଖୋଲ ଥାନାଧିକାରୀ ନରେନ୍ଦ୍ର ଛତର, ସିଡିପିଓ



ଅମିତା ପଣ୍ଡା, ଅଗ୍ନିଶମ ବିଭାଗ ଅଧିକାରୀ ଜୟ ଗୋପାଳ ପଣ୍ଡା, ବନପାଳ ସୁଧୀର ଜେନାଙ୍କ ସମେତ ବହୁ ଅଧିକାରୀ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ଅଙ୍ଗନୱାଡି କର୍ମୀ, ବିଭିନ୍ନ ସରକାରୀ କାର୍ଯ୍ୟାଳୟର କର୍ମଚାରୀ ଓ ବିଜେପି କର୍ମୀମାନେ ସକ୍ରିୟ ଭାବେ ଯୋଗଦେଇଥିଲେ। ହାତରେ ଜାତୀୟ ପତାକା ଧରି ସମସ୍ତେ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହୋଇ ଖପ୍ରାଖୋଲ ଗ୍ରାମ ପରିକ୍ରମା କରିଥିଲେ। ଜାତି, ଧର୍ମ ଓ ବର୍ଣ୍ଣର ଭେଦଭାବ ଭୁଲି ତ୍ରିରଙ୍ଗା ତଳେ ଏକତାର ସନ୍ଦେଶ ଦେଇଥିଲେ ସମସ୍ତେ। ଦେଶର ଗର୍ବ, ଗୌରବ ଓ ଅଖଣ୍ଡତାର ପ୍ରତୀକ ତ୍ରିରଙ୍ଗାକୁ ହାତରେ ଧରି ଦେଶମାତୃକାର ବନ୍ଦନା କରିଥିଲେ ଅଂଶଗ୍ରହଣକାରୀମାନେ। ଶୋଭାଯାତ୍ରା ସମୟରେ 'ହର ହର ତ୍ରିରଙ୍ଗା, ଘର ଘର ତ୍ରିରଙ୍ଗା' ନାରାରେ ସମଗ୍ର ଖପ୍ରାଖୋଲ ପ୍ରକମ୍ପିତ ହୋଇଉଠିଥିଲା। ଏହି ଶୋଭାଯାତ୍ରା ମାଧ୍ୟମରେ ଦେଶପ୍ରେମ, ଜାତୀୟ ଏକତା ଓ ନାଗରିକଙ୍କ ମଧ୍ୟରେ ଦେଶ ପ୍ରତି ଗର୍ବର ଭାବନାକୁ ଆହୁରି ସୁଦୃଢ଼ କରିବାର ବାର୍ତ୍ତା ଦିଆଯାଇଥିଲା।

## ସମ୍ପାଦକୀୟ...

# ଡେଥ୍ ଇଞ୍ଜେକ୍ସନ୍ !

ଚିକିତ୍ସା ପାଇଁ ଆମେ ସାଧାରଣତଃ ମେଡିକାଲ୍ ଉପରେ ନିର୍ଭର କରୁ । ଚିକିତ୍ସା ସେବା ପାଇଁ ବିକଳ୍ପ ବ୍ୟବସ୍ଥା ମଧ୍ୟ ରହିଛି । ଯେମିତି ହୋମିଓପାଥି କିମ୍ବା ଏଲୋପାଥି ବ୍ୟବସ୍ଥା ମଧ୍ୟ ରହିଛି । ତା' ସହିତ ପ୍ରକୃତିର ବରଦାନ କୁହାଯାଉଥିବା ପ୍ରାକୃତିକ ଚିକିତ୍ସା ବ୍ୟବସ୍ଥା ମଧ୍ୟ ରହିଛି ଯାହାର ଆୟୁର୍ବେଦିକ ପଦ୍ଧତି ଏକ ଉତ୍କୃଷ୍ଟ ଉଦାହରଣ । ହେଲେ ଜଟିଳରୁ ଜଟିଳତର ରୋଗର ତ୍ୱରିତ ନିଦାନ ପାଇଁ ରୋଗୀ ସାଧାରଣତଃ ଏଲୋପାଥି ଚିକିତ୍ସା ଉପରେ ନିର୍ଭର କରିଥାଏ । ଯାହା ପଛରେ ମୁଖ୍ୟ କାରଣ ହେଉଛି ଏଲୋପାଥି ଚିକିତ୍ସାର ତ୍ୱରିତ ପ୍ରଭାବ । ଏଲୋପାଥିର ସଫଳ ଏବଂ ସଶକ୍ତ ପ୍ରଭାବ ବିଷୟରେ ସମସ୍ତେ ଅଳ୍ପ ବହୁତ ଅବଗତ । ସେଥିପାଇଁ ତ ସମାଜର ଅଧିକାଂଶ କେବଳ ଏଲୋପାଥି ଉପରେ ନିର୍ଭରଶୀଳ । ସଫଳ ଚିକିତ୍ସା ପାଇଁ ସମାଜରେ ଏକାଧିକ ବ୍ୟବସ୍ଥା ରହିଛି ହେଲେ ଆୟୁର୍ବେଦିକ୍ ବ୍ୟବସ୍ଥାର ଚିକିତ୍ସା ପଦ୍ଧତି ଅତି ଉନ୍ନତ ଏବଂ ପାର୍ଶ୍ୱ ପ୍ରତିକ୍ରିୟା ବିହୀନ ଯାହାକୁ ବୁଝିଛି ସମଗ୍ର ସମାଜ । ଏପରିକି ଡାକ୍ତର ସମାଜ ମଧ୍ୟ ଏହି ଆୟୁର୍ବେଦିକ୍ ଥିଓରୀରେ ବିଶ୍ୱାସ କରେ କିନ୍ତୁ ନା ପ୍ରକାଶ କରିପାରେ ନା ସ୍ୱୀକାର କରିପାରେ ମୁକ୍ତ କଣ୍ଠରେ । ଏଥିରୁ ସ୍ପଷ୍ଟ ଯେ ପ୍ରାକୃତିକ ପଦ୍ଧତିରେ ବିଶ୍ୱାସ ରଖୁଥିବା ଆୟୁର୍ବେଦରେ ରହିଛି ଏଭଳି ଆରୋଗ୍ୟ ଶକ୍ତି ଯାହାକି କୌଣସି ପାର୍ଶ୍ୱପ୍ରତିକ୍ରିୟା ବିନା ଅତି ସହଜରେ ରୋଗୀର.ପୀଡ଼ିତର ପୀଡ଼ାକୁ ଅତି ସହଜରେ ଉପଶମ କରିବାରେ ସହାୟକ ହୋଇପାରେ । ସମାଜରେ ହୋମିଓପାଥିର ମଧ୍ୟ ଆଦର ରହିଛି । ତେବେ ଏଠାରେ ଆଦର ଅନାଦରର ସେପରି କିଛି କଥା ନାହିଁ .. କଥା ରହିଛି ରୋଗୀର ପୀଡ଼ାା ଉପଶମ କରିବାରେ କେଉଁ ଚିକିତ୍ସା ପଦ୍ଧତିର କେତେ ପାରଙ୍ଗମତା ରହିଛି ଅବା କେତେ ପାାରଦର୍ଶିତା ରହିଛି । ହୋମିଓପାଥି ଏବଂ ଆୟୁର୍ବେଦିକ ଚିକିତ୍ସା ଯଦିଓ ଫଳପ୍ରଦ ତେବେ ଡିମାଣ୍ଡରେ କିନ୍ତୁ ଏଲୋପାଥି ଚିକିତ୍ସା । କାରଣ ବିଷୟରେ ଆମେ ତ ଅଳ୍ପ ବହୁତ ଅବଗତ । କେବଳ ତ୍ୱରିତ ଉପଶମତା ହିଁ ହୋଇପାରେ ଏକ ପ୍ରମୁଖ କାରଣ । ଏତେ ତ୍ୱରିତ ଯେ କେବେ କେବେ ସେହି ତ୍ୱରିତ ଚକ୍କରରେ ରୋଗୀର, ପୀଡ଼ିତର ମୃତ୍ୟୁ ବି ହୋଇଯାଏ । ସେ ନେଇ ଏକାଧିକ ତଥ୍ୟଗତ ପ୍ରମାଣ ମଧ୍ୟ ମହଜୁଦ୍ ରହିଛି ଆମ ପାଖରେ । ଅତୀତକୁ ତର୍ଜମା କଲେ ଏକାଧିକ ନୁହେଁ ବରଂ ଶତାଧିକ କେସ୍ ହୋଇପାରେ ହସ୍ତଗତ ଯେଉଁଥିରେ ତ୍ୱରିତ ଚିକିତ୍ସା ଚକ୍କରରେ ଅନେକ ସମୟରେ ଅନେକ ରୋଗୀଙ୍କର ମୃତ୍ୟୁ ହୋଇଯାଇଛି । ଅନେକ ସମୟରେ ଏପରି ବି ହୋଇଛି ଯେ ତ୍ୱରିତ ଚିକିତ୍ସା ଚକ୍କରରେ କେତେକ ପୀଡ଼ିତାଙ୍କର ପୀଡ଼ା ମଧ୍ୟ ଅତି ମାତ୍ରାରେ ବଢ଼ିଯାଇଛି । ଯାହାପରେ ସେଭଳି ପରିସ୍ଥିତି ହୋଇଛି ସଂପୃକ୍ତ ରୋଗୀ ଅବା ପୀଡ଼ିତା ପାଇଁ ମୃତ୍ୟୁର କାରଣ । ତଥାପି ସୁଧୁରୁନି ବ୍ୟବସ୍ଥା । ଆଜି ବି ଭାରତରେ ଏବଂ ଓଡ଼ିଶାରେ ଅନେକ ଜିଲ୍ଲାରେ ଅନେକ ସମୟରେ ରୋଗୀ ମୃତ୍ୟୁ ଘଟୁଛି ଯାହା ପଛରେ ଏମିତି ବି ଗୋଟାଏ କାରଣ ହୋଇପାରେ ଏବଂ ଯାହାକୁ ବିଶ୍ୱାସ କରିବାକୁ ପଡ଼ିବ କାରଣ ତାହା ପଛରେ ପ୍ରମାଣ ରହିଛି ଏବଂ ସେଭଳି ପ୍ରମାଣ ମଧ୍ୟ ଆମେ ତୁରନ୍ତ ଦେବାରେ କୌଣସି ଅସୁବିଧା ନାହିଁ । କାରଣ ସେମିତି କିଛି ପ୍ରମାଣ ସହ ଆମେ ପୂରା ପ୍ରସ୍ତୁତ । ନୟାଗଡ଼ ଜିଲ୍ଲାର ଜନୈକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏବେ ଏବେ ଘଟିଯାଇଛି ଏକ ବିରାଟ ଅଘଟଣ । ସ୍ୱାସ୍ଥ୍ୟକେନ୍ଦ୍ରର କେହି ଜଣେ ଆୟୂଷ ଡାକ୍ତରଙ୍କ ଭୁଲ୍ ଇଞ୍ଜେକସନ୍ ପ୍ରଦାନ କାରଣରୁ ଜଣେ ସାଧାରଣ ଛାତ୍ରୀଙ୍କର ଅକାଳମୃତ୍ୟୁ ଘଟିଛି ତାହା ପୁଣି ତ୍ୱରିତ । ହାୟରେ ସରକାର... ହାୟରେ ସ୍ୱାସ୍ଥ୍ୟ ମନ୍ତ୍ରୀ .. ହାୟରେ ସ୍ୱାସ୍ଥ୍ୟ ବିଭାଗ .. । ଏମିତି ଚାଲିଛି ଆମର ସରକାର.. ଏମ୍ତି ଗତି କରୁଛି ଆମର ବ୍ୟବସ୍ଥା । ଗୋଟାଏ ଇଞ୍ଜେକସନ ଯାହା ରୋଗ ଭଲ କରିପାରେ , ଯାହା କି ଜୀବନ ଦେଇପାରେ ଅଥଚ ଜନୈକ ଆୟୁଷ ଡାକ୍ତରଙ୍କ୍ ହାତରେ ଦିଆଯାଇଥିବା ସେହି ଇଞ୍ଜେକସନ ଆଜି ଜଣେ ଛାତ୍ରୀର ମୃତ୍ୟୁର କାରଣ ହୋଇଛି ।

## ଜ୍ଞାନାମୃତ

### ରାସ୍ତା

ଗାଁ'ର ଶେଷମୁଣ୍ଡରେ ଗୋଟାଏ ଛୋଟିଆ କୁଡ଼ିଆରେ ଦୀର୍ଘଦିନ ଧରି ରହିଆସୁଥିବା ଜନୈକ ବାବା ଥରେ ସେହି ଗ୍ରାମବାସୀଙ୍କ ମଧ୍ୟରେ କିଛି ସଚେତନତା ଆଣିବା ପାଇଁ ପ୍ରବଚନ ଦେବା ଆରମ୍ଭ କରିଥିଲେ ଏବଂ ଅଞ୍ଚଳର ଜନତା ତାଙ୍କ ପାଖରେ ଭିଡ଼ ଜମାଇବା ଆରମ୍ଭ କରିଦେଲେ । ବାବାଙ୍କ ଖ୍ୟାତି ଧୀରେ ଧୀରେ ବଢିବା ଆରମ୍ଭ ହୋଇଗଲା । ପ୍ରଥମେ ପ୍ରଥମେ କେବଳ ସେହି ଗ୍ରାମରୁ ବାବାଙ୍କ ପାଖକୁ ଜନସାଧାରଣଙ୍କ ସୁଅ ଛୁଟିଥିଲା ହେଲେ ଧୀରେ ଧୀରେ ବାହାର ଅଞ୍ଚଳରୁ ବି ବାବାଙ୍କ ପାଖରେ ଗହଳି ଧୀରେ ଧୀରେ ବଢ଼ିବାକୁ ଲାଗିଲା । ବାବାଙ୍କ ପାଖରେ ଧୀରେ ଧୀରେ ଜନଗହଳି ବଢ଼ିବାର ଦେଖି ସ୍ଥାନୀୟ ଅଞ୍ଚଳର ଜଣେ ମହିଳା ତାଙ୍କ ପତିକୁ କହିଲା ଯେ ଥରେ ଚାଲ ଦେଖିଆସିବା ସେହି ବାବାଙ୍କୁ । ଥରେ ଚାଲ ଶୁଣିଆସିବା ସେହି ବାବାଙ୍କୁ ଯେ କି ଲୋକମାନଙ୍କୁ କିଛି ଭଲ କଥା କହି ସେମାନଙ୍କ ଭଲ ମନ୍ଦ କଥା ବୁଝୁଛନ୍ତି ଏବଂ ସେମାନଙ୍କ ଭଲ ମନ୍ଦ କଥା ବିଚାର କରୁଛନ୍ତି । ପତ୍ନୀଙ୍କ୍ କଥା ଶୁଣି ସେହି ମହିଳାଙ୍କ ପତି ତାଙ୍କ ପତ୍ନୀଙ୍କ୍ କଥାରେ ଏକମତ ହୋଇ ଅନ୍ତତଃ ଥରେ ଯାଇ ସେହି ବାବାଙ୍କ ପାଖକୁ ବୁଲି ଆସିବାକୁ ଚିନ୍ତା କରିଥିଲେ । ସମୟ ସୁବିଧା ଦେଖି ପତି ପତ୍ନୀ ଉଭୟ ଯାଇ ଥରେ ବାବାଙ୍କ ପାଖକୁ ବୁଲି ଆସିବାକୁ ଶେଷରେ ସ୍ଥିର କଲେ । ଥରେ ସମୟ ସୁବିଧା ଦେଖି ଉଭୟ ପତ୍ନୀ ପତି ସେହି ବାବାଙ୍କ ପାଖକୁ ଯାଇ ସେମାନଙ୍କର ସୁବିଧା ଅସୁବିଧା ବିଷୟରେ ଜଣାଇବା ସହ ଉଭୟଙ୍କର କିଛି ସମସ୍ୟା ସମ୍ପର୍କରେ ବାବାଙ୍କୁ ଅବଗତ କରାଇବାର ଅଭିପ୍ରାୟ ରଖିଲେ ଏବଂ ଥରେ ମଉକା, ଦେଖି ଉଭୟ ପତ୍ନୀ ଏବଂ ପତି ଚାଲିଲେ ସେହି ବାବଙ୍କୁ ଦର୍ଶନ କରିବା ପାଇଁ । ତାଙ୍କ ପୂର୍ବରୁ ବାବାଙ୍କ ପାଖକୁ ବହୁତ ଲୋକ ଆସି ସେଠାରେ ଏକ ରକମର ଗହଳି ହୋଇଯାଇଥିଲା । କିଛି ସମୟ ପରେ ସେମାନଙ୍କ ନମ୍ବର ବି ଆସିଲା । ବାବାଙ୍କ ପାଖକୁ ଯାଇ ସେମାନେ ସେମାନଙ୍କର ଦୁଃଖ କଥା କହିଲେ । ସେମାନଙ୍କ କଥା ଶୁଣି ବାବା କିଛି ସମୟ ନୀରବ ରହି ଉଭୟଙ୍କୁ ସେମାନଙ୍କ ତଥାକଥିତ ସମସ୍ୟାର ସମାଧାନ ନେଇ କିଛି ସରଳ ଏବଂ ସହଜ ବାଟ ବତାଇଲେ । ସେମାନେ ବି ସେହି ବାଟରେ ଯାଇ ତାଙ୍କର ତଥାକଥିତ ସମସ୍ୟାର ସମାଧାନ କରିବା ପାଇଁ ଚେଷ୍ଟା କରି କିନ୍ତୁ ବିଫଳ ହେଲେ । ପରବର୍ତ୍ତୀ ସମୟରେ କେବଳ ତାଙ୍କ ପତ୍ନୀ ସେହି ବାବାଙ୍କ ପାଖକୁ ଯାଇ ପହଞ୍ଚିବାରୁ ବାବା ତାଙ୍କୁ ତାଙ୍କ ଆସିବାର କାରଣ ପଚାରିବା ସହ ତାଙ୍କ ପତିଙ୍କ ବିଷୟରେ ପଚାରିବାରୁ ସ୍ତ୍ରୀ ଲୋକ ଜଣଙ୍କ ତାହା ହିଁ ତାଙ୍କର ସମସ୍ୟା ବୋଲି କହିବାରୁ ବାବା ଟିକେ ବିସ୍ମିତ ହୋଇ ଘଟଣା ବିଷୟରେ ପଚାରିବାରୁ ସ୍ତ୍ରୀ ଲେକ ଜଣଙ୍କ କହିଲେ କି ମୋ ପତି ଆପଣଙ୍କ ପାଖକୁ ଆଉ ଆସିବାକୁ ଇଚ୍ଛା ପ୍ରକାଶ କରୁନାହାଁନ୍ତି । କାରଣ ତାଙ୍କର ବିଶ୍ୱାସ ତୁଟିଗଲା ଆପଣଙ୍କ ଉପରୁ । ତେବେ ବାବା ସେହି ମହିଳାଙ୍କୁ ତାଙ୍କ ପାଖକୁ ଆସିବାର କାରଣ ପଚାରିବାରୁ ସେ ବାବାଙ୍କ ଉପରେ ତାଙ୍କର ବିଶ୍ୱାସ ଥିବା କଥା କହିବାରୁ ବାବା ତାଙ୍କ ଉତ୍ତରରେ ପ୍ରୀତ ହୋଇ ମହିଳାଙ୍କୁ ରାସ୍ତା ଦେଖାଇଲେ ।

# ଅଖଣ୍ଡ ଭାରତ ଓ ତାହାର ବିରାଟ ଇତିହାସ



ଡ.ଅମୂଲ୍ୟ କୁମାର ପଣ୍ଡା

ଆୟତନ ଓ ଜନସଂଖ୍ୟା ଦୃଷ୍ଟିରୁ ଭାରତକୁ ସାଧାରଣତଃ ଏକ ଉପମହାଦେଶ ବୋଲି କୁହାଯାଏ । ପୃଥିବୀର ବୃହତ୍ତମ ମହାଦେଶ ଏସିଆର ଦକ୍ଷିଣାଂଶର କେନ୍ଦ୍ରସ୍ଥଳୀରେ ଭାରତବର୍ଷ ଅବସ୍ଥିତ । ଭାରତର ଉତ୍ତରରେ ସୁଦୀର୍ଘ ହିମାଳୟ ପର୍ବତଶ୍ରେଣୀ ଦୁର୍ଭେଦ୍ୟ ପ୍ରଚୀର ସଦୃଶ ଦଣ୍ଡାୟମାନ । ତାହା ଭାରତବର୍ଷକୁ ଏସିଆ ମହାଦେଶର ଅନ୍ୟ ଅନ୍ୟ ଅଞ୍ଚଳମାନଙ୍କରୁ ପ୍ରାୟ ବିଚ୍ଛିନ୍ନ କରି ରଖିଛି । ଉତ୍ତର-ପଶ୍ଚିମରେ ସୁଲେମାନ ଓ ହିନ୍ଦୁକୁସ ପର୍ବତମାଳା ଅବସ୍ଥିତ । ଏହା ଭରତ ଉପଦେଶକୁ ଋଷିଆ, ଆଫଗାନିସ୍ଥାନ ଓ ଇରାନଠାରୁ ପୃଥକ୍ କରିଅଛି । ଇତିହାସ ସହିତ ଭୂଗୋଳ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଭୌଗଳିକ ଅବସ୍ଥିତି ଓ ପ୍ରାକୃତିକ ଗଠନ ଭାରତର ଇତିହାସର ଗତି ନିର୍ଦ୍ଧାରଣ କରିଅଛି । ହିମାଳୟ ପର୍ବତ ଏକ ପ୍ରାଚୀର ସଦୃଶ । ଏହାର ଦୁର୍ଗମ ଗିରିପଥ ଅତିକ୍ରମ କରିବା କଷ୍ଟସାଧ । ଗିରିପଥଗୁଡ଼ିକ ବର୍ଷର ଅଧିକାଂଶ ସମୟ ତୁଷାରାଚ୍ଛନ୍ନ ରହେ । ତେଣୁ ହିମାଳୟ ପର୍ବତ ଅତିକ୍ରମ କରି ଅତୀତରେ ବୈଦେଶିକ ଶତ୍ରୁମାନେ ଭାରତ ଆକ୍ରମଣ କରିବା ଦୁଃସାଧ ଥିଲା । ଭାରତର ସୈନ୍ଧବ-ଗାଙ୍ଗେୟ ସମତଳ ଭୂମି ସିନ୍ଧୁ,ଗଙ୍ଗା, ବ୍ରହ୍ମପୁତ୍ର ଏବଂ ସେମାନଙ୍କର ଉପନଦୀଗୁଡିକର ଅବବାହିକାଦ୍ୱାରା ଗଠିତ । ଏହି ଅଞ୍ଚଳର ଜଳବାୟୁ ସ୍ୱାସ୍ଥ୍ୟକର ଏବ, ମୃତ୍ତିକା ଉର୍ବର ଓ କୃଷୀ ଉପଯୋଗୀ । ତେଣୁ ଏଠାରେ ପ୍ରଥମେ ଦ୍ରାବିଡ଼ ଓ ଆର୍ଯ୍ୟ ସଭ୍ୟତାର ଅଭ୍ୟୁଦୟ ହୋଇଥିଲା । ପରବର୍ତ୍ତୀ କାଳରେ ଏହି ଅଞ୍ଚଳରେ ନନ୍ଦ, ମୌର୍ଯ୍ୟ, କୁଶାଣ ଗୁପ୍ତ, ଆଫଗାନ୍ ଓ ମୋଗଲ୍ ସାମ୍ରାଜ୍ୟ ବିସ୍ତାର ଲାଭ କରିଥିଲା । ଉତ୍ତର-ପଶ୍ଚିମରେ ଖାଇବର ଓ ବୋଲାନ୍ ଗିରିପଥ ଅତିକ୍ରମକରି ପ୍ରଥମେ ଦ୍ରାବିଡ଼ ଓ ଆର୍ଯ୍ୟମାନେ ଭାରତରେ ପ୍ରବେଶ କରିଥିଲେ । ବଙ୍ଗୋପ ସାଗର, ଆରବ ସାଗର ଏବଂ ଭାରତ ମହାସାଗରରେ ନୌଯାତ୍ରା କରି ଭାରତୀୟମାନେ ଚୀନ, ଜାପାନ ସମେତ ଦକ୍ଷିଣ-ପୂର୍ବ ଏସିଆ ଏବଂ ପଶ୍ଚିମ ଏସିଆ ଅନ୍ତର୍ଗତ ବିଭିନ୍ନ ଦେଶ ଏବଂ ଉଇରୋପର ବିଭିନ୍ନ ଅଞ୍ଚଳ ସହିତ ବାଣିଜ୍ୟ ବେବସାୟ କରିବାକୁ ସମର୍ଥ ହୋଇଥିଲେ । ବିଶେଷତଃ କଳିଙ୍ଗର ଅଧିବାସୀମାନେ ଜାଭା, ସୁମାତ୍ରା, ବାଲି, ବୋର୍ଣ୍ଣିଓ ଆଦି ପୂର୍ବ ଭାରତୀୟ ଦୀପପୁଞ୍ଜ ଓ ମାଳୟ ଉପଦ୍ୱୀପରେ ବାଣିଜ୍ୟକେନ୍ଦ୍ର ଓ ବସତିସ୍ଥାପନ କରିଥିଲେ । ସେମାନଙ୍କଦ୍ୱାରା ହିନ୍ଦୁ, ବୌଦ୍ଧ ଧର୍ମ ଆଦି ଧର୍ମ ସଂସ୍କୃତି ସେହି ଦେଶ ଗୁଡିକରେ ପ୍ରସାର ଲାଭ କରିଥିଲା । ସେହିପରି ଭାରତର ଉପକୂଳବର୍ତ୍ତୀ ଅଞ୍ଚଳମାନଙ୍କରେ ୧୪୯୮ ଖ୍ରୀଷ୍ଟାବ୍ଦରୁ ୧୬୯୨ ଖ୍ରୀଷ୍ଟାବ୍ଦ ମଧ୍ୟରେ ପର୍ତ୍ତୁଗୀଜ, ଓଲନ୍ଦାଜ, ଇଂରେଜ ଓ ଫରାସୀ ପ୍ରଭୃତି ଇଉରୋପୀୟମାନେ ବାଣିଜ୍ୟକୋଠି ତଥା ଉପନିବେଶମାନ ସ୍ଥାପନ କରିଥିଲେ ।

ଅମର ଏହି ଭାରତକୁ ଭାରତମାତାର ନାମ କରଣ ତଥା ମାନବୀକରଣ ମା' ଠାକୁରାଣୀ ଆଖ୍ୟା ଦିଆଯାଇଥିବା ଏକ ପବିତ୍ର ନାମକୁ ବୁଝାଯାଏ ଯାହା ହିନ୍ଦୁତ୍ୱର ଏକ ଦୃଢ ପରିଚୟ ନାମ । ସାଧାରଣତଃ ଭାରତ ନାମ ରୂପୀ ମାଆ ସ୍ୱରୁପକୁ ଏକ ମହିଳା ଭାବରେ ଗେରୁଆ ରଙ୍ଗର ଶାଢ଼ୀ ପିନ୍ଧେଇ ଭାରତର ଜାତୀୟ ପତାକା ଧରିଥିବା ଦେବୀ ସ୍ୱରୁପକୁ ପ୍ରଦର୍ଶନ କରାଯାଏ ଓ ସାଥିରେ ଏକ ସିଂହ ବାହାନ ମଧ୍ୟ ଥାଏ ଯାହା ଖୁବ୍ ସୁନ୍ଦର ଓ ଭକ୍ତିର ପ୍ରତୀକ ଅଟେ କ୍ଷ ଊନବିଂଶ ଶତାବ୍ଦୀର ଶେଷ ଭାଗରେ ବ୍ରିଟିଶ ଶାସନ ବିରୁଦ୍ଧରେ ହୋଇଥିବା ସିପାହୀ ବିଦ୍ରୋହ ପରିପ୍ରକ୍ଷୀରେ ଭାରତ ଉପମହାଦେଶକୁ ମାନବୀକରଣ କରାଯାଇଥିଲା । ସନ ୧୮୮୨ ରେ ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଲିଖିତ ଆନନ୍ଦ ମଠ ପୁସ୍ତକରେ ଭାରତର ପ୍ରତୀକ ଭାବରେ ଭାରତମାତାଙ୍କର ବର୍ଣ୍ଣନା କରାଯାଇଥିଲା । ହିନ୍ଦୁ ମତ ବା କଳ୍ପନାରେ ଜନ୍ମଭୂମିକୁ ସର୍ବଦା ମାତା କୁହାଯାଏ । ରାମାୟଣ ଓ ମହାଭାରତରେ ମଧ୍ୟ ଜନ୍ମଭୂମିକୁ ମାତା ଭାବରେ ସମ୍ବୋଧନ କରାଯାଇଛି । ଲକ୍ଷଣଙ୍କୁ ରାମ କ?ହିଛନ୍ତି, 'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପୀ ଗରୀୟସୀ' । ଏହି ଚିନ୍ତନ?କୁ ବଙ୍କିମଚନ୍ଦ୍ର ଅଧିକ ସାକାର କରି ସରଳ କରିଦେଇଛନ୍ତି । ଏହି ଚିନ୍ତନରେ ସମଗ୍ର ଭାରତ ଭୂଖଣ୍ଡରେ ବାସ କରୁଥିବା ହିନ୍ଦୁ, ମୁସଲମାନ, ଶିଖ, ଖ୍ରୀଷ୍ଟିଆନ , ଜୈନ, ବୁଦ୍ଧ ଧର୍ମାବଲମ୍ବୀ, ପାର୍ଶୀ ଓ ଅନ୍ୟାନ୍ୟ ଲଘୁ ସମ୍ପ୍ରଦାୟଙ୍କୁ ଏକାଠି କରି ବ୍ରିଟିଶ ଶାସନ ବିରୁଦ୍ଧରେ ଲଢ଼ିବା ଉଦ୍ଦେଶ୍ୟରେ ଏହା ଲେଖା ଥିଲା ଯାହାକୁ ପରବର୍ତ୍ତୀ ବଦଳେଇ ଏକ ହିନ୍ଦୁ ଠାକୁରାଣୀର ମାନ୍ୟତା ଦିଆ ଯାଇଥିଲା । ଅନ୍ୟ ଜାତି ଓ ଧର୍ମର ଲୋକମାନେ ଏହାକୁ ଏକ ଧର୍ମର ଠାକୁରାଣୀ ଭାବେ ଚିନ୍ତନ କରି ପ୍ରତ୍ୟାଖ୍ୟାନ କରିଥିଲେ । ଭାରତ ମାତାଙ୍କୁ ହିନ୍ଦୁ ଦେବାଦେବୀ ଭାବରେ ଚିତ୍ରଣ କରିବା ଏକ ଦୀର୍ଘକାଳୀନ ଦ୍ୱନ୍ଦ୍ୱାତ୍ମକ ବିଷୟ । ଭାରତୀୟ ରାଜନୀତିରେ ଏହାର ପ୍ରବେଶକୁ ରବୀନ୍ଦ୍ରନାଥ ଠାକୁର ଓ ବି.ଆର. ଆମ୍ବେଦକର ଏହାକୁ କ୍ଷତିକାରକ କହି ବିରୋଧ କରିଥିଲେ ଓ ଅନେକ ସ୍ଥାନରେ ଏହାକୁ କାଢ଼ିଦିଆଯାଇଥିଲା । କିନ୍ତୁ ସେତେବେଳକୁ ଏହା ଏତେ ଆଦୃତ ହୋଇଥିଲା ଯେ ଏହା ଲୋକଙ୍କ ମନର ବ?ହୁତ ଗଭୀରକୁ ଚାଲିଯାଇଥିଲା ଓ ଏହା ଦେଶ ଭକ୍ତିର ପ୍ରତୀକ ହୋଇସାରିଥିଲା । ବିଂଶ ଶତାବ୍ଦୀ ଶେଷ ଆଡ଼କୁ ଏହା ହିନ୍ଦୁ ରାଷ୍ଟ୍ର ଓ ଅଖଣ୍ଡ ଭାରତର ଧାରଣ ସାଥିରେ ଓତଃପ୍ରୋତ ଭାବରେ ଜଡ଼ିତ ହୋଇଗଲା; ସେତେବେଳ ଅଖଣ୍ଡ ଭାରତରେ ଏବେକାର ପାକିସ୍ଥାନ, ବାଙ୍ଗଲାଦେଶ, ନେପାଳ, ଶ୍ରୀଲଙ୍କା ଓ ଆଫଗାନିସ୍ଥାନର କିଛି ଅଂଶ ସାମିଲ ଥିଲେ । ଭାରତର ସଂବିଧାନରେ ଭାରତ ଏକ ଧର୍ମ ବିରପେକ୍ଷ ଦେଶ ଭାବରେ ଗ୍ରହଣ କରାଯାଇଥିବାରୁ ଏହାକୁ କୌଣସି ମତେ ଗ୍ରହଣ କରାଯାଇପାରୁନି ଯଦିଓ ଏହା ଆରଏସଏସ ସଂସ୍ଥାର ବିଶେଷ ଅଙ୍ଗ ଭାବରେ ବିଶ୍ୱାସ କରାଯାଉଛି । ହିନ୍ଦୁ ଧର୍ମ ହଜାର ହଜାର ବର୍ଷରୁ ଆରମ୍ଭ ହୋଇଥିବା ବେଳେ ଭାରତ ମାତାର ଚିତ୍ରଣ, ଧରିତ୍ରୀ ମାତା ବା ବସୁମାତା ଭଳି ଲୋକଙ୍କ ମନରେ ବସା ବାନ୍ଧି ଯାଇଛି ଯାହା ଆଜି ବି ଅଛି ଓ ଆଗକୁ ପିଢି ପରେ ପିଢି ରହି ଚାଲିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ସମସ୍ତ କଥା ସହିତ ଗୋଟିଏ କଥା ସତ ଯେ ସବୁଠୁ ସୁନ୍ଦର୍ ଏଇ ଆମ ଏହି ପବିତ୍ର ଭାରତ ଭୂଇଁ । ମାତୃଭୂମି, ପୁଣ୍ୟ ଭୂମି, ଦେବ ଭୂମି, କର୍ମ ଭୂମି ସବୁଠୁ ପବିତ୍ର ଏହି ଭାରତ ଭୂଇଁ । ଏହାରି କୋଳରେ କେତେ ମହାତ୍ମା ଜନମ ନେଇଛନ୍ତି । ଏହି ଭୂମିକୁ କାହିଁ କେଜାଣି ବାହ୍ୟଶତ୍ରୁ ଆକ୍ରମଣ କରିଛନ୍ତି । ତଥାପି ସେମିତି ମୁଣ୍ଡ ଟେକି ଠିଆ ହୋଇଛି ଏହି ମାଟି । କେତେ ଶତ୍ରୁ ଆସି ଏହାର ସୌନ୍ଦର୍ଯ୍ୟକୁ ନଷ୍ଟ କରିବାକୁ ଚାହିଁଛନ୍ତି ହେଲେ ଏହାର ବୀର ସନ୍ତାନ ମାନେ ସେମିତି ଲଢେଇ କରି ଆସିଛନ୍ତି । ଏହି ଭାରତ ଉପରେ ଆଲେକଜାଣ୍ଡାର, ଶକ, ହୂଣ, କୁଶାଣ ପରି ଅନେକ ବାହ୍ୟଶତ୍ରୁ ଆକ୍ରମଣ କରିଛନ୍ତି । ମାତ୍ର ପରବର୍ତ୍ତୀ ସମୟରେ ସମସ୍ତେ ଭାରତୀୟ ସଂସ୍କୃତିରେ ମିଶି ଯାଇଛନ୍ତି । ସେମାନଙ୍କର ଚିହ୍ନ ବର୍ଣ୍ଣ ମଧ୍ୟ ଦେଖିବାକୁ ମିଳି ନାହିଁ କ୍ଷ ବଙ୍କିମଚନ୍ଦ୍ରଙ୍କ ଦୃଷ୍ଟିରେ ଏହାର ତିନୋଟି ସ୍ୱରୂପ ଥିଲା, ମା ସରସ୍ୱତୀ, ଲକ୍ଷ୍ମୀ ଓ ମା ଦୁର୍ଗାଙ୍କର । ସ୍ୱାମୀ ବିବେକାନନ୍ଦଙ୍କ ଦୃଷ୍ଟିରେ ସେ ୩୩ କୋଟି ଦେବୀ ଦେବତାଙ୍କ ମା ଥିଲେ କ୍ଷ ପରବର୍ତ୍ତୀ ସମୟରେ ମୋଗଲ ଆକ୍ରମଣର ଭାରତର ବୀରପୁତ୍ର ମାନେ ଉପଯୁକ୍ତ ଜବାବ ଦେଇଥିଲେ । ଏହା ପରେ ଇଂରେଜ ମାନଙ୍କର ଶାସନ ଆସିଲା । ମୁସଲମାନ ମାନଙ୍କ ନାମରେ ଭାରତ ମାତାର ବିଭାଜନ ପାଇଁ ଦାବି ହେଲା । ପ୍ରଥମେ ଏହି ଦାବିକୁ ସମସ୍ତେ ଅଗ୍ରାହ୍ୟ କଲେ । ହେଲେ ଶେଷରେ ଏହା ଭାଗ ଭାଗ ହୋଇଗଲା । ୧୯୪୭ ମସିହା ଅଗଷ୍ଟ ୧୪ ତାରିଖ ଥିଲା ସେହି କଳାଦିନ ଯେଉଁ ଦିନ ଭାରତ ମାତାର ଶରୀରକୁ କାଟି ପାକିସ୍ତାନ ତିଆରି କରାଯାଇଥିଲା । ମାତୃଭୂମିର ବିଭାଜନର ହୋଇଥିଲା । ୧୯୪୭ ଜୁନ ମାସ ଦୁଇ ତାରିଖ ଥିଲା ସେହି କଳା ଦିନ ଯେଉଁ ଦିନ ଦିଲ୍ଲୀରେ ଏକ ବୈଠକରେ ବସି ନିର୍ଦ୍ଧାରଣ ହେଉଥିଲା ଭାରତର ଭବିଷ୍ୟତ ଓ ଦୁଇଖଣ୍ଡ ହୋଇଥିଲା ଅଖଣ୍ଡ ଭାରତ । ଏହି ବୈଠକରୁ ହୋଇଯାଇଥିଲା ସ୍ୱତନ୍ତ୍ର ପାକିସ୍ତାନ ଦେଶ କ୍ଷ ଭାରତ ମାତାର ଶରୀରକୁ କାଟି ପାକିସ୍ତାନ ତିଆରି କରାଯାଇଥିଲା । ସିନ୍ଧୁ ନଦୀ ତାର ସନ୍ତାନଙ୍କ ପାଇଁ ପର ହୋଇଗଲା । ଯେଉଁଠାରେ ମୁନି ଋଷି ମାନେ ବସି ବେଦ ରଚନା କରିଥିଲେ, ସେହି ସ୍ଥାନ ଭାରତ ଠାରୁ ଅଲଗା ହୋଇଗଲା କ୍ଷ ଆଜି ଖାଲି ଅଖଣ୍ଡ ଭାରତ ବୋଲି ଶୁଣୁଛୁ କିନ୍ତୁ ପ୍ରକୃତରେ ଆମ ଏ ପବିତ୍ର ଭାରତ ବର୍ଷ ଖଣ୍ଡ ଖଣ୍ଡ ଓ ଆମ ଭାରତ ମାତା ଆଖିରେ ବହୁଛି ଲୋତକର ସୁଅ ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ - ୮୨୪୯୫୦୨୭୭୬

# ଦେଶପ୍ରେମ ଧର୍ମବିଶ୍ୱାସର ଏକ ଅବିଚ୍ଛେଦ୍ୟ ଅଙ୍ଗ



ମୌଲାନା ଫଜଲ ହକ୍ ଖାନ୍




ଆଜି ଠାରୁ ଠିକ ୭୯ ବର୍ଷ ପୂର୍ବେ ବ୍ରିଟିଶ ଶାସନ କବଳରୁ ଆମ ପ୍ରିୟ ଭାରତ ବର୍ଷକୁ ଯେଉଁମାନେ ମୁକ୍ତ କରିଥିଲେ, ୮୦ତମ ସ୍ୱାଧୀନତା ଦିବସ ଅବସରରେ ସେହି ବୀର ସୂରୀମାନଙ୍କର ସ୍ମୃତିଚାରଣ କରାଯାଉଛି । ଏକ ଦୀର୍ଘ ସମୟ ଗୁଲାମୀର ଜଞ୍ଜିରରେ ବାନ୍ଧି ହୋଇ ରହିବା ପରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ଆମ ଦେଶ ସ୍ୱାଧୀନ ହେଲା । ଦେଶର ତତ୍?କାଳୀନ ପ୍ରଧାନ ମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ କହିଥିଲେ '" ହିନ୍ଦୁସ୍ତାନ ବହୁ ଧର୍ମ ଓ ଭାଷାଭାଷୀର ଦେଶ, ଯହିଁରେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟୀୟାନ, ଶିଖ, ବୌଦ୍ଧ ଓ ପାରସୀୟମାନେ ବାସ କରନ୍ତି । ସେମାନଙ୍କର ଦେଶ ପ୍ରତି ସମାନ ଅଧିକାର ରହିଛି । ଯେଉଁ ବ୍ୟକ୍ତି ଦେଶର ଏକତା ଓ ଅଖଣ୍ଡତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଛି, ସେ ଦେଶ ସହିତ ବିଶ୍ୱାସଘାତକତା କରୁଛି । ''ଆମ ଦେଶର ଏହା ପରମ ସୌଭାଗ୍ୟ ଯେ ଏହି ଦେଶରେ ଅନେକ ଅବତାର, ମହାପୁରୁଷ ଏବଂ ଧର୍ମପ୍ରବର୍ତ୍ତକ ଜନ୍ମ ନେଇ ଏ ମାଟିକୁ ପବିତ୍ର କରିଛନ୍ତି । ମାନବ ଜନ୍ମର ସାର ସେମାନେ ବୁଝାଇଛନ୍ତି । ମଣିଷ ଜାତି ସମସ୍ତେ ଭାଇ ଭାଇ ବୋଲି କହି ବସୁଧୈବ କୁଟୁମ୍ବକମ୍?ର ପରିବେଶ ଗଢିଛନ୍ତି । ସେହି ମହାତ୍ମାମାନେ ଆମକୁ ସର୍ବେଭବନ୍ତୁ ସୁଖିନଃର ବାର୍ତ୍ତା ଦେଇଛନ୍ତି । ସେମାନଙ୍କର ଶିକ୍ଷା ବିଶ୍ୱବ୍ୟାପୀ ଥିଲା । ବିଶ୍ୱ ଭାଇଚାରା ସୃଷ୍ଟି କରିବା ଏବଂ ବିଶ୍ୱ ଶାନ୍ତି ପ୍ରତିଷ୍ଠା କରିବା ସେମାନଙ୍କର ଲକ୍ଷ ଥିଲା । ରାମଙ୍କ ରାଜ୍ୟ, ଯୁଧିଷ୍ଠିରଙ୍କ ନ୍ୟାୟ, ଦାନବୀର ହରିଶ୍ଚନ୍ଦ୍ରଙ୍କ ଦାନର ପରିବେଶ ଏବେ କାଳକ୍ରମେ ବିଲୁପ୍ତ ହୋଇ ଚାଲିଛି । ସ୍ତ୍ରୀ ଓ ପୁରୁଷ ପରି ମାତ୍ର ଦୁଇଗୋଟି ଜାତିକୁ ଏବେ ଏ କଳୀଯୁଗର ମଣିଷ ଭିନ୍ନ ଭିନ୍ନ ସମ୍ପ୍ରଦାୟରେ ବିଭକ୍ତ କରିସାରିଛି । କୁଟରାଜନୀତି ଏବେ ମଣିଷକୁ ନିଜ ହାତହତିଆର ରୂପେ ବ୍ୟବହାର କରୁଛି । ମଣିଷ ମଣିଷକୁ ଏବେ ଏପରି କାଟୁଛି ଯେପରି ପନିପରିବା କଟାଯାଉଛି । ତେବେ ଆମେ ପରାଧୀନ ରହି, ଗୋଲାମ ହୋଇ, କଷଣ ସହି,ସ୍ୱାଧୀନ ହେଲା ପରେ ଶିଖିଲେ କ'ଣ ଏବଂ ପାଇଲେ କ'ଣ ? ଏବେ ବି ଆମେ ଜଣେ ଅନ୍ୟ ଜଣକୁ ନାଲି ଆଖି ଦେଖାଉଛି । ଅନ୍ୟ ଠାରୁ କିଛି ପାଇବାର ଲାଳସା ରଖି ବସୁଛି । ଅନ୍ୟାୟ, ଅତ୍ୟାଚାର, ପାପାଚାର, ଦୂରାଚାର ଆମ ଅଭ୍ୟାସରେ ପରିଣତ ହୋଇସାରିଛି । ନାରୀ ନିର୍ଯାତନା, ଦୁଷ୍କର୍ମତା, ବ୍ୟଭିଚାରୀତା, ଦୁର୍ନିତି ଏବଂ ଭ୍ରଷ୍ଟାଚାର ସାଧାରଣ ହୋଇଗଲାଣି । ଅଧିକାଂଶ ଲୋକଙ୍କୁ ବସ୍ତୁର ଲାଳସା ଏବଂ ଧନର ନିଶା ଏତେ ମାତ୍ରାରେ ଘାରିଥାଏ ଯେ ସେମାନେ ନିଜ ଦେଶ ପ୍ରତି ବିଶ୍ୱସ୍ତ ହୁଅନ୍ତି ନାହିଁ, ବରଂ ସେମାନେ ଦେଶର ଆଇନକୁ ଉଲଂଘନ କରିଥାନ୍ତି । ବିଭିନ୍ନ ଅନୈତିକ କାର୍ଯ୍ୟ କରି ଅନ୍ୟର କ୍ଷତି ଘଟାଇବା, ବେଆଇନ କାର୍ଯ୍ୟରେ ଲିପ୍ତ ରହି ନିଜ ଦେଶକୁ ପ୍ରତାରିତ କରିବା, ଅସାଧୁ ଉପାୟରେ ଧନାଦି ଉପାର୍ଜନ କରିବା ଓ ଜାଲିଆତି କରି ଅନ୍ୟର ଅର୍ଥ ଆତ୍ମସାତ କରିବା । ସମସ୍ତ ସୀମା ଉଲଂଘନ କରି ଦେଶ ତଥା ସମାଜର ପ୍ରଭୂତ କ୍ଷତି ସାଧନ କରିବା ଇତ୍ୟାଦି ଦୈନ୍ୟନ୍ଦିନର କାର୍ଯ୍ୟକଳାପ ହୋଇଯାଇଛି । ଦେଶ ବା ସରକାରଙ୍କ ବିରୁଦ୍ଧରେ ବିଦ୍ରୋହ କରିବା, ବିଶ୍ୱାସଘାତକତା ଏବଂ ପ୍ରତାରଣାମୂଳକ କାର୍ଯ୍ୟ କରିବା ବାରଣ ଥାଇ ମଧ୍ୟ ଏପରି କାର୍ଯ୍ୟ ଯୋଗୁଁ ଦେଶ ଓ ଜାତିର ନିରାପତ୍ତା ତଥା ଶାନ୍ତି ବ୍ୟାହତ ହୋଇଥାଏ । ପୁଣି ଏଗୁଡିକ ଏକ ଦେଶ ବିରୋଧୀ ଆନ୍ତର୍ଘାତୀ କାର୍ଯ୍ୟକଳାପ ।

ପୂର୍ବାଲୋଚିତ ସମସ୍ତ ଦିଗକୁ ବିଚାର କଲେ, ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେବା ଯେ ଜଣେ ବ୍ୟକ୍ତି ନିଜ ଦେଶ ପ୍ରତି ବିଶ୍ୱାସଭାଜନ ହେବା ସକାଶେ ତା ପାଇଁ ଧୈର୍ଯ୍ୟ ଓ ସହନଶୀଳତା ଏକାନ୍ତ ଆବଶ୍ୟକ । ଏହା ତା'ର ନୈତିକ ଗାରିମାକୁ ଉଦ୍‌ଭାସିତ କରାଏ ଏବଂ ମାତୃଭୂମିର ସମସ୍ତ ଆଇନ କାନୁନକୁ ପାଳନ କରିବା ପାଇଁ ସେ ଅନୁପ୍ରାଣୀତ ହୁଏ ।ଦେଶର ଅନେକ ଭାଗରେ ସରକାରଙ୍କ ନୀତି ବିରୁଦ୍ଧରେ ପ୍ରତିବାଦକରି ଜନତା ଧର୍ମଘଟରେ ସାମିଲ ହୁଅନ୍ତି । ଅନେକ ଜାଗାରେ ବିକ୍ଷୋଭ ପ୍ରଦର୍ଶନକାରୀମାନେ ଭଙ୍ଗାରୁଜା ଓ ପୋଡାଜଳା କରି ଅନେକ ଧନ ଜୀବନ ନଷ୍ଟ କରୁଛନ୍ତି । ସେଥିରେ ଅନେକ ସରକାରୀ ଓ ବେସରକାରୀ ସମ୍ପତି ମଧ୍ୟ ଧ୍ୱଂସ ହୁଏ । ଦେଶପ୍ରେମ ନାମରେ ଏହି କାଣ୍ଡ ଭିଆଉ ଥିବାର ସେମାନେ ଦାବି କରନ୍ତି ସିନା ମାତ୍ର ପ୍ରକୃତ ପକ୍ଷେ ସେମାନଙ୍କ ଆଚରଣରେ ଦେଶ ପ୍ରତି ଭକ୍ତି ଓ ସମ୍ମାନ ପ୍ରଦର୍ଶନ ଲେଶ ମାତ୍ର ଚିହ୍ନ ନଥାଏ । ଏହା ମନେ ରଖିବାକୁ ହେବ ଯେ କୌଣସି ହିଂସାକାଣ୍ଡଜନିତ କ୍ଷୟକ୍ଷତି ବା ଅପରାଧ ନ କରି ବିଭିନ୍ନ ଧର୍ମଘଟ ଶାନ୍ତିପୂର୍ଣ୍ଣ ଭାବରେ ଆୟୋଜିତ ହେଉଥିଲେ ସୁଦ୍ଧା ଏହାର ପରିଣାମ ନକାରତ୍ମକ ହୋଇଥାଏ । ଶାନ୍ତିପୂର୍ଣ୍ଣ ଧର୍ମଘଟ ସତ୍ତ୍ୱେ ଅନେକ ଦେଶରେ ଅର୍ଥନୈତିକ ବ୍ୟବସ୍ଥା ଗୁରୁତର ଭାବେ ପ୍ରଭାବିତ ହୁଏ, ଯଦ୍ଦ୍ୱାରା ସେହି ଦେଶ କୋଟି କୋଟି ଟଙ୍କାର ଆର୍ଥିକ କ୍ଷତି ସହିବାକୁ ବାଧ ହୁଏ । ଏହାକୁ କୌଣସି ପରିସ୍ଥିତିରେ ବି ଦେଶ ପ୍ରତି ଭକ୍ତି ଓ ବିଶ୍ୱସନୀୟତା କୁହାଯାଇ ପାରିବ ନାହିଁ ।

ଏହାକୁ ସୁବ୍ୟବସ୍ଥିତ କରିବା ଆମ ରାଷ୍ଟ୍ରର ପ୍ରତ୍ୟେକ ନାଗରିକଙ୍କ ପରମ କର୍ତ୍ତବ୍ୟ । ଆମ ଦେଶର ଶାସକଙ୍କ ପ୍ରତି ଆଜ୍ଞାନୁବର୍ତ୍ତୀ ହେବା ପ୍ରତ୍ୟେକ ନାଗରିକଙ୍କ ପ୍ରତି ଅପରିହାର୍ଯ୍ୟ । ଦେଶରେ କୌଣସି ପ୍ରକାରର ଧର୍ମଘଟ ବା ବିକ୍ଷୋଭ ପ୍ରଦର୍ଶନ କରିବାକୁ ଯଦି ଆଇନ ସଂଗତ ଅନୁମତି ପ୍ରଦାନ କରେ, ତେବେ ସେହି ଦେଶର କୌଣସି କ୍ଷତି ନ ଘଟାଇ ଅଥବା ଜାତୀୟ ସମ୍ପତି ଧ୍ୱଂସ ନ କରି ଯାହା କି ଆର୍ଥିକ ଅବନତିର କାରଣ ହେବ, ଧର୍ମଘଟକାରୀ ଓ ବିକ୍ଷୋପ ପ୍ରଦର୍ଶନକାରୀମାନେ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିବା ଉଚିତ ।ପରିଶେଷରେ ଏତିକି କୁହାଯାଇପାରେ ଯେ ଆଜି ପୃଥିବୀ ଗୋଟିଏ ଗୋଲାକାର ଗ୍ରାମରେ ପରିଣତ ହୋଇଛି । ପୃଥିବୀବାସୀ ଅତି ଘନିଷ୍ଠ ଭାବରେ ପରସ୍ପର ମଧ୍ୟରେ ସଂଯୁକ୍ତ ହୋଇଛନ୍ତି । ସବୁ ଜାତି, ଧର୍ମ ଓ ସଂସ୍କୃତିର ଲୋକମାନେ ଆମ ଦେଶରେ ଦେଖାଯାଆନ୍ତି । ତେଣୁ ଦେଶର ପ୍ରତ୍ୟେକ ନେତା ଏବଂ ନାଗରିକ ସାଧାରଣ ଅଧିବାସୀଙ୍କର ମାନସିକ ଆବେଗ ଓ ହୃଦୟର ଭାବନାକୁ ବିଚାରକୁ ନେଇ ସେଥିପ୍ରତି ସମ୍ମାନ ଜଣାଇବା ଆବଶ୍ୟକ । ସେଠାକାର ନେତା ଓ ପ୍ରଶାସନ ଏପରି ଆଇନ ପ୍ରଣୟନ କରିବାକୁ ଚେଷ୍ଟିତ ହେବା ଉଚିତ, ଯାହା ସତ୍ୟ ଓ ନ୍ୟାୟର ଅଶାନ୍ତର କାରଣ ହେବ ନାହିଁ । ଏକପକ୍ଷେ ଅନ୍ୟାୟ ଓ କ୍ରୂରତା ଲୋପ ପାଇବ ଓ ଅନ୍ୟ ପକ୍ଷେ ଆମେ ପ୍ରକୃତ ନ୍ୟାୟ ପାଇବା ପାଇଁ ସଦା ତତ୍ପର ହେବା । ତେବେ ଯାଇ ଆମେ ପ୍ରକୃତ ସ୍ୱାଧୀନ ବୋଲି କୁହାଇବା ଏବଂ ପ୍ରକୃତ ଶାନ୍ତି ଓ ସହିଷ୍ଣୁତା ପାଇପାରିବା । ଦେଶ ପ୍ରତି ସମ୍ମାନ ପ୍ରକଟ କରିପାରିବା । ଆମେ ପ୍ରକୃତ ନାଗରିକ ବୋଲାଇ ପାରିବା ।

ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସମ୍ପ୍ରଦାୟର ପ୍ରବର୍ତ୍ତକ ହଜରତ ମିର୍ଜା ଗୁଲାମ ଅହମଦ କୁହନ୍ତି, ହେ ମୋର ପ୍ରିୟ ଦେଶବାସୀ ! ଆପଣମାନେ ନିଜ ଭିତରେ ଭ୍ରାତୃଭାବ ସୃଷ୍ଟି କରନ୍ତୁ । ପ୍ରତ୍ୟେକ ସ୍ତରରେ ସାମ୍ବିଧାନିକ ଚୁକ୍ତି ଅନୁସାରେ କର୍ତ୍ତବ୍ୟ ପାଳନ ପାଇଁ ଅଙ୍ଗୀକାରବଦ୍ଧ ହୁଅନ୍ତୁ । ଦିବ୍ୟ ବାର୍ତ୍ତାବହ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମ କୁହନ୍ତି ଦେଶପ୍ରେମ ଧର୍ମବିଶ୍ୱାସର ଏକ ଅବିଚ୍ଛେଦ୍ୟ ଅଙ୍ଗ । ତେଣୁ ନିଷ୍ଠାପୂର୍ଣ୍ଣ ଦେଶଭକ୍ତି ଅତିଆବଶ୍ୟକ । ବିଶ୍ୱପଟରେ ଏବଂ ଭାରତ ବର୍ଷର ଯେକୌଣସି ଅଂଚଳରେ ହେଉବା ନା କାହିଁକି ଅହମଦୀୟା ମୁସଲିମ ସମ୍ପ୍ରଦାୟର ସଭ୍ୟମାନେ ସର୍ବଦା ପ୍ରତ୍ୟେକ ପ୍ରକାରର ତ୍ୟାଗ ସ୍ୱୀକାର କରିବାକୁ ତତ୍ପର ହୋଇ ରହିଥାନ୍ତି । କାରଣ ସ୍ୱଦେଶ ପ୍ରେମ ଏବଂ ଦେଶ ପ୍ରତି ଅନୁରକ୍ତ ହେବା ପ୍ରତ୍ୟେକ ମନୁଷ୍ୟର ଜନ୍ମସିଦ୍ଧ ଅଧିକାର ବୋଲି ସେମାନେ ବିଶ୍ୱାସ କରନ୍ତି । ଆସନ୍ତୁ ଆମେ ସ୍ୱାଧୀନତାର ପ୍ରକୃତ ଅର୍ଥକୁ ବୁଝି ନିଜ ଦେଶ ପ୍ରତି ତ୍ୟାଗ ଓ ବଳିଦାନର କର୍ତ୍ତବ୍ୟ ବହନ କରିବା । ଏବଂ ମେରା ଭାରତ ମହାନର ପ୍ରକୃତ ଦାୟଦ ବୋଲାଇବା । ଜୟ ହିନ୍ଦ୍ ।

ମଙ୍ଗଳାବାଗ-କଟକ
୯୬୯୨୨୨୫୦୫୭





# ସାମ୍ବାଦିକଙ୍କ ସ୍ୱାସ୍ଥ୍ୟବୀମାକୁ ନେଇ ବର୍ଷିଲେ ଓୟୁଜେ ରାଜ୍ୟ ସଭାପତି

**ବାଲିଚନ୍ଦ୍ରପୁର (ଅମୃତ ମିଡିଆ) :** ବାଲିଚନ୍ଦ୍ରପୁର ପୁର ସ୍ଥିତ ଶ୍ରୀ ଜଗନ୍ନାଥ କଲ୍ୟାଣ ମଣ୍ଡପ ଠାରେ ପୁଷ୍ପଗିରି ପ୍ରେସ ଫୋରମ ର ବାର୍ଷିକ ଉତ୍ସବ ମହାସମାରୋହ ରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ମେଡିକାଲ ଟେକନୋଲୋଜି ର ଅତିରିକ୍ତ ନିର୍ଦ୍ଦେଶିକା ଡାକ୍ତର ସଞ୍ଜୁଲତା ଶତପଥି ଯୋଗ ଦେଇ ପ୍ରଦୀପ ପ୍ରଜ୍ଵଳନ କରି ଆନୁଷ୍ଠାନିକ ଭାବେ କାଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ । ସାମ୍ବାଦିକ ମାନଙ୍କ ଦାୟିତ୍ୱ ଓ ସମାଜ ପ୍ରତି ଥିବା ସେମାନଙ୍କ ଅବଦାନ ଉପରେ ନିଜର ଗୁରୁତ୍ୱପୂର୍ଣ ମତ ରଖି ଡାକ୍ତର ଶତପଥି କହିଥିଲେ । ଚିକିତ୍ସା ବିଜ୍ଞାନ ଏବଂ ସାମ୍ବାଦିକତା ଉଭୟଙ୍କ ଲକ୍ଷ୍ୟ ହେଉଛି ଜନସେବା । ଜନସାଧାରଣ ଙ୍କୁ ସଚେତନତା କରିବାରେ ଗଣମାଧ୍ୟମ ର ବଡ ଦାୟିତ୍ୱ ରହିଛି ବୋଲି ମତ ବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଓୟୁଜେ ର ରାଜ୍ୟ ସଭାପତି ପ୍ରସନ୍ନ କୁମାର ମହାନ୍ତି ଯୋଗ ଦେଇ ସାମ୍ବାଦିକ ମାନଙ୍କ ସୁରକ୍ଷା ଓ ଅଧିକାର କୁ ନେଇ ସରକାରଙ୍କ ଉପରେ ନିଜର ଉଦବେଗ ପ୍ରକାଶ କରିଥିଲେ । ସାମ୍ବାଦିକ ମାନଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱାସ୍ଥ୍ୟ ବୀମା ଯୋଜନା କୁ ସରକାର ଆୟୁଷ୍ମାନ ଯୋଜନା ରେ ପରିଣତ କରିବା ପାଇଁ କରୁଥିବା ଚିନ୍ତାଧାରାକୁ ତୀବ୍ର ସମାଲୋଚନା କରିଛନ୍ତି । ସାମ୍ବାଦିକ ଙ୍କ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଯେଉଁଭଳି ଜରୁରୀ କାଳୀନ ଚିକିତ୍ସା ସୁବିଧା ମିଳୁଥିଲା, ଆୟୁଷ୍ମାନ ଯୋଜନା ର କଡା ନିୟମ ଓ ଗାଇଡଲାଇନ ଭିତରେ ସାମ୍ବାଦିକ ମାନେ ସେଭଳି ସୁବିଧା ପାଇବାରୁ ବଂଚିତ ହେବାର ଆଶଙ୍କା ରହିଛି ଏଣୁ ସରକାର ଯଦି ଏହି ନିୟମ ପାଳନ କରନ୍ତି ତେବେ ଆଜିର ଏହି ପୁଷ୍ପଗିରି ମଞ୍ଚରୁ ରୁ କହିରଖୁଛି ଆଗକୁ ଏହି ନିୟମ ବିରୋଧ ରେ



ଆନ୍ଦୋଳନ ତୀବ୍ରତର ହେବ ବୋଲି ସୂଚନା ଦେଇଛନ୍ତି । ସମ୍ମାନୀତ ଅତିଥି ରୂପେ ଓୟୁଜେ ର ସାଧାରଣ ସମ୍ପାଦକ କିଷାନ କୁମାର ରାଉତ, ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକାରୀ ଶିତିକଣ୍ଠ କାନୁନଗୋ, ଯାଜପୁର ମିରର ର ମୁଖ୍ୟ ସମ୍ପାଦକ ଅଭୟ କୁମାର ପତି, ଯାଜପୁର ଜିଲ୍ଲା ସାମ୍ବାଦିକ ସଂଘ ର ସଭାପତି ଅରୁଣ କୁମାର ରାଉତ ଯୋଗ ଦେଇ ସାମ୍ବାଦିକ ମାନଙ୍କୁ ସୁରକ୍ଷା ଦେବା ବଦଳରେ ସେମାନଙ୍କ ହକ ସରକାର ନ ଛଡାଇ ନେବାକୁ ସେମାଙ୍କର ମତ ରଖିଥିଲେ । ଏହି ଅବସରରେ ସମାଜ ର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତି ବିଶେଷ ଓ ଏହି ବର୍ଷ ନିଟ ପ୍ରବେଶିକା ପରୀକ୍ଷା ରେ ଉତୀର୍ଣ୍ଣ ହୋଇଥିବା ଛାତ୍ର ମାନଂକୁ ସମ୍ବର୍ଦ୍ଧିତ କରାଯାଇଥିଲା । ତନ୍ମଧ୍ୟରୁ ବରିଷ୍ଠ ସାମ୍ବାଦିକ ଆଦିତ୍ୟ ମେକାପ, ସମାଜସେବୀକା କାମିନୀ ନାୟକ, ଶିକ୍ଷାପ୍ରେମୀ ବିନ୍ଦୁମିତ୍ର ବଳ, ଜୟନ୍ତ କୁମାର ପରିଡା, ସମାଜସେବୀ ଗିରିଶ ପ୍ରତାପ ପରିଡା, ଡକ୍ଟର କୃଷ୍ଣଚନ୍ଦ୍ର ପାତ୍ର,ବରିଷ୍ଠ ସାମ୍ବାଦିକ ଏକାଦଶୀ ସେଠୀ,, ଶ୍ୟାମ ସୁନ୍ଦର ଦାସ, ବନିତା ବିଶ୍ୱାଳ,କୁନି ପ୍ରବଚକ ଶକ୍ତି ପ୍ରସାଦ ମିଶ୍ର, ସୌମେନ ସାଗର ବିଶ୍ୱାଳ,ଖବର କାଗଜ ବିତରକ ଅଞ୍ଜନ କୁମାର ସାହୁ , ଗୀତିକାର ନିରୁପମା ପଣ୍ଡାଏବଂ ଜିଲ୍ଲା ପ୍ରତିନିଧି ଏବଂ ଯାଜପୁର ଜିଲ୍ଲା ର ସମସ୍ତ ପ୍ରେସ କ୍ଲବ ର ସଭାପତି, ସମ୍ପାଦକ ମାନ ଙ୍କୁ ଅତିଥି ମାନେ ମାନପତ୍ର, ଉତ୍ତରୀୟଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପୁଷ୍ପଗିରି ପ୍ରେସ ଫୋରମ ର ସଭାପତି ସୁମନ୍ତ କୁମାର ଭୂୟାଁ ଙ୍କ ସଭାପତିତ୍ୱ କରିଥିବା ବେଳେ ଦେବାଶିଷ ମଲ୍ଲିକ ସଭା ସଂଚାଳନ କରିଥିଲେ । ଉତ୍ସବ ର ପ୍ରଥମ ସୋପାନ ରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା ଏବଂ ପରେ ଉତ୍ସବ ରେ ସୂର୍ଯ୍ୟପ୍ରଭା ର ସମ୍ପାଦକ ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର ଏବଂ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଯୋଗ ଦେଇ ନପାରିଥିବାରୁ ପ୍ରେସ ଫୋରମକୁ ଦୁଃଖ ପ୍ରକାଶ କରି ପଠାଇଥିବା ସେମାନଙ୍କ ଶୁଭେଚ୍ଛା ବାର୍ତ୍ତା ସମ୍ପାଦକ ପାଠ କରିଥିଲେ । ରାମଚନ୍ଦ୍ର ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରେସ ଫୋରମ ର ସମ୍ପାଦକ ରାକେଶ କୁମାର ବାରିକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଶେଷରେ ପ୍ରେସ ଫୋରମ ର କୋଷାଧକ୍ଷ ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବ ରେ ସାମ୍ବାଦିକ ମହେଶ୍ୱର ବଳ, ବାଲିଚନ୍ଦ୍ରପୁର ପ୍ରେସ କ୍ଲବ ର ସଭାପତି ଆଲୋକ ପ୍ରଧାନ, ସାମ୍ବାଦିକ ଅମରେନ୍ଦ୍ର ସିଂହ, ଅଖିଳେଶ ମହାନ୍ତି, ଅନିଲ ରାୟ, ପ୍ରତାପ ସେନାପତି, ଉତ୍କଳ କେଶରୀ ସାମଲ, ପ୍ରେସ କ୍ଲବ ବାଲିଚନ୍ଦ୍ରପୁର ସମ୍ପାଦକ ପ୍ରଫୁଲ ପଣ୍ଡା, ସୁଲତାନ ସଇଫୁଲା ଖାନ୍ନ, କବି ରୁଦ୍ର ପ୍ରସନ୍ନ ସାମଲ, ଶିବ ପ୍ରସାଦ ସାମଲ, ସତ୍ୟାନନ୍ଦ ମଲ୍ଲିକ, ଦିଲ୍ଲୀପ ସାହୁ ପ୍ରମୁଖ ବହୁ ବୁଦ୍ଧିଜୀବୀ, ସାମ୍ବାଦିକ, ସମାଜସେବୀ ଉପସ୍ଥିତ ଥିଲେ ।

# ଆଇନ ସଚେତନତା ଶିବିର ଅନୁଷ୍ଠିତ

**ଜୟପୁର (ଅମୃତ ମିଡିଆ) :** ଜିଲ୍ଲା ଶିକ୍ଷା ତାଲିମ ପ୍ରତିଷ୍ଠାନ ଜୟପୁର ଠାରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ଠାରେ ଆଜି ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟତ କୋର୍ଟ ନିୟମ ପାଇଁ ଓଡ଼ିଶା ହାଇକୋର୍ଟ ଭିଡିଓ କନଫରେନ୍ସିଂର ଲାଭ, ଯୌତୁମ ନିଷେଧ ଆଇନ, ଘରୋଇ ହିଂସା, ଏବଂ ଯୌତୁକ ନିଷେଧ ଆଇନ, ପ୍ରତ୍ୟେକ ଘରେ ତୃଣମୂଳ ସ୍ତରରେ ସୂଚନା ଏବଂ ସ୍ୱଚ୍ଛତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହାର ମୂଳ ଉଦ୍ଦେଶ୍ୟ ଏବଂ ବିଶାଖା ଏବଂ ଅନ୍ୟାନ୍ୟ ରାଜ୍ୟ ବନାମ ରାଜସ୍ଥାନ ଏବଂ ଅନ୍ୟାନ୍ୟ ରାଜ୍ୟ ପାଇଁ ରାୟ ଅଗଷ୍ଟ ୧୩, ୧୯୯୭ରେ ବିଚାରପତି ଜେ. ଏସ୍. ବର୍ମା, ସୁଜାତା ଭି. ମନୋହର ଏବଂ ବି. ଏନ. କିରପାଲଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଦ୍ୱାରା ଘୋଷଣା କରାଯାଇଥିଲା। ଏହା ଭାରତର ସୁପ୍ରିମକୋର୍ଟଙ୍କ ଦ୍ୱାରା ଏକ ଐତିହାସିକ ରାୟ ଯାହା କର୍ମଜୀବୀ ମହିଳାଙ୍କ ମୌଳିକ ଅଧିକାରକୁ କାର୍ଯ୍ୟକାରୀ କରେ। ରାଜସ୍ଥାନ ସରକାରଙ୍କ ସହିତ କାର୍ଯ୍ୟ କରୁଥିବା ରାଜସ୍ଥାନର ଏକ ଗ୍ରାମରେ ଜଣେ ସାମାଜିକ କର୍ମୀଙ୍କ ନିର୍ମମ ଗଣବଳାତ୍କାର ପରେ ଏହି ରିଟ୍ ପିଟିସନ୍ ଦାୟର କରାଯାଇଥିଲା। ଏହା ଭାରତରେ ମହିଳାମାନେ ସମ୍ମୁଖୀନ ହେଉଥିବା ଯୌନ ଉତ୍ପୀଡ଼ନ ଏବଂ ଆକ୍ରମଣର ବ୍ୟାପକ ପ୍ରସଙ୍ଗକୁ ଉଜ୍ଜ୍ୱଳ କରିଥିଲା। କର୍ମକ୍ଷେତ୍ରରେ ଯୌନ ଉତ୍ପୀଡ଼ନ ସମ୍ବନ୍ଧୀୟ ନିର୍ଦ୍ଦିଷ୍ଟ ଆଇନର ଅଭାବକୁ ଦୃଷ୍ଟିରେ ରଖି, ସୁପ୍ରିମକୋର୍ଟ ଯୌନ ଉତ୍ପୀଡ଼ନ ରୋକିବା, ଅଭିଯୋଗ ବ୍ୟବସ୍ଥା ସ୍ଥାପନ କରିବା ଏବଂ ମହିଳାମାନଙ୍କ ପାଇଁ ଏକ ସୁରକ୍ଷିତ କାର୍ଯ୍ୟ ପରିବେଶ ସୁନିର୍ଶ୍ଚିତ କରିବା ପାଇଁ ଏହି ଆଇନଗତ ଫାଙ୍କ ପୂରଣ କରିବା ପାଇଁ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିଥିଲେ - ଯେଉଁଥିରେ କାର୍ଯ୍ୟ, ଅବସର ଏବଂ ପରିଷ୍କାର ପରିଚ୍ଛନ୍ନତା ଅନ୍ତର୍ଭୁକ୍ତ। ଏହା ଭାରତୀୟ ସମ୍ବିଧାନର ଧାରା ୧୪ (ସମାନତାର ଅଧିକାର), ଧାରା ୨୧ (ଜୀବନ ଅଧିକାର ଏବଂ ବ୍ୟକ୍ତିଗତ ସ୍ୱାଧୀନତା) ଅନୁଯାୟୀ ଗ୍ୟାରେଣ୍ଟି ଦିଆଯାଇଥିବା କର୍ମଜୀବୀ ମହିଳାଙ୍କ ମୌଳିକ ଅଧିକାରକୁ କାର୍ଯ୍ୟକାରୀ କରିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ପ୍ରଣୟନ କରାଯାଇଥିବା ନିର୍ଦ୍ଦେଶ କୁ ପାଳନ କରି ପ୍ରତ୍ୟେକ କର୍ମକ୍ଷେତ୍ରରେ କମିଟି ଗଠନ କରିବାକୁ କହିଥିଲେ। ମଞ୍ଚାଚିନ ଅତିଥିଗଣ। ଏଥିରେ ମୁଖ୍ୟ ଅତୀଥୀ ଭାବରେ ଶ୍ରୀମତୀ ପ୍ରଦ୍ୟୋମୟୀ ସୁଜତା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଚିବ ତଥା ବିଚାରପତି ଯୋଗଦେଇଥିଲେ। ସମ୍ମାନୀୟ ଅତିଥି ଭାବରେ ଡ.ବି ଗାୟତ୍ରୀ ଦେବୀ ଅଧକ୍ଷା ଶିଶୁ କଲ୍ୟାଣ କମିଟି କୋରାପୁଟ, ଶ୍ରୀ ପି. ରମେଶ ପାତ୍ର ଓଡ଼ିଶା ରାଜ୍ୟ ବାର ପରିଷଦ ମେମ୍ବର, ଶ୍ରୀ ପ୍ରମୋଦ ଦାଶ ଚିଫ ଲିଗାଲ ଏଡ୍ ଡିଫେନ୍ସ କାଉନସେଲ, ଶ୍ରୀ ହରିଶ ଚନ୍ଦ୍ର ମୁଦୁଲି, ଶ୍ରୀ କେ.ଦିବାକର ରାଓ, ଡେପୁଟି ଲିଗାଲ ଏଡ୍ ଡିଫେନ୍ସ କାଉନସେଲ ଏବଂ ଜିଲ୍ଲା ଶିକ୍ଷା ତାଲିମ ପ୍ରତିଷ୍ଠାନ ର ଅଧକ୍ଷ୍ୟା ଶ୍ରୀମତି ମମତା କୁମାରୀ ଝଡିଆ ଯୋଗଦେଇଥିଲେ । ତାସହିତ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଛାତ୍ରଛାତ୍ରୀ ଏହି ସଚେତନତା ଶିବିର ରେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।



# ଭାଲୁ ରାମ୍ପିଦେଲା ଦୁଇଜଣଙ୍କୁ, ମେଡିକାଲରେ ଭର୍ତ୍ତି

**ନୀଳଗିରି (ଅମୃତ ମିଡିଆ) :** ଭାଲୁ, ହାତୀ ଲଢେଇରେ ମଣିଷ । କେତେ ବେଳେ ମଣିଷର ଜୀବନ ଯାଉଛି ତ ଆଉ କେତେ ବେଳେ ଭାଲୁ, ହାତୀର ଜୀବନ ଯାଉଛି । ଏଥିସହ ଜଙ୍ଗଲି ଜନ୍ତୁ ମାନଙ୍କର ଶିକାର ହୋଇ ମେଡିକାଲ ବେଡରେ ଖର୍ଚ୍ଚାନ୍ତ ହୋଇ ସର୍ବସାନ୍ତ ହେବାକୁ ପଡୁଥିବାର ନଜିର ରହିଛି । ଏପରିକି ଜୀବନ ସାରା ଗୋଟିଏ ଗୋଟିଏ ପରିବାରକୁ ଆଖିରୁ ଝରାଇବାକୁ ପଡୁଛି । ସୂଚନା ଥାଉକି ଭାଲୁ ଆକ୍ରମଣରେ ଦୁଇ ଗୁରୁତର ହୋଇଥିବାର ଦେଖିବାକୁ ମିଳିଛି । ଏବଂ ନୀଳଗିରି ମେଡିକାଲରେ ଭର୍ତ୍ତି ହୋଇଛନ୍ତି ।ନୀଳଗିରି ଥାନା ଅଧୀନ ଦ୍ୱାରିକା ଓ ଜୁରିଆପାଟଣା ଗ୍ରାମର ଘଟଣା। ବିଲକୁ ଯାଉଥିବା ସମୟରେ ଅଚାନକ ଆକ୍ରମଣ କରିଥିଲା ଭାଲୁ । ବିବରଣୀରୁ ପ୍ରକାଶ ଆଜି ଭୋର ସମୟରେ ଦ୍ୱାରିକା ଗ୍ରାମର ଦିଲ୍ଲିପ ବାରିକ ବିଲକୁ ଯାଉଥିବା ସମୟରେ ଅଚାନକ ଏକ ଭାଲୁ ପଛପଟୁ ଆକ୍ରମଣ କରି ତଳେ



ପକାଇ ଦେଇ ମୁହଁକୁ ଏବଂ ଦେହକୁ ଆକ୍ରମଣ କରି କ୍ଷତାକ୍ତ କରିଦେଇଥିଲା। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ଦିଲ୍ଲିପକୁ ଉଦ୍ଧାର କରି ନୀଳଗିରି ମେଡିକାଲକୁ ଆଣିଥିଲେ । ସେହିପରି ଜୁରିଆପାଟଣା ଗ୍ରାମର ସୁକାନ୍ତୀ ବେହେରା ଭୋର ସମୟରେ ଶୌଚ ହେବା ପାଇଁ ଗଡିଆକୁ ଯାଇଥିବା ସମୟରେ ତିନୋଟି ଭାଲୁ ତାଙ୍କୁ ଆକ୍ରମଣ କରିବାରୁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ପରେ ତାଙ୍କୁ ପରିବାର ଲୋକେ ଉଦ୍ଧାର ନୀଳଗିରି ମେଡିକାଲରେ ଭର୍ତ୍ତି କରିଥିଲେ । ସ୍ଥିତି ଗୁରୁତର ହେବାରୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । ଭାଲୁ ଓ ହାତୀକୁ ନେଇ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହୁଥିବାର କୁହାଯାଉଛି । ଭାଲୁ ଓ ହାତୀ ଆକ୍ରମଣ ନୀଳଗିରି ଅଞ୍ଚଳରେ ନିତିଦିନିଆ ଘଟଣା ହୋଇଯାଇଥିବା ବେଳେ ଜଙ୍ଗଲ ବିଭାଗର ବେପରୁଆ ମନୋଭାବ ଯୋଗୁଁ ବାରମ୍ବାର ଜଙ୍ଗଲି ଜନ୍ତୁଙ୍କ ପାଖରୁ ଶିକାର ହେବାକୁ ପଡୁଥିବାର ସାଧାରଣ ଜନତା ଅଭିଯୋଗ ଉଠାଇଛନ୍ତି ।

# ପୁଣି ଧସିଲା କାନୁପୁର କପର ଡ୍ୟାମ,ନିର୍ମାଣ ଗୁଣବତ୍ତାକୁ ନେଇ ପ୍ରଶ୍ନ

**ଯୋଡ଼ା (ଅମୃତ ମିଡିଆ) :** କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡ ରେ ଏହି ବୃହତ୍ ଡ୍ୟାମ । ଲଘୁଚାପଜନିତ ଲଗାଣ ବର୍ଷା ପ୍ରଭାବରେ ପୁଣି ଧସିଛି କାନୁପୁର ବୃହତ୍ ଜଳସେଚନ ପ୍ରକଳ୍ପର ମାଟି ବନ୍ଧ (କପର ଡ୍ୟାମ) । ମାଟି ବନ୍ଧ ଧସିବା ଘଟଣା ସାମ୍ନାକୁ ଆସିବା ପରେ ପ୍ରକଳ୍ପ ବନ୍ଧର ସ୍ଥାୟୀତ୍ୱ ଓ ନିର୍ମାଣ ଗୁଣବତ୍ତାକୁ ନେଇ ପୁଣିଥରେ ପ୍ରଶ୍ନ ଉଠିଛି । ଘଟଣା ସମ୍ପର୍କରେ ଖବର ପାଇବା ପରେ ପ୍ରକଳ୍ପ ବିଭାଗର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ବନ୍ଧ ଧସିଥିବା ଅଞ୍ଚଳକୁ ନିରୀକ୍ଷଣ କରିଛନ୍ତି । ବର୍ଷା ଯୋଗୁଁ ମାଟି ଦୁର୍ବଳ ହୋଇ ଏପରି ଧସିଛି ନା ନିର୍ମାଣ କାର୍ଯ୍ୟରେ କୌଣସି ତ୍ରୁଟି ରହିଛି କିମ୍ବା ଅନ୍ୟ କୌଣସି କାରଣରୁ ଏମିତି ଘଟିଛି ସେନେଇ ଯାଞ୍ଚ କରାଯାଉଥିବା ଜଣାପଡ଼ିଛି । ସୂଚନା ଅନୁସାରେ, ଗତବର୍ଷ ମଧ ଲଗାଣ ବର୍ଷା ସମୟରେ ପ୍ରକଳ୍ପରେ ମାଟି



ବନ୍ଧ ଧସିବା ଭଳି ସମାନ ଘଟଣା ଘଟିଥିଲା । ଏହାପରେ ବନ୍ଧ ଧସିଥିବା ଅଂଶକୁ ମରାମତି କରାଯାଇଥିଲା । କିଛିଦିନ ପୂର୍ବେ ମରାମତି କାର୍ଯ୍ୟ ହୋଇଥିବା ସତ୍ତ୍ୱେ ପୁଣି ଥରେ ଅନ୍ୟ ଏକ ଯାଗାରେ ମାଟି ବନ୍ଧ ଧସିବା ଘଟଣା ପ୍ରକଳ୍ପର ସ୍ଥାୟୀତ୍ୱକୁ ନେଇ ଚିନ୍ତା ବଢ଼ାଇଛି । ବର୍ଷା ଆସିଲେ ବନ୍ଧ ଧସିବା ଓ ପରେ ମରାମତି କରାଯିବା ଏହି ଧାରାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ମଧ ଅସନ୍ତୋଷ ଦେଖାଦେଇଛି । ବନ୍ଧ ନିର୍ମାଣ ସମୟରେ ମାଟିର ଗୁଣବତ୍ତା, ମାଟି ପକାଇବା ଓ ଦବାଇବା ପ୍ରକ୍ରିୟା, ଜଳ ନିଷ୍କାସନ ବ୍ୟବସ୍ଥା ଏବଂ ଆବଶ୍ୟକ ପ୍ରାଯୁକ୍ତିକ ମାନଦଣ୍ଡ ପାଳନ କରାଯାଇଛି କି ନାହିଁ ତାହା ନେଇ ସ୍ୱଚ୍ଛ ତଦନ୍ତର ଆବଶ୍ୟକତା ରହିଛି । ନଚେତ ଆଗାମୀ ଦିନରେ ଅଧିକ ବର୍ଷା ହେଲେ ପରିସ୍ଥିତି ଆହୁରି ଜଟିଳ ହେବାର ଆଶଙ୍କା ରହିଛି । କାନୁପୁର ବୃହତ୍ ଜଳସେଚନ ପ୍ରକଳ୍ପ ଅଞ୍ଚଳବାସୀଙ୍କ ପାଇଁ ଏକ ବୃହତ୍ ଓ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ । ତେଣୁ ଏହାର ବନ୍ଧ ନିର୍ମାଣ ଗୁଣବତ୍ତା ଓ ସୁରକ୍ଷାକୁ ନେଇ କୌଣସି ପ୍ରକାର ଅବହେଳାର ଗ୍ରହଣ ଯୋଗ୍ୟ ନୁହେଁ । ବାରମ୍ବାର ବନ୍ଧ ଧସିବା ଘଟଣାର ବୈଜ୍ଞାନିକ ଓ ପ୍ରାଯୁକ୍ତିକ ଯାଞ୍ଚ କରାଯାଇ ଦାୟିତ୍ୱ ନିର୍ଦ୍ଧାରଣ ସହ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରାଯିବାକୁ ଦାବି ହେଉଛି । ଏହି ଘଟଣା ପରେ ପ୍ରକଳ୍ପ ଅଧିକାରୀଙ୍କ ଚିନ୍ତା ବଢ଼ିଥିବା ବେଳେ ବନ୍ଧର ଦୀର୍ଘସ୍ଥାୟୀ ସୁରକ୍ଷାକୁ ନେଇ ଏବେ ସମସ୍ତଙ୍କ ନଜର ରହିଛି ।

# ଫୁଲବାଣୀ ଠାରେ ବହୁ ଆଡମ୍ବରରେ ହର୍ ଘର୍ ତ୍ରିରଙ୍ଗା

**ଫୁଲବାଣୀ (ଅମୃତ ମିଡିଆ) :** ସ୍ୱାଧୀନତା ଦିବସ ୨୦୨୬ ଅବସରରେ 'ହର ଘର ତ୍ରିରଙ୍ଗା-୨୦୨୬' କାର୍ଯ୍ୟକ୍ରମ ବହୁ ଆଡ଼ମ୍ବରପୂର୍ଣ୍ଣ ଭାବେ ଆଜି ପାଳନ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ବହୁ ସମାରୋହ ରେ ହେବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତି ଗ୍ରହଣ କରାଯାଇଥିଲା। ଆଜି ଅଗଷ୍ଟ ୧୩ ତାରିଖ ସକାଳ ୭:୩୦ ଘଟିକାରେ ଫୁଲବାଣୀର କୋରୋନେସନ ପଡ଼ିଆରୁ ଏକ ବିଶାଳ 'ତ୍ରିରଙ୍ଗା ବାଇକ୍ ଓ ସାଇକେଲ୍ ରାଲି'ର ଶୁଭାରମ୍ଭ ହୋଇଥିଲା। ଏହି ବାଇକ୍ ଓ ସାଇକେଲ ରାଲିର ପ୍ରାରମ୍ଭରେ ଦେଶଭକ୍ତି ଓ ଜାତୀୟ ଏକତାର ଭାବନା ଜାଗ୍ରତ କରିବା ପାଇଁ ସମବେତ କଣ୍ଠରେ 'ବନ୍ଦେ ମାତରମ୍' ଗାନ କରାଯାଇଥିଲା। ଏହି ରାଲି ଶୋଭାଯାତ୍ରା ରେ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ



ଦେଇ ସାଇକେଲ ଓ ବାଇକ୍ ରାଲି ଶୋଭାଯାତ୍ରା କୁ ଉଦ୍ଘାଟନ କରିଥିଲେ । ଏହି ବାଇକ୍ ରାଲି ସ୍ଥାନୀୟ କୋରୋନେସନ ପଡ଼ିଆରୁ ବାହାରି ଗୋପବନ୍ଧୁ ଛକ, ବିଜୁ ପଟ୍ଟନାୟକ ଛକ, ମାଦିକୁନ୍ଦା ଛକ, ଗାନ୍ଧୀ ଛକ, ବସ୍ ଷ୍ଟାଣ୍ଡ, ଫୁଲବାଣୀ ସାହି ଛକ, ଜଗନ୍ନାଥ ମନ୍ଦିର ଛକ, କୋର୍ଟ ଛକ ଏବଂ ଗୋପବନ୍ଧୁ ଛକ ହୋଇ ପୁନର୍ବାର କୋରୋନେସନ ପଡ଼ିଆଠାରେ ପହଞ୍ଚି ଥିଲା। ଏହି ରାଲି ରେ ଜିଲ୍ଲା ପ୍ରଶାସନ ପକ୍ଷରୁ କନ୍ଧମାଳ ଜିଲ୍ଲାପାଳ ବେଦ ଭୂଷଣ ଓ କନ୍ଧମାଳ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାମେନ୍ଦ୍ର ପ୍ରସାଦ ଜାତୀୟ ପତାକା ଖୋଚିତ ସାଇକେଲ ଚଳାଇ ଦେଶଭକ୍ତି ଭାବନା ପ୍ରତିପାଦିତ କରିଥିଲେ। ଜିଲ୍ଲାପାଳ ଓ ଏସ୍ ପି ସାଇକେଲ ଚଳାଇ ରାଲି ଶୋଭାଯାତ୍ରା ରେ ଯାଇ ସହର ପରିକ୍ରମା କରିଥିଲେ। ଏହି ଦେଶ ଭକ୍ତି କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାୟକ, ପି ଡି ଡି ଆର୍ ଡି ଏ ସମ୍ଭୁନାଥ ନନ୍ଦୀ, ପି ଡି ଡୁଡ଼ା ପ୍ରବୀଣ କୁମାର ବାଣୁଆ, ଉପ ଜିଲ୍ଲାପାଳ ଭିକାରୀ ସାହୁ, ମ୍ୟୁନିସିପାଲଟି ନିର୍ବାହୀ ଅଧିକାରୀ ସମରେଶ ମହାନ୍ତି, ଙ୍କ ସମେତ ଏସ ଡି ସି ଅଧ୍ୟକ୍ଷ ମାନ ଗୋବିନ୍ଦ ପ୍ରଧାନ, ଓକିଲ ସଂଘ ସଭାପତି ଭଗବାନ ମହାନ୍ତି, ପ୍ରେସ କ୍ଲବ ସଭାପତି ସୁନୀଲ ପଟ୍ଟନାୟକ ଙ୍କ ସମେତ ବହୁ ବରିଷ୍ଠ ନାଗରିକ, ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ, ବୁଦ୍ଧିଜୀବି କ୍ରୀଡାବିତ, ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ । ଜିଲ୍ଲା କ୍ରୀଡା ଅଧିକାରୀ ସମୀର ନାୟକ ଓ ଜିଲ୍ଲା ସଂସ୍କୃତି ଓ ସୁଚନା ଅଧିକାରୀ ନଳିନୀ କୁମାର ସାହୁ, ସାମ୍ବାଦିକ ଅଶୋକ ମହାନ୍ତି କାର୍ଯ୍ୟ କ୍ରମ କୁ ସୁଚାରୁରୂପେ ପରିଚାଳନା କରିଥିଲେ।

## ଚିକିତ୍ସା ପାଇଁ ଅର୍ଥ ବାଧକ,ବିକିଦେଲେ ୨ ଏକର ଜମି

# ଦୁର୍ଘଟଣାଗ୍ରସ୍ତ ଶାନ୍ତନୁଙ୍କ ଜୀବନ ବଞ୍ଚାଇବାକୁ ସହାୟତା ଲୋଡ଼ିଲେ ପରିବାର

**ଧୂଷୁରୀ (ଅମୃତ ମିଡିଆ):** ପରିବାରର ଆର୍ଥିକ ଅବସ୍ଥା ସୁଧାରିବା ଆଶାରେ ବେଙ୍ଗାଲୁରୁ ଯାଇଥିବା ଧାମନଗର ବ୍ଲକ ରଇପୁର ପଞ୍ଚାୟତ କାଠମୁଣ୍ଡା ଉଆସଡିହି ଗ୍ରାମର ଶାନ୍ତନୁ କୁମାର ରାଉତ (୨୨) ଏବେ ଜୀବନ ସହ ସଂଘର୍ଷ କରୁଛନ୍ତି। ଦୁର୍ଘଟଣା ପରେ ଗୁରୁତର ଅବସ୍ଥାରେ ଥିବା ପୁଅର ଚିକିତ୍ସା ପାଇଁ ପରିବାର ଦୁଇ ଏକର ଜମି ବିକ୍ରି କରିସାରିଥିବାବେଳେ ଏବେ ଆଉ ଅର୍ଥ ଯୋଗାଡ଼ କରିବା ସମ୍ଭବ ହେଉନାହିଁ। ପ୍ରମୋଦ କୁମାର ରାଉତ ଓ ପଦ୍ମିନୀ ରାଉତଙ୍କ ପୁଅ ଶାନ୍ତନୁ ପ୍ରାୟ ୩ ବର୍ଷ ହେଲା ବେଙ୍ଗାଲୁରୁରେ ରହି ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ବଡ଼ଭାଇ ପ୍ରଶାନ୍ତଙ୍କ ସହ ମିଶି କାମ କରି ପରିବାରର ଆର୍ଥିକ ବୋଝ କମାଉଥିଲେ। ତେବେ ଜୁଲାଇ ୨୬ରେ କମ୍ପାନୀ କାମରେ ବାହାରକୁ ଯାଇଥିବା ସମୟରେ ସେ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ ।ଘଟଣା ପରେ ଜଣେ ପରିଚିତ ବ୍ୟକ୍ତି ରାସ୍ତାରେ ଶାନ୍ତନୁଙ୍କୁ ଗୁରୁତର ଅବସ୍ଥାରେ ଦେଖି ତାଙ୍କ ଭାଇଙ୍କୁ



ଖବର ଦେଇଥିଲେ। ପ୍ରଶାନ୍ତ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଶାନ୍ତନୁଙ୍କ ବ୍ରେନ୍ ଅପରେସନ୍କରାଯାଇଥିଲା। ଏଥିରେ ପ୍ରାୟ ୯ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ପରବର୍ତ୍ତୀ ଚିକିତ୍ସା ପାଇଁ ଦୈନିକ ପ୍ରାୟ ୧ ଲକ୍ଷ ଟଙ୍କା ଆବଶ୍ୟକ ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଥିଲା ।ଏତେ ଅର୍ଥ ଯୋଗାଡ଼ କରିବା ସମ୍ଭବ ନ ହେବାରୁ ୩ ଦିନ ପରେ ତାଙ୍କୁ ଭୁବନେଶ୍ୱରର ଅନ୍ୟ ଏକ ଘରୋଇ ହସ୍ପିଟାଲକୁ ଅଣାଯାଇ ବର୍ତ୍ତମାନ ଚିକିତ୍ସା କରାଯାଉଛି। ଏପର୍ଯ୍ୟନ୍ତ ଚିକିତ୍ସା ବାବଦରେ ୧୬ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇସାରିଛି । ଆୟୁଷ୍ମାନ କାର୍ଡରେ ମିଳୁଥିବା ନିଶୁଳ୍କ ଚିକିତ୍ସା ସୁବିଧାର ଅବଧି ମଧ ଶେଷ ହେବାକୁ ବସିଛି ।ପୁଅର ଚିକିତ୍ସା ପାଇଁ ଦୁଇ ଏକର ଜମି ବିକ୍ରି କରିଦେଇଥିବା ପରିବାର ଏବେ ନିଃସ୍ୱ ହୋଇପଡ଼ିଛି । ଏଭଳି ସ୍ଥିତିରେ ଶାନ୍ତନୁଙ୍କ ଚିକିତ୍ସା ଜାରି ରଖିବା ପାଇଁ ଭଦ୍ରକ ଜିଲାପାଳଙ୍କ ନିକଟରେ ଜିଲା ରେଡକ୍ରସ ପାଣ୍ଠିରୁ ସହାୟତା ପାଇଁ ପରିବାର ନିବେଦନ କରିଛି । ଏଥିସହ ସହୃଦୟ ବ୍ୟକ୍ତି, ବିଭିନ୍ନ ସଂଗଠନ ଓ ସ୍ୱେଚ୍ଛାସେବୀଙ୍କୁ ଶାନ୍ତନୁଙ୍କ ଚିକିତ୍ସା ପାଇଁ ଆର୍ଥିକ ସହଯୋଗ କରିବାକୁ ପରିବାର ଅନୁରୋଧ କରିଛି ।ସହାୟତା ପାଇଁ ପରିବାର ପକ୍ଷରୁ ଫୋନ୍‌ପେ/ ଗୁଗଲ୍‌ପେ ନମ୍ବର ୯୩୪୮୩୧୪୧୯୮ ଏବଂ ପ୍ରଶାନ୍ତ କୁମାର ରାଉତଙ୍କ ବ୍ୟାଙ୍କ ଆକାଉଣ୍ଟ ନମ୍ବର ୩୭୨୮୫୮୩୯୨୪, ଆଇଏଫ୍‌ଏସ୍‌ସି SBIN୦୦୧୩୫୮୭ ଦିଆଯାଇଛି ।

# ଏନଏସି ତରଫରୁ ତ୍ରିରଙ୍ଗା ଶୋଭାଯାତ୍ରା

**ଆଠମଲ୍ଲିକ (ଅମୃତ ମିଡିଆ) :** ଏନ ଏ ସି ତରଫରୁ ଏକ ବିଶାଳ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥିଲା । ତ୍ରିରଙ୍ଗା ଯାତ୍ରା କୁ ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା ଓ ସାଂସଦଙ୍କ ପ୍ରତିନିଧି ସନ୍ତୋଷ କୁମାର ହୋତା ପତାକା ହଲାଇ ତ୍ରିରଙ୍ଗା ଯାତ୍ରାର ଶୁଭାରମ୍ଭ କରିଥିଲେ । ଏହି ତ୍ରିରଙ୍ଗା ଯାତ୍ରାରେ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, ତହସିଲଦାର ପ୍ରସନ୍ନ ଟେଟେ, ଏନ ଏ ସି ଅଧ୍ୟକ୍ଷା ଆଶା କୁମାରୀ ସାହୁ, ଏନ ସି ସି କ୍ୟାଡେଟ, ଆଇ ଟି ଆଇ ଛାତ୍ର, ସଫେଇ କର୍ମଚାରୀ ଓ ଜନସାଧାରଣ ସାମିଲ ହୋଇଥିଲେ । ତ୍ରିରଙ୍ଗା



ଯାତ୍ରା ଗାନ୍ଧୀ ଛକ ନିକଟ ରୁ ବାହାରି ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖ, ପଶୁ ଡାକ୍ତର ଖାନା, , ଆଠମଲ୍ଲିକ ଧଳ ପୁର ରାସ୍ତାଦେଇ ସେତୁ ପର୍ଯ୍ୟନ୍ତ ଯାଇଥିଲା । ଏହି ତ୍ରିରଙ୍ଗା ଯାତ୍ରା ରେ ସମସ୍ତେ ଜାତୀୟ ପତାକା ଧରିବା ସହିତ ଏକ ଶହ ଫୁଟ ଲମ୍ବ ର ଜାତୀୟ ପତାକା କୁ ଧରି ଯାତ୍ରା ରେ ସାମିଲ ହେବା ଦୃଶ୍ୟ ବହୁ ଆକର୍ଷଣୀୟ ଥିଲା । ଅନ୍ୟ ମାନଙ୍କ ମଧ୍ୟରେ ଯୁବ ନେତା ପିନା ପାଣିଗ୍ରାହୀ, ନୂତନ ବେହେରା,ଭବାନୀ ପ୍ରସାଦ ଜ୍ୟୋତିଷରାୟ, ଦୁର୍ଗା ପ୍ରସାଦ ଜ୍ୟୋତିଷ ରାୟ, ଭୁଜଙ୍ଗ ଭୂଷଣ ଶତପଥି, ଅନୁପମା ତ୍ରିପାଠୀ, ଶୈଳ ବାଳା ଅମାନ୍ତ, ତ୍ରିଜୀବ ତ୍ରିପାଠୀ, ବିଜୟ ପାତ୍ର, ରାଜେଶ ମିଶ୍ର, ସତ୍ୟ ବ୍ରତ ନାଏକ, ସତ୍ୟ ନାରାୟଣ ସାହୁ,ଅବନୀ କୁମାର ପ୍ରଧାନ, ବୁଲ ବୁଲ ସିଂ, ବିଜୟ ପାତ୍ର,ଙ୍କ ସମେତ ବହୁ ଜନସାଧାରଣ ସାମିଲ ହୋଇଥିଲେ ।

# କଣ୍ଠଶିଳ୍ପୀ ସୁଶ୍ରୀ ଜ୍ୟୋତିର୍ମୟୀ ନାୟକଙ୍କୁ ସମ୍ବର୍ଦ୍ଧନା

**ବାଲିଅନ୍ତା (ଅମୃତ ମିଡିଆ) :** ପୂର୍ବତନ ଖାଦି ଓ ଗ୍ରାମଦ୍ୟୋଗ ବୋର୍ଡ ର ଅଧକ୍ଷ ଶ୍ରୀ ସଂଗ୍ରାମ କେଶରୀ ପାଇକରାୟ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଇଣ୍ଡିଆନ ଆଇଡଲ ସିଜିନ୍ ୧୬ର ବିଜେତା, ଓଡ଼ିଆ ଝିଅ ତଥା ଓଡ଼ିଶାର ଗର୍ବ ଗୌରବ କଣ୍ଠଶିଳ୍ପୀ ସୁଶ୍ରୀ ଜ୍ୟୋତିର୍ମୟୀ ନାୟକ ଙ୍କୁ ସମ୍ବର୍ଦ୍ଧନା କରିବା ସହିତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।



## ଟେଣ୍ଡର ସର୍ତ୍ତକୁ ଫୁ, ଭୋଗରେ ମନମାନୀ

# ହରିଶଙ୍କରରେ ୮୦ ଟଙ୍କାର ଭୋଗକୁ ନେଇ ପ୍ରଶ୍ନ



## ନିୟମ ଥିଲେ ବି ମାନୁନାହାନ୍ତି ଠିକାଦାର !

**ଖପ୍ରାଖୋଲ (ଅମୃତ ମିଡିଆ) :** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକର ପ୍ରସିଦ୍ଧ ଶୈବପୀଠ ହରିଶଙ୍କରକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ଅନ୍ନ ଭୋଗ ବଣ୍ଟନ କେନ୍ଦ୍ରର ଭୋଗର ଗୁଣବତ୍ତାକୁ ନେଇ ଏବେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଭକ୍ତଙ୍କଠାରୁ ସାଧାରଣ ଭୋଗ ପାଇଁ ୮୦ ଟଙ୍କା ଓ ସ୍ପେସିଆଲ ଭୋଗ ପାଇଁ ୧୨୦ ଟଙ୍କା ଆଦାୟ କରାଯାଉଥିଲେ ମଧ ଭୋଗର ମାନ ଆଶାନୁରୂପ ନଥିବା ଅଭିଯୋଗ ହୋଇଛି। ସବୁଠାରୁ ଗମ୍ଭୀର କଥା ହେଉଛି, ଭୋଗର ଗୁଣବତ୍ତା ବଜାୟ ରଖିବା ପାଇଁ ଟେଣ୍ଡରରେ ନିଜେ ସ୍ପଷ୍ଟ ସର୍ତ୍ତାବଳୀ ରହିଛି। ଟେଣ୍ଡର ସର୍ତ୍ତ ଅନୁଯାୟୀ ଅନ୍ନ ଭୋଗର ଭାତ ପାଇଁ ସରୁ ଅରୁଆ ଚାଉଳ, ଏଚ୍‌ଏମ୍‌ଟି କିମ୍ବା ବିପିଟି ଚାଉଳ ବ୍ୟବହାର କରିବାକୁ ଥିବାବେଳେ ଖିରୀ ପାଇଁ ବାସମତୀ ଚାଉଳ ବ୍ୟବହାର କରିବାର ବ୍ୟବସ୍ଥା ରହିଛି। ଏହା ସହ ଭୋଗର ସାମଗ୍ରୀ ଓ ଗୁଣବତ୍ତା ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ରଖିବା ଟେଣ୍ଡରର ଅଂଶ ବୋଲି ଜଣାପଡ଼ିଛି। କିନ୍ତୁ ପ୍ରଶ୍ନ ହେଉଛି କାଗଜରେ ଏତେ ସ୍ପଷ୍ଟ ନିୟମ ଥିବା ସତ୍ତ୍ୱେ ତାହା ପାଳନ ହେଉଛି କି ? ଶ୍ରଦ୍ଧାଳୁଙ୍କ ଅଭିଯୋଗ ଯଦି ସତ ହୁଏ, ତେବେ ଟେଣ୍ଡର ସର୍ତ୍ତକୁ ଅଣଦେଖା କରି ମନମୁଖୀ ଭାବେ ଭୋଗ ପ୍ରସ୍ତୁତ ଓ ବଣ୍ଟନ କରାଯାଉଛି କି ନାହିଁ, ସେନେଇ ତଦନ୍ତର ଆବଶ୍ୟକତା ରହିଛି। ଟେଣ୍ଡର କେବଳ ଟଙ୍କା ଦେଇ କାମ ନେବାର ଲାଇସେନ୍ସ ନୁହେଁ; ଟେଣ୍ଡରରେ ଥିବା ପ୍ରତ୍ୟେକ ସର୍ତ୍ତ ପାଳନ କରିବା ମଧ ଠିକାଦାରଙ୍କ ଦାୟିତ୍ୱ। ଯଦି ନିର୍ଦ୍ଧାରିତ ମାନର ଚାଉଳ ବ୍ୟବହାର କରିବାକୁ ସର୍ତ୍ତ ରହିଛି, ତେବେ ତାହାର ଯାଞ୍ଚ କିଏ କରୁଛି ? ଭୋଗ ପାଇଁ କିଣାଯାଉଥିବା ଚାଉଳର ବିଲ୍, ଷ୍ଟକ୍ ରେଜିଷ୍ଟର ଓ ବ୍ୟବହାରର ହିସାବ ଯାଞ୍ଚ ହେଉଛି କି ? ଯଦି ନାହିଁ, ତେବେ ନିୟମ ତିଆରି କରିବାର ଅର୍ଥ କ'ଣ ? ଅଭିଯୋଗ ଅନୁଯାୟୀ, ସାଧାରଣ ଭକ୍ତଙ୍କ ପାଇଁ ଭୋଗର ମାନ ନେଇ ପ୍ରଶ୍ନ ଉଠୁଥିବା ବେଳେ କୌଣସି ସରକାରୀ କାର୍ଯ୍ୟକ୍ରମ ସମୟରେ ଭୋଗର ମାନ ହଠାତ୍ ବଢ଼ିଯାଏ। ଯଦି ଏହି ଅଭିଯୋଗରେ ସତ୍ୟତା ରହିଛି, ତେବେ ଏହା ପ୍ରଶାସନିକ ନିରୀକ୍ଷଣ ବ୍ୟବସ୍ଥା ଉପରେ ମଧ ବଡ଼ ପ୍ରଶ୍ନଚିହ୍ନ। ଭକ୍ତଙ୍କ ଟଙ୍କାରେ ଚାଲୁଥିବା ଭୋଗ ବ୍ୟବସ୍ଥାରେ 'ଅଧିକାରୀଙ୍କ ପାଇଁ ଅଲଗା ମାନ, ସାଧାରଣ ଭକ୍ତଙ୍କ ପାଇଁ ଅଲଗା ମାନ' ଭଳି ଅଭିଯୋଗ ଯଦି ସତ, ତେବେ ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ହରିଶଙ୍କର ଭଳି ଏକ ପବିତ୍ର ଧାର୍ମିକ ପୀଠରେ ପ୍ରସାଦର ଗୁଣବତ୍ତା ସହ କୌଣସି ପ୍ରକାର ସାଲିସ ହେବା ଉଚିତ ନୁହେଁ। ଏହି ସମଗ୍ର ଘଟଣାରେ ଦେବୋତ୍ତର ବିଭାଗର ନିରୀକ୍ଷଣ ବ୍ୟବସ୍ଥାକୁ ନେଇ ମଧ ପ୍ରଶ୍ନ ଉଠିଛି। ଟେଣ୍ଡର ସର୍ତ୍ତ ଉଲ୍ଲଂଘନ ହେଉଛି କି ନାହିଁ, ଭୋଗର ମାନ ଯାଞ୍ଚ ହେଉଛି କି ନାହିଁ ଏବଂ ଶ୍ରଦ୍ଧାଳୁଙ୍କଠାରୁ ନିଆଯାଉଥିବା ଟଙ୍କା ଅନୁଯାୟୀ ନିର୍ଦ୍ଧାରିତ ମାନର ଭୋଗ ଦିଆଯାଉଛି କି ନାହିଁ ଏସବୁର ଉତ୍ତର ଦେବୋତ୍ତର ବିଭାଗକୁ ଦେବାକୁ ପଡ଼ିବ। ଏନେଇ ଉପଜିଲ୍ଲାପାଳ ତଥା ଦେବୋତ୍ତର ବିଭାଗର କାର୍ଯ୍ୟନିର୍ବାହୀ ଅଧିକାରୀ ସୁନୀଲ ମେହେରଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ ଯୋଗାଯୋଗ ସମ୍ଭବ ହୋଇପାରିନଥିଲା। ତାଙ୍କ ପ୍ରତିକ୍ରିୟା ମିଳିପାରିନଥିବାରୁ ଏହି ଅଭିଯୋଗ ଉପରେ ବିଭାଗର ପକ୍ଷ କ'ଣ, ତାହା ସ୍ପଷ୍ଟ ହୋଇପାରିନାହିଁ। ଏବେ ଦେବୋତ୍ତର ବିଭାଗ ତୁରନ୍ତ ଭୋଗ କେନ୍ଦ୍ରରେ ଯାଞ୍ଚ କରି ଟେଣ୍ଡରରେ ଉଲ୍ଲେଖିତ ଚାଉଳ ବ୍ୟବହାର ହେଉଛି କି ନାହିଁ, ଭୋଗର ମାନ ଓ ପରିମାଣ ଠିକ୍ ଅଛି କି ନାହିଁ ଏବଂ ଟେଣ୍ଡର ସର୍ତ୍ତ ପାଳନ ହେଉଛି କି ନାହିଁ, ତାହା ଯାଞ୍ଚ କରିବା ଆବଶ୍ୟକ। କାରଣ ହରିଶଙ୍କରର ଭୋଗ କୌଣସି ସାଧାରଣ ହୋଟେଲର ଖାଦ୍ୟ ନୁହେଁ ଏହା ଭକ୍ତଙ୍କ ପାଇଁ ପ୍ରସାଦ। ଟେଣ୍ଡରରେ ନିୟମ ଲେଖିଦେଇ ତାହାକୁ ମାନିବାକୁ ଛାଡ଼ିଦେଲେ, ତେବେ ନିୟମ ରହିବ କାଗଜରେ ଏବଂ ମନମାନି ଚାଲିବ ଭୋଗ କେନ୍ଦ୍ରରେ। ଏହାକୁ ରୋକିବାର ଦାୟିତ୍ୱ କାହାର ଏବେ ସେହି ପ୍ରଶ୍ନ ହିଁ ସବୁଠାରୁ ବଡ଼। ଭଗବାନଙ୍କ ପ୍ରସାଦରେ ମଧ ଯଦି 'ସାଧାରଣ' ଓ 'ବିଶେଷ' ମାନର ମାପଦଣ୍ଡ ଭିନ୍ନ ହୁଏ, ତେବେ ଏହା ନିଶ୍ଚିତ ଭାବେ ଆସ୍ଥା ଉପରେ ଆଘାତ। ଦେବୋତ୍ତର ବିଭାଗ ଏହି ଅଭିଯୋଗକୁ ଗୁରୁତ୍ୱର ସହ ନେଇ ତଦନ୍ତ କରିବ କି, ନା ଅଭିଯୋଗର ଫାଇଲ ମଧ ଅନ୍ୟାନ୍ୟ ଅଭିଯୋଗ ଭଳି ଧୂଳି ଖାଇବ ଏବେ ତାହା ଦେଖିବାକୁ ବାକି।

## କିସ୍ ଆବାସିକ ବିଦ୍ୟାଳୟରେ ନିଶାମୁକ୍ତ ଭାରତ କାର୍ଯ୍ୟକ୍ରମ




**କଳାହାଣ୍ଡି (ଅମୃତ ମିଡ଼ିଆ) :** କିସ୍ ଆବାସିକ ବିଦ୍ୟାଳୟ ବାଦିଲି କଳାହାଣ୍ଡି ପରିସରରେ ଭାରତ ସରକାରଙ୍କ 'ନିଶାମୁକ୍ତ ଭାରତ 'କାର୍ଯ୍ୟକ୍ରମ ବ୍ରହ୍ମକୁମାରିଜ୍ ସଂଗଠନ ଭବାନୀପାଟଣା,କଳାହାଣ୍ଡି ତରଫରୁ ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବରେ ବ୍ରହ୍ମାକୁମାରୀ ଭବାନୀପାଣାର ମୁଖ୍ୟ ସଂଚାଳିକା ଶଶି ଭଉଣୀ, ବି.କେ ଦୁଲ୍ହଣୀ ଭଉଣୀ,ବି.କେ ଡ. ଜୟନ୍ତୀ ଭଉଣୀ, ବି.କେ ବିକାଶ ଭାଇ,ଶ୍ରୀଯୁକ୍ତ ମହେନ୍ଦ୍ର କୁମାର ପଣ୍ଡା, ଅବସର ପ୍ରାପ୍ତ ଶାରୀରିକ ଶିକ୍ଷା ଅଧିକାରୀ କଳାହାଣ୍ଡି, ତଥା କ୍ରୀଡା ଭାରତୀର ଅଧକ୍ଷ ପ. ଓଡ଼ିଶା, ପ୍ରଧାନ ଶିକ୍ଷୟତ୍ରୀ ସୁନୀତା ପଣ୍ଡା, କିସ୍ କଳାହାଣ୍ଡିର ଉପ କାର୍ଯ୍ୟ ନିର୍ବାହୀ ଦୁଷ୍ମନ୍ତ କୁମାର ପଧାନଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ। ପ୍ରଥମେ ଅତିଥିମାନଙ୍କୁ ବୃକ୍ଷ ଓ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଅର୍ପଣ ପରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀଙ୍କ ସ୍ୱାଗତ ଅଭିଭାଷଣ ପରେ ମୁଖ୍ୟବକ୍ତା ବି.କେ ଶଶି ଭଉଣୀ ପିଲାଙ୍କୁ ନୀତି, ଆଦର୍ଶ ଓ ଶୃଙ୍ଖଳିତ ଜୀବନ ମଣିଷକୁ କେମିତି ସୁନ୍ଦର ଭାବରେ ଗଢ଼ିଥାଏ ଓ କେଉଁ ନିଶା ଗ୍ରହଣୀୟ ଓ କାହାକୁ ପରିତ୍ୟକ୍ତ କରିବା ସେ ବିଷୟରେ ଆଲୋଚନା କରିବା ସହ ୨ ମିନିଟର କ୍ରିୟାତ୍ମକ ଧ୍ୟାନ କରାଯାଇଥିଲା ଏହା ମାଧ୍ୟମରେ ମନକୁ ପରିବର୍ତ୍ତନ କରାଯାଇପାରିବ ବୋଲି ସୁନ୍ଦର ବକ୍ତବ୍ୟ ରଖିଥିଲେ। ପରେ ଡ. ଜୟନ୍ତୀ ଭଉଣୀ ନିଶା ସେବନର ଦୁଷ୍ପରିଣାମ ବିଷୟରେ ଅବଗତ କରାଇଥିଲେ। ଅତିଥି ମହେନ୍ଦ୍ର କୁମାର ପଣ୍ଡା ମଧ ନିଶାସେବନର କୁପରିଣାମ ସହ ଏକ ସୁସ୍ଥ ସମାଜ ଗଠନ ଦିଗରେ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଉପସ୍ଥିତ ସମସ୍ତଙ୍କୁ ନିଶାମୁକ୍ତ ଦେଶ ଗଠନ ପାଇଁ ପ୍ରତିଜ୍ଞା ମଧ କରାଯାଇଥିଲା। ଏ କାର୍ଯ୍ୟକ୍ରମକୁ ଶିକ୍ଷକ କ୍ଷୀରସିନ୍ଧୁ ସାହୁ ପରିଚାଳନା କରିଥିଲେ। ଅନୁଷ୍ଠାନର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ କିସ୍ ଅନୁଷ୍ଠାନର ଆସିଷ୍ଟାଣ୍ଟ ସିଇଓ ଦୁଷ୍ମନ୍ତ କୁମାର ପଧନ କିସ୍‌ର ବିଚାରଧାରା ଓ ଡ. ଅଚ୍ୟୁତ ସାମନ୍ତଙ୍କ ବିଚାର ଧାରା କେମିତି ହଜାର ହଜାର ଛାତ୍ରଛାତ୍ରୀଙ୍କୁ ଏକ ନୂତନ ଦିଗଦର୍ଶନ ପ୍ରଦାନ କରିଆସୁଛି ସେ ବିଷୟରେ ଅବଗତ କରାଇବା ସହ ବିଶେଷ କରି ଏ କାର୍ଯ୍ୟକ୍ରମ ରେ ଆଗେଇଆସିଥିବା ବ୍ରହ୍ମକୁମାରୀର ସମସ୍ତ ସଦସ୍ୟଙ୍କୁ ଓ ଉପସ୍ଥିତ ସମସ୍ତ ଛାତ୍ରୀ ତଥା କର୍ମଚାରୀଙ୍କୁ ଧନ୍ୟବାଦ ଅର୍ପଣ ପରେ ସଭା କାର୍ଯ୍ୟ ଶେଷ ହୋଇଥିଲା।

# ବାଟବଣା ଶିଶୁଶ୍ରମିକ ନିରୋଧ ଆଇନ : ଜିଲ୍ଲାରେ ୧୩ ବର୍ଷ ହେଲା ହେଉନି ସର୍ଭେ

**କଳାହାଣ୍ଡି (ଅମୃତ ମିଡ଼ିଆ-ପ୍ୟାରିଲାଲ ଦୁର୍ଗା) :** ଜୁନ ତାରିଖ ୧୨। ସମଗ୍ର ବିଶ୍ୱରେ ପାଳନ କରାଯାଏ ବିଶ୍ୱ ଶିଶୁ ଶ୍ରମିକ ବିରୋଧ ଦିବସ। ଏହି ଦିବସର ମୂଳ ଲକ୍ଷ୍ୟ ହେଉଛି ଶିଶୁ ଅଧିକାରର ସୁରକ୍ଷା ସହ ସେମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ବିକାଶ ଦିଗରେ ସୁଯୋଗ ଦେବା। ଦେଶରେ ଶିଶୁ ଶ୍ରମିକ ଭଳି ମାରାତ୍ମକ ବ୍ୟାଧି ରୋକିବା ପାଇଁ ଶିଶୁ ଶ୍ରମିକ (ନିରୋଧ ଓ କାର୍ଯ୍ୟକାରୀ) ଆଇନ ୧୯୮୬ କାର୍ଯ୍ୟକାରୀ କରାଯାଇଛି। ୧୪ ରୁ ୧୮ ବର୍ଷ ପର୍ଯ୍ୟନ୍ତ କିଶୋର କିଶୋରୀଙ୍କୁ ବିପଦଜନକ କାର୍ଯ୍ୟରେ ନିୟୋଜନ ବାରଣ କରାଯାଇଛି। ଧାରା ୩ରେ ବିପଦଜନକ କାର୍ଯ୍ୟରେ ଶିଶୁ ଶ୍ରମିକମାନଙ୍କୁ ନିୟୋଜିତ କରିବା ଅପରାଧ ଭାବରେ ଗ୍ରହଣ କରାଯାଇଛି। ଧାରା ୯ରେ ଶିଶୁ ଶ୍ରମିକମାନଙ୍କୁ ନିୟୋଜିତ କରିଥିବା ବ୍ୟକ୍ତି/ ସଂସ୍ଥା ତାଙ୍କ ଫାର୍ମ/ ସଂସ୍ଥା ଆରମ୍ଭ କରିବାର ୩୦ ଦିନ ମଧ୍ୟରେ କେତେ ଜଣ ଶିଶୁ ଶ୍ରମିକ କାର୍ଯ୍ୟ କରୁଛନ୍ତି ସେ ସମ୍ପର୍କରେ ବିଷଦ ବିବରଣୀ ସମ୍ପୃକ୍ତ ଶ୍ରମ ନିରୀକ୍ଷକଙ୍କୁ ଲିଖିତ ଭାବରେ ଜଣାଇବାର ବ୍ୟବସ୍ଥା ରହିଛି। ଧାରା ୧୧ ଅନୁସାରେ ଶିଶୁ ଶ୍ରମିକ ନିୟୋଜିତ କରିଥିବା ବ୍ୟକ୍ତି/ ସଂସ୍ଥା ଯେତେ ଜଣ ଶିଶୁ ଶ୍ରମିକ ରଖିଥିବେ ବା ନିଯୁକ୍ତି ଦେଇଥିବେ ସେ ସମ୍ପର୍କିତ ଏକ ରେଜିଷ୍ଟର ରଖି ନାମ, ଜନ୍ମ ତାରିଖ ସହ ଠିକଣା ସାଙ୍ଗକୁ କାର୍ଯ୍ୟ କରିବାର ସମୟ ସହ ବିଶ୍ରାମ ସମୟ ସବୁ ବିଷଦ ଭାବରେ ଉଲ୍ଲେଖ କରିବାର ବ୍ୟବସ୍ଥା ରହିଛି। ଶ୍ରମ ନିରୀକ୍ଷକ ନିର୍ଦ୍ଧାରିତ ସମୟ ବ୍ୟବଧାନରେ ସେହି ରେଜିଷ୍ଟର ଯାଞ୍ଚ କରିବାର ବ୍ୟବସ୍ଥା ରହିଛି। ଧାରା ୩ର ଉଙ୍ଗଘନ ହେଲେ ନିଯୁକ୍ତି ଦେଇଥିବା ବ୍ୟକ୍ତି/ ସଂସ୍ଥାର ମାଲିକଙ୍କୁ ଅନ୍ୟୁନ ୩ ମାସରୁ ୧ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ସହ ୧୦ ରୁ ୨୦ ହଜାର ଟଙ୍କା ଅର୍ଥ ଦଣ୍ଡର କିମ୍ବା ଉଭୟ ଦଣ୍ଡର ବ୍ୟବସ୍ଥା ରହିଛି। କିନ୍ତୁ କଳାହାଣ୍ଡି ଜିଲାରେ ଶତାଧିକ ଶିଶୁ ବିପଜ୍ଜନକ କାର୍ଯ୍ୟରେ ନିୟୋଜିତ ହୋଇଥିବା ପରିଲକ୍ଷିତ ହେଉଛି। କିନ୍ତୁ ଜଣେ ବି ମାଲିକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ହୋଇ ନାହିଁ। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ ଶିଶୁ ଶ୍ରମିକ ରୋକିବା ସମ୍ପୂର୍ଣ ବିଫଳ ହୋଇଛି। ଅସହାୟ ଅବହେଳିତ, ରାସ୍ତାକଡ ତଥା ବେଆଇନ ଭାବେ ବିଭିନ୍ନ ସ୍ଥାନରେ ନିୟୋଜିତ ଶିଶୁ ମାନଙ୍କୁ ଉଦ୍ଧାର କରି ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଲକ୍ଷ୍ୟରେ ପୁଲିସ ବିଭାଗ ପକ୍ଷରୁ ଆରମ୍ଭ କରାଯାଇଥିଲା ମିଶନ 'ମୁସ୍କାନ', 'ସ୍ମାଇଲ୍' ଭଳି ବିଭିନ୍ନ କାର୍ଯ୍ୟକ୍ରମ। ଏସବୁ କାର୍ଯ୍ୟକ୍ରମରେ ପୁଲିସ ପ୍ରଶାସନ ସହ ଶ୍ରମ ବିଭାଗ, ଶିଶୁ ମଙ୍ଗଳ କମିଟି ଓ ଶିଶୁ ସୁରକ୍ଷା ୟୁନିଟ ଆଦି ବିଭାଗ ସାମିଲ ଥିଲେ। କିନ୍ତୁ ଏହି ସବୁ ବିଭାଗ ମଧରେ ସମନ୍ୱୟର ଅଭାବ ଫଳରେ ଉଦ୍ଧାର ଶିଶୁ ପୁଣି ଶିଶୁ ଶ୍ରମିକ ଭାବରେ କାର୍ଯ୍ୟ କରୁଥିବା ଦେଖାଯାଇଛି। ୨୦୧୨ରେ ସର୍ଭେ ଅନୁଯାୟୀ ଜିଲାରେ ଶତାଧିକ ରୁ ଉର୍ଦ୍ଧ ଶିଶୁ ଶ୍ରମିକ ବିପଜନକ ଓ ଅଣ ବିପଜ୍ଜନକ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ୧୩ ବର୍ଷ ବିତି ଯାଇଥିଲେ ସୁଦ୍ଧା ଶିଶୁ ଶ୍ରମିକ ଚିହ୍ନଟ ସର୍ଭେ ହୋଇପାରିନାହିଁ। ଜିଲାର ବିଭିନ୍ନ ସହରରେ ରାଜ୍ୟ ବାହାର କିଛି ପରିବାର ଛୋଟ ପିଲାଛୁଆ ଧରି ଅତି ଦୟନୀୟ ଅବସ୍ଥାରେ ପଡ଼ି ରହିଛନ୍ତି। କିଛି ଶିଶୁ ରାସ୍ତାକଡରେ ପଡ଼ିଥିବା ପ୍ଲାଷ୍ଟିକ ବୋତଲ, ପ୍ଲାଷ୍ଟିକ ସାମଗ୍ରୀ, ଲୁହା ଆଦି ବୁଲିବୁଲି ଗୋଟାଉଥିଲେ ମଧ ଏମାନଙ୍କ ଉପରେ କାହାରି ନଜର ପଡ଼ି ପାରିନାହିଁ। ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାଙ୍କ ଠାରୁ କିଛି ପ୍ରତିକ୍ରିୟା ମିଳିପାରିନାହିଁ। ଶିଶୁ ଶ୍ରମିକ ବନ୍ଦ ପାଇଁ ଶ୍ରମ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେଦପ ଗ୍ରହଣ କରାଯାଉ ଥିଲେ ମଧ କେବଳ କାଗଜ କଲମରେ ଚାଲୁଥିବା ପରିଲିକ୍ଷିତ ହୁଏ। ଶିଶୁ ଶ୍ରମିକ ରଥ ଜିଲା ପରିକ୍ରମା କରିବାର କାର୍ଯ୍ୟକ୍ରମ ମଧ ଦେଖାଯାଉଛି। ବିଭିନ୍ନ ବିଭାଗ ମଧରେ ସମନ୍ୱୟ ବୈଠକ ଯୋଜନା ହେଉଛି। ସେ ଯାହା ହେଉନା କାହିଁକି, ନିୟମିତ ବ୍ୟବଧାନରେ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଜିଲାର ବିଭିନ୍ନ ଅଞ୍ଚଳରେ ଚଢ଼ଉ କରାଯାଇ ଶିଶୁ ଶ୍ରମିକ ଉଦ୍ଧାର କରାଯାଇ ସେମାନଂକୁ ଥଇଥାନ କରିବା ପାଇଁ ଦାବି ହେଉଛି।



## ଘର୍ ଘର୍ ତ୍ରିରଙ୍ଗାର ଗୌରବ ବାର୍ତ୍ତା ନେଇ ବ୍ଲକସ୍ତରୀୟ ରାଲି




**ଜୁନାଗଡ଼ (ଅମୃତ ମିଡିଆ) :** ଜୁନାଗଡ଼ ଠାରେ ବ୍ଲକସ୍ତରୀୟ ଘର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ବୁଧବାର ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ଦେଶପ୍ରେମ ଓ ଜାତୀୟତାର ବାର୍ତ୍ତା ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜୁନାଗଡ଼ ବ୍ଲକର ବିଭିନ୍ନ କର୍ମଚାରୀ ଉତ୍ସାହର ସହ ସାମିଲ ହୋଇଥିଲେ,ଜୁନାଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ କରଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଥମେ ଜୁନାଗଡ଼ ବ୍ଲକ କାର୍ଯ୍ୟାଳୟ ପରିସରରୁ ତ୍ରିରଙ୍ଗା ପତାକା ଧରି ଏକ ସଚେତନତା ରାଲି ବାହାରିଥିଲା। ରାଲିରେ ବ୍ଲକର ସମସ୍ତ କର୍ମଚାରୀ ଉତ୍ସାହର ସହ ଯୋଗଦେଇ ଦେଶର ଏକତା, ଅଖଣ୍ଡତା ଓ ଦେଶପ୍ରେମର ବାର୍ତ୍ତା ପ୍ରଚାର କରିଥିଲେ। ଏହି ରାଲି ବ୍ଲକ କାର୍ଯ୍ୟାଳୟରୁ ବାହାରି ସ୍ଥାନୀୟ ଲଙ୍କେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ରାସ୍ତାରେ କର୍ମଚାରୀମାନେ ହାତରେ ତ୍ରିରଙ୍ଗା ପତାକା ଧରି ଘର ଘର ତ୍ରିରଙ୍ଗା ଅଭିଯାନରେ ସମସ୍ତଙ୍କୁ ସାମିଲ ହେବା ପାଇଁ ବାର୍ତ୍ତା ଦେଇଥିଲେ। ଦେଶର ଜାତୀୟ ପତାକା ପ୍ରତି ସମ୍ମାନ ଓ ନାଗରିକଙ୍କ ମନରେ ଦେଶପ୍ରେମର ଭାବନାକୁ ଆହୁରି ଦୃଢ଼ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଇଥିଲା। ବ୍ଲକସ୍ତରରେ ଆୟୋଜିତ ଏହି ତ୍ରିରଙ୍ଗା ରାଲି ଓ କାର୍ଯ୍ୟକ୍ରମକୁ ବ୍ଲକ କର୍ମଚାରୀମାନଙ୍କ ସକ୍ରିୟ ସହଯୋଗରେ ସଫଳତାର ସହ ସମ୍ପନ୍ନ କରାଯାଇଥିଲା।

## ଅନ୍ତର୍ଜାତୀୟସ୍ତରରେ ପ୍ରତିନିଧିତ୍ୱ କରିବ ପଦ୍ମପୁର ମହାବିଦ୍ୟାଳୟ

**ବରଗଡ (ଅମୃତ ମିଡ଼ିଆ) :** ସ୍ଥାନୀୟ ଆଞ୍ଚଳ ମହାବିଦ୍ୟାଳୟ ପାଇଁ ଏକ ଅତ୍ୟନ୍ତ ଗୌରବ ଓ ଆନନ୍ଦର ବିଷୟ ସାମ୍ନାକୁ ଆସିଛି। ପ୍ରସିଦ୍ଧ ଏରଞ୍ଜଘ ଉରଓ କୋହୋର୍ଟ-୨ ସ୍କ୍ରିନିଂ ଟେଷ୍ଟ ପ୍ରତିଯୋଗିତାରେ ମହାବିଦ୍ୟାଳୟର ଦଳ ସମଗ୍ର ଓଡ଼ିଶାରେ ଶ୍ରେଷ୍ଠ ୩ ସ୍ଥାନ ହାସଲ କରି ଏକ ନୂଆ ଇତିହାସ ରଚିଛି। ଛାତ୍ରଛାତ୍ରୀଙ୍କ ଅକ୍ଲାନ୍ତ ପରିଶ୍ରମ, ଅତୁଳନ ପ୍ରତିଭା, ସମର୍ପଣ ଏବଂ ମାର୍ଗଦର୍ଶକଙ୍କ ସଠିକ୍ ଦିଗଦର୍ଶନ ଯୋଗୁଁ ଏହି ଅଭୂତପୂର୍ବ ସଫଳତା ସମ୍ଭବ ହୋଇପାରିଛି। ଏହି ସଫଳତା ବଳରେ ମହାବିଦ୍ୟାଳୟ ଟିମ୍ ଆନ୍ତର୍ଜାତୀୟ ସ୍ତରରେ ଓଡ଼ିଶାର ପ୍ରତିନିଧିତ୍ୱ କରି ବିଶ୍ୱପ୍ରସିଦ୍ଧ 'ନେସନାଲ ୟୁନିଭରସିଟି ଅଫ୍ ସିଙ୍ଗାପୁର' ଗସ୍ତ କରିବାର ସୁବର୍ଣ୍ଣ ସୁଯୋଗ ପାଇଛି। ଏହି ଗୌରବମୟ ଅବସରରେ ମହାବିଦ୍ୟାଳୟ ଅଧକ୍ଷ ଡ. ଦିଗାମ୍ବର ଚାନ୍ଦ, ଯୁକ୍ତଦୁଇ ପ୍ରଭାରୀ ପ୍ରାଧାପକ ପ୍ରଭାତ କୁମାର ମହାପାତ୍ର, ପ୍ରମୋଦ କୁମାର ପାଣିଗ୍ରାହୀ, ସନ୍ତୋଷ କୁମାର ମିଶ୍ର ସମେତ ସମସ୍ତ ଶିକ୍ଷକ-ଅଣଶିକ୍ଷ କର୍ମଚାରୀ କୃତି ଛାତ୍ର ଛାତ୍ରୀମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଇନ୍ଦ୍ରାବତୀ ଜଳଭଣ୍ଡାର ଉପରେ ସେତୁର ସମ୍ଭାବନା

## ପୂର୍ତ୍ତବିଭାଗ ତଦାରଖରେ ବୁଢ଼ୀ ଅଞ୍ଚଳରେ ଆଶାସଞ୍ଚାର



## ଦୁର୍ଗମ ଜନପଦକୁ ସ୍ଥାୟୀ ଯୋଗାଯୋଗର ସ୍ୱପ୍ନ ଦେଖାଇଲେ ଅଧୀକ୍ଷଣ ଯନ୍ତ୍ରୀ

**କଳାହାଣ୍ଡି (ଅମୃତ ମିଡ଼ିଆ-ପ୍ୟାରିଲାଲ ଦୁର୍ଗା) :** ବର୍ଷ ବର୍ଷ ଧରି ଇନ୍ଦ୍ରାବତୀ ଜଳଭଣ୍ଡାର ଓ ଦୁର୍ଗମ ଭୌଗୋଳିକ ପରିସ୍ଥିତି ଯୋଗୁଁ ଯୋଗାଯୋଗର ଅସୁବିଧା ଭୋଗୁଥିବା ବୁଢ଼ୀ ଅଞ୍ଚଳବାସୀଙ୍କ ମନରେ ଏବେ ନୂଆ ଆଶା ସଞ୍ଚାର ହୋଇଛି। ଇନ୍ଦ୍ରାବତୀ ଜଳଭଣ୍ଡାର ଉପରେ ସ୍ଥାୟୀ ସେତୁ ନିର୍ମାଣର ସମ୍ଭାବନାକୁ ନେଇ ପୂର୍ତ୍ତ ବିଭାଗର ଅଧିକାରୀମାନେ ଅଗଷ୍ଟ ୧୧ତାରିଖରେ ଡଙ୍ଗା ଯୋଗେ ମେଣ୍ଢାକୁଟା ଅଞ୍ଚଳକୁ ପହଞ୍ଚି ସ୍ଥଳ ପରିଦର୍ଶନ ଓ ତଦାରଖ କରିଥିବା କରି ସନ୍ଧ୍ୟା ୭ଟା ସମୟରେ ମେଣ୍ଢାକୁଟା ଅଞ୍ଚଳର ଭିନ୍ନ ସ୍ଥାନରୁ ଦଳର ଉପସ୍ଥିତି ଥିବାରୁ ତାଙ୍କ ଉପରେ ସମସ୍ତ ଙ୍କ ବିଶ୍ୱାସ ପାତ୍ର ହେବେ ପୂର୍ବରୁ ଜଣେ ବି ପୂର୍ତ୍ତ ବିଭଗ ର ଅଧିକାରୀ ବୁଢ଼ୀ ଅଂଚଳରେ ରାତି ପର୍ଯ୍ୟନ୍ତ ରହିକି ସର୍ଭେ କାମ ଆଗେଇଥିଲେ ହେଲେ ସୂଚନା ଅନୁସାରେ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ନନ୍ଦନ କୁମାର କାରାର ତଦାରଖରେ ଏହି କ୍ଷେତ୍ର ପରିଦର୍ଶନ ହୋଇଥିବା କୁହାଯାଉଛି। ମେଣ୍ଢାକୁଟା ଥୁଆମୂଳ ରାମପୁର ବ୍ଲକ୍‌ର ତଳନାଗୀ ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ଦୁର୍ଗମ ଗାଁ। ଏହାର ଗ୍ରାମ କୋଡ୍ ୪୨୪୫୦୬। ତଳନାଗୀ ପଞ୍ଚାୟତ ଅଧୀନରେ ବାହାଦାଘାଟ, ଭାଟିପାଶ, ଚାଟୁଆଖାଲ, ଚିରକୁଣ୍ଡି, ଘୁଟୁଖାଲ, ଜୁରଘାଟ, କୁସୁମଗୁଡ଼ା, ମେଣ୍ଢାକୁଟା, ମୁର୍କା, ନାଗୀ, ସୁନ୍ଦରୀଖଡ଼କ ଓ ତେନ୍ତୁଳିପଦର ଭଳି ଗାଁ ରହିଛି। ୨୦୧୧ ଜନଗଣନା ଆଧାରିତ ତଥ୍ୟରେ ନାଗୀରେ ୪୭୭, ମୁର୍କାରେ ୪୨୩, ବାହାଦାଘାଟରେ ୨୬୩, ତେନ୍ତୁଳିପଦରରେ ୧୭୨ ଓ ଘୁଟୁଖାଲରେ ୧୩୦ ଜଣ ଲୋକ ଥିବା ରେକର୍ଡ ରହିଛି; ଏହି ପାଞ୍ଚ ଗାଁର ମିଶ୍ରିତ ଜନସଂଖ୍ୟା ୧,୪୬୫ ଥିଲା। ଏହା ପୁରୁଣା ଜନଗଣନା ତଥ୍ୟ ହୋଇଥିବାରୁ ବର୍ତ୍ତମାନର ଲାଭାନ୍ୱିତ ଜନସଂଖ୍ୟା ବୋଲି ଧରାଯାଇପାରିବ ନାହିଁ। ତଥାପି ପ୍ରସ୍ତାବିତ ଯୋଗାଯୋଗ ବ୍ୟବସ୍ଥାର ପରିସରକୁ ଦେଖିଲେ ଏହି ଅଞ୍ଚଳର ଅନେକ ଗାଁ ପାଇଁ ସେତୁଟି ଗୁରୁତ୍ୱପୂର୍ଣ୍ଣ ହୋଇପାରେ। ସେତୁ ଓ ଆପ୍ରୋଚ୍? ରାସ୍ତା ନିର୍ମାଣ ହେଲେ ଦୁର୍ଗମ ଗାଁର ରୋଗୀ, ଗର୍ଭବତୀ ମହିଳା ଓ ବୃଦ୍ଧଙ୍କୁ ଚିକିତ୍ସାଳୟ ପହଞ୍ଚାଇବା, ଛାତ୍ରଛାତ୍ରୀଙ୍କ ଶିକ୍ଷା ସଂଯୋଗ, ଚାଷୀଙ୍କ ଉତ୍ପାଦ ବଜାରକୁ ପହଞ୍ଚାଇବା ଏବଂ ସରକାରୀ ସେବା ଦୁର୍ଗମ ଅଞ୍ଚଳକୁ ପହଞ୍ଚାଇବାରେ ବଡ଼ ସୁବିଧା ମିଳିପାରେ। ବିଶେଷକରି ଜଳଭଣ୍ଡାର ଅତିକ୍ରମ କରି ଡଙ୍ଗାରେ ଯାତାୟାତ କରିବାର ନିର୍ଭରଶୀଳତା କମିଲେ ଏହି ଅଞ୍ଚଳର ଦୈନନ୍ଦିନ ଜୀବନରେ ଏକ ବଡ଼ ପରିବର୍ତ୍ତନର ସମ୍ଭାବନା ରହିଛି। ବୁଢ଼ୀ ଅଞ୍ଚଳବାସୀଙ୍କ ପାଇଁ ଏହି ତଦାରଖ କେବଳ ଏକ ସାଧାରଣ ବିଭାଗୀୟ ଗସ୍ତ ନୁହେଁ, ବରଂ ଦୀର୍ଘଦିନର ଯୋଗାଯୋଗ ଆକାଂକ୍ଷାକୁ ବାସ୍ତବ ରୂପ ଦେବାର ପ୍ରଥମ ପଦକ୍ଷେପ ବୋଲି ଆଶା ସୃଷ୍ଟି କରିଛି। ଅଧୀକ୍ଷଣ ଯନ୍ତ୍ରୀ ନନ୍ଦନ କୁମାର କାରାରଙ୍କ ନେତୃତ୍ୱରେ ଅଧିକାରୀମାନେ ଜଳଭଣ୍ଡାର ମଧ୍ୟରେ ପହଞ୍ଚି ଭୌଗୋଳିକ ପରିସ୍ଥିତି, ସ୍ଥଳର ବାସ୍ତବତା ଓ ଯୋଗାଯୋଗର ଆବଶ୍ୟକତାକୁ ଅନୁଧ୍ୟାନ କରିଥିବାରୁ ଲୋକଙ୍କ ମନରେ ଆଶା ବଢ଼ିଛି। ଦୁର୍ଗମ ଅଞ୍ଚଳର ସମସ୍ୟାକୁ କାଗଜପତ୍ରରେ ସୀମିତ ନରଖି ଅଧିକାରୀମାନେ ନିଜେ ଜଳଭଣ୍ଡାର ମଧ୍ୟକୁ ଯାଇ ପରିସ୍ଥିତି ଦେଖିବା ଏକ ସକାରାତ୍ମକ ପ୍ରଶାସନିକ ପଦକ୍ଷେପ ବୋଲି ଅଞ୍ଚଳବାସୀଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି। ତେବେ ସ୍ଥଳ ତଦାରଖ ପରେ ଏବେ ପ୍ରକଳ୍ପର ପରବର୍ତ୍ତୀ ପ୍ରକ୍ରିୟା ବିସ୍ତୃତ ସର୍ବେକ୍ଷଣ, ବିସ୍ତୃତ ପ୍ରକଳ୍ପ ପ୍ରତିବେଦନ, ପ୍ରାକ୍‌କଳନ, ପ୍ରଶାସନିକ ଅନୁମୋଦନ, ବୈଷୟିକ ଅନୁମୋଦନ ଓ ଅର୍ଥ ବ୍ୟବସ୍ଥା ଉପରେ ନଜର ରହିବ। କେତେ ଲମ୍ବର ସେତୁ ହେବ, କେତୋଟି ସ୍ପାନ୍ ରହିବ, କେଉଁ ପାର୍ଶ୍ୱରୁ ଆପ୍ରୋଚ୍? ରାସ୍ତା ନିର୍ମାଣ ହେବ ଏବଂ ମୋଟ କେତେ ଅର୍ଥ ବ୍ୟୟ ହେବ, ତାହା ଅଧିକାରିକ ପ୍ରକଳ୍ପ ଦଲିଲ ସାମ୍ନାକୁ ଆସିଲେ ହିଁ ସ୍ପଷ୍ଟ ହେବ। ତଥାପି ଜଳଭଣ୍ଡାରର ଦୁର୍ଗମ ଅଞ୍ଚଳକୁ ପୂର୍ତ୍ତ ବିଭାଗୀୟ ଟିମ୍‌ର ପହଞ୍ଚ ଓ ତଦାରଖ ଲୋକଙ୍କ ମନରେ ଯେଉଁ ଆଶା ଜାଗ୍ରତ କରିଛି, ତାହାର ଗୁରୁତ୍ୱ କମ୍ ନୁହେଁ। ଏକ ସେତୁ ଯଦି ଏଠାରେ ବାସ୍ତବ ରୂପ ନିଏ, ତେବେ ଏହା କେବଳ ଦୁଇ ପାର୍ଶ୍ୱକୁ ଯୋଡ଼ିବ ନାହିଁ; ବରଂ ଦୁର୍ଗମ ଜନପଦକୁ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା, ବଜାର ଓ ପ୍ରଶାସନ ସହ ଯୋଡ଼ିବାର ଏକ ନୂଆ ଦ୍ୱାର ଖୋଲିପାରେ। ସେଥିପାଇଁ ଅଧିକାରୀଙ୍କ ଏହି କ୍ଷେତ୍ର ତଦାରଖକୁ ବୁଢ଼ୀ ଅଞ୍ଚଳବାସୀ ଆଶାର ଆରମ୍ଭ ଭାବେ ଦେଖୁଥିବା ବେଳେ, ଏବେ ସମସ୍ତଙ୍କ ଅପେକ୍ଷା ତଦାରଖରୁ ପ୍ରକଳ୍ପ, ପ୍ରକଳ୍ପରୁ ଅନୁମୋଦନ ଏବଂ ଅନୁମୋଦନରୁ ବାସ୍ତବ ସେତୁ ନିର୍ମାଣ ପର୍ଯ୍ୟନ୍ତ ଏହି ଯାତ୍ରା କେତେ ଶୀଘ୍ର ଆଗକୁ ବଢ଼ୁଛି।




# ଜିଲ୍ଲାସ୍ତରୀୟ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ କର୍ମଶାଳା




**ବାରିପଦା(ଅମୃତମିଡିଆ):** ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସର ଦିନିକିଆ କର୍ମଶାଳା ସ୍ଥାନୀୟ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ନିରନ୍ତରତା ପାଇଁ ବିଜ୍ଞାନ ଓ ନବସୃଜନ ବିଷୟ ବସ୍ତୁକୁ ନେଇ ଆୟୋଜିତ କର୍ମଶାଳାକୁ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୋଦ କୁମାର ସିଂ ଓ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ଉଦଘାଟନ କରିଥିଲେ । ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସର ଜିଲ୍ଲା ସଂଯୋଜକ ଅଜିତ କୁମାର ଜେନା କର୍ମଶାଳାର ମୁଖ୍ୟ ପ୍ରସଙ୍ଗ ଉପରେ ବିଶଦ ଆଲୋଚନା କରିଥିଲେ । ଅପରାହ୍ଣରେ ଅନୁଷ୍ଠିତ ବୈଷୟିକ କର୍ମଶାଳାରେ ଶିଶୁ ବିଜ୍ଞାନ କଂଗ୍ରେସର ଏକାଡେମିକ କୋଡ଼ିନେଟର ବସନ୍ତ କୁମାର ଦତ୍ତ ପ୍ରକଳ୍ପ ପ୍ରସ୍ତୁତିକରଣ, ଉପସ୍ଥାପନା ଶୈଳୀ, କେଉଁ ବିଷୟ ଓ ବିଷୟବସ୍ତୁକୁ ନେଇ ପ୍ରକଳ୍ପ ପ୍ରସ୍ତୁତ କରିବେ, ତା'ଉପରେ ବିଶଦ ବିବରଣୀ ପ୍ରଦାନ କରିଥିବା ବେଳେ ସାଧନ କର୍ମୀ ନୟନ କୁମାର ଗିରି ପ୍ରକଳ୍ପ ଓ ସନ୍ଦର୍ଭ ପ୍ରସ୍ତୁତିକରଣରେ ପ୍ରଣାଳୀ ଗୁଡ଼ିକ ଉପରେ ଆଲୋକପାତ କରିବା ସହିତ ମାର୍ଗଦର୍ଶକ ଶିକ୍ଷକ, ଶିକ୍ଷୟିତ୍ରୀ ନିଜ ନିଜ ବିଦ୍ୟାଳୟକୁ ଯାଇ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ଦ୍ୱାରା ପ୍ରକଳ୍ପରେ ପ୍ରସ୍ତୁତ କରି ଆସନ୍ତା ଅକ୍ଟୋବର ମାସରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ପ୍ରଦର୍ଶନୀରେ ପ୍ରକଳ୍ପ ପ୍ରଦର୍ଶିତ କରିବାକୁ ପରାମର୍ଶ ଦେଇଥିଲେ । ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୋଦ ସିଂହ ନୂତନ ଚିନ୍ତାଧାରାରେ ଆଧୁନିକତାକୁ ପ୍ରାଥମିକତା ଦେଇ ଉନ୍ନତମାନର ପ୍ରକଳ୍ପ ଜିଲ୍ଲାସ୍ତରରେ ସ୍ଥାନ ପାଇବା ଦିଗରେ ପ୍ରାଧାନ୍ୟ ଦେଇଥିଲେ । ସେହିପରି ଜିଲ୍ଲା ଶାରିରୀକ ଶିକ୍ଷାଧିକାରୀ ଭାଗିରଥୀ ମଲ୍ଲିକ ତାଙ୍କର ସୁଚିନ୍ତିତ ଚିନ୍ତାଧାରା, ଶିବିରାର୍ଥୀ ଶିକ୍ଷକ ଓ ଶିକ୍ଷାର୍ଥୀଙ୍କୁ ସୃଜନଶୀଳତା କିପରି ବୃଦ୍ଧି ଘଟିବ, ତା'ଉପରେ ମତ ବ୍ୟକ୍ତ କରିଥିଲେ । ଉକ୍ତ ପ୍ରଶିକ୍ଷଣ ଶିବିରରେ ୧୫୨ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ. ଶିକ୍ଷକ ଦୀପକ କୁମାର ମହାନ୍ତ, ତଟିନୀ ପଣ୍ଡା, ଶିଲିସ୍ୱପ୍ନା ପଟ୍ଟନାୟକ, ଅତଶୀ କୁଣ୍ଡୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିବା ବେଳେ ଶିକ୍ଷକ ସୁବ୍ରତ କିଶୋର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅନ୍ତିମ ପର୍ଯ୍ୟାୟରେ ବୁଢ଼ାବଳଙ୍ଗ ରିଙ୍ଗ୍‌ରୋଡ ପ୍ରକଳ୍ପର ସର୍ଭେ କାର୍ଯ୍ୟ

## ବନ୍ୟା ଦାଉରୁ ରକ୍ଷା ପାଇବ ବାରିପଦା ସହର

## ବିସ୍ଥାପିତ ପରିବାରକୁ ତୁରନ୍ତ ଥଇଥାନ ପାଇଁ ଦାବି



**ବାରିପଦା (ଅମୃତମିଡିଆ):** ବାରିପଦା ସହରକୁ ବନ୍ୟା ଦାଉରୁ ରକ୍ଷା କରିବା ନିମନ୍ତେ ବୁଢାବଳଙ୍ଗ ନଦୀ ପାର୍ଶ୍ୱରେ ନିର୍ମାଣ ହେବାକୁ ଥିବା ରିଙ୍ଗରୋଡ଼ ପ୍ରକଳ୍ପର ସର୍ଭେ କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଂଚିଛି । ଏହି ସର୍ଭେ କାର୍ଯ୍ୟରେ ବାରିପଦା ତହସିଲଦାର ସପନ କୁମାର ସାହୁ ଓ ବାରିପଦା ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ସର୍ଭେ ଅରମ୍ଭ କରିଥିଲେ । ରିଙ୍ଗରୋଡ଼ ନିର୍ମାଣ ନିମନ୍ତେ ପ୍ରଶାସନ ପକ୍ଷରୁ ନଦୀଆଡ଼ି ଠାରୁ ୬୬ମିଟର ଅର୍ଥାତ ୨୧୬ ଫୁଟ ଜାଗାରେ ଥିବା ଘର ଗୁଡିକୁ ହଟାଇବା ନିମନ୍ତେ ସର୍ଭେ କରାଯାଇଅଛି । ନଦୀରୁ ୨୦ ମିଟର ଖାଲି ସ୍ଥାନ ରହିବାକୁ ଥିବା ବେଳେ ବାକି ୪୬ ମିଟରରେ ରିଙ୍ଗରୋଡ଼ ହେବାକୁ ସ୍ଥିର ହୋଇଅଛି । ଏଥିପାଇଁ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଘର ଉଚ୍ଛେଦ ହେବାର ଅନୁମାନ କରାଯାଉଛି । ସ୍ଥାନୀୟ କାଉନସିଲର ପ୍ରଶାନ୍ତ ବେହେରାଙ୍କ କହିବା ଅନୁଯାୟୀ ରିଙ୍ଗରୋଡ଼ ନିର୍ମାଣକୁ ଆମେ ସମର୍ଥନ କରୁଛୁ । କିନ୍ତୁ ରିଙ୍ଗରୋଡ଼ ନିର୍ମାଣ ଆଳରେ ଅଯଥା ବସ୍ତି ଉଚ୍ଛେଦକୁ ଆମେ ବିରୋଧ କରୁଅଛୁ । ଏହି ବସ୍ତିରେ ଦୀର୍ଘ ୪୦ ବର୍ଷଧରି ୪ଶହରୁ ଉର୍ଦ୍ଧ୍ୱ ପରିବାର ସ୍ଥାୟୀ ଭାବେ ରହି ଆସୁଛନ୍ତି । ପୂର୍ବ ସରକାର ସମୟରେ ରିଙ୍ଗରୋଡ଼ ନିର୍ମାଣ ନିମନ୍ତେ ଯେଉଁ ମାପ ଦିଆଯାଇଥିଲା ସେହି ଅନୁଯାୟୀ ରିଙ୍ଗ ରୋଡ଼ ନିର୍ମାଣ ହେଉ ଏବଂ ବିସ୍ଥାପିତ ହେଉଥିବା ପରିବାରକୁ ତୁରନ୍ତ ଥଇଥାନ କରିବାକୁ ଦାବି କରିଛନ୍ତି ।

# ଓ୍ୱିମେନ ସୋସାଇଟି ଭୁବନେଶ୍ୱର ଚାପ୍ଟରର ଶୁଭାରମ୍ଭ



**ବାରିପଦା(ଅମୃତମିଡିଆ):** ମହିଳା ଉଦ୍ୟୋଗୀମାନଙ୍କୁ ଏକ ସଶକ୍ତ ମଞ୍ଚରେ ଯୋଡ଼ିବା ଏବଂ ସେମାନଙ୍କ ବ୍ୟବସାୟିକ ବିକାଶକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଓ୍ୱିମେନ୍ ଏଣ୍ଟରପ୍ରେନ୍ୟୋର୍ସ ସୋସାଇଟି ପକ୍ଷରୁ ଭୁବନେଶ୍ୱର ଚାପ୍ଟରର ଶୁଭାରମ୍ଭ ହୋଇଛି । ଭୁବନେଶ୍ୱର ସ୍ଥିତ ଇପାରୀ ଗୋବିନ୍ଦମ କନଫରେନ୍ସ ହଲ ରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ସଭାରେ ସ୍ୱାସ୍ଥ୍ୟସେବା, ଶିକ୍ଷା, ପେସାଦାର ସେବା, ଖାଦ୍ୟ, ଖୁଚୁରା ବ୍ୟବସାୟ, ଉତ୍ପାଦନ ଓ ପ୍ରଯୁକ୍ତିବିଦ୍ୟା ସମେତ ବିଭିନ୍ନ କ୍ଷେତ୍ରର ଶତାଧିକ ମହିଳା ଉଦ୍ୟୋଗୀ ଉତ୍ସାହର ସହ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ମହିଳା ଉଦ୍ୟୋଗୀମାନଙ୍କ ମଧ୍ୟରେ ନେଟଓ୍ୱର୍କିଂ, ସହଯୋଗ, ବ୍ୟବସାୟିକ ଅଭିବୃଦ୍ଧି ଓ ପାରସ୍ପରିକ ସହାୟତାର ଗୁରୁତ୍ୱ ଉପରେ ଆଲୋଚନା ହୋଇଥିଲା । ଉପସ୍ଥିତ ଉଦ୍ୟୋଗୀମାନେ ନିଜ ବ୍ୟବସାୟର ପରିଚୟ ଦେବା ସହ ନୂତନ ସହଯୋଗର ସମ୍ଭାବନା ଏବଂ ପେସାଦାର ସମ୍ପର୍କ ଗଢ଼ିବାର ସୁଯୋଗ ପାଇଥିଲେ । ଉକ୍ତ ସୋସାଇଟିର ପ୍ରତିଷ୍ଠାତା ଶ୍ରୀମତୀ ଭାଗହିର । ଜନ୍ମତା ଏବଂ ସହ-ପ୍ରତିଷ୍ଠାତା ଶ୍ରୀମତୀ ସ୍ମିଥିଶ୍ରୀ ସୁରି, ଭୁବନେଶ୍ୱର ଚାପ୍ଟରର ଶୁଭାରମ୍ଭକୁ ସଂଗଠନ ପାଇଁ ଏକ ଗୌରବମୟ ମୁହୂର୍ତ୍ତ ବୋଲି କହିଥିଲେ । ମହିଳାମାନେ ପରସ୍ପରକୁ ସହଯୋଗ କରି ଆଗକୁ ବଢ଼ିପାରିବେ ଏବଂ ଅଧିକ ମହିଳା ଉଦ୍ୟୋଗୀ ହେବାକୁ ପ୍ରେରିତ ହେବେ, ଏପରି ଏକ ସୁଦୃଢ଼ ବ୍ୟବସାୟିକ ପରିବେଶ ଗଢ଼ିବା ସଂସ୍ଥାର ମୂଳ ଲକ୍ଷ୍ୟ ବୋଲି କହିଥିଲେ । ଉକ୍ତ ସୋସାଇଟି, ଭୁବନେଶ୍ୱର ଚାପ୍ଟରର ସଭାପତି ଶ୍ରୀମତୀ ଚିନାରୀ ଭାନି ରୋହିଣୀ ମହିଳା ଉଦ୍ୟୋଗୀମାନଙ୍କ ଅଭୂତପୂର୍ବ ସମର୍ଥନକୁ ସ୍ୱାଗତ କରିବା ସହ ଏକ ସକ୍ରିୟ ଓ ସୁଦୃଢ଼ ଚାପ୍ଟର ଗଢ଼ି ସଦସ୍ୟମାନଙ୍କ ପାଇଁ ଅର୍ଥପୂର୍ଣ୍ଣ ବ୍ୟବସାୟିକ ସୁଯୋଗ ସୃଷ୍ଟି କରିବାକୁ ପ୍ରତିବଦ୍ଧତା ପ୍ରକାଶ କରିଥିଲେ । ଉକ୍ତ ସୋସାଇଟି ଏକ ପଞ୍ଜୀକୃତ ସଂସ୍ଥା, ଯାହା ସହ ସମଗ୍ର ଭାରତରେ ୫,୦୦୦ରୁ ଅଧିକ ମହିଳା ଉଦ୍ୟୋଗୀ ଯୋଡ଼ି ହୋଇଛନ୍ତି । ମହିଳା ସଶକ୍ତୀକରଣ, ଉଦ୍ୟୋଗୀ ବିକାଶ, ନେଟଓ୍ୱର୍କିଂ, ବ୍ୟବସାୟ ପ୍ରଚାର, ମେଣ୍ଟରିଂ, ଶିକ୍ଷଣ ଓ ସାମାଜିକ ସେବା କ୍ଷେତ୍ରରେ ସଂସ୍ଥା କାର୍ଯ୍ୟ କରୁଛି । ଭୁବନେଶ୍ୱର ଚାପ୍ଟରର ଶୁଭାରମ୍ଭ ଉକ୍ତ ସୋସାଇଟି ର ସର୍ବଭାରତୀୟ ମହିଳା ଉଦ୍ୟୋଗୀ ସମୁଦାୟ ଗଢ଼ିବା ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ଆଗାମୀ ଦିନରେ ଚାପ୍ଟର ପକ୍ଷରୁ ନିୟମିତ ନେଟଓ୍ୱର୍କିଂ ବୈଠକ, ଶିକ୍ଷଣ ଅଧିବେଶନ, ବ୍ୟବସାୟ ପ୍ରଚାର ଓ ବିଭିନ୍ନ ଉଦ୍ୟୋଗୀ ବିକାଶମୂଳକ କାର୍ଯ୍ୟକ୍ରମ ଆୟୋଜିତ ହେବ । ଉକ୍ତ ସୋସାଇଟି ର ପ୍ରତିଷ୍ଠାତା, ଚାପ୍ଟର ସଭାପତି ଏବଂ ସମସ୍ତ ବୋର୍ଡ ସଦସ୍ୟ ପ୍ରଥମ ଚାପ୍ଟର ବୈଠକକୁ ସଫଳ କରିଥିବାରୁ ଭୁବନେଶ୍ୱରର ସମସ୍ତ ମହିଳା ଉଦ୍ୟୋଗୀଙ୍କୁ ସେମାନଙ୍କ ଯୋଗଦାନ, ସମର୍ଥନ ଓ ଉତ୍ସାହ ପାଇଁ ହୃଦୟପୂର୍ବକ କୃତଜ୍ଞତା ଜଣାଇଛନ୍ତି ।

## ଶକ୍ତିଶ୍ରୀ ବିଭାଗ ତରଫରୁ ସଚେତନତା କାର୍ଯ୍ୟକ୍ରମ

# ଏବେ ମଧ୍ୟ ମହିଳାମାନେ ବିତାଉଛନ୍ତି ପରାଧୀନ ଜୀବନ: ପ୍ରମିଳା ପଣ୍ଡା




**ବାରିପଦା /ଉଦଳା(ଅମୃତମିଡିଆ):** ଉଦଳାସ୍ଥିତ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟରେ ଥିବା ଶକ୍ତିଶ୍ରୀ ବିଭାଗ ତରଫରୁ ଚଳିତ ଅଗଷ୍ଟ ୧୨ ତାରିଖ ବୁଧବାର ଦିନ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଶଶିଭୂଷଣ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହ କାର୍ଯ୍ୟକ୍ରମ ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟ ବକ୍ତା ଭାବରେ ଯୋଗଦେଇ, ସ୍ୱାଧୀନତାର ଦୀର୍ଘ ୮୦ ବର୍ଷ ବିତିଯାଇଥିଲେ ମଧ୍ୟ ଆଜିବି ଆମଦେଶର ମହିଳାମାନେ ପରାଧୀନ ଜୀବନ ବିତାଉଛନ୍ତି, ଯାହାକି ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି ବ୍ୟକ୍ତକରିଥିଲେ । କନ୍ୟାଭ୍ରୁଣହତ୍ୟା ଠାରୁ ଆରମ୍ଭ କରି ମହିଳା ମାନଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାର ଅବିଚାର କରଯାଉଥିବାର ଦୃଶ୍ୟ ବହୁଳ ଭାବରେ ଆଜି ବି ଦେଖିବାକୁ ମିଳୁଛି ବୋଲି କହିଥିଲେ । ଶକ୍ତିଶ୍ରୀ ବିଭାଗ ଦାୟିତ୍ୱରେ ଥିବା ଅଧାପିକା କୁମକୁମ ଦାସ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ ସହ ମଂଚ ପରିଚାଳନା ଦାୟିତ୍ୱ ତୁଲାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧାପିକା ମଂଜୁଳା କଲିଆ, ଅମିତା ଦାସ, ସୁଧାରାଣି ବେହେରା ପ୍ରମୁଖ ଲୋକସଭା ଓ ବିଧାନସଭା ନିର୍ବାଚନରେ ମହିଳା ମାନଙ୍କ ପାଇଁ ସଂରକ୍ଷଣ ବିଲ ପାସ କରିବାକୁ ସରକାର ଉଦ୍ୟମ କରୁଛନ୍ତି, ଏହିବିଲ ପାସ ହେଲେ ଗଣତନ୍ତ୍ର ମନ୍ଦିରର ସୌନ୍ଦର୍ଯ୍ୟ ବହୁଗୁଣିତ ହେବ ବୋଲି ବକ୍ତବ୍ୟରେ କହିଥିଲେ । ଅଧାପକ ବିବେକାନନ୍ଦ ଦାସବାବୁ ଆଜିର ଏହି କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେବା ସହ ଚାଲିଥିବା ସଚେତନତା ପର୍ବର ଯବନିକା ପକାଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ଅଧାପକ ରବିନାରାୟଣ ମହାପାତ୍ର, ରାଜକିଶୋର ବେହେରା, ଗିରିଜା ଶଙ୍କର ପାତ୍ର, ଅଧାପିକା ପ୍ରଣତି ରାଜ ଓ ମେରିନା ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ

# ଲଗାଣ ବର୍ଷାରେ ବାଇଦାପୋଷି ଗ୍ରାମର ୨୦ ପରିବାର ଜଳବନ୍ଦୀ

## ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପୂର୍ବତନ କଂଗ୍ରେସ ବିଧାୟକ ଶ୍ୟାମାଚରଣ ହାଁସଦାଙ୍କ ଘର ଏହି ଓ୍ୱାର୍ଡରେ




**ବାରିପଦା(ଅମୃତମିଡିଆ):** ଗତ ଦୁଇ ଦିନ ଧରି ଲଗାଣ ବର୍ଷାରେ ରାଇରଙ୍ଗପୁର ପୌରାଞ୍ଚଳର ଦୁଇ ନମ୍ବର ଓ୍ୱାର୍ଡବାସୀଙ୍କ ଅବସ୍ଥା ବେହାଲ । ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଏବଂ ପ୍ରାକ୍ତନ କଂଗ୍ରେସ ବିଧାୟକ ଶାମ ଚରଣ ହାଁସଦାଙ୍କ ଘର ଏହି ଦୁଇ ନମ୍ବର ଓ୍ୱାର୍ଡରେ ଅବସ୍ଥିତ । ବୁଧବାର ମଧ୍ୟରାତ୍ରରୁ ପ୍ରବଳ ବର୍ଷାରେ ବାଇଦାପୋଷୀର ମାଚିସଫେକ୍ଟ୍ରି, ଜଳସେଚନ୍ ଡାକବଙ୍ଗଳା ତଥା ଗ୍ରୀଡ୍ ଷ୍ଟେସନ ସମ୍ମୁଖରେ ଥିବା ୨୦ ରୁ ଉର୍ଦ୍ଧ୍ୱ ପରିବାର ଜଳବନ୍ଦିରେ ରହିଛନ୍ତି । ମହାମହିମ ରାଷ୍ଟ୍ରପତିଙ୍କ ଆଗମନ ସମୟରେ ତଥା ଦେଢ଼ ମାସ ପୂର୍ବରୁ ନୂତନ ରାସ୍ତା ନିର୍ମାଣ ହୋଇଥିଲା । ଠିକାଦାର ଡ୍ରେନେଜ କଲା ନାହିଁ । ରାସ୍ତା ନିର୍ମାଣ ହେଲା ଅଥଚ ଠିକାଦାର କିମ୍ବା ପୌରପାଳିକା ଅଣ ନଜରରେ ରହିଗଲା ଡ୍ରେନେଜ ବ୍ୟବସ୍ଥା । ରାସ୍ତା ହେଲା ଉଚ୍ଚା, ଘର ରହିଲା ତଳ । ଡ୍ରେନେଜ ବ୍ୟବସ୍ଥା କରି ନ ଥିବାରୁ ତଳିଆ ସାହିରେ ହଠାତିଆ ବର୍ଷାପାଣି ସମସ୍ତଙ୍କ ଘରେ ପଶି ଆଣ୍ଠୁଏ ଠିଆ ହୋଇ ରହିଛି । ଜଳ ନିଷ୍କାସନ ବ୍ୟବସ୍ଥା ନାହିଁ । ଘରର ଆସବାବପତ୍ର ପାଣିରେ ବୁଡିଛି । ଘରେ ଚୁଲି ଜଳୁନି । ଶୋଇବା ଆସବାବପତ୍ର ଓଦା ହୋଇଯାଇଛି ।ବୁଢାବୁଢ଼ୀ, ଗର୍ଭବତୀ ମହିଳା ଛୁଆପିଲା ନାହିଁ ନଥିବା ଅସୁବିଧାର ଭୋଗ କରୁଛନ୍ତି । ଗତ ସପ୍ତାହରେ ମଧ୍ୟ ଏଭଳି ଅସୁବିଧା ହୋଇଥିଲା । ଏହାକୁ ନେଇପୌରପାଳିକାରେ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ।ପୌରକର୍ମଚାରୀ ଲୋକଙ୍କ ଦୁର୍ଦ୍ଦଶା ଦେଖି ଯାଇଛନ୍ତି ।ପୌରପାଳିକା ତରଫରୁ ତୁରନ୍ତ ଡ୍ରେନେଜ ବ୍ୟବସ୍ଥା କରିବା ପାଇଁ ଅଞ୍ଚଳବାସୀ ପ୍ରଶାସନଠାରେ ଦାବି କରିଛନ୍ତି ନହେଲେ ଆଗକୁ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି ।

# ଜୁବୁଲି ଲାଇବ୍ରେରୀରେ ଲାଇବ୍ରେରିଆନ ଦିବସ ପାଳିତ




**ବାରିପଦା(ଅମୃତମିଡିଆ):** ଭାରତର ଲାଇବ୍ରେରୀ ବିଜ୍ଞାନର ଜନକ ପଦ୍ମଶ୍ରୀ ଏସ ଆର ରଙ୍ଗନାଥନଙ୍କ ଜନ୍ମ ଉତ୍ସବକୁ ଲାଇବ୍ରେରୀଆନ ଦିବସ ଭାବେ ବାରିପଦାର ଶ୍ରୀରାମଚନ୍ଦ୍ର ପାଠାଗାର (ଜୁବୁଲି ଲାଇବ୍ରେରୀ)ଠାରେ ପାଳିତ ହୋଇଯାଇଛି । ଶ୍ରୀରାମଚନ୍ଦ୍ର ପାଠାଗାର ପରିଚାଳନା ସମିତିର ସମ୍ପାଦକ ଅଶୋକ କୁମାର ବେହେରାଙ୍କ ସ୍ୱାଗତ ସମ୍ଭାଷଣ ପ୍ରଦାନ ପରେ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ସମାଜସେବୀ ଆଶିଷ କୁମାର ବଶା, ସମୀର କୁମାର ସାହୁ ନିଜର ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ବନଜା ମହାନ୍ତି ଲାଇବ୍ରେରିଆନ କନିକା ସେନାପତିଙ୍କୁ ସମ୍ବର୍ଦ୍ଧିତ କରି ନିଜର ବକ୍ତବ୍ୟ ରଖିଥିଲେ । ପରିଚାଳନା ସମିତିର ସଭ୍ୟ ସନ୍ତୋଷ ପଟନାୟକ, ବଳଦେବ ଶତପଥୀ, ପ୍ରଦୀପ ମିସ୍ତ୍ରୀ, ଶୋଭାବତୀ ଓତା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ପରିଶେଷରେ କୋଷାଧକ୍ଷ ଆଶିଷ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜ୍ୟସ୍ତରୀୟ କବାଡ଼ି ଚାମ୍ପିୟନସିପ୍‌ରେ ମୟୂରଭଞ୍ଜ ଦଳ



**ବାରିପଦା(ଅମୃତମିଡିଆ):** ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁଥିବା ୫୨ତମ କନିଷ୍ଠ ରାଜ୍ୟସ୍ତରୀୟ କବାଡି ଚାମ୍ପିୟନସିପ୍‌ରେ ଅଂଶଗ୍ରହଣ କରିବା ପାଇଁ ମୟୂରଭଞ୍ଜର ଉଭୟ ପୁରୁଷ ଓ ମହିଳା ଦଳ ଭୁବନେଶ୍ୱର ଗସ୍ତ କରିଛି ଓ ପୁରୁଷ ଦଳରେ ଲିପୁନ ଦାସ, ଲକ୍ଷ୍ମୀଧର ବାଗ, ଗୌତମ ଗୋଛାୟତ, ଓମ ପଣ୍ଡିତ, ସୋନେଶ୍ୱର ଦଳେଇ, ସୁପ୍ରଭାତ ସେନାପତି, ବିଶ୍ୱଜିତ କୁଁଅର, ସତ୍ୟମ ଗିରି, ରିତେଶ ମୁଖି, ନିରାକର ପରିଡା, ସାଇ ପ୍ରତୀକ ଭଞ୍ଜଦେଓ, ସିମନ ମୁର୍ମୁ ଓ ମହିଳା ଦଳରେ ନ. ଦେବକୀ ସୋରେନ, ସୁନିତା ଧଳ, ସନ୍ଧ୍ୟାରାଣୀ ସିଂ, ଦିପ୍ତିମୟୀ ଧୀର, ଯମୁନା ସିଂ, ଆକାଂକ୍ଷା ସୁଭଦର୍ଶିନୀ ନାୟକ, ସୁଭଦ୍ରା ଚାପେୟାର, ସୋନାକ୍ଷୀ ମୁର୍ମୁ, ଆଲିୟା ମହାନ୍ତ ସ୍ଥାନ ପାଇଛନ୍ତି ଓ କୋଚ ଭାବେ ମିହିର ରଞ୍ଜନ ବେହେରା ଓ ମେନେଜର ଭାବେ ମାନସ ମହାପାତ୍ର ଦଳ ସହିତ ଗସ୍ତ କରିଛନ୍ତି ଓ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, କୋଷାଧକ୍ଷ ଅମିତାଭ ଦାସ, କବାଡି ସମ୍ପାଦକ ପ୍ରସନ୍ନଜିତ ମହାନ୍ତି, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ପୂର୍ବତନ ଜିଲ୍ଲା କ୍ରୀଡା ଅଧିକାରୀ ପ୍ରଦୀପ କୁମାର ବେହେରା, ବରିଷ୍ଠ ସଦସ୍ୟ ରତିକାନ୍ତ ବେହେରା, ଯୋଗେଶ୍ୱର ପାଲବାବୁ, ନନ୍ଦଲାଲ ମହାପାତ୍ର, କୁନ୍ଦନଲାଲ ଭଞ୍ଜଦେଓ, କ୍ରୀଡା ପ୍ରଶିକ୍ଷକ ଧର୍ମେନ୍ଦ୍ର ପଣ୍ଡା ଓ ପ୍ରଦୀପ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହି ଉଭୟ ଦଳର ସଫଳତା କାମନା କରିଥିଲେ ।

# ବିଶ୍ୱବିଦ୍ୟାଳୟରେ 'ହର ଘର ତିରଙ୍ଗା' ଶୋଭାଯାତ୍ରା




**ବାରିପଦା(ଅମୃତମିଡିଆ):** ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବ୍ୟୁରୋ ପକ୍ଷରୁ 'ହର ଘର ତିରଙ୍ଗା' ଅଭିଯାନ ଅବସରରେ ଏକ ବିଶାଳ ତିରଙ୍ଗା ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି । ଦେଶପ୍ରେମ, ଜାତୀୟ ଏକତା ଓ ଦେଶର ଗୌରବମୟ ସ୍ୱାଧୀନତା ସଂଗ୍ରାମର ସ୍ମୃତିକୁ ଉଜ୍ଜୀବିତ କରିବା ଉଦ୍ଦେଶ୍ୟରେ ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଶୋଭାଯାତ୍ରାରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳ ଲୋଚନ ବାରିକ, ବିଶ୍ୱବିଦ୍ୟାଳୟର ଏନଏସଏସ ସଂଯୋଜକ ଡ. ପ୍ରିୟ ରଞ୍ଜନ ଦେବତା, ଜିଲ୍ଲା ନୋଡାଲ ଅଧିକାରୀ ଡ. ଅନାମ ଚରଣ ରାଉଳଙ୍କ ସମେତ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପକ, କର୍ମଚାରୀ, ଏନଏସଏସ ସ୍ୱେଚ୍ଛାସେବୀ, ଏମପିସି ସ୍ୱୟଂଶାସିତ କଲେଜ, ଏମ ସିଏମ କଲେଜ, ବାରିପଦା କଲେଜରୁ ଆସିଥିବା ଛାତ୍ରଛାତ୍ରୀ ମାନେ ଉତ୍ସାହର ସହ ଯୋଗଦେଇଥିଲେ । ହାତରେ ତିରଙ୍ଗା ଧରି ଛାତ୍ରଛାତ୍ରୀମାନେ ଦେଶପ୍ରେମମୂଳକ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଏହି ଅବସରରେ ହର ଘର ତିରଙ୍ଗାର ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବା ସହ ଯୁବପିଢ଼ିଙ୍କ ମନରେ ଦେଶପ୍ରେମ, ଜାତୀୟ ଏକତା ଓ ଦାୟିତ୍ୱବୋଧ ଜାଗ୍ରତ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା ।

# ସ୍ଥାନୀୟ ଶ୍ରମିକଙ୍କୁ ଉପେକ୍ଷା; ୧୩୦ କି.ମି. ଦୂରରୁ ଆସି କାମ କରୁଛନ୍ତି ଶ୍ରମିକ

## ପାଟଣା ରେଞ୍ଜରେ ୯ ଶ୍ରମିକଙ୍କ ନିୟୋଜନକୁ ନେଇ ବଡ଼ ପ୍ରଶ୍ନ



**ବାରିପଦା /ସାହାରପଡ଼ା(ଅମୃତମିଡିଆ):** ସରକାରୀ କାମରେ କାହାକୁ ମିଳୁଛି ସୁଯୋଗ ସ୍ଥାନୀୟ ଶ୍ରମିକଙ୍କୁ ନା ଦୂର ଅଞ୍ଚଳରୁ ଆସୁଥିବା ଶ୍ରମିକଙ୍କୁ? ପାଟଣା ବନାଞ୍ଚଳରେ ଚାଲିଥିବା ବନୀକରଣ କାମକୁ ନେଇ ଏବେ ଏଭଳି ଅନେକ ପ୍ରଶ୍ନ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି । କେନ୍ଦୁଝର ବନଖଣ୍ଡ, ପାଟଣା ରେଞ୍ଜର ଖିରେଇଟାଙ୍ଗିରି ସେକ୍ସନ ଅନ୍ତର୍ଗତ ଡେଣୁଆଁ ନିକଟ ପାଟନାଳୀ ଗ୍ରାମର ବୈତରଣୀ ନଦୀ କୂଳରେ ଚାଲିଥିବା ଏକ ସରକାରୀ କାମରେ ୯ ଜଣ ଶ୍ରମିକ ନିୟୋଜିତ ଥିବାର ଜଣାପଡ଼ିଛି । ସୂଚନା ଅନୁସାରେ, ଏହି ଶ୍ରମିକମାନେ ମୟୂରଭଞ୍ଜ ଜିଲ୍ଲାର ଝରାଡ଼ି ଅଞ୍ଚଳ ନିକଟବର୍ତ୍ତୀ ଅଞ୍ଚଳର । ସେମାନଙ୍କ ଘର ପାଟଣାରୁ ପ୍ରାୟ ୧୩୦ କିଲୋମିଟର ଦୂରରେ ବୋଲି କୁହାଯାଉଛି । ଯେଉଁଠି ସରକାରୀ କାମ ହେଉଛି, ସେହି ଅଞ୍ଚଳରେ ଶ୍ରମିକଙ୍କୁ କାହିଁକି କାମ ମିଳୁ ନାହିଁ । ପାଟଣା ଓ ଆଖପାଖ ଅଞ୍ଚଳରେ ଶତାଧିକ ଶ୍ରମିକ କାମ ଖୋଜୁଥିବା ବେଳେ ଦୂର ମୟୂରଭଞ୍ଜ ଅଞ୍ଚଳରୁ ଶ୍ରମିକ ଆଣିବାର ଆବଶ୍ୟକତା କାହିଁକି ପଡ଼ିଲା ? ସ୍ଥାନୀୟ ଶ୍ରମିକଙ୍କୁ ଏହି କାମରେ ସୁଯୋଗ ଦିଆଗଲା ନାହିଁ କାହିଁକି ? ଆହୁରି ଚର୍ଚ୍ଚାର ବିଷୟ ହେଉଛି, ଏହି ଶ୍ରମିକମାନଙ୍କ ଘର ପାଟଣା ରେଞ୍ଜରଙ୍କ ଘରଠାରୁ ପ୍ରାୟ ୫ କିଲୋମିଟର ଦୂରରେ ବୋଲି ଅଭିଯୋଗ ହୋଇଛି । ତେବେ ଏହି ଦୁଇ ଦୂରତା—କାମସ୍ଥଳୀରୁ ୧୩୦ କିଲୋମିଟର ଏବଂ ରେଞ୍ଜରଙ୍କ ଘରଠାରୁ ମାତ୍ର ୫ କିଲୋମିଟର—କେବଳ ସଂଯୋଗ ନା ଏହା ପଛରେ ଅନ୍ୟ କୌଣସି କାରଣ ରହିଛି ? ଏହାର ସ୍ୱଷ୍ଟତା ତଦନ୍ତ ପରେ ହିଁ ସାମ୍ନାକୁ ଆସିପାରିବ । ସ୍ଥାନୀୟ ଅଭିଯୋଗ ଅନୁଯାୟୀ, ରେଞ୍ଜରଙ୍କ ପକ୍ଷରୁ ଏହି ଶ୍ରମିକମାନଙ୍କୁ ଡାକି ଆଣି କାମରେ ନିୟୋଜିତ କରାଯାଇଥିବା ଦାବି ହେଉଛି । ଏହା ଜାଣିବା ପାଇଁ ଶ୍ରମିକ ଚୟନ ପ୍ରକ୍ରିୟା, ମଷ୍ଟର ରୋଲ, ଉପସ୍ଥାନ ରେକର୍ଡ, ପାରିଶ୍ରମିକ ପ୍ରଦାନର ତଥ୍ୟ ଏବଂ ଅନ୍ୟ ସମ୍ପୃକ୍ତ ଦଲିଲ ଯାଞ୍ଚ ହେବା ଆବଶ୍ୟକ । ଆହୁରି ଗୁରୁତର ଅଭିଯୋଗ ହେଉଛି—ନିୟୋଜିତ ୯ ଜଣଙ୍କ ମଧ୍ୟରୁ ୨ ଜଣ ନାବାଳକ ହୋଇପାରନ୍ତି ବୋଲି ସନ୍ଦେହ ଉଠିଛି । ଯଦି ଦଲିଲ ଯାଞ୍ଚରେ ସେମାନେ ନାବାଳକ ବୋଲି ପ୍ରମାଣିତ ହୁଅନ୍ତି, ତେବେ ସରକାରୀ କାମରେ ସେମାନଙ୍କ ନିୟୋଜନ କେମିତି ହେଲା, କିଏ ଅନୁମତି ଦେଲା ଏବଂ ଦାୟିତ୍ୱ କାହାର—ଏହା ଏକ ଗୁରୁତର ତଦନ୍ତର ବିଷୟ । ଘଟଣାସ୍ଥଳରେ ସୂଚନା ଫଳକ ତିଆରି ହୋଇଛି । କିନ୍ତୁ ଅଭିଯୋଗ ହେଉଛି, ଫଳକରେ କାମ ସମ୍ପର୍କିତ ଆବଶ୍ୟକୀୟ ସୂଚନା ସ୍ପଷ୍ଟ ଭାବେ ଦିଆଯାଇ ନାହିଁ । କେଉଁ ଯୋଜନାରେ କାମ ହେଉଛି,

## ସୂଚନା ଫଳକ ଅଛି; କିନ୍ତୁ ତଥ୍ୟ ନାହିଁ



କାମର ଅନୁମୋଦିତ ଅର୍ଥରାଶି କେତେ ? କେତେ ଶ୍ରମିକ ନିୟୋଜିତ ହୋଇଛନ୍ତି ? ଦୈନିକ ମଜୁରୀ କେତେ ? କେତେ ଚାରା ରୋପଣ ହେବ ? କାମର ସମୟସୀମା କେତ,ଏଭଳି ମୌଳିକ ପ୍ରଶ୍ନର ଉତ୍ତର ସାଧାରଣ ଲୋକଙ୍କ ନିକଟରେ ସ୍ପଷ୍ଟ ହେଉନାହିଁ ବୋଲି ଅଭିଯୋଗ ହେଉଛି ।ଘଟଣାସ୍ଥଳରେ ଜାମୁ, ଶିଶୁ, ଆକାଶିଆ, କରଞ୍ଜ ଆଦି ଚାରା ରୋପଣ ହେଉଥିବା ଦେଖାଯାଇଥିବା କୁହାଯାଉଛି । ତେବେ କେଉଁ ପ୍ରଜାତିର ଚାରା କାହିଁକି ଚୟନ କରାଗଲା, ତାହାର ପରିବେଶୀୟ ଉପଯୋଗିତା କ'ଣ ଏବଂ ଅନୁମୋଦିତ ବନୀକରଣ ଯୋଜନା ସହ ଏହା କେତେ ସମନ୍ୱିତ—ଏହା ମଧ୍ୟ ସ୍ପଷ୍ଟ ହେବା ଆବଶ୍ୟକ । ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚାରା ଚୟନକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି । ତେବେ ଏହି ଅଭିଯୋଗର ବୈଜ୍ଞାନିକ ଓ ବିଭାଗୀୟ ସତ୍ୟତା ମଧ୍ୟ ଯାଞ୍ଚ ହେବା ଦରକାର । ତଦନ୍ତ ହେଲେ ସାମ୍ନାକୁ ଆସିବ ସତ୍ୟ,ଏହି ମାମଲାକୁ କେବଳ ୯ ଜଣ ଶ୍ରମିକଙ୍କ ନିୟୋଜନ ଭାବେ ଦେଖିଲେ ଚାଲିବ ନାହିଁ । ଏହା ସରକାରୀ ଅର୍ଥରେ ହେଉଥିବା କାମରେ ପାରଦର୍ଶିତା, ଶ୍ରମିକ ଚୟନ, ଦଲିଲପତ୍ରର ସଠିକତା ଏବଂ ସ୍ଥାନୀୟ ଲୋକଙ୍କ ସୁଯୋଗ ସହ ଜଡ଼ିତ ଏକ ବଡ଼ ପ୍ରଶ୍ନ ।ତେଣୁ ବନ ବିଭାଗର ଉଚ୍ଚ ଅଧିକାରୀମାନେ ଘଟଣାସ୍ଥଳକୁ ଯାଇ ନିରପେକ୍ଷ ଯାଞ୍ଚ କରନ୍ତୁ । ମଷ୍ଟର ରୋଲରୁ ଆରମ୍ଭ କରି ଶ୍ରମିକଙ୍କ ଉପସ୍ଥାନ, ବୟସ ପ୍ରମାଣପତ୍ର, ପାରିଶ୍ରମିକ, କାମର ଅନୁମୋଦନ, ଚାରା କ୍ରୟ ଓ ରୋପଣ ସମ୍ପର୍କିତ ସମସ୍ତ ରେକର୍ଡ ଯାଞ୍ଚ କରାଯାଉ । ୧୩୦ କିଲୋମିଟର ଦୂରରୁ ଶ୍ରମିକ ଆସିପାରିଲେ, ତେବେ କାମସ୍ଥଳୀର ଆଖପାଖରେ ଥିବା ସ୍ଥାନୀୟ ଶ୍ରମିକଙ୍କୁ ସୁଯୋଗ କାହିଁକି ମିଳିଲା ନାହିଁ ?ଏହି ଗୋଟିଏ ପ୍ରଶ୍ନର ଉତ୍ତର ହିଁ ପାଟଣା ରେଞ୍ଜରେ ଚାଲିଥିବା ଏହି ସରକାରୀ କାମର ସ୍ୱଚ୍ଛତା ଉପରେ ଥିବା ଅନେକ ସନ୍ଦେହକୁ ସ୍ପଷ୍ଟ କରିପାରିବ ।





# ପାହାଡ଼ରେ ବନ୍ୟା, ଯୋଡ଼ା ସହର ଜଳାର୍ଣ୍ଣବ

➡ ଘରେ ପଶିଲା ଲଗାଣବର୍ଷା ପାଣି
➡ ଭୟଭୀତ ଅଞ୍ଚଳବାସୀ



**ଯୋଡ଼ା (ଅମୃତ ମିଡିଆ):** କେନ୍ଦୁଝର ଜିଲ୍ଲା ଖଣି ରାଜଧାନୀ ଯୋଡ଼ା ସହର ଜଳାର୍ଣ୍ଣବ। ଘନୀଭୂତ ଲଘୁଚାପ ବାତ୍ୟା ପ୍ରଭାବ ସହ ଗତରାତିରୁ ଲଗାଣ ପ୍ରବଳ ବର୍ଷା। ଯୋଗୁଁ ଯୋଡ଼ା ପୌରପାଳିକା ଅନ୍ତର୍ଗତ ୧୪ଟି ଯାକ ୱାର୍ଡରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି। ସହରର ବିଭିନ୍ନ ଅଞ୍ଚଳରେ ରାସ୍ତାଘାଟ ଓ ତଳିଆ ଅଞ୍ଚଳ ଜଳମଗ୍ନ ହେବା ସହ ନଦୀକୂଳବର୍ତ୍ତୀ ବସ୍ତିଗୁଡ଼ିକରେ ଘର ଭିତରକୁ ମଧ୍ୟ ପାଣି ପଶିଥିବା ଜଣାପଡ଼ିଛି।

ଯୋଡ଼ାକୁ ସଂଯୋଗ କରୁଥିବା ସୁନା ନଦୀ ବର୍ଷାଜଳରେ ପୂର୍ଣ୍ଣ ହୋଇଥିବା ବେଳେ ଆଖପାଖ ପାହାଡ଼ ଓ ପର୍ବତ ଅଞ୍ଚଳରୁ ପ୍ରବଳ ବେଗରେ ପାଣି ଆସି ନଦୀରେ ମିଶୁଛି। ଫଳରେ ନଦୀର ଜଳପ୍ରବାହ ଆହୁରି ପ୍ରବଳ, ନଦୀକୂଳ, ତଳିଆ ଓ ସମତଳ ଅଞ୍ଚଳରେ ଥିବା ବସ୍ତିଗୁଡ଼ିକରେ ଜଳବନ୍ଦୀ ସ୍ଥିତି ଗମ୍ଭୀର ହୋଇପଡ଼ିଛି। ସେହି ଭଳି ହୁଡ଼ିସାହି ୩ ୱାର୍ଡ଼ ଏସ ଟି ଟେରେସା ସ୍କୁଲ ପାର୍ଶ୍ୱ,

୨ ନଂ ୱାର୍ଡ ଆମ୍ ବାଗନା ବାସିନ୍ଦା, ବାଂଶପାଣି ୧୨ ନମ୍ବର ୱାର୍ଡ ଓ କମାରଯୋଡ଼ା ୧୧ ନମ୍ବର ୱାର୍ଡର ପାହାଡ଼ ଅଞ୍ଚଳରୁ ଆସୁଥିବା ବର୍ଷାଜଳ ନୀଳଚକ୍ର ଏଚ୍‌ପି ପେଟ୍ରୋଲ ପମ୍ପ ପଛପଟ ବସ୍ତି, ରେଳ ସାଇଡିଂ, ରେଳଧାରଣା, ରେଳ କଲୋନୀ, କୋଇଲା ହଟିଂ, ଦୁର୍ଗାପୂଜା ମଣ୍ଡପ ନିକଟ ଅଞ୍ଚଳକୁ ଜଳମଗ୍ନ କରିଛି। ଏଥିସହିତ ସ୍କୁଲ ଘର ମଧ୍ୟ ଜଳବନ୍ଦୀ ହୋଇଥିବା ଦେଖାଯାଇଛି।

୪ ନମ୍ବର ୱାର୍ଡର ଯୋଡ଼ା ମାର୍କେଟ, ସାଇମନ୍ଦିର ଛକ ନିକଟ ଯୋଡ଼ା ମହିଳା ମହାବିଦ୍ୟାଳୟକୁ ଯୋଡ଼ା ମୁଖ୍ୟରାସ୍ତା ସହ ସଂଯୋଗ କରୁଥିବା ଏକମାତ୍ର ଘୋଷରା ପୋଲ, ୱାର୍ଡ଼ ନଂ ୭ ସହିଦନଗର, ୩ ନଂ ୱାର୍ଡ କୁନ୍ଦୁରନାଳା, ୫ ନଂ ୱାର୍ଡ ଅଜାଦବସ୍ତି ଓ ୧୪ ନଂ ୱାର୍ଡ ବିଛାକୁଣ୍ଡି ସମେତ ବିଭିନ୍ନ ଅଞ୍ଚଳରେ ମଧ୍ୟ ଜଳବନ୍ଦୀ ପରିସ୍ଥିତି ଦେଖାଦେଇଛି। ପରିସ୍ଥିତି ଗମ୍ଭୀର ହେବା ପରେ ଯୋଡ଼ା ସହରର ବିଭିନ୍ନ ଜଳବନ୍ଦୀ ଅଞ୍ଚଳର ଅନୁଧ୍ୟାନ କରିଛନ୍ତି ଯୋଡ଼ା ପୌରାଧକ୍ଷ ଡ. ଜଗଦୀଶ ପ୍ରସାଦ ସାହୁ,ଉପାଧକ୍ଷା ସନ୍ଧ୍ୟା ପାତ୍ର,ପୌର ଅଧିକାରୀ ଶ୍ୱେତପଦ୍ମା ଧଳ, ପୌରକର୍ମଚାରୀ, ଯୋଡ଼ା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ, ଅନ୍ୟ ଅଧିକାରୀ ଓ ପୋଲିସ ଫୋର୍ସ, ୱାର୍ଡ଼ ନଂ ୨ କାଉନ୍ସିଲର୍ ସୌଦାମିନୀ ନାଇକ, ଜାଟୁଆ ସମ୍ପାଦକ ସୁଶାନ୍ତ ବାରିକ , ବିଜେପି କାର୍ଯ୍ୟକର୍ତ୍ତା ଚର୍ଚ୍ଚିଲ ମହାକୁଡ଼ଙ୍କ ସମେତ ଅନ୍ୟ ବିଜେପି କର୍ମକର୍ତ୍ତା ଓ ପୌରପାଳିକା କର୍ମଚାରୀ। ଜଳ ନିଷ୍କାସନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରି ଜଳବନ୍ଦୀ ଅଞ୍ଚଳର ଲୋକଙ୍କୁ ଯଥାଶୀଘ୍ର ସୁରକ୍ଷିତ ରଖିବା ଉପରେ ଗୁରୁତ୍ୱ ଦେଇଥିଲେ।

ଲଗାଣ ବର୍ଷା ଆହୁରି ଜାରି ରହିଲେ ପରିସ୍ଥିତି ଅଧିକ ଗମ୍ଭୀର ହେବା ଆଶଙ୍କା ଥିବାରୁ ଜଳ ନିଷ୍କାସନ ସହ ତଳିଆ ଅଞ୍ଚଳରେ ଆବଶ୍ୟକ ସୁରକ୍ଷା ଓ ରିଲିଫ୍ ବ୍ୟବସ୍ଥା କୁ ତ୍ୱରାନ୍ୱିତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ‘ଆସ ଖୁସି ବାଣ୍ଟିବା’ ଫାଉଣ୍ଡେସନର ମହାନତା
## ନାବାଳକଙ୍କ ଚିକିତ୍ସା ପାଇଁ ବଢାଇଲା ସହାୟତାର ହାତ



**ଆଳି (ଅମୃତ ମିଡିଆ):** ଆଳି ଥାନା ଅନ୍ତର୍ଗତ ମହୁ ପଞ୍ଚାୟତର ବାବୁରାମ ଦାଶଙ୍କ ଏକମାତ୍ର ନାବାଳକ ପୁଅ ବ୍ରହ୍ମାନନ୍ଦ ଦାଶ ସଡ଼କ ଦୁର୍ଘଟଣାରେ ଆହତ ହୋଇ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ୧୦ ଦିନ ହେବ ଭର୍ତ୍ତି ହୋଇଛନ୍ତି। ଦଶଦିନ ହେବ ବ୍ରହ୍ମାନନ୍ଦ ଦାଶ ଚେତାଶୂନ୍ୟ ଅବସ୍ଥାରେ ଅଛନ୍ତି। ତାଙ୍କ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ଏନେଇ ନେଇ ଡାକ୍ତର କହିବା ପରେ ପରିବାର ଲୋକ ଚିନ୍ତାରେ। ଆହତ ନାବାଳକଙ୍କ ବାପା ହାଇଦ୍ରାବାଦରେ ଏକ ହଷ୍ଟେଲରେ ରୋଷେଇଆ ଭାବେ କାମ କରନ୍ତି। ଗରୀବ ପରିବାର ହୋଇଥିବାରୁ ପୁଅର ଚିକିତ୍ସା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ସହଯୋଗ ପାଇଁ ବାପା ବାବୁରାମ ନିବେଦନ କରିଥିଲେ। ଆଳି ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ଆସ ଖୁସି ବାଣ୍ଟିବା’ ଫାଉଣ୍ଡେସନ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ଅନୁଷ୍ଠାନର ସଭାପତି ପ୍ରଶାନ୍ତ କୁମାର ଜେନାଙ୍କ ନେତୃତ୍ୱରେ ଉପସଭାପତି ସୁବ୍ରତ ବେହୁରା, ଅମର ଦାସ, ଡ଼ଃ ଲକ୍ଷ୍ମୀପ୍ରିୟା ଦାସ, ସୁନୀଲ କୁମାର ବିଶ୍ୱାଳ, ସୁଶାନ୍ତ ରାଉତ, ବିଭୁତି ଭୂଷଣ ବେହେରା, ରମାକାନ୍ତ ଚୁଳି, ରଞ୍ଜନ କୁମାର ମଲ୍ଲିକ ପ୍ରମୁଖ ମହୁ ଗ୍ରାମର ବାବୁରାମଙ୍କ ଘରେ ପହଞ୍ଚି ତାଙ୍କ ଝିଅଙ୍କୁ ପୁଅର ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ଆର୍ଥିକ ସହାୟତା କରିଥିଲେ। ବ୍ରହ୍ମାନନ୍ଦଙ୍କ ସଫଳ ଚିକିତ୍ସା ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହିତ ବଦାନ୍ୟ ବ୍ୟକ୍ତିମାନେ ସହଯୋଗର ହାତ ବଢାଇବାକୁ ଅନୁଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି।

## ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଜରୁରୀ ସାଙ୍ଗଠନିକ ବୈଠକ



**ଭଞ୍ଜନଗର (ଅମୃତ ମିଡିଆ):** ଓଡିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ତରଫରୁ ଭଞ୍ଜନଗର ଏବଂ ବେଲଗୁଣ୍ଠା ବ୍ଲକ ତରଫରୁ ବ୍ଲକ ଓସ୍କା ସଭାପତି ଉମାକାନ୍ତ ନାହାକଙ୍କ ସଭାପତିତ୍ୱରେ ଏକ ଜରୁରୀ ବୈଠକ କାଳିଞ୍ଜି ସମାଜ ଗୃହ, ଭଞ୍ଜନଗର ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓସ୍କା ଜିଲ୍ଲା ସଭାପତି ଦିଲ୍ଲୀପ କୁମାର ପ୍ରଧାନ, ସମ୍ପାଦକ ସତ୍ୟବାନ ସାହୁ, ଆଲୋସ୍କା ମୁଖ୍ୟ ଉପଦେଷ୍ଟା ଜଗବନ୍ଧୁ ଜେନା, ଉପଦେଷ୍ଟା ଅମର ବିଳାସ ବେହେରା, ରାଜ କୁମାର ସାହୁ, ପ୍ରଧାନଶିକ୍ଷକ ସୂର୍ଯ୍ୟ ନାରାୟଣ ସେଠି, ସୁରେନ୍ଦ୍ର କୁମାର ସାହୁ, ଗୌରୀନନ୍ଦନ ହୋତ୍ତା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଜେନା ମଂଚାସୀନ ହୋଇ ଶିକ୍ଷକ ମାନଙ୍କ ବିଭିନ୍ନ ସମସ୍ୟା ଓ ଦାବୀ ଉପରେ ଆଲୋଚନା କରାଯାଇଥିଲା। ବିଶେଷକରି ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକୁ ଅନୁଦାନ, ଚାକିରୀ ସର୍ତ୍ତକ୍ଷବଳୀ ସହ ପେନସନ, ପୂର୍ଣ୍ଣ ଅନୁଦାନ ବିଦ୍ୟାଳୟ ଗୁଡିକୁ ଶିକ୍ଷକ ଓ ଶିକ୍ଷକ୍ଷକର୍ମଚାରୀ ନିଯୁକ୍ତି ସହିତ ସରକାରୀକରଣ,ନୂତନ ପେନସନ ପରିବର୍ତ୍ତେ ପୁରାତନ ପେନସନର ପୁନଃ ପ୍ରଚଳନ, ଅବସର ବୟସ ଷାଠିଏ ବର୍ଷରୁ ବାସଠି ବର୍ଷକୁ ବୃଦ୍ଧି ଉପରେ ଆଲୋଚନା କରାଯାଇଥିଲା। ଏହା ଉପରେ ଆଗାମୀ ଅଗଷ୍ଟ ୧୬ ଦାବୀଦିବସ ଉପରେ ଭୁବନେଶ୍ୱର ପିଏମଜୀ ଠାରେ ହେବାକୁ ଯାଉଥିବା ପଦଯାତ୍ରା ଓ ଗଣଧାରଣାରେ ସମସ୍ତେ ସାମିଲ ସହ ଦାବୀ ପୂରଣ ହେବାପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବିଭିନ୍ନ ଶିକ୍ଷକ ସଂଗଠନ ତରଫରୁ ଏହାକୁ ପୂର୍ଣ୍ଣ ସମର୍ଥନ ସହ ସହଯୋଗ ରହିଥିବା ଆଲୋଚନା କରାଯାଇଥିଲା। ଏଥିରେ ଉଭୟ ବ୍ଲକରୁ ଶତାଧିକ ଶିକ୍ଷକ ଯୋଗ ଦେଇ ଥିଲେ। ଶେଷରେ ସମ୍ପାଦକ ସତ୍ୟବାନ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ପୋଲସରାରେ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା



**ପୋଲସରା (ଅମୃତ ମିଡିଆ):** ପୋଲସରାଠାରେ ବିଶାଳ ତିରଙ୍ଗା ଶୋଭାଯାତ୍ରା ନିର୍ବିଘ୍ନ ଏବଂ ଶାନ୍ତି ଶୃଙ୍ଖଳାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୋଲସରା ବିଧାୟକ ତଥା ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବିଡ଼ିଓ ଶଶିଭୂଷଣ ମହାପାତ୍ର,ପୌରପରିଷଦ ନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଜେନା ଘୁମୁସର ଜିଲ୍ଲା ବିଜେପି ପୂର୍ବତନ ଉପସଭାପତି ପ୍ରଭାକର ପଣ୍ଡା ଓ ଉକ୍ତ ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ପୂର୍ବତନ ସଭାପତି ଦୀପକ କୁମାର ପ୍ରଧାନ, ପୂର୍ବତନ ବ୍ଲକ୍ ଅଧକ୍ଷା ସଂଯୁକ୍ତା ପ୍ରଧାନ, ନଗର ସାଂସଦ ପ୍ରତିନିଧି ସୀମାଞ୍ଚଳ ସାହୁ, ଉକ୍ତ ପଦଯାତ୍ରାର ଜିଲ୍ଲା ସହ ସଂଯୋଜକ ସୁନୀଲ ପାଢ଼ୀ ନଗର ମଣ୍ଡଳ ସଭାପତି ପ୍ରସନ୍ନ କୁମାର ଡାକୁଆ ଓ ନଗର ସଭାପତି ରାମକୃଷ୍ଣ ପ୍ରଧାନଙ୍କ ସମେତ ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷା ତାଲିମ ପ୍ରତିଷ୍ଠାନର ଗୁରୁ ଛାତ୍ରଛାତ୍ରୀ, ପୋଲସରା ବିଜ୍ଞାନ ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ଆଞ୍ଚଳିକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ, ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାବୃନ୍ଦ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରାଜେନ୍ଦ୍ର ପାତ୍ର, ଶିକ୍ଷାବିତ୍ କାଙ୍ଗ ବାଢ଼େଇ,ଅଧାପକ ଦେବାଶିଷ ସ୍ୱାଇଁ, ବରିଷ୍ଠ କାର୍ଯ୍ୟକର୍ତ୍ତା ଗଙ୍ଗାଧର ନାୟକ ଓ ହରିହର ସାହୁ, ମଥୁରା ମଣ୍ଡଳ ସଭାପତି କୃଷ୍ଣ ଚନ୍ଦ୍ର ଜେନା,କାହ୍ନୁ ଚରଣ ଦାସ, ପୂର୍ବତନ ନଗରପାଳ ପ୍ରଫୁଲ୍ଲ କୁମାର ପ୍ରଧାନ,ରଘୁନାଥ ପଣ୍ଡା, ଉକ୍ତ ଆଞ୍ଚଳିକ ମହିଳା ମହାବିଦ୍ୟାଳୟ ଅଧକ୍ଷ ଡକ୍ଟର ପ୍ରଦୀପ କୁମାର ପରମଗୁରୁ ସମେତ, ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ/ସଭ୍ୟା, ସ୍ୱେଚ୍ଛାସେବୀ, ସମାଜସେବୀ, ବିଭିନ୍ନ ସଂଗଠନ ନେତୃବୃନ୍ଦ, ହାତୀଓଟ ମଣ୍ଡଳ ସଭାପତି ପ୍ରସାନ୍ତ କୁମାର ପ୍ରଧାନଙ୍କ ସମେତ ହଜାର ହଜାର ସଂଖ୍ୟାରେ ମହିଳା ଓ ପୁରୁଷମାନେ ସ୍ୱତଃସ୍ଫୁତ ଭାବେ ଯୋଗଦେବା ସହିତ ହାତରେ ତିରଙ୍ଗା ପତାକା ଧରି ଶୋଭାଯାତ୍ରାରେ ସାମିଲ୍ ହୋଇ ଦେଶଭକ୍ତିର ପରିଚୟ ଦେଇଥିବାର ଦେଖିବାକୁ ମିଳିଥିଲା। ବିଶେଷ ଆକର୍ଷଣ ସ୍ୱରୂପ ୫୦୦ ମିଟର ଲମ୍ବ ବିଶିଷ୍ଟ ଜାତୀୟ ପତାକା ଛାତ୍ରଛାତ୍ରୀମାନେ ଧରିଥିବାର ଦେଖିବାକୁ ମିଳିଥିଲା।

## ଦେବଭୂମି ପି.ଏମ୍. ଶ୍ରୀ ବିଦ୍ୟାଳୟରେ ନିଶାମୁକ୍ତ ଭାରତ ରାଲି



**ଆସିକା (ଅମୃତ ମିଡିଆ):** ଗଞ୍ଜାମ ଜିଲ୍ଲା ଆସିକା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନ ଦେବଭୂମି ପି.ଏମ୍. ଶ୍ରୀ ଗ୍ରାମପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ‘ନଶାମୁକ୍ତ ଭାରତ’ ଅଭିଯାନ ଅନ୍ତର୍ଗତ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଛି।

ନଶାମୁକ୍ତ ଭାରତ ଗଠନ ସହ ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟର କୁପ୍ରଭାବରୁ ଦୂରେଇ ରଖିବା ଉଦ୍ଦେଶ୍ୟରେ ବିଦ୍ୟାଳୟର ଏନ.ସିସି ଟ୍ରୁପ୍ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ରାଲି ଅନୁଷ୍ଠିତ ହୋଇଥିବା ବେଳେ ଆସୋସିଏଟ ଏନ.ସି.ସି ଅଫିସର ତଥା ଦ୍ୱିତୀୟ ବାଟାଲିୟନ ଅଧିକାରୀ ଅନୁପ କୁମାର ନାୟକ ଏହାର ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଏନ୍‌ସିସି କ୍ୟାଡେଟ୍ ସାଗର ବେହେରା ଓ ରାଜେଶ ପାତ୍ରଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କ୍ୟାଡେଟ୍ ଯୋଗଦେଇଥିଲେ। କ୍ୟାଡେଟ୍‌ମାନେ ହାତରେ ବିଭିନ୍ନ ସଚେତନତାମୂଳକ ପ୍ଲାକାର୍ଡ ଧରି ଗ୍ରାମ ପରିକ୍ରମା କରିବା ସହ ନିଶା ସେବନର କୁପରିଣାମ ସମ୍ପର୍କରେ ସାଧାରଣ ଲୋକଙ୍କୁ ସଚେତନ କରିଥିଲେ। ‘ନିଶା ଛାଡନ୍ତୁ, ଜୀବନ ଗଢନ୍ତୁ’ ଏବଂ ‘ନିଶାମୁକ୍ତ ଭାରତ ଗଢିବା, ସମସ୍ତେ ଶପଥ ନେବା’ ଭଳି ସ୍ଲୋଗାନ ଦେଇ କ୍ୟାଡେଟ୍‌ମାନେ ସଚେତନତାର ବାର୍ତ୍ତା ପ୍ରଚାର କରିଥିଲେ। ବିଦ୍ୟାଳୟ ପରିସରରୁ ଆରମ୍ଭ ହୋଇଥିବା ଏହି ରାଲି ବିଭିନ୍ନ ଗ୍ରାମ ଦେଇ ପରିକ୍ରମା କରିଥିଲା। ଏକ ସୁସ୍ଥ, ସୁନ୍ଦର ଓ ନିଶାମୁକ୍ତ ସମାଜ ଗଠନ ପାଇଁ ଯୁବପିଢ଼ି ଓ ସମାଜର ସମସ୍ତ ବର୍ଗଙ୍କୁ ସଚେତନ କରିବା ଏହି ରାଲିର ମୁଖ୍ୟ ଲକ୍ଷ୍ୟ ଥିଲା।

## ନିଶାମୁକ୍ତ ଭାରତ ଗଠନ ପାଇଁ କର୍ମଚାରୀଙ୍କ ଦୃଢ଼ ସଂକଳ୍ପ



**ଆସିକା (ଅମୃତ ମିଡିଆ):** ନିଶାମୁକ୍ତ ଭାରତ ଗଠନ ଏବଂ ବିକଶିତ ଭାରତର ସଂକଳ୍ପକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଆସିକା ଚିନିଶିଳ୍ପର କୃଷକ ଭବନ ପରିସରରେ ‘ଦଶକୋଟି ନିଶାମୁକ୍ତି ପ୍ରତିଜ୍ଞା’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ଶାନ୍ତିଶକ୍ତି ଭବନ, ଆସିକା ପକ୍ଷରୁ ଏହି ସଚେତନତାମୂଳକ ଅଭିଯାନ ଆୟୋଜିତ ହୋଇଥିଲା।

କାର୍ଯ୍ୟକ୍ରମରେ ଶାନ୍ତିଶକ୍ତି ଭବନର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତି ଚିନିଶିଳ୍ପର ସମସ୍ତ କର୍ମଚାରୀଙ୍କୁ ନିଶାମୁକ୍ତ ଜୀବନଯାପନ ପାଇଁ ଶପଥ ପାଠ କରାଇଥିଲେ। ନିଶାରୁ ଦୂରେଇ

### ଆସିକା ଚିନିଶିଳ୍ପରେ ‘ଦଶକୋଟି ନିଶାମୁକ୍ତି ପ୍ରତିଜ୍ଞା’

ନିଜ ପରିବାର, ସମାଜ ଓ ଦେଶର ସୁସ୍ଥ ଭବିଷ୍ୟତ ଗଠନରେ ସକାରାତ୍ମକ ଯୋଗଦାନ କରିବା ସହ ବିକଶିତ ଭାରତ ଗଠନରେ ପ୍ରତ୍ୟେକ ନାଗରିକଙ୍କ ଭୂମିକା ରହିଛି ବୋଲି ସେ ଆହ୍ୱାନ ଦେଇଥିଲେ।ଏହି ଅବସରରେ ଆସିକା ସୁଗାର ଫ୍ୟାକ୍ଟ୍ରିର ପରିଚାଳନା ନିର୍ଦ୍ଦେଶକ ଡ. ସୁଶାନ୍ତ କୁମାର ପଣ୍ଡା ନିଶାମୁକ୍ତ ସମାଜର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ନିଶା କେବଳ ବ୍ୟକ୍ତିର ଶାରୀରିକ ଓ ମାନସିକ କ୍ଷତି କରେ ନାହିଁ, ଏହା ପରିବାର ଓ ସମାଜର ଅଗ୍ରଗତିକୁ ମଧ୍ୟ ପ୍ରଭାବିତ କରେ। ତେଣୁ ନିଶା ବିରୋଧରେ ସମସ୍ତଙ୍କ ସମ୍ମିଳିତ ସଂକଳ୍ପ ଓ ସଚେତନତା ଆବଶ୍ୟକ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଆସିକା ସୁଗାର ଫ୍ୟାକ୍ଟ୍ରିର ବହୁ ବରିଷ୍ଠ ଅଧିକାରୀ ଓ କର୍ମକର୍ତ୍ତାଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ନିଶାମୁକ୍ତ ଭାରତ ଗଠନ ପାଇଁ ଦୃଢ଼ ସଂକଳ୍ପ ନେଇଥିଲେ। ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅବସରପ୍ରାପ୍ତ ସଂସ୍କୃତ ପଣ୍ଡିତ ଦୁର୍ଗାପ୍ରସାଦ ପଣ୍ଡାଙ୍କ ସମେତ ଅନ୍ୟ ଭାଇ ଓ ଭଉଣୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଏବଂ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ପକ୍ଷରୁ ଆୟୋଜିତ ନିଶାମୁକ୍ତି ସଂକଳ୍ପ ଅଭିଯାନର ପ୍ରମାଣପତ୍ର ଆସିକା ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ଡ. ସୁଶାନ୍ତ କୁମାର ପଣ୍ଡାଙ୍କୁ ପ୍ରଦାନ କରାଯାଇଥିଲା। ନିଶାମୁକ୍ତ ସମାଜ ଗଠନ ପାଇଁ ଚିନିଶିଳ୍ପର କର୍ମଚାରୀମାନଙ୍କ ଏହି ସାମୂହିକ ସଂକଳ୍ପ ସମାଜରେ ଏକ ସଚେତନତାମୂଳକ ବାର୍ତ୍ତା ପ୍ରଦାନ କରିଛି।

## ଗୋପାଳପୁରରେ ‘ତ୍ରିରଙ୍ଗା ମାରାଥନ’ ଆୟୋଜିତ
### ୫.୫ କିଲୋମିଟର ଦୌଡ଼ିଲେ ଛତ୍ରପୁର ବିଧାୟକ, ଜିଲ୍ଲାପାଳ
### ପୁରୁଷ ବର୍ଗରେ ନେତ୍ରମଣୀ, ମହିଳା ବର୍ଗରେ ଗୁଡ଼ଲି ପ୍ରଥମ



**ବ୍ରହ୍ମପୁର / ଗୋପାଳପୁର (ଅମୃତ ମିଡିଆ):** ‘ଘରେ ଘରେ ତ୍ରିରଙ୍ଗା’ ଅଭିଯାନ ଅବସରରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଗୋପାଳପୁରରେ ‘ତ୍ରିରଙ୍ଗା ମାରାଥନ’ ଆୟୋଜିତ ହୋଇଯାଇଛି। ଦେଶପ୍ରେମ, ଜାତୀୟ ଏକତା ଓ ଅଖଣ୍ଡତାର ବାର୍ତ୍ତା ନେଇ ଆୟୋଜିତ ଏହି ମାରାଥନରେ ଏକ ହଜାରରୁ ଅଧିକ ଯୁବକ-ଯୁବତୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ।

ସକାଳ ୬ଟାରେ ବିଜୟ ମାର୍ଗରୁ ଆରମ୍ଭ ହୋଇଥିବା ଏହି ମାରାଥନ ଗୋପାଳପୁର ମୁଖ୍ୟ ବେଳାଭୂମିରେ ଶେଷ ହୋଇଥିଲା। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଅତିରିକ୍ତ ଜିଲ୍ଲାପାଳ ସୁନୀଲ କୁମାର କେର୍କେଟା, ଗୋପାଳପୁର ଏନ୍‌ଏସି ଅଧକ୍ଷ ଏ ଜାନକୀ ରାମ, ଅତିରିକ୍ତ ଉପଜିଲ୍ଲାପାଳ, ଛତ୍ରପୁର ପାର୍ଥ ସାରଥୀ ହାଁସଦା, ଜିଲ୍ଲା କ୍ରୀଡା ଅଧିକାରୀ ଦିବ୍ୟ ରଞ୍ଜନ ବିଶ୍ୱାଳ, ବ୍ରହ୍ମପୁର ଏକାଡେମୀର କୋଚ୍ ସୀମାଞ୍ଚଳ ବାରିକଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି ଓ ଏକ ହଜାରରୁ ଅଧିକ ଯୁବକ-ଯୁବତୀ ଏଥିରେ ଅଂଶଗ୍ରହଣ କରିଥିଲେ। ମାରାଥନ ମାର୍ଗର ଉଭୟ ପାର୍ଶ୍ୱରେ ହଜାର ହଜାର ଲୋକ ହାତରେ ତ୍ରିରଙ୍ଗା ପତାକା ଧରି ଧାବକମାନଙ୍କୁ ଉତ୍ସାହିତ କରିଥିଲେ। ସମଗ୍ର ଅଞ୍ଚଳ ଦେଶପ୍ରେମର ଭାବନାରେ ଉଦ୍ ?ବେଳିତ ହୋଇଥିଲା। ଯୁବକ-ଯୁବତୀମାନଙ୍କ ସହ ଛତ୍ରପୁର ବିଧାୟକ ଓ ଗଞ୍ଜାମ ଜିଲ୍ଲାପାଳ ମଧ୍ୟ ସମ୍ପୂର୍ଣ୍ଣ ୫.୫ କିଲୋମିଟର ଦୌଡ଼ି ଅତିକ୍ରମ କରିଥିଲେ। ସେମାନଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ମାରାଥନରେ ଭାଗ ନେଇଥିବା ଯୁବପିଢ଼ିଙ୍କୁ ଅଧିକ ଉତ୍ସାହିତ କରିଥିଲା। ପୁରୁଷ ବର୍ଗରେ ନେତ୍ରମଣୀ ଶବର ପ୍ରଥମ, ଦୁର୍ଯ୍ୟଧନ ନାୟକ ଦ୍ୱିତୀୟ ଓ ସରୋଜ ବେହେରା ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ମହିଳା ବର୍ଗରେ ଗୁଡଲି ମଲ୍ଲିକ ପ୍ରଥମ, ସାନିୟା ମଲ୍ଲିକ ଦ୍ୱିତୀୟ ଓ ଅସୀମା ମଲ୍ଲିକ ତୃତୀୟ ସ୍ଥାନ ହାସଲ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ସହ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଭାବେ ଯଥାକ୍ରମେ ୫,୦୦୦, ୩,୦୦୦ ଓ ୨,୦୦୦ ଟଙ୍କାର ନଗଦ ଅର୍ଥରାଶି ପ୍ରଦାନ କରାଯାଇଥିଲା। ‘ହାତରେ ତ୍ରିରଙ୍ଗା, ମନରେ ଦେଶପ୍ରେମ’ ବାର୍ତ୍ତାକୁ ନେଇ ଆୟୋଜିତ ଏହି ତ୍ରିରଙ୍ଗା ମାରାଥନ ଗଞ୍ଜାମରେ ଜାତୀୟ ଏକତା, ଅଖଣ୍ଡତା ଓ ଦେଶପ୍ରେମର ଭାବନାକୁ ଆହୁରି ସୁଦୃଢ଼ କରିଛି ବୋଲି ଜିଲ୍ଲାପାଳ କହିଛନ୍ତି।

## ଗଞ୍ଜେଇ ଚୋରାଚାଲାଣ : ଯୁବକ ଗିରଫ



**ଭଞ୍ଜନଗର (ଅମୃତ ମିଡିଆ):** କନ୍ଧମାଳ ଜିଲ୍ଲାରୁ ଭଞ୍ଜନଗର ଦେଇ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ଜଣେ ଯୁବକଙ୍କୁ ଭଞ୍ଜନଗର ପୋଲିସ କାବୁ କରିଛି। ତାକଂ ଠାରୁ ୨୨.୪୪୦ କିଲୋଗ୍ରାମ ବେଆଇନ ଗଞ୍ଜେଇ ସହ,୧୫୦୦ ଟଙ୍କା ଓ ଏକ ମୋବାଇଲ ଜବତ କରାଯାଇଛି। କେନ୍ଦୁଝର ଜିଲ୍ଲାର ପ୍ରକାଶ କୁମାର ରାଉତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଜିବନାନନ୍ଦ ଜେନା ସୂଚନା ଦେଇଛନ୍ତି ସୂଚନାନୁସାରେ, ବୁଧବାର ଏସଆଇ ଲକ୍ଷ୍ମୀଧର ମହାନ୍ତିଙ୍କ ନେତୃତ୍ୱରେ ପୁଲିସ୍ ଟିମ୍ ଭଞ୍ଜନଗର ଥାନା ଅଞ୍ଚଳରେ ସନ୍ଧ୍ୟାକାଳୀନ ପାଟ୍ରୋଲିଂ/ବ୍ଲକିଂ ଡ୍ୟୁଟି କରୁଥିଲେ।ଏହି ସମୟରେ ପେଟ୍ରୋଲିଂ ଟିମ୍ ଜାତୀୟ ରାଜପଥ ୧୫୭ ବେଡିଗୁବା ବିଶ୍ରାମ ଗୃହ ନିକଟରେ ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଅଟକାଇଥିଲେ। ଉକ୍ତ ବ୍ୟକ୍ତିଙ୍କ ପାଖରେ ଦୁଇଟି ବ୍ୟାଗ୍ ଗୋଟିଏ କଫି ରଙ୍ଗର ଟ୍ରଲି ବ୍ୟାଗ୍ ଏବଂ ଗୋଟିଏ କଳା ରଙ୍ଗର ଏୟାର ବ୍ୟାଗ୍) ଥିଲା, ଯେଉଁଥିରେ ନିଷିଦ୍ଧ ସାମଗ୍ରୀ ଅର୍ଥାତ୍ ଗଞ୍ଜେଇ ରହିଥିବା ସନ୍ଦେହ କରାଯାଇଥିଲା।

## ତେଲୁଗୁ ମାଧ୍ୟମ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସାମଗ୍ରୀ ବଣ୍ଟନ

**ବ୍ରହ୍ମପୁର (ଅମୃତ ମିଡିଆ):** ସ୍ଥାନୀୟ ସିଟି ହାଇସ୍କୁଲ ପରିସରରେ ଗୁରୁବାର ଅପରାହ୍ଣରେ ଶିଶୁ ବାଟିକାଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ତେଲୁଗୁ ମାଧ୍ୟମର ସମସ୍ତ ଛାତ୍ରଛାତ୍ରୀଙ୍କୁ ନୋଟ୍‌ବୁକ୍, କମ୍ପାସ ବକ୍ସ, କଲମ, ପେନ୍‌ସିଲ ଓ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ଏ ନେଇ ସ୍କୁଲରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆନ୍ଧ୍ର ମହିଳା ସମାଜମର ସଭାପତି ଏମ୍. କାମେଶ୍ୱରୀ, କଣ୍ଠଶିଳ୍ପୀ କେ. ଶ୍ରୀଲକ୍ଷ୍ମୀ ଓ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ସେମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଥିବା ଅତିଥି କହିଛନ୍ତି।

## ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ ଅବିଳମ୍ବେ ଆରମ୍ଭ କରିବା ଦାବିରେ ବିକ୍ଷୋଭ




**ବ୍ରହ୍ମପୁର (ଅମୃତ ମିଡିଆ):** ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ ଅବିଳମ୍ବେ ଆରମ୍ଭ କରିବା, ତୁରନ୍ତ ଛାତ୍ର ବିରୋଧୀ ଆଦର୍ଶ ଆଚରଣ ସଂହିତା ପ୍ରତ୍ୟାହାର କରିବା ଓ କ୍ୟାମ୍ପସ ମଧ୍ୟରେ ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ଅଧିକାରକୁ ସୁରକ୍ଷା ଦେବା ଦାବିରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏକ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଗୋଟିଏ ପଟେ ଦୀର୍ଘବର୍ଷ ଧରି ଛାତ୍ରସଂସଦ ନିର୍ବାଚନ ବନ୍ଦକରି ସରକାର କ୍ୟାମ୍ପସ ମଧ୍ୟରେ ଶୈକ୍ଷିକ ଓ ଗଣତାନ୍ତ୍ରିକ ପରିବେଶକୁ ନଷ୍ଟ କରିବା ସହ ଶାସକ ଦଳର ଘୃଣ୍ୟ ରାଜନୀତିକୁ ଶିକ୍ଷାନୁଷ୍ଠାନ ମଧ୍ୟରେ ଚପାଇ ଦେବାର ଅପଚେଷ୍ଟା କରୁଛନ୍ତି। ଅନ୍ୟ ପଟେ ଛାତ୍ରଛାତ୍ରୀଙ୍କ ଉପରେ ଆଦର୍ଶ ଆଚରଣ ସଂହିତା ଲଦିଦେଇ କ୍ୟାମ୍ପସ ମଧ୍ୟରେ ସଭାସମିତି କରିବା, ପ୍ରତିବାଦ କରିବା ଏବଂ ଭିନ୍ନମତ ପୋଷଣ କରିବାର ଅଧିକାରକୁ ତାଙ୍କ ଠାରୁ ଛଡେଇନେବା ପାଇଁ ଚେଷ୍ଟା କରୁଛନ୍ତି।

ଏଣୁ ସଂଗଠନ ପକ୍ଷରୁ ଉପସ୍ଥାପିତ ଦାବି ଗୁଡିକ ପୂରଣ ନହେଲେ ଆଗାମୀ ଦିନରେ ରାଜ୍ୟବ୍ୟାପୀ ବ୍ୟାପକ ଶକ୍ତିଶାଳୀ ଆନ୍ଦୋଳନ ସଂଗଠିତ କରାଯିବ ବୋଲି ଛାତ୍ରନେତାମାନେ ଚେତାବନୀ ଦେଇଛନ୍ତି।ଆଜିକାର କାର୍ଯ୍ୟକ୍ରମ ଏଆଇଡିଏସ୍‌ଓ ଗଞ୍ଜାମ ଜିଲ୍ଲା ସଭାପତି ନିମାଇଁ ଚରଣ ସାହୁ, ସମ୍ପାଦକ ନାରାୟଣ ସାହୁ, ଉପସଭାପତି ପପୁନ ସାହୁ, କୋଷାଧକ୍ଷ କିସାନ୍ କୁମାର ସାହୁ, ଜିଲ୍ଲା କମିଟି ସଭ୍ୟା ଶୁଭସ୍ମିତା ପାଣିଗ୍ରାହୀଙ୍କ ସମେତ ସଂଗଠନର କର୍ମକର୍ତ୍ତା ବାମିଆ କୁମାର ଓ ବୈକୁଣ୍ଠ ବାରିକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା।

## ନୂତନ ମହାନଗର ନିଗମରେ ନିର୍ମାଲ୍ୟର ବୃକ୍ଷରୋପଣ

**ପୁରୀ (ବ୍ୟୁରୋ):** ସାଂପ୍ରତିକ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଅମ୍ଳଜାନ ଭାରତବର୍ଷ ପାଇଁ ଏକ ଆବଶ୍ୟକତା ଆଉ ଅମ୍ଳଜାନ ପାଇଁ ବ୍ୟାପକ ବୃକ୍ଷରୋପଣ ବଡ଼ ଆବଶ୍ୟକତା। ଏହି ସ୍ଲୋଗାନ ସହ ଆଜି ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ନିର୍ମାଲ୍ୟ ପକ୍ଷରୁ ନୂତନ ଭାବେ ଘୋଷିତ ପୁରୀ ମହାନଗର ନିଗମ ପରିସରଭୁକ୍ତ ଆଳିକିଆ, ବାଟମଙ୍ଗଳା ନଗରରେ ବ୍ୟାପକ ବଉଳ,ନିମ୍ବ ,କଦମ୍ବ ଓ ଅଗସ୍ତି ବୃକ୍ଷରୋପଣ କରାଯାଇଛି। ନିର୍ମାଲ୍ୟ ର ସଂପାଦକ ତଥା ପ୍ରକୃତି ବନ୍ଧୁ ଡକ୍ଟର ବିଶ୍ୱନାଥ ମିଶ୍ରଙ୍କ ନେତୃତ୍ୱରେ ସଭାପତି ଡକ୍ଟର ବଦ୍ରି ମିଶ୍ର, ପରିବେଶବିତ୍ ସରୋଜ ଜେନା, ଗଙ୍ଗାଧର ଦାଶ, ହେମନ୍ତ ନାୟକ, ଦୁଷ୍ମନ୍ତ ସାହୁ, ଶିବରାମ ପ୍ରଧାନ,ଶ୍ୟାମପ୍ରକାଶ ସେନାପତି, ଶିବ ସୁନ୍ଦର ମିଶ୍ର,ତାପସ ନାୟକ, ପ୍ରଶାନ୍ତ ନାୟକ ଓ ଅଭିଜିତ ରାଉତ ପ୍ରମୁଖ ଏହି ବୃକ୍ଷରୋପଣ କରିବା ସହ ସଚେତନତା ଶୋଭାଯାତ୍ରା କରିଥିଲେ। ଆଗାମୀ ସେପ୍ଟେମ୍ବର ରେ ବ୍ରହ୍ମଗିରି ର ବାଲି ହରଚଣ୍ଡି ସଂଲଗ୍ନ ଗ୍ରାମାଞ୍ଚଳରେ ବୃକ୍ଷ ରୋପଣ କରାଯିବ ବୋଲି ସଂପାଦକ ଡକ୍ଟର ବିଶ୍ୱନାଥ ମିଶ୍ର ଜଣାଇଛନ୍ତି।

### ॥ ୧୩୫ ଦିନରେ ସଚେତନତା ସତ୍ୟାଗ୍ରହ ପଦଯାତ୍ରା ॥

## ସ୍ୱତନ୍ତ୍ର ବ୍ୟବସ୍ଥା ହେବାଯାଏଁ ଜାରି ରହିବ ଅହିଂସା ଯାତ୍ରା





**ପୁରୀ (ବ୍ୟୁରୋ):** ପୁରୀ ସହରବାସୀଙ୍କ ପାଇଁ ଶ୍ରୀମନ୍ଦିର ପ୍ରବେଶ ଓ ମହାପ୍ରଭୁଙ୍କ ଦର୍ଶନରେ ସ୍ୱତନ୍ତ୍ର ବ୍ୟବସ୍ଥା ଦାବିରେ ଚାଲିଥିବା ସଚେତନତା ସତ୍ୟାଗ୍ରହ ପଦଯାତ୍ରା ଆଜି ୧୩୫ତମ ଦିନରେ ପହଞ୍ଚିଛି। ଏପ୍ରିଲ ୧ ଉତ୍କଳ ଦିବସଠାରୁ ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ପୀଠରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ପ୍ରତ୍ୟହ ଏହି ଅହିଂସାମୂଳକ ପଦଯାତ୍ରା ଜାରି ରହିଛି। ଗତକାଲି ଭଳି ଆଜି ମଧ ସତ୍ୟାଗ୍ରହୀମାନେ ଆଧାର କାର୍ଡ ଦେଖାଇ ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ଦେଇ ପ୍ରବେଶ କରିଥିଲେ। ତେବେ ମହାପ୍ରଭୁଙ୍କ ବନକ ଲାଗି ନୀତି ଯୋଗୁଁ ସାଧାରଣ ଦର୍ଶନ ବନ୍ଦ ଥିବାରୁ ମହାପ୍ରଭୁଙ୍କ ଦର୍ଶନ ସମ୍ଭବ ହୋଇନଥିଲା। ମହାପ୍ରଭୁଙ୍କ ନୀତିକାନ୍ତିକୁ ସମ୍ମାନ ଜଣାଇ ସତ୍ୟାଗ୍ରହୀ ପଦଯାତ୍ରୀମାନେ ଶ୍ରୀମନ୍ଦିର ବେଢ଼ା ପରିକ୍ରମା କରିଥିଲେ।ପୁରୀ ସହରବାସୀଙ୍କୁ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ପାଇଁ ସ୍ୱତନ୍ତ୍ର ସୁବିଧା ଦାବିରେ ଏହି ସତ୍ୟାଗ୍ରହ ଜାରି ରହିଛି। ମଞ୍ଚ ପକ୍ଷରୁ କୁହାଯାଇଛି ଯେ, ପୁରୀ ସହରବାସୀଙ୍କ ପାଇଁ ସରକାରୀ ସ୍ତରରେ ସ୍ଥାୟୀ ଭାବେ ସ୍ୱତନ୍ତ୍ର ପ୍ରବେଶ ଓ ଦର୍ଶନ ବ୍ୟବସ୍ଥା ଘୋଷଣା ନହେବା ପର୍ଯ୍ୟନ୍ତ ଏହି ଅହିଂସାମୂଳକ ସତ୍ୟାଗ୍ରହ ପଦଯାତ୍ରା ଜାରି ରହିବ। ଏଠାରେ ସୂଚନାଯୋଗ୍ୟ ଯେ, ଗତକାଲି ଆଧାର କାର୍ଡ ଦେଖାଇ ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ଦେଇ ପ୍ରବେଶ ସଫଳ ହୋଇଥିଲେ ମଧ ଅନ୍ୟ ସମୟରେ ପୁରୀ ସହରର ଅନେକ ଲୋକ ଆଧାର କାର୍ଡ ଦେଖାଇବା ସତ୍ତ୍ୱେ ଶ୍ରୀମନ୍ଦିରରେ ପ୍ରବେଶ କରିପାରୁନଥିବା ନେଇ ମଞ୍ଚକୁ ଜଣାଇଛନ୍ତି। ତେଣୁ କେବଳ ଗୋଟିଏ ଦିନର ପ୍ରବେଶ ନୁହେଁ, ପୁରୀବାସୀଙ୍କ ପାଇଁ ସ୍ଥାୟୀ ଓ ସ୍ପଷ୍ଟ ବ୍ୟବସ୍ଥା କରାଯିବାକୁ ମଞ୍ଚ ପକ୍ଷରୁ ଦାବି କରାଯାଇଛି ।ମଞ୍ଚର ଆବାହକ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି, "ମହାପ୍ରଭୁଙ୍କ ନୀତିକାନ୍ତି ପ୍ରତି ଆମର ସମ୍ପୂର୍ଣ୍ଣ ଭରସା ଓ ବିଶ୍ୱାସ ରହିଛି। ନୀତିକାନ୍ତିକୁ ସମ୍ମାନ ଜଣାଇ ଆମେ ଆମର ଅହିଂସାମୂଳକ ଆନ୍ଦୋଳନ ଜାରି ରଖିଛୁ। ଯେଉଁ ପର୍ଯ୍ୟନ୍ତ ସରକାରୀ ସ୍ତରରେ ପୁରୀ ସହରବାସୀଙ୍କ ପାଇଁ ସ୍ଥାୟୀ ଓ ସ୍ୱତନ୍ତ୍ର ପ୍ରବେଶ-ଦର୍ଶନ ବ୍ୟବସ୍ଥା ଘୋଷଣା ନହୋଇଛି, ସେ ପର୍ଯ୍ୟନ୍ତ ଆମର ପଦଯାତ୍ରା ଓ ସତ୍ୟାଗ୍ରହ ଜାରି ରହିବ ।ଗୁରୁବାର ପଦଯାତ୍ରାରେ ସର୍ବଶ୍ରୀ ହରିଶଙ୍କର ମିଶ୍ର, ବିଶ୍ୱନାଥ ମିଶ୍ର, ଚକ୍ରଧର ମହାପାତ୍ର, ଯାଦବାନନ୍ଦ ରାୟ, ପ୍ରଫୁଲ୍ଲ କୁମାର ସାହୁ, କିଶୋର ଚନ୍ଦ୍ର ଦାସ, ଲିଙ୍ଗରାଜ ସାହୁ, ମନୋରଞ୍ଜନ ରଣସିଂହ, ରମେଶ ଚନ୍ଦ୍ର ମହାନ୍ତି, ଅରୁଣା ପଟ୍ଟନାୟକ, ବନିତା ଦିକ୍ଷୀତ, ବେବି ଚୌଧୁରୀ, ଶ୍ରାବଣୀ ଦାସ, କଣ୍ଢେଇ ଗୌଡ଼, ସଙ୍ଗୀତା ଦାସ, ନେହା, ବାବରିଲିନ, ମମତା ସ୍ୱାଇଁ, କାହ୍ନୁ ଚରଣ ପ୍ରଧାନ, ସନ୍ତୋଷ ସେନାପତି,ପ୍ରକାଶ ଚନ୍ଦ୍ର ନାୟକ, ପ୍ରଦୀପ୍ତ କୁମାର ମହାନ୍ତି, ସୁବାଷ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ ।ପାଦ ଚାଲିବ ଅହିଂସାର ପଥରେ ।ନୀରବତା କହିବ ନ୍ୟାୟର କଥା ।ଆଶା ରହିବ ମହାପ୍ରଭୁଙ୍କ ଦର୍ଶନର।

## ଅଟଳ ବିଚାର ମଞ୍ଚ ପକ୍ଷରୁ ତ୍ରିରଙ୍ଗା ଯାତ୍ରା



**ପୁରୀ (ବ୍ୟୁରୋ):** ଅଟଳ ବିଚାର ମଞ୍ଚ ଓଡିଶା ପକ୍ଷରୁ ରୁ ତ୍ରିରଙ୍ଗା ଯାତ୍ରା ଆଜି ଅନୁଷ୍ଠିତ ହୋଇଥିଲା ଏଥିରେ ମଞ୍ଚ ର ରାଜ୍ୟ ସଭାପତି ବରିଷ୍ଠ ଆଇନଜୀବି ବିନୟ ନୃସିଂହ ମହାପାତ୍ର ଙ୍କ ନେତୃତ୍ୱ ଏକ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥିଲା ଯାତ୍ରା ପୂର୍ବରୁ ଶ୍ରୀମହାପାତ୍ର କହିଥିଲେ ଦେଶ ର ମର୍ଯ୍ୟାଦା ସନମାନ ହୋଇଛି ଆମ ଜାତୀୟ ପତାକା ଆମେ ସମସ୍ତେ ଆଜି ପରିଚିତ ଆମ ଦେଶ ର ଜାତୀୟ ପତାକା ପାଇଁ ବିଶ୍ୱ ରେ ଭାରତ ଆଜି ସମୃଦ୍ଧ ହୋଇଛି ଏହି ମାଟି ମା ର ପରିଚୟ ପାଇଁ ସ୍ୱାଧୀନତା ପାଇଁ ଆମ ପୂର୍ବ ସୂରୀ ମାନଙ୍କ ଅବଦାନ ଓ ସଂଘର୍ଷ ଚିର ସ୍ମରଣୀୟ ଆଜିର ଯୁବ ପିଢ଼ି ଆମର ମହାନ ସ୍ୱାଧୀନତା ସଂଗ୍ରାମ, ତ୍ୟାଗ, ବଳିଦାନ, ଆମ ସଂସ୍କୃତି, ଐତିହ୍ୟ, ପରମ୍ପରା ପ୍ରତି ସଚେତନ ହେବା ଆବଶ୍ୟକ ! ଏହି କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ ସମ୍ପାଦକ ବିଶ୍ୱନାଥ ପଣ୍ଡା, ରାଜକିଶୋର ମହାନ୍ତି, ଆମର ଆନନ ପଟ୍ଟନାୟକ, ପ୍ରଦୀପ୍ତ କୁମାର ସାହୁ, ରମେଶ ଚନ୍ଦ୍ର ପ୍ରଧାନଙ୍କସମସ୍ତେ ସତାଧିକ ଛାତ୍ର ଛାତ୍ରୀ ଏହି ତୀରଙ୍ଗା ଯାତ୍ରା ରେ ଯୋଗ ଦେଇଥିଲେ

## ୧୬ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ଜଣେ ଗିରଫ

**ପୁରୀ (ବ୍ୟୁରୋ):** ପୁଣି ପୁରୀରୁ ବ୍ରାଉନ ସୁଗାର ଜବତ। ୧୬ ଲକ୍ଷ ଟଙ୍କାର ବ୍ରାଉନ ସୁଗାର ସହିତ ନଗଦ ଦୁଇ ହଜାର ଟଙ୍କାଜବତ କରିଛି ପୁରୀ ଅବକାରୀ ବିଭାଗ। ପୁରୀ ଅବକାରୀବିଭାଗ ୧୬୦ ଗ୍ରାମ ବ୍ରାଉନ ସୁଗାର ଜବତ କରିବା ସହଜଣେ ଅଭିଯୁକ୍ତକୁ ମଧ୍ୟ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ସତ୍ୟବାଦୀ ବରାଳ ଗ୍ରାମର ମିଥୁନ ମହାପାତ୍ର। ସତ୍ୟବାଦୀ ଥାନା ଅନ୍ତର୍ଗତ ବରାଳ



ଗ୍ରାମ ନିକଟ ତ୍ରିନାଥମନ୍ଦିର ସମ୍ମୁଖରେ ଅଭିଯୁକ୍ତ ମିଥୁନ ବ୍ରାଉନ ସୁଗାର ବ୍ୟବସାୟ ଚଳାଇଥିଲା । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ମିଥୁନ କୁ ଗିରଫ କରିବା ସହିତ ତା ନିକଟରୁ ୧୬୦ ଗ୍ରାମ ବ୍ରାଉନ ସୁଗାର ଜବତ କରିଛି । ତେବେ ଅଭିଯୁକ୍ତ ଜଣକ କେଉଁଠାରୁ ବ୍ରାଉନ ସୁଗାର ଆଣି ବିକ୍ରୀ କରୁଥିଲା ଏବଂ ଏହା ପଛରେ ଆଉ କାହାର ହାତ ରହିଛି ସେନେଇ ଅଧିକ ତଦନ୍ତ ଜାରି ରଖିଛି ଅବକାରୀ ବିଭାଗ ।

## ଆଇନ ସଚେତନତା ଶିବିର



**ପୁରୀ (ବ୍ୟୁରୋ):** ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ୍ୟ ତଥା ଜିଲ୍ଲା ଓ ଦୌରାଜଜ୍ ଶ୍ରୀଯୁକ୍ତ ଆନନ୍ଦ ନାରାୟଣ ମହାରଣାଙ୍କ ନିର୍ଦ୍ଦେଶ ଅନୁଯାଇ ତା ୧୨.୮.୨୦୨୬ ରିଖରେ ଦିବା ୧୧.୩୦ ଘଟିକା ସମୟରେ ମାର୍କଣ୍ଡେଶ୍ୱର ବାଳିକା ଉଚ ବିଦ୍ୟାଳୟ, ପୁରୀ ଠାରେ ଅନ୍ତର୍ଜାତୀୟ ଯୁବ ଦିବସ ପାଳିତ ଅବସରରେ ବିଭିର୍ନ ଆଇନ ସଚେତନତା ଶିବିରଗୁଡିକ ଅନୁଷ୍ଠିତ ହୋଇଯାଇଅଛି ଓ ଆଜିର ଏହି କାର୍ଯ୍ୟକ୍ରମକୁ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀଯୁକ୍ତ ପରିତୋଷ କୁମାର ସେଠୀ ଉଦ୍ଘାଟନ କରିବା ସହ ଯୁବଗୋଷ୍ଠୀ କିପରି ନିଶା। ଦ୍ରବ୍ୟ ଦ୍ୱାରା କବଳିତ ହେଉଛନ୍ତି ତା ସମ୍ପର୍କ ରେ ବକ୍ତବ୍ୟ ରଖିଥିଲେ। NDPS Act, ୧୯୮୫ ରେ ଥିବା ବିଭିର୍ନ ଆଇନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହା ସହିତ ଆଜିର ଏହି କାର୍ଯକ୍ରମରେ ନିଜ ବକ୍ତବ୍ୟରେ ଯୁବପିଢ଼ି ମାନଙ୍କୁ ନିଶାଠାରୁ ଦୂରେଇ ରହିବା ସହ ନିଶାଦ୍ରବ୍ୟ, ଅପମିଶ୍ରିତ ଓ ବିଷାକ୍ତ ମାଦକ ଦ୍ରବ୍ୟ ବିରୋଧରେ ଆରମ୍ଭ ହେଉଥିବା ସଚେତନତା ଅଭିଯାନରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ନିଶା ଦ୍ରବ୍ୟ ବ୍ୟବହାର, ବିଷାକ୍ତ ମଦ ଓ ଚୋରା ମଦର ବ୍ୟାପକତାକୁ ରୋକିବାଏବଂ ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରହିଥିବା ବିଭିର୍ନ ଆଇନ ବିଷୟରେ ଆଜିର ଏହି ଅନ୍ତର୍ଜାତୀୟ ଯୁବ ଦିବସ ପାଳିତ ଅବସରରେ ଛାତ୍ରୀମାନଙ୍କୁ ସଚେତନ କରାଇବା ସହ ଏହା କିପରି ଜନସାଧାରଣ ମାନଙ୍କୁ ସଚେତନ କରାଇବ ସେ ବିଷୟରେ ପରାମର୍ଶ ଦେଇଥିଲେ ଏବଂଶ୍ରୀଯୁକ୍ତ ମନୋଜ କୁମାର ତ୍ରିପାଠୀ , ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ,ପୁରୀ ବାଲ୍ୟ ବିବାହ ପ୍ରତିରୋଧ NALSA (ASHA Awareness, Support, Help and Action) standard operating procedure-towards eliminating Child Marriage, ୨୦୨୫ ) ସମ୍ପର୍କିତ ଆଇନ ବିଷୟରେ ଆଲୋକପାତ କରିଥିଲେ ଏବଂ ସର୍ବଶେଷରେ ଛାତ୍ରୀ ମାନେ ନିଷମୁକ୍ତ ସମାଜ ଗଠନରେ ବ୍ରତୀ ହେବା ସହ ସୁସ୍ଥ ସମାଜ ଗଠନ ପ୍ରେରଣା ଦେଇଥିଲେ। ।ଆଜିର ଏହି କାର୍ଯକ୍ରମରେ ଉପସ୍ଥିତ ଥିବା ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ବୃନ୍ଦ ଏବଂ ଛାତ୍ରୀ ମାନଙ୍କୁ ଆଇନ ସେବା ପ୍ରାଧିକରଣ ତରଫରୁ ଧନ୍ୟବାଦ ପ୍ରଦାନ କରାଯାଇଥିଲା। ଏହି କାର୍ଯକ୍ରମକୁ ପରିଚାଳନା କରିବାରେ ପ୍ରାଧିକାରଣର କର୍ମଚାରୀମାନେ ସହଯୋଗ କରିଥିଲେ ।

## ଆକାଶପଥର ବିମାନ; ସ୍ଥଳପଥରେ ପାଇଲା ନୂଆ ଜୀବନ

### ଗିରଳ ଛକରେ ସ୍ୱପ୍ନର ପ୍ରକଳ୍ପ ପର୍ଯ୍ୟଟକଙ୍କୁ କରିବ ଆକୃଷ୍ଟ



**ପୁରୀ (ବ୍ୟୁରୋ):** ବିଶ୍ୱସ୍ତରରେ ପୁରୀର ଖ୍ୟାତି ବଢୁଛି । ତୀର୍ଥକ୍ଷେତ୍ର ଓ ପର୍ଯ୍ୟଟନର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ପୁରୀ ପାଇଁ ଅନେକ ଯୋଜନା ପ୍ରସ୍ତୁତ କରିଛନ୍ତି। ପୁରୀରେ ହେବ ଗ୍ରୀନ ଫିଲ୍ଡ ବିମାନ ବନ୍ଦର । ଉପକୂଳ ରାଜପଥ ଆକର୍ଷଣୀୟ ହେବ । ଏହାକୁ ଆଖି ଆଗରେ ରଖି ପୁରୀକୁ ମହାନଗର ଘୋଷଣା କରାଯାଇଛି । ପିପିପି ମୁଡରେ ଅନେକ କାର୍ଯ୍ୟ ଆଗେଇ ଚାଲିଛି । ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ପୁରୀ ସାତପଡା ରାସ୍ତାର ଗିରଳ ଛକ ଠାରୁ ହୁଡକୋ ରୋଡରେ ୨ଶହ ମିଟର ପରେ ବିମାନ ରେଷ୍ଟୋରାଁ ଏକ ନୂଆ ପ୍ରକଳ୍ପନା କରାଯାଇଛି । ପ୍ରାୟ ୨ ଏକର ପରିମିତ ସ୍ଥାନରେ ଭିତ୍ତିଭୂମିକୁ ସଜଡା ଯାଇ ଏକ ଅବ୍ୟବହୃତ ଉଡାଜାହାଜ ରଖାଯାଇ ରେଷ୍ଟୋରାଁ କରାଯିବ । ଗରିବ ଲୋକ ମାନେ ଉଡାଜାହାଜରେ ଉଡି ନପାରିଲେ ମଧ୍ୟ ଉଡାଜାହାଜରେ ବସି ଖାଇବାର ମଜା ନେଇପାରିବେ । ଏୟାରବସରେ ବସି ଝରକା ପଟେ ଚାହିଁ ଭୋଜନ କରିପାରିବେ ପର୍ଯ୍ୟଟକ । ଆମ୍ବ,ପଣସ ନଡ଼ିଆ ବଗିଚା ଭିତରେ ଉଡାଜାହାଜ ରହିଛି । ଉଡାଜାହାଜ ଡେଣା, ଲାଞ୍ଜ ଓ ମୁହଁକୁ ଫିଟିଂ କରିବା ପରେ ଏହା ସମ୍ପୂର୍ଣ୍ଣ ଉଡାଜାହାଜ ଭାବେ ଦୃଶ୍ୟମାନ ହେବ । ପର୍ଯ୍ୟଟକଙ୍କ ପାଇଁ ସ୍ୱତନ୍ତ୍ର ଟିକେଟ କାଉଣ୍ଟର କରାଯାଇଛି । ଆଡଭେଞ୍ଚର ଥ୍ରୀଲ ସିଟି ପୁରୀ ପ୍ରୋଜେକ୍ଟ ଭାବେ ଆରମ୍ଭ ହେବ । ପ୍ରୋଜେକ୍ଟରେ ପ୍ରବେଶ କରିବା ପୂର୍ବରୁ ଟିକେଟ କରିବା ସହ ହେଲେମେଟ, ଜ୍ୟାକେଟ, ସୁରକ୍ଷିତ ଜୋତା, ହାତରେ ଗ୍ଲୋବସ ଓ ସୁରକ୍ଷା ଚଷମା ପିନ୍ଧି ପ୍ରବେଶ କରିବେ । ମନିଜୀ ଏଣ୍ଟରପ୍ରାଇଜେସ ଏହି ଡ୍ରିମ ଆରମ୍ଭ କରିଛି । ଏଥିରେ ୱାଟରପାର୍କ ସହ ଆମୋଦପ୍ରମୋଦ ପାଇଁ ଏହା ସୁନ୍ଦର ସ୍ଥାନ ହେବ । ବିମାନ ଟି ୨୦୧୧ ମସିହାରୁ ସେବା ଯୋଗାଇ ନପାରି ପଡି ରହିଥିଲା । ବିମାନଟି ଫ୍ରାନ୍ସ ଦ୍ୱାରା ନିର୍ମିତ ହୋଇ ଭାରତରେ ପଞ୍ଜୀକୃତ ହୋଇଥିଲା । ଏହାର ନିର୍ମାଣ କ୍ରମିକ ନମ୍ବର ଏମଏସଏନ-୦୪୬ । ଏହା ୧୪ ଏପ୍ରିଲ ୧୯୮୯ ରେ ମୁମ୍ବାଇ ରୁ ଦିଲ୍ଲୀ ଉଡ଼ାଣ ହୋଇଥିଲା । ପରେ ଦିଲ୍ଲୀ ରୁ ଲଣ୍ଡନ ଓ ଦିଲ୍ଲୀ ରୁ କାଠମାଣ୍ଡୁ ଯାଉଥିଲା । ଏଥିରେ ୧୪୦ ଟି ସିଟ୍ ଥିଲା । ୨ ଟି ଟର୍ବୋ ଡେଣା ଓ ଗୋଟିଏ ଲାଞ୍ଜ ରହିଥିଲା ।ମୋହିତ ନାମକ ଜଣେ ବ୍ୟବସାୟୀ ଏହାକୁ ୧ କୋଟି ୫୫ ଲକ୍ଷ ଟଙ୍କା ଦେଇ କିଣିଥିଲେ । ଆନ୍ତର୍ଜାତୀୟ ପର୍ଯ୍ୟଟନ କ୍ଷେତ୍ର ପୁରୀ ଓ ସାତପଡା ରାସ୍ତା ପାର୍ଶ୍ୱରେ ଏରୋପ୍ଲେନ ରେଷ୍ଟୋରାଁ ଭାବେ କାର୍ଯ୍ୟ କରିବ ।

## ବନ ଉନ୍ନୟନ ନିଗମ କର୍ମଚାରୀ ସଂଘ ପକ୍ଷରୁ ମନ୍ତ୍ରୀଙ୍କୁ ଦାବିପତ୍ର



**ପୁରୀ (ବ୍ୟୁରୋ):** ଓଡ଼ିଶା ବନ ଉନ୍ନୟନ ନିଗମର ବିଭିନ୍ନ ପ୍ରଶାସନିକ ଓ କର୍ମଚାରୀ ସମ୍ପର୍କିତ ସମସ୍ୟାର ସମାଧାନ ନେଇ ଆଜି ଓଡ଼ିଶା ବନ ନିଗମ କର୍ମଚାରୀ ସଂଘର ଏକ ପ୍ରତିନିଧିମଣ୍ଡଳୀ ଲୋକସେବା ଭବନସ୍ଥିତ ମାନ୍ୟବର ବନ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ସିଂହ ଖୁଣ୍ଟିଆଙ୍କୁ ସାକ୍ଷାତ କରି ବିସ୍ତୃତ ଆଲୋଚନା କରିଛନ୍ତି।ପୂର୍ବତନ ବିଧାୟକ ତଥା ଓଡ଼ିଶା ବନ ନିଗମ କର୍ମଚାରୀ ସଂଘର ସଭାପତି ପ୍ରିୟଦର୍ଶୀ ମିଶ୍ରଙ୍କ ନେତୃତ୍ୱରେ ପ୍ରତିନିଧିମଣ୍ଡଳୀ ମନ୍ତ୍ରୀଙ୍କୁ ଭେଟି ନିଗମର ସାମଗ୍ରିକ ଉନ୍ନତି, ପ୍ରଶାସନିକ ଓ ସାଂଗଠନିକ ସମସ୍ୟା ସମେତ କର୍ମଚାରୀମାନଙ୍କ ଦୀର୍ଘଦିନର ବିଭିନ୍ନ ଦାବି ଓ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଆଲୋଚନା ସମୟରେ କର୍ମଚାରୀ ମାନଙ୍କ ନ୍ୟାଯ୍ୟ ଅଧିକାର, ସେବାଗତ ସମସ୍ୟା, ନିଗମର କାର୍ଯ୍ୟକ୍ଷମତା ବୃଦ୍ଧି ଏବଂ କର୍ମଚାରୀଙ୍କ ହିତ ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ରାଜ୍ୟ ନିଗମ କର୍ମଚାରୀ ମହାସଂଘର ସଭାପତି ଡ଼. ସରୋଜ କାନ୍ତ ମଲ୍ଲିକ, ଉପଦେଷ୍ଟା ନଟବର ଆଚାର୍ଯ୍ୟଙ୍କ ସମେତ ସଂଘର ସାଧାରଣ ସମ୍ପାଦକ ରଙ୍ଗାଧର ନାୟକ, ସୁମନ ସ୍ୱାଇଁ, କାର୍ତ୍ତିକ ଜେନା, ଶରତ ପ୍ରଧାନ ଓ ଜଗନ୍ନାଥ ମଲ୍ଲିକ ପ୍ରମୁଖ ବହୁ କର୍ମକର୍ତ୍ତା ଓ ପ୍ରତିନିଧି ଉପସ୍ଥିତ ଥିଲେ ।ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ପ୍ରତିନିଧିମଣ୍ଡଳୀ ପକ୍ଷରୁ ଉପସ୍ଥାପିତ ସମସ୍ତ ଦାବି ଓ ସମସ୍ୟାକୁ ଗୁରୁତ୍ୱର ସହ ଶୁଣିବା ସହ ଏ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ ହୋଇଥିଲେ। ନିଗମ ଓ କର୍ମଚାରୀଙ୍କ ସ୍ୱାର୍ଥ ସମ୍ପର୍କିତ ବିଷୟଗୁଡ଼ିକର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ସହ ଏ ନେଇ ଆଲୋଚନା କରିବେ ବୋଲି ମନ୍ତ୍ରୀ ଆଶ୍ୱାସନ ଦେଇଥିଲେ। ମନ୍ତ୍ରୀଙ୍କ ଏହି ସକାରାତ୍ମକ ଆଭିମୁଖ୍ୟ ଓ କର୍ମଚାରୀଙ୍କ ନ୍ୟାଯ୍ୟ ଦାବି ପ୍ରତି ପ୍ରଦର୍ଶିତ ସମ୍ବେଦନଶୀଳତାକୁ ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି। ନିଗମର ଉନ୍ନତି ସହ କର୍ମଚାରୀମାନଙ୍କ ନ୍ୟାଯ୍ୟ ଅଧିକାର ଓ ସ୍ୱାର୍ଥର ସୁରକ୍ଷା ପାଇଁ ସଂଘ ଆଗାମୀ ଦିନରେ ମଧ ଦୃଢ଼ ଭାବେ ପ୍ରୟାସ ଜାରି ରଖିବ ବୋଲି ପ୍ରକାଶ କରାଯାଇଛି।

### ■ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରୁ ହର୍‌ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ

## ତ୍ରିରଙ୍ଗା ଶୌର୍ଯ୍ୟ, ସ୍ୱାଭିମାନ ଓ ଭାଇଚାରାର ପ୍ରତୀକ:ଓମ୍ ପ୍ରକାଶ



**ପୁରୀ (ବ୍ୟୁରୋ):** ତ୍ରିରଙ୍ଗା ପ୍ରତ୍ୟେକ ଭାରତୀୟ ଙ୍କ ଆତ୍ମା ।ଏଥିରେ ଭରି ରହିଛି ଶୌର୍ଯ୍ୟ, ସ୍ୱାଭିମାନ ଓ ଭାଇଚାରା। ଏହା ବିଭିନ୍ନତା ମଧ୍ୟରେ ଏକତା ଓ ସମନ୍ୱୟ ର ପରିଚୟ ଦେଇଛି ବୋଲି କହିଛନ୍ତି ଜିଲ୍ଲା ଯୋଜନା ବୋର୍ଡ ର ଅଧକ୍ଷ ତଥା ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ।ଆଜି ପୂର୍ବାହ୍ନ ରେ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚ ଠାରୁ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ର ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।୫ ହଜାରରୁ ଉର୍ଦ୍ଧ୍ୱ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ଏଥିରେ ସାମିଲ ହୋଇ ଦେଶପ୍ରେମ ର ଆନନ୍ଦ ଓ ଆବେଗ ମଧ୍ୟରେ ବଗଲା ଧର୍ମଶାଳା ଠାରେ ପହଞ୍ଚିଥିଲେ ।ଏହି ଉପଲକ୍ଷେ ଶରଧାବାଲି ଠାରେ ଆୟୋଜିତ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଧାୟକ ଶ୍ରୀ ମିଶ୍ର ଆମେ ଦେଶକୁ ଯେପରି ଭଲ ପାଆନ୍ତି, ତ୍ରିରଙ୍ଗା ପାଇଁ ସେତିକି ଗର୍ବ ଅନୁଭବ କରନ୍ତି ବୋଲି କହିଥିଲେ। ସ୍ୱାଧୀନତା ପାଇଁ ଆମ ପୂର୍ବ ସୂରୀମାନଙ୍କ ଅବଦାନ ଓ ସଂଘର୍ଷ ଚିର ସ୍ମରଣୀୟ। ଆଜିର ଯୁବ ପିଢ଼ି ଆମର ମହାନ ସ୍ୱାଧୀନତା ସଂଗ୍ରାମ, ତ୍ୟାଗ, ବଳିଦାନ, ଆମ ସଂସ୍କୃତି, ଐତିହ୍ୟ, ପରମ୍ପରା ଓ ଅହିଂସା ସମ୍ପର୍କରେ ଅବଗତ ହେବା ସହ ସେମାନଙ୍କ ଶକ୍ତି ଓ ପ୍ରତିଭାକୁ ଦେଶ ସେବା ରେ ବିନିଯୋଗ ପାଇଁ ଶ୍ରୀ ମିଶ୍ର ଆହ୍ୱାନ ଦେଇଥିଲେ। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସମସ୍ତଙ୍କୁ ସ୍ୱାଗତ କରିବା ସହ ହରଘର ତ୍ରିରଙ୍ଗା ଆମ ଗର୍ବ,ଗୌରବ ଓ ସ୍ୱାଭିମାନ ର ପ୍ରତୀକ ବୋଲି କହିଥିଲେ ।ଏସ ପି ପ୍ରତୀକ ସିଂ,ଏନସିସି ୬ ଷ୍ଠ ବାଟାଲିଆନର କଲୋନେଲ ଅଙ୍କୁର ଭଟ୍ଟନଗର, କଲୋନେଲ ଆର୍ଚ୍ଚେୟ ଥାପା ପ୍ରମୁଖ ଯୋଗ ଦେଇ ତ୍ରିରଙ୍ଗା ର ମହତ୍ତ୍ୱ ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ଏନସିସି ୬ଷ୍ଠ ବାଟାଲିଆନର ଅଧିକାରୀ ବଳଦେବ ସିଂ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଅନ୍ୟାନ୍ୟ ଅଧିକାରୀ,ବରିଷ୍ଠ ନାଗରିକ, ବିଶିଷ୍ଟ ବ୍ୟକ୍ତି,ଛାତ୍ର ଛାତ୍ରୀ ଓ ଜନ ସାଧାରଣ ଯୋଗ ଦେଇଥିଲେ ।ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଚରକ ମଡେଲ ମେକିଙ୍ଗ ପ୍ରତିଯୋଗିତା



**ପୁରୀ (ବ୍ୟୁରୋ):** ଗୁରୁବାର ମହର୍ଷି ଚରକ ଜୟନ୍ତୀ ଅବସରରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ଚରକ ମଡେଲ ମେକିଙ୍ଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବହୁତ ମାତ୍ରାରେ ଛାତ୍ରଛାତ୍ରୀ ମାନେ ଭାଗ ନେଇଥିଲେ। ଚରକ ସଂହିତାରେ ବର୍ଣ୍ଣିତ ତଥ୍ୟ ଉପରେ ବିଭିନ୍ନ ମଡେଲ ମାନ ତିଆରି କରିଥିଲେ। ଏହା ସହିତ ଶ୍ଳୋକ ଆବୃତି ର ପ୍ରତିଯୋଗିତା ମଧ ହୋଇଥିଲା। ଆୟୁର୍ବେଦର ମୂଳ ଲକ୍ଷ, ସୁସ୍ଥ ବ୍ୟକ୍ତିର ସ୍ୱାସ୍ଥ୍ୟ ରକ୍ଷା କରିବା ଓ ରୋଗୀ ର ରୋଗ ଦୂର କରିବା। ଏହି ମୂଳ ଲକ୍ଷ୍ୟ କୁ ଆଧାର କରି ଛାତ୍ରଛାତ୍ରୀ ମାନେ ଚରକ ସଂହିତା ର ଶ୍ଳୋକମାନ ଆବୃତି କରିଥିଲେ। ବିଚାରକ ମଣ୍ଡଳୀ ସମସ୍ତ ପ୍ରତିଯୋଗୀ ମାନଙ୍କର ପ୍ରଶଂସା କରିଥିଲେ। ମହାବିଦ୍ୟାଳୟ ର ଅଧକ୍ଷ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। କାୟଚିକିତ୍ସା ସ୍ନାତକୋତ୍ତର ବିଭାଗ ଓ ସଂହିତା ସିଦ୍ଧାନ୍ତ ବିଭାଗ ଏହି କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ।

## ହର୍‌ଘର୍ ତ୍ରିରଙ୍ଗା ରଙ୍ଗୋଲୀ ଓ ଚିତ୍ରାଙ୍କନ

**ପୁରୀ (ବ୍ୟୁରୋ):** ଉତ୍କଳ ବାଳାଶ୍ରମ ପରିସରରେ ବାଳାଶ୍ରମର ଅନ୍ତେବାସୀ ମାନଙ୍କ ମଧ୍ୟରେ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି ।ଅନ୍ତେବାସୀ ମାନେ ଚିତ୍ରାଙ୍କନ ଓ ରଙ୍ଗୋଲୀ ମାଧ୍ୟମରେ ଦେଶ ମାତୃକା ଓ ଦେଶାତ୍ମବୋଧ ସମ୍ପର୍କିତ ଚିତ୍ର ଅଙ୍କନ କରିଥିଲେ। ପିଲାଙ୍କ ମଧ୍ୟରେ ଥିବା ପ୍ରତିଭା, ଦେଶାତ୍ମବୋଧକ ଭାବନା ଓ ସୃଜନଶୀଳର ପରିପ୍ରକାଶ ପାଇଁ ଏହା ଏକ ଚମତ୍କାର ପଦକ୍ଷେପ ବୋଲି ଅତିଥି ମାନେ କହିବା ସହ ପିଲାମାନଙ୍କୁ ଉତ୍ସାହିତ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ,ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,



ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ,ଜିଲ୍ଲା ଶିଶୁ ମଙ୍ଗଳ ସମିତିର ସଦସ୍ୟ ବିଜୟଲକ୍ଷ୍ମୀ ବଡଜେନା, ଶକ୍ତିପଦ ମିଶ୍ର,ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ, ବାଳାଶ୍ରମ ଅଧୀକ୍ଷକ ସାରଙ୍ଗ ମହାପାତ୍ର,ଚାଇଲ୍ଡ ହେଲ୍ପ ଲାଇନ ସଂଯୋଜକ କୃଷ୍ଣଚନ୍ଦ୍ର ମିଶ୍ର, ସୂର୍ଯ୍ୟ କାନ୍ତ ପଣ୍ଡା, ଶିଶୁ ସୁରକ୍ଷା ୟୁନିଟ ର କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ।

## ନଷ୍ଟ ହୋଇଯାଇଥିବା ସାମଗ୍ରୀକୁ ନେଇ ନୂଆ ରୂପ ଦେଇ ମହିଳା ରୋଜଗାର କରୁଛନ୍ତି ମୋଟାଅଙ୍କର ଅର୍ଥ

ଅର୍ଥରୋଜଗାରର ବିଭିନ୍ନ ମାଧ୍ୟମ ରହିଛି। ସମୟସମୟରେ ଲୋକଙ୍କ ମଧ୍ୟରେ ଅର୍ଥରୋଜଗାର ପାଇଁ ଥିବା ପ୍ରତିଭାକୁ ଦେଖିଲେ ଆଶ୍ଚର୍ଯ୍ୟ ଲାଗିଥାଏ। ଏହି କ୍ରମରେ ଆମେରିକ ?ାରେ ରହୁଥିବା ଜଣେ ମହିଳା ଚର୍ଚ୍ଚାର ପରିସରକୁ ଆସିଛନ୍ତି। ଲୋକ ଫିଙ୍ଗି ଦେଉଥିବା ପୁରୁଣା ସାମଗ୍ରୀକୁ ସଂଗ୍ରହ କରି ତାକୁ ଏକ ନୂଆ ରୂପ ଦେଇ ବିକ୍ରି କରିବାର ବ୍ୟବସାୟ ଆରମ୍ଭ କରିଛନ୍ତି। ଏହି ବ୍ୟବସାୟରୁ ସେ ମୋଟା ଅଙ୍କର ଅର୍ଥ ରୋଜଗାର କରି ପାରୁଛନ୍ତି। ଏହି ମହିଳାଙ୍କ ନ ?ାମ ମୋଲି ହେରିସ। ହେରିସ କୁହନ୍ତି, 'ପ୍ରାୟ ତିନିବର୍ଷ ପୂର୍ବେ ପଡ଼ିଶାଲୋକ ରାସ୍ତାରେ ଖରାପ ହୋଇଯାଇଥିବା ଆସବାବପତ୍ରକୁ ଫିଙ୍ଗି ଦେଇଥିଲେ। ଯାହାକୁ ମୁଁ ସଂଗ୍ରହ କରି ଘରକୁ ନେଇ ଆସିଥିଲି। ଏହାପରେ ସ୍ୱାମୀଙ୍କ ସାହାଯ୍ୟରେ ଉକ୍ତ ଖରାପ ସାମଗ୍ରୀଗୁଡ଼ିକୁ ସଜାଡ଼ି ନୂଆ ରୂପ ଦେଇଥିଲି। ଏପରି ଭାବେ ମୁଁ ରାସ୍ତାରେ ପିଙ୍ଗା ଯାଇଥିବା ଖରାପ ସାମଗ୍ରୀକୁ ସଂଗ୍ରହ କରି ଘରକୁ ଆଣି ତାକୁ ନୂଆ ରୂପ ଦେବା କାମ ଆରମ୍ଭ କଲି। ଏହାର ଭିଡ଼ିଓ କରି ସୋସିଆଲ ମିଡିଆରେ ପୋଷ୍ଟ କଲି। ଦେଖିଲି ଲୋକେ ମୋ କାମକୁ ବହୁତ ପସନ୍ଦ କରିବା ସହିତ ମୋ ଦ୍ୱାରା ପ୍ରସ୍ତୁତ ସାମଗ୍ରୀକୁ କ୍ରୟ କରିବାକୁ ଚାହିଁଥିଲେ। ମୁଁ ବି ତାହାକୁ ବିକ୍ରି କରି ବେଶ ଦୁଇପଇସା ରୋଜଗାର କରି ପାରିଲି।



# କାଗଜ କଣ୍ଢେଇରେ ପ୍ରସ୍ତୁତି

***କେବେ ସେ କାଠଘୋଡ଼ା ତ' କେବେ ପୁଣି ମାଟି ପିତୁଳା। ଯୁଗ ସହ ତାଳ ଦେଇ ଏହି କାଠ, ମାଟି ଓ ପଥର କଣ୍ଢେଇର ସ୍ଥାନ ନେଇଛି ତୁଲୁତୁଲିଆ ଟେଡିବିୟର୍, ରବର ସୁନ୍ଦରୀ ବାର୍ବି ଡଲ୍ ଓ ପ୍ଲାଷ୍ଟିକ୍ ତିଆରି ବାଘ, ଭାଲୁ ଓ ହାତୀ। କିନ୍ତୁ ଓଡ଼ିଶାରେ ଆଉ ଏକ ଧରଣର ପାରମ୍ପରିକ କଣ୍ଢେଇ ବେଶ୍ ଲୋକପ୍ରିୟ, ତାହା ହେଉଛି କାଗଜ ତିଆରି ଅଭଙ୍ଗା କଣ୍ଢେଇ।***



କଣ୍ଢେଇକୁ ନେଇ ଏମିତି କେତେ ଗୀତ, କବିତା, ନାଟକ, ଚଳଚ୍ଚିତ୍ର ପ୍ରସ୍ତୁତ ହୋଇଛି ତାହାର ହିସାବ ନାହିଁ। କଣ୍ଢେଇ ଆମ ଜୀବନର ପ୍ରଥମ ବନ୍ଧୁ। ପିଲାଟି ଦିନୁ ଯଦି ଆମେ କାହାକୁ ଆଗେ ଚିହ୍ନୁ, ସେ ହେଉଛି ଆମ କଣ୍ଢେଇ। କେବେ ସେ କାଠଘୋଡ଼ା ତ' କେବେ ପୁଣି ମାଟି ପିତୁଳା। ଯୁଗ ସହ ତାଳ ଦେଇ ଏହି କାଠ, ମାଟି ଓ ପଥର କଣ୍ଢେଇର ସ୍ଥାନ ନେଇଛି ତୁଲୁତୁଲିଆ ଟେଡିବିୟର୍, ରବର ସୁନ୍ଦରୀ ବାର୍ବି ଡଲ୍ ଓ ପ୍ଲାଷ୍ଟିକ୍ ତିଆରି ବାଘ, ଭାଲୁ ଓ ହାତୀ। କିନ୍ତୁ ଓଡ଼ିଶାରେ ଆଉ ଏକ ଧରଣର ପାରମ୍ପରିକ କଣ୍ଢେଇ ବେଶ୍ ଲୋକପ୍ରିୟ, ତାହା ହେଉଛି କାଗଜ ତିଆରି ଅଭଙ୍ଗା କଣ୍ଢେଇ। ଯଦିଓ କାଗଜ କଣ୍ଢେଇ ପ୍ରସ୍ତୁତିର ଧାରା ଏବେ ଶ୍ରୀକ୍ଷେତ୍ର ପୁରୀରେ ସକ୍ରିୟ ରହିଛି, କିନ୍ତୁ କ୍ରମେ ବଜାରରେ ଭର୍ତ୍ତି ହୋଇଥିବା ଚିକିମିକିଆ ଦେଶୀବିଦେଶୀ କଣ୍ଢେଇର ଭିଡ଼ରେ ତାହା ସ୍ତିମିତ ହୋଇପଡୁଥିବା ମନେହୁଏ।

## ପୁରୀର କାଗଜ ମୁଖା ଓ କଣ୍ଢେଇ

ପୁରୀରେ ପାରମ୍ପରିକ କାଗଜ ମୁଖା ହସ୍ତଶିଳ୍ପ ବହୁତ ପୁରୁଣା। କାଗଜ, ଅଠା, ମାଟି, କରତ ଗୁଣ୍ଡ, ଖଡ଼ି, ରଙ୍ଗ, ବାନିସୀ, ଶାଗୁ ଓ ମହିଗିରାରେ କାଗଜ ନିର୍ମିତ ଏହି ଅଭଙ୍ଗା କଣ୍ଢେଇ ପ୍ରସ୍ତୁତ ହୁଏ। କାଗଜ ତିଆରି ବାଘ, ହାତୀ, ହରିଣ, ଷଣ୍ଢ ଆଦି ପିଲାଠୁ ବୁଢ଼ା, ସମସ୍ତଙ୍କୁ ବେଶ୍ ଆକର୍ଷିତ କରେ। ଅତୀତରେ ଶିଳ୍ପୀମାନେ କାଗଜ କଣ୍ଢେଇ ଲାଗି ବେଶ୍ ପ୍ରଶଂସା ସାଉଁଟୁଥିଲେ। ମାତ୍ର ଏବେ ସେଇ କଳା ପ୍ରୋତ୍ସାହନ ଅଭାବରୁ ହଜି ଯାଉଛି। ପୁରୀରେ ପୂର୍ବରୁ ଚିତ୍ରକର ସାହିର ୧୫ରୁ ଅଧିକ ପରିବାର କାଗଜ ମୁଖା, କଣ୍ଢେଇ, ସବାରୀ, ମନ୍ଦିର ଆଦି ପ୍ରସ୍ତୁତ କରୁଥିଲେ। ପାଳ ସାହି ଓ ବାସେଳି ସାହିରେ ମଧ୍ୟ କିଛି ପରିବାର ଏହି କାରିଗରୀରେ ପାରଙ୍ଗମ ଥିଲେ। ମାତ୍ର ପାରମ୍ପରିକ କଳା ପ୍ରତି ଲୋକେ ମୁହଁ ମୋଡ଼ିବା ଏବଂ ସରକାରୀ ପ୍ରୋତ୍ସାହନର ଅଭାବ ଏହି କଳାକୁ ସଂକଟ ଭିତରକୁ ଠେଲିଦେଇଛି। କଣ୍ଢେଇ ଶିଳ୍ପୀ ବିଷ୍ଣୁପ୍ରିୟା ମହାପାତ୍ର ଥରେ ଏକ ସାକ୍ଷାତ୍‌କାରରେ କହିଥିଲେ, ଏହି କଣ୍ଢେଇରେ ପିଲାମାନଙ୍କର ଭାରି ଶ୍ରଦ୍ଧା। ବଡ଼ମାନେ ବି ଘର ସଜେଇବାକୁ କାଗଜ ମୁଖା ଓ କଣ୍ଢେଇ କିଣି ନିଅନ୍ତି। କାଗଜରେ ପ୍ରସ୍ତୁତ ହେଉଥିଲେ ହେଁ ଏହାକୁ ମୂଷା ଓ ଅନ୍ୟ କୀଟ ଯେଉଁଳି ନଷ୍ଟ ନକରିବେ ସେନେଇ ପ୍ରକ୍ରିୟାକରଣ କରାଯାଉଛି। କିନ୍ତୁ ବଜାର ଦରକୁ ଦେଖିଲେ ଉପଯୁକ୍ତ ପାରିଶ୍ରମିକ ମିଳୁନାହିଁ। କ୍ରମେ ଏହି ପାରମ୍ପରିକ କଳା ଆଦର ହରାଉଛି।





# କମ୍ ବୟସରେ ସଫଳ ଉଦ୍ୟୋଗୀ

**ଯାମିନୀ ରଙ୍ଗନାଙ୍କ ଟେକ୍ ଇଣ୍ଡଷ୍ଟ୍ରିର ଜଣେ ଅନୁଭବୀ ବ୍ୟକ୍ତି ଭାବେ ପ୍ରଡକ୍ଟ ମାର୍କେଟିଂ, ସେଲିଂ ଓ ରଣନୀତି କ୍ଷେତ୍ରରେ ୨୫ ବର୍ଷରୁ ଅଧିକ ଅଭିଜ୍ଞତା ରହିଛି। ହବ୍‌ସ୍ପଟ୍‌ର ପ୍ରୋଫାଇଲ୍ ଅନୁଯାୟୀ, ସେ ପୂର୍ବରୁ ଡ୍ରପ୍‌ବକ୍ସରେ ଚିଫ କଷ୍ଟମର ଅଫିସର ଭାବେ ଓ ଓ୍ୱାର୍କଡେରେ ସେଲ୍‌ସ ଷ୍ଟ୍ରାଟେଜି ଓ ଅପରେସନ୍‌ସ୍‌ର ଭାଇସ୍ ପ୍ରେସିଡେଣ୍ଟ ଭାବେ କାମ କରିଥିଲେ। ଯାମିନୀଙ୍କୁ ୨୧ ବର୍ଷ ବୟସ ହୋଇଥିବା ବେଳେ ଭଲ କ୍ୟାରିୟର ପାଇଁ ସେ ଆମେରିକାକୁ ଯାଇଥିଲେ। ପ୍ରଥମେ ତାଙ୍କୁ ସେଠାରେ ଅନେକ ଅସୁବିଧା ଓ ଆହ୍ୱାନର ସାମ୍ନା କରିବାକୁ ପଡ଼ିଥିଲା।**

କର୍ପୋରେଟ୍ ଜଗତରେ ପ୍ରବେଶ ପୂର୍ବରୁ, ସେ ଏକ ଫୁଟବଲ୍ ଷ୍ଟାଡିୟମ୍‌ରେ ଫୁଡ୍ ସର୍ଭର୍ ଭାବେ କାମ କରିଥିଲେ। ସେ ସମୟରେ ଭଡ଼ା ଦେବା ପାଇଁ ମଧ୍ୟ ସଂଘର୍ଷ କରିଥିଲେ। ତାଙ୍କ ଆୟର ଅଧିକାଂଶ ଭାଗ ଭଡ଼ା ଓ ଦୈନନ୍ଦିନ ଖର୍ଚ୍ଚରେ ଖର୍ଚ୍ଚ ହୋଇଯାଉଥିଲା। ଏକ ରିପୋର୍ଟ ଅନୁଯାୟୀ, ଗୋଟେ ସମୟରେ ତାଙ୍କ ବ୍ୟାଙ୍କ ଖାତାରେ କେବଳ ୧୫୦ ଡଲାର ରହିଥିଲା, ଏଥିପାଇଁ ତାଙ୍କୁ ଦେଖିଚାହିଁ ଖର୍ଚ୍ଚ କରିବାକୁ ପଡୁଥିଲା। ଏସବୁ କଷ୍ଟ ସତ୍ତ୍ୱେ, ସେ ତାଙ୍କ ପିତାମାତାଙ୍କ ଉପରେ ଆର୍ଥିକ ସାହାଯ୍ୟ ପାଇଁ ବୋଝ ଲଦି ନଥିଲେ; ବରଂ ସ୍ୱାଧୀନଭାବେ ଜୀବନ ଗଢ଼ିବାକୁ ସଂକଳ୍ପ କରିଥିଲେ। ଆରମ୍ଭର ଦିନଗୁଡ଼ିକ ତାଙ୍କ ପାଇଁ ଅତ୍ୟନ୍ତ ଚ୍ୟାଲେଞ୍ଜିଙ୍ଗ ଥିଲା। ପାଖରେ ଟଙ୍କା କମ୍ ଥିଲା, କାମ ନଥିଲା ଓ ନୂତନ ପରିବେଶରେ ଖାପ ଖୁଆଇବାକୁ ବି ପଡୁଥିଲା ଯାମିନୀଙ୍କୁ। ବର୍ତ୍ତମାନ ଯାମିନୀ ଆମେରିକାରେ ସର୍ବାଧିକ ଦରମା ପାଉଥିବା ଭାରତୀୟମୂଳ ସିଇଓମାନଙ୍କ ମଧ୍ୟରୁ ଜଣେ। ବର୍ତ୍ତମାନ ସେ ହବ୍‌ସ୍ପଟ୍‌ର ନେତୃତ୍ୱ ନେଉଛନ୍ତି, ଯାହା ପ୍ରାୟ ୨୫.୬୬ ବିଲିୟନ୍ ଡଲାର (ପ୍ରାୟ ୨.୧୪ ଲକ୍ଷ କୋଟି ଟଙ୍କା) ମୂଲ୍ୟର ଏକ ପ୍ରମୁଖ ପ୍ରଯୁକ୍ତି କମ୍ପାନି। ଗତ କିଛିବର୍ଷ ଧରି, ସେ ଲୁସେଣ୍ଟ ଟେକ୍ନୋଲୋଜିସ୍, ଏସ୍‌ଏପି, ଓ୍ୱର୍କଡେ ଓ ଡ୍ରପ୍ ?ବକ୍ସ ପରି ଅନେକ ପ୍ରମୁଖ ପ୍ରଯୁକ୍ତି କମ୍ପାନି ସହ କାମ କରିଛନ୍ତି। ଏହି କମ୍ପାନିଗୁଡ଼ିକରେ ସେ କଷ୍ଟମର ସକ୍ସେସ୍, ଡିଜିଟାଲ୍ ପରିବର୍ତ୍ତନ ଓ ପ୍ରୋଡକ୍ଟ ଷ୍ଟ୍ରାଟେଜି ଉପରେରେ ଗୁରୁତ୍ୱ ଦେଇଥିଲେ। ୨୦୨୦ ମସିହାରେ ସେ ହବ୍‌ସ୍ପଟ୍‌ରେ ଚିଫ୍ କଷ୍ଟମର ଅଫିସର ଭାବେ ଯୋଗଦେଇଥିଲେ। ଏକ ବର୍ଷ ମଧ୍ୟରେ ସେ ସିଇଓ ପଦକୁ ପଦୋନ୍ନତି ପାଇଥିଲେ ଏବଂ କୋଭିଡ୍ ମହାମାରୀ ସମୟରେ ଦ୍ରୁତ ପରିବର୍ତ୍ତନଶୀଳ ଡିଜିଟାଲ୍ ପରିବେଶରେ କମ୍ପାନିକୁ ନେତୃତ୍ୱ ମଧ୍ୟ ଦେଇଥିଲେ। ଆକଳନ ଅନୁଯାୟୀ, ଯାମିନୀ ରଙ୍ଗନ୍‌ଙ୍କ ମୋଟ ସମ୍ପତ୍ତି ପ୍ରାୟ ୪୮୪ କୋଟି ଟଙ୍କା। ଆଜି ସେ ଆମେରିକାରେ ସର୍ବାଧିକ ପ୍ରଭାବଶାଳୀ ଭାରତୀୟ ମୂଳର ମହିଳା ସିଇଓମାନଙ୍କ ମଧ୍ୟରେ ଗଣା ହେଉଛନ୍ତି। ସେ କାଶ୍ ରଙ୍ଗନଙ୍କୁ ବିବାହ କରିଛନ୍ତି।



# ଫ୍ୟାସନ୍‌ରେ 'କର୍ଡସେଟ୍'

**ଫ୍ୟାସନ୍‌ରେ ଏବେ ବେଶ୍ ପୁରୁଣା 'କର୍ଡସେଟ୍'ର ଚାହିଦା ବଢ଼ିବାରେ ଲାଗିଛି। ଏହାର କେତୋଟି କାରଣ ରହିଛି। ପ୍ରଥମତଃ ଏହା ପିନ୍ଧିବାକୁ ଆରାମଦାୟକ, ଦେଖିବାକୁ ମଧ୍ୟ ଷ୍ଟାଇଲିସ୍। ତା'ପରେ ଏହା ପିନ୍ଧୁଥିବା ମହିଳାଙ୍କୁ ଉପର କୁର୍ତ୍ତୀ ବା ସାର୍ଟ ତଳେ ଜିନ୍ସ, ପ୍ଲାଜୋ ବା ସ୍କର୍ଟ କ'ଣ ପିନ୍ଧିବେ ଚିନ୍ତା କରିବାକୁ ପଡ଼ିନଥାଏ।**



ସ୍ମାର୍ଟ ଓ ସୁନ୍ଦର ଦିଶିବା ପାଇଁ ମହିଳାମାନଙ୍କ ପୋଷାକକୁ ନେଇ ସବୁବେଳେ ପରୀକ୍ଷାନିରୀକ୍ଷା ଚାଲିଆସିଛି। ଫ୍ୟାସନ୍‌ରେ ଏବେ ବେଶ୍ ପୁରୁଣା 'କର୍ଡସେଟ୍'ର ଚାହିଦା ବଢ଼ିବାରେ ଲାଗିଛି। ଏହାର କେତୋଟି କାରଣ ରହିଛି। ପ୍ରଥମତଃ ଏହା ପିନ୍ଧିବାକୁ ଆରାମଦାୟକ, ଦେଖିବାକୁ ମଧ୍ୟ ଷ୍ଟାଇଲିସ୍। ତା'ପରେ ଏହା ପିନ୍ଧୁଥିବା ମହିଳାଙ୍କୁ ଉପର କୁର୍ତ୍ତୀ ବା ସାର୍ଟ ତଳେ ଜିନ୍ସ, ପ୍ଲାଜୋ ବା ସ୍କର୍ଟ କ'ଣ ପିନ୍ଧିବେ ଚିନ୍ତା କରିବାକୁ ପଡ଼ିନଥାଏ। କାରଣ ଗୋଟିଏ ରଙ୍ଗ, ଡିଜାଇନ୍ ବା ମ୍ୟାଚିଂ କପଡ଼ାରେ ଏକାଧିକ ବା ଉପର ଓ ତଳ ଦୁଇଟି ପୋଷାକର ସେଟ୍‌କୁ 'କର୍ଡସେଟ୍' କୁହାଯାଏ। ପୁଣି ଏହାକୁ ଅଧିକ ଆକର୍ଷଣୀୟ କରିବାକୁ ବେଳେବେଳେ ମ୍ୟାଚିଂ ଜ୍ୟାକେଟ୍ ମଧ୍ୟ ଥାଏ। ବିଭିନ୍ନ ରାଜ୍ୟର ହ୍ୟାଣ୍ଡଲୁମ୍ କପଡ଼ାରେ ତିଆରି କର୍ଡସେଟ୍‌ଗୁଡ଼ିକ ଆଧୁନିକା ଅଫିସ ଯାଉଥିବା ମହିଳାମାନେ ବେଶ୍ ପସନ୍ଦ କରିଥାନ୍ତି। ଏବେ ବଜାରରେ ଲିନେନ୍, କ୍ରେପ୍, ସୂତା, ସିଲ୍‌କ ଓ ବିଭିନ୍ନ ପ୍ରକାର ସିନ୍‌ଥେଟିକ୍ କପଡ଼ାରୁ ତିଆରି ପୋଷାକ ମିଳୁଛି। ଉଭୟ ନିଅନ୍ ଓ ପେଷ୍ଟାଲ୍ ସେଡ୍‌ର ଡ୍ରେସ୍ ଟ୍ରେଣ୍ଡରେ ଅଛି। ତେବେ କର୍ଡସେଟ୍‌ର ବିଶେଷତ୍ୱ ହେଉଛି ଏହା ମହିଳାମାନଙ୍କ ଶାରୀରିକ ଆକାର, ଉଚ୍ଚତା ଓ ରୁଚିକୁ ନେଇ ତିଆରି ହୋଇଥାଏ।

# କୁଟୀରଶିଳ୍ପୀ

ନିଜେ ସ୍ୱାବଲମ୍ବୀ ହୋଇ ପରିବାର ପ୍ରତିପୋଷଣ କରିବା ଆଉ ନିଜକୁ ଏକ ସ୍ୱତନ୍ତ୍ର ପରିଚୟ ଦେବାରେ ସମସ୍ତେ ଚାହିଁଥାନ୍ତି। ଏହି କ୍ଷେତ୍ରରେ କୁଟୀରଶିଳ୍ପ ବହୁ ଆଗରେ ରହିଛି। କୁଟୀରଶିଳ୍ପୀକୁ ନେଇ ନିଜକୁ ସ୍ୱାବଲମ୍ବୀ କରିପାରିଛନ୍ତି ବହୁ ମହିଳା ଓ ଯୁବ ବ୍ୟବସାୟୀ। ତେବେ ଆସନ୍ତୁ ଆଜି ଜାଣିବା ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ସମ୍ପତ୍ତିଆ ଗ୍ରାମର ଗୀତାରାଣୀ ମହୁରୀଙ୍କ ବିଷୟରେ। ଆଜି ସେ ନିଜେ ସ୍ୱାବଲମ୍ବୀ ହେବା ସହ ଗ୍ରାମୀଣ ମହିଳାଙ୍କୁ କରିଛନ୍ତି ସ୍ୱାବଲମ୍ବୀ। ନେଉଛନ୍ତି ଉତ୍ପାଦିକା ସଂଘର ନେତୃତ୍ୱ। ବାଲିଆପାଳ ନିବାସୀ ଗୀତାରାଣୀ ଜଗାଇ କଲେଜରେ ପାଠ ପଢ଼ିଛନ୍ତି। ଗୀତାରାଣୀ ବିବାହ ପରେ ଗୀତାରାଣୀ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଅଣ୍ଟା ଭିଡ଼ିଥିଲେ। ଗାଁ'ର ୨୧ ଜଣ ମହିଳାଙ୍କୁ ନେଇ ଗଠନ କରିଥିଲେ 'ଶ୍ରୀ ଗଣେଶ ଟେରାକୋଟା ପ୍ରଡ୍ୟୁସର ଗ୍ରୁପ୍'। ଓଏଲ୍‌ଏମ୍ ବ୍ଲକ୍ ସଂଯୋଜିକା ମଧୁମିତା ଦାସଙ୍କ ତତ୍ତ୍ୱାବଧାନରେ ୨୦୨୩ ମସିହାରୁ ଏହି



ପ୍ରଡ୍ୟୁସର ଗ୍ରୁପର ନେତୃତ୍ୱ ନେଉଛନ୍ତି ଗୀତାରାଣୀ। 'ଆମ ଗାଁ ଆମ ବିକାଶ ଯୋଜନା'ରେ ସାଢ଼େ ୪ ଲକ୍ଷ ଟଙ୍କାର ଏକ ଘର ସହ ମାଟି ଚା କପ୍ ନିର୍ମାଣ ପାଇଁ ୧ ଲକ୍ଷ ୧୦ ହଜାର ଟଙ୍କାର ଦୁଇଟି ମେସିନ୍ ଯୋଗାଇ ଦେଇଥିଲେ। ସେହିପରି ମହିଳାମାନେ ମଧ୍ୟ ୪୦ ହଜାର ଟଙ୍କା ବିନିଯୋଗ କରିଥିଲେ। ଏବେ ସେମାନେ ଚା କପ୍ ସହ ଦେବଦେବୀ ମୂର୍ତ୍ତି ଓ ଦୀପ ତିଆରି କରୁଛନ୍ତି। ମାସକୁ ୩୦ରୁ ୪୦ ହଜାର କପ୍ ପ୍ରସ୍ତୁତ ହେଉଛି। ପ୍ରସ୍ତୁତ ହେଉଥିବା ମୂର୍ତ୍ତି ଓ ଚା' କପ୍ ଜଳେଶ୍ୱର ସମେତ ବାଲେଶ୍ୱର ଓ ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳରେ ବିକ୍ରି କରି ୬୦ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର ପାଉଛନ୍ତି। ଉତ୍ପାଦିକା ଗୋଷ୍ଠୀର ଆୟବ୍ୟୟ ହିସାବ, ସରକାରୀ ଅଫିସ୍ ସହ ଯୋଗାଯୋଗ, ଉତ୍ପାଦିତ ହେଉଥିବା ସାମଗ୍ରୀ ବିକ୍ରି ବ୍ୟବସ୍ଥା, ସବୁ ଦାୟିତ୍ୱ ଗୀତାରାଣୀଙ୍କ ମୁଣ୍ଡ ଉପରେ। ସେମାନଙ୍କୁ ଏକ କାଦୁଅ ଚକଟା ମେସିନ୍ ଓ ଏକ ପ୍ରଶସ୍ତ ଘର ମିଳିଲେ ଉତ୍ପାଦନ ବୃଦ୍ଧି ସହ ରୋଜଗାର ମଧ୍ୟ ବଢ଼ିପାରନ୍ତା ବୋଲି କହିଛନ୍ତି। ଏଥିସହ ଗୀତାରାଣୀ ବିଉଟି ପାର୍ଲର ପାଇଁ ସରକାରୀ ତାଲିମ ନେଇଛନ୍ତି ଏବଂ ବ୍ୟବସାୟ କରି ଅର୍ଥ ଉପାର୍ଜନ କରୁଛନ୍ତି। ତେବେ ଏହି ଯୁବ ମହିଳାଙ୍କୁ ଯଦି ସବୁ ଯୁବ ଗୋଷ୍ଠୀ ଅନୁସରଣ କରିବେ ଆଉ ଏହାକୁ ନିଜର କାର୍ଯ୍ୟ କ୍ଷେତ୍ରରେ ବିନିଯୋଗ କରିବାକୁ ଚେଷ୍ଟା କରିବେ ତେବେ ନିଜକୁ ମଧ୍ୟ ଜଣେ ସଫଳ ମଣିଷ ଭାବେ ଗଢ଼ିତୋଳିବେ।

# ଜିଆଖତ ପ୍ରସ୍ତୁତି ଦେଇଛି ରୋଜଗାର



ନାରୀ ସବୁକ୍ଷେତ୍ରରେ ଆଗରେ। ନାରୀକୁ ମଧ୍ୟ ସେମିତି ସମ୍ମାନ ଦେବାକୁ ସବୁ ପ୍ରକାର ବ୍ୟବସ୍ଥା ଓ ଆଇନ ଲାଗୁ କରାଯାଇଛି। ତେବେ ନାରୀଟିଏ ତା'ର ଉଦ୍ଘାଟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ମଧ୍ୟ ସରକାର ପକ୍ଷରୁ ବହୁ ପଦକ୍ଷେପ ନିଆଯାଇଛି। ତେବେ ଏହା ସହ ବହୁ ନାରୀ ଅଛନ୍ତି ଯେଉଁମାନେ କି ନିଜ ଦୃଢ଼ ଇଚ୍ଛାଶକ୍ତି ବଳରେ ନିଜ ଗୋଡ଼ରେ ଆଜି ଛିଡ଼ା ହୋଇ ଅନ୍ୟ ନାରୀ ମାନଙ୍କ ପାଇଁ ସାଜିପାରିଛନ୍ତି ଜଣେ ଜଣେ ଉଦାହରଣ। ସେମିତି ଆଜି ଆମେ ଜଣେ ନାରୀଙ୍କ ବିଷୟରେ ଜାଣିବା ଆସନ୍ତୁ। ସେ ହେଉଛନ୍ତି କେନ୍ଦୁଝର ଜିଲ୍ଲା ଘଟଗାଁ ଅଂଚଳର। ସେ ଏବେ କୃଷିକୁ କିପରି ଆଗକୁ ନେଇ କୃଷିକ୍ଷେତ୍ରରକୁ ସୁଦୃଢ଼ କରାଯାଇପାରିବ ସେ ଦିଗରେ ନିଜକୁ ନିୟୋଜିତ କରିପାରିଛନ୍ତି। ଗୋବର ଓ ନଷ୍ଟ ହୋଇଯାଇଥିବା ପରିବାକୁ ବ୍ୟବହାର କରି ଜିଆଖତ ପ୍ରସ୍ତୁତ କରୁଛନ୍ତି କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ବଡ଼ଜାମୁପଶି ପଞ୍ଚାୟତ ନଳବିଲା ଗ୍ରାମର ଝରଣା ମହାନ୍ତ। ବନ ବିଭାଗ ଜରିଆରେ ଏହାକୁ ବିକ୍ରି କରି ସେ ଲକ୍ଷାଧିକ ଟଙ୍କା ରୋଜଗାର କରିବା ସହ ସ୍ୱାବଲମ୍ବୀ ହୋଇପାରିଛନ୍ତି। ସାତବର୍ଷ ତଳେ ଝରଣା ଗ୍ରାମର ମହିଳାମାନଙ୍କୁ ନେଇ ମା' ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରିଥିଲେ। ଝରଣା ଗୋଷ୍ଠୀର ସଭାପତି ଅଛନ୍ତି। ନିରୁପମା ମହାନ୍ତ ସମ୍ପାଦିକା, ଗୁରୁବାରୀ ମହାନ୍ତ, ଗୋଲାପ ମହାନ୍ତ, ସହଚର ମହାନ୍ତ, ଦେବକୀ ମହାନ୍ତ, ସମ୍ବାରୀ ମହାନ୍ତ, ରକ୍ମିଣୀ ମହାନ୍ତ, ମଞ୍ଜୁଲତା ମହାନ୍ତ ପ୍ରମୁଖ ଗୋଷ୍ଠୀର ସଦସ୍ୟ ରହିଛନ୍ତି। ପୂର୍ବରୁ ଏହି ଗୋଷ୍ଠୀର ସଦସ୍ୟମାନେ ଖଳିପତ୍ର ପ୍ରସ୍ତୁତ କରିବା ସହ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ବିକୁଥିଲେ। ଅଟେଇ ସଂରକ୍ଷିତ ଜଙ୍ଗଲରେ ମହାବଳ ବାଘ ଠାବ ହେବା ପରେ ଜଙ୍ଗଲରୁ ପତ୍ର ସଂଗ୍ରହ କରିବାକୁ ବନ ବିଭାଗ ବାରଣ କରିଥିଲା। ମହିଳାମାନେ ଖଳିପତ୍ର ପ୍ରସ୍ତୁତ କରିପାରି ନଥିଲେ। ପରେ ବନ ବିଭାଗ ଏହି ଗୋଷ୍ଠୀର ମହିଳାମାନଙ୍କୁ ଜିଆଖତ ପ୍ରସ୍ତୁତି ସମ୍ପର୍କରେ ପ୍ରଶିକ୍ଷଣ ଦେବା ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲା। ଝରଣାଙ୍କ ସମେତ ଗୋଷ୍ଠୀର ଅନ୍ୟ ସଦସ୍ୟାମାନେ ଗୋବର, ପରିବା ଚାଷରୁ ବାହାରୁଥିବା ବର୍ଜ୍ୟବସ୍ତୁ ବ୍ୟବହାର କରି ଜିଆଖତ ପ୍ରସ୍ତୁତ କଲେ। ଗତବର୍ଷ ଏହି ଗୋଷ୍ଠୀର ମହିଳାମାନେ ବନ ବିଭାଗକୁ ୫୦୦ ବସ୍ତା ଜିଆଖତ ବିକ୍ରି କରିଥିଲେ। ଏଠାରୁ ସଂଗୃହୀତ ହୋଇଥିବା ଜିଆଖତକୁ ସମ୍ବଲପୁର ଓ କଳାହାଣ୍ଡି ଜିଲ୍ଲାକୁ ପଠାଯାଇଥିଲା। ଗତବର୍ଷ ଜିଆଖତ ବିକ୍ରି କରି ଝରଣା ୬୦ ହଜାର ଟଙ୍କା ରୋଜଗାର କରିଥିଲେ। ଚଳିତବର୍ଷ ୧ ଲକ୍ଷ ଟଙ୍କାର ଜିଆଖତ ବିକ୍ରି କରିଥିବା ସେ କହିଛନ୍ତି। କେବଳ ଝରଣା ନୁହନ୍ତି ଗୋଷ୍ଠୀର ଅନ୍ୟ ସଦସ୍ୟାମାନେ ମଧ୍ୟ ଜିଆଖତ ବିକ୍ରି କରି ଭଲ ରୋଜଗାର କରିଛନ୍ତି। ଅତିସହଜରେ ଜିଆଖତ ପ୍ରସ୍ତୁତ ହୋଇପାରୁଥିବା ବେଳେ ବନ ବିଭାଗ ଏହାକୁ କିଣି ନେଉଥିବାରୁ କୌଣସି ସମସ୍ୟା ହେଉନଥିବା ଝରଣା କହିଛନ୍ତି।



# ସହରରେ ଆତଙ୍କୀ ହମ୍‌ଲା ରୋକିବ ସ୍ୱତନ୍ତ୍ର ଏଟିଏସ୍



**ଭୁବନେଶ୍ୱର(ବ୍ୟୁରୋ):** ଏଣିକି ଅଦାଲତ, ବିମାନବନ୍ଦରରକୁ ବୋମାରେ ଉଡ଼େଇଦେବା ଧମକ ଶୁଣି ଆଉ ଡରିବନି ଓଡ଼ିଶା ପୁଲିସ । ସହରାଞ୍ଚଳରେ ଆତଙ୍କୀ ହମ୍‌ଲାକୁ ମୁକାବିଲା ପାଇଁ ଗଢ଼ାଯିବ ସ୍ୱତନ୍ତ୍ର ଆଣ୍ଟି-ଟେରର ସ୍କ୍ୱାଡ୍(ଏଟିଏସ୍)। ଓଡ଼ିଶାରେ ଆଭ୍ୟନ୍ତରୀଣ ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ଆତଙ୍କବାଦୀ ସମ୍ବନ୍ଧୀୟ ଧମକଗୁଡ଼ିକର ଦ୍ରୁତ ମୁକାବିଲା ପାଇଁ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି । ଡିଜିପି ୱାଇ ବି ଖୁରାନିଆ ସୂଚନା ଦେଇଛନ୍ତି, ଆତଙ୍କବାଦ ପାଇଁ ସ୍ପେଶାଲ ଅପରେସନ ଗ୍ରୁପ୍ (ଏସ୍‌ଓଜି) ନିକଟରେ ପୂର୍ବରୁ ଏକ ଛୋଟ ଟାକ୍ଟିକାଲ ୟୁନିଟ୍ ଅଛି । କିନ୍ତୁ ଏକ ପୂର୍ଣ୍ଣାଙ୍ଗ ଏଟିଏସ୍ ଗଢ଼ାଗଲେ, ଅଧିକ ସଂଖ୍ୟାରେ କମାଣ୍ଡୋ ନିୟୋଜିତ ହେବେ । ଭୁବନେଶ୍ୱର ଉପକଣ୍ଠ ଚନ୍ଦକାରେ ଥିବା ଏସ୍‌ଓଜି କ୍ୟାମ୍ପସରେ ଆଧୁନିକ ତାଲିମ ସୁବିଧା ରହିଛି । ପୂର୍ବରୁ ମାଓ-ବିରୋଧୀ ଅପରେସନ ଦାୟିତ୍ୱରେ ଥିବା ସ୍ପେଶାଲ ଅପରେସନ୍ସ ଗ୍ରୁପ୍(ଏସ୍‌ଓଜି)କୁ ଏବେ ଆତଙ୍କବାଦର ମୁକାବିଲା ପାଇଁ ଏଟିଏସ୍‌ରେ ପୁନଃନିୟୋଜିତ କରାଯିବ । ରାଜ୍ୟରେ ଆଇନଗତ ଅଧିକାର ଥିବା ଏକ ସ୍ୱତନ୍ତ୍ର ତଦନ୍ତ ପକ୍ଷ କିମ୍ବା ସ୍ୱତନ୍ତ୍ର ପୁଲିସ୍ ଷ୍ଟେସନ ଭାବରେ ଏହି ଏଟିଏସ୍ ଗଢ଼ି ତୋଳା ଯିବ । ଗତବର୍ଷ ଡିସେମ୍ବର ୨୪ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେଠାରେ ଏକ ଅତ୍ୟାଧୁନିକ କାଉଣ୍ଟର ଟେରରିଜିମ୍ ଟ୍ରେନିଂ ଫ୍ୟାସିଲିଟି ଏବଂ ବ୍ରିଫିଂ ସେଣ୍ଟରର ଉଦ୍‌ଘାଟନ କରିଥିଲେ । ଯାହା ଏକାସଙ୍ଗରେ ୪୦୦ କର୍ମଚାରୀଙ୍କୁ ତାଲିମ ଦେବାକୁ ସକ୍ଷମ । ଏହି ସ୍ୱତନ୍ତ୍ର ସ୍କ୍ୱାଡ୍ ଆତଙ୍କବାଦୀ ଧମକ ବିରୋଧରେ ଓଡ଼ିଶାର ପ୍ରସ୍ତୁତିକୁ ଅଧିକ ମଜବୁତ କରିବ । ଯଦିଓ ଓଡ଼ିଶାରେ କୌଣସି ପ୍ରତ୍ୟକ୍ଷ ଆତଙ୍କବାଦୀ ଆକ୍ରମଣ ହୋଇନାହିଁ, କିନ୍ତୁ ଅତୀତରେ କେତେକ ସ୍ଥାନୀୟ ବାସିନ୍ଦାଙ୍କର ଉଗ୍ରବାଦୀ ସଂଗଠନ ସହ ସମ୍ପର୍କ ସାମ୍ନାକୁ ଆସିଥିବାରୁ ପୁଲିସ ପ୍ରଶାସନ ସତର୍କ ରହିଛି । କେନ୍ଦ୍ର ସରକାର ଦେଶରେ ମାଓବାଦଙ୍କୁ ସଫଳତାର ସହ ଦମନ କରିବାରେ ସକ୍ଷମ ହୋଇଥିଲେ । ବର୍ତ୍ତମାନ ସରକାରଙ୍କ ଧ୍ୟାନ ସହରୀ ଆତଙ୍କବାଦ(ଅର୍ବାନ ଟେରୋରିଜିମ୍) ଏବଂ ଯୁଦ୍ଧ କୌଶଳ ମୁକାବିଲା ଆଡ଼କୁ ଅଗ୍ରସର ହେଉଛନ୍ତି ।

# ପୋଲିସ ଭବନରେ ୫୫ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ମାନ ପ୍ରଦାନ



**ଭୁବନେଶ୍ୱର(ବ୍ୟୁରୋ):** ଭୁବନେଶ୍ୱରସ୍ଥିତ ପୁଲିସ ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ୫୫ ଜଣ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଡିଜିପି ଡିସ୍କ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ସେବା, କର୍ତ୍ତବ୍ୟନିଷ୍ଠା ଓ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ନିମନ୍ତେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ପଦକ ପ୍ରାପ୍ତମାନଙ୍କ ମଧ୍ୟରେ ନିର୍ଦ୍ଦେଶକ (ଏସ୍‌ସିଆରବି) ଅବିନାଶ କୁମାର, ଡିଆଇଜି (କ୍ରାଇମବ୍ରାଞ୍ଚ) ବି ଗଙ୍ଗାଧର, ବ୍ରହ୍ମପୁର ଏସପି ଡ ଶ୍ରବଣ ବିବେକ ଏମ, ଅନୁଗୋଳ ଏସପି ରାହୁଲ ଜୈନ, ନୟାଗଡ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର, ଗଞ୍ଜାମ ଏସପି ହରିଶ ବି ସି, ଜଗତସିଂପୁର ଏସ୍‌ପି ଅଙ୍କିତ କୁମାର ବର୍ମା, ନବରଙ୍ଗପୁର ଏସପି କାଶ୍ୟପ ପାର୍ଥ ଜଗଦୀଶ, ବୌଦ୍ଧ ଏସପି କୁଳଦୀପ ମୀନା, ଏସ୍‌ଡିପିଓ, ଆର ଉଦୟଗିରି, ଗଜପତି ରାକେଶ କୁମାର ସାହୁ, କମାଣ୍ଡାଣ୍ଟ (ତୃତୀୟ ଆଇଆରବିନ, କଳିଙ୍ଗ ନଗର) ୟାକୁବ ଖାନଙ୍କ ସହିତ ୩ ଜଣ ଅତିରିକ୍ତ ଏସ୍‌ପି, ୨ ଜଣ ଡେପୁଟି କମାଣ୍ଡାଣ୍ଟ, ୩ ଜଣ ଡିଏସ୍‌ପି, ଜଣେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, ୮ ଜଣ ଇନ୍‌ସପେକ୍ଟର, ୪ ଜଣ ସବ୍-ଇନ୍‌ସପେକ୍ଟର, ୪ ଜଣ ଆସିଷ୍ଟାଣ୍ଟ ସବ୍-ଇନ୍‌ସପେକ୍ଟର, ୫ ଜଣ ହାବିଲଦାର, ଜଣେ ଡ୍ରାଇଭର ଓ ୧୩ ଜଣ କନଷ୍ଟେବଲ /ଓଏପିଏଫ /ସିପାହୀ ଅନ୍ତର୍ଭୁକ୍ତ। ଉଲ୍ଲେଖଯୋଗ୍ୟ ଯେ, କାର୍ଯ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ନିମନ୍ତେ ୯୧ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ଅବସରରେ ଉପରୋକ୍ତ ଅଧିକାରୀ ଓ କର୍ମଚାରୀଙ୍କ ନାମ ଘୋଷଣା କରାଯାଇଥିଲା।

# ରାଜଧାନୀ ଟ୍ରାଫିକ୍ ଜାମ୍‌ରେ ଲାଗିବ ବ୍ରେକ୍

**ଭୁବନେଶ୍ୱର(ବ୍ୟୁରୋ):** ରାଜଧାନୀର ୨୩ଟି ଛକର କଳେବର ବଦଳିବ । ଟ୍ରାଫିକ୍ ଭିଡ଼ ହେଉଥିବା ସହରର ପ୍ରମୁଖ ଛକକୁ ଅଧିକ ବ୍ୟବସ୍ଥିତ କରାଯିବ । ଏହାର ଆଖପାଖ ଅଞ୍ଚଳକୁ ପ୍ରଶସ୍ତ କରାଯିବ। କିଛି ଛକର ଡିଜାଇନ୍‌ରେ ପରିବର୍ତ୍ତନ ହେବ । ସରକାର ଗଢ଼ିଥିବା ଜଙ୍କସନ୍ ସବ୍ କମିଟି ଏଭଳି ଅନେକ ଯୋଜନା ରଖିଛି । ଗୁରୁବାର ଏହା ଉପରେ ଚୂଡ଼ାନ୍ତ ମୋହର ବାଜିବ । କଳ୍ପନା ଛକକୁ ଅଧିକ ଚଉଡ଼ା କରାଯିବ । ଛକର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରୁ ଦୋକାନ ହଟାଯିବ । ଏଠାରେ ଯେଭଳି ଭିଡ଼ ନ ହେବ, ସେଥିପାଇଁ ସ୍ୱତନ୍ତ୍ର ଯୋଜନା ହୋଇଛି । ସେହିଭଳି ଟଙ୍କପାଣି ସାଇ ମନ୍ଦିର ଛକକୁ ଗୋଲେଇ ଛକ କରିବାକୁ ପ୍ରସ୍ତାବ ରହିଛି । ପ୍ରଥମ ପର୍ଯ୍ୟାୟରେ ଇନ୍‌ଫୋସିଟି ଛକ ବି ଗୋଲେଇ ଛକ ହେବ । ସିଆରପି ଛକକୁ ଭିଡ଼ମୁକ୍ତ କରିବାକୁ ମଧ୍ୟ ସ୍ୱତନ୍ତ୍ର ପ୍ରସ୍ତାବ ରହିଛି । ଏୟାରପୋର୍ଟ ଛକ, ଏଜି ଛକ, ରବୀନ୍ଦ୍ର



ମଣ୍ଡପ ଛକ, ଆଚାର୍ଯ୍ୟବିହାର, ଜୟଦେବବିହାର, ରସୁଲଗଡ଼ ଛକ ଭଳି ମୋଟ ୨୩ଟି ଛକର ଡିଜାଇନ୍‌ରେ ପରିବର୍ତ୍ତନ ଅଣାଯିବ । ଛକର ୧୦୦ ମିଟର ପୂର୍ବରୁ କୌଣସି ବସ୍‌ଷ୍ଟପ ନ ରଖିବାକୁ ପ୍ରସ୍ତାବ ଦିଆଯିବ। ଛକର ବାମପାର୍ଶ୍ୱର ବୁଲାଣିକୁ ଅଧିକ ଚଉଡ଼ା କରାଯିବ । ଏହାକୁ ଅବରୋଧ କରୁଥିବା କୌଣସି ଟ୍ରାଫିକ ପୋଷ୍ଟ, ବିଦ୍ୟୁତ୍ ଖୁଣ୍ଟ ବା ପାଇପ୍ ଲାଇନ୍ ଥିଲେ ତାକୁ ତୁରନ୍ତ ହଟାଯିବ । ସୂଚନା ଯୋଗ୍ୟ, ରାଜଧାନୀର ବିଭିନ୍ନ ଟ୍ରାଫିକ ଛକକୁ ଭିଡ଼ମୁକ୍ତ କରିବାକୁ ସରକାର ଏହି ସବ୍ କମିଟି ଗଢ଼ିଛନ୍ତି । ଏଥିରେ ପୂର୍ତ୍ତ ବିଭାଗ, ଟ୍ରାଫିକ ପୁଲିସ, ବିଡିଏ, ବିଏମ୍‌ସିର ବରିଷ୍ଠ ଅଧିକାରୀ ସଦସ୍ୟ ଅଛନ୍ତି । କମିଟି ରାଜଧାନୀର ବିଭିନ୍ନ ଛକ ପରିଦର୍ଶନ କରିବା ସହ ଏହାକୁ ଭିଡ଼ମୁକ୍ତ କରିବାକୁ ବିଭିନ୍ନ ପ୍ରସ୍ତାବ ଦେଇଛି । ଗୁରୁବାର ନଗର ଉନ୍ନୟନ ବିଭାଗରେ ଏହି ପ୍ରସ୍ତାବ ଉପରେ ଆଲୋଚନା ପରେ ଚୂଡ଼ାନ୍ତ ମୋହର ବାଜିପାରେ । ଗତ କିଛି ବର୍ଷ ହେବ ପରୀକ୍ଷାମୂଳକ ଭାବେ ରାଜଧାନୀର ବହୁ ଛକର ଡିଜାଇନ୍ ବଦଳିଛି । ବହୁ ପୂର୍ବରୁ ମାଷ୍ଟରକ୍ୟାଣ୍ଟିନ୍ ଛକରେ ଗୋଲେଇ ଛକ ଥିଲା । ଏହାକୁ ବଦଳାଇ ସିଧା ଜଙ୍କସନ୍‌ର ରୂପ ଦିଆଯାଇଛି । ତେବେ ଆଗକୁ ଅଧିକରୁ ଅଧିକ ଛକକୁ ଗୋଲେଇ ଛକରେ ପରିଣତ କରିବାକୁ ଯୋଜନା ହୋଇଛି । ପୁଣି ଜିକନ୍‌ଜେସନ୍ ପ୍ଲାନ୍ ବା ଭିଡ଼ମୁକ୍ତ ଯୋଜନାରେ ସହରର ଅଧିକାଂଶ ଛକର ଡିଜାଇନ୍ ପରିବର୍ତ୍ତନ ସହ ନୂଆ ରାସ୍ତା ଓ ନୂଆ ଫ୍ଲାଏଓଭର ତିଆରି ପଇଁ ଯୋଜନା ରହିଛି ।

# ୮୦ତମ ସ୍ୱାଧୀନତା ଦିବସ ପାଇଁ ଗାନ୍ଧୀ ମାର୍ଗରେ ଫୁଲ ଡ୍ରେସ ରିହର୍ସାଲ



**ଭୁବନେଶ୍ୱର(ବ୍ୟୁରୋ) :** ଦିନକ ପରେ ଦେଶ ପାଳିବ ୮୦ତମ ସ୍ୱାଧୀନତା ଦିବସ । ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ। ଲୋୟର ପିଏମଜିର ଗାନ୍ଧୀ ମାର୍ଗରେ ଫୁଲ ଡ୍ରେସ ରିହରସଲ । ୫୧ଟି କଣ୍ଟିଜେଣ୍ଟ ସାମିଲ୍ । ଯେଉଁଥିରେ ପୋଲିସ ଓ ସମର ବାହିନି ର ୧୯ଟି କଣ୍ଟି ଜେଣ୍ଟ ରହିଛନ୍ତି । ସେହିପରି ବିଭିନ୍ନ ସ୍କୁଲ ଓ କଲେଜର ୨୫ଟି କଣ୍ଟିଜେଣ୍ଟ ସାମିଲ ହେଉଛନ୍ତି । ପ୍ରଥମ ଥର ଚଳିତ ବର୍ଷ ବନ୍ଦେ ମାତରମ ଦୁଇ ଥର ସହ ରାଷ୍ଟ୍ରିୟ ସଂଗିତ ମଧ୍ୟ ଦୁଇଥର ପରିବେଷଣ ହେବ । ସୁରକ୍ଷା ଦୃଷ୍ଟିରୁ ପରେଡ୍ ଗ୍ରାଉଣ୍ଡକୁ କଡା ସୁରକ୍ଷା ବଳୟରେ ରଖାଯାଇଛି । ଆଣ୍ଟି ଡ୍ରୋନ୍ ସିଷ୍ଟମ୍ ଓ ଆଣ୍ଟି ଟେରରିଷ୍ଟ ସ୍କ୍ୱାଡ୍ କୁ ମଧ୍ୟ ନିୟୋଜିତ କରାଯାଇଛି। କଡ଼ା ନଜରରେ ରହିବ ଗାନ୍ଧି ମାର୍ଗ । ଭିଆଇପି ଓ ଭିଭିଆଇପି ଙ୍କ ଉପସ୍ଥିତିକୁ ଦୃଷ୍ଟିରେ ରଖି କଡା ସୁରକ୍ଷା ବଳୟ ଭିତରେ ପାଳନ ହେବ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ । ପରେଡ୍ ପ୍ରସ୍ତୁତିର ସମୀକ୍ଷା ପାଇଁ ନିଜେ ଡିଜିପି ଉପସ୍ଥିତ ରହିବେ । ପରେଡକୁ ନିଖୁଣ ଓ ଆକର୍ଷଣୀୟ କରିବା ପାଇଁ ବିଶେଷ ଗୁରୁତ୍ୱ ଦିଆଯାଇଛି । ଏଥର ପରେଡ୍ ର ଆକର୍ଷଣ ବଢ଼ାଇବ ଛତିଶଗଡ଼ ପୋଲିସର ଏକ ଟିମ୍ । ସୁରକ୍ଷା ଦୃଷ୍ଟିରୁ ଗାନ୍ଧୀ ମାର୍ଗରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି ।

# ବେଙ୍ଗାଲୁରୁରେ ପ୍ରଯୁକ୍ତିବିଦ୍ୟା ଶିଖିଲେ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀ

**ଭୁବନେଶ୍ୱର(ବ୍ୟୁରୋ):** ଓଡ଼ିଶାର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ପାଞ୍ଚ ଜଣ ମେଧାବୀ ଛାତ୍ରଛାତ୍ରୀ ବେଙ୍ଗାଲୁରୁର ଭାରତୀୟ ବିଜ୍ଞାନ ସଂସ୍ଥାନର ନାନୋ ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ସେଣ୍ଟରରେ ଏକ ଦୁଇ ଦିନିଆ ସେମିକଣ୍ଡକ୍ଟର ତାଲିମ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ତାଲିମ୍ କାର୍ଯ୍ୟକ୍ରମରେ, ଗିଧିବାସର ପ୍ରବୀଣ କୁମାର ନାୟକ ଏବଂ ଗୀତାଞ୍ଜଳି ମହନ୍ତ, ବହଲଦାର ଦୁଷ୍ମନ୍ତ ମାଝୀ, ଏବଂ ଧାଙ୍ଗେରାର ହୀରାମଣି ବାସ୍କେ ଏବଂ ଫୁଲମଣି ସିଂ ଭାଗ



ନେଇଥିଲେ। ଗିଧିବାସର ଦେବସ୍ମିତା ପ୍ରିୟଦର୍ଶିନୀ ବେହେରା ଛାତ୍ରଛାତ୍ରୀମାନଙ୍କ ସହିତ ଏସ୍କର୍ଟ ଶିକ୍ଷୟିତ୍ରୀ ଭାବେ ଗସ୍ତ କରିଥିଲେ। ପ୍ରଥମ ଦିନରେ ଛାତ୍ରଛାତ୍ରୀମାନେ ସେମିକଣ୍ଡକ୍ଟର ପ୍ରଯୁକ୍ତିବିଦ୍ୟା, କ୍ଲିନ୍-ରୁମ୍ ସୁରକ୍ଷା, ପ୍ରଦୂଷଣ ନିୟନ୍ତ୍ରଣ ଏବଂ ୱେଫର ପ୍ରକ୍ରିୟାକରଣ ଶିଖିବାକୁ ପାଇଥିଲେ। ଛାତ୍ରଛାତ୍ରୀମାନେ ସ୍ୱତନ୍ତ୍ର ଅପ୍ଟିକ୍ସ, ବୈଦ୍ୟୁତିକ, ଯାନ୍ତ୍ରିକ, ଟ୍ରାନ୍ସମିସନ୍ ଇଲେକ୍ଟ୍ରୋନ୍ ମାଇକ୍ରୋସ୍କୋପି ଏବଂ ସ୍କାନିଂ ଇଲେକ୍ଟ୍ରୋନ୍ ମାଇକ୍ରୋସ୍କୋପି ପ୍ରୟୋଗଶାଳା ମଧ୍ୟ ପରିଦର୍ଶନ କରିଥିଲେ। ଉନ୍ନତ ବୈଜ୍ଞାନିକ ଉପକରଣ, ଗବେଷଣା ସୁବିଧା ଏବଂ ପ୍ରୟୋଗଶାଳା ଅଭ୍ୟାସ ଦେଖିଥିଲେ। ଦ୍ୱିତୀୟ ଦିନରେ ସେମିକଣ୍ଡକ୍ଟର ନିର୍ମାଣ ଏବଂ ସମ୍ପୂର୍ଣ୍ଣ ଉତ୍ପାଦନ ପ୍ରକ୍ରିୟା ଉପରେ ଧ୍ୟାନ ଦିଆଯାଇଥିଲା। ଛାତ୍ରଛାତ୍ରୀମାନଙ୍କୁ କ୍ଲିନ୍-ରୁମ୍ ପରିବେଶ, ସଠିକ୍ ଉତ୍ପାଦନ କୌଶଳ ଏବଂ ସୁରକ୍ଷା ପ୍ରୋଟୋକଲ ସହିତ ପରିଚିତ କରାଯାଇଥିଲା। ଏଥି ସହିତ ଭାରତର ପ୍ରଯୁକ୍ତିବିଦ୍ୟା ଏବଂ ରଣନୈତିକ ବିକାଶରେ ସେମିକଣ୍ଡକ୍ଟରର ଗୁରୁତ୍ୱ ବିଷୟରେ ମଧ୍ୟ ଶିକ୍ଷା ଦିଆଯାଇଥିଲା। ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚଶିକ୍ଷା ଗ୍ରହଣ କରିବାକୁ ଓ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଏବଂ ଗବେଷଣାରେ କ୍ୟାରିଅର ଗଢିବାକୁ ଉତ୍ସାହିତ କରିବା ପାଇଁ ଏକ ସ୍ୱତନ୍ତ୍ର କ୍ୟାରିଅର ମାର୍ଗଦର୍ଶନ ଏବଂ ପରାମର୍ଶ ଅଧିବେଶନ ଆୟୋଜନ କରାଯାଇଥିଲା। ଏହି ପଦକ୍ଷେପ ଆଦିବାସୀ ଛାତ୍ରଛାତ୍ରୀମାନଙ୍କୁ ଅତ୍ୟାଧୁନିକ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ସହିତ ଜଡିତ କରିବା ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

# ବାହାର ରାଜ୍ୟ ଗସ୍ତର ୭ ଦିନ ମଧ୍ୟରେ ରିପୋର୍ଟ ଦେବାକୁ କୃଷି ଅଧିକାରୀଙ୍କୁ ତାଗିଦ



**ଭୁବନେଶ୍ୱର(ବ୍ୟୁରୋ):** କୃଷି ଅଧିକାରୀଙ୍କ ବାହାର ରାଜ୍ୟ ଓ ବିଦେଶ ଗସ୍ତକୁ ନେଇ ତାଗିଦ୍ କଲେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ଭୁବନେଶ୍ୱର କୃଷି ଭବନ ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ଉଦ୍ୟାନ କୃଷି ଅଧିକାରୀ ସମ୍ମିଳନୀରେ ସେ ଅଧିକାରୀମାନଙ୍କୁ କାମର ହିସାବ ମାଗିଛନ୍ତି। ସରକାରୀ ଖର୍ଚ୍ଚରେ ବିଦେଶ କିମ୍ବା ଅନ୍ୟ ରାଜ୍ୟକୁ ଗସ୍ତ କରିଥିବା ଅଧିକାରୀମାନେ କ'ଣ ଶିଖିଲେ, କ'ଣ ଦେଖିଲେ ଏବଂ ତାହା ଓଡ଼ିଶାରେ କିପରି ପ୍ରୟୋଗ କରିବେ, ସେନେଇ ୭ ଦିନ ମଧ୍ୟରେ ରିପୋର୍ଟ ଦେବେ। ଗସ୍ତ ପରେ ରିପୋର୍ଟ ନଦେଇ ଚୁପ୍ ବସିଲେ ଆଉ ଚଳିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ଉପମୁଖ୍ୟମନ୍ତ୍ରୀ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ପ୍ରଶ୍ନ କରିଛନ୍ତି, "ଆମୋଦ ପ୍ରମୋଦ ପାଇଁ କ'ଣ ବାହାର ରାଜ୍ୟକୁ ଯାଉଛନ୍ତି ? ଯଦି ଯାଉଛନ୍ତି, ତେବେ ରାଜ୍ୟରେ ଏହାର ପ୍ରତିଫଳନ କାହିଁକି ଦେଖାଯାଉନାହିଁ ?" ସରକାରୀ ଅର୍ଥରେ ହେଉଥିବା ପ୍ରତ୍ୟେକ ଗସ୍ତର ଖର୍ଚ୍ଚ ଓ ଫଳାଫଳର ହିସାବ ଦେବାକୁ ସେ କହିଛନ୍ତି। କେବଳ ବାହାର ଗସ୍ତ ନୁହେଁ, ପ୍ରତି ମାସରେ କରାଯାଉଥିବା ଫିଲ୍ଡ ଗସ୍ତର ରିପୋର୍ଟ ମଧ୍ୟ ଦାଖଲ କରିବେ କୃଷି ଅଧିକାରୀ। ଏଥିରେ ଅବହେଳା କଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଚେତାବନୀ ଦିଆଯାଇଛି ।ମନ୍ତ୍ରୀଙ୍କ ଜିଲ୍ଲା ଗସ୍ତ ସମୟରେ ଫୁଲତୋଡ଼ା, ଉତ୍ତରୀୟ କିମ୍ବା ଗାମୁଛା ଦେବା ପରିବର୍ତ୍ତେ ଅଞ୍ଚଳର କୃଷି ସମସ୍ୟା, ଫିଲ୍ଡ ରିପୋର୍ଟ ଓ ତଥ୍ୟ ପ୍ରଦାନ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ରାଜ୍ୟରେ ଶିଥିଳ ପଡ଼ିଥିବା ଶୀତଳ ଭଣ୍ଡାର ପ୍ରକଳ୍ପକୁ ନେଇ ମଧ୍ୟ ଉଦ୍ୟାନ କୃଷି ଅଧିକାରୀଙ୍କୁ ତାଗିଦ୍ କରିଛନ୍ତି ଉପମୁଖ୍ୟମନ୍ତ୍ରୀ। ପ୍ରକଳ୍ପଗୁଡ଼ିକୁ ଗତି ଦେଇ କୃଷକଙ୍କ ପାଖରେ ଏହାର ଲାଭ ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଇଛି।

# ରାଜଧାନୀରେ ୧୦୦ ଶଯ୍ୟା ବିଶିଷ୍ଟ ହେବ ଆୟୁର୍ବେଦିକ ହସ୍ପିଟାଲ

**ଭୁବନେଶ୍ୱର(ବ୍ୟୁରୋ):** ଭୁବନେଶ୍ୱରବାସୀଙ୍କ ପାଇଁ ଖୁସି ଖବର। ଏବେ ରାଜଧାନୀରେ ଆଧୁନିକ ଚିକିତ୍ସା ସହ ଆୟୁର୍ବେଦର ଚିକିତ୍ସା ମଧ୍ୟ ସରକାରୀ ଭାବେ ମିଳିବ। ଆଜି ଭୁବନେଶ୍ୱର ନାଗେଶ୍ୱରଟାଙ୍ଗିରେ ଭୁବନେଶ୍ୱର କୋର୍ଟ ନିକଟରେ ଥିବା ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟର ନବକଳେବର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼ଃ ମୁକେଶ ମହାଲିଙ୍ଗ। ଏହି ହସ୍ପିଟାଲ୍‌ର ଶଯ୍ୟା ସଂଖ୍ୟା ବଢ଼ାଇବାକୁ ବିଭାଗ ନିଷ୍ପତ୍ତି ନେଇଛି । ଇନ୍‌ଡୋରରେ ଥିବା ୪୩ଟି ଶଯ୍ୟା ସଂଖ୍ୟାକୁ ବଢ଼ାଇ ୧୦୦ ଶଯ୍ୟା କରାଯିବ । ରୋଗୀ ସଂଖ୍ୟା ଦିକୁ ଦିନ ବଢୁଥିବା ବେଳେ ଅଧିକ ଶଯ୍ୟା ଆବଶ୍ୟକ ପଡୁଛି । ଏହାକୁ ଦୃଷ୍ଟିରେ ରଖି ବିଭାଗ ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି । ଏହାଦ୍ୱାରା ଭୁବନେଶ୍ୱରବାସୀଙ୍କୁ ଶସ୍ତା ଏବଂ ଗୁଣାତ୍ମକ ଆୟୁଷ ଚିକିତ୍ସା ମିଳିବ। ସବୁଠୁ ବଡ଼ କଥା ହେଲା, ଆୟୁଷ୍ମାନ କାର୍ଡରେ ବି ଏହି ଚିକିତ୍ସା ଅନ୍ତର୍ଭୁକ୍ତ କରିବାକୁ ସରକାର ଯୋଜନା କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ତାଙ୍କ ସହ ଏକାମ୍ର ବିଧାୟକ ବାବୁ ସିଂ ମଧ୍ୟ ଉପସ୍ଥିତ ଥିଲେ। ସାମଲ ଇଞ୍ଜିନିୟରିଂ ଆଣ୍ଡ କନ୍‌ସଲଟାଣ୍ଟ ଏହି ୧୦୦




ଶଯ୍ୟା ବିଶିଷ୍ଟ ବିଲ୍ଡିଙ୍ଗ ନିର୍ମାଣ କରିବ। ଆଗାମୀ ୧୫ ମାସ ଭିତରେ ଏହା ସମ୍ପୂର୍ଣ୍ଣ ହେବ ବୋଲି ଲକ୍ଷ୍ୟ ରଖାଯାଇଛି ବୋଲି କହିଛନ୍ତି ମନ୍ତ୍ରୀ। ବି.ଜେ.ବି ନଗର, ନାଗେଶ୍ୱରଟାଙ୍ଗୀ, ଲିଙ୍ଗରାଜ, ସହିଦ ନଗର, ରସୁଲଗଡ଼, ନୟାପଲ୍ଲୀ ଓ ଆଖପାଖ ଅଞ୍ଚଳର ଲୋକଙ୍କୁ ଆଉ ଆୟୁର୍ବେଦିକ ଚିକିତ୍ସା ପାଇଁ ଦୂରକୁ ଯିବାକୁ ପଡିବ ନାହିଁ। ଡାଇବେଟିସ, ଗଣ୍ଠିବାତ, ପେଟ ସମସ୍ୟା ଭଳି କ୍ରନିକ ରୋଗ ପାଇଁ ପାର୍ଶ୍ୱ ପ୍ରତିକ୍ରିୟା ବିହୀନ ଆୟୁର୍ବେଦିକ ଚିକିତ୍ସା ମିଳିବ। ଆୟୁଷ୍ମାନ କାର୍ଡ ଲାଗୁ ହେଲେ ଗରିବ ଓ ମଧ୍ୟବିତ୍ତ ପରିବାର ମଧ୍ୟ ବିନା ଖର୍ଚ୍ଚରେ ଚିକିତ୍ସା କରାଇ ପାରିବେ। ଏବେ ମାଗଣାରେ ରକ୍ତ ପରୀକ୍ଷା ଚାଲିଛି ଏବଂ ଆଗକୁ ଚାଲିବ । ସରକାର ଏହି ପ୍ରକଳ୍ପ ପ୍ରତି ବହୁତ ଆଗ୍ରହୀ। କାରଣ ଏହା କେବଳ ଗୋଟିଏ ହସ୍ପିଟାଲ ନୁହେଁ, ଏହା ଓଡ଼ିଶାରେ ପାରମ୍ପରିକ ଚିକିତ୍ସା ପଦ୍ଧତିକୁ ପୁନରୁଦ୍ଧାର କରିବା ଦିଗରେ ଗୋଟିଏ ବଡ ପଦକ୍ଷେପ ହେବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି। ୧୯୭୦ ମସିହାରେ ଏହି ଆୟୁର୍ବେଦକ ହସ୍ପିଟାଲ ନିର୍ମାଣ ହୋଇଥିଲା । ଯାହା ଆୟୁଷ ବିଭାଗ ଅଧୀନରେ ଚାଲୁଛି । ହସ୍ପିଟାଲରେ ପଞ୍ଚକର୍ମ, ଓପିଡି(ବହିଃବିଭାଗ), ଆଇପିଡି(ଅନ୍ତଃ ବିଭାଗ), ଔଷଧ ପ୍ରସ୍ତୁତି କେନ୍ଦ୍ର(ମିନି ଫାର୍ମାସି), ଔଷଧୀୟ ବୃକ୍ଷ ଉଦ୍ୟାନ ଓ ଯୋଗ ୟୁନିଟ୍ ରହିଛି । ଜ୍ୱର, ଝାଡ଼ା, ବାତରୋଗ ସମେତ ଆଣ୍ଠୁଗଣ୍ଠ ଭଳି ରୋଗର ଆୟୁର୍ବେଦକ ଚିକିତ୍ସା ଦ୍ୱାରା ଉପଶମ କରାଯାଉଛି । ହେଲେ ଉନ୍ନତମାନର ଚିକିତ୍ସା ନଥିବାରୁ ପୂର୍ବରୁ ରୋଗୀମାନେ ବହୁ ସମୟରେ ଅସନ୍ତୋଷ ପ୍ରକାଶ କରୁଥିଲେ । ରୋଗୀଙ୍କୁ କିଭଳି ପାରମ୍ପରିକ ଆୟୁର୍ବେଦିକ ଚିକିତ୍ସା ପ୍ରତି ଆକର୍ଷିତ କରାଯିବ ସେଥିପାଇଁ ଆଇପିଏଚଏସ୍(ଇଣ୍ଡିଆନ୍ ପବ୍ଲିକ୍ ହେଲ୍‌ଥ ଷ୍ଟାଣ୍ଡାର୍ଡ) ଆୟୁଷ ହସ୍ପିଟାଲ ମଡେଲରେ ଏହି ହସ୍ପିଟାଲକୁ ବିକଶିତ କରାଯିବ । ଗତବର୍ଷ ଆୟୁର୍ବେଦିକ ହସ୍ପିଟାଲ ଉନ୍ନୀତ(ଅପଗ୍ରେଡ୍) ହୋଇଥିଲା । ପରେ ପରେ ଏଠାରେ ନିଦାନ ଖୋଲିଥିଲା । ଅଦ୍ୟାବଧି ଅନ୍ତଃବିଭାଗ(ଆଇପିଡି)ରେ ମୋଟ ୪୩ଟି ଶଯ୍ୟା ରହିଛି । ଶଯ୍ୟାଠୁ ବଳି ଯାଉଛି ରୋଗୀ ସଂଖ୍ୟା । ଦୈନିକ ଇନଡୋରକୁ ୧୨୦ ରୋଗୀ ଆସୁଛନ୍ତି । ସେମାନଙ୍କ ମଧ୍ୟରେ ଅଲ୍‌ସର, ଅର୍ଶ, ମଧୁମେହ, ରକ୍ତଚାପ, ହାଡ଼ ଭଙ୍ଗା, ବାତ ଭଳି ଆକ୍ରାନ୍ତ ରୋଗୀ ଅଛନ୍ତି । ସମସ୍ତଙ୍କୁ ଶଯ୍ୟା ମିଳିପାରୁନି । ଶଯ୍ୟା ଆବଶ୍ୟକ କରୁଥିବା ରୋଗୀମାନେ ତଳେ ଶୋଉଛନ୍ତି, ନଚେତ୍ ଘରକୁ ପଳାଉଛନ୍ତି । ବାରମ୍ବାର ଅଭିଯୋଗ ହେବା ପରେ ହସ୍ପିଟାଲ ପକ୍ଷରୁ ଅସ୍ଥାୟୀ ଭାବରେ ଶଯ୍ୟା ବ୍ୟବସ୍ଥା କରାଯାଉଛି । ମାତ୍ର ଭିତ୍ତିଭୂମି ନଥିବାରୁ ସ୍ଥାୟୀ ଭାବରେ ଶଯ୍ୟା ପଡ଼ିପାରୁନି । ଉନ୍ନୀତ ହେବାପରେ ଅଧିକ ଶଯ୍ୟା ପାଇଁ ଯୋଜନା କରାଯାଇଛି ବୋଲି ହସ୍ପିଟାଲର ଅଧୀକ୍ଷକ ଡା. ଚିତ୍ତରଞ୍ଜନ ବେହେରା କହିଛନ୍ତି । ଏସଂପର୍କରେ ବିଭାଗ ସହିତ ଆଲୋଚନା କରାଯାଇଛି । ଖୁବଶୀଘ୍ର ଘର କାମ ଆରମ୍ଭ ହେବ । ଆଜି ଶହେ ଶଯ୍ୟା ବିଶିଷ୍ଟ କୋଠାର ଭୂମିପୂଜନ ହୋଇଛି । ଅପରପକ୍ଷରେ, ହସ୍ପିଟାଲରେ ସବୁଠୁ ବଡ଼ ଉପଲବ୍ଧି ହେଉଛି ପଞ୍ଚକର୍ମ । ବରିଷ୍ଠ ନାଗରିକ, ଅଣ୍ଠୁଗଣ୍ଠି ଜନିତ ରୋଗୀ, ପକ୍ଷାଘାତ ରୋଗୀଙ୍କୁ ଏଠାରେ ପଞ୍ଚକର୍ମ ସେବା ମିଳୁଛି । ଆଗକୁ ପଞ୍ଚକର୍ମରେ ଅଟୋମେଟିକ୍ ମେସିନ୍ ବ୍ୟବହାର କରାଯିବ ବୋଲି ହସ୍ପିଟାଲ ତରଫରୁ ସୂଚନା ମିଳିଛି ।

# ସାଂସ୍କୃତିକ ପ୍ରତିଯୋଗିତା ମାଧ୍ୟମରେ ଜନଜାତି ଐତିହ୍ୟ ପ୍ରଦର୍ଶନ

**ଭୁବନେଶ୍ୱର(ବ୍ୟୁରୋ) :** ଓଡ଼ିଶାର ଜନଜାତି ସମ୍ପ୍ରଦାୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପାଳନ କରି, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ, କଳାହାଣ୍ଡି ଜିଲ୍ଲାର ବୋରିଙ୍ଗପଦର ଏବଂ ପାଲବେରୀ ଗ୍ରାମରେ ଗୋଷ୍ଠୀ ନେତୃତ୍ୱାଧୀନ କାର୍ଯ୍ୟକ୍ରମ ସହିତ ବିଶ୍ୱ ଜନଜାତି ଦିବସ ପାଳନ କରିଛି । ବୟସ୍କ, ମହିଳା, ଯୁବକ ଏବଂ ପିଲାମାନଙ୍କ ସମେତ ୩୫୦ ରୁ ଅଧିକ ଜନଜାତି ସମ୍ପ୍ରଦାୟର ସଦସ୍ୟଙ୍କୁ ଏକାଠି କରି ଏହି ଉତ୍ସବ ପାରମ୍ପାରିକ ଜ୍ଞାନ, ସ୍ୱଦେଶୀ ଖାଦ୍ୟ, ସାଂସ୍କୃତିକ ଅଭ୍ୟାସ ଏବଂ ପିଢ଼ି ପରେ ପିଢ଼ି ଅତିକ୍ରମ କରିଥିବା ଜନଜାତି ପରିଚୟ ପ୍ରଦର୍ଶନ କରିଥିଲା । ଏହି ଉତ୍ସବରେ ଏକ ଜନଜାତି ପୋଷାକ ପ୍ରଦର୍ଶନୀ ଏବଂ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ସ୍ଥାନୀୟ ଜନଜାତି ସମ୍ପ୍ରଦାୟର ସାଂସ୍କୃତିକ ଐତିହ୍ୟ ଏବଂ ପରମ୍ପରା ଉପରେ ଆଲୋକପାତ କରାଯାଇଥିଲା । ବୟସ୍କମାନେ ଯୁବ ପିଢ଼ି ସହିତ କାହାଣୀ ଏବଂ ପାରମ୍ପାରିକ ଜ୍ଞାନ ବାଣ୍ଟିଥିଲେ, ଯାହା କି ସାଂସ୍କୃତିକ ପ୍ରଦର୍ଶନ ଏବଂ ପାରମ୍ପାରିକ ଖେଳ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରିଥିଲା । ଜନଜାତି ସମ୍ପ୍ରଦାୟର ସଂସ୍କୃତି, ଯୋଗଦାନ ଏବଂ ଅଧିକାରକୁ ସମ୍ମାନ ଜଣାଇବା ପାଇଁ ପାଳନ କରାଯାଉଥିବା ବିଶ୍ୱ ଜନଜାତି ଦିବସ ପାରମ୍ପରିକ ଜ୍ଞାନ ପ୍ରଣାଳୀର ସଂରକ୍ଷଣର ଗୁରୁତ୍ୱ ଉପରେ ମଧ୍ୟ ଆଲୋକପାତ କରେ । ଏହି କାର୍ଯ୍ୟକ୍ରମ ସମ୍ପ୍ରଦାୟର ସଦସ୍ୟମାନଙ୍କୁ ସେମାନଙ୍କର



ପରିଚୟ ପାଳନ କରିବା, ସମ୍ପ୍ରଦାୟର ସମ୍ପର୍କକୁ ମଜବୁତ କରିବା ଏବଂ ସେମାନଙ୍କର ସାଂସ୍କୃତିକ ପରମ୍ପରାକୁ ଆଗକୁ ନେବା ପାଇଁ ଏକ ମଞ୍ଚ ପ୍ରଦାନ କରିଥିଲା। ଏହି ଅବସରରେ ଭିଏଏମଏଲ ଲାଞ୍ଜିଗଡ଼ ସ୍ଥିତ ଆଲୁମିନା ବିଜନେସର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, "ଜନଜାତି ସମ୍ପ୍ରଦାୟର ସାଂସ୍କୃତିକ ପରମ୍ପରା ଏବଂ ଅଭିଜ୍ଞତା ହେଉଛି ଜ୍ଞାନର ଅମୂଲ୍ୟ ଭଣ୍ଡାର ଯାହା ପିଢ଼ି ପରେ ପିଢ଼ି ଧରି ପୋଷଣ କରାଯାଇଛି । ବିଶ୍ୱ ଜନଜାତି ଦିବସ ହେଉଛି ଏହି ଐତିହ୍ୟକୁ ସ୍ୱୀକୃତି ଏବଂ ପାଳନ କରିବାର ଏକ ସୁଯୋଗ ଏବଂ ଯୁବ ପିଢ଼ିକୁ ଏହି ପରମ୍ପରାରୁ ଶିଖିବାକୁ ଏବଂ ଆଗକୁ ବଢିବାକୁ ଉତ୍ସାହିତ କରିବ । ବେଦାନ୍ତରେ ଆମେ ଜନଜାତି ସମ୍ପ୍ରଦାୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ପାରମ୍ପରିକ ଜ୍ଞାନକୁ ଗଭୀର ଭାବେ ଗୁରୁତ୍ୱ ଦେଉଛୁ । ବାତେଲିମା ଗ୍ରାମ ପଞ୍ଚାୟତ ପୂର୍ବତନ ସରପଞ୍ଚ ସବିତା ମାଝୀ ତାଙ୍କ ଅଭିଜ୍ଞତା ବାଣ୍ଟି କହିଛନ୍ତି, "ଏହି କାର୍ଯ୍ୟକ୍ରମ ଆମକୁ ଆମର ପରମ୍ପରା, ଖାଦ୍ୟ ଏବଂ ପୋଷାକ ପ୍ରଦର୍ଶନ କରିବାର ଏକ ଚମତ୍କାର ସୁଯୋଗ ଦେଇଛି, ଯାହା ଆମର ପରିଚୟର ଏକ ଅବିଚ୍ଛେଦ୍ୟ ଅଙ୍ଗ । ବୟସ୍କମାନେ ଯୁବ ପିଢ଼ି ସହିତ କାହାଣୀ ଏବଂ ରୀତିନୀତି ବାଣ୍ଟୁଥିବା ଦେଖିବା ବିଶେଷ ଉତ୍ସାହଜନକ ଥିଲା, ଯେତେବେଳେ ମହିଳା, ଯୁବକ ଏବଂ ପିଲାମାନେ ଉତ୍ସାହର ସହିତ ଜନଜାତି ପୋଷାକ ପ୍ରଦର୍ଶନୀ, ପାରମ୍ପାରିକ ଖାଦ୍ୟ ପ୍ରତିଯୋଗିତା ଏବଂ ସାଂସ୍କୃତିକ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିଥିଲେ । ଏଭଳି ମଞ୍ଚ ଆମର ପରମ୍ପରାକୁ ସଂରକ୍ଷିତ ରଖିବାରେ, ଗୋଷ୍ଠୀଗତ ବନ୍ଧନକୁ ସୁଦୃଢ଼ କରିବାରେ ଏବଂ ଯୁବପିଢ଼ିଙ୍କୁ ସେମାନଙ୍କ ଐତିହ୍ୟ ଉପରେ ଗର୍ବ କରିବା ପାଇଁ ପ୍ରେରିତ କରିବାରେ ସହାୟକ ହୋଇଥାଏ । ବେଦାନ୍ତ ଆଲୁମିନିୟମ ଲାଞ୍ଜିଗଡ଼ ଶିକ୍ଷା, କ୍ରୀଡ଼ା, ସ୍ଥାୟୀ ଜୀବିକା ବିକାଶ, ମହିଳା ସଶକ୍ତିକରଣ ଏବଂ ସାଂସ୍କୃତିକ ସଂରକ୍ଷଣ କ୍ଷେତ୍ରରେ ପଦକ୍ଷେପ ମାଧ୍ୟମରେ କଳାହାଣ୍ଡିର ସ୍ଥାନୀୟ ଜନଜାତି ସମ୍ପ୍ରଦାୟକୁ ସକ୍ରିୟ ଭାବରେ ସମର୍ଥନ କରିଆସୁଛି।

### ଖାଦ୍ୟ ପ୍ୟାକେଟ୍‌ରେ ଚେତାବନୀ ଲେବଲ୍

# କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଅଲ୍ଟିମେଟମ୍



**ନୂଆଦିଲ୍ଲୀ,୧୩।୮:** ଯଦି ଆପଣ ନ କରିବେ, ତା'ହେଲେ ଆମେ କରିବୁ। ଖାଦ୍ୟ ପ୍ୟାକେଟ୍‌ରେ ଚେତାବନୀ ଲେବଲ ପ୍ରସଙ୍ଗରେ ଆଜି କେନ୍ଦ୍ରକୁ ଏଭଳି ଅଲ୍ଟିମେଟମ ଦେଇଛନ୍ତି ସୁପ୍ରିମକୋର୍ଟ। ପ୍ୟାକେଟରେ ବିକ୍ରି ହେଉଥିବା ଖାଦ୍ୟର ସମ୍ମୁଖ ଭାଗରେ ଚିନି, ଲୁଣ ଓ ଫ୍ୟାଟ୍ ସମ୍ପର୍କରେ ଲୋକଙ୍କୁ ସତର୍କ କରାଇବା ଉଦ୍ଦେଶ୍ୟରେ ଉଲ୍ଲେଖ କରାଯାଉ ନଥିବାରୁ ଏହାକୁ ନେଇ ସୁପ୍ରିମକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ପ୍ରସଙ୍ଗରେ କେନ୍ଦ୍ର ସରକାର ଓ ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ (ଏଫଏସଏସଏଆଇ) ଗ୍ରହଣ କରୁଥିବା ଆଭିମୁଖ୍ୟ ଉପରେ ସର୍ବୋଚ୍ଚ ଅଦାଲତ ପ୍ରଶ୍ନ ଉଠାଇଛନ୍ତି। କ'ଣ ଅଧିକାରୀମାନେ କମ୍ପାନୀ ବା କର୍ପୋରେଟ ଜଗତର ଚାପରେ ରହିଛନ୍ତି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ ପଚାରିଛନ୍ତି। କେନ୍ଦ୍ର ଓ ଏଫଏସଏସଏଆଇକୁ ସୁପ୍ରିମକୋର୍ଟ କହିଛନ୍ତି ଯେ "ଏହି ପ୍ରସଙ୍ଗ ସାଧାରଣ ନାଗରିକଙ୍କ ସ୍ୱାସ୍ଥ୍ୟ ସହ ଜଡ଼ିତବ। ବିଶେଷ କରି ଆଗକୁ ବଢୁଥିବା ପିଲାଙ୍କ ସ୍ୱାସ୍ଥ୍ୟଗତ ପ୍ରସଙ୍ଗ। ତେଣୁ ଏହି ପ୍ରସଙ୍ଗର ନିଷ୍ପତ୍ତି କର୍ପୋରେଟ ଚାପ ଦ୍ୱାରା ପ୍ରଭାବିତ ହେବା କଥା ନୁହେଁ।" ପ୍ୟାକେଜ ଖାଦ୍ୟ ପ୍ରସ୍ତୁତ କରୁଥିବା ଶିଳ୍ପ ଜଗତ ସତର୍କତା ଲେବଲିଂ ବିରୋଧରେ ଥିବା ଏଫଏସଏସଏଆଇ କହୁଥିବା ଜାଣିବା ପରେ ଏହାକୁ ତୀବ୍ର ସମାଲୋଚନା କରିଛନ୍ତି ଜଷ୍ଟିସ ଜେବି ପାର୍ଡିୱାଲା ଓ ଜଷ୍ଟିସ କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ। ମାର୍ଚ୍ଚ ୭ରେ ଅନୁଷ୍ଠିତ ଏଫଏସଏସଏଆଇ ବୈଠକର ବିଷୟବସ୍ତୁ ସମ୍ପର୍କରେ ଆବେଦନକାରୀ ଓକିଲ କହିଛନ୍ତି ଯେ ସେଠାରେ ନିଆଯାଇଥିବା ନିଷ୍ପତ୍ତି କୋର୍ଟର ପୂର୍ବ ନିର୍ଦ୍ଦେଶର ସିଧାସଳଖ ବିରୋଧାଭାସ କରୁଛି। ଖାଦ୍ୟ ପ୍ୟାକେଟ୍‌ରେ ଚେତାବନୀ ଲେବଲ ଲଗାଇବାକୁ ଶିଳ୍ପ ଜଗତ ବିରୋଧ କରିଥିଲା। ଏହି ବିରୋଧ ଯୋଗୁ ଏଫଏସଏସଏଆଇ କହିଥିଲା ଯେ ପ୍ୟାକେଟ୍‌ରେ ଅତିରିକ୍ତ ଚିନି, ସ୍ୟାଚୁରେଟେଡ୍ ଫ୍ୟାଟ୍ ଓ ଲୁଣର ପ୍ରସ୍ତାବିତ ଦୈନିକ ଆବଶ୍ୟକତାକୁ ଟେବୁଲ୍ ଆକାରରେ ଉଲ୍ଲେଖ କରାଯାଉ। କୋର୍ଟରେ ଏହା ମଧ୍ୟ ଦର୍ଶାଯାଇଥିଲା ଯେ ଏଫଏସଏସଏଆଇର ସତ୍ୟପାଠ କେବଳ ଖାଦ୍ୟ ଶିଳ୍ପର ବିରୋଧକୁ ଉଲ୍ଲେଖ କରାଯାଇଛି। କିନ୍ତୁ ଅତିରିକ୍ତ ସ୍ୟାଚୁରେଟେଡ୍ ଫ୍ୟାଟ୍, ଚିନି ଓ ଲୁଣ ଥିବା ଖାଦ୍ୟର ବ୍ୟବହାର କମାଇବାରେ ଚେତାବନୀ ଲେବଲ୍ କିପରି ସହାୟକ ହୋଇପାରେ, ସେନେଇ ସାମାଜିକ ସଂଗଠନର ପ୍ରତିନିଧିମାନେ ଦାଖଲ କରିଥିବା ପ୍ରମାଣକୁ ଅଣଦେଖା କରାଯାଇଛି। ଏହା ଶୁଣି କେନ୍ଦ୍ର ସରକାରଙ୍କ ପକ୍ଷରୁ ହାଜର ଅତିରିକ୍ତ ସଲିସିଟର ଜେନେରାଲ୍ ବ୍ରିଜେନ୍ଦ୍ର ଚହରଙ୍କୁ ଖଣ୍ଡପୀଠ କଡ଼ା ପ୍ରଶ୍ନ କରିଥିଲେ। କୋର୍ଟ ପଚାରିଛନ୍ତି ଯେ କ'ଣ ଆବଶ୍ୟକ ପଦକ୍ଷେପ ନେବାକୁ ସରକାରଙ୍କ ଇଚ୍ଛା ନାହିଁ? ଲାଗୁଛି ବଡ଼ ବଡ଼ କର୍ପୋରେଟ୍ ସଂସ୍ଥାଗୁଡ଼ିକର ପ୍ରବଳ ଚାପରେ ସରକାର ରହିଛନ୍ତି। ସେହି ଚାପ ଆଗରେ ସରକାର ମୁଣ୍ଡ ନୁଆଁଇ ଭଳି ଲାଗୁଥିବା ଖଣ୍ଡପୀଠ ମତ ରଖିଛନ୍ତି। ସୁପ୍ରିମକୋର୍ଟ ଆହୁରି କହିଛନ୍ତି ଖାଦ୍ୟ ପ୍ୟାକେଟରେ ଚେତାବନୀ ଲେବଲ ଉଲ୍ଲେଖ କରିବାର ନିଷ୍ପତ୍ତି ଜନସ୍ୱାର୍ଥରେ ନିଆଯାଉଛି। ତଥାପି କୋର୍ଟର ନିର୍ଦ୍ଦେଶ କାହିଁକି ପାଳନ କରାଯାଉନାହିଁ। ଏପର୍ଯ୍ୟନ୍ତ ସରକାର କ'ଣ ପଦକ୍ଷେପ ନେଇଛନ୍ତି? ସରକାର ନିଜେ ଏହା କରିବେ ନା ଆମକୁ ଆଦେଶ ଜାରି କରିବାକୁ ପଡ଼ିବ ବୋଲି ପ୍ରଶ୍ନ କରିଛନ୍ତି।

### ମୌସୁମୀ ଅଧିବେଶନର ଶେଷଦିନ

# ଗୃହକାର୍ଯ୍ୟ ଆରମ୍ଭରୁ ଗାନହେଲା ବନ୍ଦେ ମାତରମ୍



**ନୂଆଦିଲ୍ଲୀ,୧୩।୮:** ମୌସୁମୀ ଅଧିବେଶନର ଶେଷ ଦିନରେ ଲୋକସଭା କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଜାତୀୟ ଗୀତ ବନ୍ଦେ ମାତରମ ଗାନ କରାଯାଇଛି। ଏହା ସଂସଦୀୟ ଇତିହାସରେ ପ୍ରଥମ ଘଟଣା। ବନ୍ଦେ ମାରତରମ ଲୋକସଭାରେ ଗାନ କରାଯିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ଓ ଗୃହର ପ୍ରାୟ ସବୁ ସଦସ୍ୟ ଉପସ୍ଥିତ ରହିଥିଲେ। ସମସ୍ତେ ନିଜ ନିଜ ଆସନରେ ଛିଡ଼ା ହୋଇ ବନ୍ଦେ ମାତରମ ଗାନ ବେଳେ ସମ୍ମାନ ଜଣାଇଛନ୍ତି। ଜାତୀୟ ଗୀତର ପ୍ରଥମ ୬ଟି ଷ୍ଟାଞ୍ଜା ଗାନ ପରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ବିରୋଧୀଙ୍କ ନାରାବାଜୀ ଓ ହଟ୍ଟଗୋଳ ଯୋଗୁ ନିମ୍ନ ସଦନରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଯାଇଛି। ଅର୍ଥାତ ବିଧିବଦ୍ଧ ଭାବେ ଲୋକସଭାର ମୌସୁମୀ ଅଧିବେଶ ଶେଷ ହୋଇଛି। ଏହାର କିଛି ସମୟ ପରେ ରାଜ୍ୟସଭାରେ ମଧ୍ୟ ବନ୍ଦେ ମାତରମ ଗାନ କରାଯାଇଥିଲା। ବନ୍ଦେ ମାରତରମ ଗାନ ପରେ ଉଚ୍ଚ ସଦନକୁ ବି ମୁଲତବୀ ଘୋଷଣା କରି ଦିଆଯାଇଛି। କିଛି ଦିନ ତେଳେ ବନ୍ଦେ ମାତରମ୍'କୁ ଆଇନଗତ ସୁରକ୍ଷା ପ୍ରଦାନ କରୁଥିବା ବିଲ୍?କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଞ୍ଜୁରୀ ଦେଇଥିଲେ। ଏହାପରେ ଆଜି ଲୋକସଭା ଓ ରାଜ୍ୟସଭାରେ ବନ୍ଦେ ମାତରମ ଶୁଣିବାକୁ ମିଳିଛି। ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ପ୍ରଣୟନ କରାଯାଇଥିବା ଆଇନରେ କୁହାଯାଇଛି ଯେ ଜାତୀୟ ଗୀତର ଗାନ ବେଳେ ବାଧା ସୃଷ୍ଟି କରିବା କିମ୍ବା ଏହାକୁ ଅପମାନିତ କରିବା ଦଣ୍ଡନୀୟ ଅପରାଧ। ଏହାକୁ ଜାତୀୟ ସଙ୍ଗୀତ (ଜନ ଗଣ ମନ) ସହ ସମାନ ଆଇନଗତ ସୁରକ୍ଷା ଦିଆଯାଇଛି। ଏହାପୂର୍ବରୁ ପୂର୍ବରୁ ସରକାରୀ ସଂସ୍ଥାଗୁଡ଼ିକୁ ଏନେଇ ନିର୍ଦ୍ଦେଶନାମା ଜାରି କରିଥିଲେ। ଜାନୁଆରୀ ୨୮ ତାରିଖର ଏକ ନିର୍ଦ୍ଦେଶନାମାରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ରାଷ୍ଟ୍ରପତିଙ୍କ ଆଗମନ, ତ୍ରିରଙ୍ଗା ପତାକା ଉତ୍ତୋଳନ ଓ ରାଜ୍ୟପାଳମାନଙ୍କ ଅଭିଭାଷଣ ସମେତ ବିଭିନ୍ନ ଅବସରରେ ବନ୍ଦେ ମାତରମର ଛଅଟି ପଦ ବା ଷ୍ଟାଞ୍ଜା ଗାନ କରିବା ବାଧ୍ୟତାମୂଳକ ବୋଲି କୁହାଯାଇଥିଲା। ଏହିକ୍ରମରେ ଆଜି ଲୋକସଭା କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ବନ୍ଦେ ମାତରମ ଗାନ ହୋଇଛି। ଏହାପରେ ବିଭିନ୍ନ ପ୍ରସଙ୍ଗରେ ସରକାର ଓ ବିରୋଧୀ ସଦସ୍ୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଲୋକସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ କରିଦିଆଯାଇଛି। ଜୁଲାଇ ୨୦ରୁ ମୌସୁମୀ ଅଧିବେଶନ ଆରମ୍ଭ ହୋଇଥିଲା। କିନ୍ତୁ ଅଧିବେଶନ ଆରମ୍ଭ ହେବା ଦିନଠାରୁ ନିଟ୍ ପ୍ରଶ୍ନପତ୍ର ଲିକ୍ ଆନ୍ଦୋଳନ ସମୟରେ ଛାତ୍ରଙ୍କ ଉପରେ ପୁଲିସର ଆକ୍ରମଣ ଓ ରାମ ମନ୍ଦିର ଦାନ ଚୋରି ମାମଲା ସମେତ ବିଭିନ୍ନ ପ୍ରସଙ୍ଗକୁ ନେଇ ଗୃହ କାର୍ଯ୍ୟ ବାରମ୍ବାର ବାଧାପ୍ରାପ୍ତ ହୋଇଛି। ଅଧିବେଶନର ଶେଷ ଦିନରେ ମଧ୍ୟ ବିରୋଧୀ ସଦସ୍ୟମାନେ ସରକାର ବିରୋଧରେ ନାରାବାଜୀ କରିଥିଲେ। ସଂସଦ ପରିସରର ମକର ଦ୍ୱାରରେ ବିଜେପି ଓ ବିରୋଧୀ ପରସ୍ପର ବିରୋଧୀରେ ପ୍ରତିବାଦ କରିଥିଲେ।

### ଜାତୀୟ ଗୀତର ପ୍ରଥମ ୬ଟି ଷ୍ଟାଞ୍ଜା ଗାନ ପରେ ଆରମ୍ଭ ହେଲା ସଂସଦ

## ଲୋକସଭା ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ

ଗୁରୁବାର ଦିନ ସଂସଦର ମୌସୁମୀ ଅଧିବେଶନର ଶେଷ ଦିନ ଥିଲା । ଏହି ଅବସରରେ ସଂସଦ ଭବନଠାରୁ ଆରମ୍ଭ କରି ସଦନ ଭିତର ପର୍ଯ୍ୟନ୍ତ ଏକ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଦେଖିବାକୁ ମିଳିଛି । ପ୍ରବଳ ହଙ୍ଗାମା ଓ ବିରୋଧ ପ୍ରଦର୍ଶନ ମଧ୍ୟରେ ଲୋକସଭାର କାର୍ଯ୍ୟାନୁଷ୍ଠାନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ କରାଯାଇଛି । ଅନ୍ୟପକ୍ଷରେ, ରାଜ୍ୟସଭାରେ ମଧ୍ୟ ଭୀଷଣ ହଙ୍ଗାମା ଜାରି ରହିଛି। ଗୁରୁବାର ଅଧିବେଶନର ଶେଷ ମୁହୂର୍ତ୍ତରେ ଲୋକସଭାରେ ପୂରା 'ବନ୍ଦେ ମାତରମ୍' ଗାନ କରାଯାଇଥିଲା। ଏହି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହା, ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କ ସମେତ ସମସ୍ତ ସାଂସଦ ଛିଡ଼ା ହୋଇଥିଲେ । ବନ୍ଦେ ମାତରମ୍ ଗାନ ପରେ ଲୋକସଭା ସ୍ପିକର ଓମ ବିର୍ଲା ସଦନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ଘୋଷଣା କରିଥିଲେ। ସଂସଦର ମୌସୁମୀ ଅଧିବେଶନର ଆଜି ଶେଷ ଦିନ ଥିବାରୁ ସତ୍ତାପକ୍ଷ ଏବଂ ବିରୋଧୀ ଉଭୟ ପକ୍ଷରୁ ସଂସଦ ପରିସରରେ ଜୋରଦାର ବିରୋଧ ପ୍ରଦର୍ଶନ କରାଯାଇଥିଲା । ପୂରା ଅଧିବେଶନ ସମୟରେ ସଂସଦ ଭିତରେ ଏବଂ ବାହାରେ ଶାସକ ଓ ବିରୋଧୀ ଦଳ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଛି ।

## ଚୁଟ୍‌କୀରେ...

### ଅକାଳୀଦଳ ମୁଖ୍ୟ ସୁଖବୀର ସିଂହ ବାଦଲଙ୍କ ଉପରେ ଆକ୍ରମଣ

**ନୂଆଦିଲ୍ଲୀ,୧୩।୮:** ଶିରୋମଣି ଅକାଳୀ ଦଳର ମୁଖ୍ୟ ତଥା ପଞ୍ଜାବର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ସୁଖବୀର ସିଂହ ବାଦଲଙ୍କ ଉପରେ ଆକ୍ରମଣ। ଜଣେ ନିହାଙ୍ଗ କ୍ରିପାଣ ଭଳି ଦେଖାଯାଉଥିବା ଧାରୁଆ ଅସ୍ତ୍ରରେ ସୁଖବୀର ସିଂହ ବାଦଲଙ୍କ ଉପରେ ଆକ୍ରମଣ କରିଛନ୍ତି। ମହାରାଷ୍ଟ୍ରର ନାନ୍ଦେଦ ଜିଲ୍ଲାର ମାତା ସାହିବ କୌର ଅଞ୍ଚଳର ଗୋଟିଏ ଗୁରୁଦ୍ୱାର ମଧ୍ୟରେ ପୂରା ଘଟଣା ଘଟିଛି। ଦିନ ପ୍ରାୟ ୧୧ଟା ବେଳେ ପଞ୍ଜାବରୁ ନାନ୍ଦେଦରେ ପହିଞ୍ଚିବା ପରେ ଆକ୍ରମଣର ସମ୍ମୁଖୀନ ହୋଇଛି। ତାଙ୍କୁ ଧାର୍ଯ୍ୟ ସୂଚୀ ଅନୁସାରେ ସୁରକ୍ଷା ଯୋଗାଇ ଦେଇଥିଲେ ହେଁ ଏହାକୁ ଭେଦ କରି ଜଣେ ନିହାଙ୍ଗ ଆକ୍ରମଣ କରିବାକୁ ସକ୍ଷମ ହୋଇଛନ୍ତି। ଆକ୍ରମଣ ଯୋଗୁ ତାଙ୍କ ଡାହାଣ ହାତରେ ଆଘାତ ଲାଗିଥିଲା। ଏଥିଯୋଗୁ ତାଙ୍କୁ ଗୋଟିଏ ଘରୋଇ ହସ୍ପିଟାଲକୁ ନିଆଯାଇଛି। ଯଶୋସାଇ ହସ୍ପିଟାଲରେ ସୁଖବୀରଙ୍କ ଚିକିତ୍ସା ହୋଇଥିବା ବେଳେ ବିପଦ ମୁକ୍ତ ଥିବା ଜଣାପଡ଼ିଛି। ବାଦଲଙ୍କ ସୁରକ୍ଷା ଦାୟିତ୍ୱରେ ଇନସପେକ୍ଟର ସନ୍ତୋଷ କେନ୍ଦ୍ରେ ରହିଥିଲେ। ଆକ୍ରମଣ ବେଳେ ସେ ବାଦଲଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ସନ୍ତୋଷ ମଧ୍ୟ ସାମାନ୍ୟ ଆହତ ହୋଇଛନ୍ତି। ଘଟଣା ପରେ ଆକ୍ରମଣକାରୀଙ୍କୁ ତୁରନ୍ତ କାବୁ କରାଯାଇଛି। ପୁଲିସ୍ ଏବେ ତାଙ୍କୁ ଅଟକ ରଖି ଆକ୍ରମଣ ପଛର କାରଣ ଜାଣିବା ପାଇଁ ଉଦ୍ୟମ କରୁଛି। ଗୁରୁଦ୍ୱାର ଭିତରେ ଆକ୍ରମଣ ସାମ୍ନା କରିଥିବା ସୁଖବୀର ହେଉଛନ୍ତି ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରକାଶ ସିଂହ ବାଦଲଙ୍କ ପୁଅ। ଏହାପୂର୍ବରୁ ୨୦୨୪ ଡିସେମ୍ବର ମାସରେ ବାବର ଖାଲସା ଅନ୍ତର୍ଜାତୀୟ ଆତଙ୍କବାଦୀ ତଥା ଖଲିସ୍ତାନୀ ନାରେନ ସିଂହ ଚାଉରା ମଧ୍ୟ ସୁଖବୀରଙ୍କୁ ସ୍ୱର୍ଣ୍ଣ ମନ୍ଦିର ପ୍ରବେଶ ପଥରେ ଗୁଳି ମାଡ଼ କରିଥିଲା। ହେଲେ ଗୁଳି ମାଡ଼ରୁ ସୁଖବୀର ଅଳ୍ପକେ ବର୍ତ୍ତି ଯାଇଥିଲେ। ଘଟଣା ବେଳେ ଦଣ୍ଡସ୍ୱରୂପ ବାଦଲ ପ୍ରବେଶ ପଥରେ ସେବାଦାର ଭାବେ କାର୍ଯ୍ୟ କରୁଥିଲେ। ଏବେ ସେ ପୁଣି ଆକ୍ରମଣର ସମ୍ମୁଖୀନ ହୋଇଛି। ଏହି ଘଟଣା ପରେ ତାଙ୍କ ସୁରକ୍ଷା ବ୍ୟବସ୍ଥାକୁ ନେଇ ଅକାଳୀ ଦଳ ଓ ବାଦଲ ପରିବାର ଚିନ୍ତା ପ୍ରକାଶ କରିଛନ୍ତି।

### ମୁଁ ହାଫିଜ ସୟୀଦଙ୍କର ଗୁଲାମ : ପୂର୍ବତନ ପାକ୍ ମନ୍ତ୍ରୀ



**ନୂଆଦିଲ୍ଲୀ,୧୩।୮:** ପାକିସ୍ତାନର ପୂର୍ବତନ ମନ୍ତ୍ରୀ ଶେଖ ରସିଦ ଅହମ୍ମଦ ଲସ୍କର-ଏ-ତୋଇବା (LeT) ଆତଙ୍କବାଦୀଙ୍କ ସହ ମଞ୍ଚରେ ବସିବା, ବ୍ୟାନ ହୋଇଥିବା ଏହି ସଂଗଠନର ମୁଖ୍ୟ ହାଫିଜ ସୟିଦକୁ ପ୍ରଶଂସା କରିବା ଏବଂ ଭାରତକୁ ଧମକ ଦେବା ପରେ ସମାଲୋଚିତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମର ଏକ ଭିଡିଓ ସାମ୍ନାକୁ ଆସିଛି। ଏଥିରେ ରସିଦ୍ ଲସ୍କର-ଏ-ତୋଇବାର ବରିଷ୍ଠ କମାଣ୍ଡର ତଥା ପାକିସ୍ତାନ ମରକାଜି ମୁସଲିମ୍ ଲିଗ୍‌ର ସଭାପତି ଭାବେ ଚିହ୍ନଟ ଖାଲିଦ ମସୁଦ ସାନ୍ଧୁ ଏବଂ ଆତଙ୍କବାଦୀ ସଂଗଠନର କେନ୍ଦ୍ରୀୟ ପରାମର୍ଶଦାତା କମିଟିର ସଦସ୍ୟ ମହମ୍ମଦ ୟାକୁବ ସେଖ ସହ ମଞ୍ଚରେ ଉପସ୍ଥିତ ଥିବାର ଦେଖିବାକୁ ମିଳିଛି। ଆୟୋଜିତ ସଭାକୁ ସମ୍ବୋଧିତ କରି ପୂର୍ବତନ ମନ୍ତ୍ରୀ ରସିଦ ଅହମ୍ମଦ ଆତଙ୍କବାଦୀ ହାଫିଜ୍ ସୟିଦର ପ୍ରଶଂସା କରିବା ସହ ତା ପ୍ରତି ସମର୍ଥନ ଜଣାଇ କ୍ରମାଗତ କେତେକ ମନ୍ତବ୍ୟ ଦେଇଥିଲେ। ଏହି ଭିଡିଓ ଅନୁଯାୟୀ ସେ କହିଥିଲେ, 'ମୈ ହାଫିଜ ସାହାବ କା ଗୁଲାମ ହୁଁ (ମୁଁ ହାଫିଜ ସୟିଦଙ୍କର ଜଣେ ଗୁଲାମ)'। ରସିଦ୍ ଏହା ମଧ୍ୟ ଦାବି କରିଥିଲେ ଯେ ସେ ଆମେରିକାରେ ଥିବା ସମୟରେ ତାଙ୍କ ଫୋନରେ ସୟିଦଙ୍କ ଫୋନ୍ ନମ୍ବର ଆସିଥିଲା, ଏବଂ ଏହା ପରେ ତାଙ୍କୁ ସେହି ଦେଶରୁ ବାହାର କରିଦିଆଯାଇଥିଲା। ସେ ଭାରତ ବିରୋଧରେ ଉତ୍ତେଜନାମୂଳକ ମନ୍ତବ୍ୟ ଦେଇ କହିଥିଲେ ଯେ, ଯଦି ଭାରତ 'ପାକିସ୍ତାନ ଆଡ଼କୁ ଆଖି ଉଠାଇ ମଧ୍ୟ ଦେଖେ', ତେବେ ଆଲ୍ଲା ଭାରତକୁ ଧ୍ୱଂସ କରିଦେବେ। ସେ ଏହା ମଧ୍ୟ ଘୋଷଣା କରିଥିଲେ, 'ଆମେ ପାକିସ୍ତାନ ସହ ଅଛୁ, ହାଫିଜ ସୟିଦଙ୍କ ସହ ଅଛୁ।'

### ଆୟ ବହିର୍ଭୂତ ସମ୍ପତ୍ତି ମାମଲା

# ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେଲେ ରାହୁଲ ଗାନ୍ଧୀ



**ନୂଆଦିଲ୍ଲୀ,୧୩।୮:** କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଆୟ ବହିର୍ଭୂତ ସମ୍ପତ୍ତି ମାମଲାରେ ସିବିଆଇ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତ ପାଇଁ ଆହ୍ଲାବାଦ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ସେ ମାମଲାକୁ ଦିଲ୍ଲୀ ହାଇକୋର୍ଟକୁ ସ୍ଥାନାନ୍ତର କରିବାକୁ ମଧ୍ୟ ଆବେଦନ କରିଛନ୍ତି। ସୁପ୍ରିମକୋର୍ଟ ଅଗଷ୍ଟ ୧୭ରେ ଏହି ମାମଲାର ଶୁଣାଣି କରିବେ। ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଆହ୍ଲାବାଦ ହାଇକୋର୍ଟଙ୍କ ଦ୍ୱାରା ସିବିଆଇ ଓ ଇଡିକୁ ଆୟ ବର୍ହିଭୂତ ସମ୍ପତ୍ତି ରଖିବା ଅଭିଯୋଗର ଦେଇଥିବା ତଦନ୍ତ ନିର୍ଦ୍ଦେଶକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ରାହୁଲ ଗାନ୍ଧୀ ଏହି ମାମଲାକୁ ଆହ୍ଲାବାଦ ହାଇକୋର୍ଟରୁ ଦିଲ୍ଲୀ ହାଇକୋର୍ଟକୁ ସ୍ଥାନାନ୍ତର କରିବା ପାଇଁ ଏକ ପୃଥକ୍ ଆବେଦନ ମଧ୍ୟ ଦାଖଲ କରିଛନ୍ତି। ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ବିଚାରପତି ଭି.ମୋହନାଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଅଗଷ୍ଟ ୧୭ ରେ ଏହି ମାମଲାର ଶୁଣାଣି କରିବେ। ଏହି ମାମଲା କର୍ଣ୍ଣାଟକ ବିଜେପି କର୍ମୀ ବିଘ୍ନେଶ ଶିଶିରଙ୍କ ଦ୍ୱାରା ଦାୟର ଅଭିଯୋଗ ସହିତ ଜଡିତ। ଏଥିରେ ଅଭିଯୋଗ କରାଯାଇଛି ଯେ, ରାହୁଲ ଗାନ୍ଧୀଙ୍କ ପାଖରେ ଜ୍ଞାତ ଆୟ ଉତ୍ସ ଠାରୁ ଅଧିକ ସମ୍ପତ୍ତି ରହିଛି। ଅଭିଯୋଗର ଶୁଣାଣି କରି ଆହ୍ଲାବାଦ ହାଇକୋର୍ଟ ମେ ମାସରେ ଆଇନ ଅନୁଯାୟୀ ଅଭିଯୋଗ ଯାଞ୍ଚ କରିବାକୁ ସିବିଆଇ ଓ ଇଡିକୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ଆଦେଶରେ ହାଇକୋର୍ଟ କହିଛନ୍ତି ଯେ, ଯଦି ଆବେଦନକାରୀଙ୍କ ଅଭିଯୋଗ ଗ୍ରହଣ କରାଯାଏ, ତେବେ ଏଥିରେ କରାଯାଇଥିବା ଅଭିଯୋଗଗୁଡ଼ିକୁ ଆଇନ ଅନୁଯାୟୀ ଯାଞ୍ଚ କରାଯିବା ଉଚିତ। କୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ସିବିଆଇ କିମ୍ବା ଇଡି ଆଇନ ଅନୁଯାୟୀ ଉପଲବ୍ଧ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ।

# ଏୟାର ଇଣ୍ଡିଆ ପାଇଲଟ୍‌ଙ୍କର ହେବ ଡ୍ରଗ୍ସ ଟେଷ୍ଟ




**ନୂଆଦିଲ୍ଲୀ,୧୩।୮:** 'ମାରିଜୁଆନା ଘଟଣା' ପରେ, ଏୟାର ଇଣ୍ଡିଆ ଏହାର ସମସ୍ତ ପାଇଲଟଙ୍କ ପାଇଁ ବାଧ୍ୟତାମୂଳକ ସ୍କ୍ରିନିଂ ନିର୍ଦ୍ଦେଶ ଦେଇଛି। ନିଷିଦ୍ଧ ପଦାର୍ଥ ଏବଂ ଔଷଧର ଯାଞ୍ଚ ନିୟମ ଅନୁଯାୟୀ କରାଯିବ। ଏୟାର ଇଣ୍ଡିଆ କହିଛି ଯେ ତାଲିମ ଏବଂ ଉଡ଼ାଣ ଦାୟିତ୍ୱ ପରେ ପାଇଲଟମାନେ ପରୀକ୍ଷା କରିବେ। ସ୍କ୍ରିନିଂ ଗୁରୁଗ୍ରାମ ଏକାଡେମୀ, ଫ୍ଲାଇଟ ବ୍ରିଫିଂ ସେଣ୍ଟର ଏବଂ ବେସ ସ୍ଥାନରେ କରାଯିବ। ଏୟାର ଇଣ୍ଡିଆ ଅନୁଯାୟୀ, ଡିଏଇ ନିୟମାବଳୀ ୟୁରୋପୀୟ ଏବଂ ଆମେରିକୀୟ ମାନଦଣ୍ଡ ସହିତ ସମାନ। ଏୟାର ଇଣ୍ଡିଆ କହିଛି ଯେ ଏହା ପୂର୍ବରୁ ସମସ୍ତ ଡିଜିସିଏ ନିୟମାବଳୀ ପାଳନ କରୁଛି; ତଥାପି, କମ୍ପାନୀ ଏବେ ଏହି ଆବଶ୍ୟକତାଠାରୁ ଆଗକୁ ଯାଇ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସମସ୍ତ ପାଇଲଟଙ୍କୁ ସ୍କ୍ରିନିଂ କରିବାକୁ ନିଷ୍ପତ୍ତି ନେଇଛି। କମ୍ପାନୀ କହିଛି ଯେ ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଯାତ୍ରୀ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଏୟାର ଇଣ୍ଡିଆ ପ୍ରତି ସାଧାରଣ ଲୋକଙ୍କ ବିଶ୍ୱାସ ବଜାୟ ରଖିବା। ଅଗଷ୍ଟ ୪ରେ, ଏୟାର ଇଣ୍ଡିଆର ବିମାନ ଏଆଇ୨୩୭୯ (ଦିଲ୍ଲୀ-ଫୁକେଟ) ଟର୍ବୁଲାନ୍ସର ସମ୍ମୁଖୀନ ହୋଇଥିଲା। ସୂତ୍ର ଅନୁଯାୟୀ ଫୁକେଟରୁ ଦିଲ୍ଲୀ ଫେରୁଥିବା ସମୟରେ ବିମାନଟି ହଠାତ ପ୍ରାୟ ୩୦୦ ଫୁଟ ତଳକୁ ଖସିଗଲା; ଏହି ଘଟଣା ସମୟରେ, ପାଇଲଟ-ଇନ-କମାଣ୍ଡ କକପିଟ ମହଲାରେ ଶୋଇଥିବାର ଜଣାପଡ଼ିଥିଲା। ଏହି ଘଟଣାରେ ୧୫ ରୁ ଅଧିକ ଲୋକ ଆହତ ହୋଇଥିଲେ। ଏୟାରକ୍ରାଫ୍ଟ ଦୁର୍ଘଟଣା ତଦନ୍ତ ବ୍ୟୁରୋ ଏହି ଘଟଣାର ତଦନ୍ତ କରୁଛି। ଅଭିଯୋଗ ହେଉଛି ଯେ ପାଇଲଟ ଗଞ୍ଜେଇ ପିଇଥିଲେ; ଜଣେ କ୍ରୁ ସଦସ୍ୟ ବ୍ୟକ୍ତିଗତ ଭାବରେ ଏ ସମ୍ପର୍କରେ ଅଭିଯୋଗ କରିଥିଲେ। ଏହା ସହିତ, ସୂତ୍ର ସୂଚିତ କରିଛି ଯେ ସିଟ ସମ୍ବନ୍ଧୀୟ ପ୍ରୋଟୋକଲକୁ ନେଇ ପାଇଲଟ ଏବଂ ଜଣେ କ୍ୟାବିନ କ୍ରୁ ସଦସ୍ୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଫୁକେଟରେ ପହଞ୍ଚିବା ପରେ ମଧ୍ୟ ଉଭୟଙ୍କ ମଧ୍ୟରେ ଉତ୍ତେଜନା ସମ୍ପୂର୍ଣ୍ଣ କମି ନଥିଲା।

# ଲାଲ୍ କିଲ୍ଲା ବିସ୍ଫୋରଣ ପଛରେ ଅଲ୍-କାଏଦା ଲିଙ୍କ୍

## ଜାତିସଂଘ ରିପୋର୍ଟରେ ସାଂଘାତିକ ତଥ୍ୟ

**ନୂଆଦିଲ୍ଲୀ,୧୩।୮:** ନୂଆଦିଲ୍ଲୀର ଐତିହାସିକ ଲାଲ କିଲ୍ଲା ନିକଟରେ ୨୦୨୫ ନଭେମ୍ବରରେ ଘଟିଥିବା ଭୟଙ୍କର ବିସ୍ଫୋରଣକୁ ନେଇ ଏକ ବଡ଼ ତଥ୍ୟ ସାମ୍ନାକୁ ଆସିଛି। ଜାତିସଂଘ ସୁରକ୍ଷା ପରିଷଦର ଅଲ୍-କାଏଦା ଓ ଆଇଏସ୍‌ଆଇଏଲ୍ ସମ୍ପର୍କିତ ମନିଟରିଂ ଟିମ୍‌ର ନୂଆ ରିପୋର୍ଟରେ କୁହାଯାଇଛି ଯେ ଦିଲ୍ଲୀର ଲାଲ କିଲ୍ଲା ବିସ୍ଫୋରଣ ପଛରେ ଅଲକାଏଦା ଜଡିତ ଥିଲା। ୨୦୨୫ ନଭେମ୍ବର ୧୦ରେ ଲାଲ କିଲ୍ଲା ନିକଟରେ ଏକ କାର୍ ବିସ୍ଫୋରଣ ଘଟିଥିଲା। ଏହି ଘଟଣାରେ ୧୧ ଜଣଙ୍କ ମୃତ୍ୟୁ ହୋଇଥିବା ନେଇ ଜାତୀୟ ତଦନ୍ତ ଏଜେନ୍ସିର ଚାର୍ଜସିଟ୍‌ରେ ଉଲ୍ଲେଖ ରହିଛି। ଅନେକ ଲୋକ ଆହତ ହୋଇଥିଲେ ଏବଂ ରେଡ୍ ଫୋର୍ଟ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଘଟଣାର ତଦନ୍ତ କରି ଏନଆଇଏ ୨୦୨୬ ମେ'ରେ ପ୍ରାୟ ୭,୫୦୦ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରିଥିଲା। ଏଥିରେ ୧୦ ଜଣ ଅଭିଯୁକ୍ତଙ୍କ ନାମ ରହିଥିବା ବେଳେ, ସେମାନନେ ଅଲ୍-କାଏଦା ସହ ସଂପୃକ୍ତ ଅନସାର ଘଜୱତ-ଉଲ-ହିନ୍ଦ ନେଟୱର୍କ ସହ ଜଡିତ ଥିବା କୁହାଯାଇଥିଲା। ଚାର୍ଜସିଟ୍‌ରେ ୫୮୮ ଜଣ ସାକ୍ଷୀଙ୍କ ବୟାନ, ୩୯୫ରୁ ଅଧିକ ଦସ୍ତାବିଜ ଏବଂ ୨୦୦ରୁ ଅଧିକ ଜବତ ସାମଗ୍ରୀକୁ ତଦନ୍ତର ପ୍ରମାଣ ଭାବେ ଦର୍ଶାଯାଇଥିଲା। ଉମର ଉନ୍-ନବୀ ଏହି ଆକ୍ରମଣର ମୁଖ୍ୟ ଅଭିଯୁକ୍ତ ଥିଲା। ସେ ଫରିଦାବାଦସ୍ଥିତ ଅଲ୍-ଫଲାହ ବିଶ୍ୱବିଦ୍ୟାଳୟର ପୂର୍ବତନ ସହକାରୀ ପ୍ରଫେସର ଥିଲା ଏବଂ ବିସ୍ଫୋରଣରେ ତାର ମୃତ୍ୟୁ ଘଟିଥିଲା। ଜାତିସଂଘର ନୂଆ ରିପୋର୍ଟରେ ଏକ୍ୟୁଆଇଏସ ଏବେ କେବଳ ଏକ ଛୋଟ କିମ୍ବା ବିଖଣ୍ଡିତ ଗୋଷ୍ଠୀ ଭାବେ ନୁହେଁ, ବରଂ ଏକ ଆଞ୍ଚଳିକ ଆତଙ୍କବାଦୀ ସଂଗଠନ ଭାବେ ନିଜର କାର୍ଯ୍ୟକଳାପ ବଢ଼ାଉଥିବା କୁହାଯାଇଛି। ରିପୋର୍ଟ ଅନୁସାରେ, ଏହି ଗୋଷ୍ଠୀ ଛୋଟ ଛୋଟ ସେଲ୍ ମାଧ୍ୟମରେ ଲଜିଷ୍ଟିକ୍ସ ଓ ଆର୍ଥିକ ନେଟୱର୍କ ଗଢ଼ିବାରେ ଚେଷ୍ଟା କରୁଛି।

# ଆସାମ-ଅରୁଣାଚଳ ସୀମାରେ ପ୍ରଦର୍ଶନକାରୀଙ୍କ ମଧ୍ୟରେ ସଂଘର୍ଷ



**ଗୁଆହାଟୀ,୧୩।୮:** ଆସାମ-ଅରୁଣାଚଳ ପ୍ରଦେଶ ସୀମାରେ ପୁଣି ଥରେ ଉତ୍ତେଜନା ଦେଖାଦେଇଛି। ବୁଧବାର ଅନେକ ଛାତ୍ର ଏବଂ ସାମାଜିକ ସଂଗଠନ ଆସାମର ଜାଗୁନକୁ ଅରୁଣାଚଳ ପ୍ରଦେଶର ନାମଚିକ ଏବଂ ଜୟରାମପୁରକୁ ସଂଯୋଗ କରୁଥିବା ରାସ୍ତା ଅବରୋଧ କରିଥିଲେ। ଅଧିକାରୀଙ୍କ ଅନୁଯାୟୀ, ଗୁରୁବାର ପ୍ରଦର୍ଶନକାରୀଙ୍କୁ ଘଉଡ଼ାଇବାକୁ ଚେଷ୍ଟା କରିବା ସମୟରେ ପରିସ୍ଥିତି ଗୁରୁତର ହୋଇପଡିଥିବାରୁ ପୁଲିସ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଫାଙ୍କା ଗୁଳି ଚାଳନା କରିଥିଲା। ବୁଧବାର ସକାଳ ପ୍ରାୟ ୫ଟାରେ ଏହି ପ୍ରତିବାଦ ଆରମ୍ଭ ହୋଇଥିଲା। ଆନ୍ଦୋଳନକାରୀମାନେ ରାସ୍ତାରେ ଟାୟାର ଜାଳି ଦୁଇ ରାଜ୍ୟ ମଧ୍ୟରେ ଯାତାୟାତ ଅବରୋଧ କରିଥିଲେ। ସଂଗଠନଗୁଡ଼ିକ କହିଛନ୍ତି ଯେ ସେମାନଙ୍କର ଦାବି ପୂରଣ ନହେବା ପର୍ଯ୍ୟନ୍ତ ଏହି ପ୍ରତିବାଦ ଜାରି ରହିବ। ଏହି ପ୍ରଦର୍ଶନରେ ତକାମ୍ ମିସିଂ ପୋରିନ୍ କେବାଙ୍ଗ୍, ମିସିଂ ମିରି କୃଷକ ସଂଗ୍ରାମ ସମିତି, ଗୋର୍ଖା ଛାତ୍ର ସଂଘ ଏବଂ ଛାତ୍ର ମୁକ୍ତି ସଂଗ୍ରାମ ସମିତିର ସଦସ୍ୟମାନେ ଯୋଗ ଦେଇଥିଲେ। ଧେମାଜି ଜିଲ୍ଲାର ଗୋଗାମୁଖର ମିଙ୍ଗମା ବାଡାଟି ଗାଁରେ ଘଟିଥିବା କଥିତ ଗୁଳିକାଣ୍ଡ ଘଟଣାକୁ ନେଇ ପ୍ରତିବାଦକାରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସଂଗଠନଗୁଡ଼ିକ ଅଭିଯୋଗ କରିଛନ୍ତି ଯେ ଅରୁଣାଚଳ ପ୍ରଦେଶର କିଛି ସନ୍ଦିଗ୍ଧ ବ୍ୟକ୍ତି ଗାଁରେ ଅଚାନକ ଗୁଳିଚାଳନା କରିଥିଲେ। ପ୍ରତିବାଦକାରୀ ସଂଗଠନଗୁଡ଼ିକ ଏହି ଘଟଣାର ନିନ୍ଦା କରିଛନ୍ତି ଏବଂ ଅପରାଧୀଙ୍କ ବିରୋଧରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପ୍ରତିବାଦକାରୀ ସଂଗଠନଗୁଡ଼ିକ ଦାବି କରିଛନ୍ତି ଯେ ଅରୁଣାଚଳ ପ୍ରଦେଶ ସରକାର ଗୋଗାମୁଖ ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନଙ୍କୁ ଚିହ୍ନଟ କରି ଶୀଘ୍ର ଗିରଫ କରନ୍ତୁ। ସେମାନେ କହିଛନ୍ତି ଯେ ଅଭିଯୁକ୍ତମାନଙ୍କୁ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଆସାମ ପୁଲିସକୁ ହସ୍ତାନ୍ତର କରାଯାଉ।

# ବିଜୁଳି ସଙ୍କଟ ଦୂର ପାଇଁ ଭାରତ ଶରଣରେ ବାଂଲାଦେଶ

**ନୂଆଦିଲ୍ଲୀ,୧୩।୮:** ବାଂଲାଦେଶ ଏବେ ଦେଶର ଇତିହାସରେ ସବୁଠାରୁ ବଡ଼ଧରଣର ଶକ୍ତି ସଙ୍କଟର ସମ୍ମୁଖୀନ ହେଉଛି। ସ୍ଥିତି ଏପରି ହୋଇଛି ଯେ ଦେଶର ଅଧିକାଂଶ ସ୍ଥାନରେ ବିଜୁଳ କାଟ ଦେଖିବାକୁ ମିଳିଛି। ଦିନକୁ ଦିନ ସମସ୍ୟା ଜଟିଳ ହେବାରୁ ବିଜୁଳିର ସଂରକ୍ଷଣ ପାଇଁ ସରକାର ବିଭିନ୍ନ ଶପିଂ ମଲ, ଦୋକାନ ଓ ମାର୍କେଟଗୁଡ଼ିକୁ ରାତି ୮ଟା ସୁଦ୍ଧା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତଥାପି ବିଜୁଳି ସଙ୍କଟ ଯୋଗୁ ବ୍ୟବସାୟୀ, ଚାଷୀ ଓ ଶିକ୍ଷାନୁଷ୍ଠାନଗୁଡ଼ିକ ସବୁଠାରୁ ଅଧିକ ପ୍ରଭାବିତ ହୋଇଛନ୍ତି। ଏପରି ଏକ ସ୍ଥିତିରେ ଭାରତର ଶରଣ ପଶିଛି ବାଂଲାଦେଶ। ଅଧିକ ମାତ୍ରାରେ ଡିଜେଲ ଯୋଗାଣ କରିବାକୁ ବାଂଲାଦେଶ ସରକାର ଭାରତକୁ ଅନୁରୋଧ କରିଛନ୍ତି। ଗ୍ରାମାଞ୍ଚଳରେ ଶକ୍ତି ସଙ୍କଟର ସ୍ଥିତି ଅଧିକ ଜଟିଳ ରହିଛି। ଗ୍ରାମାଞ୍ଚଳରେ ଦୈନିକ ୮ରୁ ୧୦ ଘଣ୍ଟା ବିଦ୍ୟୁତ କାଟ ଚାଲିଛି। ପ୍ରବଳ ଗରମ ଓ ଗ୍ରୀଷ୍ମ ପ୍ରବାହ ଏହି ସଙ୍କଟକୁ ଆହୁରି ଭୟଙ୍କର କରିଛି। ବର୍ତ୍ତମାନ ବିଜୁଳି ଚାହିଦା ୧୮,୦୦୦ ମେଗାୱାଟ ଥିବା ବେଳେ ଯୋଗାଣ ୧୩,୦୦୦ ମେଗାୱାଟ ରହିଛି। ଅତ୍ୟଧିକ ବିଦ୍ୟୁତ୍ କାଟ ଯୋଗୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। କିଛି ସ୍ଥାନରେ ବିଦ୍ୟୁତ୍ ଭିତ୍ତିଭୂମି ଉପରେ ଆକ୍ରମଣ ହୋଇଥିବା ନେଇ ଖବର ମିଳିଛି। ସ୍ଥିତିକୁ ଦେଖି ବାଂଲାଦେଶ ପଲ୍ଲୀ ବିଦ୍ୟୁତ୍ ସମିତି ଗ୍ରିଡ୍, ସବ୍‌ଷ୍ଟେସନ୍ ଓ ବିଦ୍ୟୁତ୍ କାର୍ଯ୍ୟାଳୟଗୁଡ଼ିକ ପାଇଁ ପୁଲିସ ସୁରକ୍ଷା ମାଗିଛି। ତଥାପି ସୟିଦପୁର, ନୀଳଫାମାରୀ ଓ କୁଷ୍ଟିଆରେ ବିଜୁଳି ଭିତ୍ତିଭୂମିଗୁଡ଼ିକରେ ଭଙ୍ଗାରୁଜା ଓ ନିଆଁ ଲଗାଇବା ଭଳି ଘଟଣା ସାମ୍ନାକୁ ଆସିଛି। କେତେକ ଅଞ୍ଚଳରେ ବକେୟା ବିଦ୍ୟୁତ୍ ବିଲ୍ ଆଦାୟ ପାଇଁ ଯାଇଥିବା ବିଦ୍ୟୁତ୍ ବିଭାଗର ଅଧିକାରୀମାନେ ମଧ୍ୟ ଆକ୍ରମଣର ଶିକାର ହୋଇଛନ୍ତି। ଡେଲି ଷ୍ଟାର ଏକ ରିପୋର୍ଟ ଅନୁସାରେ, ନେତ୍ରକୋଣାରେ ଅଧିକାରୀମାନଙ୍କୁ ଧମକପୂର୍ଣ୍ଣ ଫୋନ୍ ଆସୁଥିବା ସହ କାର୍ଯ୍ୟାଳୟରେ ଭଙ୍ଗାରୁଜା କରିବାକୁ ଧମକ ଦିଆଯାଉଛି।





# ସ୍କୁଲ, କଲେଜ ଓ ନୂତନ ବସଷ୍ଟାଣ୍ଡରେ ସାଇବର ସୁରକ୍ଷା ସଚେତନତା

**କାକଟପୁର/ଅସ୍ତରଙ୍ଗ(ଅମୃତ ମିଡିଆ):** ଡିଜିଟାଲ ଯୁଗରେ ମୋବାଇଲ ହାତରେ ଧରିବା ପୂର୍ବରୁ ସାଇବର ସୁରକ୍ଷା ଜାଣିବା ଜରୁରୀ। ଏହି ଉଦ୍ଦେଶ୍ୟକୁ ନେଇ ପୁରୀ ଜିଲ୍ଲା କାକଟପୁର ଥାନା ପକ୍ଷରୁ ଥାନା ଅଧୀନ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ସହ ନୂତନ ବସଷ୍ଟାଣ୍ଡ ଅଞ୍ଚଳରେ ବ୍ୟାପକ ସାଇବର ସୁରକ୍ଷା ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ବୁଧବାର କାକଟପୁର ଥାନାଅଧିକାରୀ ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଥାନା କର୍ମଚାରୀମାନେ ବିଭିନ୍ନ ଶିକ୍ଷାନୁଷ୍ଠାନ ପରିଦର୍ଶନ କରି ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଧ୍ୟାପକମାନଙ୍କୁ ସାଇବର ଅପରାଧ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ। ଅନଲାଇନ୍ ଠକେଇ, ଫିସିଂ ଲିଙ୍କ, ଓଟିପି ଠକେଇ, ଡିଜିଟାଲ ଆରେଷ୍ଟ, ସୋସିଆଲ ମିଡିଆରେ ଅଶ୍ଳୀଳ ମେସେଜ୍ ଓ ଆକାଉଣ୍ଟ ହ୍ୟାକିଂ ଭଳି ମାମଲା ଏବେ ବଢୁଥିବା ବେଳେ ଏଥିରୁ କିପରି ବର୍ତ୍ତିବେ ସେ ନେଇ ପୋଲିସ ପକ୍ଷରୁ ସଚେତନ କରାଯାଇଥିଲା।



ସଚେତନତା ଶିବିରରେ ପୋଲିସ ଅଧିକାରୀମାନେ କହିଥିଲେ, 'କେହି ଅଜଣା ଲିଙ୍କ କ୍ଲିକ୍ କରନ୍ତୁ ନାହିଁ, ଫୋନରେ ଓଟିପି କିମ୍ବା ବ୍ୟାଙ୍କ ତଥ୍ୟ କାହାକୁ କୁହନ୍ତୁ ନାହିଁ, ସୋସିଆଲ ମିଡିଆରେ ନିଜର ବ୍ୟକ୍ତିଗତ ତଥ୍ୟ ସେୟାର କରନ୍ତୁ ନାହିଁ। ଯଦି କେହି ଠକାମିର ଶିକାର ହୁଅନ୍ତି ତେବେ ତୁରନ୍ତ ୧୯୩୦ ସାଇବର ହେଲ୍ପଲାଇନ କିମ୍ବା ନିକଟସ୍ଥ ଥାନାରେ ଅଭିଯୋଗ କରନ୍ତୁ।' ଛାତ୍ରଛାତ୍ରୀମାନେ ମଧ୍ୟ ବହୁତ ଆଗ୍ରହର ସହ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ସେମାନେ ପୋଲିସଙ୍କୁ ସାଇବର ଠକେଇ ସମ୍ପର୍କରେ ବହୁ ପ୍ରଶ୍ନ ପଚାରିଥିଲେ ଏବଂ ତାର ସମାଧାନ ପାଇଥିଲେ। ଶିକ୍ଷକ ଓ ଅଧ୍ୟାପକମାନେ କହିଥିଲେ ଯେ ଏଭଳି ସଚେତନତା କାର୍ଯ୍ୟକ୍ରମ ନିୟମିତ ହେବା ଦରକାର। କାରଣ ଛାତ୍ରମାନେ ଏବେ ଅନଲାଇନ୍ କ୍ଲାସ୍ ଓ ମୋବାଇଲ ବ୍ୟବହାର କରୁଛନ୍ତି। କେବଳ ସ୍କୁଲ କଲେଜ ନୁହେଁ, କାକଟପୁର ଥାନା କର୍ମଚାରୀମାନେ ନୂତନ ବସଷ୍ଟାଣ୍ଡ ଅଞ୍ଚଳରେ ମଧ୍ୟ ସାଧାରଣ ଲୋକଙ୍କୁ ସାଇବର ସୁରକ୍ଷା ସମ୍ପର୍କରେ ସଚେତନ କରିଥିଲେ। ବସଯାତ୍ରୀ ଓ ଦୋକାନୀମାନଙ୍କୁ କ୍ୟୁଆର କୋଡ୍ ସ୍କାନ ଠକେଇ, ଅନଲାଇନ୍ ଟଙ୍କା ଲେଣଦେଣ ସମୟରେ ସତର୍କ ରହିବା ଓ ସନ୍ଦିଗ୍ଧ ଫୋନ କଲକୁ ଏଡାଇବା ପାଇଁ ପରାମର୍ଶ ଦିଆଯାଇଥିଲା। ବସଷ୍ଟାଣ୍ଡରେ ପୋଷ୍ଟର ଓ ଲିଫଲେଟ ବିତରଣ କରାଯାଇଥିଲା। ଥାନାଅଧିକାରୀ ଶ୍ରୀ ସାହୁ କହିଥିଲେ, କାକଟପୁର ଥାନା ଅଞ୍ଚଳର ପ୍ରତି ସ୍କୁଲ, କଲେଜ ଓ ଗହଳି ସ୍ଥାନରେ ଏଭଳି ସଚେତନତା ଶିବିର କରାଯିବ। ସାଇବର ଅପରାଧ ରୋକିବା ପାଇଁ ଛାତ୍ରଛାତ୍ରୀ ହେଉଛନ୍ତି ସବୁଠାରୁ ବଡ ସଚେତନ। ସେମାନେ ଜାଣିଲେ ସାରା ପରିବାର ସୁରକ୍ଷିତ ରହିବ। ପୋଲିସର ଏହି ପଦକ୍ଷେପକୁ ଅଞ୍ଚଳବାସୀ ଓ ଅଭିଭାବକ ମହଲ ପ୍ରଶଂସା କରିଛନ୍ତି। ସେମାନେ କହିଛନ୍ତି ଯେ କେବଳ ଅପରାଧ ରୋକିବା ନୁହେଁ, ଲୋକଙ୍କୁ ସଚେତନ କରିବା ମଧ୍ୟ ପୋଲିସର ଦାୟିତ୍ୱ। କାକଟପୁର ପୋଲିସ ସେହି ଦାୟିତ୍ୱ ଠିକ୍ ଭାବେ ତୁଲାଉଛି ବୋଲି ସେମାନେ ମତ ପ୍ରକାଶ କରିଛନ୍ତି।

# ଥାନାଠାରୁ ୫୦ମିଟର ଦୂରରେ ଚୋରି

- ପୋଲିସ ହାତ ଖାଲି, ୬ମାସରେ ୧୦ରୁ ଊର୍ଦ୍ଧ୍ୱ ଚୋରି
- ପାଟ୍ରୋଲିଂ ଫାଇଲ୍‌ରେ ସୀମିତ
- କର୍ମଚାରୀଙ୍କ ବଦଳି ଦାବିକଲେ ଲୋକେ

**କାକଟପୁର /ଅସ୍ତରଙ୍ଗ(ଅମୃତ ମିଡିଆ):** ଆଇନ ରକ୍ଷୁଆଳ ନିଜେ ଆଇନକୁ ଉଲ୍ଲଘନ କରୁଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନାର ଏହି ଚିତ୍ର ଆଜି ସମଗ୍ର ଅଞ୍ଚଳକୁ ଆଶ୍ଚର୍ଯ୍ୟ କରିଛି। ଫେବୃଆରୀରେ ନୂଆ ଥାନାଅଧିକାରିଣୀ ଦାୟିତ୍ୱ ନେବା ପରଠାରୁ ଏଠାରେ ଚୋରମାନଙ୍କ ସ୍ୱର୍ଣ୍ଣଯୁଗ ଆରମ୍ଭ ହୋଇଛି। ପୋଲିସ କେବଳ ଏଫଆଇଆର ନେବା ଯନ୍ତ୍ର ପାଲଟିଛି। ଗତ ୬ ମାସ ମଧ୍ୟରେ ଅସ୍ତରଙ୍ଗ ଥାନା ଅଞ୍ଚଳରେ ୧୦ରୁ ଊର୍ଦ୍ଧ୍ୱ ଚୋରି ଘଟଣା ଘଟିଛି। ଗାଁ ଗହଳିରୁ ଆରମ୍ଭ କରି ଦେବା ଦେବୀ ମନ୍ଦିର ପର୍ଯ୍ୟନ୍ତ କିଛି ବାଦ ପଡୁନି। ଅଭିଯୋଗ ହେଉଛି, କିନ୍ତୁ ଫଳ ଶୂନ। ଗୋଟିଏ ବି ଚୋର ଧରାପଡିନି, ଗୋଟିଏ ବି ସାମଗ୍ରୀ ଜବତ ହୋଇନି। କେବଳ ତଦନ୍ତ ଚାଲିଛି, ସାଇଣ୍ଟିଫିକ ଟିମ୍ ଆସି ବୁଲି ଯାଇଛନ୍ତି ତଦନ୍ତ କେବଳ ତଦନ୍ତ ରେ ରହିଯାଇଛି।କର୍ମଚାରୀଙ୍କ ବାହାସ୍ପଷ୍ଟ ବାକ୍ୟ। ପୁରୀ ଏସ୍ପିଙ୍କ ପାଟ୍ରୋଲିଂ ନିର୍ଦ୍ଦେଶ କାଗଜରେ ହିଁ ସୀମିତ ରହିଛି। ମାସ ମାସ ହେଲା ରାତିରେ ଥାନା ଗାଡି ରାସ୍ତାକୁ ବାହାରୁନି। ହେଲେ ପାଟ୍ରୋଲିଂ ତୈଳ ବିଲ ବୃଦ୍ଧି ପାଉଛି ବୋଲି ଚର୍ଚ୍ଚା। ଚୋର ଧରିବାରେ ପୋଲିସ ସମ୍ପୂର୍ଣ୍ଣ ବିଫଳ। ଏହାର ସବୁଠାରୁ ଆଶ୍ଚର୍ଯ୍ୟଜନକ ନମୁନା ଗତ ମଙ୍ଗଳବାର ରାତିରେ ଦେଖିବାକୁ ମିଳିଛି। ଅସ୍ତରଙ୍ଗ ଥାନାଠାରୁ ମାତ୍ର ୫୦ ମିଟର ଦୂର, ବ୍ଲକ ଛକ ନିକଟରେ ଦୀପକ ଛାଟୋଇ ଓ ପ୍ରଶାନ୍ତ ପରିଡାଙ୍କ ଦୁଇଟି ଖିଲି ପାନ ଦୋକାନରେ ରାତିଅଧରେ ଚୋରି ହୋଇଛି। ରାତି ୧୦ଟା ୩୦ରେ ଦୋକାନ ବନ୍ଦ ହୋଇଥିଲା। ବୁଧବାର ସକାଳ ୬ଟା ୩୦ରେ ଆସି ଦେଖନ୍ତେ କୁନ୍ଦା ଭାଙ୍ଗି ସବୁ ସଫା। ଦୀପକଙ୍କ ଦୋକାନରୁ ସିଗାରେଟ ୪୫ ପ୍ୟାକେଟ, ଗୁଟଖା ୨୦ ପ୍ୟାକେଟ, ବିସ୍କୁଟ ୩୦ ପ୍ୟାକେଟ ଓ ୨ଶହ ଟଙ୍କା ଦୁର୍ବୃତ୍ତ ନେଇଯାଇଛନ୍ତି। କ୍ଷତି ପ୍ରାୟ ୧୦ ହଜାର ଟଙ୍କା। ସେ ଅଭିଯୋଗରେ ୫ ଜଣଙ୍କ ନାଁ ସନ୍ଦେହରେ ରହିଛନ୍ତି। ପାଖ ଦୋକାନୀ ପ୍ରଶାନ୍ତ ପରିଡାଙ୍କର ବି ସେହି ହାଲ। ତାଙ୍କ ଦୋକାନରୁ ୨ ହଜାର ଟଙ୍କା, ସିଗାରେଟ ୨୫ ପ୍ୟାକେଟ, ଅମୁଲ ୨ ପେଟି ଓ ଅନ୍ୟାନ୍ୟ ସାମଗ୍ରୀ ଲୁଟ୍ ହୋଇଛି। ସେ ୨ରୁ ୪ ଜଣଙ୍କ ନାଁରେ ସନ୍ଦେହ କରିଛନ୍ତି। କିନ୍ତୁ ବୁଧବାର ସନ୍ଧ୍ୟା ସୁଦ୍ଧା ଥାନାରେ ଅଭିଯୋଗ ହୋଇନି।କାରଣ ପୂର୍ବ ଚୋରି ର ଅଭିଯୁକ୍ତ ଏ ପର୍ଯ୍ୟନ୍ତ ଧରା ହୋଇନାହାନ୍ତି। ପୂର୍ବରୁ ଚୋରି ମାମଲା ରୁଜୁ ହୋଇ ଫାଇଲରେ ଧୂଳି ଲାଗିଲାଣି ବୋଲି ଚର୍ଚ୍ଚା ହେବାରୁ ଅଭିଯୋଗ କରିନାହାନ୍ତି, କାହିଁକି ଅଭିଯୋଗ ଦେବେ ପୂର୍ବରୁ ଦେବା ଦେବୀ ମନ୍ଦିର ଚୋରି ପୋଲିସ ଧରିବାରେ ବିଫଳ। ସ୍ଥାନୀୟ ଲୋକେ ଆଜି ପୋଲିସ କାର୍ଯ୍ୟକୁ ଦେଖି ଚିନ୍ତାରେ ପଡିଛନ୍ତି। ସେମାନଙ୍କ କହିବା କଥା, 'ଥାନା ପାଖରେ ଯଦି ଚୋରି ହୁଏ, ତେବେ ଆମ ଘର କେତେ ସୁରକ୍ଷିତ?' ବାରମ୍ବାର ଚୋରି ହେଉଥିବା ସତ୍ତ୍ୱେ ପୋଲିସ ପାଟ୍ରୋଲିଂ ନାଁରେ ଶୂନ। ଗାଦି ମଡା କର୍ମଚାରୀ ଥାନା ଭିତରେ ବସି ମୋବାଇଲ ଚଳାଉଛନ୍ତି। ତେଣୁ ଅଞ୍ଚଳବାସୀଙ୍କ ତୀବ୍ର ଦାବି, ତୁରନ୍ତ ବର୍ତ୍ତମାନର ଥାନାଅଧିକାରିଣୀ ଓ ତାଙ୍କ ଗାଦିମଡ଼ା ଟିମକୁ ବଦଳି କରାଯାଉ। ନଚେତ୍ ଆଗାମୀ ଦିନରେ ଏହି ଜନ ଆକ୍ରୋଶ ବିସ୍ଫୋରଣ ହେବ ଏବଂ ଆଇନ ହାତକୁ ନେବା ପାଇଁ ଲୋକେ ବାଧ୍ୟ ହେବେ। ପୋଲିସ ଯଦି ସୁରକ୍ଷା ଦେଇପାରୁନି, ତେବେ ଟ୍ୟାକ୍ସ ଟଙ୍କାରେ ପୋଲିସ ପାଳିବାର ଅର୍ଥ କଣ?




# ବିଲ ମଝିରେ ଷ୍ଟ୍ରେଚରରେ ବୁହାହେଲା ରୋଗୀ

- ପ୍ରଶାସନିକ ଅବହେଳାର ଲଜ୍ଜାଜନକ ଚିତ୍ର
- ଫାଇଲରେ ଅଟକିଛି ରାସ୍ତା କାମ
- ଗ୍ରାମବାସୀ ଦେଲେ ବ୍ଲକ ଘେରାଉ ଚେତାବନୀ

**କାକଟପୁର /ଅସ୍ତରଙ୍ଗ(ଅମୃତ ମିଡିଆ):** ସ୍ୱାଧୀନତାର ଅମୃତ କାଳରେ ବି ଓଡ଼ିଶାର ଗୋଟିଏ ଗାଁ ଆଜି ମୌଳିକ ସୁବିଧାରୁ ବଞ୍ଚିତ। ରାସ୍ତା ଅଭାବରୁ ଗୁରୁତର ରୋଗୀଙ୍କ ପାଖକୁ ଆମ୍ବୁଲାନ୍ସ ପହଂଚି ପାରିଲା ନାହିଁ। ଶେଷରେ ଗ୍ରାମବାସୀ କାନ୍ଧରେ ଷ୍ଟ୍ରେଚର ବୋହି ବିଲ ଓ କାଦୁଅ ପାର କରି ରୋଗୀଙ୍କୁ ଡାକ୍ତରଖାନା ନେଲେ। ଏହି ଲଜ୍ଜାଜନକ ଘଟଣା ଘଟିଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପାଟଳଦା ପଞ୍ଚାୟତର ମଠ ସାହିରେ। ସୂଚନା ଅନୁଯାୟୀ, ଗୁରୁବାର ପାଟଳଦା ପଂଚାୟତ ମଠ ସାହିର ଜଣେ ରୋଗୀ ହଠାତ ଅସୁସ୍ଥ ହୋଇପଡିଲେ। ପରିବାର ଲୋକେ ତୁରନ୍ତ ୧୦୮କୁ ଖବର ଦେଲେ। ଆମ୍ବୁଲାନ୍ସ ଆସି ଗାଁ ମୁଣ୍ଡରେ ଅଟକିଗଲା। କାରଣ ମଠ ସାହି ପର୍ଯ୍ୟନ୍ତ ଗୋଟିଏ ରାସ୍ତା ନାହିଁ। ଉପାୟ ନପାଇ ଗ୍ରାମବାସୀ ଆମ୍ବୁଲାନ୍ସରୁ ଷ୍ଟ୍ରେଚର ଆଣି କାଦୁଅ ମାଡି ପ୍ରାୟ ଅଧ କିଲୋମିଟର ବୋହି ଆଣିଲେ। ମୁହୂର୍ତ୍ତର ବିଳମ୍ବ ହୋଇଥିଲେ ଜୀବନ ଯାଇ ପାରିଥାନ୍ତା। ସ୍ଥାନୀୟ ଲୋକଙ୍କ ସିଧା ଅଭିଯୋଗ - ରାଜନୀତି ଓ ପ୍ରଶାସନିକ ଅବହେଳା ଯୋଗୁଁ ମଠ ସାହି ରାସ୍ତାରୁ ବଞ୍ଚିତ।ଏହା ଶହ ଜମିଜମା ସମସ୍ୟା ମଧ୍ୟ ରହିଛି।ପଞ୍ଚାୟତରୁ ଆରମ୍ଭ କରି ବ୍ଲକ ଅଫିସ ପର୍ଯ୍ୟନ୍ତ ବାରମ୍ବାର ଦରଖାସ୍ତ ଦିଆସାରିଲାଣି। କିନ୍ତୁ ଫାଇଲ କେବଳ ଟେବୁଲରୁ



ଟେବୁଲକୁ ବୁଲୁଛି। ଦାୟିତ୍ୱରେ ଥିବା ଅଧିକାରିଣୀ ଖାମଖିଆଲ ମନୋବୃତ୍ତି ଯୋଗୁଁ ସାଧାରଣ ଲୋକ ହନ୍ତସନ୍ତ ହେଉଛନ୍ତି। ଘଟଣା ପରେ ଗଣମାଧ୍ୟମ ପ୍ରତିନିଧି ବିଡିଓଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କଲେ। କିନ୍ତୁ ବିଡିଓ ଫୋନ ରିସିଭ କଲେ ନାହିଁ। ଲୋକଙ୍କ ଜୀବନ ସହ ଖେଳୁଥିବା ପ୍ରଶାସନ କାହାକୁ ଡରୁଛି ବୋଲି ପ୍ରଶ୍ନ ଉଠିଛି। ସ୍ଥାନୀୟ ଲୋକ ବସନ୍ତ କୁମାର ଦାସ କହିଛନ୍ତି, 'ଆମେ କ'ଣ ମଣିଷ ନୁହେଁ? ବର୍ଷ ବର୍ଷ ଧରି ରାସ୍ତା ମାଗୁଛୁ। ଆଜି ଆମ୍ବୁଲାନ୍ସ ଆସିଲା ନାହିଁ, କାଲି କିଏ ମରିବ କିଏ ଜାଣେ? ପ୍ରଶାସନ କ'ଣ ଲାଶ ପଡିବା ପର୍ଯ୍ୟନ୍ତ ଅପେକ୍ଷା କରିବ?' ଆଉ ଜଣେ ଗ୍ରାମବାସୀ ସୁମନ୍ତ ଦାସ କହିଛନ୍ତି 'ତୁରନ୍ତ ମଠ ସାହିକୁ ପକ୍କା ରାସ୍ତା ହେଉ। ନଚେତ ଆଗାମୀ ଦିନରେ ଆମେ ସମସ୍ତେ ମିଳିମିଶି ଅସ୍ତରଙ୍ଗ ବ୍ଲକ ଅଫିସ ଘେରାଉ କରିବୁ।' ଏ ନେଇ ଅସ୍ତରଙ୍ଗ ତହସିଲଦାର ଶ୍ରୀମତୀ ପ୍ରିୟଙ୍କା ପ୍ରିୟଦର୍ଶନୀ ପତି କହିଛନ୍ତି, 'ମୁଁ ଏ ସମ୍ପର୍କରେ ଅବଗତ ହୋଇଛି। ଖୁବ ଶୀଘ୍ର ସ୍ଥାନ ପରିଦର୍ଶନ କରି ଯେତେ ଶୀଘ୍ର ସମ୍ଭବ ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନେବି। କୌଣସି ଗାଁ ମୌଳିକ ସୁବିଧାରୁ ବଞ୍ଚିତ ହେବା ଉଚିତ ନୁହେଁ।'ତହସିଲଦାରଙ୍କ ଏହି ତ୍ୱରିତ ପ୍ରତିକ୍ରିୟାକୁ ଗ୍ରାମବାସୀ ସ୍ୱାଗତ କରିଥିଲେ। କିନ୍ତୁ ସେମାନଙ୍କ ପ୍ରଶ୍ନ ଗୋଟିଏ - ବ୍ଲକ ପ୍ରଶାସନ କେବେ ଶୁଣିବ? ମଠ ସାହିର ଏହି ଘଟଣା ପ୍ରମାଣ କରୁଛି ଯେ ସରକାର କୋଟି କୋଟି ଟଙ୍କାର ଯୋଜନା କରୁଥିଲେ ବି ମାଟି ସ୍ତରରେ ଲୋକଙ୍କ ଜୀବନ ସୁରକ୍ଷିତ ନୁହେଁ। ପ୍ରଶାସନ ଏବେ ଆଖି ଖୋଲିବ ନା ଆଉ ଗୋଟିଏ ଜୀବନ ଯିବା ପରେ ଜାଗିବ, ତାହା ଦେଖିବାକୁ ବାକି ରହିଲା।

# ୮୨ ଶିକ୍ଷାନୁଷ୍ଠାନରେ ସାଇବର ସଚେତନତା

**ପୁରୀ (ବ୍ୟୁରୋ):** ଛାତ୍ରଛାତ୍ରୀମାନଙ୍କୁ ସାଇବର ଠକେଇ, ଅନଲାଇନ୍ ସୁରକ୍ଷା, ଡିଜିଟାଲ୍ ମାଧ୍ୟମର ସୁରକ୍ଷିତ ବ୍ୟବହାର ଏବଂ ଦାୟିତ୍ୱଶୀଳ ଅନଲାଇନ୍ ଆଚରଣ ସମ୍ପର୍କରେ ସଚେତନ କରିବା ଉଦ୍ଦେଶ୍ୟରେ ତିନିଦିନ ମଧ୍ୟରେ ପୁରୀ ପୋଲିସ ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍କୁଲ୍ ଓ କଲେଜ୍ ସମେତ ମୋଟ ୮୨ଟି ଶିକ୍ଷାନୁଷ୍ଠାନରେ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବର୍ତ୍ତମାନ ସମୟରେ ଇଣ୍ଟରନେଟ୍ ଓ ଡିଜିଟାଲ୍ ପ୍ଲାଟଫର୍ମ ଛାତ୍ରଛାତ୍ରୀଙ୍କ ଦୈନନ୍ଦିନ ଜୀବନର ଏକ ଅବିଚ୍ଛିନ୍ନ ଅଂଶ ହୋଇଥିବାରୁ, ସେମାନଙ୍କୁ ସାଇବର ଅପରାଧର ବିଭିନ୍ନ ରୂପ ଓ ଏଥିରୁ ନିଜକୁ କିପରି ସୁରକ୍ଷିତ ରଖିବେ ସେ ସମ୍ପର୍କରେ ଜ୍ଞାନ ପ୍ରଦାନ କରାଯାଇଛି। ସାଇବର ଠକେଇ, ଫିସିଂ ଲିଙ୍କ୍, ଭୁଆ ୱେବସାଇଟ୍, ଓଟିପି ଓ ବ୍ୟାଙ୍କିଂ ସୂଚନାର ଦୁରୁପଯୋଗ, ସୋସିଆଲ୍ ମିଡିଆ ଆକାଉଣ୍ଟର ସୁରକ୍ଷା, ଅଜଣା ବ୍ୟକ୍ତିଙ୍କ ସହ ଅନଲାଇନ୍ ଯୋଗାଯୋଗ ସମୟରେ ସତର୍କତା ଆଦି ବିଷୟରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଛି।




ଏହି ସଚେତନତା କାର୍ଯ୍ୟକ୍ରମଗୁଡ଼ିକରେ ଛାତ୍ରଛାତ୍ରୀଙ୍କୁ ଅନଲାଇନ୍‌ରେ କୌଣସି ଅଜଣା ଲିଙ୍କ୍‌ରେ କ୍ଲିକ୍ ନକରିବା, ନିଜର ଓଟିପି, ପିନ ପାସୱାର୍ଡ ଓ ବ୍ୟାଙ୍କିଂ ସମ୍ପର୍କିତ ଗୋପନୀୟ ତଥ୍ୟ କାହା ସହିତ ମଧ୍ୟ ସେୟାର ନକରିବା, ଶକ୍ତିଶାଳୀ ପାସୱାର୍ଡ ବ୍ୟବହାର କରିବା ଏବଂ ସୋସିଆଲ୍ ମିଡିଆରେ ଅତ୍ୟଧିକ ବ୍ୟକ୍ତିଗତ ତଥ୍ୟ ସେୟାର ନକରିବା ପାଇଁ ପରାମର୍ଶ ଦିଆଯାଇଛି। ଏଥିସହିତ, ସାଇବର ଠକେଇର ଶିକାର ହେଲେ ଭୟଭୀତ ନହୋଇ ତୁରନ୍ତ ଆଇନଗତ ପଦକ୍ଷେପ ନେବା ଏବଂ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଘଟଣା ବିଷୟରେ ଜଣାଇବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଛାତ୍ରଛାତ୍ରୀମାନେ ନିଜେ ସଚେତନ ହେବା ସହିତ ପରିବାରବର୍ଗ ଓ ସମାଜର ଅନ୍ୟମାନଙ୍କୁ ମଧ୍ୟ ସାଇବର ସୁରକ୍ଷା ବିଷୟରେ ସଚେତନ କରିବାକୁ ପୁରୀ ପୋଲିସ ପକ୍ଷରୁ ଆହ୍ୱାନ କରାଯାଇଛି। ଏଥିରେ ପୁରୀ ଏସପି ପ୍ରତୀକ ସିଂଙ୍କ ଅଧକ୍ଷତା କରି ଛାତ୍ରୀମାନଙ୍କୁ ସାଇବର ଅପରାଧରୁ ସୁରକ୍ଷିତ ରହିବା ଏବଂ ଡିଜିଟାଲ୍ ମାଧ୍ୟମକୁ ସତର୍କତାର ସହ ବ୍ୟବହାର କରିବା ସମ୍ପର୍କରେ ସଚେତନ କରିଥିଲେ। ଆଗାମୀ ଦିନରେ ମଧ୍ୟ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସାଧାରଣ ଲୋକଙ୍କ ମଧ୍ୟରେ ସାଇବର ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଜାରି ରହିବ।

# ■ କ୍ଷତିପୂରଣ ଅଟକିଲା

# ପିଏମ୍ ଫସଲ ବୀମାରୁ ମୁହଁ ଫେରାଇଲେ ଚାଷୀ

- ଗତବର୍ଷ ୭୫୩୦ ଥିଲେ, ଏବର୍ଷ ୫୯୪୩କୁ ଖସିଲା ପଞ୍ଜୀକରଣ
- ଅଣରଣୀ ଚାଷୀଙ୍କୁ ଛୁଇଁପାରୁନି ଯୋଜନା, ପ୍ରଶାସନର ପ୍ରଚାର ଫେଲ୍



**କାକଟପୁର /ଅସ୍ତରଙ୍ଗ (ଅମୃତ ମିଡିଆ):** ଫସଲ ନଷ୍ଟ ହେଲେ ସାହାରା ହେବ ବୋଲି ଆସିଥିବା ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଏବେ ଅସ୍ତରଙ୍ଗର ଚାଷୀଙ୍କ ପାଇଁ ଠକେଇ ପାଲଟିଛି। ପ୍ରିମିୟମ କଟୁଛି, କିନ୍ତୁ ବନ୍ୟା ବା ବାତ୍ୟାରେ ଫସଲ ଧୋଇଗଲେ ବୀମା କମ୍ପାନୀର ପତା ନାହିଁ। ଏହି ତିକ୍ତ ଅନୁଭବ ଯୋଗୁଁ ଚାଷୀ ଏବେ ଯୋଜନାରୁ ଦୂରେଇ ଯାଉଛନ୍ତି। ପୁରୀ ଜିଲ୍ଲାର ଉପକୂଳ ବ୍ଲକ ଅସ୍ତରଙ୍ଗରେ ଏହି ଚିତ୍ର ସ୍ପଷ୍ଟ। ବ୍ଲକର ୧୫ଟି ପଞ୍ଚାୟତରେ ହଜାର ହଜାର ଚାଷୀ ଥିଲେ ମଧ୍ୟ ପିଏମ୍‌ଏଫ୍‌ବିୱାଇରେ ଆଗ୍ରହ କମିବାରେ ଲାଗିଛି। ଗତବର୍ଷ ଏଠାରେ ୭୫୩୦ ଜଣ ଚାଷୀ ପଞ୍ଜିକୃତ ହୋଇଥିଲେ। ଚଳିତ ବର୍ଷ ଅଗଷ୍ଟ ୧୫ ପର୍ଯ୍ୟନ୍ତ ସମୟ ବୃଦ୍ଧି କରାଯିବା ପରେ ବି ମାତ୍ର ୫୯୪୩ ଜଣ ହିଁ ନାମ ଲେଖାଇଛନ୍ତି। ଅର୍ଥାତ ଗୋଟିଏ ବର୍ଷରେ ପ୍ରାୟ ୧୬ ଶହ ଚାଷୀ କମିଗଲେ। ବ୍ଲକ କୃଷି ଅଧିକାରିଣୀ ବି. ଅର୍ପିତାଙ୍କ ସୂଚନା ଅନୁଯାୟୀ ଏବର୍ଷ ରଣୀ ଚାଷୀଙ୍କ ୨୧୧୨.୭ ହେକ୍ଟର ଜମି ପଞ୍ଜିକୃତ ହୋଇଛି। କିନ୍ତୁ ଅସଲ ସମସ୍ୟା ହେଉଛି ଅଣରଣୀ ଚାଷୀଙ୍କୁ ନେଇ। ଗତବର୍ଷ ମାତ୍ର ୧୦୯୦ ଅଣରଣୀ ଚାଷୀଙ୍କ ପ୍ଲଟ ଯୋଜନାରେ ସାମିଲ ହୋଇଥିଲା। ଏବର୍ଷ ସେ ସଂଖ୍ୟା ଆହୁରି ତଳକୁ ଖସିଛି। ପ୍ରଶାସନ ସେମାନଙ୍କୁ ଆକୃଷ୍ଟ କରିବାରେ ସମ୍ପୂର୍ଣ୍ଣ ବିଫଳ। ବ୍ଲକ ଅଧୀନ ନଗର, ଆଳସାହି, ଆଳଙ୍ଗପୁର, ଝାଡଲିଙ୍ଗ, ଛୁରୀଆନା, ମାଣ୍ଡୁକି, ଶିଶୁଅ ଭଳି ଗାଁ ଗୁଡିକ ପ୍ରତିବର୍ଷ ବନ୍ୟାରେ ବୁଡିଯାଏ। ଚାଷୀ ମାନସ ସାହାଣୀ କହିଛନ୍ତି, 'ପ୍ୟାକ୍ସରୁ ଋଣ ନେଉଥିବାରୁ ମୋ ଜମି ଆପେ ଆପେ ବୀମା ହୋଇଯାଏ। କିନ୍ତୁ ଗତବର୍ଷ ଫସଲ ସବୁ ପାଣିରେ ଭାସିଗଲା। ଆଜି ପର୍ଯ୍ୟନ୍ତ ବୀମା କମ୍ପାନୀର କେହି ଆସିଲେ ନାହିଁ। ଟଙ୍କା ତ ଦୂର କଥା।' ସେହିପରି ବିଜୟ ବେହେରାଙ୍କ ପ୍ରଶ୍ନ, 'ଯେଉଁ ଯୋଜନା କ୍ଷତି ବେଳେ କାମରେ ଆସୁନି, ତାକୁ କାହିଁକି ବିଶ୍ୱାସ କରିବୁ?' ସ୍ଥାନୀୟ ବିଧାୟକ ମଧ୍ୟ ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇଛନ୍ତି। ତାଙ୍କ ଅଭିଯୋଗ, ବୀମା କମ୍ପାନୀ ଗୁଡିକ ନାନା ତ୍ରୁଟି ଦେଖାଇ କ୍ଷତିପୂରଣ ଅଟକାଇ ଦେଉଛନ୍ତି। ଫଳରେ ଚାଷୀ ନିରାଶ ହୋଇ ଯୋଜନାରୁ ଓହରି ଯାଉଛନ୍ତି। କୃଷି ବିଭାଗ ପକ୍ଷରୁ କୁହାଯାଉଛି ଯେ ଅଣରଣୀ ଚାଷୀଙ୍କ ପାଇଁ ସଚେତନତା ଶିବିର କରାଯାଉଛି। କିନ୍ତୁ କ୍ଷେତ୍ରସ୍ତର ରେ ତାର ପ୍ରଭାବ ଶୂନ। ଚାଷୀଙ୍କ କହିବା କଥା, ପ୍ରଚାର ନୁହେଁ, କ୍ଷତି ପରେ ତୁରନ୍ତ ଟଙ୍କା ଦେଲେ ହିଁ ଲୋକେ ଯୋଜନା ଉପରେ ଭରସା କରିବେ।ବୁଦ୍ଧିଜୀବୀ କହୁଛନ୍ତି, ପିଏମ୍‌ଏଫ୍‌ବିୱାଇର ମୂଳ ଉଦ୍ଦେଶ୍ୟ ହେଉଛି ଚାଷୀଙ୍କୁ ଆର୍ଥିକ ସୁରକ୍ଷା ଦେବା। କିନ୍ତୁ ଯେତେବେଳେ କ୍ଷତିପୂରଣ ପ୍ରକ୍ରିୟା ଜଟିଳ ହୋଇଯିବ ଏବଂ କମ୍ପାନୀ ଗୁଡିକ ଦାୟିତ୍ୱ ଏଡାଇବେ, ସେତେବେଳେ ଚାଷୀ ସ୍ୱାଭାବିକ ଭାବେ ମୁହଁ ଫେରାଇବେ। ଅସ୍ତରଙ୍ଗର ତଥ୍ୟ ସେହି କଥା କହୁଛି। ପ୍ରଶାସନ ଯଦି ଏବେ ସତର୍କ ନହୁଏ, ଅଣରଣୀ ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ଡ୍ରାଇଭ ନକରେ ଏବଂ କ୍ଷତିପୂରଣ ଦାବିର ସମାଧାନ ପାଇଁ ଗୋଟିଏ ସମୟସୀମା ନିର୍ଦ୍ଧାରଣ ନକରେ, ତେବେ ଆଗାମୀ ବର୍ଷରେ ଏହି ସଂଖ୍ୟା ଆହୁରି ଖସିବ। ଶେଷରେ କ୍ଷତି ସହିବେ ଚାଷୀ, ଆଉ ବିଫଳ ହେବ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନା।

# ରେଡ୍‌କ୍ରସ୍ କମିଟି ଅଛି କାର୍ଯ୍ୟାଳୟ କି ସାଇନବୋର୍ଡ଼ ନାହିଁ





**ପୁରୀ (ବ୍ୟୁରୋ):** ଅସହାୟ, ଆହତ ଓ ସାଧାରଣ ନାଗରିକଙ୍କୁ ସୁରକ୍ଷା ଦେବା ପାଇଁ ବିଶ୍ୱସ୍ତରରେ ରେଡକ୍ରସ ଆରମ୍ଭ ହୋଇଥିଲା । ରେଡକ୍ରସ ର ଆନ୍ତର୍ଜାତୀୟ କମିଟିର ପ୍ରତିଷ୍ଠାତା ହେନେରୀ ଡୁନାଣ୍ଟ ଏହାକୁ ଆରମ୍ଭ କରିଥିଲେ । ପୁରୀ ଜିଲ୍ଲା ପାଇଁ ରେଡକ୍ରସ କମିଟି ଅଛି । ଏହି କମିଟିରେ କିଏ କିଏ ରହିଛନ୍ତି ସାଧାରଣ ଲୋକ ଜାଣିନାହାନ୍ତି । ପ୍ରାୟ ସରକାରୀ କାର୍ଯ୍ୟାଳୟରେ ରେଡକ୍ରସ ରସିଦ ରହିଛି। ଜରୁରୀକାଳୀନ ଅବସ୍ଥାରେ ଜିଲ୍ଲାପାଳ ରେଡକ୍ରସ ପାଣ୍ଠିରୁ ଅର୍ଥ ହିତାଧିକାରୀଙ୍କୁ ଯୋଗାଇ ଥାଆନ୍ତି । ସିଟି ରୋଡ ଚନ୍ଦନ ହଜୁରୀ ଡାକ୍ତରଖାନା ଠାରେ ସ୍ୱଳ୍ପକାଳୀନ କାର୍ଯ୍ୟାଳୟ ରହିଥିଲା। ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଚଟଣି ଓ ଗୋପୀ ଦୋକାନ ମଝିରେ ବୋର୍ଡ ଲାଗି କାର୍ଯ୍ୟାଳୟ ଚାଲିଥିଲା । ଏବେ ତାହା ବନ୍ଦ ହୋଇଯାଇଛି। ଜିଲ୍ଲା ଆପଦକାଳୀନ କାର୍ଯ୍ୟାଳୟରେ ଏହାକୁ ପରିଚାଳନା କରାଯାଉଥିବା ବେଳେ ବୈଠକ ପାଇଁ ହଲ ଟିଏ ନାହିଁ । ହୃଦରୋଗୀ, ହାର୍ଟ ଅପରେସନ, ପୋଲିଓ ଆକ୍ରାନ୍ତ ଗୁରୁତର ରୋଗୀ, କିଡନୀ ପରିବର୍ତ୍ତନ, ଦୁର୍ଘଟଣା ଜନିତ ମୃତ ପାଇଁ ଏହି ଅର୍ଥ ଖର୍ଚ୍ଚ କରାଯାଉଛି । ସାଧାରଣ ଜନତା ରେଡକ୍ରସ ଅଫିସ କେଉଁ ଠାରେ ଜାଣିବା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଥିବା ସବୁ ବିଭାଗ ବୁଲିଲେ ମଧ୍ୟ ରେଡକ୍ରସ ର ସାଇନବୋର୍ଡ ଟିଏ ଦେଖିବାକୁ ମିଳିନଥିଲା ବୋଲି ଜୈନିକ ବ୍ୟକ୍ତି କଚେରି ହତାରେ ଆଲୋଚନା କରୁଥିବା ଶୁଣିବାକୁ ମିଳିଥିଲା ।

# 'ତ୍ରିରଙ୍ଗା ଦେଶପ୍ରେମ ଜାଗ୍ରତ କରେ'

- ଯୋଗେଶ୍ୱରପୁରରୁ ଅସ୍ତରଙ୍ଗ ପର୍ଯ୍ୟନ୍ତ ବିଶାଳ ଶୋଭାଯାତ୍ରା
- ହାତରେ ତ୍ରିରଙ୍ଗା ଧରି ଲୋକଙ୍କ ଦେଶଭକ୍ତିର ସୁନାମୀ
- ଯୁବପିଢି ଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ସ୍ୱତଃସ୍ଫୂର୍ତ୍ତ ଯୋଗଦାନ

**କାକଟପୁର/ଅସ୍ତରଙ୍ଗ (ଅମୃତ ମିଡିଆ):** ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀରେ ଦେଶପ୍ରେମର ଜୁଆର ଉଠିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ 'ହର ଘର ତ୍ରିରଙ୍ଗା' ଅଭିଯାନକୁ ବ୍ୟାପକ ସମର୍ଥନ ମିଳିଛି। ଗୁରୁବାର ଯୋଗେଶ୍ୱରପୁର ଠାରୁ ଅସ୍ତରଙ୍ଗ ମୁଖ୍ୟ ବଜାର ପର୍ଯ୍ୟନ୍ତ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇ ସମଗ୍ର ଅଞ୍ଚଳକୁ ଦେଶଭକ୍ତିମୟ କରି ଦେଇଥିଲା। ହାତରେ ତ୍ରିରଙ୍ଗା ଧରି ହଜାର ହଜାର ଲୋକ 'ଭାରତ ମାତା କୀ ଜୟ' ଓ 'ବନ୍ଦେ ମାତରମ୍' ଧ୍ୱନିରେ ରାସ୍ତା କମ୍ପାଇ ଦେଇଥିଲେ। ଏହି ଶୋଭାଯାତ୍ରାରେ ଛାତ୍ରଛାତ୍ରୀ, ଯୁବବର୍ଗ, ମହିଳା, ସମାଜସେବୀ, ବୁଦ୍ଧିଜୀବୀ, ଜନପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀ ସାମିଲ ହୋଇ ଏକତାର ନିଆରା ନିଦର୍ଶନ ପ୍ରଦର୍ଶନ କରିଥିଲେ। ବାଟରେ ସ୍ଥାନୀୟ ଲୋକେ ଫୁଲ ବର୍ଷା କରି ଶୋଭାଯାତ୍ରାକୁ ସ୍ୱାଗତ କରିଥିଲେ। ଛାତ୍ରଛାତ୍ରୀମାନେ ଦେଶାତ୍ମବୋଧକ ଗୀତ ଓ ନୃତ୍ୟ ପରିବେଷଣ କରି ସମସ୍ତଙ୍କୁ ମୋହିତ କରିଥିଲେ। ଯୁବ ସମାଜସେବୀ ତଥା ଅସ୍ତରଙ୍ଗ ମଣ୍ଡଳ ନଂ ୧ ସଭାପତି ଶ୍ରୀଯୁକ୍ତ ଇନ୍ଦ୍ରମଣି ଜେନା କହିଥିଲେ 'ତ୍ରିରଙ୍ଗା କେବଳ ଏକ ପତାକା ନୁହେଁ, ଏହା ଆମର ସାମୂହିକ ଗୌରବ ଓ ଆତ୍ମସମ୍ମାନର ପ୍ରତୀକ। ଯୋଗେଶ୍ୱରପୁରରୁ ଅସ୍ତରଙ୍ଗ ପର୍ଯ୍ୟନ୍ତ ହଜାର ହଜାର ଲୋକ ତ୍ରିରଙ୍ଗା ଧରି ଚାଲିବା ଦେଖି ପ୍ରମାଣ ହେଲା ଯେ ଆଜି ବି ଆମ ଯୁବପିଢି ମଧ୍ୟରେ ଦେଶପ୍ରେମ ଜୀବନ୍ତ ଅଛି। ତ୍ରିରଙ୍ଗା ଆମ ମନରେ ଦେଶପ୍ରେମ ଜାଗ୍ରତ କରେ ଏବଂ ଜାତି-ଧର୍ମ ଭେଦ ଭୁଲାଇ ଆମକୁ ଏକତାର ସୂତ୍ରରେ ବାନ୍ଧେ। ପ୍ରଧାନମନ୍ତ୍ରୀଙ୍କ 'ହର ଘର ତ୍ରିରଙ୍ଗା' ଆହ୍ୱାନ ପ୍ରତି ଭାରତୀୟଙ୍କ ଘରେ ଦେଶଭକ୍ତିର ଦୀପ ଜାଳିବାର ପ୍ରୟାସ। ଆସନ୍ତୁ ଆମେ ସମସ୍ତେ ମିଳି ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନ ପାଇଁ ସଂକଳ୍ପବଦ୍ଧ ହେବା। କିନ୍ତୁ ଅନ୍ୟତମ ବ୍ୟକ୍ତିତ୍ୱ ଜଗତସିଂହପୁର ସାଂସଦଙ୍କ ପୁରୀ ଜିଲ୍ଲା ପ୍ରତିନିଧି ଶ୍ରୀଯୁକ୍ତ ସୁଦର୍ଶନ ସ୍ୱାଇଁ ନିଜେ ଉପସ୍ଥିତ ନଥିଲେ ମଧ୍ୟ ନିଜ ବାର୍ତ୍ତାରେ କହିଥିଲେ, 'ତ୍ରିରଙ୍ଗା ଯାତ୍ରା ଆମର ଏକତାର ଅନ୍ୟ ପରିଚୟ। ଏହା ଆମର ସାମୂହିକ ଚେତନାର ମହାନ ଉତ୍ସବ। ତ୍ରିରଙ୍ଗା ଆମ ଗୌରବ, ସମ୍ମାନ ଓ ସ୍ୱାଭିମାନର ପ୍ରତୀକ। ସହିଦମାନଙ୍କ ତ୍ୟାଗକୁ ସ୍ମରଣ କରି ପ୍ରତି ଘରେ ତ୍ରିରଙ୍ଗା ଉଡିଲେ ହିଁ ଆମର ଦେଶପ୍ରେମ ସାର୍ଥକ ହେବ।' କାର୍ଯ୍ୟକ୍ରମକୁ ସଫଳ କରିବାରେ ସ୍ଥାନୀୟ ବିଜେପି କର୍ମୀ, ଯୁବ ମୋର୍ଚ୍ଚା ଓ ମହିଳା ମୋର୍ଚ୍ଚାର ସଦସ୍ୟମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ପ୍ରଶାସନ ପକ୍ଷରୁ ମଧ୍ୟ ଉପଯୁକ୍ତ ବ୍ୟବସ୍ଥା କରାଯାଇଥିଲା।ଅସ୍ତରଙ୍ଗରେ ପହଞ୍ଚିବା ପରେ ଅନୁଷ୍ଠିତ ସଭାରେ ବକ୍ତାମାନେ ଦେଶପ୍ରେମ, ଏକତା ଓ ଅଖଣ୍ଡତା ଉପରେ ଆଲୋକପାତ କରିଥିଲେ। ଶେଷରେ ସମସ୍ତେ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନ ପାଇଁ ଶପଥ ଗ୍ରହଣ କରିଥିଲେ। ଏହି ଶୋଭାଯାତ୍ରା କାକଟପୁର-ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଦେଶପ୍ରେମର ନୂଆ ଉଦ୍ଦୀପନା ସୃଷ୍ଟି କରିଛି।





# ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟରେ ତ୍ରିରଙ୍ଗା ପଦଯାତ୍ରା

**ବେଗୁନିଆପଡା (ଅମୃତ ମିଡିଆ):** ଗୁରୁବାର ଦିବା ୧୧ଘଣ୍ଟା ସମୟରେ କୋଦଳା ସ୍ଥିତ କାକୁଡ଼ିଆପଡା ଗ୍ରାମଠାରେ, ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ମିଳିତ ଆନୁକୂଲ୍ୟରେ ତ୍ରିରଙ୍ଗା ପଦଯାତ୍ରା ପାଳନ କରାଯାଇଅଛି। ଏଥିରେ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ଏନସିସି ସ୍ୱେଚ୍ଛାସେବୀ ମାନଙ୍କ ସହ ବହୁସଂଖ୍ୟକ ଛାତ୍ରଛାତ୍ରୀ ଯୋଗଦାନ ଦେଇ ହର୍ ଘର୍ ତ୍ରିରଙ୍ଗା ପଦଯାତ୍ରା କରାଯାଇଥିଲା। ମହାବିଦ୍ୟାଳୟ ର ଅଧକ୍ଷ ଶ୍ରୀଯୁକ୍ତ ରଘୁନାଥ ମୁଦୁଲି, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜିକା ଶ୍ରୀମତୀ ସାଗରିକା ଦାଶ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ପରିଚାଳକ ଶ୍ରୀଯୁକ୍ତ ରତ୍ନାକର ପ୍ରଧାନ, ଇତିହାସ ବିଭାଗ ଅଧ୍ୟାପକ ଶ୍ରୀଯୁକ୍ତ ସପନ୍ କୁମାର ଦାଶ, ରାଜନୀତି ବିଭାଗ ଅଧ୍ୟାପକ



ଶ୍ରୀ ଲିପୁନ୍ ମାଝି, ଅଧ୍ୟାପିକା ତପସ୍ୱିନୀ କରଣ, ରସାୟନ ବିଜ୍ଞାନ ଅଧ୍ୟାପିକା ସୁଶ୍ରୀ ମନିଷା ପଟ୍ଟନାୟକ, ଅର୍ଥନୀତି ବିଭାଗ ଅଧ୍ୟାପକ ଶ୍ରୀଯୁକ୍ତ ଆଲୋକ ଜେନା, ଓଡ଼ିଆ ବିଭାଗ ଅଧ୍ୟାପିକା ଡ଼.ଜ୍ୟୋସ୍ନାରାଣୀ ସାହୁ,ମହିଳା ସହାୟିକା ଭାରତୀ ମହାପାତ୍ର ଅଣ ଶିକ୍ଷକ କର୍ମଚାରୀ ବାଦଲ ପାଢ଼ୀ ଏଥିରେ ଯୋଗଦେଇ କାର୍ଯ୍ୟକ୍ରମ କୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ବଡ଼ଚଣା ଭାଜପା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା

**ଚଣ୍ଡିଖୋଲ (ଅମୃତ ମିଡିଆ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ୮୦ତମ ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ତଥା ରାଷ୍ଟ୍ରୀୟ ସଙ୍ଗୀତ ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଦେଶ ବ୍ୟାପୀ 'ହର୍ ଘର୍ ତ୍ରିରଙ୍ଗା' ଅଭିଯାନ ଅଧୀନରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହେଉଛି। ଆଜି ବଡ଼ଚଣା ବ୍ଲକ ତରଫରୁ ବିଭିନ୍ନ ସ୍ଥାନରେ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ବଡ଼ଚଣା ବିଧାୟକ ଅମର କୁମାର ନାୟକ, ଜିଲ୍ଲା ଭାଜପା ଉପ ସଭାପତି ପ୍ରମୋଦ କୁମାର ଜେନା,ସମ୍ପାଦକ ବିକାଶ ମହାପାତ୍ର,ବ୍ଲକ ଉପାଧକ୍ଷ ବିଭାସ ଚନ୍ଦ୍ର



ନନ୍ଦ, ଜିଲ୍ଲାପରିଷଦ ଉପାଧକ୍ଷ ଗଣେଶ୍ୱର ବରାଳ, ଜିଲ୍ଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତିନ୍ଦ୍ର ପ୍ରସାଦ ନାୟକ ପ୍ରମୁଖ ଯୋଗଦେଇ ଦେଶ ମାତୃକାର ଜୟଗାନ କରିବା ସହ ସମସ୍ତଙ୍କୁ ଏକତା ବନ୍ଧନରେ ଆବଦ୍ଧ କରିବା ଆମର ଲକ୍ଷ୍ୟ ବୋଲି ମତବ୍ୟକ୍ତ କରିଥିଲେ।ମଣ୍ଡଳ ସଭାପତି ବିମଳ ପ୍ରସନ୍ନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ବଡଚଣା ଛକ ଠାରୁ ଖଏରା ପର୍ଯ୍ୟନ୍ତ ବିଧାୟକଙ୍କ ସହ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ।ବୈରୀ ଠାରୁ ଗାନ୍ଧୀ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ପଦଯାତ୍ରା ସୋଲର ପର୍ଯ୍ୟନ୍ତ ଆସିଥିଲ।ଏକ ବିରାଟ ମଟରସାଇକେଲ ଶୋଭାଯାତ୍ରା ଛତିଆ ସ୍ଥିତ ବୁଢେଇ ପୀଠରୁ ଚମ୍ପାପୁର ହାଟ ପର୍ଯ୍ୟନ୍ତ ପହଞ୍ଚି ଗାନ୍ଧୀ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ମଣ୍ଡଳ ସଭାପତି ମାନସ ରାଉତରାୟଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ମାନେ ଉତ୍ସାହ ଓ ଉଦ୍ଦୀପନାର ସହ ହାତରେ ଜାତୀୟ ପତାକା ଧରି ଦେଶାତ୍ମବୋଧକ ନାରା ଦେଇ ଏହି ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ।

# ବିଜ୍ଞାନ ମହାବିଦ୍ୟାଳୟ ଇ-ଗ୍ରନ୍ଥାଗାର ଉଦ୍‌ଘାଟିତ

**ପୋଲସରା (ଅମୃତ ମିଡିଆ):** ପୋଲସରା ବିଜ୍ଞାନ ମହାବିଦ୍ୟାଳୟର ନୂତନ ଅତିରିକ୍ତ ଶ୍ରେଣୀଗୃହ ଓ ଇ-ଗ୍ରନ୍ଥାଗାର ଉଦଘାଟନ ହୋଇଯାଇଛି। ପୋଲସରା ବିଧାୟକ ତଥା ପ୍ରାଣୀସମ୍ପଦ ଓ ଅତି କ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଦ୍ୱାରା ନୂତନ ଅତିରିକ୍ତ ଶ୍ରେଣୀଗୃହ ଏବଂ ଇ -ଗ୍ରନ୍ଥାଗାର ଉଦଘାଟନ ହୋଇଯାଇଛି। ଉଦଘାଟନ କାର୍ଯ୍ୟପରେ ଛାତ୍ର ଓ ଛାତ୍ରୀ , ଅଧ୍ୟାପକ ଓ ଅଧ୍ୟାପିକା, କର୍ମଚାରୀ ବୃନ୍ଦଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାକାର୍ଯ୍ୟକୁ ଅନୁଷ୍ଠାନର ଅଧକ୍ଷ ଡ଼. ଭଗବାନ ତ୍ରିପାଠୀ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ସେବା ନିବୃତ ରସାୟନ ବିଜ୍ଞାନ ବିଭାଗର ଡେମୋନଷ୍ଟେଟର ଡ଼ଃ ହୃଷୀକେଶ ଦାଶ ମହାବିଦ୍ୟାଳୟ ପକ୍ଷରୁ ଉତ୍ତରୀୟ ଏବଂ ପୁଷ୍ପ ଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିବା ବେଳେ ଏନସିସି କ୍ୟାଡେଟ ମାନେ ପାଛୋଟି ନେଇଥିଲେ। ଏହି ଅବସରରେ ମାନ୍ୟବର ମନ୍ତ୍ରୀ ଛାତ୍ର ଛାତ୍ରୀଙ୍କୁ କଠୋର ପରିଶ୍ରମ ମାଧ୍ୟମରେ ଉଚିତ୍ ଶିକ୍ଷା ଆହରଣ କରିବା ସହ ସମାଜରେ ଜଣେ ଜଣେ ଉତ୍ତମ ଚରିତ୍ରବାନ୍ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ଏବଂ ମାତା, ପିତା,ଗୁରୁଙ୍କ ଭୂମିକା ସମ୍ପର୍କରେ ଦିଗଦର୍ଶନ ପ୍ରଦାନ କରିଥିଲେ। ଏହି ସମୟରେ ମନ୍ତ୍ରୀ ମହୋଦୟ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା



ଉପରେ ନେଇ ଛାତ୍ରଛାତ୍ରୀମାନଙ୍କ ଠାରୁ ଅବଗତ ହେବାସହ ତ୍ୱରିତ ସମାଧାନ କରିବାର ପ୍ରତଶ୍ରୁତି ଏବଂ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସଭାରେ ସମ୍ମାନିତ ଅତିଥିଭାବେ ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ଡ଼ଃ ନାରାୟଣ ବେହେରା, ପୋଲସରା ବିଡ଼ିଓ ଶଶିଭୂଷଣ ମହାପାତ୍ର, ଘୁମୁସର ଜିଲ୍ଲା ଭାଜପା ପୂର୍ବତନ ଉପସଭାପତି ଶ୍ରୀଯୁକ୍ତ ପ୍ରଭାକର ପଣ୍ଡା, ଘୁମୁସର ଜିଲ୍ଲା ଭାଜପା ଯୁବମୋର୍ଚ୍ଚା ପୂର୍ବତନ ସଭାପତି ଦୀପକ କୁମାର ପ୍ରଧାନ,ନଗର ସାଂସଦ ପ୍ରତିନିଧି ସୀମାଞ୍ଚଳ ସାହୁ, ସେବାନିବୃତ୍ତ ପ୍ରଧାନ ଶିକ୍ଷକ କାମ୍ପ ବାଢେଇ,ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ରାଜେନ୍ଦ୍ର କୁମାର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପକ ଦେବାଶିଷ ସ୍ୱାଇଁ ପରିଚାଳନା କରିଥିବାବେଳେ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଅଧ୍ୟାପକ ଡ଼. ବିରଞ୍ଚି ନାରାୟଣ ରଥ ମାନ୍ୟବର ମନ୍ତ୍ରୀଙ୍କୁ ଅନୁଷ୍ଠାନ ପକ୍ଷରୁ ପ୍ରଦାନ କରାଯାଇଥିବା ସ୍ମୃତିଫଳକ ସ୍ୱରୂପ ମାନପତ୍ର ପଠନ କରିଥିଲେ। ମନ୍ତ୍ରପାଠ ଇଂରାଜୀ ଅଧ୍ୟାପକ ଡ଼. ହରିଶ୍ଚନ୍ଦ୍ର ପାଇକ କରିଥିବା ବେଳେ ରାଜନୀତି ବିଜ୍ଞାନ ଅଧ୍ୟାପକ ଅନୀଲ କୁମାର ଦାଶ କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ମଞ୍ଚାସୀନ ଅତିଥି, ଅନ୍ୟ ସମସ୍ତ ବ୍ୟକ୍ତିବିଶେଷ ଏବଂ ଛାତ୍ରଛାତ୍ରୀମାନଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ।କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀବୃନ୍ଦ ବିଶେଷ ସହଯୋଗ କରିଥିଲେ।

# ୪ ବର୍ଷର ଶିଶୁକନ୍ୟାକୁ ବଳାତ୍କାର ଉଦ୍ୟମ : ଥାନାରେ ଅଭିଯୋଗ

**ଭଞ୍ଜନଗର (ଅମୃତ ମିଡିଆ):** ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅଞ୍ଚଳରେ ଏକ ଘୃଣ୍ୟ ଘଟଣା ଘଟିଛି। ଜଣେ ୪୦ ବର୍ଷର ବିବାହିତ ଯୁବକ ତାଙ୍କ ସାଙ୍ଗର ୪ ବର୍ଷର ଝିଅକୁ ବଳାତ୍କାର ଉଦ୍ୟମ କରିଥିବା ନେଇ ଅଭିଯୋଗ ହୋଇଛି। ପୋଲିସ ଗୁରୁବାର ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବୁଲୁ ଡାଙ୍ଗୁଆକୁ ଅଟକ ରଖି ପଚରାଉଚରା ଚଳାଇଛି। ଘଟଣାରୁ ପ୍ରକାଶ ଯେ, ଅଭିଯୁକ୍ତ ବୁଲୁ ଏବଂ ତାଙ୍କ ସାଙ୍ଗ ମିଶି ମାଂସ ତରକାରୀ କରିବା ପାଇଁ ଯୋଜନା ହୋଇଥିଲା। ତେଣୁ ଅଭିଯୁକ୍ତ ବୁଲୁ ସାଙ୍ଗଙ୍କ ଘରେ ଥିଲେ। ସାଙ୍ଗ ଦୋକାନକୁ ମାଂସ ଆଣିବା ପାଇଁ ଚାଲିଯାଇଥିଲେ। ଏହି ସମୟରେ ଅଭିଯୁକ୍ତ ଜଣଙ୍କ ତାଙ୍କର ୪ ବର୍ଷର ଝିଅକୁ ଏକୁଟିଆ ଦେଖି ତାକୁ ବଳାତ୍କାର ଉଦ୍ୟମ କରିଥିଲେ। ସାଙ୍ଗ ଜଣଙ୍କ ମାଂସ ଧରି ଘରକୁ ଫେରିବା ପରେ ଝିଅ କାନ୍ଦୁଥିବା ଦେଖି ତାକୁ ମେଡିକାଲ ନେଇଥିଲେ। ମେଡିକାଲରେ ଝିଅ ଘଟଣା ସମ୍ପର୍କରେ କହିଥିଲେ। ଏହାପରେ ବାପା ହତୋତ୍ସାହିତ ହୋଇ ଅସୁସ୍ଥ ଝିଅକୁ ପ୍ରାଥମିକ ଚିକିତ୍ସା କରି ଘରକୁ ଚାଲି ଆସିଥିଲେ। ଏହାପରେ ଗୁରୁବାର ସକାଳେ ଗ୍ରାମରେ କଥା ପ୍ରଘଟ ହେବାରୁ ଅଭିଯୁକ୍ତଙ୍କୁ ଗ୍ରାମବାସୀ କାବୁ କରି ନିସ୍ତୁକ ମାଡ଼ ମାରିଥିଲେ। ଏହାପରେ ପୋଲିସ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଥାନାକୁ ନେଇ ଆସିଥିଲେ। ଘଟଣାର ତଦନ୍ତ ଚାଲିଥିବାବେଳେ ପୋଲିସ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କହିଛି।

## ବ୍ରହ୍ମପୁରରେ ତ୍ରିରଙ୍ଗା ଶୋଭାଯାତ୍ରା

# ଦେଶପ୍ରେମ ରଙ୍ଗରେ ରଙ୍ଗାୟିତ ହେଲା ରେଶମ ସହର

**ବ୍ରହ୍ମପୁର (ଅମୃତ ମିଡିଆ):** 'ଘରେ ଘରେ ତ୍ରିରଙ୍ଗା' ଅଭିଯାନ ଅଧୀନରେ ଦେଶପ୍ରେମ, ଜାତୀୟ ଏକତା ଓ ତ୍ରିରଙ୍ଗା ପ୍ରତି ସମ୍ମାନର ବାର୍ତ୍ତାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଆଜି ସହରରେ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ତ୍ରିରଙ୍ଗାର ଗୌରବ ଓ ଦେଶପ୍ରେମର ଉତ୍ସାହରେ ରେଶମ ସହର ଉତ୍ସବମୁଖର ହୋଇଉଠିଥିଲା।

ମହାତ୍ମା ଗାନ୍ଧୀ ଷ୍ଟାଡିୟମ୍ ?ରୁ ଆରମ୍ଭ ହୋଇଥିବା ଶୋଭାଯାତ୍ରା ଗାନ୍ଧୀନଗର, ପି.ଭି.ଏନ୍. ପେଟ୍ରୋଲ ପମ୍ପ ଛକ, ଖଲ୍ଲିକୋଟ କଲେଜ, ସୁବାରାଓ ଛକ, ଟାଟାବେଞ୍ଚ, କମାପଲ୍ଲୀ ଓ କୋର୍ଟପେଟା ଦେଇ ମେଡିକାଲ୍ ଛକଠାରେ ସମାପ୍ତ ହୋଇଥିଲା। ତ୍ରିରଙ୍ଗାରେ ସଜ୍ଜିତ ଇ-ବାଇକ୍




ଓ ସାଇକେଲ୍ ସହ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ଯୁବପିଢ଼ି ଓ ସହରବାସୀ ଏଥିରେ ସାମିଲ ହୋଇଥିଲେ।

ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ଜାତୀୟ ପତାକା ବଣ୍ଟନ କରାଯାଇଥିଲା ।

ଉଦ୍ଘାଟନୀ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ବି. ବିବେକ ରେଡ୍ଡୀ, ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ନିଗମ କମିଶନର ଏ. ସସ୍ୟା ରେଡ୍ଡୀ, ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଉପଜିଲ୍ଲାପାଳ ଅବିନାଶ କୁମାରଙ୍କ ସମେତ ବରିଷ୍ଠ ସମାଜସେବୀ ସାରଦା ଶତପଥୀ, ସରୋଜ ସାବତ ଓ ବାଳକୃଷ୍ଣ ସାମନ୍ତରା ପ୍ରମୁଖ ଯୋଗଦେଇଥିଲେ।

# ମହିନ୍ଦ୍ରା ଫାଇନାନ୍ସ ପକ୍ଷରୁ ବିଦ୍ୟାଳୟକୁ ପଙ୍ଖା ବଣ୍ଟନ



**ଆଳି (ଅମୃତ ମିଡିଆ):** ଆଳି ନମୌଜା ଅଞ୍ଚଳର ଜଣେ ସମାଜସେବୀଙ୍କ ଉଦ୍ୟମ କ୍ରମେ ମହିନ୍ଦ୍ରା ଫାଇନାନ୍ସ କମ୍ପାନୀ ପକ୍ଷରୁ ବଡାମ୍ବିଳା ଗ୍ରାମ ପଞ୍ଚାୟତର ସାହୁପଡ଼ା ଗ୍ରାମରେ ଥିବା ସାହୁପଡା ପ୍ରୋଜେକ୍ଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଫ୍ୟାନ ବଣ୍ଟନ କରାଯାଇଛି।ବିଦ୍ୟାଳୟ କୁ ଚାରୋଟି ସିଲିଂ ଫ୍ୟାନ, ଦୁଇଟି ଷ୍ଟାଣ୍ଡ ଫ୍ୟାନ କମ୍ପାନୀ ପକ୍ଷରୁ ପ୍ରଦାନ କରାଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଆୟୋଜିତ ଏକ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ କମ୍ପାନୀ ର ମାନବ ସମ୍ବଳ ବିଭାଗ ମୁଖ୍ୟ ସୋମେନ୍ଦ୍ର ଘୋଷ, ମୁଖ୍ୟ ବକ୍ତା ଭାବେ ସି ଆର ସି ସି ମହାଦେବ ପଣ୍ଡା, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶଶୀଭୁଷଣ ଦାଶ, ଅକ୍ଷୟ ଦାସ, କମ୍ପାନୀ ର ବ୍ୟବସାୟ ପରିଚାଳକ ବନମାଳୀ ତରସିଆ ଓ ନାସେର ମହମ୍ମଦ, ଶାଖା ପରିଚାଳକ ରାକେଶ ମହାନ୍ତି, କମ୍ପାନୀ ର ଶକ୍ତି ରଞ୍ଜନ, ବୈଦେହୀ ପ୍ରମୁଖ ଯୋଗ ଦେଇ ଛାତ୍ର ଛାତ୍ରୀ ଓ ଅଭିଭାବକ ମାନଂକୁ ବିଭିନ୍ନ ଶିକ୍ଷା ବିଷୟରେ ଉପାଦେୟ କଥା ଗୁଡିକ କହିଥିଲେ। ପ୍ରଧାନ ଶିକ୍ଷକ ମାନସୀ ପଣ୍ଡା ଉପସ୍ଥିତ ଥିଲେ ଓ ସହକାରୀ ଶିକ୍ଷକ ଗାଲେଖ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଗ୍ରାମ ବାସୀମାନେ ଏହି କାଯ୍ୟକୁ ଭୁୟସୀ ପ୍ରଶଂସା କରିଛନ୍ତି।

# ବଡ଼ଘୁମୁରି ଚାଷୀଙ୍କୁ କ୍ଷତିପୂରଣ ଦାବିକଲେ ପ୍ରାକ୍ତନ ସରପଞ୍ଚ

**ଚଣ୍ଡିଖୋଲ (ଅମୃତ ମିଡିଆ):** ବଡ଼ଚଣା ବ୍ଲକ ଅଧୀନସ୍ଥ ବଡଘୁମୁରି ପଞ୍ଚାୟତରେ ଚଳିତ ବନ୍ୟାରେ ବ୍ୟାପକ ଭାବେ କ୍ଷତିଘଟିଥିବା ଚାଷୀଙ୍କୁ ତୁରନ୍ତ ଆକଳନ କରି କ୍ଷତିପୂରଣ ପାଇଁ ଦାବି କରିଛନ୍ତି ପ୍ରାକ୍ତନ ସରପଞ୍ଚ ଦୁଃଶାଷନ ସ୍ୱାଇଁ । ଚଳିତ ଲଘୁଚାପ ଜନିତ ଅଦିନିଆ ବର୍ଷାରେ ସାନଗେଙ୍ଗୁଟି ନଦୀରେ ବନ୍ୟା ପାଣି ଆସି ବଡଘୁମୁରି ପଂଚାୟତରେ ଥିବା ସବୁ ଗାଁର ଚାଷ ଜମିରେ ବନ୍ୟା ପାଣି ପଶିଯାଇଥିଲା। ଏହି ବନ୍ୟା ପାଣି ପାଖା ପାଖି ୨୦ ଦିନଧରି ବିଲରେ ପାଣି ବୁଡିରହିଲା ଏବଂ ଏହି ବନ୍ୟା ପାଣିରେ ଚାଷ କରାଯାଇଥିବା ଧାନ ଗଛ ଗୁଡିକ ବୁଡିରହିବାରୁ ସମସ୍ତ ଧାନ ଗଛ ମରି ଯାଇଛି । ଏହି ପଂଚାୟତର ଶକୁନ୍ତଳାପୁର, ବଡ଼ଘୁମୁରି, ହରିଅଂଶପାଟଣା, ଭୁବନପୁର, ପୁରୁଷୋତ୍ତମପୁର, ନୂଆଗାଁ ଆଦି ସମସ୍ତ ଗାଁର ଚାଷ ଜମିରେ କରାଯାଇଥିବା ଧାନ ଗୁଡିକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ତେବେ ଜିଲ୍ଲାପାଳ ଅମ୍ବର କୁମାର କର ଓ ବଡ଼ଚଣା ବିଧାୟକ ଅମର କୁମାର ନାୟକ ବ୍ଲକରେ ଏକ ସମୀକ୍ଷା ବୈଠକରେ ସମସ୍ତ କ୍ଷତିଗ୍ରସ୍ତ ଚାଷୀଙ୍କ ଚାଷକୁ ଆଧାର କରି ଆକଳନ କରିବାକୁ ବିଭାଗୀୟ ଅଧିକାରିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବନ୍ୟା ପାଣି ଛାଡିବା ପରେ ଏବେ ରାଜସ୍ୱ ବିଭାଗ ପକ୍ଷରୁ ଆକଳନ କରାଯାଉଛି। ରାଜସ୍ୱ ବିଭାଗ ଦ୍ୱାରା ଆକଳନ ହେବା ପରେ କ୍ଷତିଗ୍ରସ୍ତ ସମସ୍ତ ଚାଷୀଙ୍କୁ ଆବଶ୍ୟକ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ସରକାରୀ ସ୍ତରରେ ସ୍ଥିର ହୋଇଛି। ଚଳିତ ବନ୍ୟାରେ ବ୍ୟାପକ କ୍ଷତି ହୋଇଥିବା ବଡଘୁମୁରି ପଂଚାୟତ ରେ କ୍ଷତିଗ୍ରସ୍ତ ଚାଷିଙ୍କୁ ତୁରନ୍ତ କ୍ଷତିପୂରଣ ଦେବାକୁ ପ୍ରାକ୍ତନ ସରପଞ୍ଚ ଶ୍ରୀ ଦୁଃଶାସନ ସ୍ୱାଇଁ ଦାବି କରିଛନ୍ତି।

# ଆନନ୍ଦପୁର ବିଜେପିର ହର୍ ଘର୍ ତ୍ରିରଙ୍ଗା ପଦଯାତ୍ରା

**ଆନନ୍ଦପୁର (ଅମୃତ ମିଡିଆ):** ଆନନ୍ଦପୁର ନଗର ମଣ୍ଡଳ ବିଜେପି ପକ୍ଷରୁ ଦେଶପ୍ରେମ, ଏକତା ଏବଂ ରାଷ୍ଟ୍ରୀୟ ଭାବନାର ସହ ଭବ୍ୟ ତ୍ରିରଙ୍ଗା ପଦଯାତ୍ରା ଅତ୍ୟନ୍ତ ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି। ନଗର ମଣ୍ଡଳ ସଭାପତି ହେମନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଫକିରପୁର ସପ୍ତା ବଜାର ଠାରୁ ଆନନ୍ଦୋଲ୍ଲାସ ମଧ୍ୟରେ ଆରମ୍ଭ ହୋଇ ବିଭିନ୍ନ ପ୍ରମୁଖ ପଥ ଦେଇ ବାଲୁଙ୍କେଶ୍ୱର ମନ୍ଦିର ପର୍ଯ୍ୟନ୍ତ ପରିକ୍ରମା କରି ବେଶ୍ ଆକର୍ଷଣୀୟ ଭାବେ ଶେଷ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ କୃଷକମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ, ବରିଷ୍ଠ ବିଜେପି ନେତା ରାମଚନ୍ଦ୍ର ସାହୁ, ଆଲୋକ ସେଠୀ, ଜ୍ଞାନ ରଞ୍ଜନ ସାମନ୍ତ ସିଂହର, ବିଶ୍ୱନାଥ ପ୍ରତାପ ଜେନା, ଶାନ୍ତନୁ ସେଠୀ ଏବଂ ନିରାକାର ଦଳେଇ ପ୍ରମୁଖ ସକ୍ରିୟ ଭାବେ ସାମିଲ ହୋଇ ଜନସାଧାରଣଙ୍କୁ ଦେଶସେବାରେ ଉତ୍ସର୍ଗୀକୃତ ହେବା ପାଇଁ ପ୍ରେରଣା ଦେଇଥିଲେ। ନଗର ସାଧାରଣ ସମ୍ପାଦକ ମାନସ କୁମାର ସାହୁ, ମଳୟ କୁମାର ମିଶ୍ର, ସମ୍ପାଦକ ଗଣେଶ୍ୱର ମହାନ୍ତି, ଲିଟୁ ରାମଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଏବଂ ସାଧାରଣ ଜନତା ହାତରେ ଜାତୀୟ ପତାକା ଧରି ଏହି ପଦଯାତ୍ରାରେ ଅଂଶଗ୍ରହଣ କରିଥିଲେ।

# ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ନ୍ୟାୟିକ ପଦ୍ଧତିରେ ସଂସ୍କାର ଦାବି :ସଞ୍ଜୀବ ପଟ୍ଟନାୟକ

**ବ୍ରହ୍ମପୁର (ଅମୃତ ମିଡିଆ):** ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ସହର ଓ ଦକ୍ଷିଣ ଓଡ଼ିଶାର ବାଣିଜ୍ୟକ, ଶିକ୍ଷା ଓ ସ୍ୱାସ୍ଥ୍ୟ ରାଜଧାନୀ ତଥା ପ୍ରବେଶ ଦ୍ୱାର ରୂପେ ପରିଚିତ ବ୍ରହ୍ମପୁରର ନାଗରିକଙ୍କ ତରଫରୁ ବ୍ରହ୍ମପୁର ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ଆଜି ରାଜ୍ୟ ଗୃହ ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମାଙ୍କୁ ଇ ମେଲ୍ ମାଧ୍ୟମରେ ଗୋଟିଏ ସ୍ମାରକପତ୍ର ପ୍ରଦାନ କରି ଅଧୁନା ପୋଲିସ୍ ବ୍ୟବସ୍ଥା ଓ ନ୍ୟାୟିକ ପଦ୍ଧତି ଅତି ପୁରୁଣା, ପ୍ରଭାବହିନ ଓ ଅପାଙ୍‌କ୍ତେୟ ହୋଇ ସାରିଲାଣି। ସୁତରାଂ ସେଥିରେ ସମୟୋପଯୋଗୀ ତଥା ଯୁଗୋପଯୋଗୀ ସଂସ୍କାର ଓ ସୁଧାର ଆଣି ରାଜ୍ୟରେ ଅହେତୁକ ଭାବରେ ବଢ଼ି ଚାଲିଥିବା ବିଭିନ୍ନ ପ୍ରକାର ଅପରାଧ,ଅପରାଧିକ କାର୍ଯ୍ୟକଳାପ ଏବଂ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସଜାଡିବାର ନିତ୍ୟାନ୍ତ ଜରୁରୀକାଳୀନ ଆଶ୍ୟକତା ରହିଛି ବୋଲି ଦର୍ଶାଇ ଏ ଦିଗରେ ପଦକ୍ଷେପ ନେବାକୁ ଗୃହ ବିଭାଗ ତଥା ରାଜ୍ୟ ସରକାରଙ୍କୁ ନିବେଦନ କରିଛି। ବିଶେଷ କରି ବ୍ରହ୍ମପୁରର ଅପରାଧିକ କାର୍ଯ୍ୟକଳାପକୁ ନଜରରେ ରଖି ବ୍ରହ୍ମପୁରରେ ପୋଲିସ କମିଶନରେଟ୍ ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ କରିବାକୁ କମିଟି ଦାବି କରିଛି । ଏହାସହ ନ୍ୟାୟ ଓ ସୁରକ୍ଷା ନିମନ୍ତେ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ କେତୋଟି ଉପାଦେୟ ପ୍ରସ୍ତାବ ଓ ମତ କାର୍ଯ୍ୟକାର କରିବା ନିମନ୍ତେ ଗୃହ୍ ବିଭାଗ ଓ ରଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। କମିଟି କହିଛି ଯେ ଓଡ଼ିଶା ପୋଲିସ ଆଇନ ଶୃଙ୍ଖଳା ରକ୍ଷା ଦିଗରେ ଭଲ କାମ କରୁଥିଲେ ମଧ ବ୍ରହ୍ମପୁର ଓ ଓଡ଼ିଶାରେ ଯେଉଁଭଳି ଅହେତୁକ ଓ ଅପ୍ରାତ୍ୟଶତ ଭାବରେ ଅପରାଧ,ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇ ଆଇନ ଶୃଙ୍ଖଳା ପରିସ୍ଥିତିର ଅଧୋଗତି ହେବାରେ ଲାଗିଛି ତାହା ଆମ ସମସ୍ତଙ୍କ ନିମନ୍ତେ ଗଭୀର ଚିନ୍ତା ଉଦ୍ରେକକାରୀ ବିଷୟ । ଏହାକୁ ଦୃଷ୍ଟିରେ ରଖି ପୋଲିସ ବ୍ୟବସ୍ଥା ଓ ବିଚାର ଗତ ପଦ୍ଧତିରେ ସମୟୋପଯୋଗୀ ତଥା ଅବଶକୀୟ ସଂସ୍କାର ଆଣିବାକୁ ପଡିବ ଏହା ସମସ୍ତେ ଅନୁଭବ କରୁଛନ୍ତି ଏବଂ ତାହାକୁ ଦୃଷ୍ଟିରେ ରାଜ୍ୟ ସରକାର ପୋଲିସ ବ୍ୟବସ୍ଥାରେ ସଂସ୍କାର ପ୍ରକ୍ରିୟା ତୁରନ୍ତ ଆରମ୍ଭ କରିବାକୁ ଓ ପୋଲିସ ପ୍ରଶାସନକୁ ସୁଦୃଢ଼ କରିବାକୁ ଅବିଳମ୍ବେ ପଦକ୍ଷେପ ନେବା ନିମନ୍ତେ ସେ ଅଗ୍ରହ କରିଛନ୍ତି । ଏହି ପରିପ୍ରେକ୍ଷୀରେ କମିଟି ଅନୁଭବ କରେ ଯେ ୪ କୋଟି ୫୦ ଲକ୍ଷରୁ ଅଧିକ ଲୋକ ଏବେ ବି ଏଫଆଇଆର୍ (ରଓଜ) ଦେବାରେ ବିଳମ୍ବ ଓ ଥାନାରେ ସମ୍ମାନଜନକ ବ୍ୟବହାର ଅଭାବ ଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହା ଜନତାଙ୍କ ବିଶ୍ୱାସକୁ ଦୁର୍ବଳ କରୁଛି।କମିଟି କହିଛି ଯେ ରାଜ୍ୟରେ ବିଶେଷ କରି ବ୍ରହ୍ମପୁରରେ ସାଇବର ଠକେଇ, ନକଲି ଦ୍ରବ୍ୟ କାରବାର,ମହିଳା ନିର୍ଯାତନା, ନିଶା ବ୍ୟବସାୟ ଓ ଗ୍ୟାଙ୍ଗ ୱାର ଭଳି ଆଧୁନିକ ଅପରାଧ ଦିନକୁ ଦିନ ବଢ଼ି ଚାଲିଛି। ବର୍ତ୍ତମାନର ପୋଲିସ ବ୍ୟବସ୍ଥା ଦ୍ୱାରା ଆଇନ ଶୃଙ୍ଖଳା ରକ୍ଷା ଓ ଅପରାଧ ରୋକିବା ସମ୍ଭବ ହେଉ ନାହିଁ। ଭୁବନେଶ୍ୱର ଓ କଟକ ପରି ବ୍ରହ୍ମପୁରକୁ ମଧ ପୋଲିସ କମିଶନରେଟ ମିଳିବା ସମୟର ଆବଶ୍ୟକତା। ବ୍ରହ୍ମପୁର ଉପରେ ଦକ୍ଷିଣ ଓଡ଼ିଶାର ପ୍ରାୟ ପାଞ୍ଚଟି ଜିଲ୍ଲାର ୬୦ ଲକ୍ଷ ଲୋକ ନିର୍ଭର କରନ୍ତି।

ଏହି ସମସ୍ୟାର ସମାଧାନ ଓ ବ୍ରହ୍ମପୁରକୁ ଗୋଟେ ସ୍ମାର୍ଟ ଓ ସେଫ ସିଟି ରେ ପରିଣତ କରିବା ପାଇଁ କମିଟି ନ୍ୟାୟ ଓ ସୁରକ୍ଷା ନାମରେ ଗୋଟିଏ ୮-ଦଫା ଦାବିପତ୍ର ପ୍ରଦାନ କରିଛି। ମୁଖ୍ୟ ୮ ଟି ଦାବି ହେଲା: ତୁରନ୍ତ ଏଫଆଇଆର୍ ଓ ଇ- ଏଫଆଇଅର୍ ବ୍ୟବସ୍ଥା: -- ଅଭିଯୋଗକାରୀ ଆସିବାର ୩୦ ମିନିଟ୍ ମଧ୍ୟରେ ଏଫଅଇଆର୍ ପଞ୍ଜୀକରଣ ଓ ୟୁଜର ଫ୍ରେଣ୍ଡଲି ଇ -ଏଫଆଇଅର୍ ପୋର୍ଟାଲ ତଥା ମୋବାଇଲ ଆପ୍ ଆରମ୍ଭ କରାଯାଉ। ଏଫଆଇଆର୍ ଟ୍ରାକିଙ୍ଗ ବ୍ୟବସ୍ଥା: --- ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ ସହ ପ୍ରତ୍ୟେକ ଏଫଆଇଆର୍ ପାଇଁ କେସ ଆଇଡି ଓ ୧୫ ଦିନରେ ଥରେ କେସର ଅଗ୍ରଗତି ନେଇ ଏସଏମଏସ ଓ ଇମେଲ ଦ୍ୱାରା ତଥ୍ୟ ପ୍ରଦାନ। ସେବା ମିତ୍ର ପୋଲିସ': --- ସମସ୍ତ ଥାନାରେ ଏଆଇ ସଂଯୁକ୍ତ ସିସିଟିଭି କ୍ୟାମେରା, ମହିଳା/ବରିଷ୍ଠ ନାଗରିକ ପାଇଁ ହେଲ୍ପ ଡେସ୍କ ଓ ଅଫିସରଙ୍କ ନାମ, ପଦବୀ ଓ ମୋବାଇଲ ନମ୍ବର ଥାନା ବାହାରେ ପ୍ରଦର୍ଶନ। ବଡ଼ି ୱର୍ନ କ୍ୟାମେରା:--- ଗିରଫ , ଚଢାଉ ଓ ପଚରା ଉଚରା ସମୟରେ ନିରପେକ୍ଷତା ଓ ସ୍ୱଚ୍ଛତା ପାଇଁ ବଡି କ୍ୟାମେରା ବାଧ୍ୟତାମୂଳକ। ଜିଲ୍ଲା ସ୍ତରୀୟ ପୋଲିସ ଅଭିଯୋଗ ପ୍ରାଧିକରଣ: --- ପ୍ରତି ଜିଲ୍ଲାରେ ପୋଲିସ ବିରୁଦ୍ଧରେ ଅଭିଯୋଗର ତଦନ୍ତ ଓ ବିଚାର ନିମନ୍ତେ ସ୍ୱାଧୀନ ପ୍ରାଧିକରଣ କର୍ତ୍ତୃପକ୍ଷ ଗଠନ ଓ ୩୦ ଦିନରେ ନିଷ୍ପତ୍ତି ନେବାର କ୍ଷମତା। ମାସିକ ଥାନା ଜନସମ୍ପର୍କ ସଭା': ---- ବରିଷ୍ଠ ପୋଲିସ ଅଧିକାରୀ ଯଥା ଏସିପି/ ଡିସିପି/ ଏସପି ଙ୍କ ଦ୍ୱାରା ସିଧାସଳଖ ଜନତାଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ। ଜନ ଭାଗିଦାରୀ ଓ କମ୍ୟୁନିଟୀ ପୋଲିସିଂ ଉପରେ ଗୁରୁତ୍ୱ। ହାର୍ଡ କୋର୍ ଅପରାଧୀଙ୍କ ଦମନ କ୍ଷେତ୍ରରେ ନମନୀୟତା ବର୍ଜନ । ଫାଷ୍ଟ ଟ୍ରାକ କୋର୍ଟ ଓ ମାଗଣା ଆଇନ ସହାୟତା: --- ପ୍ରତି ଜିଲ୍ଲାରେ ମହିଳା ଓ ସାଇବର ଅପରାଧ ପାଇଁ ୨ଟି ଫାଷ୍ଟ ଟ୍ରାକ କୋର୍ଟ ଓ ପ୍ରତ୍ୟେକ ଥାନାରେ ଲିଗାଲ ଏଡ୍ ଡେସ୍କ ସ୍ଥାପନ । ପୋଲିସ ବିଭାଗରେ ସଂସ୍କାର -- ପୋଲିସ ବିଭାଗରେ ଖାଲି ଥିବା ସମସ୍ତ ପଦବୀ ପୁରଣ ଓ ପୋଲିସକୁ ନିରପେକ୍ଷ ଭାବେ କାର୍ଯ୍ୟ କରିବାରେ ସ୍ୱାଧୀନତା ଓ ପରିବେଶ ସୃଷ୍ଟି ସହ ପୋଲିସର ଦୈନନ୍ଦିନ କାର୍ଯ୍ୟରେ ରାଜନୈତିକ ହସ୍ତକ୍ଷେପ ବନ୍ଦ କରିବା। କମିଟିର ସଭାପତି ଶ୍ରୀ ସଞ୍ଜୀବ କୁମାର ପଟ୍ଟନାୟକ କହିଲେ ଫ'ପୋଲିସିଂ ଏବେ 'ବଳ' ରୁ 'ସେବା' କୁ ପରିବର୍ତ୍ତନ ହେବା ଦରକାର। ପୋଲିସ ତାର ଆଭିମୁଖ୍ୟରେ ପରିବର୍ତ୍ତନ ଆଣି ଘଟଣା ଘଟିବା ପରେ ନୁହଁ ( ପୋଷ୍ଟ ରିଏକ୍ଟିଭ) ବଦଳରେ ପ୍ରିଭେଣ୍ଟିଭ ପୋଲିସିଂ ଉପରେ ଜୋର ଦେବାର ଆବଶ୍ୟକତା ରହିଛି। ବ୍ରହ୍ମପୁର ଉପରେ ୬୦ ଲକ୍ଷ ଲୋକ ନିର୍ଭର କରୁଥିବାରୁ ଆମକୁ ଆଧୁନିକ ପ୍ରଯୁକ୍ତି ବିଦ୍ୟାରେ ସମ୍ପନ୍ନ ଓ ଜନ ଜବାବଦେହି ଥିବା କମିଶନରେଟ ପୋଲିସ୍ ବ୍ୟବସ୍ଥା ମିଳିବା ଦରକାର ଯାହା ସମଗ୍ର ରାଜ୍ୟ ପାଇଁ ଆଦର୍ଶ ହେ୍ବ। ନ୍ୟାୟରେ ବିଳମ୍ବ ମାନେ ନ୍ୟାୟ ଅସ୍ୱୀକାର। ଏହି ସ୍ମାରକପତ୍ରର ନକଲ ଡିଜିପି ଓଡ଼ିଶା, ଆଇଜିପି ଦକ୍ଷିଣ ରେଞ୍ଜ ଓ ଏସପି ବ୍ରହ୍ମପୁରଙ୍କୁ ମଧ ପଠାଯାଇଛି। କମିଟି ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛି ଯେ ଏଇ ୮-ଦଫା କୁ ବ୍ରହ୍ମପୁରରେ ପରୀକ୍ଷାମୂଳକ ଭାବରେ ପାଇଲଟ୍ ପ୍ରୋଜେକ୍ଟ ଭାବେ ଲାଗୁ କରନ୍ତୁ। ଯାହା ଫଳରେ ଏହା ସମଗ୍ର ରାଜ୍ୟ ପାଇଁ ଆଦର୍ଶ ହେବ ଏବଂ ସାରା ରାଜ୍ୟରେ ଏହାକୁ ଲାଗୁ କରାଯାଇ ପାରିବ।





# ରୋଟାରୀ ହେରିଟେଜ୍ ପକ୍ଷରୁ ବୃକ୍ଷରୋପଣ ଓ ମେଧାପରୀକ୍ଷା



**ବାରିପଦା (ଅମୃତ ମିଡିଆ) :** ରୋଟାରୀ କ୍ଲବ ଅଫ ବାରିପଦା ହେରିଟଜ ତରଫରୁ ଏକ ବୃକ୍ଷରୋପଣ ଓ ମେଧା ପରୀକ୍ଷା କାର୍ଯ୍ୟକ୍ରମ କୁଳିଅଣା ବ୍ଲକ ଅନ୍ତର୍ଗତ ରଙ୍ଗୀଶୋଳ ପଂଚାୟତ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ରୋଟାରୀୟାନ ତରଣୀସେନ ଧଳଙ୍କ ନେତୃତ୍ୱ ଏବଂ ସମ୍ପାଦକ ସଂଜୀବ କୁମାର ଦଣ୍ଡପାଟ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ବିଦ୍ୟାଳୟ ପରିସରରେ ଆମ୍ବ, ପିଜୁଳି, ଲିଚୁ, କରମଙ୍ଗା ଏବଂ ଗୁଆ ଇତ୍ୟାଦି ଚାରା ରୋପଣ ପରେ ଛାତ୍ରୀ ମେଧା ପରୀକ୍ଷା କରାଯାଇଥିଲା। ଉକ୍ତ ପରୀକ୍ଷାରେ ନବମ ଓ ଦଶମ ଶ୍ରେଣୀର ୪୦ଜଣ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ତତ୍ପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ଗିରିଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ସଭାପତି ଓ ସମ୍ପାଦକଙ୍କ ବ୍ୟତୀତ ରୋଟାରୀୟାନ ପ୍ରଦୀପ ନାୟକ, ଅନିରୁଦ୍ଧ ପୃଷ୍ଟି, ନଳିନ ଚୌଧୁରୀ ଓ ଶୈବାଳ ନାୟକ ଉପସ୍ଥିତ ଥିଲେ। ରୋଟାରୀୟାନ ଚିତ୍ତରଞ୍ଜନ ପଲତାଙ୍କ ଅତିଥି ପରିଚୟ ପରେ ଆଇ.ପି.ପି. ବ୍ରହ୍ମାନନ୍ଦ ପ୍ରଧାନ ପିଲାମାନଙ୍କୁ ବୌଦ୍ଧିକ ଜ୍ଞାନ ତଥା ଉତ୍ତମ ଚରିତ୍ର ଗଠନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ରୋଟାରୀୟାନ ସନ୍ତୋଷ କାସ୍ତଙ୍କ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନାରେ କ୍ଲବ ତରଫରୁ ଦଶମ ଶ୍ରେଣୀର ତିନି ଜଣ ଗରୀବ ତଥା ମେଧାବୀ ଛାତ୍ରୀ ଯଥା ବାସନ୍ତୀ ସୋରେନ, ସମବାରୀ ମୁର୍ମୁ ଏବଂ ପ୍ରମିଳା ସିଂଙ୍କୁ ଓଷ୍ଟା ଟେଷ୍ଟପେପର ପ୍ରଦାନ,ମେଧା ପରୀକ୍ଷାରେ ପ୍ରଥମ ହୋଇଥିବା ନବମ ଶ୍ରେଣୀର ଛାତ୍ରୀ ସ୍ୱାତୀ ସାଇସୃତା ବାରିକ,ଦ୍ୱିତୀୟ ବାସନ୍ତୀ ସୋରେନ ଓ ତୃତୀୟ ସୁଶ୍ରୀ ପ୍ରିୟଙ୍କା ମହାନ୍ତଙ୍କୁ ଟ୍ରଫି ଏବଂ କ୍ଲବ ସଭାପତି ଶ୍ରୀ ଧଳଙ୍କ ତରଫରୁ ୨ଟି ସିଲିଂ ଫ୍ୟାନ ବିଦ୍ୟାଳୟକୁ ପ୍ରଦାନ କରାଯିବା ସଙ୍ଗେ ସଙ୍ଗେ ପ୍ରଧାନଶିକ୍ଷକଙ୍କୁ ମଧ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ବିଦ୍ୟାଳୟର ଶିକ୍ଷକ ଜଗବନ୍ଧୁ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶାନ୍ତନୁ ସେନାପତି, ଶିକ୍ଷୟିତ୍ରୀ ହରିପ୍ରିୟା ଗିରି, ସୁନିତା ଆଚାର୍ଯ୍ୟ, ସସ୍ମିତା ମହାନ୍ତ, କର୍ମଚାରୀ ସନ୍ତୋଷ ମହାନ୍ତ ଓ ବନମାଳୀ ମୁର୍ମୁ ସହଯୋଗ କରିଥିଲେ।

# 'ହର ଘର୍ ତ୍ରିରଙ୍ଗା' ଅଭିଯାନ ଅବସରରେ ବିଶାଳ ତ୍ରିରଙ୍ଗା ରାଲି

## 'ବନ୍ଦେ ମାତରମ୍' ଓ 'ଜୟ ହିନ୍ଦ' ନାରାରେ ଦୁଲୁକିଲା ସହର



**ଜୟପୁର (ଅମୃତ ମିଡିଆ) :** ଆସନ୍ତା ସ୍ୱାଧୀନତା ଦିବସ ପୂର୍ବରୁ ଦେଶବ୍ୟାପୀ ଚାଲିଥିବା 'ହର ଘର ତ୍ରିରଙ୍ଗା-୨୦୨୬' ଅଭିଯାନର ଅଂଶସ୍ୱରୂପ କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଗୁରୁବାର ସକାଳ ୯ଟାରେ ଜୟପୁରରେ ଏକ ବିଶାଳ ଉପଖଣ୍ଡସ୍ତରୀୟ ତ୍ରିରଙ୍ଗା ରାଲି ଅନୁଷ୍ଠିତ ହୋଇଯାଇଛି। ଜୟପୁର ରାଜା ନହର ଠାରୁ ଏହି ଶୋଭାଯାତ୍ରା ବାହାରି ମୁଖ୍ୟ ରାସ୍ତା ଦେଇ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ରେ ପହଁଚିଥିଲା। ଏହି ଅବସରରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ରଘୁରାମ ମାଛ, ଜିଲ୍ଲାପାଳ ମନୋଜ ସତ୍ୟବ୍ରାନ ମହାଜନ, ଜୟପୁର ପୌରପାଳିକା ଅଧକ୍ଷ ନରେନ୍ଦ୍ର ମହାନ୍ତି, ଉପାଧକ୍ଷା ବି. ସୁନିତା, ସୁନାବେଢ଼ା ପୌରପାଳିକା ଅଧକ ରାଜେନ୍ଦ୍ର କୁମାର ପାତ୍ରଙ୍କ ସମେତ ଜୟପୁର ପୌରପାଳିକାର ସମସ୍ତ କାଉନସିଲର ଓ ୱାର୍ଡ ସଦସ୍ୟମାନେ ଯୋଗଦେଇଥିଲେ। ରାଜନଗର ଛକଠାରୁ ଆରମ୍ଭ ହୋଇଥିବା ଏହି ତ୍ରିରଙ୍ଗା ରାଲି ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ପଡ଼ିଆଠାରେ ଶେଷ ହୋଇଥିଲା। ରାଲି ଆରମ୍ଭ ପୂର୍ବରୁ ସମବେତ ଭାବେ 'ବନ୍ଦେ ମାତରମ୍' ଗାନ କରାଯାଇଥିବା ବେଳେ ରାଲି ଶେଷରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ତ୍ରିରଙ୍ଗା ପ୍ରତି ସମ୍ମାନ, ଦେଶପ୍ରେମ ଓ ଜାତୀୟ ଏକତାର ବାର୍ତ୍ତା ପ୍ରଚାର କରିବା ଏହି ରାଲିର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ରାଲି ସମୟରେ ସମଗ୍ର ଜୟପୁର ସହର ଦେଶଭକ୍ତିମୟ ସ୍ଲୋଗାନ, 'ବନ୍ଦେ ମାତରମ୍' ଓ 'ଜୟ ହିନ୍ଦ' ଧ୍ୱନିରେ ଗୁଞ୍ଜରିତ ହୋଇଉଠିଥିଲା। ଏହି ରାଲିରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, କୋରାପୁଟ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, ଜୟପୁର ଉପଜିଲ୍ଲାପାଳ ଯଦୁମଣି ନାୟକ, ଜୟପୁର ପିଏଆଇଟିଡିଏ ତୃପ୍ତି ବରାଇ, ଜୟପୁର ତହସିଲଦାର ସବ୍ୟସାଚୀ ଜେନା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶକ୍ତି ମହାପାତ୍ର, ଆସିଷ୍ଟାଣ୍ଟ କଲେକ୍ଟର ଅମୃତ ପାଢ଼ୀ, ଜୟପୁର ପୌରପାଳିକା ନିର୍ବାହୀ ଅଧିକାରୀ ପୂଜା ରାଉତ, ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରୀତିସୁଧା ଜେନା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଯଶୋଦା ଗାଦବା ଏବଂ ସୁଶ୍ରୀ ରାଧା ରାଣୀ ସରକାରଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଓ ଉପଖଣ୍ଡସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ଏହାବ୍ୟତୀତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ପ୍ରମୁଖ ଏବଂ ବହୁ ସଂଖ୍ୟାରେ ସାଧାରଣ ଜନତା ଉତ୍ସାହର ସହ ଏହି ତ୍ରିରଙ୍ଗା ଶୋଭାଯାତ୍ରା ରେ ସାମିଲ ହୋଇଥିଲେ।

# ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ...

### ଝୁଲିଲା...

ନେଇ ସମ୍ମତି ଦେବା ପରେ ଖଣ୍ଡପୀଠ କଡ଼ା ଆଭିମୁଖ୍ୟ ପୋଷଣ କରିଥିଲେ। ଡିଜିପି ନିଯୁକ୍ତିରେ କୌଣସି ପ୍ରକାରର ବ୍ୟାକଡୋର ଏଣ୍ଟ୍ରି ଗ୍ରହଣଯୋଗ୍ୟ ନୁହେଁ। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ୟୁପିଏସସି ନିଜର ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବ ନାହିଁ ବୋଲି କହିଛି। ଖଣ୍ଡପୀଠଙ୍କ ଆଦେଶ ଅନୁରୂପ ଆସନ୍ତା ଅଗଷ୍ଟ ୧୮ ତାରିଖର ଶୁଣାଣି ପୂର୍ବରୁ କୌଣସି ଚୂଡ଼ାନ୍ତ ବୈଠକ କରାଯିବ ନାହିଁ ବୋଲି ୟୁପିଏସସି ପ୍ରତିଶ୍ରୁତି ଦେଇଛନ୍ତି।

### ଅବପାତରେ...

ଓଡ଼ିଶାରେ ମୂଷଳ ଧାରାରେ ବର୍ଷା ହେଉଛି। ଆଗାମୀ ୨୪ ଘଣ୍ଟାରେ ସୁନ୍ଦରଗଡ଼ ଏବଂ କେନ୍ଦୁଝର ଜିଲ୍ଲାର କିଛି ସ୍ଥାନରେ ଅତି ପ୍ରବଳରୁ ଅତ୍ୟନ୍ତ ପ୍ରବଳ ବର୍ଷା ହେବ। ଏହି ଦୁଇ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରିଛି ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର। ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ଯୋଗୁଁ ଫ୍ଲାସ୍ ଫ୍ଲଡ୍, ଲୋ ଭିଜିବିଲିଟି ରହିବ। ଲୋକେ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ଓଗଉ ଭୁବନେଶ୍ୱର ନିର୍ଦ୍ଦେଶିକା ଡଃ ମନୋରମା ମହାନ୍ତି। ଏହାଛଡା ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୋଳ, ଢେଙ୍କାନାଳ, ଭଦ୍ରକ, ଯାଜପୁରରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି ବିଭାଗ। ୧୩ ଏବଂ ୧୪ ଅଗଷ୍ଟ ଦୁଇ ଦିନ ଓଡ଼ିଶା ଉପକୂଳରେ ପବନର ବେଗ ୪୫ ରୁ ୫୫ କିଲୋମିଟର ରହିବା ସହ ୬୫ କିଲୋମିଟର ପର୍ଯ୍ୟନ୍ତ ବଢ଼ିପାରେ। ସମୁଦ୍ର ଅଶାନ୍ତ ରହିବ। ତେଣୁ ଏହି ଦୁଇ ଦିନ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ନ ଯିବାକୁ ପରାମର୍ଶ ଦେଇଛନ୍ତି।

### ପାଣି ...

ଯୋଗାଯୋଗରେ ଅଛନ୍ତି। ଭବିଷ୍ୟତରେ ବନ୍ୟା ପରିସ୍ଥିତିର ସ୍ଥାୟୀ ପ୍ରତିକାର ପାଇଁ ସରକାର ବଡ଼ ଯୋଜନା ପ୍ରସ୍ତୁତ କରୁଛନ୍ତି ବୋଲି ମନ୍ତ୍ରୀ ସୁରେଶ ପୂଜାରୀ ପ୍ରକାଶ କରିଛନ୍ତି । ବିପର୍ଯ୍ୟୟ ପରିଚାଳନା ବିଭାଗର ଅଧିକାରୀମାନେ ଗୋଆ ଓ କେରଳ ଯାଇ ସେଠାକାର ଜଳ ନିଷ୍କାସନ ପ୍ରଣାଳୀ ଅନୁଧ୍ୟାନ କରି ଆସିଛନ୍ତି ଏବଂ ଏନେଇ କିଛି ସଂସ୍ଥାକୁ ଦାୟିତ୍ୱ ମଧ ଦିଆଯାଇଛି । ଆଗାମୀ ଦିନରେ ଯାଜପୁର, ବାଲେଶ୍ୱର ଏବଂ ଭଦ୍ରକ ଭଳି ଜିଲ୍ଲା ଦେଇ ପ୍ରବାହିତ ହେଉଥିବା ନଦୀଗୁଡ଼ିକରେ ଡ୍ରେଜିଂ କରାଯିବ।ଏହାଦ୍ୱାରା ପାଣି ସଫଳ ଭାବେ ନିଷ୍କାସନ ହୋଇପାରିବ ଏବଂ ଭବିଷ୍ୟତରେ ବନ୍ୟା ପରିସ୍ଥିତିରୁ ରକ୍ଷା ମିଳିବ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି ।

### କୋମାରେ...

ଅଧିକାରୀ ବିଦେଶ ଓ ଦେଶର ବିଭିନ୍ନ ସ୍ଥାନକୁ ଉଦ୍ୟାନକୃଷି ସମ୍ପର୍କିତ ଏକ୍ସପୋଜର ଟୁରରେ ଯାଉଛନ୍ତି। କିନ୍ତୁ ସେଠାରୁ ଫେରିବା ପରେ ବିଭାଗକୁ କୌଣସି ରିପୋର୍ଟ ଦେଉନାହାନ୍ତି। ଏହି ଘଟଣାକୁ ନେଇ ବିରକ୍ତି ପ୍ରକାଶ କରି ସେ କହିଛନ୍ତି,ସରକାରଙ୍କୁ ଅନ୍ଧାରରେ ରଖନ୍ତୁ ନାହିଁ। ଯେଉଁ କାମ ପାଇଁ ଯାଉଛନ୍ତି, ତାର ସମ୍ପୂର୍ଣ୍ଣ ରିପୋର୍ଟ ପ୍ରଦାନ କରନ୍ତୁ। ଉପମୁଖ୍ୟମନ୍ତ୍ରୀଙ୍କ କଡ଼ା ତାଗିଦ୍ ପରେ ଏହି ଶୀତଳ ଭଣ୍ଡାରଗୁଡ଼ିକର ନିର୍ମାଣ କାମ କେବେ ଆରମ୍ଭ ହେବ ଓ ଚାଷୀମାନେ କେବେ ଏହାର ସୁବିଧା ପାଇବେ, ତାହା ଏବେ ଦେଖିବାକୁ ବାକି ରହିଲା।

### ଓଏଏସ୍ ...

କୋର୍ଟରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ବରଗଡ଼ର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ମାମଲାର ଶୁଣାଣି ଚାଲିଥିବା ବେଳେ ଆଜି ଆସିଛି ରାୟ। ଦୋଷୀ ସାବ୍ୟସ୍ତ ହୋଇ ୩ ବର୍ଷ ସଶ୍ରମ କାରାଦଣ୍ଡାଦେଶ ପାଇଥିବା ଓଏଏସ୍ ଅଫିସର ଗୋବିନ୍ଦ ଦଣ୍ଡସେନାଙ୍କୁ ଚାକିରିରୁ ବହିଷ୍କାର କରିବା ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ସୁପାରିଶ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

### ଲ୍ୟାମ୍ପ ...

ଭିନ୍ନ କଥା କହୁଛନ୍ତି, ତେଣୁ କାହାକୁ ଭରସା କରିବେ ସେନେଇ ଦ୍ୱନ୍ଦ୍ୱ ରହିଛି। କୃଷକ ସଂଗଠନ ପ୍ରଶ୍ନ କରିଛି, ଯଦି କ୍ୟାବିନେଟ୍‌ରେ ଏନେଇ ନିଷ୍ପତ୍ତି ହୋଇଛି, ତେବେ ସରକାର ଲିଖିତ ଭାବେ ସ୍ପଷ୍ଟ କାହିଁକି କରୁନାହାନ୍ତି ଆନ୍ଦୋଳନ ସହିତ ପଞ୍ଜୀକରଣ ପ୍ରକ୍ରିୟାରେ ମଧ ଗୁରୁତର ସମସ୍ୟା ଦେଖାଦେଇଛି। ଚାଷୀମାନଙ୍କ ଅଭିଯୋଗ, ଏଗ୍ରିଷ୍ଟେକ୍ ସାଇଟ୍ ଅତ୍ୟନ୍ତ ସ୍ଲୋ ଚାଲୁଥିବାରୁ ପଞ୍ଜୀକରଣ କଚ୍ଛପ ଗତିରେ ହେଉଛି। ଚାଉଁରପୁର ପ୍ୟାକ୍ସ ଅଧୀନରେ ୯୦୦ରୁ ଅଧିକ ଚାଷୀ ଥିବା ବେଳେ ଏପର୍ଯ୍ୟନ୍ତ ମାତ୍ର ୫୦ ଜଣଙ୍କ ପଞ୍ଜୀକରଣ ହୋଇପାରିଛି। ଏହି ଗତି ଜାରି ରହିଲେ ଅଗଷ୍ଟ ୩୧ ସୁଦ୍ଧା ସମସ୍ତ ଚାଷୀଙ୍କ ପଞ୍ଜୀକରଣ ସମ୍ପୂର୍ଣ୍ଣ ହେବ କି ନାହିଁ ସେନେଇ ଆଶଙ୍କା ବଢ଼ିଛି। ଚାଉଁରପୁର ସେବା ସମବାୟ ସମିତିର ସଭାପତି ମଧ ସାଇଟ୍‌ର ଧୀର ଗତିକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ଏଭଳି ପରିସ୍ଥିତି ଜାରି ରହିଲେ ଚାଷୀମାନେ ସମୟ ସୀମା ମଧରେ ପଞ୍ଜୀକରଣ କରାଇପାରିବେ ନାହିଁ। ଏଗ୍ରିଷ୍ଟେକ୍‌କୁ ନେଇ ଚାଷୀଙ୍କ ଅସନ୍ତୋଷ, ପ୍ୟାକ୍ସ ବନ୍ଦ ଓ ପଞ୍ଜୀକରଣ ଠପ୍ ହେବା ପରେ ଖରିଫ ଧାନ କ୍ରୟ ପ୍ରକ୍ରିୟା ଉପରେ ମଧ ପ୍ରଶ୍ନଚିହ୍ନ ଦେଖାଦେଇଛି। ଏବେ ଚାଷୀମାନେ ସରକାରଙ୍କ ସ୍ପଷ୍ଟ ଲିଖିତ ଆଶ୍ୱାସନକୁ ଅପେକ୍ଷା କରିଥିବା ବେଳେ ପଶ୍ଚିମ ଓଡ଼ିଶାରେ ଆନ୍ଦୋଳନ ଆହୁରି ତୀବ୍ର ହେବାର ସମ୍ଭାବନା ଦେଖାଦେଇଛି।

# ଜୟପୁର ସାହିତ୍ୟ ପରିଷଦର ନୂତନ ସ୍ଥାୟୀ ସମିତି

## ସୁସ୍ଥ ପରିବେଶ ସୃଷ୍ଟି ସହ ନୂତନ ଲେଖକ-ପାଠକ ସୃଷ୍ଟି ଉପରେ ଗୁରୁତ୍ୱ



ଜୟପୁର (ଅମୃତ ମିଡିଆ) : ଅବିଭକ୍ତ କୋରାପୁଟ ଜିଲ୍ଲାର ସର୍ବପୁରାତନ ତଥା ଦୀର୍ଘଦିନ ଧରି ସାରସ୍ୱତ ସାଧକମାନଙ୍କର ପେଣ୍ଠସ୍ଥଳୀ ଭାବେ ପରିଚିତ 'ଜୟପୁର ସାହିତ୍ୟ ପରିଷଦ'ର ନୂତନ ସ୍ଥାୟୀ ସମିତି ବ୍ୟାଙ୍କ କଲୋନୀସ୍ଥିତ କମ୍ୟୁନିଟି ହଲ୍‌ଠାରେ ଏକ ସୌହାର୍ଦ୍ଧପୂର୍ଣ୍ଣ ଓ ଗଣତାନ୍ତ୍ରିକ ପରିବେଶରେ ଗଠିତ ହୋଇଛି। ନିର୍ବାଚନ ଅଧିକାରୀ ନରସିଂହ ପାଣିଗ୍ରାହୀ ଓ ତେଜେଶ୍ୱର ପଣ୍ଡା ନିର୍ବାଚନ ପ୍ରକ୍ରିୟା ପରିଚାଳନା କରିଥିବା ବେଳେ ବରିଷ୍ଠ ସାହିତ୍ୟିକ ନଳିନୀ ରଞ୍ଜନ ମିଶ୍ର ନିର୍ବାଚନ ଫଳାଫଳ ଘୋଷଣା କରିଥିଲେ। ନୂତନ କାର୍ଯ୍ୟକାରିଣୀ ସମିତିର ସଭାପତି ଭାବେ ଶ୍ରୀନାଥ ମିଶ୍ର, ଉପସଭାପତି ଭାବେ ତେଜେଶ୍ୱର ପଣ୍ଡା, ସମ୍ପାଦକ ଭାବେ ନବକୃଷ୍ଣ ରଥ, ସହ-ସମ୍ପାଦକ ଭାବେ କୃଷ୍ଣଚନ୍ଦ୍ର ହୋତା ଓ ରାଜେନ୍ଦ୍ର ଗୌଡ଼ ଏବଂ କୋଷାଧକ୍ଷ ଭାବେ ପ୍ରଦୀପ ସାହୁ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରିଣୀ ସଦସ୍ୟ ଭାବେ କୃଷ୍ଣଚନ୍ଦ୍ର ନିଶଙ୍କ, ମଧୁସୂଦନ ମିଶ୍ର, ଉମେଶ ସାମନ୍ତରାୟ, ପ୍ରମୋଦ କୁମାର ରାଉଳ, ପରେଶ ରଥ, ସୁଧାଂଶୁ ଶେଖର ପଟ୍ଟନାୟକ, ଅବିନାଶ ସାନ୍ତ୍ରା ପାତ୍ର, ରାମ ପ୍ରସାଦ ପଣ୍ଡା, ଗଙ୍ଗାଧର ନାୟକ, ଜାନକୀ ପାଣିଗ୍ରାହୀ ଓ ସନ୍ଧ୍ୟା ରାଣୀ ସାହୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେହିପରି ଉପଦେଷ୍ଟା ମଣ୍ଡଳୀରେ ବରିଷ୍ଠ ସାହିତ୍ୟିକ ନଳିନୀ ରଞ୍ଜନ ମିଶ୍ର, ନରସିଂହ ପାଣିଗ୍ରାହୀ ଓ ଲକ୍ଷ୍ମୀକାନ୍ତ ପାଢ଼ୀଙ୍କୁ ସାମିଲ କରାଯାଇଛି। ବୈଠକରେ ନିରଞ୍ଜନ ପାଣିଗ୍ରାହୀ, ବିଜୟା ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ହୋତା, ସୁଧାଂଶୁ ଶେଖର ପଟ୍ଟନାୟକଙ୍କ ସମେତ ଅନ୍ୟ ସଦସ୍ୟମାନେ ଜୟପୁର ସାହିତ୍ୟ ସମାଜର ଗୌରବମୟ ଐତିହ୍ୟ, ଅବିଭକ୍ତ କୋରାପୁଟ ଜିଲ୍ଲାର ସାହିତ୍ୟିକ ଓ ସାଂସ୍କୃତିକ ଜୀବନରେ ଏହି ଅନୁଷ୍ଠାନର ଦଶନ୍ଧି ଦଶନ୍ଧିର ଅବଦାନ ଏବଂ ଏହାକୁ ସାରସ୍ୱତ ସାଧକମାନଙ୍କର ଏକ ପ୍ରମୁଖ ପେଣ୍ଠସ୍ଥଳୀ ଭାବେ ଗଢ଼ି ତୋଳିବାରେ ପୂର୍ବସୂରୀମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ନୂତନ କାର୍ଯ୍ୟକାରିଣୀ ସମାଜକୁ ଆହୁରି କ୍ରିୟାଶୀଳ, ବ୍ୟାପକ ଓ ସମୟୋପଯୋଗୀ କରିବା ସହ ନୂତନ ପିଢ଼ିର ଲେଖକ, କବି ଓ ପାଠକ ସୃଷ୍ଟି, ନିୟମିତ ସାହିତ୍ୟିକ କାର୍ଯ୍ୟକ୍ରମ, ଆଲୋଚନାଚକ୍ର ଓ ସାରସ୍ୱତ ପରିବେଶକୁ ଅଧିକ ସମୃଦ୍ଧ କରିବା ଦିଗରେ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରିଛି। ସଭାପତି ଶ୍ରୀନାଥ ମିଶ୍ର ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଜୟପୁର ସାହିତ୍ୟ ସମାଜର ଗୌରବମୟ ପରମ୍ପରାକୁ ଅକ୍ଷୁଣ୍ଣ ରଖି ଏକ ସୁସ୍ଥ, ନିରପେକ୍ଷ ଓ ସୃଜନଶୀଳ ସାହିତ୍ୟିକ ପରିବେଶ ଗଢ଼ି ତୋଳିବା ଆଜିର ମୁଖ୍ୟ ଆବଶ୍ୟକତା। ବ୍ୟକ୍ତିଗତ ସ୍ୱାର୍ଥ, ମତଭେଦ ଓ ସଂକୀର୍ଣ୍ଣତାକୁ ଭୁଲି ଏକ ବୃହତ୍ତର ସାରସ୍ୱତ ଉଦ୍ଦେଶ୍ୟ ପାଇଁ ସମସ୍ତେ ଏକତ୍ରିତ ହୋଇ କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଶେଷରେ ନବନିର୍ବାଚିତ ସମ୍ପାଦକ ନବକୃଷ୍ଣ ରଥ ଉପସ୍ଥିତ ସମସ୍ତ ସାହିତ୍ୟିକ, ସଦସ୍ୟ ଓ ଶୁଭେଚ୍ଛୁମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଜୟପୁର ସାହିତ୍ୟ ପରିଷଦ ର ଏହି ନୂତନ ଅଧ୍ୟାୟ ଅବିଭକ୍ତ କୋରାପୁଟର ସାରସ୍ୱତ ପରମ୍ପରାକୁ ଆହୁରି ସମୃଦ୍ଧ, ସଜୀବ ଓ ଗତିଶୀଳ କରିବ ବୋଲି ସାହିତ୍ୟପ୍ରେମୀ ମହଲରେ ଆଶା ପ୍ରକାଶ ପାଇଛି।

# ବସ୍ତି ଉଚ୍ଛେଦକୁ ବସ୍ତି ବାସିନ୍ଦା ମିଳିତ ମଞ୍ଚର ନିନ୍ଦା



**କଟକ (ବ୍ୟୁରୋ) :** ରାଜ୍ୟରେ ଡବଲ ଇଞ୍ଜିନ ସରକାର ହେବା ଦିନରୁ ଗରିବ ଲୋକଙ୍କୁ ତ୍ରାହି ନାହିଁ। ସରକାରରେ ଦୁଇ ବର୍ଷ ରହିବା ଭିତରେ ବସ୍ତି ବାସିନ୍ଦାଙ୍କ ଥଇଥାନ ଓ ଗରିବ ଲୋକଙ୍କ ସମସ୍ୟା ବୁଝିବା ଦୂରର କଥା କେବଳ ରାଜ୍ୟର ବିଭିନ୍ନ ସ୍ଥାନରେ ବସ୍ତି ବାସିନ୍ଦାଙ୍କୁ ଉଚ୍ଛେଦ କରି ଚାଲଛନ୍ତି। ଗତକାଲି ଭୁବେଶ୍ୱରରେ ଓ ଆଜି ଢେଙ୍କାନାଳରେ ସହ ସହ ପରିବାର ଗୁଡିକୁ ଉଚ୍ଛେଦ କରି ରାସ୍ତା କଡ଼ରେ ପକେଇ ଦିଆଯାଇଛି। ଶିଶୁ, ବୃଦ୍ଧ, ବୃଦ୍ଧା ଓ ମହିଳାମାନଙ୍କ କ୍ରନ୍ଦନ ରୋଳରେ ସେ ଅଞ୍ଚଳ ଫାଟିପଡୁଛି। ମନେ ହେଉଛି ସତେ ଯେମିତି ମାନବିକତା ହଜିଯାଇଛି। ସରକାର ଓ ପ୍ରଶାସନର ଏହି ପ୍ରକାର ନିଷ୍ଠୁରତକୁ ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚର ଆବାହକ ଖଗେଶ୍ୱର ସେଠୀ ତୀବ୍ର ଭର୍ତ୍ସନା କରିଛନ୍ତି। ପୂର୍ବ ସରକାର ସମୟରେ କିଛି ବସ୍ତିରେ ସ୍ୱଳ୍ପ ସଂଖ୍ୟକ ଲୋକଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ଦେଇଥିଲେ। ଅଧିକାଂଶ ବସ୍ତି ବାସିନ୍ଦା ଏଲ୍‌ଆର୍‌ସି ପାଇନଥିଲେ। ସମସ୍ତଙ୍କୁ ଦିଆଯିବ ସରକାର ବୋଲି କୁହାଯାଇଥିଲା। ଇତି ମଧ୍ୟରେ ସାକାର ବଦଳି ଯାଇଥିଲା। ନୂଆ ସରକାର ଆସିବା ଦିନରୁ ଏଲ୍ ଆର୍ ସି ଦେବା ବନ୍ଦ କରିଛନ୍ତି ଏବଂ ଜାଗା ମିଶନ ସଂପୂର୍ଣ୍ଣ ବନ୍ଦ କରିଛନ୍ତି। ବର୍ତ୍ତମାନ ସରକାର ଓ ପ୍ରଶାସନ ଯେଉଁ ମାନଙ୍କ ପାଖରେ ଏଲ୍ ଆର୍ ସି ନାହିଁ ସେହି ମାନଙ୍କୁ ଉଚ୍ଛେଦ କରୁଛୁ ବୋଲି ବିବୃତି ଦେଇ ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି। ସରକାରଙ୍କ ଏହି ପ୍ରକାର ଗରିବ ବିରୋଧୀ କୁଚକ୍ରି ଆଭିମୁଖ୍ୟକୁ ଶ୍ରୀ ସେଠୀ ଦୃଢ଼ ନିନ୍ଦା କରିଛନ୍ତି।

# ସତ୍ୟନାରାୟଣ ପାଲା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ



**ଟାଙ୍ଗୀ-ଚୌଦ୍ୱାର (ଅମୃତ ମିଡ଼ିଆ) :** ପ୍ରତିବର୍ଷ ଭଳି ଚଳିତ ବର୍ଷ ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୫ନଂ. ୱାର୍ଡ଼ ସ୍ଥିତ ବଡ଼ବଜାର ସତ୍ୟନାରାୟଣ ପାଲାମଣ୍ଡପରେ ୧୫ଦିନ ବ୍ୟାପୀ ପାଲା ମହୋତ୍ସବ ଆୟୋଜିତ ହେବାକୁ ଯାଉଛି। ଏ ନେଇ ଚୌଦ୍ୱାର ସତ୍ୟନାରାୟଣ ପାଲା ସମିତିର ସଭାପତି ମନୋଜ କୁମାର ନାୟକଙ୍କ ପୌରୋହିତ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଶ୍ରୀ ସତ୍ୟନାରାୟଣ ପାଲା ସମିତି ଆନୁକୂଲ୍ୟରେ ଆୟୋଜିତ ଏହି ପାଲା ମହୋତ୍ସବରେ ଓଡ଼ିଶାର ୫ଜଣ ସୁନାମଧନ୍ୟ ପାଲାଗାୟକଙ୍କ ଦ୍ୱାରା ପାଲା ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଅଛି। ଏହି ପାଲାମହୋତ୍ସବ ଦେଖିବା ପାଇଁ ସହସ୍ର ଶ୍ରଦ୍ଧାଳୁ ଉପସ୍ଥିତ ହେଉଥିବା ବେଳେ ଏହା ଚୌଦ୍ୱାରର ପ୍ରାଚୀନ ପରମ୍ପରାକୁ ବଜାୟ ରଖିଆସିଛି । ସମିତିର ସମ୍ପାଦକ ମଙ୍ଗରାଜ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କିଶୋରୀ କଙ୍କର ଜେନା, ହରେକୃଷ୍ଣ ସାହୁ, ହରିହର ସାହୁ, ବିଚିତ୍ରାନନ୍ଦ ସାହୁ, ଲକ୍ଷ୍ମୀନାରାୟଣ ସାହୁ, ଅଶୋକ ବେହେରା, ରବିନାରାୟଣ ସାହୁ, ମୁରଲୀ ବେହେରା, ମଧୁ ନାୟକ, ପ୍ରଭାସ ଚୌଧୁରୀ, ଦାଶରଥୀ ବେଉରା ଓ ହରେକୃଷ୍ଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସମିତିର କୋଷାଧକ୍ଷ ତଥା ୪ନଂ. ୱାର୍ଡ଼ କାଉନ୍‌ସିଲର ଅଜୟ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ଏହି ପାଲା ଶ୍ରବଣ କରି ପ୍ରଭୁ କୃପା ଲାଭ କରିବାକୁ ସମିତି ତରଫରୁ ଚୌଦ୍ୱାରବାସୀଙ୍କୁ ଅନୁରୋଧ କରାଯାଇଛି।

# ଖସିଲା ସିଲିଙ୍ଗ, ଲକ୍ଷାଧିକ ଟଙ୍କାର କମ୍ପ୍ୟୁଟର ନଷ୍ଟ



**ଜୟପୁର (ଅମୃତ ମିଡିଆ) :** ଜୟପୁର ଏମଜି ରୋଡରେ ଥିବା ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଖସିଲା ସିଲିଙ୍ଗ। ବର୍ଷାରେ ଭିଜି ଭିଜିଥିବା ବେଳେ ପ୍ରତିଷ୍ଠାନରେ ଥିବା ଆଇସିଟି ଲ୍ୟାବୋରେଟରି ଓ ଷ୍ଟୁଡିଓ ରୁମ ନଷ୍ଟ ହୋଇଛି। ସୌଭାଗ୍ୟବସତଃ ରାତ୍ର ସମୟରେ ହୋଇଥିବାରୁ କୈାଣସି ଛାତ୍ରଛାତ୍ରୀଙ୍କ କିଛି କ୍ଷତି ହୋଇନାହିଁ। କିନ୍ତୁ ଲ୍ୟାବେରେଟରିର ୨୫ଟି କମ୍ପୁଟର, ପ୍ରିଣ୍ଟର, ଚେୟାର, ଟେବୁଲ, ଫ୍ୟାନ ଆଦି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଛାତରୁ ପାଣି ଆସି ସିଲିଙ୍ଗ ନଷ୍ଟ ହୋଇ ଖସି ଯାଇଥିବା ପ୍ରତିଷ୍ଠାନ ତରଫରୁ ସୂଚନା ଦିଆଯାଇଛି। ଏହି ଘଟଣା ଦିନ ସମୟରେ ହୋଇଥିଲେ ଛାତ୍ରଛାତ୍ରୀଙ୍କ ଉପରେ ବଡ ଦୁର୍ଘଟଣା ଘଟିଥାନ୍ତା ବୋଲି ଜଣାଯାଇଛି। ଏହା ଦ୍ୱାରା ନେଟ କନେକ ସନ ପୁରା କରିଯାଇଛି। ଫଳରେ ଛାତ୍ର ଛାତ୍ରୀ ମାନେ କମ୍ପୁଟର କ୍ଲାସ ହେବା ଆଶଙ୍କା ଦେଖାଯାଇଛି। ଏହା ସହ ଷ୍ଟୁଡିଓରେ ରେକଂଡି ଡୋକୁମେଣ୍ଟଆଦି ମଧ ହୋଇପାରିବନାହିଁ। ଛାତ୍ରୀଛାତ୍ରୀ କିପରି ପ୍ରଶିକ୍ଷଣ ନେବେ ସେ ନେଇ ପ୍ରତିଷ୍ଠାନର ଅଧିକାରୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ପ୍ରତିଷ୍ଠାନଟି ବହୁ ପୁରଣା ହୋଇଥିବା ବେଳେ ଏଠାରେ ୨ଶହ ଛାତ୍ରଛାତ୍ର ପ୍ରଶିକ୍ଷଣ ନେଉଛନ୍ତି। ଫଳରେ ଛାତ୍ରଛାତ୍ରୀମାନେ କିପରି ପ୍ରଶିକ୍ଷଣ ନେବେ ସେ ନେଇ ଆଶଙ୍କା ଦେଖାଦେଇଛି। କମ୍ପ୍ୟୁଟର ଶିକ୍ଷା ପାଇପାରିବେ ନାହିଁ, କର୍ମଚାରୀ ମଧ କମ୍ପ୍ୟୁଟରରେ କାଯ୍ୟ କରିପାରିବେ ନାହିଁ। ଜିଲାର ବିଭିନ୍ନ ସୂଚନା, ତଥ୍ୟ ପାଇ କମ୍ପ୍ୟୁଟର ଲ୍ୟାବର ନିହାତି ଆବଶ୍ୟକ ରହିଛି। ଏହାକୁ ତରନ୍ତ ପଦକ୍ଷେପ ନେବା ପାଇ ଦାବି ହୋଇଛି।

# କିରାଣିଙ୍କ କବ୍‌ଜାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ବଦଳି କେବଳ ପ୍ରହସନ

**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** ପୂର୍ବତନ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ବଦଳି କରିଥିବା ବରିଷ୍ଠ କିରାଣି ସୁକାନ୍ତ କୁମାର ଜେନାଙ୍କୁ ବଦଳିର ଛଅମାସ ନପୁରୁଣୁ ପୁର୍ନବାର କର୍ତ୍ତୃପକ୍ଷ ଜିଲ୍ଲା ମୁଖ୍ୟାଳୟକୁ ଫେରାଇ ଆଣିବା ଘଟଣା ସାଧାରଣରେ ଚର୍ଚ୍ଚା ହେଉଛି। ସୂଚନା ଅନୁଯାୟି ବରିଷ୍ଠ କିରାଣି ସୁକାନ୍ତ କୁମାର ଜେନା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ରାଜସ୍ୱ ଉପବିଭାଗରେ ୨୦୧୧ ଜୁଲାଇ ୧ତାରିଖରେ କନିଷ୍ଠ ରାଜସ୍ୱ ସହାୟକ ଭବେ ଚାକିରୀରେ ଯୋଗଦେଇଥିଲେ। ସେହି ସମାନ ସ୍ଥାନରେ ୨୦୨୧ ଜୁନ୍ ୧୭ରେ ଶ୍ରୀ ଜେନାଙ୍କୁ ବରିଷ୍ଠ ରାଜସ୍ୱ ସହାୟକ ଭାବେ ପଦୋନ୍ନତି ମିଳିଲା। କିନ୍ତୁ ଦୀର୍ଘ ବର୍ଷ ଧରି ଗୋଟିଏ ଯାଗାରେ ରହିଥିବା ବେଳେ ତାଙ୍କୁ ପଦୋନ୍ନତି ଦିଆଗଲା ମାତ୍ର ବଦଳି ତ ଦୂରର କଥା ସେକ୍ସନ ବି ବଦଳିଲା ନାହିଁ।ସେହି ସମାନ ଯାଗାରେ ଦୀର୍ଘ ୧୫ବର୍ଷ ଧରି ଗାଦି ମାଡ଼ି ବସିଛନ୍ତି ବରିଷ୍ଠ କିରାଣି ସୁକାନ୍ତ ଜେନା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବଦଳି ନାଁରେ ଚାଲିଥିବା ଏଭଳି ପ୍ରହସନକୁ ପଦାରେ ପକାଇଦେଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟବସ୍ଥାର ସୁପରିଚାଳନା ତଥା ୩ବର୍ଷରୁ ଉର୍ଦ୍ଧ୍ୱ ଗୋଟିଏ ସ୍ଥାନରେ ରହିଥିବା କର୍ମଚାରୀଙ୍କୁ ବଦଳି ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବାକୁ ନିର୍ଦ୍ଦେଶ ରହିଥିବା ସତ୍ତ୍ୱେ ସମ୍ପୃକ୍ତ କର୍ମଚାରୀଙ୍କ କ୍ଷେତ୍ରରେ ଏହି ବଦଳି ନିୟମକୁ ଫୁ କରିଦିଆଯାଇଛି। ତତ୍‌କାଳୀନ ଜିଲ୍ଲାପାଳଙ୍କ ଚିଠି ନଂ ୧୨୯୧, ତା ୧୬.୧୧.୨୦୨୪ ରିଖରେ ବରିଷ୍ଠ କିରାଣି ସୁକାନ୍ତ ଜେନାଙ୍କୁ ଡେରାବିଶ ବ୍ଲକ୍‌ରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ରାଜସ୍ୱ ଓ ଲ୍ୟାଣ୍ଡ ଆକୁଜିସନ ବିଭାଗକୁ ବଦଳି କରାଯାଇଥିଲା। ସୂଚନାଯୋଗ୍ୟ ଯେ ପୁରାତନ ଜିଲ୍ଲାପାଳ କରିଥିବା ବଦଳି ଆଦେଶର ମାତ୍ର ଛଅ ମାସ ନପୂରୁଣୁ ଜିଲ୍ଲାପାଳଙ୍କ ବଦଳି ହୋଇଯିବାପରେ ପୁଣିଥରେ ଆଦେଶ ପରିବର୍ତ୍ତନ କରାଯାଇ ପୁନର୍ବାର ପୂର୍ବ ଯାଗାକୁ ଫେରିଆସିଲେ ସୁକାନ୍ତ ଜେନା। ଖାଲି ସେତିକି ନୁହେଁ, ସମ୍ପୃକ୍ତ କର୍ମଚାରୀଙ୍କୁ ତାଙ୍କ ଲବି ମୁତାବକ ନିଜ ମନ ପସନ୍ଦର ସ୍ଥାନରେ ନିଯୁକ୍ତି ଦିଆଯାଇଥିବା ମଧ ଅଭିଯୋଗ ହେଉଛି। ଏ ପ୍ରକାର ପରିସ୍ଥିତିରେ ଯେଉଁ ମୌଳିକ ପ୍ରଶ୍ନଟି ସାଧାରଣ ଲୋକଙ୍କୁ ଆନ୍ଦୋଳିତ କରୁଛି ତାହା ହେଉଛି ଦୀର୍ଘ ବର୍ଷ ଧରି ଗୋଟିଏ କାର୍ଯ୍ୟାଳୟରେ ରହିଥିବା ବରିଷ୍ଠ କିରାଣି ସୁକାନ୍ତ ଜେନାଙ୍କ ନାଁ ରେ ବହୁ ଅଭିଯୋଗ ଆସିବା ପରେ ଡେରାବିଶ ବ୍ଲକକୁ ୨୦୨୪ ମସିହାରେ ବଦଳି କରିଥିଲେ ତତ୍‌କାଳୀନ ଜିଲ୍ଲାପାଳ। ଖାଲି ଏତିକି ନୁହେଁ ଶ୍ରୀ ଜେନା ଡେରାବିଶ ବ୍ଲକକୁ ବଦଳି ହେଲେ କିନ୍ତୁ ସରକାରୀ କ୍ୱାର୍ଟର ଛାଡିଲେ ନାହିଁ। ବଦଳି ପରେ ବି ସରକାରୀ କ୍ୱାର୍ଟର ମାଡ଼ି ବସିଥିବା ୭ଜଣ କର୍ମଚାରୀଙ୍କୁ ଜିଲ୍ଲାପାଳ ଜୋରିମାନା ନୋଟିସ କରିଥିବା ବେଳେ ସୁକାନ୍ତ ଜେନାଙ୍କୁ କିଭଳି ସେହି ଜୋରିମାନାରୁ ବାଦ ଦିଆଗଲା ତାହା ମଧ ଚର୍ଚ୍ଚା ହେଉଥିବା ଜଣାପଡ଼ିଛି। ଏଠି ପ୍ରଶ୍ନ ଉଠୁଛି ଜିଲ୍ଲାପାଳଙ୍କ ବଦଳି ହୋଇଯିବା ପରେ ୬ ମାସ ଭିତରେ ଏମିତି କ'ଣ ହେଲା ଯେ କର୍ତ୍ତୃପକ୍ଷ ତାଙ୍କୁ ପୁଣିଥରେ ଜିଲ୍ଲା ମୁଖ୍ୟାଳୟ ସହ ତାଙ୍କ ପୂର୍ବ ଯାଗାକୁ ଆଣିବା ପାଇଁ ପୁର୍ନବାର ବଦଳି କରିବାକୁ ପଡ଼ିଲା। ସମ୍ପୃକ୍ତ କର୍ମଚାରୀଙ୍କ ଲବି କାମ କଲା କି ? ନା ଏହା ପଛରେ ଅନ୍ୟ କିଛି ଭିତିରି କାରଣ ରହିଛି ? ଏହା ପ୍ରତ୍ୟକ୍ଷ ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନର ବଦଳି ବ୍ୟବସ୍ଥାର ସ୍ୱଚ୍ଛତା ଓ ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।





# ଗଣେଶ ଚତୁର୍ଥୀ ଦିନ ଭାରତ-ଆଫଗାନିସ୍ତାନ ଲଢ଼େଇ !



**ନୂଆଦିଲ୍ଲୀ :** ଭାରତ ଏବଂ ଆଫଗାନିସ୍ତାନ ମଧ୍ୟରେ ସେପ୍ଟେମ୍ବରରେ ହେବାକୁ ଥିବା ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ଅନ୍ତର୍ଜାତୀୟ ସିରିଜ୍‌ର କାର୍ଯ୍ୟସୂଚୀରେ ପରିବର୍ତ୍ତନ ହୋଇପାରେ। ଆଫଗାନିସ୍ତାନ କ୍ରିକେଟ୍ ବୋର୍ଡ ସିରିଜ୍‌ର ଏକ ମ୍ୟାଚ୍‌କୁ ୧୪ ସେପ୍ଟେମ୍ବର ଅର୍ଥାତ୍ ଗଣେଶ ଚତୁର୍ଥୀ ଦିନ ଆୟୋଜନ କରିବା ପାଇଁ ଇଚ୍ଛା ପ୍ରକାଶ କରିଛି ଏବଂ ଏହାକୁ ନେଇ ଭାରତୀୟ କ୍ରିକେଟ୍ ବୋର୍ଡ ସହିତ ଯୋଗାଯୋଗ କରିଛି। ବର୍ତ୍ତମାନ ଉଭୟ ବୋର୍ଡ ତିନି ମ୍ୟାଚ୍ ବିଶିଷ୍ଟ ସିରିଜ୍ ପାଇଁ ସେପ୍ଟେମ୍ବର ୧୩, ୧୫ ଓ ୧୭ ତାରିଖ ଉପରେ ସହମତ ଅଛନ୍ତି। ଏହି ତିନିଟିଯାକ ମ୍ୟାଚ୍ ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ଖେଳାଯିବାର ଅଛି। କିନ୍ତୁ ରିପୋର୍ଟ ଅନୁଯାୟୀ ଆଫଗାନିସ୍ତାନ କ୍ରିକେଟ୍ ବୋର୍ଡ ଚାହୁଁଛି ଯେ ଏଥିମଧ୍ୟରୁ ଗୋଟିଏ ମ୍ୟାଚ୍ ସେପ୍ଟେମ୍ବର ୧୪ ତାରିଖରେ ଖେଳାଯାଉ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସେପ୍ଟେମ୍ବର ୧୩ ରବିବାର, ସେପ୍ଟେମ୍ବର ୧୫ ମଙ୍ଗଳବାର ଓ ସେପ୍ଟେମ୍ବର ୧୭ ଗୁରୁବାର ଦିନ ମ୍ୟାଚ୍ ଗୁଡ଼ିକ ଅନୁଷ୍ଠିତ ହେବାର ଅଛି। ଏସିବି ଚେଷ୍ଟା କରୁଛି ଯେ ସେପ୍ଟେମ୍ବର ୧୩ କିମ୍ବା ୧୫ ମଧ୍ୟରୁ ଯେକୌଣସି ଗୋଟିଏ ମ୍ୟାଚ୍‌କୁ ହଟାଇ ଏହା ସ୍ଥାନରେ ସେପ୍ଟେମ୍ବର ୧୪ ସୋମବାର ଦିନ ମ୍ୟାଚ୍ ଆୟୋଜନ କରାଯାଉ। ସାଧାରଣତଃ ସୋମବାର ଦିନ ମ୍ୟାଚ୍ କରାଇଲେ ଦର୍ଶକଙ୍କ ସଂଖ୍ୟା କମ୍ ରହିବାର ଆଶଙ୍କା ଥାଏ। କିନ୍ତୁ ଏଥର ଗଣେଶ ଚତୁର୍ଥୀ ଯୋଗୁଁ ମିଳୁଥିବା ଛୁଟି ଏବଂ ପାର୍ବଣର ମାହୋଲକୁ ଦେଖି ଏସିବି ଆଶା ରଖିଛି ଯେ ସୋମବାରର ମ୍ୟାଚ୍ ମଧ୍ୟ ଦର୍ଶକଙ୍କୁ ଆକର୍ଷିତ କରିପାରିବ। ବିସିସିଆଇ ଯଦି ଏହି ପ୍ରସ୍ତାବ ଉପରେ ସହମତ ହୁଏ, ତେବେ ସିରିଜ୍‌ର କାର୍ଯ୍ୟସୂଚୀ ବଦଳିଯିବ। ଆଫଗାନିସ୍ତାନ ବିଗତ କିଛି ବର୍ଷ ହେବ ନିଜର ଘରୋଇ ଅନ୍ତର୍ଜାତୀୟ ମ୍ୟାଚ୍ ଗୁଡ଼ିକୁ ଭାରତରେ ଆୟୋଜନ କରିଆସୁଛି।

### ରାଜ୍ୟଗୋଷ୍ଠୀ ପାରା ଅସୀଚାଳନାରେ ଓଡ଼ିଶାର କମାଲ୍

# ୬ ଜଣ ଖେଳାଳି ଜିତିଲେ ୭ଟି ପଦକ

**ଭୁବନେଶ୍ୱର (ବ୍ୟୁରୋ) :** ନାଇଜେରିଆର ଲାଗୋସ୍‌ରେ ଆୟୋଜିତ ଚଳିତ ରାଜ୍ୟଗୋଷ୍ଠୀ ପାରା ଅସିଚାଳନା (ପାରା ଫେନ୍ସିଂ) ପ୍ରତିଯୋଗିତାରେ ଓଡ଼ିଶାର ଖେଳାଳିମାନେ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି । ଭାରତର ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ୬ ଜଣଯାକ ଖେଳାଳି ଚମତ୍କାର କ୍ରୀଡ଼ାନୈପୁଣ୍ୟ ଦେଖାଇ ପଦକ ଜିତିବାରେ ସଫଳ ହୋଇଛନ୍ତି । ବୁଧବାର ମହିଳା ପାରା ଅସିଚାଳିକା ମାଳତି ପନାଉରେ ୨ଟି ସ୍ୱର୍ଣ୍ଣ ପଦକ ଜିତିବା ପରେ, ଗୁରୁବାର ଅନ୍ୟ ୫ ଜଣ ଓଡ଼ିଆ ଖେଳାଳି ୫ଟି ପଦକ (୨ ସ୍ୱର୍ଣ୍ଣ, ୧ ରୌପ୍ୟ, ୨ କାଂସ୍ୟ) ହାସଲ କରି ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଛନ୍ତି । ପୁରୁଷ ଫଏଲ୍ 'ଏ' ବର୍ଗରେ ଓଡ଼ିଶାର ଭି ରମେଶ ରାଓ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ପବିତ୍ର ସାହୁ ଓ ରାଖାଲ କୁମାର ସେଠୀ କାଂସ୍ୟ ପଦକ ପାଇଛନ୍ତି । କ୍ୱାର୍ଟରଫାଇନାଲ୍‌ରେ ରମେଶ, ପବିତ୍ର ଓ ରାଖାଲ ନିଜ ନିଜ ମ୍ୟାଚ୍ ଜିତି ସେମିଫାଇନାଲ୍‌ରେ ପହଞ୍ଚିଥିଲେ । ସେମିଫାଇନାଲ୍‌ରେ ରମେଶ ୧୫-୧୨ରେ ପବିତ୍ରଙ୍କୁ ହରାଇ ଫାଇନାଲ୍‌ରେ ପ୍ରବେଶ କରିଥିବା ବେଳେ ରାଖାଲ ୧୩-୧୫ରେ ହାରି କାଂସ୍ୟରେ ସନ୍ତୁଷ୍ଟ ହୋଇଥିଲେ । ପରେ ଚିତ୍ତାକର୍ଷକ ଫାଇନାଲ୍ ମୁକାବିଲାରେ ରମେଶ ୧୫-୧୦ରେ ପିଙ୍କୁଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ନିଜ ନାମରେ କରିଥିଲେ । ସେହିପରି ଫଏଲ୍ 'ବି' ବର୍ଗରେ ଓଡ଼ିଆ ପୁଅଙ୍କର ଦବ୍‌ଦବା ଦେଖିବାକୁ ମିଳିଥିଲା । ଏହି ବର୍ଗରେ ଓମ୍‌ପ୍ରକାଶ ବେହେରା ସ୍ୱର୍ଣ୍ଣ ଓ ରୁଦ୍ର



ନାରାୟଣ ବେହେରା ରୌପ୍ୟ ପଦକ ଜିତିଛନ୍ତି । ଉଭୟ ଖେଳାଳି ସିଧାସଳଖ ସେମିଫାଇନାଲ୍‌ରେ ପହଞ୍ଚି ନିଜ ନିଜର ପ୍ରତିପକ୍ଷଙ୍କୁ ବଡ଼ ବ୍ୟବଧାନରେ ହରାଇ ଫାଇନାଲ୍‌ରେ ପ୍ରବେଶ କରିଥିଲେ । ଏକ ରୋମାଞ୍ଚକର ସ୍ୱର୍ଣ୍ଣ ମୁକାବିଲାରେ ଓମ୍‌ପ୍ରକାଶ ୧୫-୫ରେ ନିଜ ରାଜ୍ୟର ରୁଦ୍ରନାରାୟଣଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ କବ୍‌ଜା କରିଥିଲେ । ଏହି ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାର ୬ ଜଣ ଖେଳାଳି ଭାରତର ପ୍ରତିନିଧିତ୍ୱ କରି ସମସ୍ତେ ପଦକ ଜିତିବା ଏକ ଐତିହାସିକ ସଫଳତା । ଓଡ଼ିଆ କ୍ରୀଡ଼ାବିତ୍‌ମାନଙ୍କର ଏହି ଭୂୟସୀ ପ୍ରଶଂସନୀୟ ସଫଳତା ପାଇଁ ପାରା ଅଲିମ୍ପିକ କମିଟି ଅଫ୍ ଇଣ୍ଡିଆ (ପିସିଆଇ) ଏବଂ ଓଡ଼ିଶା ପାରା କ୍ରୀଡ଼ା ସଂଘ ପକ୍ଷରୁ ସମସ୍ତ ବିଜେତାଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି ।

# ଗମ୍ଭୀରଙ୍କୁ ହଟାଇବା ନେଇ ବର୍ତ୍ତମାନ କୌଣସି ଯୋଜନା ନାହିଁ : ବିସିସିଆଇ



**ନୂଆଦିଲ୍ଲୀ :** ଭାରତୀୟ କ୍ରିକେଟ୍ ଦଳର ହେଡ୍ କୋଚ୍ ଗୌତମ ଗମ୍ଭୀରଙ୍କ ପଦକୁ ନେଇ ଚର୍ଚ୍ଚା ଭିତରେ ଆସିଛି ବଡ଼ ଖବର। ଖରାପ ପ୍ରଦର୍ଶନ ସତ୍ତ୍ୱେ ଗମ୍ଭୀରଙ୍କୁ ହଟାଇବା ନେଇ ବର୍ତ୍ତମାନ କୌଣସି ଯୋଜନା ନାହିଁ ବୋଲି ରିପୋର୍ଟରୁ ସଙ୍କେତ ମିଳିଛି। ଗମ୍ଭୀରଙ୍କ ପଦ ସୁରକ୍ଷିତ ରହିବା ପଛରେ ଦୁଇଟି ପ୍ରମୁଖ କାରଣ ରହିଛି। ପ୍ରଥମତଃ, ବିରାଟ କୋହଲି, ରୋହିତ ଶର୍ମା ଓ ରବିଚନ୍ଦ୍ରନ ଅଶ୍ୱିନଙ୍କ ଅବସର ପରେ ଟେଷ୍ଟ ଦଳ ଏବେ ପରିବର୍ତ୍ତନର ଦିନ ଦେଇ ଗତି କରୁଛି। ଶୁଭମନ ଗିଲ୍‌ଙ୍କ ନେତୃତ୍ୱରେ ନୂଆ କୋର୍ ଟିମ୍ ଗଢ଼ିଉଠୁଛି ବୋଲି ଇଉଡଓ ବିଚାର କରୁଛି। ଦ୍ୱିତୀୟ କାରଣ ହେଉଛି ଖେଳାଳିଙ୍କ ଆହତ ସମସ୍ୟା। ବିଶେଷକରି ଗିଲ୍‌ଙ୍କ ଆଘାତ ଯୋଗୁଁ ଘରୋଇ ଟେଷ୍ଟ ସିରିଜ୍‌ର ଫଳ ଅଲଗା ହୋଇପାରିଥାନ୍ତା ବୋଲି ମତ ରହିଛି। ଆଗାମୀ ଶ୍ରୀଲଙ୍କା ଟେଷ୍ଟରେ ମଧ୍ୟ ଜସପ୍ରିତ ବୁମରା, ସାଇ ସୁଦର୍ଶନ ଓ ୱାଶିଂଟନ ସୁନ୍ଦରଙ୍କ ଅନୁପସ୍ଥିତି ଭାରତ ପାଇଁ ଚିନ୍ତାର କାରଣ। ଟେଷ୍ଟରେ ତତ୍କାଳ ଅନ୍ତରୀଣ କୋଚ୍ ଆଣିବାର ସମ୍ଭାବନା ମଧ୍ୟ ନାହିଁ। ଆଉ ହ୍ୱାଇଟ୍-ବଲ୍ କ୍ରିକେଟ୍‌ରେ ଗମ୍ଭୀରଙ୍କୁ ଅତି କମ୍‌ରେ ୨୦୨୭ ଦିନିକିଆ ବିଶ୍ୱକପ୍ ପର୍ଯ୍ୟନ୍ତ ଦାୟିତ୍ୱରେ ରଖାଯିବ ବୋଲି ଜଣାପଡ଼ିଛି। ଅର୍ଥାତ୍, ଏବେ ପାଇଁ ଗମ୍ଭୀରଙ୍କ ଚେୟାର୍ ସୁରକ୍ଷିତ।

# ଶ୍ରୀଲଙ୍କା ଦଳରେ ୪ ବାମହାତୀ ବୋଲର ସାମିଲ୍

**ନୂଆଦିଲ୍ଲୀ:** ଆସନ୍ତା ଅଗଷ୍ଟ ୧୫ ତାରିଖରୁ ଶ୍ରୀଲଙ୍କା ବିପକ୍ଷରେ ଟେଷ୍ଟ ସିରିଜ୍ ଖେଳିବ ଟିମ୍ ଇଣ୍ଡିଆ । ୨ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ୍ ଜିତିବା ଲକ୍ଷ୍ୟରେ ଭାରତ । ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ ସାଙ୍ଗକୁ ରେକର୍ଡ ମଧ୍ୟ କରିବାର ଲକ୍ଷ୍ୟ ଏହି ସିରିଜରେ ପୂରଣ ହେବାକୁ ଯାଉଛି । ଏଣୁ ଗିଲ୍ ବାହିନୀ ସିରିଜ୍ ବିଜୟକୁ ପ୍ରାଧାନ୍ୟ ଦେବ । ସେପଟେ ଘରୋଇ ଦଳ ଭାରତକୁ ପରାସ୍ତ କରିବା ପାଇଁ ଗୋଟିଏ ପରେ ଗୋଟିଏ ଯୋଜନା ଆରମ୍ଭ କରିଛି । ଭାରତୀୟ ଦଳର ଅଧିନାୟକ ଶୁଭମନ୍ ଗିଲ୍ ଏବଂ ଓପନିଂ ବ୍ୟାଟର ଯଶସ୍ୱୀ ଜୟସ୍ୱାଲଙ୍କ ଦୁର୍ବଳତାକୁ ନଜରରେ ରଖି ଶ୍ରୀଲଙ୍କା ଟିମ୍ ଗାଲେ ଟେଷ୍ଟ ପାଇଁ ନିଜ ଦଳରେ ୪ ଜଣ ବାମହାତୀ ବୋଲରଙ୍କୁ ସାମିଲ କରିଛି।



ଗାଲେ ଟେଷ୍ଟ ପାଇଁ ଘୋଷଣା ହୋଇଥିବା ଶ୍ରୀଲଙ୍କା ଦଳରେ ୨ ଜଣ ବାମହାତୀ ପେସର ଓ ୨ ଜଣ ବାମହାତୀ ସ୍ପିନରଙ୍କୁ ସ୍ଥାନ ମିଳିଛି । ଅଭିଜ୍ଞ ବିଶ୍ୱା ଫର୍ଣ୍ଣାଣ୍ଡୋଙ୍କ ସହ ମାତ୍ର ଗୋଟିଏ ଟେଷ୍ଟ ଖେଳିଥିବା ଯୁବ ବାମହାତୀ ଦ୍ରୁତ ବୋଲର ଦିଲଶାନ୍ ମଦୁଶଙ୍କାଙ୍କୁ ବିଶେଷ ଭାବେ ଦଳକୁ ଅଣାଯାଇଛି । ଅଭିଜ୍ଞ ପ୍ରଭାତ ଜୟସୂରିୟାଙ୍କ ସହ ମାତ୍ର ୩ଟି ଟେଷ୍ଟ ଖେଳିଥିବା ବାମହାତୀ ସ୍ପିନର ସୋନାଲ ଦିନୁଷାଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି । ବାମହାତୀ ଦ୍ରୁତ ବୋଲରଙ୍କ ସାମ୍ନାରେ ଯଶସ୍ୱୀ ସଦାସର୍ବଦା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ୱାର୍ମ-ଅପ୍ ମ୍ୟାଚ୍ରେ ମଧ୍ୟ ବିଶ୍ୱା ଫର୍ଣ୍ଣାଣ୍ଡୋ ତାଙ୍କୁ ଆଉଟ୍ କରିଥିଲେ। ନିଜ ଟେଷ୍ଟ କ୍ୟାରିୟରରେ ଜାୟସୱାଲ ୧୭ ଥର ବାମହାତୀ ବୋଲରଙ୍କ ଶିକାର ହୋଇଛନ୍ତି । ବାମହାତୀ ପେସରଙ୍କ ବିପକ୍ଷରେ ତାଙ୍କ ବ୍ୟାଟିଂ ହାରାହାରି ମାତ୍ର୮.୭୭ରହିଛି। ଗାଲେର ପିଚ୍ ଏବଂ ପବନ ସାଧାରଣତଃ ନୂଆ ବଲ୍ରେ ସୁଇଙ୍ଗ୍ ପାଇଁ ଅନୁକୂଳ ହୋଇଥାଏ। ତେଣୁ ନୂଆ ବଲ୍ରେ ମଦୁଶଙ୍କା ଓ ଫର୍ଣ୍ଣାଣ୍ଡୋ ଜାୟସୱାଲଙ୍କୁ ଅସୁବିଧାରେ ପକାଇପାରନ୍ତି । ଅନ୍ୟପଟେ ମିଡିଲ୍ ଅର୍ଡରରେ ବ୍ୟାଟିଂ କରୁଥିବା ଅଧିନାୟକ ଗିଲଙ୍କୁ ସ୍ପିନର ପ୍ରଭାତ ଜୟସୂରିୟା ଓ ସୋନାଲ ଦିନୁଷାଙ୍କ ସାମ୍ନା କରିବାକୁ ପଡ଼ିବ। ଏହି ବାମହାତୀ ଚକ୍ରବ୍ୟୁହରୁ ଗିଲ୍ ଓ ଜାୟସୱାଲ କିପରି ନିଜକୁ ମୁକ୍ତ କରୁଛନ୍ତି, ତାହା ଦେଖିବାକୁ ବାକି ରହିଲା।

# ଦିଲ୍ଲୀପ ଟ୍ରଫି : ଇଷ୍ଟ ଜୋନ୍ ଦଳର ଉପଅଧିନାୟକ ସୂର୍ଯ୍ୟବଂଶୀ



**ନୂଆଦିଲ୍ଲୀ :** ଭାରତୀୟ କ୍ରିକେଟରେ ସବୁଠାରୁ ବିସ୍ଫୋରକ ଯୁବ ବ୍ୟାଟରମାନଙ୍କ ମଧ୍ୟରେ ସାମିଲ ବୈଭବ ସୂର୍ଯ୍ୟବଂଶୀ ନିଜ ବ୍ୟାଟିଂରେ ଲଗାତାର ଚର୍ଚ୍ଚାରେ ରହିଛନ୍ତି। ଜିମ୍ବାୱେ ଗସ୍ତରେ ମଧ୍ୟ ବ୍ୟାଟରେ ଦମଦାର ପ୍ରଦର୍ଶନ କରି ସେ ନିଜ ପ୍ରତିଭାର ପରିଚୟ ଦେଇଥିଲେ। ଏବେ ଘରୋଇ କ୍ରିକେଟ ସିଜନ ୨୦୨୬-୨୭ ଆରମ୍ଭ ହେବା ପୂର୍ବରୁ ବୈଭବଙ୍କୁ ଖୁବ କମ ବୟସରେ ଏକ ବଡ଼ ଏବଂ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଛି। ଆଗାମୀ ଦିଲୀପ ଟ୍ରଫି ପାଇଁ ତାଙ୍କୁ ଇଷ୍ଟ ଜୋନ ଦଳରେ ସାମିଲ କରାଯାଇଛି। ଇଷ୍ଟ ଜୋନ ଦଳର ନେତୃତ୍ୱ ଅଭିଜ୍ଞ ଉଇକେଟ୍‌କିପର-ବ୍ୟାଟର ଈଶାନ କିଶନଙ୍କ ହାତରେ ରହିବ। ତାଙ୍କ ନେତୃତ୍ୱରେ ବୈଭବ ସୂର୍ଯ୍ୟବଂଶୀଙ୍କ ଭଳି ଯୁବ ପ୍ରତିଭାଙ୍କୁ ନିଜ ଦକ୍ଷତା ଦେଖାଇବାର ବଡ଼ ମଞ୍ଚ ମିଳିବ।ଏହି ମ୍ୟାଚରେ ସୂର୍ଯ୍ୟବଂଶୀଙ୍କୁ ଉପଅଧିନାୟକ ଦାୟିତ୍ୱ ମିଳିଛି। ଇଷ୍ଟ ଜୋନ ଦଳ ଆଜିଠାରୁ ଠିକ ୧୨ ଦିନ ପରେ, ଅର୍ଥାତ୍ ୨୩ ଅଗଷ୍ଟରେ ଦିଲୀପ ଟ୍ରଫିରେ ନିଜର ପ୍ରଥମ ମ୍ୟାଚ ଖେଳିବ। ଏହି ମ୍ୟାଚରେ ସମସ୍ତଙ୍କ ନଜର ବୈଭବ ସୂର୍ଯ୍ୟବଂଶୀଙ୍କ ଉପରେ ରହିବ। ଜିମ୍ବାୱେ ଗସ୍ତ ପରେ ଘରୋଇ କ୍ରିକେଟ୍‌ରେ ମଧ୍ୟ ସେ କିପରି ପ୍ରଦର୍ଶନ କରୁଛନ୍ତି, ତାହା ଦେଖିବା ରୋଚକ ହେବ।

# ଆଇସିସି ଟେଷ୍ଟ ମାନ୍ୟତା; ବ୍ୟାଟିଂରେ ୧୦ମ ସ୍ଥାନକୁ ଉଠିଲେ ବାବର



**ଦୁବାଇ:**ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ଟେଷ୍ଟ ବୋଲିଂ ମାନ୍ୟତାରେ ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ବୁମରା ୮୭୦ ରେଟିଂ ପଏଣ୍ଟ ସହ ଶୀର୍ଷରେ ରହିଛନ୍ତି। ଏହା ପଛକୁ ନ୍ୟୁଜିଲାଣ୍ଡର ମ୍ୟାଟ୍ ହେନରୀ ଦ୍ୱିତୀୟ, ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ ତୃତୀୟ, ପ୍ୟାଟ୍ କମିନ୍ସ ଚତୁର୍ଥ ଓ ଦକ୍ଷିଣ ଆଫ୍ରିକାର ମାର୍କୋ। ୟାନସେନ ପଞ୍ଚମ, ଅଷ୍ଟ୍ରେଲିଆର ସ୍କଟ ବୋଲାଣ୍ଡ ଷଷ୍ଠ ଓ ଦକ୍ଷିଣ ଆଫ୍ରିକାର କାଗିସୋ ରାବଡା ଅଷ୍ଟମରୁ ସପ୍ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ବ୍ୟାଟିଂ ମାନ୍ୟତାରେ ଅଷ୍ଟ୍ରେଲିଆ ଟ୍ରେଭିସ ହେଡ୍ ଶୀର୍ଷରେ ରହିଥିବାବେଳେ ଇଂଲଣ୍ଡର ହ୍ୟାରୀ ବ୍ରୁକ୍ ଦ୍ୱିତୀୟ, ଜୋ ରୁଟ୍ ୩ୟ, ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ୍ ୪ର୍ଥ, ଦକ୍ଷିଣ ଆଫ୍ରିକାର ତେମ୍ବା ବଭୁମା ପଞ୍ଚମ, ଶ୍ରୀଲଙ୍କାର କାମିନ୍ଦୁ ମେଣ୍ଡିସ ଷଷ୍ଠ,ଭାରତର ଶୁବମନ ଗିଲ୍ ସପ୍ତମ, ନ୍ୟୁଜିଲାଣ୍ଡର ରଚିନ ରବୀନ୍ଦ୍ର ଅଷ୍ଟମ, ଭାରତର ଯଶସ୍ୱୀ ଜୟସୱାଲ ୯ମ ଓ ପାକିସ୍ତାନର ବାବର ଆଜାମ ୧୦ତମ ସ୍ଥାନରେ ରହିଛନ୍ତି। ବାବର ଦୁଇ ବର୍ଷ ପରେ ଆଇସିସି ବ୍ୟାଟିଂ ମାନ୍ୟତାର ଶୀର୍ଷ ୧୦କୁ ଫେରିଛନ୍ତି।

# ୱିକେଟ ନେବା ପରେ ବାଂଲାଦେଶୀ ବୋଲରଙ୍କ ନାଗୀନ୍ ଡ୍ୟାନ୍ସ

**ଢାକା :** ଅଷ୍ଟ୍ରେଲିଆ ବନାମ ବାଂଲାଦେଶ ମଧ୍ୟରେ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ ଡର୍ବାନରେ ଖେଳାଯାଉଛି । ମ୍ୟାଚର ପ୍ରଥମ ଦିନରେ ଅଷ୍ଟ୍ରେଲିଆ ଟସ୍ ଜିତି ପ୍ରଥମେ ବ୍ୟାଟିଂ ଚୟନ କରିଥିଲା, କିନ୍ତୁ ଏହି ନିଷ୍ପତ୍ତି ଅଷ୍ଟ୍ରେଲିଆ ପାଇଁ ମହଙ୍ଗା ପଡ଼ିଛି । ବାଂଲାଦେଶର ବଢ଼ିଆ ବୋଲିଂ ସାମ୍ନାରେ ଅଷ୍ଟ୍ରେଲିଆ ୧୯୮ କରି ଅଲଆଉଟ୍ ହୋଇଛି । ଷ୍ଟିଭ ସ୍ମିଥ ଗୋଟେ ପଟେ ଠିଆ ହୋଇଥିବା ବେଳେ ଅନ୍ୟପଟେ କେହି ସାଥ ଦେଇନଥିଲେ । ବାଂଲାଦେଶର ଦ୍ରୁତ ବୋଲର ତସ୍କିନ ଅହମଦଙ୍କ ଅଦ୍ଭୁତ ସେଲିବ୍ରେସନ ଦେଖି ଫ୍ୟାନ୍ସ ଖୁସି ହୋଇଛନ୍ତି । ଅଷ୍ଟ୍ରେଲିଆ ବ୍ୟାଟିଂର ୨୨ ଓଭରରେ କ୍ୟାମରନ ଗ୍ରୀନଙ୍କ ୱିକେଟ ନେବା ପରେ ତସ୍କିନ ଅହମଦ ଅଦ୍ଭୁତ ସେଲିବ୍ରେସନ କରିଥିଲେ । ଓଭରର ଶେଷ ବଲରେ ଗ୍ରୀନ ଲେଗ୍ ସାଇଡ ଖେଳିବାକୁ ଚେଷ୍ଟା କରୁଥିବା ବେଳେ ବଲ୍ ସଠିକ୍ ଭାବେ ନ ଆସି ମଇଡ୍ ୱିକେଟକୁ ଯାଇଥିଲା । ଯାହାକୁ କ୍ୟାଚ୍





ଧରିଥିଲେ ମୁଶଫିକୁର ରହିମ । ଗ୍ରୀନ ଆଉଟ୍ ହେବା ପରେ ତସ୍କିନ ଭିନ୍ନ ଅନ୍ଦାଜରେ ସେଲିବ୍ରେସନ କରିଥିଲେ । ଜିଭକୁ ବାହାର କରି କିଛି ସମୟ ପାଇଁ ଡ୍ୟାନ୍ସ କରୁଛନ୍ତି । ସାଥୀ ଖେଳାଳି ମୁଶଫିକୁରଙ୍କ ନିକଟକୁ ସେଲିବ୍ରେସନ କରିବାକୁ ପହଞ୍ଚିଥିଲେ । ତସ୍କିନଙ୍କ ଅନ୍ଦାଜ କ୍ୟାମେରାରେ କଏଦ ହୋଇଥିଲା । ଯାହାର ଭିଡିଓ ଭାଇରଲ ହେବାରେ ଲାଗିଛି । ଏହି ମ୍ୟାଚରେ ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କେମିନ୍ସ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ । ବିନା କୌଣସି ୱିକେଟ ହରାଇ ଅଷ୍ଟ୍ରେଲିଆ ୪୫ ରନ କରିଥିଲା । କିନ୍ତୁ ଏହାପରେ ବାଂଲାଦେଶ ମ୍ୟାଚକୁ ଫେରିଥିଲା । ସ୍ମିଥଙ୍କ ବ୍ୟତୀତ ଅଷ୍ଟ୍ରେଲିଆର ଅନ୍ୟ କୌଣସି ଖେଳାଳି ୨୫ ରନ ମଧ୍ୟ ପାର୍ କରିନାହାନ୍ତି । ତସ୍କିନ ଅହମଦ ୨ଟି ୱିକେଟ ନେଇଥିବା ବେଳେ ହସନ ମହମୁଦ ୪ଟି ୱିକେଟ ନେଇଛନ୍ତି ।

# ଜାଭି ହେଲେ ନେଦରଲାଣ୍ଡସ ଫୁଟ୍‌ବଲ୍ ଟିମ୍ ପ୍ରଶିକ୍ଷକ



**ହେଗ୍:** ସ୍ପେନ୍‌ର ମହାନ ଫୁଟ୍‌ବଲର ଜାଭି ହର୍ନାନ୍‌ଡେଜ୍‌ଙ୍କୁ ନେଦରଲାଣ୍ଡ୍‌ସ ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତି କରିଛି। ତାଙ୍କ କାର୍ଯ୍ୟକାଳ ୨୦୩୦ ଫିଫା ବିଶ୍ୱକପ୍ ପର୍ଯ୍ୟନ୍ତ ରହିବ ବୋଲି ଡଚ୍ ଫୁଟ୍‌ବଲ୍ ମହାସଂଘ କହିଛି। ରୋନାଲ୍ଡ କୋଏମାନଙ୍କ ସ୍ଥାନରେ ୪୬ ବର୍ଷୀୟ ଏହି ସ୍ପେନ୍ ତାରକା ଦାୟିତ୍ୱ ନେବେ। ସେ ୧୯୭୮ ପରେ ନେଦରଲାଣ୍ଡ୍‌ସର ପ୍ରଥମ ବିଦେଶୀ ପ୍ରଶିକ୍ଷକ ହୋଇଛନ୍ତି। ତାଙ୍କ ପୂର୍ବରୁ ବିଦେଶୀ ପ୍ରଶିକ୍ଷକ ଅଷ୍ଟ୍ରିଆର ଏର୍ନଷ୍ଟ୍ ହାପେଲଙ୍କ ନେତୃତ୍ୱରେ ଦଳ ୧୯୭୮ ବିଶ୍ୱକପ୍ ଖେଳିଥିଲା। ବାର୍ସିଲୋନା ସହ ୩ ଋତୁ କାର୍ଯ୍ୟ କରିବା ପରେ ଜାଭି ୨୦୨୪ରେ ପଦ ଛାଡ଼ିଥିଲେ। ଏହା ପରଠୁ ସେ ପ୍ରଶିକ୍ଷଣଠୁ ଦୂରେଇ ରହିଥିଲେ। ବିଶ୍ୱକପ୍ ରାଉଣ୍ଡ-୩୨ରେ ମରକ୍କୋଠୁ ପେନାଲଟିରେ ନେଦରଲାଣ୍ଡ୍‌ସ ହାରିବା ପରେ କୋଏମାନ ପଦ ଛାଡ଼ିଥିଲେ। ୨୦୨୩ରେ ଦ୍ୱିତୀୟ ଥର ଲାଗି କୋଏମାନଙ୍କୁ ନେଦରଲାଣ୍ଡ୍‌ସ ପ୍ରଶିକ୍ଷଣ ଦାୟିତ୍ୱ ଦେଇଥିଲା। ପୂର୍ବରୁ ସେ ୨୦୧୮ରୁ ୨୦୨୦ ପର୍ଯ୍ୟନ୍ତ ଦଳର ପ୍ରଶିକ୍ଷକ ଥିଲେ।

# ସାଥୀ ଖେଳାଳିଙ୍କ ପାଇଁ ପତ୍ନୀଠୁ ହେଲେ ଅଲଗା : ଅଷ୍ଟ୍ରେଲିଆ ଟିମ୍‌ର ଉପଅଧିନାୟକ ଗାର୍ଡନର

**ସିଡ୍‌ନୀ :** ମୁହଁ ଖୋଲିଛନ୍ତି ସମଲିଙ୍ଗୀ ବିବାହ ପରେ ପତ୍ନୀ ମୋନିକା ରାଇଟ୍‌ଙ୍କ ଠାରୁ ଅଲଗା ହୋଇଥିବା ଅଷ୍ଟ୍ରେଲିଆ ମହିଳା ଟିମର ଉପ ଅଧିନାୟକ ଆସଲେ ଗାର୍ଡନର। ଏହାକୁ ନେଇ ବେଶ କିଛି ମାସ ଧରି ବିବାଦ ଲାଗି ରହିଥିଲେ ହେଁ ଗାର୍ଡନର ନୀରବତା ଅବଲମ୍ବନ କରିଥିଲେ। କିନ୍ତୁ ଏବେ ସେ ଏହି ବିବାଦକୁ ନେଇ ପ୍ରଥମଥର ନିଜର ପକ୍ଷ ରଖିଛନ୍ତି। ଅଷ୍ଟ୍ରେଲିଆ ମହିଳା ଟିମର ଅନ୍ୟତମ ସଦସ୍ୟ ଜର୍ଜିଆ ବଲ୍‌ଙ୍କ ପାଇଁ ଗାର୍ଡନର ପତ୍ନୀ ମୋନିକାଙ୍କ ଠାରୁ ଅଲଗା ହୋଇଯାଇଥିବା ଅଭିଯୋଗ ହୋଇଛି। ଏହି ପ୍ରସଙ୍ଗରେ କ୍ରିକେଟ ଅଷ୍ଟ୍ରେଲିଆ(ସିଏ) କୌଣସି ପଦକ୍ଷେପ ନେଇ ନଥିବାରୁ ମୋନିକା ଏହାକୁ ସମାଲୋଚନା କରିଥିଲା। କାର୍ଯ୍ୟାନୁଷ୍ଠାନ ବଦଳରେ ସିଏ ଗାର୍ଡନରଙ୍କୁ ମହିଳା ଟିମର ଉପ ଅଧିନାୟକ କରିଥିଲା। ଏହାକୁ ମୋନିବା ଆଦୌ ପସନ୍ଦ କରି ନଥିଲେ। ଏବେ ଗାର୍ଡନର ସୋଶାଲ ମିଡିଆରେ ପୋଷ୍ଟ କରି କ୍ରିକେଟ ଅଷ୍ଟ୍ରେଲିଆକୁ ସମର୍ଥନ ପାଇଁ ଧନ୍ୟବାଦ ଜଣାଇଛନ୍ତି। ଏଥିସହ ମୋନିକାଙ୍କ ଠାରୁ ଅଲଗା ହେବା ତାଙ୍କର ବ୍ୟକ୍ତିଗତ ମାମଲା ବୋଲି କହିଛନ୍ତି। ସେ କହିଛନ୍ତି, "ମୋ ପତ୍ନୀଙ୍କ ଠାରୁ ମୁଁ ଅଲଗା ହେବା ଗୋଟିଏ ବ୍ୟକ୍ତିଗତ ବିଷୟ। କିନ୍ତୁ ଅଷ୍ଟ୍ରେଲିଆ କ୍ରିକେଟ୍ ଦଳର ଉପ ଅଧିନାୟକ ଭାବେ ମୋର ଦାୟିତ୍ୱ ଦୃଷ୍ଟିରୁ ବର୍ତ୍ତମାନର ସମ୍ପର୍କ ସ୍ଥିତିକୁ କ୍ରିକେଟ୍ ଅଷ୍ଟ୍ରେଲିଆ ପକ୍ଷରୁ ସ୍ପଷ୍ଟ କରିବାର ଆବଶ୍ୟକ ଥିଲା ବୋଲି ମୁଁ ବୁଝୁଛି। ନେତୃତ୍ୱ ଜାରି ରଖିବାକୁ ସିଏ ବୋର୍ଡ ମୋତେ ସମର୍ଥନ କରିଥିବାରୁ ମୁଁ କୃତଜ୍ଞ। ଆଗାମୀ ସିଜନ୍‌ରେ ଜଣେ ଲିଡର ଭାବେ ମୁଁ ଦୃଢ଼ ଭୂମିକା ତୁଲାଇବା ସହ ମୋ ସାଥୀ ଖେଳାଳିମାନଙ୍କୁ ଯଥା ସମ୍ଭବ ସହଯୋଗ ଯୋଗାଇ ଦେବାକୁ ଆଶା କରୁଛି। ମୋନିକାଙ୍କ ସହ ମୁଁ ବିତାଇଥିବା ସମୟ ପାଇଁ କୃତଜ୍ଞ ଓ ଏହି ଘଟଣା ତାଙ୍କୁ ଯେଉଁ ଯନ୍ତ୍ରଣା ଦେଇଛି, ସେଥିପାଇଁ ମୁଁ ଦୁଃଖିତ। ଭବିଷ୍ୟତରେ ତାଙ୍କ ଜୀବନରେ ସୁଖ ଓ ସଫଳତା କାମନା କରୁଛି। ଏହି ବିଷୟରେ



ଏବେ ମୁଁ ଆଉ କୌଣସି ସାର୍ବଜନୀନ ମନ୍ତବ୍ୟ ଦେବି ନାହିଁ। ଏହି ଘଟଣା ସହ ଜଡ଼ିତ ସମସ୍ତଙ୍କ ବ୍ୟକ୍ତିଗତ ଗୋପନୀୟତାକୁ ସମ୍ମାନ କରିବାକୁ ମୁଁ ଅନୁରୋଧ କରୁଛି। ବିବାଦ ପରେ ଗାର୍ଡନରଙ୍କ ଠାରୁ ଉପ ଅଧିନାୟକ ପଦ ଛଡ଼ାଇ ନେବାକୁ ମୋନିକା ରାଇଟ୍ କ୍ରିକେଟ ଅଷ୍ଟ୍ରେଲିଆକୁ ଅନୁରୋଧ କରିଥିଲେ। କୋଡ୍ ସ୍ପୋର୍ଟସ୍‌କୁ ମୋନିକା କହିଥିଲେ ଯେ ଯଦି ଆପଣ ନିଜ ଦେଶର ପ୍ରତିନିଧିତ୍ୱ କରିବା ଓ ଜଣେ ଆଦର୍ଶ ବ୍ୟକ୍ତି ଭାବେ ପରିଚିତ ହେବାର ସୁଯୋଗ ପାଇଛନ୍ତି, ତେବେ ନିଜକୁ ଉଚ୍ଚ ନୈତିକ ମାନଦଣ୍ଡରେ ରଖିବାର ଦାୟିତ୍ୱ ମଧ୍ୟ ରହିଛି। କ୍ରିକେଟ୍ ଅଷ୍ଟ୍ରେଲିଆ କାହିଁକି ସାର୍ବଜନୀନ ଭାବେ କିଛି କହିନାହିଁ, ତାହା ମୁଁ ବୁଝିପାରୁନାହିଁ। ଚଳିତ ବର୍ଷ ଭାରତରେ ଅନୁଷ୍ଠିତ ଦିନିକିଆ ବିଶ୍ୱକପ୍ ସମୟରେ ଗାର୍ଡନର ଓ ମୋନିକାଙ୍କ ବୈବାହିକ ଜୀବନରେ ତିକ୍ତତା ଆରମ୍ଭ ହୋଇଥିଲା। ଟୁର୍ଣ୍ଣାମେଣ୍ଟ ସମୟରେ ମୋନିକା ଭାରତ ଆସିଥିଲେ। ହେଲେ ଗାର୍ଡନର ତାଙ୍କ ସହ ଠିକ ଭାବେ ବ୍ୟବହାର କରି ନଥିଲେ। ତାଙ୍କ ବ୍ୟବହାର ଆଦୌ ସ୍ୱାଭାବିକ ନଥିଲା। ତଥାପି ଉଭୟ ଏକାଠି ରହିଥିଲେ। ଇନ୍ଦୋରର ବିଭିନ୍ନ ସ୍ଥାନରେ ମଧ୍ୟ ସେମାନଙ୍କୁ ଏକାଠି ଦେଖିବାକୁ ମିଳିଥିଲା। ବିଶ୍ୱକପ୍ ଶେଷ ହେବା ପରେ ଗାର୍ଡନର ସିଡନୀ ଫେରିଥିଲେ। ସିଡ୍‌ନୀ ଫେରିବା ପରେ ମୋନିକାଙ୍କୁ ଗାର୍ଡନର କହିଥିଲେ ଯେ ସେମାନଙ୍କ ସମ୍ପର୍କରେ କିଛି ପରିବର୍ତ୍ତନ ଆସିଛି। ଶେଷରେଏହା ସେମାନଙ୍କ ବିବାହ ବିଚ୍ଛେଦର କାରଣ ସାଜିଥିଲା। ୨୯ ବର୍ଷୀୟା ଗାର୍ଡନର ଅଷ୍ଟ୍ରେଲିଆ ମହିଳା ଟିମର ଜଣେ ବରିଷ୍ଠ ଖେଳାଳି ଓ ଚଳିତ ବର୍ଷ ଆରମ୍ଭରେ ତାହିଲିଆ ମ୍ୟାକଗ୍ରାଙ୍କ ସହ ତାଙ୍କୁ ଜାତୀୟ ଦଳର ସହ-ଉପଅଧିନାୟକ ଭାବେ ନିଯୁକ୍ତ କରାଯାଇଥିଲା। ଏହା ସହିତ ସେ ଆଇସିସି ମହିଳା ଦିନିକିଆ ପ୍ଲେୟାର ଅଫ୍ ଦି ଇୟର ଭାବେ ମଧ୍ୟ ମନୋନୀତ ହୋଇଥିଲେ।


କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra
Printed and Published by **Niranjan Patra** on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085(News)
ସମ୍ପାଦକ: ନିରଞ୍ଜନ ପାତ୍ର
**Editor: Niranjan Patra**



# କେନ୍ଦ୍ରାପଡା ଅର୍ବାନ ବ୍ୟାଙ୍କ ପୁରୁଣା ବସ୍‌ଷ୍ଟାଣ୍ଡ ଶାଖା ସ୍ଥାନାନ୍ତରିତ



**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କର ପୁରୁଣା ବସଷ୍ଟାଣ୍ଡ ଶାଖା ବଳଗଣ୍ଡିସ୍ଥିତ ମହାଭୋଇ ପୋଖରୀ ସମ୍ମୁଖକୁ ସ୍ଥାନାନ୍ତର ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇ ବୁଧବାର ପୂର୍ବାହ୍ନରେ ଏହି ସ୍ଥାନାନ୍ତରିତ ଶାଖାକୁ ଫିତା କାଟି ଉଦଘାଟନ କରିଥିଲେ। ଏହି ଅବସରରେ କେନ୍ଦ୍ରାପଡାର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀଉ ଏବଂ ବ୍ୟାଙ୍କର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ଭାଗବତ ପ୍ରସାଦ ମହାନ୍ତିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଜିଲ୍ଲାପାଳ ଶ୍ରୀ ଆୟର ତାଙ୍କ ବକ୍ତବ୍ୟରେ କେନ୍ଦ୍ରାପଡା ଅର୍ବାନ ବ୍ୟାଙ୍କର ସଫଳତା କାମନା କରି ଆଗାମୀ ଦିନରେ ଏହି ବ୍ୟାଙ୍କ କେବଳ ଓଡିଶା ରାଜ୍ୟ କାହିଁକି ସାରା ଭାରତବର୍ଷର ଏକ ନମ୍ବର ବ୍ୟାଙ୍କ ଭାବରେ ପରିଗଣିତ ହେବା ପାଇଁ ଉପସ୍ଥିତ କର୍ମଚାରୀ, ଗ୍ରାହକ, ସଭ୍ୟ, ନିର୍ଦ୍ଦେଶକ ଓ ଶୁଭେଚ୍ଛୁମାନଙ୍କ ସହଯୋଗ କାମନା କରିଥିଲେ। ବ୍ୟାଙ୍କର ସଭାପତି ଗୁରୁପ୍ରସାଦ ମହାନ୍ତି ଉତ୍ସବରେ ଅଧ୍ୟକ୍ଷତା କରି କହିଲେ ଆଗାମୀ ଦିନରେ ଏହି ଶାଖା ପ୍ରତ୍ୟେହ ସକାଳ ୮ଟାରୁ ରାତ୍ର ୮ଟା ପର୍ଯ୍ୟନ୍ତ ବ୍ୟାଙ୍କ ସେବା ଯୋଗାଇଦେବା ପାଇଁ ଖୁବଶୀଘ୍ର ବ୍ୟବସ୍ଥା କରାଯାଉଛି। କେନ୍ଦ୍ରାପଡା ଅର୍ବାନବ୍ୟାଙ୍କ ଏହାମଧ୍ୟରେ ଆର୍ଥିକ ଓ ପରିଚାଳନାଗତ ସୁଦୃଢତା ଲାଭ କରିଛି। ଏଥିସହିତ ରାଜ୍ୟ ଏବଂ କେନ୍ଦ୍ର ସ୍ତରରେ ଏକ ପ୍ରମୁଖ ସଫଳ ଆର୍ଥିକ ପ୍ରତିଷ୍ଠାନ ଭାବରେ ମଧ୍ୟ ପ୍ରତିଷ୍ଠା ଲାଭ କରିଛି। ଫଳରେ ଏହି ବ୍ୟାଙ୍କ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସ୍ୱୀକୃତି ଲାଭ କରିବା ସହ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଲଗାଯାଇଥିବା ବିଭିନ୍ନ ପ୍ରତିବନ୍ଧକ ପ୍ରତ୍ୟାହାର କରିନିଆଯାଇ ବ୍ୟାଙ୍କକୁ ଆବଶ୍ୟକ କ୍ଷମତା ପ୍ରଦାନ କରାଯାଇଛି। ଏଥିସହିତ ଏହି ଶାଖା ସ୍ଥାନାନ୍ତରେ ସହଯୋଗ କରିଥିବା ବ୍ୟାଙ୍କ କର୍ମଚାରୀମାନଙ୍କୁ କୃତଜ୍ଞତା ଜଣାଇଥିଲେ ସଭାପତି। ବ୍ୟାଙ୍କର ସିଇଓ ଭାଗ୍ୟଲକ୍ଷ୍ମୀ ପଣ୍ଡା ବ୍ୟାଙ୍କକୁ ଆଗେଇନେବା ପାଇଁ ସମସ୍ତଙ୍କ ସହଯୋଗ କାମନା କରି ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ।ଏହି ଉତ୍ସବରେ ବ୍ୟାଙ୍କର ପୂର୍ବତନ ଓ ବର୍ତ୍ତମାନର ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ସାହୁ, ଶୁକାନ୍ତ କୁମାର ଦ୍ୱିବେଦୀ, ଶ୍ରୀକାନ୍ତ ନାୟକ, ଅମୂଲ୍ୟ ପ୍ରଧାନ, ସିଦ୍ଧାର୍ଥ ଜେନା, ମହେନ୍ଦ୍ର ପରିଡା, ବିଧୁଭୂଷଣ ମହାପାତ୍ର, କଳ୍ପତରୁ ମହାପାତ୍ର, ଦୟାନିଧି ଜେନା, ଶରତ କୁମାର ବେହୁରା, ପ୍ରଫୁଲ୍ଲ ସାହୁ, ବ୍ୟାଙ୍କର ଶୁଭେଚ୍ଛୁ ମହମ୍ମଦ ସଲୀମ ଖାନ, ମନୋଜ କୁମାର ସାହୁ, ଦୁର୍ଯ୍ୟୋଧନ ସାହୁ, ବିଧାନ ଚନ୍ଦ୍ର ସାମଲ, ଇରାନ ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ। ବ୍ୟାଙ୍କର ଜେନେରାଲ ମ୍ୟାନେଜର ରାଜୀବଲୋଚନ ପଣ୍ଡା, ସୁରେଶ ଚନ୍ଦ୍ର ପରିଡା, ମ୍ୟାନେଜର ଜୟଶ୍ରୀ ଦାସ, ମିନାକ୍ଷୀ ପାଣି, ଲଲାଟେନ୍ଦୁକେଶରୀ ଦାସ, ଆଦିତ୍ୟ ଶତପଥୀ, ଭଞ୍ଜକିଶୋର ଜେନା, ସୁକାନ୍ତ କୁମାର କର, ଅର୍ଚ୍ଚନା ନାୟକ, କିର୍ତ୍ତୀରଞ୍ଜନ ବେହୁରା, କୁନଚନ୍ଦ୍ର ବେହୁରା, ଉତ୍ତମ ଚରଣ ନାୟକ, ତ୍ରିଲୋଚନ ପରିଡା, ତ୍ରିଲୋଚନ ମଲ୍ଲିକ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ରୋଗୀ କଲ୍ୟାଣ ସମିତି ବୈଠକ




**ବେତନଟୀ (ଅମୃତ ମିଡିଆ) :** ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତିର ଗଭର୍ଣ୍ଣିଂ ବଡି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ଖାନାର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ସିପୁନ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବଡସାହି ନିର୍ବାଚନ ମଣ୍ଡଳୀର ବିଧାୟକ ସନାତନ ବିଜୁଳି, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଶ୍ୱନାଥ ଦାସ, ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡାକ୍ତର ବିଜୟ କୁମାର ଦାଶ ଓ ଡାକ୍ତର ଶାନ୍ତନୁ କୁମାର ଦାଶ ପ୍ରମୁଖ ଯୋଗଦାନ କରି ପ୍ରଥମେ ଡାକ୍ତର ଖାନା ପରିସର ପରିଦର୍ଶନ କରିଥିଲେ। ଚିକିତ୍ସା ପାଇଁ ଆସିଥିବା ରୋଗୀଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଏହା ପରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ସେଥିରେ ଡାକ୍ତରଖାନାର ବିଭିନ୍ନ ସମସ୍ୟା ଆଲୋଚନା ହୋଇଥିଲା। ରୋଗୀମାନଙ୍କୁ ଠିକ ଭାବରେ ଚିକିତ୍ସା ସେବା, ଔଷଧ, ଅଲଟ୍ରାସାଉଣ୍ଡ, ଏକ୍ସରେ, ରୋଗୀ ମାନଙ୍କୁ ଖାଦ୍ୟ ବଣ୍ଟନ ସୁବିଧା ସଠିକ ଭାବରେ କାର୍ଯ୍ୟକାରୀ ହେଉଛି କି ନାହିଁ ସେ ସମ୍ପର୍କରେ ବିଧାୟକ ସନାତନ ବିଜୁଳି ତାଗିଦ କରିଥିଲେ। ସ୍ୱାସ୍ଥ୍ୟସେବାର ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ଓ ଉନ୍ନତ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ବିଷୟରେ ଡାକ୍ତର ମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। କୌଣସି ରୋଗୀ ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେ ବିଷୟରେ ତାଗିଦ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିପିଏମ ସସ୍ମିତା ଦାଶ ମଞ୍ଚ ପରିଚାଳନା କରିଥିଲେ। ସମ୍ମାନୀତ ଅତିଥି ଭାବରେ ଏବିଡିଓ ଗଗନ ବିହାରୀ ବେହେରା, ବେତନଟୀ ମଣ୍ଡଳ ସଭାପତି ଜୀବନ କୁମାର ପରିଡା, ରୋଗୀ କଲ୍ୟାଣ ସମିତିର ସଦସ୍ୟ ଛତିଶ କୁମାର ପାତ୍ର, ପ୍ରଦୀପ ପରିଡା, ଡିପିଏମ ଅନିଲ ମହାନ୍ତି, ସିଡିପିଓ ଛବିରାଣୀ ବେହେରା, ପିଏଚଇଓ ମଞ୍ଜୁଶ୍ରୀ ଦାଶ, ସିନିୟର ଆସିଷ୍ଟାଣ୍ଟ ଅମିତାଭ ଦାଶ, ବିଏଏମ ତରୁଣ କୁମାର ପାତ୍ର ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

# ପୁରୁଷ ବନ୍ଧୁଙ୍କୁ ଆକ୍ରମଣ, ଯୁବତୀଙ୍କୁ ସଂଘବଦ୍ଧ ଅସଦାଚରଣ
## ନିଶ୍ଚିନ୍ତକୋଇଲି ଥାନାରେ ଅଭିଯୋଗ

**ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ) :** କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ଥାନା ଅଧିନ ସୁକରପଡ଼ା ନିକଟସ୍ଥ ପେଟ୍ରୋଲ ଟାଙ୍କି ଓ ସୁକରପଡ଼ା ସ୍ଥିତ ପୂର୍ତ୍ତବିଭାଗ ଡ଼ାକବଙ୍ଗଳା ନିକଟରେ କଟକରୁ କେନ୍ଦ୍ରାପଡ଼ା ଅଭିମୁଖେ ଏକ ଚାରିଚକିଆ ଯାନରେ ଯାଉଥିବା ଜଣେ ଯୁବତୀ ଓ ତାଙ୍କ ପୁରୁଷ ବନ୍ଧୁ ରାସ୍ତା ପାର୍ଶ୍ୱରେ ଚାରିଚକିଆ ଯାନ ଅଟକାଇ ବିଶ୍ରାମ ନେଉଥିଲେ। ଏହାର ସୁଯୋଗ ନେଇ ସ୍ଥାନୀୟ ଅଞ୍ଚଳର କେତେକ ଅସାମାଜିକ ଯୁବକ ସମ୍ପୃକ୍ତ ଚାରିଚକିଆ ଯାନର କାଚଗୁଡ଼ିକୁ ଭାଙ୍ଗି ପୁରୁଷ ବନ୍ଧୁଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହିତ ଗାଡ଼ିରେ ଥିବା ଯୁବତୀଙ୍କ ସହ ସଂଘବଦ୍ଧ ଭାବେ ଅସଦାଚରଣ କରିଥିଲେ। ନିଶ୍ଚିନ୍ତକୋଇଲି ଥାନା ପକ୍ଷରୁ ୩୦୫/ ୨୦୨୬ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯିବା ସହ ସ୍ଥାନୀୟ ଅଞ୍ଚଳର ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଏଥିରେ ସଂଶ୍ଲିଷ୍ଟ ଅନ୍ୟମାନଙ୍କୁ ଧରିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି। ଜଣେ ଡ଼ିଏସପି ପାହ୍ୟାର ବରିଷ୍ଠ ଅଧିକାରୀଙ୍କ ସହିତ ପୋଲିସ ଟିମକୁ ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଥିବା ଗ୍ରାମାଞ୍ଚଳ ଏସପି ବିନୀତ ଅଗ୍ରୱାଲ ସୂଚନା ଦେଇଛନ୍ତି। ଉକ୍ତ ଚାରିଚକିଆ ଯାନରେ ନୟାଗଡ଼ ଜିଲ୍ଲା ଫତେଗଡ଼ ଅଞ୍ଚଳର ଯୁବକ ଓ କେନ୍ଦ୍ରାପଡ଼ା ଜିଲ୍ଲା କଳପଡ଼ା ଅଞ୍ଚଳର ଯୁବତୀ ବୋଲି ଜଣାପଡ଼ିଛି।

# ୬୦ ଲିଟର ଦେଶୀମଦ ସହ ବାଇକ ଜବତ, ଜଣେ ଗିରଫ



**ବାଲୁଗାଁ (ଅମୃତ ମିଡିଆ) :** ବୁଧବାର ଦିନ ଖୋର୍ଦ୍ଧା ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଏବଂ ଟାଙ୍ଗୀ ଅବକାରୀ ଅଧିକ୍ଷକ ଅଜିତ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ବାଲୁଗାଁ ଥାନା ଅନ୍ତର୍ଗତ ପଦନପୁର ଅଞ୍ଚଳରେ ଚଢ଼ାଉ କରାଯାଇ ୬୦ ଲିଟର ଦେଶୀମଦ ଓ ଗୋଟିଏ ବାଇକ ଜବତ କରିବାସହ ଜଣଙ୍କୁ ଗିରଫ କରିଛି ବାଲୁଗାଁ ଅବକାରୀ ବିଭାଗ। ଅଭିଯୁକ୍ତ ଜଣକ ଗଞ୍ଜାମ ଜିଲ୍ଲା ଛକାସିଂ ଗ୍ରାମର ବିପ୍ର ଶବର ବୋଲି ଜଣାପଡିଛି। ଖବର ମୁତାବକ ବିପ୍ର ବାଇକ ଯୋଗେ ଦେଶୀମଦ ଚାଲାଣ କରୁଥିବା କୌଣସି ସୂତ୍ରରୁ ଅବକାରୀ ବିଭାଗ ସୂଚନା ପାଇବା ପରେ ତାକୁ ବାଲୁଗାଁ ଥାନା ଅନ୍ତର୍ଗତ ପଦନପୁର ଛକରେ କାବୁ କରିଥିଲା। ଅଭିଯୁକ୍ତ ବିରୁଦ୍ଧରେ କେଶ ନଂ ୧୨୩/ ୨୬-୨୭ ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ବାଲୁଗାଁ ଅବକାରୀ ଅଧିକାରୀ ସୋମ୍ୟ ରଞ୍ଜନ ବେହେରା କହିଛନ୍ତି।ଉକ୍ତ ଚଢ଼ାଉରେ ବାଲୁଗାଁ ଅବକାରୀ ଅଧିକାରୀ ଶ୍ରୀ ବେହେରାଙ୍କ ସମେତ କନେଷ୍ଟବଳ ରଞ୍ଜିତ ପଟେଲ,ସସ୍ମିତା ସେଠୀ, କାଳୁ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

# କିନ୍ନର ସଂଘ ପକ୍ଷରୁ ମା' ଦଶାମାଙ୍କ ପୂଜା

**ବାଲୁଗାଁ (ଅମୃତ ମିଡିଆ) :** ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବାଲୁଗାଁ କ୍ରିଷ୍ଣା ନଗରରେ କିନ୍ନର ସଂଘ ପକ୍ଷରୁ ମା' ଦଶାମାଙ୍କ ପୂଜା ବହୁ ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଦୀର୍ଘ ୧୯ ବର୍ଷ ଧରି ଏହି ପୂଜା ବହୁ ଧୁମଧାମରେ ପାଳନ କରାଯାଉଥିବା କିନ୍ନର ସଂଘ ସଭାନେତ୍ରୀ ଜ୍ୟୋତି କହିଛନ୍ତି। ପ୍ରତିବର୍ଷ ଏହି ବ୍ରତ ଶ୍ରାବଣ ମାସ ଚିତାଲାଗି ଅମାବାସ୍ୟା ଦିନ ଆରମ୍ଭ ହୋଇ ଦୀର୍ଘ ୧୦ ଦିନ ବ୍ୟାପୀ ପୂଜାର୍ଚ୍ଚନା କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ଗତ ସୋମବାର ସନ୍ଧ୍ୟାରେ ମାଙ୍କୁ ଅବତରଣ କରି ବାଜା,ରୋଷଣୀରେ ବଜାର ପରିକ୍ରମା କରି ପୂଜା ସ୍ଥଳୀରେ ସ୍ଥାପନ କରାଯାଇଥିଲା। ବୁଧବାର ଦିନ ନୂତନ ବସ୍ତ୍ର ଧାରଣ କରି ପୂଜାରେ ମା'ଙ୍କୁ ବିଭିନ୍ନ ପ୍ରକାର ପିଠାପଣା ସହ ଫଳ ଭୋଗ ଲାଗି କରାଯାଇଥିଲା। କିନ୍ନର ସଂଘ ସଭାନେତ୍ରୀ ଜ୍ୟୋତିଙ୍କ ପ୍ରଚେଷ୍ଟା ଏବଂ ସମସ୍ତ କିନ୍ନରମାନଙ୍କ ସହଯୋଗରେ ଦୀର୍ଘ ୧୦ ଦିନ ଧରି ଏହି ପୂଜା ଅନୁଷ୍ଠିତ ହେବ। ନିଷ୍ଠା ଓ ଭକ୍ତିରେ ଇଷ୍ଟ ଦେବୀଙ୍କୁ ପୂଜାର୍ଚ୍ଚନା କଲେ ସମାଜର ମଙ୍ଗଳ ହୋଇଥାଏ ବୋଲି ବ୍ରତଧାରୀ କିନ୍ନର ମାନେ କହିଛନ୍ତି।

# ହର ଘର୍ ତ୍ରିରଙ୍ଗା ଅଭିଯାନ



**ମାହାଙ୍ଗା (ଅମୃତ ମିଡ଼ିଆ) :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିର୍ଦ୍ଦେଶ କ୍ରମେ ଆଜି ହର ଘର ତ୍ରିରଙ୍ଗା ଅଭିଯାନ ମଣ୍ଡଳ ସଭାପତି ଅରୁଣ କୁମାର୍ ସେଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। କଇଥା ପଞ୍ଚାୟତର ଆନନ୍ଦ ବଜାର ଗାନ୍ଧୀ ଶିକ୍ଷା ଶ୍ରମ ପାର୍କ ପରିସରରେ ଥବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି ତ୍ରିରଙ୍ଗା ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କଇଥା ପଞ୍ଚାୟତର ସଭାପତି ମନୋଜ କୁମାର୍ ନାଥ, ଦେବାଶିଷ ମହାନ୍ତି, ରଶ୍ମିକାନ୍ତ ସ୍ୱାଇଁ, ଅରବିନ୍ଦ ମହାନ୍ତି, ଉମାକାନ୍ତ ସ୍ୱାଇଁ, କୃଷ୍ଣ ପ୍ରସାଦ ରାଉତ, ପୂର୍ବତନ ସରପଂଚ ଅଭିନ୍ନ ଜେନା, ଅଜିତ ବଳ, ପନଙ୍ଗ ଭୂଷଣ ଦାସ, ନରେନ୍ଦ୍ର ରାଉତ, ଲକ୍ଷ୍ମୀଧର ବେହେରା, ପ୍ରଶାନ୍ତ ରାଉତ, ଅମୂଲ୍ୟ ଜେନା, ନକୁଳ ଜେନା, ହଳଧର ପରିଡା, ଅରୁଣ ସାହୁ, ତୋଫାନ ସ୍ୱାଇଁ, ଶରତ କୁମାର ନାଥ ପ୍ରମୁଖଙ୍କ ସମେତ ବହୁ କର୍ମୀ ଶୋଭାଯାତ୍ରାରେ ସାମିଲ ହୋଇ ଥିଲେ। ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ କର୍ମୀ ତ୍ରିରଙ୍ଗା ପତାକା ଧରି କଇଥା,ଜସୋ ରାଜ୍ ପୁର, ସମସରପୁର, ମଧୁପୁର, କୁଣ୍ଡୀ, କୋଳି ଅଠା, ବର ଅଠା, ସିପୂରା, ଗୁଣ୍ଡୁପୁର, ଧର୍ମ ଦାସ ପୁର, ଗ୍ରାମ ପରିକ୍ରମା କରି ମୂଳବସନ୍ତ ଠାରେ ବାଗ୍ମୀ ବିଶ୍ୱନାଥ କରଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ଅର୍ପଣ କରିଥିଲେ।

# ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ବିଜେପି ସଭାପତି

**ମାହାଙ୍ଗା (ଅମୃତ ମିଡ଼ିଆ) :** ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ସାରା ଭାରତ ବର୍ଷରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହେଉଛି। ଏହି ପରୀପ୍ରେକ୍ଷୀରେ କଟକ ଜିଲ୍ଲା ମାହାଙ୍ଗା ବ୍ଲକ ବିଧାୟକ ସାରଦା ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ୪୨ ନମ୍ବର ଜୋନର ଭଦ୍ରେଶ୍ୱର ମଣ୍ଡଳ ସଭାପତି ଭକ୍ତ ଚରଣ ସ୍ୱାଇଁଙ୍କ ନେତୃତ୍ୱରେ ଶତାଧିକ କର୍ମୀ ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଭଉଁରୀଆ ପଞ୍ଚାୟତଠାରୁ ଆରମ୍ଭ ହୋଇ ୯ଗୋଟି ପଂଚାୟତ ପରିକ୍ରମା କରି ଶେଷରେ ବରାହୀପୁର ପଞ୍ଚାୟତର ଦେବରିଓ ଠାରେ ଉଦଯାପନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲା ବିଜେପି ସଭାପତି ରାମ ନାରାୟଣ ମହାନ୍ତି, ବରିଷ୍ଠ କାର୍ଯ୍ୟକର୍ତ୍ତା ସମୀର ସାମଲ, କିଶୋର ରାଉତ, କଟକ ଜିଲ୍ଲା ସମ୍ପାଦକ ତଥା ମଣ୍ଡଳ ପ୍ରଭାରୀ ତାପସ ଜେନା, ସମିତି ସଭ୍ୟ ମନୋରଞ୍ଜନ ନାୟକ, ପ୍ରକାଶ ନାୟକ, ସୂର୍ଯ୍ୟକାନ୍ତ ପଣ୍ଡା, ବିବେକ ପାଣି, ତୁଷାର କାନ୍ତ ମହାପାତ୍ର, ସୁରେଶ ମହାନ୍ତି, ଦେବି ପ୍ରସାଦ ସ୍ୱାଇଁ, ସଞ୍ଜୟ ସ୍ୱାଇଁ, ନିଗମାନନ୍ଦ ଖଟୁଆ ଅଭିନନ୍ଦନ ଖଟୁଆ, ତୁଷାର କାନ୍ତ ସ୍ୱାଇଁ,ଗୋକୁଳାନନ୍ଦ ପଣ୍ଡା, ଭରତ ଚନ୍ଦ୍ର ପ୍ରଧାନ, କମଳାକାନ୍ତ ରାଉତ, ଗୌତମ ଶତପଥୀ,ତୁଷାର କାନ୍ତ ସ୍ୱାଇଁ, ବିଶ୍ୱଭୂଷଣ ପ୍ରଧାନ, ସନ୍ତୋଷ ସିଂ, ଚିତ୍ତରଞ୍ଜନ ଲେଙ୍କା, ଖଗେଶ୍ୱର ସାହୁ, ରଞ୍ଜନ ଶତପଥୀ, ଆରିଫ ମହମ୍ମଦ, ବଂଶୀଧର ନାଥ, ଅଶୋକ ସାହୁ, ଜଗବନ୍ଧୁ ଗୋଛାୟତ, ଶଶିଭୂଷଣ ନାଥ, କାର୍ଯ୍ୟକର୍ତ୍ତା ଏହି ତ୍ରିରଙ୍ଗା ଅଭିଯାନରେ ସାମିଲ ହୋଇଥିଲେ।

# ଅନ୍ତର୍ଜାତୀୟ ଯୁବ ଦିବସ ପାଳିତ

**ବେଗୁନିଆପଡା (ଅମୃତ ମିଡିଆ) :** ବୁଧବାର ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟ ରେ ରାଜନୀତି ବିଜ୍ଞାନ ବିଭାଗ ତରଫରୁ ଆନ୍ତର୍ଜାତୀୟ ଯୁବ ଦିବସ ମହାବିଦ୍ୟାଳୟର ଅଧ୍ୟକ୍ଷ ରଘୁନାଥ ମୁଦୁଲିଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପିକା ତପସ୍ୱିନୀ କରଣ ଯୁବ ଦିବସର ଐତିହାସିକ ପୃଷ୍ଠଭୂମି ଓ ଯୁବଶକ୍ତିର ଭୂମିକା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଯୁବ ରେଡକ୍ରସ ସଂଯୋଜକ ରତ୍ନାକର ପ୍ରଧାନ ରାଷ୍ଟ୍ର ଗଠନରେ ଯୁବ ଶକ୍ତିର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟକ୍ଷ ରଘୁନାଥ ମୁଦୁଲି ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ଯୁବକ ମାନଙ୍କ ଭୂମିକା ବିଷୟରେ ବିଶଦ ଆଲୋଚନା କରିଥିଲେ। ପ୍ରଥମ ବର୍ଷର ଛାତ୍ର ଯୁବ ଦିବସର ଆବଶ୍ୟକତା ସମ୍ପର୍କରେ ନିଜର ମତ ପ୍ରକାଶ କରିଥିଲେ।

# ଯୁବ ଦିବସରେ ନିଶାମୁକ୍ତ ଯୁବଶକ୍ତି କାର୍ଯ୍ୟକ୍ରମ
## ତରିକୁନ୍ଦ ଉଚ୍ଚବିଦ୍ୟାଳୟରେ ଶତାଧିକ ଛାତ୍ରଛାତ୍ରୀଙ୍କ ଶପଥଗ୍ରହଣ



**ଜଗତସିଂହପୁର (ଅମୃତ ମିଡ଼ିଆ) :** ଐତିହାସିକ ଅଳକା ଆଶ୍ରମ ଆନୁକୂଲ୍ୟରେ ଆନ୍ତର୍ଜାତୀୟ ଯୁବ ଦିବସ ଅବସରରେ ପିଏମଶ୍ରୀ ତରିକୁନ୍ଦ ଉଚ୍ଚ ବିଦ୍ୟାଳୟ ପରିସରରେ ନିଶାମୁକ୍ତ ଯୁବଶକ୍ତି କର୍ମଶାଳାରେ ଜୀବନରେ ନିଜେ ନିଶା ସେବନ ନକରି ନିଜ ପରିବେଶକୁ ନିଶାମୁକ୍ତ ରଖିବା ପାଇଁ ଶତାଧିକ ଛାତ୍ରଛାତ୍ରୀ ଶପଥ ଗ୍ରହଣ କରିଛନ୍ତି। ୨୦୨୩ ମସିହା କ୍ରାନ୍ତି ଦିବସ ଠାରୁ ଶିକ୍ଷାବିତ ଦେବେନ୍ଦ୍ର ନାଥ ରାଉତଙ୍କ ଆବାହକତ୍ୱରେ ଏକ ସଶକ୍ତ ଓ ସମୃଦ୍ଧ ଯୁବ ଶକ୍ତି ନିର୍ମାଣନ ପାଇଁ ନିଶାମୁକ୍ତ ଯୁବଶକ୍ତି କର୍ମଶାଳା ଜିଲ୍ଲାର ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ନିରବଛିନ୍ନ ଭାବରେ ଆୟୋଜିତ ହେଉଛି। ଏହି କର୍ମଶାଳାରେ ଆବାହକ ଶ୍ରୀ ରାଉତ ନିଶାର କୁପ୍ରଭାବ ବିଷୟରେ ବିଷଦ ଭାବରେ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରିବା ସହିତ ନିଶା କିପରି ଧୀରେ ଧୀରେ ପିଲାମାନଙ୍କୁ କବଳାୟିତ କରେ ସେ ବିଷୟରେ ସଚେତନ କରାଇଥିଲେ। ଏହି ଅବସରରେ ଆଶ୍ରମର କୋଷାଧ୍ୟକ୍ଷ ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିଜୟ କୁମାର ରଥ ନିଶାର ଭୟାବହତା ବିଷୟରେ ଆଲୋଚନା କରିଥିଲେ। ମାଇ ଭାରତ ସଂଗଠନର ଅଧିକାରୀ ପବିତ୍ର ମୋହନ ସୁବୁଦ୍ଧି ପିଲାମାନଙ୍କୁ ନିଶା ବିରୁଦ୍ଧରେ ସଚେତନ ରହିବାକୁ ଆହ୍ୱାନ ଦେଇଥିଲେ। ଭରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳକୁ ଶିକ୍ଷୟତ୍ରୀ ଦିପ୍ତିମୟୀ ସେନାପତି ସଂଚାଳନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମନୋଜ କୁମାର ବାରିକ, ମାନସ ରଞ୍ଜନ ମହାନ୍ତି, ରୋହଣ କୁମାର ପାତ୍ର ତଥା ବିଦ୍ୟାଳୟର ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ଅତ୍ୟନ୍ତ ଉତ୍ସାହର ସହିତ ପରିଚାଳନା କରିଥିଲେ।

# ଖଣ୍ଡପଡ଼ା ସହରାଞ୍ଚଳ ତ୍ରିରଙ୍ଗାମୟ
## ନେତା ଓ ପ୍ରଶାସନ ଅଧିକାରୀଙ୍କୁ ନେଇ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ



**ଖଣ୍ଡପଡା (ଅମୃତ ମିଡ଼ିଆ) :** ଖଣ୍ଡପଡ଼ା ବିଧାୟକଙ୍କ ସହିତ ସ୍ଥାନୀୟ ପ୍ରସାଶନୀକ ଅଧିକାରୀ ମାନଙ୍କ ପକ୍ଷରୁ ହରହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ୱାଧୀନତାର ୮୦ବର୍ଷ ପୂର୍ତି ପାଳନ ଅବସରରେ ଦେଶବାସୀଙ୍କର ମନରେ ଦେଶ ପ୍ରେମର ଭାବନା ଓ ଜାତୀୟତା ବୋଧକୁ ଅଧିକରୁ ଅଧିକ ସୁଦୃଢ କରିବା ପାଇଁ ପ୍ରାୟତଃ ସାରା ଦେଶ ବ୍ୟାପି ନିଆଯାଇଥିବା ଉକ୍ତ ପଦକ୍ଷେପ ସୁଦୁର ପ୍ରସାରୀ ହୋଇପାରିଛି। ଖଣ୍ଡପଡ଼ା ବିଡ଼ିଓ ଅଙ୍କୁର ଅଭିଲାଷ, ଏବିଡ଼ିଓ ଝାଡ଼େଶ୍ୱର ଦାସ ଓ ତହସିଲଦାର ବିଶ୍ୱବିସ୍ମୃତ ତ୍ରିପାଠୀଙ୍କ ସହିତ ବିଧାୟକ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବାଦ୍ୟ ବାଣ ଡ଼ାକବାଦି ଯନ୍ତ୍ରର ରୋଷଣି ମଧ୍ୟେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକର ଛାତ୍ରଛାତ୍ରୀ ସ୍ୱୟଂ ସହାୟିକା ଗୋଷ୍ଠୀ ଗୁଡ଼ିକର ପ୍ରମୁଖ ସଦସ୍ୟା ବ୍ଲକ୍ ଅନ୍ତର୍ଗତ ୨୨ ଗୋଟି ଗ୍ରାମପଂଚାୟତରୁ ପ୍ରମୁଖ ନେତୃତ୍ୱଧାରୀ ଲୋକପ୍ରତିନିଧିଙ୍କ ସହିତ କାର୍ଯ୍ୟକ୍ରମକୁ ଭଲ ପାଉଥିବା ବ୍ୟକ୍ତବିଶେଷ, ସହରାଂଳଚ ମଧ୍ୟସ୍ଥ ଜ୍ଞାନୀ, ଗୁଣି ବ୍ୟକ୍ତିବିଶେଷଙ୍କ ସମାଗମରେ ପ୍ରାୟ ୩ ହଜାରରୁ ଉର୍ଦ୍ଧ୍ୱ ଏକ ବିଶାଳ ର୍‍ୟାଲି ଖଣ୍ଡପଡ଼ା ବ୍ଲକ୍ ଛକରୁ ଆରମ୍ଭ କରି ଗୁଣ୍ଡିଚା ମନ୍ଦିର ରାସ୍ତା ଦେଇ ମା'ଉମାଦେବୀ ମନ୍ଦିର ପ୍ରାଙ୍ଗଣରେ ଶେଷ ହୋଇଥିଲା। ସ୍ଥାନୀୟ ଯୁବ ସମାଜଙ୍କ ନେତୃତ୍ୱରେ ଓ ତତ୍ୱାବଧାନରେ ଆୟୋଜିତ ର୍‍ୟାଲିରେ ସାରା ସହରାଂଚଳର ଦେଖଣାହାରୀ ଓ ଅଧିବାସୀଙ୍କ ମନରେ ଦେଶଭକ୍ତିର ଏକ ଧାରା ପ୍ରବାହିତ ହୋଇଥିବାର ଜଣାପଡ଼ିଥିଲା। ଖଣ୍ଡପଡ଼ା ଏନ୍‌ଏସିର ପ୍ରାୟତଃ ପ୍ରମୁଖ କାଉନ୍‌ସିଲର ମାନଙ୍କ ମଧ୍ୟରେ ଦିଗମ୍ବର ମିଶ୍ର, ସତ୍ୟପ୍ରିୟ ମହାପାତ୍ର, ପ୍ରମୋଦିନୀ ଦାସ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବ୍ଲକ୍‌ସ୍ଥିତ ଜାତୀର ପିତା ମହାତ୍ମାଗାନ୍ଧିଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ, ଉପଢୌକନ ଓ ପ୍ରଦୀପ ପ୍ରଜ୍ୱଳନ କରି ବିଧାୟକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବା ବେଳେ ରଥଗଡ଼ାଛକ ଓ ବଜାରଛକ ସ୍ଥିତ ସାମନ୍ତ ଚନ୍ଦ୍ରଶେଖରଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ, ଉପଢୌକନ ଓ ପ୍ରଦୀପ ପ୍ରଜ୍ୱଳନ ବିଧଶୟକ ଓ ପ୍ରମୁଖ ବ୍ୟକ୍ତିବିଶେଷଙ୍କ ଦ୍ୱାରା କରାଯାଇ ର୍‍ୟାଲି ଆଗକୁ ଅଗ୍ରସର ହୋଇଥିଲା। ଦଶପଲ୍ଲାର ବିଜେପି ନେତା ରାଘବ ମଲ୍ଲିକ ଉକ୍ତ କାର୍ଯ୍ୟକ୍ରମରେ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିବା ବେଳେ ବନମାଳୀପୁରର ମଣ୍ଡଳର ତ୍ରିନାଥ ବେହେରା, କଂଟିଲୋ ମଣ୍ଡଳର ଟିକିନା ସାହୁ, ସିଧାମୂଳାର ପୂର୍ବତନ ସରପଂଚ କୈଳାସ ଚନ୍ଦ୍ର ଦଳେଇ, କଂଟିଲୋରୁ ସମାଜସେବୀ ଅଖିଳ ମହାରଣା, ଶାଳଝରିଆ ଗ୍ରାମପଂଚାୟତରୁ ସମିତିସଭ୍ୟାଙ୍କ ପ୍ରତିନିଧି ଗିରିଶି ଚନ୍ଦ୍ର ନାୟକ, ମର୍ଦ୍ଦରାଜପୁର ଗ୍ରାମପଂଚାୟତରୁ କୁବେର ଗୋଛି, ଜନ୍ମେଜୟ ଦଳେଇ, ବୋଦାସା ପଂଚାୟତରୁ ସର୍ବେଶ୍ୱର ସ୍ୱାଇଁ, ଶିଖରପୁର ଗ୍ରାମପଂଚାୟରୁ ପୂର୍ବତନ ସରପଂଚ ନବକିଶୋର ସାହୁ, ସିଘାଂପଡ଼ାରୁ ପୂର୍ବତନ ସରପଂଚ ରମାକାନ୍ତ ସେଠୀ ପ୍ରମୁଖ ନେତୃତ୍ୱଧାରୀ ବ୍ୟକ୍ତବିଶେଷ ଏହି ର୍‍ୟାଲିରେ ଯୋଗଦେଇଥିବାର ଦେଖିବାକୁ ମିଳିଥିଲା। ସହରାଂଚଳ ମଧ୍ୟରୁ ଚିତ୍‌ରଞ୍ଜନ ମିଶ୍ରଙ୍କ ସହିତ ପ୍ରମୁଖ ଯୁବଗୋଷ୍ଠୀ ଏହି ର୍‍ୟାଲିରେ ଯୋଗଦାନ ପୂର୍ବକ ଦେଶପ୍ରିତିର ବାର୍ତା ସର୍ବସାଧାରଣଙ୍କୁ ପ୍ରଦାନ କ୍ଷେତ୍ରରେ ପ୍ରୟାସ କରିଥିଲେ। ଖଣ୍ଡପଡ଼ା ଥାନା ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଥାନାଧିକାରୀ କୃତିବାସ ହରିଚନ୍ଦନଙ୍କ ନେତୃତ୍ୱରେ ପ୍ରମୁଖ ଆରକ୍ଷୀ ଗୋଷ୍ଠୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏକ ବିଶାଳକାୟ ଜାତୀୟ ପତାକାକୁ ଶତାଧିକ ଛାତ୍ରଛାତ୍ରୀ ହାତରେ ଧରି ଏହି ର୍‍ୟାଲିର ଶୋଭା ବର୍ଦ୍ଧନ କରିଥିଲେ। ସମସ୍ତଙ୍କ ହାତରେ ଥିବା ଜାତୀୟ ପତାକା ସମଗ୍ର ସହରକୁ ତ୍ରିରଙ୍ଗା ଉଡ଼ାଣକୁ ନେଇ ରଙ୍ଗାଇତ୍ କରିଥିବାର ଦେଖାଯାଇଥିଲା। ମା'ଉମାଦେବୀଙ୍କ ପୀଠରେ ବିଧାୟକଙ୍କ ପକ୍ଷରୁ କାର୍ଯ୍ୟକ୍ରମର ସମାପ୍ତି ଘୋଷଣା ହୋଇଥିବା ବେଳେ ପ୍ରାୟ ହଜାର ହଜାର ସଂଖ୍ୟାରେ ବ୍ୟକ୍ତିବିଶେଷଙ୍କ ନିମନ୍ତେ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିବାର ଦେଖିବାକୁ ମିଳିଥିଲା।





# ସରପଞ୍ଚ ଚାମେଲୀଙ୍କ ବିରୁଦ୍ଧରେ ଆସିଥିବା ଅନାସ୍ଥା ଭୋଟିଂ ଶେଷ
## ରାୟ ସଂରକ୍ଷିତ, ସରପଞ୍ଚ ଗାଦି ଟଳମଳ



**ମାର୍ଶାଘାଇ (ଅମୃତ ମିଡ଼ିଆ) :** ମାର୍ଶାଘାଇ ଥାନା ଅଧିନ ତିଖିରୀ ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ବହୁ ଚର୍ଚିତ ସରପଞ୍ଚ ଚାମେଲୀ ଓଝାଙ୍କ ବିରୁଦ୍ଧରେ ଚାଲିଥିଲା ଅନାସ୍ଥା ଭୋଟିଂ। ଭୋଟିଂ ଦାୟିତ୍ୱରେ ଥିଲେ ଦୁଇ ତହସିଲଦାର ପଟ୍ଟାମୁଣ୍ଡାଇ ଓ ଡେରାବିଶ ତହସିଲଦାର କରିଥିଲେ ଭୋଟିଂ ପରିଚାଳନା। ଗତ ଜୁଲାଇ ମାସ ୨୩ତାରିଖରେ ସରପଞ୍ଚ ଚାମେଲୀଙ୍କ ବିରୁଦ୍ଧରେ ଆସିଥିଲା ଅନାସ୍ଥା ପ୍ରସ୍ତାବ। ସେହି ମାସ ୨୭ତାରିଖରେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ହୋଇଥିଲା ଦସ୍ତଖତ ଯାଞ୍ଚ ପ୍ରକ୍ରିୟା। ଆଜି ୧୩ ତାରିଖରେ ଥିଲା ଭୋଟ ପ୍ରକ୍ରିୟା। ଆଜି ଭୋଟଦାନ ପ୍ରକ୍ରିୟା ଜାରି ରହିଥିବା ବେଳେ ୨୧ ଜଣ ୱାର୍ଡ ସଭ୍ୟ ସଭ୍ୟାଙ୍କ ମଧ୍ୟରୁ ଭୋଟିଙ୍ଗ ହଲରେ ୨୧ ଜଣଙ୍କ ମଧ୍ୟରୁ ୨୦ ଜଣ ସଭ୍ୟ ସଭ୍ୟା ଉପସ୍ଥିତ ଥିବାବେଳେ ଜଣେ ସଭ୍ୟା ସ୍ୱାସ୍ଥ୍ୟ ଗତ କାରଣରୁ ଅନୁପସ୍ଥିତ ଥିଲେ। ଦିନ ୧୧ଟା ସମୟରେ ଭୋଟ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ତିଖିରି ସରପଞ୍ଚ ଚାମେଲୀ ଓଝା ପଂଚାୟତ କାର୍ଯ୍ୟାଳୟ ରେ ପହଁଚି ଥିଲେ। ନିଜେ ଭୋଟ ନ ଦେଇ ନିଜର ଏକ ଦାବୀ ପତ୍ର ଦାୟିତ୍ୱରେ ଥିବା ପ୍ରିଯଡିଙ୍ଗ ଅଫିସରଙ୍କୁ ଦେଇ ଫେରି ଯାଇଥିଲେ। ତାଙ୍କ ଦାବୀ ପତ୍ରରେ ଉଲେଖ ରହିଥିଲା ଚେମେଲଙ୍କୁ ଯେଉଁ ନୋଟିସ ଦିଆଯାଇଥିଲା ସେହି ନୋଟିସ ଚେମେଲୀଙ୍କୁ ଦିଅନଯାଇ ତାଙ୍କ ବାପାଙ୍କୁ ଦିଆଯାଇଥିଲା। ଯେଉଁ ଥିରେ ନଥିଲା ସଂକଳ୍ପ ପତ୍ର ଓ ବରାଦି ପତ୍ର। ଯାହା ଫଳରେ ସରପଞ୍ଚ ଚାମେଲୀ ହାଇକୋର୍ଟଙ୍କ ଦ୍ୱାରସ୍ତ ହେବେ ବୋଲି ଦାବି କରି ପଂଚାୟତ ଅଫିସରୁ ଫେରିଯାଇ ଥିଲେ। ଅପରାହ୍ନ ସାଡେ ଗୋଟାଏ ରେ ଭୋଟ ପ୍ରକ୍ରିୟା ଶେଷ ହୋଇଥିଲା। ଭୋଟ ଦାନକୁ ଶାନ୍ତି ଶୃଙ୍ଖଳାର ସହିତ ଶେଷ କରିବାପାଇଁ ଜିଲ୍ଲାର ୫ଜଣ ଆଇଆଇସି, ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ଶହ କେନ୍ଦ୍ରାପଡ଼ା ଏସଡିପିଓ ଜ୍ୟୋତି ରଞ୍ଜନ ଗୌଡ଼ ପଂଚାୟତ କାର୍ଯ୍ୟାଳୟ ପରିଷରରେ ଉପସ୍ଥିତ ଥିଲେ। ଅନାସ୍ଥା ଭୋଟିଂ ଫଳାଫଳ ଉପରେ ହାଇକୋର୍ଟଙ୍କ ଅନ୍ତରୀଣ ଅଙ୍କୁଶ ରହିଥିବାରୁ ଫଳାଫଳ ପ୍ରକାଶ ପାଇପାରିଲାନାହିଁ। ଏ ସର୍ମ୍ପକରେ ଅନାସ୍ଥା ସପକ୍ଷରେ ଥିବା ସଭ୍ୟ ଓ ସଭ୍ୟାଙ୍କ ମତ ଥିଲା ପଂଚାୟତରେ କୌଣସି କାର୍ଯ୍ୟ ହେଉନଥିବାରୁ ଆମେ ଅନାସ୍ଥା ଅଣିଥିଲୁ ମାତ୍ର ଭୋଟ ଦେଲୁ କିନ୍ତୁ ଫଳ ପ୍ରକାଶ ପାଇଲା ନାହିଁ। ଆଗାମୀ ଦିନରେ ଆମ ସପକ୍ଷରେ ଫଳ ପ୍ରକାଶ ପାଇବ। ନାୟ ସରପଞ୍ଚଙ୍କ ଦ୍ୱାରା ପଂଚାୟତରେ ଉନୟନମୂଳକ କାର୍ଯ୍ୟ କରାଯିବ। ତେବେ ଦୀର୍ଘ ୩ମାସ ଧରି ଯଥା ଜୁନ ୧୦ତାରିଖରେ ମହାକାଳପଡ଼ା ବ୍ଲକ କାର୍ଯ୍ୟଳୟରେ ଚେମେଲୀଙ୍କ ପ୍ରତି ହୋଇଥିବା ଅସ୍ୱାଭାବିକ ବେବହାରକୁ ଚାମେଲୀ ସୋସିଆଲ ମିଡ଼ିଆରେ ସକ୍ରିୟ ଥିବା ବେଳେ ସେହି ମାସ ୧୩ ତାରିଖରେ ମେଡିକାଲରୁ ଜେଲ ଯାଇଥିଲେ ଚାମେଲୀ। ପରେ ଆନ୍ତରିଣ ବେଲ ରେ ଆସି ମହାକାଳପଡ଼ା ବିଡିଓ ଏବଂ ଥାନା ଅଧିକାରୀଙ୍କ ବିରୁଦ୍ଧରେ କେନ୍ଦ୍ରାପଡ଼ା ଏସପି ଅଫିସ ପରେ ଭୁବନେଶ୍ୱର ଲୋୟୋର ପିଏମଜିରେ ହଙ୍ଗର ଷ୍ଟ୍ରାଇକରେ ବସିଥିଲେ ଚାମେଲୀ। ଆଜି ଏହି ବହୁ ଚର୍ଚିତ ଚେମେଲୀଙ୍କ ବିରୁଦ୍ଧରେ ନିଜ ପଂଚାୟତରୁ ଆସିଥିବା ଅନାସ୍ଥାରେ ଭୋଟ ପ୍ରକ୍ରିୟା ଶେଷ ହୋଇଛି। କେବେ ଆସିବ କୋର୍ଟଙ୍କ ରାୟ ତାହା ଉପରେ ସମସ୍ତଙ୍କ ନଜର ଥିବା ବେଳେ ଚାମେଲିଙ୍କ ଗାଦି ଟଳମଳ। ମାତ୍ର ସେ ସମୟ ପର୍ଯ୍ୟନ୍ତ ଚାମେଲୀ ସରପଞ୍ଚ ଭାବେ ନିଜର କାର୍ଯ୍ୟ ନିର୍ବାହ କରିବେ ବୋଲି ରହିଛି କୋର୍ଟଙ୍କ ନିର୍ଦ୍ଦେଶ।



# ଦେବବ୍ରତ ମେମୋରିଆଲ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ମେଧା ସମ୍ବର୍ଦ୍ଧନା




ବାରିପଦା (ଅମୃତ ମିଡିଆ) : ବିଗତ ବର୍ଷ ଭଳି ଏବର୍ଷ ମଧ ଠାକୁରମୁଣ୍ଡା ଓ କରଞ୍ଜିଆ ବ୍ଲକର ମ୍ୟାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ଥିବା କୃତୀ ଆଦିବାସୀ ଛାତ୍ରଛାତ୍ରୀମାନଙ୍କୁ ଭୁବନେଶ୍ୱରର ଦେବବ୍ରତ ମେମୋରିଆଲ ଚେରିଟେ୍ବଲ ଟ୍ରଷ୍ଟ ପକ୍ଷରୁ ମାନପତ୍ର, ପୁରସ୍କାର ରାଶି ଓ ମେଧା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଠାକୁରମୁଣ୍ଡା ସରକାରୀ ବାଳିକା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ସଂଯୋଜକ ତଥା ବରିଷ୍ଠ ସାମ୍ବାଦିକ ମଧୁସୂଦନ ନନ୍ଦଙ୍କ ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମରେ ଟ୍ରଷ୍ଟର ଅଧକ୍ଷା ଫୁଲମଣୀ ମାଝୀ ସଭାପତିତ୍ୱ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ଠାକୁରମୁଣ୍ଡା ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାକେଶ ରଞ୍ଜନ ଦାସ, ମୁଖ୍ୟବକ୍ତା ଭାବେ ଠାକୁରମୁଣ୍ଡା କନ୍ୟାଶ୍ରମର ପ୍ରଧାନ ଶିକ୍ଷୟତ୍ରୀ କର୍ମେଲା ଲାକ୍ରା, ସମ୍ମାନିତ ଅତିଥି ଭାବେ ବନାଞ୍ଚଳ ଫୋରେଷ୍ଟର ବିଦ୍ୟାଧର ମହାନ୍ତ, ଜଡିବିଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ଦିଲ୍ଲୀପ ମହାନ୍ତ ପ୍ରମୁଖ ଉପସ୍ଥିତ ରହି କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିବା ସହ ଉପାଦେୟ ପରାମର୍ଶ ଦେଇ ଉତ୍ସାହିତ କରିଥିଲେ ପ୍ରେରଣା ଦେଇଥିଲେ। ଏଥିସହିତ ଅଭିଭାବକ ମାନଙ୍କ ଆନ୍ତରିକ ଉଦ୍ୟମକୁ ପ୍ରଶଂସା କରିଥିଲେ। ଠାକୁରମୁଣ୍ଡା ବ୍ଲକ ଅଞ୍ଚଳର ଜଡିବିଲ ହାଇସ୍କୁଲର ମଦନ ସୋରେନ, ରାକେଶ ମାଝୀ, ବବଲୁ ମାଝୀ ଓ ସୁନାରାମ ସିଂ, ଠାକୁରମୁଣ୍ଡା ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟର ପୂଜା ହୋ ଓ ଲକ୍ଷ୍ମୀପ୍ରିୟା ସିର୍କା, କରଞ୍ଜିଆ ବ୍ଲକ, ହାତିବାରୀ ହାଇସ୍କୁଲ ର ଜଗନ୍ନାଥ ପୁର୍ତ୍ତି, ଲୋକନାଥ ନାଏକ, ବିନୋଦ ଗାଗରାଇ, ତାଟୋ ବାଳିକା ଉଚ୍ଚ ବିଦ୍ୟାଳୟର ଅଞ୍ଜନା ନାଏକ, ହେମଲତା ନାଏକ, ଶୁଭସ୍ମିତା ମାଝୀଙ୍କୁ ଅତିଥି ମାନେ ମାନପତ୍ର ଓ ଅର୍ଥ ରାଶି ପ୍ରଦାନ କରିଥିଲେ। ଶେଷରେ ଟ୍ରଷ୍ଟର ଅନ୍ୟତମ ଟ୍ରଷ୍ଟି ସଚିକାନ୍ତ ମାଝୀ ଧନ୍ୟବାଦ ଅର୍ପଣ କରିଥିବାବେଳେ କନ୍ୟାଶ୍ରମ ର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଣ ଶିକ୍ଷା କର୍ମଚାରୀ ମାନେ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଠାକୁରମୁଣ୍ଡାର ଝିଅ ଓ ଏହି କନ୍ୟାଶ୍ରମର ପୂର୍ବତନ ଛାତ୍ରୀ ଫୁଲମଣୀ ମାଝୀଙ୍କ ପୁତ୍ର ଦେବବ୍ରତ ଜଣେ ସମାଜସେବାର ବ୍ରତୀ ମେଧାବୀ ସଫଳ ଛାତ୍ର ହୋଇ ମଧ ତାଙ୍କର ସମାଜସେବାର ଭାବନାକୁ ପ୍ରକୃତ ରୂପ ଦେବା ପୂର୍ବରୁ ଆକସ୍ମିକ ଦେହାନ୍ତ ହୋଇଥିଲା। ତାଙ୍କର ଇଛାକୁ ପୂରଣ କରିବାକୁ ଯାଇ ମାତା ଫୁଲମଣୀ ମାଝୀ ସେହି ବର୍ଷ ଠାରୁ ଅଦ୍ୟାବଧି ପ୍ରତ୍ୟେକ ବର୍ଷ ଦେବବ୍ରତଙ୍କ ଜନ୍ମଦିନରେ ଏଭଳି ନିଆରା କାର୍ଯ୍ୟକ୍ରମ କରି ଆସୁଛନ୍ତି।

# ବାଲିଜିପାଟଣାରେ ସାଇବର ସଚେତନତା କାର୍ଯ୍ୟକ୍ରମ



**ଫୁଲନଖରା (ଅମୃତ ମିଡ଼ିଆ) :** କଟକ ସଦର ଥାନା ପକ୍ଷରୁ ବ୍ରାହ୍ମଣଝରିଲୋ ବାଲିଜିପାଟଣା ସ୍ଥିତ ନରନାରାୟଣ ମଠରେ ବରିଷ୍ଠ ନାଗରିକ, ଯୁବକ ଓ ମହିଳାମାନଙ୍କୁ ନେଇ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଟକ ସଦର ଥାନା ଆଇଆଇସି ତୁଷାରକାନ୍ତ ସେଠୀ ଯୋଗଦେଇ ଉପସ୍ଥିତ ଗ୍ରାମବାସୀମାନଙ୍କୁ ସାଇବ ଠକେଇର ଶିକାର ନ ହେବାପାଇଁ ସଚେତନ କରିଥିଲେ। ଏଏସଆଇ ପ୍ରଶାନ୍ତ କୁମାର ପରିଡା ଯୋଗଦେଇ ଥାନା ପକ୍ଷରୁ ସବୁସମୟରେ ଗ୍ରାମବାସୀଙ୍କୁ ସହଯୋଗ କରାଯିବ ବୋଲି କହିଥିଲେ। ଗ୍ରାମ୍ୟ କମିଟିର ସଭାପତି ରମେଶ ଚନ୍ଦ୍ର ପ୍ରଧାନ ସଭାରେ ସଭାପତିତ୍ୱ କରିଥିବା ବେଳେ ସଂପାଦକ ବିଘ୍ନେଶ୍ୱର ତରାଇ ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୈଳାସ ଚନ୍ଦ୍ର ବେହେରା, ବ୍ରଜେନ୍ଦ୍ର ପ୍ରଧାନ, ବୈଦ୍ୟନାଥ ତରାଇ, ଅଲେଖ ବେହେରା, ପିତାମ୍ବର ତରାଇ, ଅନନ୍ତ ଦାସ, ସୁଦର୍ଶନ ତରାଇ, ହେମନ୍ତ ଓଝା, ମାନସ ପାତ୍ର, ମନୋଜ ତରାଇ, ଅଚ୍ୟୁତ ଦାସ, ଗୋବିନ୍ଦ ଓଝା, ଝରିଦାସ, ଶଙ୍କର ବେହେରା, ରାକେଶ ତରାଇ, ଅନନ୍ତ ପାତ୍ର, କମଳାକାନ୍ତ ପାତ୍ର, ସମିର ଦେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ବାଲିଜିପାଟଣା ଗ୍ରାମ୍ୟ କମିଟିର କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ।

# ଆଗ୍ରାହାଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନମେଳା



**ଟାଙ୍ଗୀ-ଚୌଦ୍ୱାର (ଅମୃତ ମିଡ଼ିଆ) :** ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆଗ୍ରାହାଟରେ ବିଦ୍ୟାଳୟର ବାର୍ଷିକ ଯୋଜନା ଅନୁଯାୟୀ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଥମରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଏଥିରେ ଭାଗ ନେଇଥିବା ବେଳେ ମୋଟ ୮୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରେ ବିଚାରକ ଭାବେ ମଙ୍ଗରାଜପୁର ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବ୍ରଜକିଶୋର ନାୟକ, ପିଏମଶ୍ରୀ କାହ୍ନୁଚରଣ ବିଦ୍ୟାପୀଠର ରଶ୍ମିତା ଦାସ, କୟଳପଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜ୍ଞାନ ବିଶ୍ୱାଳ, କୁମାରପୁର ଉଚ୍ଚ ବିଦ୍ୟାଳୟର ମହେଶ ରଞ୍ଜନ ସାହାଣୀ, ଚୌଦ୍ୱାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପବିତ୍ର କର ଓ କଲ୍ୟାଣପୁରର ରମାକାନ୍ତ ଓଝା ଯୋଗ ଦେଇ ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ଏହାସହିତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଜ୍ଞାନ, ଗଣିତ ଓ ସଂସ୍କୃତି ଜ୍ଞାନକୁ ନେଇ ପ୍ରଶ୍ନମଂଚ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବିଜୟ ପ୍ରତାପ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ପରିଚାଳନା ସମିତିର ସଭାପତି ତଥା ସର୍ବଭାରତୀୟ ଶିକ୍ଷକ ନେତା ପ୍ରତାପ କିଶୋର ମହାପାତ୍ର, ଉପସଭାପତି ବିଜୟ କୁମାର ଜେନା ଯୋଗ ଦେଇ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଆଚାର୍ଯ୍ୟା ଜ୍ୟୋତ୍ସ୍ନାମୟୀ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଜ୍ଞାନ ପ୍ରମୁଖ କଲ୍ୟାଣୀ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଆଚାର୍ଯ୍ୟା ରଶ୍ମୀତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କୋରାପୁଟ ବିଧାୟକଙ୍କୁ ବିରୋଧ



**ଜୟପୁର (ଅମୃତ ମିଡିଆ) :** ବିଧାୟକଙ୍କ ମନମୁଖୀ କାର୍ଯ୍ୟକୁ ନେଇ ସମିତି ବୈଠକ ବର୍ଜନ। ଅଧାରୁ ବୈଠକ ଛାଡି ଚାଲିଗଲେ ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟ ସଭ୍ୟା। ଆଜି ବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟରେ ଏଭଳି କିଛି ଘଟଣା ଦେଖିବାକୁ ମିଳିଛି। ବ୍ଲକ ପ୍ରଶାସନ ତରଫରୁ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। କୋରାପୁଟ ବିଧାୟକ ରଘୁରାମ ମାଛ ଏହି ବୈଠକରେ ଯୋଗ ଦେଇଥିଲେ। ବ୍ଲକର ଉନ୍ନୟନ ମୂଳକ କାର୍ଯ୍ୟରେ ବିଧାୟକଙ୍କ ରାଜନୈତିକ ହସ୍ତକ୍ଷେପ ଓ ଅନିୟମିତତାକୁ ନେଇ ଅଭିଯୋଗ ଆଣିଲେ ସରପଞ୍ଚ ଏବଂ ସମିତି ସଭ୍ୟ ସଭ୍ୟା। ବିଧାୟକ ଏବଂ ସ୍ଥାନୀୟ ଜନ ପ୍ରତିନିଧିଙ୍କ ମଧ୍ୟରେ ଆରମ୍ଭ ହଲା ଯୁକ୍ତିତର୍କ ପାଟିତୁଣ୍ଡ। ଶେଷରେ ବୈଠକ ବର୍ଜନ କଲେ ସରପଞ୍ଚ ଓ ସମିତି ସଭ୍ୟ-ସଭ୍ୟା। କୋରାପୁଟ ବିଧାୟକ ରଘୁରାମ ମାଛଙ୍କ ମନମୁଖୀ କାର୍ଯ୍ୟ ଏବଂ ଧମକ ଚମକ କୁ ପ୍ରତିବାଦ କରି ବୈଠକ ବର୍ଜନ କରାଗଲା ବୋଲି ସରପଞ୍ଚ ଆର ରୋହିତ କୁମାର ଏବଂ ଉପାଧକ୍ଷା ପୂର୍ଣ୍ଣିମା ବାରିକ ଅଭିଯୋଗ ଆଣିଛନ୍ତି। ସେପଟେ ବିଧାୟକ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି।

# କେବେ ଚାଲୁହେବ ଶେରଗଡ ପିଏଚସି ଡେ କେୟାର କେନ୍ଦ୍ର

**ନୀଳଗିରି (ଅମୃତ ମିଡିଆ) :** ଶେରଗଡ଼ ରେମୁଣା ବ୍ଲକ ଶେରଗଡ ପିଏଚ୍‌ସିରେ ଗୃହ ଅଭାବରୁ ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ୨୦୨୨ ମସିହାରେ ୯୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ଶେରଗଡ ପିଏଚ୍‌ସି ପରିସରରେ ଏକ ଡେ କେୟାର ସେଣ୍ଟର ପ୍ରସ୍ତୁତ ହୋଇଥିଲା। ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରସ୍ତୁତ ଏହି କୋଠାର ନିର୍ମାଣ ୨ ବର୍ଷ ହେବ ସରିଥିଲେ ମଧ ଏହା ଏଯାବତ କାର୍ଯ୍ୟକ୍ଷମ କରାଯାଉନାହିଁ। ଫଳରେ ବିଭିନ୍ନ ସେବାକାର୍ଯ୍ୟରେ ବ୍ୟାଘାତ ହେଉଛି। ଏ ନେଇ ସ୍ଥାନୀୟ ଅଞ୍ଚଳବାସୀ ସିଡିଏମ୍‌ଓଙ୍କ ସମେତ ଅନ୍ୟାନ୍ୟ ଅଧିକାରୀଙ୍କୁ ଅବଗତ କରିଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଫଳରେ ଆଜି ସ୍ଥାନୀୟ କିଛି ସମାଜସେବୀଙ୍କ ପକ୍ଷରୁ ନୀଳଗିରି ବ୍ଲକ ପରିସରରେ ଅନୁଷ୍ଠିତ ଯୁଗ୍ମ ଜନଶୁଣାଣୀ ଶିବିରରେ ଏ ବାବଦରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରାଯାଇଛି। ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ଏ ଦିଗରେ ତଦନ୍ତ କରି ଏହି କୋଠାକୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ଶ୍ରୀବଳଦେବଜୀଉଙ୍କ ମସ୍ତକରେ ଲାଗିହେଲା ସୁବର୍ଣ୍ଣଚିତା



କେନ୍ଦ୍ରାପଡ଼ା (ଅମୃତ ମିଡିଆ) : ତୁଳସୀ କ୍ଷେତ୍ରରେ ପବିତ୍ର ଚିତାଲାଗି ଅମାବାସ୍ୟା ପାଳିତ ହୋଇଯାଇଛି। ଏହି ଅବସରରେ ଶ୍ରୀଜୀଉଙ୍କ ପାଖରେ ଚିତଉ ପିଠା ଭୋଗ ଲାଗି କରାଯାଇଥିଲା। ଆଜି ତୁଳସୀକ୍ଷେତ୍ରର କ୍ଷେତ୍ରାଧିପତି ପ୍ରଭୁ ଶ୍ରୀବଳଦେଜୀଉଙ୍କ ମସ୍ତକରେ ପବିତ୍ର ଚିତାଲାଗି ଅମାବାସ୍ୟାରେ ସୁବର୍ଣ୍ଣ ଚିତା ଲଗିହୋଇଥିଲା। ସ୍ୱର୍ଣ୍ଣକାର ସେବକଙ୍କ ଦ୍ୱାରା ଭଣ୍ଡାର ଗୃହରୁ ସୁପରଭାଇଜର ଭଣ୍ଡାର ମୋହରୀରଙ୍କ ଉପସ୍ଥିତରେ ସୁବର୍ଣ୍ଣ ଚିତା ଓ ରୌପ୍ୟ ଅଳଙ୍କାର ମାନ ବାହାର କରାଯାଇ ସ୍ୱର୍ଣ୍ଣକାର ସେବକଙ୍କୁ ହସ୍ତାନ୍ତର କରାଯାଇଥିଲା। କଡା ପୋଲିସ ସୁରକ୍ଷା ବଳୟରେ ସ୍ୱର୍ଣ୍ଣକାର ସେବକ ମନ୍ଦିର ଅଫିସ୍ କାର୍ଯ୍ୟାଳୟକୁ ଏହାକୁ ନେଇଥିଲେ। ଅଫିସ୍ କାର୍ଯ୍ୟାଳୟରେ ସଫେଇ କାର୍ଯ୍ୟ ସମ୍ପନ୍ନ କରାଯିବା ପରେ ମନ୍ଦିର ଭଣ୍ଡାର ମୋହରିରଙ୍କୁ ଏହା ହସ୍ତାନ୍ତର କରାଯାଇଥିଲା। ସକାଳ ଧୂପ ସମ୍ପନ୍ନ ପରେ ରାଜ ପୁରୋହିତଙ୍କ ଦ୍ୱାରା ଶୁକ୍ଲ ଲୁଗା ଅଭିମନ୍ତ୍ରିତ କରାଯାଇ ପୂଜାପଣ୍ଡା ସେବାୟତଙ୍କ ଦ୍ୱାରା ଶ୍ରୀ ଜୀଉଙ୍କ ମସ୍ତକରେ ସୁବର୍ଣ୍ଣଚିତା ଲଗାଯାଇ ରାଜାଧୀରାଜ ବେଶ କରାଯାଇଥିଲା। ବେଶ ସମ୍ପନ୍ନ ପରେ ମଙ୍ଗଳାର୍ପଣ କରାଯାଇ ଆଳତି କରାଯାଇ ଥିଲା। ପରେ ସୁଆର ସେବାୟତଙ୍କ ଦ୍ୱାରା ରୋଷଘରେ ପ୍ରସ୍ତୁତ ଅମଣିଆ ଚିତଉ ପିଠା ଓ ଖିରିକୁ ରୌପ୍ୟପାତ୍ରରେ ବଢାଯାଇ ଶ୍ରୀଜୀଉଙ୍କ ଛାମୁରେ ରଖାଯାଇ ପୂଜାପଣ୍ଡାଙ୍କ ଦ୍ୱାରା ଭୋଗଲାଗି ହୋଇଥିଲା। ପରେ ଏହା ପାର୍ଶ୍ୱ ଦେବତାଙ୍କୁ ଅର୍ପଣ କରାଯାଇଥିଲା। ଏହି ଚିତା ଲାଗି ପର୍ବ କେବଳ ମନ୍ଦିର ନୁହେଁ ମଠ ଏବଂ ଗୃହରେ ମଧ ପାଳନ କରାଯାଇଥାଏ। ଓଡ଼ିଆ ସଂସ୍କୃତି କୁହେ ଚିତାଲାଗି ପର୍ବ ଏକ କୃଷି ଭିତ୍ତିକ ପର୍ବ। କୃଷି ଓ କୃଷକର ଦେବତା ପ୍ରଭୁ ଶ୍ରୀବଳଦେବଜୀଉ। ଶ୍ରାବଣ ମାସ ହେଉଛି ବର୍ଷାର ମାସ। ଏହି ମାସରେ ନଦୀ, ପୋଖରୀ, ନାଳ ଏବଂ ବିଲରେ ପାଣି ଭର୍ତ୍ତି ହୋଇ ରହିଥାଏ। ସେହି ସମୟରେ ଜଳଚର ପ୍ରାଣୀ ସରିସୃପଙ୍କ ସଂଖ୍ୟା ବଢ଼ି ଯାଇଥାଏ। ଏମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ଗୃହରେ ମହିଳାମାନେ ଚିତଉପିଠା ପ୍ରସ୍ତୁତ କରି ଗୃହ ଦେବତାଙ୍କୁ ଭୋଗ ଲଗାଇ କିଛି ପିଠାକୁ ଚାଷୀଙ୍କର କ୍ଷତି ନକରିବା ଉଦ୍ଦେଶ୍ୟରେ ନଦୀ, ନାଳ, ପୋଖରୀ ଓ ବିଲରେ ପକାଇ ଥାଆନ୍ତି ବୋଲି ବିଶ୍ୱାସ ରହିଛି।

# ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମେଗା ରକ୍ତଦାନ ଶିବିର

**ନବରଙ୍ଗପୁର (ଅମୃତ ମିଡିଆ) :** ୮୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ମିଳିତ ଆନୁକୂଲ୍ୟରେ ଆଜି ନବରଙ୍ଗପୁର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଏକ ବିଶାଳ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ରକ୍ତର ଆବଶ୍ୟକତା ପୂରଣ, ଜରୁରୀକାଳୀନ ସମୟରେ ରକ୍ତ ଉପଲବ୍ଧତା ସୁନିଶ୍ଚିତ କରିବା ଏବଂ ଯୁବପିଢ଼ିଙ୍କ ମଧ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ସମ୍ପର୍କରେ ସଚେତନତା ବୃଦ୍ଧି ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିକାଶ ତଥା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମେଗା ରକ୍ତଦାନ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ରକ୍ତଦାନ ଶିବିରର ବିଭିନ୍ନ ବ୍ୟବସ୍ଥା ପରିଦର୍ଶନ କରିବା ସହ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ନବରଙ୍ଗପୁରର ମାନ୍ୟବର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ, ଗୌରୀ ଶଙ୍କର ମାଝୀ ନବରଙ୍ଗପୁର ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ୍ ବର୍ମନ, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରଫୁଲ୍ଲ କୁମାର ପାଢ଼ୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଡେପୁଟି କଲେକ୍ଟର (ଜରୁରୀକାଳୀନ ବିଭାଗ)ଶ୍ରଦ୍ଧାଞ୍ଜଳି ସାହୁ, ଜିଲ୍ଲା ପ୍ରକଳ୍ପ ଅଧିକାରୀ, ଜରୁରୀ କାଳୀନ ବିଭାଗ, ନୀଳକଣ୍ଠ ରାଜୁ, ରାମକୃଷ୍ଣ ପୂଜାରୀ,




ମୀନା କୁମାରୀ, କୁନାଲ ପଟ୍ଟନାୟକ, ଅଭିନାଶ ପାତ୍ର, ରୀନାରାଣୀ ପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ଚିକିତ୍ସକ, ସ୍ୱାସ୍ଥ୍ୟକର୍ମୀ ଓ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମାନ୍ୟବର ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ, ରକ୍ତଦାନ ହେଉଛି ମହତ୍ ଦାନ। ଆମେ ଦାନ କରୁଥିବା ରକ୍ତ ଜରୁରୀ ସମୟରେ ଅନ୍ୟ ଜଣଙ୍କ ଜୀବନ ରକ୍ଷାରେ ଅମୂଲ୍ୟ ଭୂମିକା ନିଭାଇଥାଏ। ତେଣୁ ସମାଜର ସମସ୍ତ ସୁସ୍ଥ ଓ ଯୋଗ୍ୟ ବ୍ୟକ୍ତି ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ଆଗେଇ ଆସିବା ଆବଶ୍ୟକ। ସେ ଯୁବପିଢ଼ିଙ୍କୁ ରକ୍ତଦାନ ଭଳି ମହତ୍ କାର୍ଯ୍ୟରେ ସକ୍ରିୟ ଭାବେ ସାମିଲ ହେବାକୁ ଆହ୍ୱାନ ଜଣାଇବା ସହ ଜିଲ୍ଲାରେ ରକ୍ତର ଆବଶ୍ୟକତା ପୂରଣ ନିମନ୍ତେ ଏଭଳି ଶିବିର ନିୟମିତ ଭାବେ ଆୟୋଜନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ଏହିପରି ରକ୍ତଦାନ ଶିବିର ଉମରକୋଟ ରେ ମଧ ଆଗାମୀ ଦିନରେ କରାଯିବ। ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ରକ୍ତଦାତାମାନଙ୍କୁ ଧନ୍ୟବାଦ ଜଣାଇ କହିଥିଲେ ଯେ, ସ୍ୱେଚ୍ଛାକୃତ ରକ୍ତଦାନ ମାନବିକତା ଓ ସାମାଜିକ ଦାୟିତ୍ୱବୋଧର ଏକ ଉତ୍କୃଷ୍ଟ ଉଦାହରଣ। ଜରୁରୀକାଳୀନ ଚିକିତ୍ସା, ଦୁର୍ଘଟଣା, ଅସ୍ତ୍ରୋପଚାର ଏବଂ ବିଭିନ୍ନ ଜଟିଳ ଚିକିତ୍ସା ପରିସ୍ଥିତିରେ ରକ୍ତର ଆବଶ୍ୟକତା ରହିଥାଏ। ତେଣୁ ନିୟମିତ ଭାବେ ରକ୍ତଦାନ କରି ରକ୍ତ ଭଣ୍ଡାରକୁ ସୁଦୃଢ଼ କରିବା ସମସ୍ତଙ୍କ ସାମୂହିକ ଦାୟିତ୍ୱ ବୋଲି ସେ ମତ ପ୍ରକାଶ କରିଥିଲେ। ସେ ଆହୁରି କହିଥିଲେ ଯେ, ସ୍ୱେଚ୍ଛାକୃତ ରକ୍ତଦାନ କେବଳ ଜଣେ ରୋଗୀଙ୍କ ଚିକିତ୍ସାରେ ସହାୟତା କରେ ନାହିଁ, ବରଂ ଏହା ସମାଜରେ ପରସ୍ପର ସହଯୋଗ, ସେବା ଓ ମାନବିକତାର ଭାବନାକୁ ଆହୁରି ସୁଦୃଢ଼ କରେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗାମୀ ଦିନରେ ମଧ ରକ୍ତଦାନ ଓ ସ୍ୱାସ୍ଥ୍ୟ ସଚେତନତା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯିବ ବୋଲି ସେ ପ୍ରକାଶ କରିଥିଲେ। ଶିବିରରେ ସ୍ୱାସ୍ଥ୍ୟ ବିଭାଗର ଚିକିତ୍ସକ ଓ କର୍ମଚାରୀ, ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ, ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ, ବିଭିନ୍ନ ବିଭାଗର କର୍ମଚାରୀ ଏବଂ ବହୁ ସଂଖ୍ୟାରେ ଯୁବକ-ଯୁବତୀ ଓ ସ୍ୱେଚ୍ଛାକୃତ ରକ୍ତଦାତା ଉତ୍ସାହର ସହ ଯୋଗଦେଇ ରକ୍ତଦାନ କରିଥିଲେ। ରକ୍ତଦାତାମାନଙ୍କ ପାଇଁ ଚିକିତ୍ସା ପରୀକ୍ଷା, ଆବଶ୍ୟକୀୟ ସ୍ୱାସ୍ଥ୍ୟ ଯାଞ୍ଚ, ରକ୍ତ ସଂଗ୍ରହ ଓ ପରବର୍ତ୍ତୀ ଯତ୍ନ ନିମନ୍ତେ ଆବଶ୍ୟକ ବ୍ୟବସ୍ଥା କରାଯାଇଥିଲା। ଶିବିରରେ ସଂଗୃହୀତ ରକ୍ତକୁ ନିୟମାନୁସାରେ ପରୀକ୍ଷା ଓ ସଂରକ୍ଷଣ କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବ୍ଲଡ୍ ବ୍ୟାଙ୍କ ମାଧ୍ୟମରେ ଆବଶ୍ୟକତା ଅନୁଯାୟୀ ଜରୁରୀକାଳୀନ ରୋଗୀଙ୍କ ଚିକିତ୍ସାରେ ବ୍ୟବହାର କରାଯିବ। ରକ୍ତଦାତାମାନଙ୍କ ଉତ୍ସାହଜନକ ଅଂଶଗ୍ରହଣ ଯୋଗୁଁ ଶିବିରଟି ସଫଳ ହୋଇଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ରକ୍ତଦାତା, ସ୍ୱାସ୍ଥ୍ୟକର୍ମୀ, ସ୍ୱେଚ୍ଛାସେବୀ ଓ ସହଯୋଗୀ ସଂଗଠନଙ୍କୁ କୃତଜ୍ଞତା ଜଣାଯାଇଛି।





# ବେଦାନ୍ତ ଆଲୁମିନିୟମ ସମ୍ପ୍ରଦାୟର ଯୋଗଦାନ ମାଧ୍ୟମରେ ବିଶ୍ୱ ଜନଜାତି ଦିବସ



**ଭୁବନେଶ୍ୱର (ବ୍ୟୁରୋ) :** ଓଡ଼ିଶାର ଜନଜାତି ସମ୍ପ୍ରଦାୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପାଳନ କରି, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ, କଳାହାଣ୍ଡି ଜିଲ୍ଲାର ବୋରିଙ୍ଗପଦର ଏବଂ ପାଲବେରୀ ଗ୍ରାମରେ ଗୋଷ୍ଠୀ ନେତୃତ୍ୱାଧୀନ କାର୍ଯ୍ୟକ୍ରମ ସହିତ ବିଶ୍ୱ ଜନଜାତି ଦିବସ ପାଳନ କରିଛି। ବୟସ୍କ, ମହିଳା, ଯୁବକ ଏବଂ ପିଲାମାନଙ୍କ ସମେତ ୩୫୦ରୁ ଅଧିକ ଜନଜାତି ସମ୍ପ୍ରଦାୟର ସଦସ୍ୟଙ୍କୁ ଏକାଠି କରି ଏହି ଉତ୍ସବ ପାରମ୍ପାରିକ ଜ୍ଞାନ, ସ୍ୱଦେଶୀ ଖାଦ୍ୟ, ସାଂସ୍କୃତିକ ଅଭ୍ୟାସ ଏବଂ ପିଢ଼ି ପରେ ପିଢ଼ି ଅତିକ୍ରମ କରିଥିବା ଜନଜାତି ପରିଚୟ ପ୍ରଦର୍ଶନ କରିଥିଲା। ଏହି ଉତ୍ସବରେ ଏକ ଜନଜାତି ପୋଷାକ ପ୍ରଦର୍ଶନୀ ଏବଂ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ସ୍ଥାନୀୟ ଜନଜାତି ସମ୍ପ୍ରଦାୟର ସାଂସ୍କୃତିକ ଐତିହ୍ୟ ଏବଂ ପରମ୍ପରା ଉପରେ ଆଲୋକପାତ କରାଯାଇଥିଲା। ବୟସ୍କମାନେ ଯୁବ ପିଢ଼ି ସହିତ କାହାଣୀ ଏବଂ ପାରମ୍ପାରିକ ଜ୍ଞାନ ବାଣ୍ଟିଥିଲେ, ଯାହା କି ସାଂସ୍କୃତିକ ପ୍ରଦର୍ଶନ ଏବଂ ପାରମ୍ପାରିକ ଖେଳ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରିଥିଲା। ଜନଜାତି ସମ୍ପ୍ରଦାୟର ସଂସ୍କୃତି, ଯୋଗଦାନ ଏବଂ ଅଧିକାରକୁ ସମ୍ମାନ ଜଣାଇବା ପାଇଁ ପାଳନ କରାଯାଉଥିବା ବିଶ୍ୱ ଜନଜାତି ଦିବସ ପାରମ୍ପରିକ ଜ୍ଞାନ ପ୍ରଣାଳୀର ସଂରକ୍ଷଣର ଗୁରୁତ୍ୱ ଉପରେ ମଧ୍ୟ ଆଲୋକପାତ କରେ। ଏହି କାର୍ଯ୍ୟକ୍ରମ ସମ୍ପ୍ରଦାୟର ସଦସ୍ୟମାନଙ୍କୁ ସେମାନଙ୍କର ପରିଚୟ ପାଳନ କରିବା, ସମ୍ପ୍ରଦାୟର ସମ୍ପର୍କକୁ ମଜବୁତ କରିବା ଏବଂ ସେମାନଙ୍କର ସାଂସ୍କୃତିକ ପରମ୍ପରାକୁ ଆଗକୁ ନେବା ପାଇଁ ଏକ ମଞ୍ଚ ପ୍ରଦାନ କରିଥିଲା। ଏହି ଅବସରରେ ଭିଏଏମଏଲ ଲାଞ୍ଜିଗଡ଼ ସ୍ଥିତ ଆଲୁମିନା ବିଜନେସର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଜନଜାତି ସମ୍ପ୍ରଦାୟର ସାଂସ୍କୃତିକ ପରମ୍ପରା ଏବଂ ଅଭିଜ୍ଞତା ହେଉଛି ଜ୍ଞାନର ଅମୂଲ୍ୟ ଭଣ୍ଡାର ଯାହା ପିଢ଼ି ପରେ ପିଢ଼ି ଧରି ପୋଷଣ କରାଯାଇଛି। ବିଶ୍ୱ ଜନଜାତି ଦିବସ ହେଉଛି ଏହି ଐତିହ୍ୟକୁ ସ୍ୱୀକୃତି ଏବଂ ପାଳନ କରିବାର ଏକ ସୁଯୋଗ ଏବଂ ଯୁବ ପିଢ଼ିକୁ ଏହି ପରମ୍ପରାରୁ ଶିଖିବାକୁ ଏବଂ ଆଗକୁ ବଢ଼ିବାକୁ ଉତ୍ସାହିତ କରିବ। ବେଦାନ୍ତରେ ଆମେ ଜନଜାତି ସମ୍ପ୍ରଦାୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ପାରମ୍ପରିକ ଜ୍ଞାନକୁ ଗଭୀର ଭାବେ ଗୁରୁତ୍ୱ ଦେଉଛୁ। ବାତେଲିମା ଗ୍ରାମ ପଞ୍ଚାୟତ ପୂର୍ବତନ ସରପଞ୍ଚ ସବିତା ମାଝୀ ତାଙ୍କ ଅଭିଜ୍ଞତା ବାଣ୍ଟି କହିଛନ୍ତି, ଏହି କାର୍ଯ୍ୟକ୍ରମ ଆମକୁ ଆମର ପରମ୍ପରା, ଖାଦ୍ୟ ଏବଂ ପୋଷାକ ପ୍ରଦର୍ଶନ କରିବାର ଏକ ଚମତ୍କାର ସୁଯୋଗ ଦେଇଛି, ଯାହା ଆମର ପରିଚୟର ଏକ ଅବିଚ୍ଛେଦ୍ୟ ଅଙ୍ଗ। ବୟସ୍କମାନେ ଯୁବ ପିଢ଼ି ସହିତ କାହାଣୀ ଏବଂ ରୀତିନୀତି ବାଣ୍ଟୁଥିବା ଦେଖିବା ବିଶେଷ ଉତ୍ସାହଜନକ ଥିଲା, ଯେତେବେଳେ ମହିଳା, ଯୁବକ ଏବଂ ପିଲାମାନେ ଉତ୍ସାହର ସହିତ ଜନଜାତି ପୋଷାକ ପ୍ରଦର୍ଶନୀ, ପାରମ୍ପାରିକ ଖାଦ୍ୟ ପ୍ରତିଯୋଗିତା ଏବଂ ସାଂସ୍କୃତିକ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିଥିଲେ। ଏଭଳି ମଞ୍ଚ ଆମର ପରମ୍ପରାକୁ ସଂରକ୍ଷିତ ରଖିବାରେ, ଗୋଷ୍ଠୀଗତ ବନ୍ଧନକୁ ସୁଦୃଢ଼ କରିବାରେ ଏବଂ ଯୁବପିଢ଼ିଙ୍କୁ ସେମାନଙ୍କ ଐତିହ୍ୟ ଉପରେ ଗର୍ବ କରିବା ପାଇଁ ପ୍ରେରିତ କରିବାରେ ସହାୟକ ହୋଇଥାଏ। ବେଦାନ୍ତ ଆଲୁମିନିୟମ ଲାଞ୍ଜିଗଡ଼ ଶିକ୍ଷା, କ୍ରୀଡ଼ା, ସ୍ଥାୟୀ ଜୀବିକା ବିକାଶ, ମହିଳା ସଶକ୍ତିକରଣ ଏବଂ ସାଂସ୍କୃତିକ ସଂରକ୍ଷଣ କ୍ଷେତ୍ରରେ ପଦକ୍ଷେପ ମାଧ୍ୟମରେ କଳାହାଣ୍ଡିର ସ୍ଥାନୀୟ ଜନଜାତି ସମ୍ପ୍ରଦାୟକୁ ସକ୍ରିୟ ଭାବରେ ସମର୍ଥନ କରିଆସୁଛି। ବିଶ୍ୱ ଜନଜାତି ଦିବସ ପାଳନ ବେଦାନ୍ତର ସମାବେଶୀତା ବୃଦ୍ଧି, ଐତିହ୍ୟ ସଂରକ୍ଷଣ ଏବଂ ଏକ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସମ୍ପ୍ରଦାୟଗୁଡ଼ିକୁ ସଶକ୍ତ କରିବା ପାଇଁ ଉତ୍ସର୍ଗୀକୃତତାକୁ ପୁନର୍ବାର ନିଶ୍ଚିତ କରିଥାଏ ।

# ଚେଇଷ୍ଟା କୋଚ୍‌ର ନଜ୍ ପୁରସ୍କାର




**ଭୁବନେଶ୍ୱର (ବ୍ୟୁରୋ) :** ଇଣ୍ଡିଆନ୍ ସ୍କୁଲ୍ ଅଫ୍ ପବ୍ଲିକ୍ ପଲିସି (ଆଇଏସ୍‌ପିପି) ଏବଂ ଚେଇଷ୍ଟା କୋଚର ଫାଉଣ୍ଡେସନର ସହଭାଗିତାରେ ଚେଇଷ୍ଟା କୋଚର ନଜ୍ ପୁରସ୍କାର ୨୦୨୬ ଅନୁଷ୍ଠିତ ହୋଇଥିଲା। ଗ୍ରାମାଂଚଳ ଏବଂ ସ୍ୱଳ୍ପ ଆୟକାରୀ ପିତାମାତାଙ୍କୁ ସେମାନଙ୍କ ପିଲାମାନଙ୍କର ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନକୁ ମଜବୁତ କରିବାରେ ସାହାଯ୍ୟ କରିବା ପାଇଁ ହ୍ୱାଟ୍ସଆପ୍, ଏସ୍‌ଏମ୍‌ଏସ୍ ଏବଂ ସ୍ୱୟଂଚାଳିତ କଲ୍ ମାଧ୍ୟମରେ, ପାଠ୍ୟକ୍ରମ-ସଂଯୁକ୍ତ ମାଇକ୍ରୋ-ଲର୍ଣ୍ଣିଂ ବ୍ୟବହାର କରୁଥିବା ଏକ ସରକାରୀ ଡିଜିଟାଲ୍ ପ୍ୟାରେଂଟାଲ୍ ଏନଗେଜମେଂଟ ପ୍ରୋଗ୍ରାମ ପ୍ରକାଶକପାଇଁ ଓଡିଶାର ବିନାୟକ ଆଚାର୍ଯ୍ୟଙ୍କ ପ୍ରତିନିଧିତ୍ୱ କରୁଥିବା ଥିଙ୍କଜୋନ୍‌କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ନୀତି ନିର୍ମାତା, ଆଚରଣଗତ ବୈଜ୍ଞାନିକ, ଶିକ୍ଷାବିତ୍, ସାମାଜିକ ଉଦ୍ୟୋଗୀ ଏବଂ ଜନନେତା ମାନଙ୍କୁ ଏକତ୍ରିତ କରି ବ୍ୟାବହାରିକ ବିଜ୍ଞାନର ଅଭିନବ ପ୍ରୟୋଗକୁ ପାଳନ କରିବା ପାଇଁ ଏକତ୍ରିତ ହୋଇଥିଲେ ଯାହା ସମଗ୍ର ଭାରତରେ ବାସ୍ତବ ବିଶ୍ୱ ସାର୍ବଜନୀନ ନୀତି ଏବଂ ବିକାଶ ଆହ୍ୱାନର ସମାଧାନ କରିଥାଏ। ନୀତି ନିର୍ଦ୍ଧାରଣରେ ବ୍ୟାବହାରିକ ବିଜ୍ଞାନର ଭୂମିକା ଉପରେ ଆଲୋକପାତ କରି ଡକ୍ଟର ଅଶୋକ ଲାହିରୀ କହିଛନ୍ତି, ସାର୍ବଜନୀନ ନୀତିରେ ଭାରତର ପରବର୍ତ୍ତୀ ଦିଗ କେବଳ ଉନ୍ନତ ଯୋଜନା ପ୍ରସ୍ତୁତ କରିବା ନୁହେଁ, ବରଂ ନାଗରିକମାନେ ପ୍ରକୃତରେ କିପରି ବ୍ୟବହାର କରୁଛନ୍ତି ସେ ବିଷୟରେ ଯୋଜନା ପ୍ରସ୍ତୁତ କରିବା । ବ୍ୟକ୍ତିଗତ ସ୍ୱାଧୀନତା ଛଡ଼ାଇ ନନେଇ ପସନ୍ଦ ଉପସ୍ଥାପନ କରିବାର ପଦ୍ଧତିକୁ ସୂକ୍ଷ୍ମ ଭାବରେ ପରିବର୍ତ୍ତନ କରି ନଜ୍ ଏହି ବ୍ୟବଧାନକୁ ଦୂର କରିବାରେ ସାହାଯ୍ୟ କରିପାରିବ। ସେ ବ୍ୟାବହାରିକ ଅଡିଟ୍, କ୍ଷେତ୍ର ପରୀକ୍ଷଣ ଏବଂ ଡିଜିଟାଲ ସାର୍ବଜନୀନ ଭିର୍ତ୍ତିଭୂମିର ସମ୍ଭାବନା ଉପରେ ଆଲୋକପାତ କରିଥିଲେ ଯାହା କାର୍ଯ୍ୟ କରୁଥିବା ହସ୍ତକ୍ଷେପ ପରୀକ୍ଷଣ, ମାପ ଏବଂ ଦ୍ରୁତ ଗତିରେ ମାପ କରିଥାଏ, ଯାହା ଶାସନକୁ ଅଧିକ ନାଗରିକ କୈନ୍ଦ୍ରିକ, ଫଳାଫଳ-ଆଧାରିତ ଏବଂ ଆର୍ଥିକ ଦୃଷ୍ଟିରୁ ଦକ୍ଷ କରିଥାଏ।

# ଏଲ୍‌ଆଇଏସ୍ ଫୋରମ୍-ଓଡ଼ିଶା ଦ୍ୱାରା ଲାଇବ୍ରେରିଆନ ଦିବସ



**ଭୁବନେଶ୍ୱର (ବ୍ୟୁରୋ) :** ଲାଇବ୍ରେରିଆନ ଦିବସ ୧୨ ଅଗଷ୍ଟ ୨୦୨୬ ରେ ଲାଇବ୍ରେରୀ ଏବଂ ସୂଚନା ବିଜ୍ଞାନ ବୃତ୍ତିଗତମାନଙ୍କ ପାଇଁ ଏକ ୱେବ୍ ଆଧାରିତ ଜାତୀୟ ମଞ୍ଚ ଏଲ୍‌ଆଇଏସ୍ ଫୋରମ୍-ଓଡ଼ିଶା ଦ୍ୱାରା ଭର୍ଚୁଆଲ୍ ମୋଡ୍‌ରେ ପାଳନ କରାଯାଇଥିଲା। ପ୍ରତିବର୍ଷ ଭାରତରେ ଲାଇବ୍ରେରୀ ବିଜ୍ଞାନର ଜନକ ପଦ୍ମଶ୍ରୀ ଡକ୍ଟର ଏସ୍. ଆର. ରଙ୍ଗନାଥନଙ୍କ ଜନ୍ମବାର୍ଷିକୀ ଅବସରରେ ଲାଇବ୍ରେରିଆନ ଦିବସ ପାଳନ କରାଯାଏ। ଏହି ଅବସରରେ ସଂଗ୍ରହରୁ ସଂଯୋଗ ପର୍ଯ୍ୟନ୍ତ ବର୍ତ୍ତମାନର ପ୍ରସଂଗରେ ଲାଇବ୍ରେରୀ ସେବାକୁ ପୁନଃପରିଭାଷିତ କରିବା ଶୀର୍ଷକ ଉପରେ ଏକ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଗୌହାଟି ବିଶ୍ୱବିଦ୍ୟାଳୟର ଲାଇବ୍ରେରୀ ଏବଂ ସୂଚନା ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ସଞ୍ଜୟ କୁମାର ସିଂହ ଏବଂ ଭୁବନେଶ୍ୱରର ଓଡ଼ିଶା ସରକାରଙ୍କ ଅତିରିକ୍ତ ସଚିବ ଡକ୍ଟର ସ୍ମିତା ମହାନ୍ତି ଯଥାକ୍ରମେ ମୁଖ୍ୟ ବକ୍ତା ଏବଂ ସମ୍ମାନିତ ଅତିଥି ଥିଲେ। ସେମାନେ ବିଷୟବସ୍ତୁ ଉପରେ ଆଲୋଚନା କରିବା ସମୟରେ ଅଂଶଗ୍ରହଣକାରୀଙ୍କ ସହ ସେମାନଙ୍କର ସମୃଦ୍ଧ ଅଭିଜ୍ଞତା ବାଣ୍ଟିଥିଲେ। ଏହି ଅବସରରେ ଚଳିତ ମାସ ୭ ତାରିଖରେ ଲାଇବ୍ରେରୀ ଓ ସୂଚନା ବିଜ୍ଞାନର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ଜାତୀୟ ସ୍ତରୀୟ ଅନଲାଇନ୍ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା ଏବଂ ପ୍ରଥମ ତିନି ଜଣ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଏବଂ ଉପହାର ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ଲାଇବ୍ରେରିଆନ ପୁରସ୍କାର ଡ଼ା. ସୁରେଶ ଜାଙ୍ଗେ, ଇଉନିଭର୍ସିଟି ଲାଇବ୍ରେରୀୟାନ, ନାକ କୋଅରଡିନେଟୋର, ଏବଂ ଡ଼ାଇରେକ୍ଟୋର, ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା ପ୍ରକୋଷ୍ଠ, ଗୁଲବର୍ଗା ଇଉନିଭର୍ସିଟି, କର୍ଣ୍ଣାଟକଙ୍କୁ ପ୍ରଦାନ କରାଯାଇଥିଲା ଯାହା ଡକ୍ଟର ସଦା ବିହାରୀ ସାହୁଙ୍କ ଦ୍ୱାରା ପ୍ରାୟୋଜିତ ହୋଇଥିଲା। ଏନ୍‌ଆଇଟି ରାୟପୁରରର ଉପ-ଗ୍ରନ୍ଥାଗାରିକ ଏବଂ ମୁଖ୍ୟ ଡକ୍ଟର ସୁନୀଲ କୁମାର ସତପଥୀ ଏହି କାର୍ଯ୍ୟକ୍ରମର ମୁଖ୍ୟ ମଡ଼ରେଟର ଥିଲେ। କାର୍ଯ୍ୟକ୍ରମକୁ ଡକ୍ଟର ଦେବରାଜ ମେହେର, ଲାଇବ୍ରେରିଆନ୍, ଓୟୁଏଟି, ଭୁବନେଶ୍ୱର ଏବଂ ଜୟନ୍ତ କୁମାର ସାହୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ଅଂଶଗ୍ରହଣକାରୀ ଏବଂ ଉଦୀୟମାନ ଲାଇବ୍ରେରିଆନଙ୍କ ପାଇଁ ମଧ୍ୟ ଏକ ପ୍ରକାର ମୂଲ୍ୟବାନ ଥିଲା। ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ଲାଇବ୍ରେରିଆନ୍ ଡକ୍ଟର ମନୋଜ ମିଶ୍ରଙ୍କ ଧନ୍ୟବାଦ ଅର୍ପଣ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

# ଆଇଟିସି ଆଶୀର୍ବାଦ ସଲ୍ଟ ୬ ଲକ୍ଷ ପିଲାଙ୍କୁ ଆୟୋଡିନ ପୋଷଣ ଯୋଗାଉଛି

**ଭୁବନେଶ୍ୱର (ବ୍ୟୁରୋ) :** ଚଳିତ ବର୍ଷ ରଥ ଯାତ୍ରାରେ ଯାହା ଏକ ପାର୍ବଣକାଳୀନ ସଚେତନତା ପ୍ରୟାସ ଭାବରେ ଆରମ୍ଭ ହୋଇଥିଲା ତାହା ସମ୍ପ୍ରତି ପିଲାମାନଙ୍କର ପୋଷଣ ପ୍ରତି ସ୍ଥାୟୀ ପ୍ରତିବଦ୍ଧତାରେ ପରିଣତ ହୋଇଛି। ଏହାର 'ଆୟୋଡିନ କା ତିଲକ୍' ଅଭିଯାନର ସଫଳତା ଆଧାରରେ ଆଇଟିସିର ଆଶୀର୍ବାଦ ସଲ୍ଟ ୬ ଲକ୍ଷରୁ ଅଧିକ ପିଲାଙ୍କ ଭୋଜନ ନିମନ୍ତେ ଆୟୋଡିନଯୁକ୍ତ ଲୁଣ ଯୋଗାଇଦେବାକୁ ଆଶା କିରଣ, ଜୀବନ ଜ୍ୟୋତି, ଶ୍ରୀ ଶ୍ରୀ ମା ଆନନ୍ଦା, ରାମ କୃଷ୍ଣ ବାଳାଶ୍ରମ, ପ୍ରତିଭା ଓ ମଧୁମୟୀ ଆଦର୍ଶ ଶିକ୍ଷା ନିକେତନ ଆଦି ୭ଟି ଶିଶୁ ସଂସ୍ଥାନ ସହିତ ସହଭାଗୀତା କରିଛି, ଏବଂ ଏହାଦ୍ୱାରା ପାର୍ବଣ ଊର୍ଦ୍ଧ୍ୱରେ ନିଜର ସେବା ସ୍ତମ୍ଭକୁ ସମ୍ପ୍ରସାରିତ କରିଛି। 'ଆୟୋଡିନ କା ତିଲକ୍' ପ୍ରୟାସ ୩ ଲକ୍ଷରୁ ଅଧିକ ଭକ୍ତଙ୍କ ସହିତ ଭାବ ବିନିମୟ କରିବାକୁ ସମର୍ଥ କରିବା ସହିତ ଦୈନନ୍ଦିନ ପୋଷଣରେ ଆୟୋଡିନର ଭୂମିକାକୁ ନେଇ ଅର୍ଥପୂର୍ଣ୍ଣ ଆଲୋଚନା ଆଗେଇ ନେଇଥିଲା। ୧.୫ ଲକ୍ଷ ଗ୍ଲାସ ଲେମ୍ବୁ ସରବତ ଏବଂ ପଖାଳ ତୋରାଣୀ ଓ ଚିମୁଟାଏ ଆଶୀର୍ବାଦ ଆୟୋଡିନଯୁକ୍ତ ଲୁଣର ମିଶ୍ରଣରେ ପ୍ରସ୍ତୁତ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରିୟ ପାନୀୟ ଟଙ୍କ ତୋରାଣୀ ବଣ୍ଟନ କରାଯାଇଥିଲା, ଯାହା ଓଡ଼ିଶାର ସମୃଦ୍ଧ ବ୍ୟଞ୍ଜନ ପ୍ରସ୍ତୁତି ଐତିହ୍ୟକୁ ପାଳନ କରିବା ସହିତ ଦୈନନ୍ଦିନ ଭୋଜନଗୁଡ଼ିକରେ ଆୟୋଡିନଯୁକ୍ତ ଲୁଣର ଭୂମିକାକୁ ପୁନଃ ସୁଦୃଢ଼ୀକରଣ କରିଥିଲା। ଆଶୀର୍ବାଦ ସଲ୍ଟ ନିମନ୍ତେ ଏହି ପାର୍ବଣ କେବେହେଲେ ଶେଷ ବିନ୍ଦୁ ଭାବରେ ଉଦ୍ଦିଷ୍ଟ ନଥିଲା। ସେହି ସଦିଚ୍ଛାକୁ ଏକ ସୁସଂହତ ପୋଷଣ ସହଭାଗୀତାରେ ପରିଣତ କରି ଏହି ବ୍ରାଣ୍ଡ୍ ସାମୂହିକ ଭକ୍ତିଭାବକୁ ଏକ ପ୍ରଚଳିତ ସେବା ଧାରାରେ ପରିଣତ କରିଛି, ଯାହା ସୁନିଶ୍ଚିତ କରୁଛି ଯେ ରଥ ଯାତ୍ରାରେ ଆରମ୍ଭ ହୋଇଥିବା ଆଲୋଚନା ଦୀର୍ଘକାଳ ପରେ ମଧ୍ୟ ପିଲାମାନଙ୍କର ପୋଷଣ ନିମନ୍ତେ ବାସ୍ତବ ସମର୍ଥନରେ ରୂପାନ୍ତରିତ ହେବା ପ୍ରୟାସ ଜାରି ରହିବ। ଏହି ପ୍ରୟାସ ସମ୍ପର୍କରେ ପ୍ରକାଶ କରି ଶ୍ରୀ ଅନୁଜ ରୁସ୍ତଗୀ, ବିଜିନେସ୍ ୟୁନିଟ ଚିଫ୍ ଏକ୍‌ଜିକ୍ୟୁଟିଭ, ଷ୍ଟାପଲସ୍, ଆଇଟିସି ଲିମିଟେଡ କହିଥିଲେ, "ରଥ ଯାତ୍ରା ହେଉଛି ବିଶ୍ୱାସ, ଗୋଷ୍ଠୀ ଓ ସେବାର ଏକ ଉତ୍ସବ ପାଳନ। ଆଶୀର୍ବାଦ ସଲ୍ଟ ଜରିଆରେ ଆମେ ଉଭୟ ସାଂସ୍କୃତିକ ଦୃଷ୍ଟିରୁ ଅର୍ଥପୂର୍ଣ୍ଣ ଓ ସାମାଜିକ ଦୃଷ୍ଟିରୁ ପ୍ରାସଙ୍ଗିକ ଉପାୟ ଜରିଆରେ ସେହି ଯାତ୍ରାରେ ଅଂଶଗ୍ରହଣ କରିବାକୁ ଚାହିଁଥିଲୁ। ପାର୍ବଣ ପରେ ମଧ୍ୟ ଆମର ସେବା ସମ୍ପ୍ରସାରିତ କରି ଆମେ ଆଶା କରୁଛୁ ଯେ, ରଥ ଯାତ୍ରାରେ ଆରମ୍ଭ ହୋଇଥିବା ଆଲୋଚନା ପିଲାମାନଙ୍କର ପୋଷଣକୁ ସ୍ଥାନୀୟ ସମର୍ଥନ ନିମନ୍ତେ ନିରନ୍ତର ଅର୍ଥପୂର୍ଣ୍ଣ ହୋଇରହିବ। ଦର୍ଶନ, ଅନ୍ନ ଓ ସେବା ଆଦି ତିନି ସ୍ତମ୍ଭକୁ ଏକତ୍ରିତ କରି ଆଶୀର୍ବାଦ ସଲ୍ଟ ଏକ ପାର୍ବଣକାଳୀନ ସକ୍ରିୟକରଣ କିଭଳି ଏକ ଦୀର୍ଘସୂତ୍ରୀ ସାମାଜିକ ପ୍ରଭାବକାରୀ ପ୍ରୟାସରେ ପରିବର୍ତ୍ତିତ ହୋଇପାରିବ, ତାହା ପ୍ରଦର୍ଶିତ କରିଛି। ରଥ ଯାତ୍ରା ସମୟରେ ଆୟୋଡିନକୁ ନେଇ ସଚେତନତା ପ୍ରସାର କରିବାର ପ୍ରୟାସ ଭାବରେ ଯାହା ଆରମ୍ଭ ହୋଇଥିଲା, ତାହା ଏବେ ପାର୍ବଣ ପରେ ମଧ୍ୟ ପିଲାମାନଙ୍କର ପୋଷଣଗତ ଦିଗ ପ୍ରତି ସ୍ଥାୟୀ ଅବଦାନ ରଖୁଥିବା ଦୀର୍ଘସ୍ଥାୟୀ ପ୍ରୟାସ ହୋଇଛି।

# ହିଣ୍ଡାଲ୍‌କୋ ବାଫ୍‌ଲି ମାଳି ଖଣିକୁ ଏଏସ୍‌ଆଇ ମାନ୍ୟତା

**ଭୁବନେଶ୍ୱର (ବ୍ୟୁରୋ) :** ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଅଗ୍ରଣୀ ଧାତବ କମ୍ପାନୀ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡର ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ (ୟୁଏଆଇଏଲ) ଓଡ଼ିଶାର ରାୟଗଡା ଜିଲ୍ଲାରେ ଥିବା ତାହାର ବାଫ୍‌ଲିମାଳି ବକ୍ସାଇଟ ଖଣି ନିମନ୍ତେ ଆଲୁମିନିୟମ ଷ୍ଟିୱାର୍ଡସିପ୍ ଇନିସିଏଟିଭ୍ (ଏଏସ୍‌ଆଇ) ପରଫରମାନ୍ସ ଷ୍ଟାଣ୍ଡାର୍ଡ ଭି୩.୧ (୨୦୨୩) ପ୍ରମାଣନ ହାସଲ କରିଥିବା ବିଷୟ ଘୋଷଣା କରିଛି। ଏଏସ୍‌ଆଇ ପରଫରମାନ୍ସ ଷ୍ଟାଣ୍ଡାର୍ଡ ଭି୩.୧ ପ୍ରମାଣନରେ ଯୋଜନା ପ୍ରସ୍ତୁତି, ଖଣି କାର୍ଯ୍ୟ, ଉକ୍ତ ସ୍ଥାନରେ ଚୂର୍ଣ୍ଣ କରିବା ଏବଂ ବାଫ୍‌ଲିମାଳି ବକ୍ସାଇଟ ଖଣିଗୁଡିକରୁ ବକ୍ସାଇଟକୁ କନ୍‌ଭେୟର ପରିବହନ ଆଦି ସାମିଲ ରହିଛି, ଯାହାର ବାର୍ଷିକ ଉତ୍ପାଦନ କ୍ଷମତା ୮.୫ ନିୟୁତ ଟନ୍ ରହିଛି। ଏହି ଖଣିଗୁଡିକ ଉତ୍କଳ ଆଲୁମିନା ବିଶୋଧନାଗାର ପରିଚାଳନା ନିମନ୍ତେ ବକ୍ସାଇଟ ଯୋଗାଣ କରୁଛି ଏବଂ ହିଣ୍ଡାଲ୍‌କୋର ସମନ୍ୱିତ ଆଲୁମିନିୟମ ମୂଲ୍ୟ ଶୃଙ୍ଖଳର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଅଟେ। ଏହି ସଫଳତା ସହିତ ବାଫ୍‌ଲିମାଳି ଏଏସ୍‌ଆଇ ପରଫରମାନ୍ସ ଷ୍ଟାଣ୍ଡାର୍ଡ ଭି୩.୧ ମାନ୍ୟତା ହାସଲ କରିବାରେ ଭାରତର ପ୍ରଥମ ବକ୍ସାଇଟ ଖଣି କାର୍ଯ୍ୟପଦ୍ଧତି ହୋଇଛି। ଏହି ଉଲ୍ଲେଖନୀୟ ସଫଳତା ହିଣ୍ଡାଲ୍‌କୋର ଏଏସ୍‌ଆଇ-ପ୍ରମାଣିକୃତ ବର୍ଗମାଳା ସମୁଦାୟ ଖଣି କାର୍ଯ୍ୟ, ସ୍ମେଲଟିଂ ଏବଂ ଡାଉନଷ୍ଟ୍ରିମ ଉତ୍ପାଦନ ପରିଚାଳନାରେ ୧୧ଟି କାର୍ଯ୍ୟକ୍ଷେତ୍ରକୁ ସମ୍ପ୍ରସାରିତ ହୋଇଛି। ପ୍ରମାଣିକୃତ କାର୍ଯ୍ୟ ପରିଚାଳନା ବର୍ଗମାଳା ମଧ୍ୟରେ ମଉଦା, ହୀରାକୁଦ ଏଫଆରପି, ତଲୋଜା, କୁସ୍ତମ୍, ଆଲୁପୁରମ୍, ବେଲୁର, ରେଣୁକୋଟ, ବେଲଗାଭୀ, ହୀରାକୁଦ ଓ ଆଦିତ୍ୟରେ ଥିବା କାରଖାନାଗୁଡିକ ରହିଛି। ଉତ୍କଳ ଆଲୁମିନା ହିଣ୍ଡାଲ୍‌କୋର ଅନ୍ୟତମ ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ କାର୍ଯ୍ୟ ପରିଚାଳନା କମ୍ପାନୀ ହୋଇଛି, ଯାହା ବାର୍ଷିକ ପ୍ରାୟ ୨.୬୭ ନିୟୁତ ଟନ୍ ଆଲୁମିନା ଉତ୍ପାଦନ କରୁଛି। ବିଶୋଧନାଗାର ନିମନ୍ତେ ବକ୍ସାଇଟର ପ୍ରାଥମିକ ଉତ୍ସ ଭାବରେ ବାଫ୍‌ଲିମାଳି ଆଲୁମିନିୟମ ଉତ୍ପାଦନକୁ ସମର୍ଥନ କରିବାରେ ଏକ ରଣନୈତିକ ଭୂମିକା ନିର୍ବାହ କରୁଛି।

# ରେଭେନ୍ସା ଅଧ୍ୟାପକଙ୍କ ଉପରେ ରାଗ ସୁଝାଇଲେ ବିଜେପି ବିଧାୟକ ପ୍ରକାଶ ସେଠୀ : ଯୁବ କଂଗ୍ରେସ

**ଭୁବନେଶ୍ୱର (ବ୍ୟୁରୋ) :** ରାଜ୍ୟ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ପ୍ରଭାବିତ କରି ରେଭେନ୍ସାର କିଛି ଅଧ୍ୟାପକମାନଙ୍କୁ ହଇରାଣ ହରକତ କରିବାରେ ବିଜେପି ବିଧାୟକ ପ୍ରକାଶ ସେଠୀ ସଫଳ ହୋଇଛନ୍ତି ବୋଲି ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦୀପ ସାମଲ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ନିକଟ ଅତୀତରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଆନ୍ଦୋଳନରେ ବସିଥିବା ସମୟରେ ହଠାତ୍ କଟକ ସଦର ବିଧାୟକ ପ୍ରକାଶ ସେଠୀ ଆନ୍ଦୋଳନସ୍ଥଳକୁ ଯାଇ ସେଠାରେ ଚିଫ୍ ୱାର୍ଡେନ ଏବଂ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅଶାଳୀନ ଭାବରେ ଗାଳି ଗୁଲଜ କରିଥିଲେ। ଏହାର ପ୍ରତିବାଦରେ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷମାନେ ମଧ୍ୟ ବିଧାୟକଙ୍କ ଏଭଳି ଆଚରଣକୁ ନିନ୍ଦା କରି ବିଧାୟକଙ୍କ ଠାରୁ କ୍ଷମା ଦାବି କରିଥିଲେ। ଏକ ଗୌରବମୟ ଅନୁଷ୍ଠାନ ପରିସରରେ ବିଜେପି ବିଧାୟକ ବିନା କାରଣରେ ପ୍ରବେଶ କରି ଶୈକ୍ଷିକ ପରିବେଶକୁ ଅଶାନ୍ତ କରିବା ପାଇଁ ଚକ୍ରାନ୍ତ କରୁଥିଲେ ବୋଲି ଯୁବ କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ଏଠାରେ ସୂଚନା ଯୋଗ୍ୟ ଯେ ଆନ୍ଦୋଳନରତ ଛାତ୍ରଛାତ୍ରୀମାନେ ବିଧାୟକ ପ୍ରକାଶ ସେଠୀଙ୍କୁ ସହଯୋଗ ପାଇଁ ଆନ୍ଦୋଳନ ସ୍ଥଳକୁ ଡାକିନଥିଲେ ବୋଲି ବକ୍ତବ୍ୟ ଦେଇସାରିଛନ୍ତି। ସୁତରାଂ ବିଧାୟକ ସେଠୀ ମନକୁ ମନ ସେଠାକୁ ଯାଇ ଉପରେ ପଡି ଏଭଳି କାଣ୍ଡ କରିଥିଲେ। ନିଜର କ୍ଷମତାକୁ ପ୍ରଦର୍ଶନ କରିବା ପାଇଁ ଉଦ୍ୟମ କରି ବିଧାୟକ ପ୍ରକାଶ ସେଠୀ ଓଡ଼ିଶା ବିଧାନସଭାର ବାଚସ୍ପତିଙ୍କୁ ପତ୍ର ଲେଖିଲେ ଯେ, ତାଙ୍କ ଉପରେ ଆରୋପ ଲଗାଇଥିବା ବିଶ୍ୱ ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଚାପ ପ୍ରୟୋଗ କରାଯାଇଛି। ଫଳାଫଳରୁ ଅନୁଶୀଳନ କଲେ ସ୍ପଷ୍ଟ ହୋଇପଡୁଛି ଯେ, ପ୍ରକାଶ ସେଠୀଙ୍କ ପ୍ରରୋଚନାରେ ବାଚସ୍ପତି ମଧ୍ୟ ଘଟଣାକୁ ନ ବୁଝି ବିଧାୟକଙ୍କୁ ସମର୍ଥନ କରି କାର୍ଯ୍ୟାନୁଷ୍ଠାନ ପାଇଁ ଅଲିଖିତ ନିର୍ଦ୍ଦେଶ ଦେଲେ ବୋଲି ଯୁବ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ରେଭେନ୍ସା ପରି ଏକ ଐତିହାସିକ ବିଶ୍ୱବିଦ୍ୟାଳୟ ପରିସରକୁ ବିଜେପି ପକ୍ଷରୁ ଅଶାନ୍ତ କରିବା ପାଇଁ ଯେଉଁ ହୀନ ଉଦ୍ୟମ ହେଉଛି ତାହା ନିନ୍ଦନୀୟ। ଜଣେ ଅନିମନ୍ତ୍ରିତ ଏବଂ ଅଖୋଜା ଅଲୋଡା ବିଧାୟକ ଯଦି ରେଭେନ୍ସା ବିଶ୍ୱବିଦ୍ୟାଳୟର ବ୍ୟବସ୍ଥାକୁ ନିୟନ୍ତ୍ରିତ କରିବେ ତେବେ ଏ ରାଜ୍ୟରେ ଉଚ୍ଚ ଶିକ୍ଷାବିଭାଗ କିପରି ପରିଚାଳିତ ହେଉଛି ତାହାକୁ ବୁଦ୍ଧିଜୀବିମାନେ ବିଚାର କରନ୍ତୁ। ଯେଉଁ କର୍ତ୍ତୃପକ୍ଷମାନଙ୍କୁ ସରକାରୀ କଳ ଓ ବଳ ପ୍ରୟୋଗ କରାଯାଇ ବଦଳୀ କରାଯାଇଛି ତାହା ବ୍ୟବସ୍ଥା ବିରୋଧି ଏବଂ ପ୍ରଦେଶ ଯୁବ କଂଗ୍ରେସ ଏହାକୁ ଦୃଢ଼ ନିନ୍ଦା କରୁଛି ଏବଂ ସରକାରୀ ଶିକ୍ଷାନୁଷ୍ଠାନରେ ବିଜେପି ବିଧାୟକମାନଙ୍କ ରାଜୁତିକୁ ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ସଚେତନ କରାଯାଉଛି।

# ୮୦ତମ ସ୍ୱାଧୀନତା ଦିବସ ଅବସରରେ 'କାନରା ବିଦ୍ୟା ଜ୍ୟୋତି' ଛାତ୍ରବୃତ୍ତି ବଣ୍ଟନ



**କଟକ (ବ୍ୟୁରୋ) :** କାନାରା ବ୍ୟାଙ୍କ, କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ କାନାରା ବିଦ୍ୟା ଜ୍ୟୋତି ଯୋଜନା-୨୦୨୬ ଅନ୍ତର୍ଗତ କଟକ ଟାଉନ ହଲ୍‌ଠାରେ ଛାତ୍ରବୃତ୍ତି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଟକ ଓ ଏହାର ଆଖପାଖ ଅଞ୍ଚଳର ପ୍ରାୟ ୩୫ଟି ବିଦ୍ୟାଳୟର ପଞ୍ଚମରୁ ଦଶମ ଶ୍ରେଣୀର ୧୦୫ ଜଣ ମେଧାବୀ ଏସ୍‌ସି/ଏସ୍‌ଟି ଛାତ୍ରୀଙ୍କୁ ଏହି ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ସମାଜର ଅବହେଳିତ ବର୍ଗର ପ୍ରତିଭାବାନ ଛାତ୍ରୀମାନଙ୍କୁ ସଶକ୍ତ ଓ ସୁଦୃଢ଼ କରି ସେମାନଙ୍କୁ ଆଗକୁ ବଢିବା ପାଇଁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୭ଟି ଶାଖା ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କଟକ କ୍ଷେତ୍ରୀୟ କାର୍ଯ୍ୟାଳୟର ଡିଭିଜନାଲ ମ୍ୟାନେଜର ଅମରେଶ୍ୱର ପଣ୍ଡା ସ୍ୱାଗତ ଭାଷଣ ଦେଇ ମହିଳା ସଶକ୍ତିକରଣ ଓ ସମାଜର ଆର୍ଥିକ ବିକାଶ ପ୍ରତି ବ୍ୟାଙ୍କର ପ୍ରତିବଦ୍ଧତାକୁ ଉଲ୍ଲେଖ କରିଥିଲେ। କ୍ଷେତ୍ରୀୟ ମୁଖ୍ୟ ଶ୍ରୀକାନ୍ତ ପଣ୍ଡା ରାଷ୍ଟ୍ର ଗଠନରେ ଛାତ୍ରୀମାନଙ୍କର ଭୂମିକା ଓ ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ଅଧିନରେ ଥିବା ୬୧ଟି ଶାଖା ମାଧ୍ୟମରେ କଟକ, ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲାର ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଛାତ୍ରୀମାନଙ୍କୁ ମୋଟ୍ ୧୪.୬୪ଲକ୍ଷ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯିବ। ମୁଖ୍ୟ ଅତିଥି ଜିଲ୍ଲା କଲ୍ୟାଣ ଅଧିକାରୀ ମଧୁସ୍ମିତା ମହାପାତ୍ର ଏହି କ୍ଷେତ୍ରରେ ଉପଲବ୍ଧ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିବା ସହ ମହିଳା ସଶକ୍ତିକରଣ ପଦକ୍ଷେପଗୁଡିକର ମାର୍ଗଦର୍ଶନ କରାଇଥିଲେ।

# ହୋମ୍ ଆପ୍ଲାଏନନ୍ସେସ୍ ପୋର୍ଟଫୋଲିଓକୁ ସୁଦୃଢ କରିଛି ଇଂଟେକ୍ସ

ଭୁବନେଶ୍ୱର (ବ୍ୟୁରୋ) : ଭାରତର ଅନ୍ୟତମ ଅଗ୍ରଣୀ ଘରୋଇ କଞ୍ଜ୍ୟୁମର ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ ଇଂଟେକ୍ସ ଟେକ୍ନୋଲୋଜିସ୍ ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ କଞ୍ଜ୍ୟୁମର ଡ୍ୟୁରାବୁଲ୍ସ ମାର୍କେଟରେ ନିଜର ଉପସ୍ଥିତି ମଜବୁତ କରିବା ପାଇଁ ଏହାର ବିସ୍ତୃତ ରଣନୀତିର ଅଂଶ ଭାବେ ନିଜର ହୋମ୍ ଆପ୍ଲାଏନସ୍ସେ ପୋର୍ଟଫୋଲିଓରେ ସମ୍ପ୍ରସାରଣ ଘୋଷଣା କରିଛି। ଇଂଟେକ୍ସ ପକ୍ଷରୁ ଡେକୋରେଟିଭ, ଶକ୍ତି-ଦକ୍ଷ ବିଏଲଡିସି, ଏକ୍‌ଘଷ୍ଟ ଓ ଟିପିଡବ୍ଲ୍ୟୁ (ଟେବୁଲ, ପେଡେଷ୍ଟାଲ ଓ ୱାଲ) ମଡେଲଗୁଡିକ ସମେତ ଫ୍ୟାନଗୁଡିକର ଏକ ବିସ୍ତୃତ ରେଞ୍ଜ ସହ ହୋମ୍ ଆପ୍ଲାଏନସ୍ସେ ପୋର୍ଟଫୋଲିଓକୁ ସମ୍ପ୍ରସାରଣ କରାଯାଇଛି। ଏଥିସହିତ କମ୍ପାନୀ ବିବିଧ ଘରୋଇ ଆବଶ୍ୟକତାକୁ ପୂରଣ କରିବା ପାଇଁ ବିଭିନ୍ନ କ୍ଷମତାରେ ଷ୍ଟୋରେଜ ଓ ଇନ୍‌ଷ୍ଟାଂଟ ଗିଜର୍ ସହ ୱାଟର ହିଟର ବର୍ଗରେ ମଧ୍ୟ ପ୍ରବେଶ କରିଛି। କିଚେନ ଓ ଦୈନନ୍ଦିନ ଆପ୍ଲାଏନ୍ସ ସେଗ୍‌ମେଂଟରେ ନିଜର ଉପସ୍ଥିତି ମଜବୁତ କରି, ଆଇରନ, ମକ୍ସଚର ଗ୍ରାଇଣ୍ଡର, ଜୁସର ମକ୍ସଚର ଗ୍ରାଇଣ୍ଡର, ଏୟାର ଫ୍ରାୟର, ଇଲେକ୍‌ଟ୍ରିକ କେଟିଲ ଓ କୁକଟପ ଭଳି ଉତ୍ପାଦଗୁଡିକ ସହ ଇଂଟେକ୍ସ ନିଜର କ୍ଷୁଦ୍ର ଘରୋଇ ଆପ୍ଲାଏନ୍ସ ପୋର୍ଟଫୋଲିଓକୁ ମଧ୍ୟ ବିସ୍ତାର କରିଛି। ଏହି ସମ୍ପ୍ରସାରଣ ଏକ ସୁବ୍ୟବସ୍ଥିତ ହୋମ୍ ଆପ୍ଲାଏନ୍ସ ବ୍ୟବସାୟ ନିର୍ମାଣ କରିବାର ଇଂଟେକ୍ସର ରଣନୀତିକୁ ପ୍ରତିଫଳନ କରୁଛି। କମ୍ପାନୀ ଉପଭୋକ୍ତାଙ୍କୁ ଗୋଟିଏ ବିଶ୍ୱସନୀୟ ବ୍ରାଣ୍ଡ ଅଧିନରେ ନିର୍ଭରଯୋଗ୍ୟ ଓ ମୂଲ୍ୟ-ପରିଚାଳିତ ସମାଧାନଗୁଡିକର ଏକ ବିସ୍ତୃତ ଶୃଙ୍ଖଳା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ଏହି ପଦକ୍ଷେପ ଇଂଟେକ୍ସର କଞ୍ଜ୍ୟୁମର ଡ୍ୟୁରାବୁଲ୍ସ ବିଜନେସ୍‌ର ମଜବୁତ ସଫଳତା ଉପରେ ଆଧାରିତ, ଯାହା ୨୦୨୫-୨୬ ଆର୍ଥିକ ବର୍ଷରେ ୮୦%ର ବାର୍ଷିକ ଅଭିବୃଦ୍ଧି ହାସଲ କରିଥିଲା, ଏହା ମୁଖ୍ୟତଃ ସ୍ମାର୍ଟ ଟିଭି, ଏୟାର କଣ୍ଡିସ୍‌ନର ଓ ୱାଶିଂ ମେଶିନ ବର୍ଗରେ ଦୃଢ଼ ଚାହିଦା ଦ୍ୱାରା ପରିଚାଳିତ ହୋଇଥିଲା। ଟିୟର ୨ ଓ ଟିୟର ୩ ବଜାରଗୁଡିକରେ ଚାହିଦା ବୃଦ୍ଧି ପାଉଥିବାରୁ ଇଂଟେକ୍ସ ଏହାର ଜାତୀୟସ୍ତରୀୟ ବିତରଣ ନେଟ୍‌ୱର୍କ, ମଜବୁତ ରିଟେଲ ସହଭାଗିତା ଓ ବିକ୍ରି ପରବର୍ତ୍ତୀ ସେବା କ୍ଷମତାର ଉପଯୋଗ କରି ଏହାର ଉପସ୍ଥିତି ବିସ୍ତାର କରିବା ପାଇଁ ଏକ ବଡ ସୁଯୋଗ ପରିଲକ୍ଷିତ କରୁଛି। ଏହି ସମ୍ପ୍ରସାରଣ ସମ୍ପର୍କରେ ଇଂଟେକ୍ସ ଟେକ୍ନୋଲୋଜିସ୍‌ର ନିର୍ଦ୍ଦେଶକ କେଶବ ବଂଶଲ କହିଛନ୍ତି, "କଞ୍ଜ୍ୟୁମର ଡ୍ୟୁରାବୁଲ୍ସ ବ୍ୟବସାୟରେ ଦୃଢ଼ ସଫଳତା ଇଂଟେକ୍ସ ବ୍ରାଣ୍ଡ ଉପରେ ଉପଭୋକ୍ତାଙ୍କ ବର୍ଦ୍ଧିତ ବିଶ୍ୱାସକୁ ପ୍ରତିଫଳନ କରୁଛି। ଉପଭୋକ୍ତାଙ୍କ ଆକାଂକ୍ଷା ବିକଶିତ ହେବା ସହିତ ଆମେ ଏକ ବ୍ୟାପକ ହୋମ୍ ଆପ୍ଲାଏନସ୍ସେ ପୋର୍ଟଫୋଲିଓ ନିର୍ମାଣ କରିବା ପାଇଁ ଏକ ସ୍ପଷ୍ଟ ସୁଯୋଗ ପରିଲକ୍ଷିତ କରୁଛୁ ଯାହା ସୁଲଭ ମୂଲ୍ୟରେଗୁଣବତା, ନିର୍ଭରଯୋଗ୍ୟତା ଓ ମୂଲ୍ୟ ପ୍ରଦାନ କରିବ। ଫ୍ୟାନ, ୱାଟର ହିଟର ଓ କ୍ଷୁଦ୍ର ଘରୋଇ ଆପ୍ଲାଏନ୍ସରେ ଆମର ସମ୍ପ୍ରସାରଣ ଏହି ରଣନୀତିର ଏକ ପ୍ରାକୃତିକ ପ୍ରଗତି ଅଟେ ଏବଂ ଏହା ଆମକୁ ଅଧିକ ଘରୋଇ ଆବଶ୍ୟକତା ପୂରଣ କରିବା ପାଇଁ ସକ୍ଷମ କରିବ। ଆମେ ବିଶ୍ୱାସ କରୁଛୁ ଯେ, ଏହି ବ୍ୟବସାୟ ଆଗାମୀ ବର୍ଷଗୁଡିକରେ ଇଂଟେକ୍ସ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧି ପରିଚାଳକ ଭାବେ ଉଭା ହେବ, ଯାହା ଭାରତର ବର୍ଦ୍ଧିତ କଞ୍ଜ୍ୟୁମର ଡ୍ୟୁରାବୁଲ୍ସ ମାର୍କେଟରେ ଆମର ସ୍ଥିତିକୁ ଆହୁରି ମଜବୁତ କରିବ।




# ରାମରାଜ କଟନ୍ ପକ୍ଷରୁ ନୂତନ ସମ୍ଭାର 'ପଞ୍ଚ'

## ମୟୂରଭଞ୍ଜର ସାନ୍ତାଳୀବୁଣାକୁ ନୂଆ ପରିଚୟ : ମହିଳା ବୁଣାକାରଙ୍କୁ ନୂଆ ଜୀବିକାର ଦିଶା



**ଭୁବନେଶ୍ୱର (ବ୍ୟୁରୋ) :** ରାମରାଜ କଟନ ଆଜି ଓଡ଼ିଶାରେ ପଞ୍ଚ ଶୁଭାରମ୍ଭ କରିଛି, ଯେଉଁ ମାଟିରୁ ଏହା ନିଜର ପରିଚୟ ଆକର୍ଷିତ କରେ ସେହି ମାଟିରେ ଏହାର ନୂତନ ହସ୍ତତନ୍ତ ପ୍ରଦାନ ଆଣିଛି। ପଞ୍ଚ ମୟୂରଭଞ୍ଜର ପାରମ୍ପରିକ ସାନ୍ତାଳୀ ବୁଣାକୁ ଏକ ସମସାମୟିକ ଧୋତି ଭାବରେ ପୁନଃକଳ୍ପନା କରେ, ଯାହା ମୟୂରଭଞ୍ଜର ଗ୍ରାମଗୁଡ଼ିକରୁ ରାଜ୍ୟର ସ୍ୱଦେଶୀ ବସ୍ତ୍ର ଐତିହ୍ୟକୁ ସମସାମୟିକ ଭାରତର ପୋଷାକରେ ପରିଣତ କରିଥାଏ। ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡ଼ିଶାର ମାନ୍ୟବର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ମୁଖ୍ୟ ଅତିଥି, ମୌନା ଧ୍ୱାନୀ ଫାଉଣ୍ଡେସନର ପ୍ରତିଷ୍ଠାତା, ସୁଶ୍ରୀ ବିନ୍ଦୁ ବିନୋଧନ ସମ୍ମାନିତ ଅତିଥି ଏବଂ ରାମରାଜ କଟନର ପରିଚାଳନା ନିର୍ଦ୍ଦେଶକ ବି.ଆର. ଅରୁଣ ଈଶ୍ୱରଙ୍କ ଉପସ୍ଥିତିରେ ଓଡ଼ିଶାରେ ଶୁଭାରମ୍ଭ ହୋଇଥିଲା। ଉଲ୍ଲେଖନୀୟ ଯେ, ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାର ଆଦିବାସୀ ମହିଳା ବୁଣାକାରଙ୍କ ପ୍ରତିନିଧିମାନେ ଯୋଗ ଦେଇଥିଲେ, ଯାହାଙ୍କ ପିଢ଼ି ପରେ ପିଢ଼ି ପୁରୁଣା କାରିଗରୀ ପଞ୍ଚର ମୂଳଦୁଆ ଗଠନ କରିଥାଏ – ଏହା ଓଡ଼ିଶାକୁ ସେମାନଙ୍କ ଐତିହ୍ୟ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଏହା ଉତ୍ପାଦର ଏକ ଉତ୍ସବ ମଧ୍ୟ। ପଞ୍ଚ କିଛି ମନୋନୀତ ରାମରାଜ କଟନ୍ ସ୍ୱତନ୍ତ୍ର ଷ୍ଟୋରରେ ଏବଂ ଅନଲାଇନରେ ଉପଲବ୍ଧ ହେବ। ଏହି ଶୁଭାରମ୍ଭ ବିଷୟରେ ମତାମତ ଦେଇ, ରାମରାଜ କଟନର ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷ କେ.ଆର. ନାଗରାଜନ କହିଛନ୍ତି ମୟୂରଭଞ୍ଜର ସୁନ୍ଦର ସାନ୍ତାଳୀ ବୟନର ଜନ୍ମସ୍ଥାନ ଓଡ଼ିଶାରେ ପଞ୍ଚମ୍ ଶୁଭାରମ୍ଭ କରିବା ଏବଂ ପିଢ଼ି ପରେ ପିଢ଼ି ଧରି ଏହି ଉଲ୍ଲେଖନୀୟ ପରମ୍ପରାକୁ ସଂରକ୍ଷଣ କରିଥିବା ମହିଳା ବୁଣାକାର ଏବଂ କାରିଗର ସମ୍ପ୍ରଦାୟଙ୍କ ଉପସ୍ଥିତିରେ ଏହା କରିବା ଏକ ସୌଭାଗ୍ୟର କଥା। ଆଜି କେବଳ ଏକ ନୂତନ ଧୋତିର ଉନ୍ମୋଚନ ନୁହେଁ, ବରଂ ସେମାନଙ୍କର କାରିଗରୀ, ସମର୍ପଣ ଏବଂ ସାଂସ୍କୃତିକ ଐତିହ୍ୟର ଏକ ଉତ୍ସବ। ରାମରାଜ କଟନରେ, ଆମେ ବିଶ୍ୱାସ କରୁ ଯେ ଭାରତର ସମୃଦ୍ଧ ବୟନ ପରମ୍ପରା ଅଧିକ ଲୋକଙ୍କ ଦ୍ୱାରା ଦେଖାଯିବା, ସମ୍ମାନ ପ୍ରଦାନ କରିବା ଏବଂ ପିନ୍ଧିବା ଉଚିତ। ପଞ୍ଚମ୍ ମାଧ୍ୟମରେ, ଆମେ ଏହାର ପ୍ରାମାଣିକତା ପ୍ରତି ସତ୍ୟ ରହିବା ସହିତ ଏହି ଅନନ୍ୟ ବୟନକୁ ଏକ ସମସାମୟିକ ରୂପରେ ସମ୍ମାନର ସହିତ ପୁନଃକଳ୍ପନା କରିଛୁ। ଆମେ ଆଶା କରୁଛୁ ଯେ ଏହି ପଦକ୍ଷେପ ହସ୍ତଶିଳ୍ପକୁ ଅଧିକ ସ୍ୱୀକୃତି ପ୍ରଦାନ କରିବ, ବୁଣାକାର ସମ୍ପ୍ରଦାୟ ପାଇଁ ଅର୍ଥପୂର୍ଣ୍ଣ ଜୀବିକାର ସୁଯୋଗ ସୃଷ୍ଟି କରିବ ଏବଂ ଭବିଷ୍ୟତ ପିଢ଼ିକୁ ଏହି ଗର୍ବିତ ଐତିହ୍ୟକୁ ଜାରି ରଖିବା ପାଇଁ ଉତ୍ସାହିତ କରିବ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ରାମରାଜ କଟନର ପରିଚାଳନା ନିର୍ଦ୍ଦେଶକ ଶ୍ରୀଯୁକ୍ତ ବି.ଆର. ଅରୁଣ ଈଶ୍ୱର କହିଛନ୍ତି ଆମ ପାଇଁ, ପଞ୍ଚ କେବଳ ଏକ ଉତ୍ପାଦ ଶୁଭାରମ୍ଭ ନୁହେଁ, ଏହା ଏକ ଜୀବିକା ପୁନରୁଦ୍ଧାର ମଡେଲ୍। ଆମର ଆଭିମୁଖ୍ୟ ଥିଲା ଏହି ଐତିହ୍ୟ ପାଇଁ ଏକ ସ୍ଥାୟୀ ବାଣିଜ୍ୟିକ ପଥ ନିର୍ମାଣ କରିବା, ଯାହା ଭାରତରେ ସବୁଠାରୁ ଅଧିକ ଚାହିଦା ଥିବା ପୋଷାକ ମଧ୍ୟରୁ ଗୋଟିଏ, ଧୋତିରେ ପରିଣତ କରି। ଏହାର ଗୁଣାତ୍ମକ ଉତ୍ପାଦ ପାଇଁ ଜଣାଶୁଣା ହେବା ବ୍ୟତୀତ, ରାମରାଜ କଟନ୍ ଦକ୍ଷିଣ ଭାରତରେ ହଜାର ହଜାର ବୁଣାକାରଙ୍କ ଜୀବିକା ବଜାୟ ରଖିବା ପାଇଁ ଦୀର୍ଘ ଦିନ ଧରି ଜଣାଶୁଣା। ପଞ୍ଚମ୍‌ର ଶୁଭାରମ୍ଭ ହେଉଛି ଏହି ସମାନ ଦାୟିତ୍ୱକୁ ଆଗକୁ ବହନ କରିବା ଏବଂ ଦକ୍ଷିଣ ଭାରତ ବାହାରେ ମଧ୍ୟ ବୁଣାକାର ସମ୍ପ୍ରଦାୟ ପାଇଁ ଜୀବିକା ନିର୍ମାଣ କରିବା। ମୟୂରଭଞ୍ଜର ସାନ୍ତାଳି ଆଦିବାସୀ ସମ୍ପ୍ରଦାୟର ମହିଳାମାନଙ୍କ ଦ୍ୱାରା ପାରମ୍ପରିକ ଭାବରେ ଶାଢ଼ି ଭାବରେ ବୁଣାଯାଉଥିବା ଏହି ସ୍ୱତନ୍ତ୍ର ବୟନ, ହ୍ରାସ ପାଉଥିବା ପୃଷ୍ଠପୋଷକତା, ପରିବର୍ତ୍ତିତ ଜୀବନଶୈଳୀ ଏବଂ ସୀମିତ ବଜାର ସୁଯୋଗ ଯୋଗୁଁ ଦଶନ୍ଧି ଧରି ଧୀରେ ଧୀରେ ଲୋକପ୍ରିୟତା ହରାଇ ବସିଛି। ଏହାର କଳାତ୍ମକ ମୂଲ୍ୟ ଏବଂ ସମସାମୟିକ ପ୍ରାସଙ୍ଗିକତା ପାଇଁ ଏହାର ସମ୍ଭାବନାକୁ ସ୍ୱୀକାର କରି, ରାମରାଜ କଟନର ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷ କେ.ଆର. ନାଗରାଜନ ଏବେ ସାନ୍ତାଳି ବୟନକୁ ପଞ୍ଚ ମାଧ୍ୟମରେ ଧୋତି ଭାବରେ ପୁନଃକଳ୍ପନା କରିଛନ୍ତି, ଯାହା ଏହାର ପ୍ରାମାଣିକତାକୁ ସଂରକ୍ଷଣ କରିବା ସହିତ ହସ୍ତଶିଳ୍ପ ପାଇଁ ଏକ ନୂତନ ରାସ୍ତା ସୃଷ୍ଟି କରିଛି। ପଞ୍ଚ ବୁଣାକାର ପାରମ୍ପରିକ ଚରିତ୍ରକୁ ବଜାୟ ରଖି ଏହାକୁ ଏକ ନୂତନ, ବ୍ୟାପକ ସମସାମୟିକ ପ୍ରାସଙ୍ଗିକତା ପ୍ରଦାନ କରେ। ପ୍ରତ୍ୟେକ ଖଣ୍ଡ ୧୦୦% କପାରେ ଏକ ଅଫ୍ ହ୍ୱାଇଟ୍ ବେସ୍ ଏବଂ ଆଜୋ-ଫ୍ରି ରଙ୍ଗ ସହିତ ହାତରେ ବୁଣାଯାଇଥାଏ, ଏକ ସାଦା ବୁଣାକାରକୁ ଏକ ଅତିରିକ୍ତ-ୱେଫ୍ଟ କୌଶଳ ସହିତ ମିଶ୍ରଣ କରିଥାଏ – ଏହା ମହିଳା ବୁଣାକାରମାନଙ୍କ ଉଲ୍ଲେଖନୀୟ ଦକ୍ଷତା ଏବଂ କାରିଗରିର ପ୍ରତିଫଳନ ଯେଉଁମାନେ ଏହି ପିଢ଼ି ପୁରୁଣା ପରମ୍ପରାକୁ ଅଭ୍ୟାସ କରିଆସୁଛନ୍ତି। ପଞ୍ଚକୁ ମୟୂରଭଞ୍ଜର ବୁଣାକାର ସମ୍ପ୍ରଦାୟଙ୍କ ସହ ଘନିଷ୍ଠ ସହଯୋଗରେ ବିକଶିତ କରାଯାଇଛି, ଯାହା ସୁନିଶ୍ଚିତ କରୁଛି ଯେ ଭାରତର ସବୁଠାରୁ ପ୍ରତିଷ୍ଠିତ ପୋଷାକ ମଧ୍ୟରୁ ଗୋଟିଏ ମାଧ୍ୟମରେ ବୟନକୁ ବ୍ୟାପକ ଦର୍ଶକଙ୍କ ନିକଟରେ ପରିଚିତ କରାଇବା ସହିତ ପାରମ୍ପରିକ କୌଶଳ, ମୋଟିଫ୍ ଏବଂ ହସ୍ତଶିଳ୍ପର ପରିଚୟ ଅକ୍ଷୁର୍ଣ୍ଣ ରହିବ।

## ଗୋଦରେଜ୍ ପକ୍ଷରୁ 'ହାଣ୍ଡଲୁମ୍ ଡିଲେମା' ଉନ୍ମୋଚିତ

**ଭୁବନେଶ୍ୱର (ବ୍ୟୁରୋ) :** ବିଶ୍ୱ ହସ୍ତତନ୍ତ ଦିବସରେ ଗୋଦରେଜ୍ ଏଂଟରପ୍ରାଇଜେସ୍ ଗ୍ରୁପ୍‌ର ଆପ୍ଲାଏନ୍‌ସେସ୍ ବ୍ୟବସାୟ ପକ୍ଷରୁ ଟ୍ରେଣ୍ଡିଫାଏ ଇଣ୍ଡିଆ ସହଯୋଗରେ କରାଯାଇଥିବା ଉପଭୋକ୍ତା ଅଧ୍ୟୟନ 'ହାଣ୍ଡଲୁମ ଡିଲେମା' ଉନ୍ମୋଚନ କରାଯାଇଛି। ଏଥିରେ ହସ୍ତତନ୍ତର ବ୍ୟବହାର ଓ ସଚେତନତା ସମ୍ପର୍କରେ ଗ୍ରାହକଙ୍କୁ ପ୍ରଶ୍ନ କରାଯାଇଥିଲା। ଅଧ୍ୟୟନରୁ ଜଣାପଡ଼ିଛି ଯେ ହସ୍ତତନ୍ତକୁ ଭଲ ପାଇବା ଓ ତାହାକୁ ନେଇ ପ୍ରକୃତ ସଚେତନତା ଓ ବ୍ୟବହାରରେ ବୃହତ ଅନ୍ତର ରହିଛି। ହସ୍ତତନ୍ତ ହେଉଛି ଭାରତର ବିବିଧ ସଂସ୍କୃତି ଓ ଐତିହ୍ୟର ପ୍ରତୀକ ଯାହା ଆଂଚଳିକ କାରିଗରୀକୁ ଉପସ୍ଥାପନ କରୁଛି। ହାଣ୍ଡଲୁମ ଡିଲେମା ଅଧ୍ୟୟନରୁ ଜଣାପଡ଼ିଛି ଯେ ୮୦ ପ୍ରତିଶତ ଭାରତୀୟ ହସ୍ତତନ୍ତକୁ ଭଲ ପାଉଛନ୍ତି ଏବଂ ପୂର୍ବାପେକ୍ଷା ସେଥିପ୍ରତି ଅଧିକ ଆକର୍ଷିତ ହେଉଛନ୍ତି। ହସ୍ତତନ୍ତକୁ ଭଲ ପାଇବାରେ ଜେନ ଏକ୍ସକୁ ଜେନ ଜି ପଛରେ ପକାଇ ଦେଇଛନ୍ତି ଯାହା ହସ୍ତତନ୍ତର ପୁନରୁଦ୍ଧାରକୁ ଦର୍ଶାଉଛି। ଏଭଳି ଭଲ ପାଇବା ସତ୍ତ୍ୱେ ସଚେତନତାର ଅଭାବ (୮୧%ଙ୍କ ମତ) ଓ କପଡ଼ାର ଯତ୍ନକୁ ନେଇ ଗ୍ରାହକମାନେ ଚିନ୍ତିତ ଅଛନ୍ତି। ୭୦ ପ୍ରତିଶତ ଗ୍ରାହକ ହସ୍ତତନ୍ତୁ ହାତରେ ସଫା କରନ୍ତି କିମ୍ବା ଡ୍ରାଏ କ୍ଲିନ କରିବାକୁ ଦିଅନ୍ତି ଯାହା ଏକ ସମୟ ସାପେକ୍ଷ ଓ ବ୍ୟୟବହୁଳ କାର୍ଯ୍ୟ। ତେଣୁ ହସ୍ତତନ୍ତର ଯତ୍ନ ନେବା ସବୁଠୁ ବଡ଼ ପ୍ରତିବନ୍ଧକ ହୋଇରହିଛି। ସେଥିପାଇଁ ହସ୍ତତନ୍ତ କେବଳ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅବସରର ପୋଷାକ ହୋଇରହିଯାଇଛି। ଅଧ୍ୟୟନ ଅନୁସାରେ ପାରିବାରିକ କାର୍ଯ୍ୟକ୍ରମ (୭୧%), ଉତ୍ସବ (୬୯%), ମନ୍ଦିର ପରିଦର୍ଶନ (୬୭%), ବିବାହ (୬୪%)ରେ ହସ୍ତତନ୍ତ ବ୍ୟବହାର କରୁଥିବା ବେଳେ ନିୟମିତ ଭାବେ ବ୍ୟବହାର କରୁଥିବା ୩୬% କହିଛନ୍ତି। ଏହା ହେଉଛି ବଡ଼ ଅବସରର ପୋଷାକ ଯାହାର ଯଥେଷ୍ଟ ଗୁରୁତ୍ୱ ରହିଛି। କୋମଳ ବୁଣାବୁଣି ନଷ୍ଟ ହୋଇଯିବାର ଆଶଙ୍କା ଥିବାରୁ ଅଧିକାଂଶ ଲୋକ ନିଜ ହସ୍ତତନ୍ତ ଶାଢ଼ି କିମ୍ବା ସାର୍ଟ କିମ୍ବା କୁର୍ତ୍ତାକୁ ୱାର୍ଡରୋବ୍‌ରେ ରଖିଥାନ୍ତି। ପ୍ରାୟ ୯୭ ପ୍ରତିଶତ କହିଛନ୍ତି ଯେ ଯଦି ହସ୍ତତନ୍ତକୁ ସଫା କରିବା ସହଜ ଓ ସୁରକ୍ଷିତ ହୋଇପାରିବ ତେବେ ସେମାନେ ଅଧିକରୁ ଅଧିକ ପୋଷାକ କିଣିବେ। ଏହି ସମସ୍ୟାର ସମାଧାନ କରିବା ପାଇଁ ଗୋଦରେଜ୍ ପକ୍ଷରୁ ଏହାର ଏଆଇ ଶକ୍ତି ଦ୍ୱାରା ପରିଚାଳିତ ଫ୍ରଣ୍ଟ ଲୋଡିଂ ୱାସିଂ ମେସିନ୍‌ରେ ହସ୍ତତନ୍ତ ଅନୁକୂଳ କୋମଳ ସଫା କରିବା ସୁବିଧା ବ୍ୟବହାର କରାଯାଇଛି ଯାହା ସାରା ଭାରତର ୨୫ ପ୍ରକାରରୁ ଅଧିକ ହସ୍ତତନ୍ତରେ ସଫଳତାର ସହ ପରୀକ୍ଷଣ କରାଯାଇଛି। କୋମଳ ପୋଷାକୁ ସଫା କରିବା ପାଇଁ ଏହି ୱାସିଂ ମେସିନକୁ ପ୍ରସ୍ତୁତ କରାଯାଇଛି। ପ୍ରତି ପୋଷାକ ୨୫ ସଫା ଚକ୍ର ଦେଇ ଗତି କରିଥାଏ ଏବଂ ସହନଶୀଳ ସ୍ତର ଜାଣିବା ପାଇଁ ୪୦ ଗୁଣା ବିବର୍ଦ୍ଧନ ଜରିଆରେ ଭିଜୁଆଲ ନିରୀକ୍ଷଣ ଓ ମାଇକ୍ରୋସ୍କୋପିକ୍ ବିଶ୍ଳେଷଣ କରାଯାଇଥାଏ। ଏ ସମ୍ପର୍କରେ ଗୋଦରେଜ୍ ଏଂଟରପ୍ରାଇଜେସ୍ ଗ୍ରୁପ୍‌ର ଆପ୍ଲାଏନ୍‌ସେସ୍ ଡିଭିଜନ୍‌ର ମୁଖ୍ୟ କମଳ ନନ୍ଦୀ କହିଛନ୍ତି ଯେ, ହାଣ୍ଡଲୁମ ଡିଲେମା ଅଧ୍ୟୟନ ଭାରତର ସମୃଦ୍ଧ ହସ୍ତତନ୍ତ ଐତିହ୍ୟ ଉପରେ ଗ୍ରାହକମାନଙ୍କ ରହିଥିବା ସାଂସ୍କୃତିକ ମୂଲ୍ୟବୋଧ ଉପରେ ଆଲୋକପାତ କରିଥିବା ବେଳେ ସେମାନେ ତାହାକୁ ପ୍ରକୃତରେ କେତେ ପିନ୍ଧନ୍ତି ଓ ସେମାନେ ହସ୍ତତନ୍ତକୁ ବାସ୍ତବରେ କେତେ ଜାଣିଛନ୍ତି ତାହା ଜଣାଇଛି। ଗୋଦରେଜରେ ଆମର ବିଶ୍ୱାସ ରହିଛି ଯେ ଚିନ୍ତାପୂର୍ବକ ନବସୃଜନ ଏଭଳି କିଛି ଅନ୍ତରକୁ ଦୂର କରିବାରେ ସହାୟକ ହୋଇପାରିବ।

## 'ଏଆଇ ଚାଳିତ ଗବେଷଣା ଉପକରଣ, କୌଶଳ ଓ ସର୍ବୋତ୍ତମ ଅଭ୍ୟାସ' ଆଲୋଚନାଚକ୍ର



**ଭୁବନେଶ୍ୱର (ବ୍ୟୁରୋ) :** ଇଣ୍ଟରସାଇନ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି (ଆଇଆଇଏମଟି) ଭୁବନେଶ୍ୱରରେ 'ଏଆଇ ଚାଳିତ ଗବେଷଣା ଉପକରଣ, କୌଶଳ ଏବଂ ସର୍ବୋତ୍ତମ ଅଭ୍ୟାସ' ଉପରେ ଏକ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ବିଶେଷଜ୍ଞ ଆଲୋଚନା ଆୟୋଜନ କରିଥିଲା। ଏହି ଅଧିବେଶନ ଡକ୍ଟର ନୀଳାଞ୍ଜନ ଦେ (ବରିଷ୍ଠ ସଦସ୍ୟ, ଆଇଇଇଇ), ପ୍ରଫେସର, କମ୍ପ୍ୟୁଟର ସାଇନ୍ସ ଏବଂ ଇଞ୍ଜିନିୟରିଂ ବିଭାଗ, କୋଲକାତା, ଭାରତ ଏବଂ ଭିଜିଟିଂ ରିସର୍ଚ୍ଚ ଫେଲୋ, ରିଡିଂ ବିଶ୍ୱବିଦ୍ୟାଳୟ, ୟୁକେ ଦ୍ୱାରା ପ୍ରଦାନ କରାଯାଇଥିଲା। ଆଇଆଇଏମଟି ଅଧ୍ୟକ୍ଷ ପ୍ରଫେସର (ଡକ୍ଟର) ଶ୍ରୀକାନ୍ତ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର (ଡକ୍ଟର) ଜୟଦେବ କରଙ୍କ ସ୍ୱାଗତ ଭାଷଣ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଯିଏ ବର୍ତ୍ତମାନର ଶିକ୍ଷା, ଗବେଷଣା ଏବଂ ନବସୃଜନରେ କୃତ୍ରିମ ବୁଦ୍ଧିମତ୍ତାର ବୃଦ୍ଧି ପାଉଥିବା ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଇଆଇଏମ୍ଟି ଭୁବନେଶ୍ୱରର ଏମବିଏ ବିଭାଗର ସହାୟକ ପ୍ରଫେସର ଏବଂ ଏଚ୍‌ଓଡି ପ୍ରଫେସର ସୋମା ମିତ୍ର ଡକ୍ଟର ନୀଳାଞ୍ଜନ ଦେଙ୍କୁ ସମାବେଶରେ ପରିଚିତ କରାଇଥିଲେ । ତାଙ୍କର ଶିକ୍ଷାଗତ ଏବଂ ଗବେଷଣାଗତ ଅବଦାନ ଉପରେ ଆଲୋକପାତ କରିଥିଲେ। ବିଶେଷଜ୍ଞ ଆଲୋଚନା ପ୍ରଦାନ କରିବା ସମୟରେ, ଡକ୍ଟର ନୀଳାଞ୍ଜନ ଦେ ଏଆଇ-ଚାଳିତ ଗବେଷଣା ଉପକରଣ, ଉଦୀୟମାନ ଗବେଷଣା କୌଶଳ ଏବଂ ପ୍ରଭାବଶାଳୀ ଶିକ୍ଷାଗତ ଏବଂ ବିଦ୍ୱାନ କାର୍ଯ୍ୟ ପାଇଁ ସର୍ବୋତ୍ତମ ଅଭ୍ୟାସ ଉପରେ ଏକ ଗଭୀର ଏବଂ ବ୍ୟବହାରିକ ଦୃଷ୍ଟିକୋଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ପ୍ରଫେସର (ଡକ୍ଟର) ପଟ୍ଟନାୟକ ଏବଂ ନିର୍ଦ୍ଦେଶକ ପ୍ରଫେସର ଡକ୍ଟର କର, ଡକ୍ଟର ନୀଳାଞ୍ଜନ ଦେଙ୍କୁ ଶୈକ୍ଷିକ ସମ୍ପ୍ରଦାୟ ପ୍ରତି ତାଙ୍କର ମୂଲ୍ୟବାନ ଅବଦାନ ପାଇଁ ସମ୍ମାନିତ କରିଥିଲେ।

# ଜେଡିସିଏର 'ମିଟ୍ ଦି ଆର୍ଟିଷ୍ଟ' କାର୍ଯ୍ୟକ୍ରମ



**ଭୁବନେଶ୍ୱର (ବ୍ୟୁରୋ) :** ଜେଡ଼ି ସେଣ୍ଟର ଅଫ୍ ଆର୍ଟ ଭୁବନେଶ୍ୱର ୨୯୩ ତମ 'ମିଟ୍ ଦି ଆର୍ଟିଷ୍ଟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ ସମକାଳୀନ ଶିଳ୍ପୀ ଶିକ୍ଷାବିତ୍, ଗବେଷକ ଓ କ୍ୟୁରେଟର ପ୍ରଫେସର ରଞ୍ଜନ କୁମାର ମଲ୍ଲିକ ଯୋଗଦେଇ 'କ୍ୟାନଭାସର ପରେ: ଏକ ସୃଜନଶୀଳ,ସାଂସ୍କୃତିକ ଓ ଦାୟିତ୍ୱଶୀଳ ଭବିଷ୍ୟତ ପାଇଁ କଳା ଶିକ୍ଷାର ପୁନଃକଳ୍ପନା' ବିଷୟ ଉପରେ ଆଲୋଚନା କରିଥିଲେ। ଆଜିର କାର୍ଯ୍ୟକ୍ରମ ଆରମ୍ଭରେ ବିଶିଷ୍ଟ ଚିତ୍ରଶିଳ୍ପୀ ଓ ଓଡ଼ିଶା ଲଳିତକଳା ଏକାଡେମୀର ପୂର୍ବତନ ସଭାପତି, ବିଶିଷ୍ଟ କଳା ଗବେଷକ ସ୍ୱର୍ଗତଃ ଜଗଦୀଶ ଚନ୍ଦ୍ର କାନୁନ୍‌ଗୋଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଜେଡ଼ିସିଏ ତରଫରୁ ଗଭୀର ଶ୍ରଦ୍ଧାଞ୍ଜଳି ଓ ଦୁଇ ମିନିଟ୍‌ର ନୀରବ ପ୍ରାର୍ଥନା କରାଯିବା ସହ ତାଙ୍କର ସ୍ମୃତିଚାରଣ କରାଯାଇଥିଲା। ପ୍ରଫେସର ମଲ୍ଲିକ କହିଥିଲେ ଯେ କଳା ଶିକ୍ଷା କେବଳ ଚିତ୍ର ଆଙ୍କିବା କିମ୍ବା ମୂର୍ତ୍ତି ନିର୍ମାଣ ଶିଖାଇବାରେ ସୀମିତ ନୁହେଁ, ଏହା ସୃଜନଶୀଳତା, ଆତ୍ମବିଶ୍ୱାସ, ସମାଲୋଚନାତ୍ମକ ଚିନ୍ତନ, ସାଂସ୍କୃତିକ ବୁଝାମଣା ଓ ବୃତ୍ତିଗତ ଦକ୍ଷତା ବିକାଶର ମାଧ୍ୟମ। କଳା ଶିକ୍ଷାକୁ ଅଧିକ ଅର୍ଥପୂର୍ଣ୍ଣ ଓ କ୍ୟାରିୟରମୁଖୀ କରିବା ପାଇଁ ସେ "ଶିଖନ୍ତୁ - ସୃଷ୍ଟିକରନ୍ତୁ - ଗବେଷଣା କରନ୍ତୁ - ସହଯୋଗ କରନ୍ତୁ - ପ୍ରଦର୍ଶନ କରନ୍ତୁ ରୋଜଗାର କରନ୍ତୁ" ଧାରଣା ଉପରେ ଗୁରୁତ୍ୱ ଦେଇଥିଲେ। ଓଡ଼ିଶାର ପଟ୍ଟଚିତ୍ର, ତାଳପତ୍ର ଚିତ୍ରକଳା, ପଥର ଖୋଦେଇ, ଲୋକ ଓ ଆଦିବାସୀ କଳା ପରମ୍ପରାକୁ ସମକାଳୀନ କଳା, ଡିଜାଇନ୍ ଓ ଡିଜିଟାଲ ପ୍ରଯୁକ୍ତି ସହିତ ଯୋଡି ଏହାକୁ ନୂତନ ଭବିଷ୍ୟତ ଦେବାର ଆବଶ୍ୟକତା ସେ ଉଲ୍ଲେଖ କରିଥିଲେ । ପରମ୍ପରାକୁ କେବଳ ସଂରକ୍ଷଣ ନ କରି, ଏହାକୁ ସମକାଳୀନ ସୃଜନଶୀଳତା ସହିତ ଯୋଡ଼ିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ୧୯୭୬ରେ ବାଲେଶ୍ୱରରେ ଜନ୍ମିତ ପ୍ରଫେସର ମଲ୍ଲିକ ଡିଗ୍ରୀ ହାସଲ କରିଛନ୍ତି। ସେ ୧୩ଟି ଏକକ ଓ ୮୦ରୁ ଅଧିକ ଜାତୀୟ-ଆନ୍ତର୍ଜାତୀୟ ଗ୍ରୁପ୍ ପ୍ରଦର୍ଶନୀରେ ଅଂଶଗ୍ରହଣ କରିବା ସହ ୩୦ରୁ ଅଧିକ ଗବେଷଣାପତ୍ର ଉପସ୍ଥାପନ କରିଛନ୍ତି। କାର୍ଯ୍ୟକ୍ରମଟି ଶିଳ୍ପୀ, କଳା ଛାତ୍ରଛାତ୍ରୀ, ଶିକ୍ଷାବିତ୍, ଗବେଷକ ଓ କଳାପ୍ରେମୀମାନଙ୍କ ପାଇଁ କଳା ଶିକ୍ଷାର ନୂତନ ଦିଗ, ଗବେଷଣା, ପରମ୍ପରା, ପ୍ରଯୁକ୍ତି ଓ ବୃତ୍ତିଗତ ସୁଯୋଗ ସମ୍ପର୍କରେ ଏକ ଅର୍ଥପୂର୍ଣ୍ଣ ଆଲୋଚନାର ମଞ୍ଚ ପ୍ରଦାନ କରିଥିଲା। ଆଜି ସନ୍ଧ୍ୟା କାର୍ଯ୍ୟକ୍ରମରେ ଜେ.ଡି.ସି.ଏ ତରଫରୁ ଟ୍ରଷ୍ଟି ରାମହରି ଜେନା ତାଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ ଏବଂ ଅତିଥିଙ୍କ ସଂକ୍ଷିପ୍ତ ପରିଚୟ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ବହୁ ବିଶିଷ୍ଟ ଲବ୍ଧ ପ୍ରତିଷ୍ଠିତ ବ୍ୟକ୍ତି ଓ କଳାକାର ଉପସ୍ଥିତ ରହିଥିଲେ। ଜେ.ଡି.ସି.ଏ ତରଫରୁ ପ୍ରସନ୍ନ କୁମାର ପଣ୍ଡା, ବିଶ୍ୱଜିତ ରାଉତ, ବିକାଶ କୁମାର ଡାକୁଆ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଡିଏଭି ପୋଖରୀପୁଟରେ ଜାତୀୟ ଗ୍ରନ୍ଥାଗାରିକ ଦିବସ



**ଭୁବନେଶ୍ୱର (ବ୍ୟୁରୋ) :** ଡିଏଭି ପୋଖରୀପୁଟରେ ଜାତୀୟ ଗ୍ରନ୍ଥାଗାରିକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଡିଏଭି ଓଡ଼ିଶା ଜୋନ୍ ଏଫ୍‌ର ସହ ଆଞ୍ଚଳିକ ଅଧିକାରୀ ତଥା ଅଧ୍ୟକ୍ଷ ବିପିନ କୁମାର ସାହୁ ବିଦ୍ୟାର୍ଥୀମାନେ ବିଦ୍ୟାନୁରାଗୀ ହେବା ସହ ସମ୍ବାଦପତ୍ର, ପତ୍ରପତ୍ରିକା ପାଠ କରି ବୌଦ୍ଧିକ ଶକ୍ତିର ବିକାଶ ଘଟାଇପାରିଲେ ସମାଜର ଅଶେଷ କଲ୍ୟାଣ ସାଧନ ହେବ ବୋଲି କହିଥିଲେ। ଏହି ଦିବସ ପାଳନର ମହତ୍ତ୍ୱ ସମ୍ପର୍କରେ ବିଦ୍ୟାଳୟର ବରିଷ୍ଠ ଗ୍ରନ୍ଥାଗାରିକା ସ୍ୱାଗତିକା ଦାସ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଗ୍ରନ୍ଥାଗାରିକଙ୍କ ଉଦ୍ଦେଶ୍ୟରେ ବିଦ୍ୟାର୍ଥୀମାନଙ୍କ ହସ୍ତନିର୍ମିତ ଶୁଭେଚ୍ଛା ଓ ଧନ୍ୟବାଦ ପତ୍ର ଅତ୍ୟନ୍ତ ଆକର୍ଷଣୀୟ ହୋଇଥିଲା। ବିଦ୍ୟାଳୟ ରିଡରସ୍ କ୍ଲବର ସଭାପତି ଏସ୍ ସାଲୁଜାଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଏହା ପ୍ରସ୍ତୁତ କରାଯାଇଥିଲା। ପରିଶେଷରେ ବିଦ୍ୟାଳୟ ସହାୟକ ଗ୍ରନ୍ଥାଗାରିକ ସତ୍ୟବ୍ରତ ପଣ୍ଡା ଏହି ଦିବସର ସାଫଲ୍ୟ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧକ୍ଷା ମଞ୍ଜୁଷା ମିଶ୍ର ସମ୍ମାନିତ




ଭୁବନେଶ୍ୱର (ବ୍ୟୁରୋ) : ନୂଆଦିଲ୍ଲୀ-ଭିଜନ ଇଣ୍ଟରନ୍ୟାସନାଲ ଫାଉଣ୍ଡେସନ ପକ୍ଷରୁ କନଷ୍ଟିଚ୍ୟୁସନ କ୍ଲବ, ଡେପୁଟି ସ୍ପିକର ହଲ୍, ନୂଆ ଦିଲ୍ଲୀଠାରେ ଆୟୋଜିତ ମହିଳା ସଶକ୍ତୀକରଣ ପାଇଁ ସମର୍ପିତ 'ଓମେନ ଏମ୍ପାୱରମେଣ୍ଟ ଆୱାର୍ଡ ୨୦୨୬' ସମାରୋହର ଆୟୋଜନ କରାଯାଇଥିଲା ଏବଂ ସର୍ବଭାରତୀୟ ସ୍ତରରେ ଚୟନିତ ପ୍ରାୟ ୩୦ ଜଣ ମହିଳାଙ୍କୁ ପୁରସ୍କୃତ କରାଯାଇଥିଲା। ଫାଉଣ୍ଡେସନର ସଂସ୍ଥାପକ ଅଧ୍ୟକ୍ଷ ବିଜୟ ଗୁପ୍ତା ,ମୁଖ୍ୟ ଅତିଥି ଶ୍ରୀ ଧର୍ମ ରତ୍ନ ଶ୍ରୀମଦ ଜଗଦଗୁରୁ ସ୍ୱାମୀ ସନ୍ଦିପନୀ ମହାରାଜ ଏବଂ ବିଶିଷ୍ଟ ଅତିଥି ଶ୍ରୀମତୀ ପୂଜା କପିଳ ମିଶ୍ର ଜାତୀୟ ଅଧ୍ୟକ୍ଷା, ଭାଜପା ମହିଳା ମୋର୍ଚ୍ଚା ଏବଂ ଅର୍ଥଶାସ୍ତ୍ରୀ ଡକ୍ଟର ଶରଦ କୋହଲି ଏବଂ ଅନ୍ୟ ବିଶିଷ୍ଟ ଅତିଥି ଧୁମନ ସିଂହଙ୍କୁ ସ୍ୱାଗତ ଓ ସମ୍ମାନ କରିଥିଲେ। ସମାରୋହରେ ଦେଶର ବିଭିନ୍ନ ରାଜ୍ୟରୁ ଦୂର-ଦୂରାନ୍ତରରୁ ଆସିଥିବା ମହିଳାମାନଙ୍କୁ ମହିଳା ସଶକ୍ତିକରଣ ସମ୍ମାନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା ଏବଂ ସେମାନଙ୍କୁ ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ପୁରସ୍କାର ବିଜେତାମାନଙ୍କ ମଧ୍ୟରେ ଓଡ଼ିଶାରୁ ପ୍ରଶିକ୍ଷିତ ସ୍ନାତକ ଶିକ୍ଷୟିତ୍ରୀ ତଥା ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକର ଭେଲୋରା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ମଞ୍ଜୁଷା ମିଶ୍ରଙ୍କୁ ପ୍ରଶଂସା ପତ୍ର ଏବଂ ସ୍ମାରକ ପ୍ରଦାନ କରାଯାଇଥିଲା।

# ପୋଲିସ ଡିଜି ଚୟନ ପ୍ରକ୍ରିୟାରେ ସରକାରଙ୍କ ଆଚରଣ ଅକ୍ଷମଣୀୟ : ଭକ୍ତ

**ଭୁବନେଶ୍ୱର (ବ୍ୟୁରୋ) :** ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଭୁଶୁଡ଼ିଯିବା ପରେ ବି ଓଡ଼ିଶାର ବିଜେପି ସରକାରଙ୍କ ଚେତା ପଶୁନାହିଁ। ରାଜ୍ୟର ସ୍ୱାର୍ଥ ନୁହେଁ, ସଂପ୍ରତି ଓଡ଼ିଶା ପୁଲିସ ଡିଜି ଚୟନ ପ୍ରକ୍ରିୟାରେ ମୁଖ୍ୟମନ୍ତ୍ରୀ ନିଜର ଓ ଦଳର ପସନ୍ଦଅପସନ୍ଦକୁ ପ୍ରାଥମିକତା ଦେବାରୁ, ଏହାକୁ ନେଇ ରାଜ୍ୟରେ କେବଳ ଅଯଥାରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇନାହିଁ, ଏହା ମଧ୍ୟ ଏକ ପ୍ରମୁଖ ଆଇନଗତ ଏବଂ ପ୍ରଶାସନିକ ବିବାଦ ଘେରକୁ ଚାଲିଆସିଛି। ଓଡ଼ିଶା ପୁଲିସ ଡିଜି ଚୟନ ପ୍ରକ୍ରିୟା ପାଇଁ ସରକାର ଓ ୟୁପିଏସ୍ ?ସିର ରହିଥିବା ନିୟମାବଳି, ଦେଶର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଆଦିକୁ ଉଲ୍ଲଂଘନ ନ କରି ସବୁଦୃଷ୍ଟିରୁ ଯୋଗ୍ୟତମ ବ୍ୟକ୍ତିଙ୍କୁ ହିଁ ଏହି ପଦବିରେ ସରକାର ଅବସ୍ଥାପିତ କରନ୍ତୁ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ଦାବି କରିଛନ୍ତି। ସରକାରଙ୍କ ପ୍ରତି ଆନୁଗତ୍ୟ ବଦଳରେ ସମଗ୍ର ରାଜ୍ୟବାସୀଙ୍କ ପ୍ରତି ଆନୁଗତ୍ୟକୁ ସରକାର ଏହି ପଦବିର ମାପକାଠି ବିବେଚନା କରି ତୁରନ୍ତୁ ନିଜ ମନ୍ଦ ଅଭିପ୍ରାୟରୁ ହଟିଯିବାକୁ ଶ୍ରୀ ଦାସ ଆହ୍ୱାନ କରିଛନ୍ତି। ଗଣମାଧ୍ୟମକୁ ଦେଇଥିବା ଏକ ପ୍ରେସ୍ ବାର୍ତ୍ତାରେ ଶ୍ରୀ ଦାସ ସରକାରଙ୍କୁ ପ୍ରଶ୍ନ କରିଛନ୍ତି, ୟୁପିଏସ୍‌ସି ପ୍ୟାନେଲ୍ ତାଲିକାରେ ହେରଫେର ହୋଇଛି କାହିଁକି ? ସୁପ୍ରିମକୋର୍ଟଙ୍କ ଐତିହାସିକ 'ପ୍ରକାଶ ସିଂ ଗାଇଡ୍‌ଲାଇନ୍'କୁ ଓଡ଼ିଶା ସରକାର ସିଧାସଳଖ ଏଡ଼ାଇବାକୁ ଚେଷ୍ଟା କରିନାହାନ୍ତି କି ? ସୁପ୍ରିମକୋର୍ଟଙ୍କ ଏହି ରାୟ ସ୍ପଷ୍ଟ ଭାବେ ନିର୍ଦ୍ଦେଶ ଦିଏ ଯେ ରାଜ୍ୟର ଡିଜିପିଙ୍କୁ ଚାକିରିର ଅବଧି ଏବଂ ଯୋଗ୍ୟତା ଆଧାରରେ ପ୍ୟାନେଲଭୁକ୍ତ ତିନି ଜଣ ସବୁଠାରୁ ବରିଷ୍ଠ ଅଫିସରଙ୍କ ମଧ୍ୟରୁ ସ୍ୱଚ୍ଛତାର ସହ ଚୟନ କରାଯିବ। ପୂର୍ବରୁ କେବଳ 'ଡିଜିପି ସ୍ତର'ରେ ଥିବା ଅଫିସରମାନଙ୍କ ନାମ ଉପରେ ହିଁ ୟୁପିଏସ୍‌ସି ବିଚାର କରିବେ ବୋଲି ସରକାରଙ୍କୁ ଜଣା ନ ଥିଲା କି କେବଳ ୧୯୯୦ ଓ ୧୯୯୩-ବ୍ୟାଚ୍‌ର ଦୁଇ ବରିଷ୍ଠ ଯୋଗ୍ୟ ଦାବିଦାରମାନଙ୍କୁ ପଛରେ ପକାଇବା ଉଦ୍ଦେଶ୍ୟରେ ହିଁ ରାଜ୍ୟ ସରକାର ହଠାତ୍ ୧୯୯୪-ବ୍ୟାଚ୍‌ର ଦୁଇ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (ଏଡିଜିପି) ଅଫିସରଙ୍କୁ ସମ୍ପୂର୍ଣ୍ଣ ଡିଜିପି ପାହ୍ୟାକୁ ପଦୋନ୍ନତି ଦେବା ନିନ୍ଦନୀୟ। ପସନ୍ଦର ଜୁନିୟର ଅଫିସରଙ୍କୁ ଏକ ନୂଆ ସର୍ଟଲିଷ୍ଟରେ ସାମିଲ କରିବା ପାଇଁ ଏହି ରଣନୀତିକ ଚାଲ୍ ରାଜ୍ୟବାସୀଙ୍କ ସ୍ୱାର୍ଥର ପରିପନ୍ଥୀ ବୋଲି ଶ୍ରୀ ଦାସ କହିଛନ୍ତି। ଶ୍ରୀ ଦାସ ଆହୁରି କହିଛନ୍ତି, ''ଏବେ ଏହାକୁ ଏକ ଜନସ୍ୱାର୍ଥ ମାମଲା ମାଧ୍ୟମରେ ଭାରତର ସୁପ୍ରିମକୋର୍ଟରେ ସିଧାସଳଖ ଚ୍ୟାଲେଞ୍ଜ କଲେଣି ବରିଷ୍ଠ ଆଇନଜୀବୀ ପି. ଚିଦାମ୍ବରମ। ଏଣେ ଚାରି ଜଣିଆ ନୂତନ ତାଲିକାର ସମୀକ୍ଷା ପାଇଁ ଗୁରୁବାର ୟୁପିଏସ୍‌ସି ପ୍ୟାନେଲ କମିଟିର ବୈଠକ ବସୁଛି। ତେଣେ ବର୍ତ୍ତମାନର ଡିଏଚ ୱାଇ.ବି. ଖୁରାନିଆ ଆନୁଷ୍ଠାନିକ ଭାବେ ୧୬ ଅଗଷ୍ଟ ୨୦୨୬ ରେ କାର୍ଯ୍ୟକାଳ ଶେଷ କରି ଅବସର ନେବାକୁ ଯାଉଛନ୍ତି। ଏପଟେ କୋର୍ଟ ଏପର୍ଯ୍ୟନ୍ତ କୌଣସି ସ୍ଥଗିତାଦେଶ ଜାରି କରିନାହାନ୍ତି ଏବଂ ଏହି ମାମଲାକୁ ୧୮ ଅଗଷ୍ଟ ୨୦୨୬ ରେ ପୁଣି ଉପସ୍ଥାପନ କରାଯିବାର ସମ୍ଭାବନା ଅଛି। ରାଜ୍ୟ ସରକାରଙ୍କ ସଂକୀର୍ଣ୍ଣମନା ପଦକ୍ଷେପ ଯୋଗୁଁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ଯେ ଯଦି ୧୬ ଅଗଷ୍ଟ ସୁଦ୍ଧା ୟୁପିଏସ୍‌ସି ଏବଂ ସୁପ୍ରିମକୋର୍ଟ କୌଣସି ସର୍ବସମ୍ମତ ନିଷ୍ପତ୍ତିରେ ନ ପହଞ୍ଚନ୍ତି, ତେବେ ଓଡ଼ିଶା ସରକାର ଜଣେ ଅସ୍ଥାୟୀ ଡିଜିପି ନିଯୁକ୍ତ କରିବା ପରି ଅବାଞ୍ଛିତ ମାହୋଲ ରାଜ୍ୟବାସୀଙ୍କ ଉପରେ ଲଦିଦେବାକୁ ବାଧ୍ୟ ହୋଇପାରନ୍ତି। ଏହା ପରିସ୍ଥିତିକୁ ଆହୁରି ଜଟିଳ କରିଦେବ, କାରଣ ସୁପ୍ରିମକୋର୍ଟ ସାଧାରଣତଃ ଅନ୍ତରୀଣ ପୋଲିସ ମୁଖ୍ୟ ନିଯୁକ୍ତିକୁ ପସନ୍ଦ କରନ୍ତି ନାହିଁ। ରାଜ୍ୟରେ ସ୍ୱାଭାବିକ ଆଇନଶୃଙ୍ଖଳା ପରିସ୍ଥିତି ଫେରାଇଆଣିବା ପାଇଁ, ରାଜ୍ୟବାସୀଙ୍କ ଆବେଗକୁ ବୁଝି, ନିୟମାନୁସାରେ ଯୋଗ୍ୟତମ ବ୍ୟକ୍ତିଙ୍କୁ ନ କରି, ଦଳର ସ୍ୱାର୍ଥ ପାଇଁ ଯିଏ ଉପଯୋଗୀ ହେବେ, ତାଙ୍କୁ ରାଜ୍ୟର ପୁଲିସ ମୁଖ୍ୟ କରିବାରେ ଶକ୍ତି ଖଟାଇ ପ୍ରକାରାନ୍ତରେ ସରକାର ପୁଲିସର ମନୋବଳ ହିଁ ଭାଙ୍ଗୁଛନ୍ତି। ଏହି ପ୍ରସଙ୍ଗରେ ଅନ୍ତିମ ନିର୍ଣ୍ଣୟ ଭୁଲ୍ ହେଲେ ରାଜ୍ୟବାସୀ କେବେ ସରକାରଙ୍କୁ ମାଫ୍ କରିବେନି ବୋଲି ସେ ଚେତାବନୀ ଦେଇଛନ୍ତି।

# ଅନୁଗୋଳ ବନଖଣ୍ଡର କୁଲାସିଂହାରେ ଖୋଲିଲା ହାତୀ ଉଦ୍ଧାର କେନ୍ଦ୍ର



**ଅନୁଗୋଳ(ଅମୃତ ମିଡିଆ):** ଆହତ ହାତୀଙ୍କ ଚିକିତ୍ସା ହେଉ କି ଉତ୍ପାତିଆ ଦନ୍ତାଙ୍କୁ ସାବାଡ଼ କରିବା, ଆଉ ଢେଙ୍କାନାଳର କପିଳାସ ହାତୀ ଉଦ୍ଧାର କେନ୍ଦ୍ରକୁ ଯିବାକୁ ପଡ଼ିବନି । ଅନୁଗୋଳ ବନଖଣ୍ଡର କୁଲାସିଂହା ନର୍ସରୀ ନିକଟରେ ହାତୀ ଉଦ୍ଧାର କେନ୍ଦ୍ର ନିର୍ମାଣ କରାଯାଉଛି । କେବଳ ହାତୀ ନୁହଁ, ବାଘଠୁ ନେଇ ହରିଣ, ଚିଲଠୁ ନେଇ ମାଙ୍କଡ଼ ଯାଏଁ, ସମସ୍ତ ବନ୍ୟପ୍ରାଣୀଙ୍କୁ ଉଦ୍ଧାର କରି ଏଠାରେ ଚିକିତ୍ସା ଯୋଗେଇ ଦିଆଯିବ । ଏଥିପାଇଁ ଅତ୍ୟାଧୁନିକ ଡାକ୍ତରଖାନା ନିର୍ମାଣ କରାଯାଉଛି । ନିର୍ମାଣ କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଚଳିତ ବର୍ଷ ଶେଷ ସୁଦ୍ଧା ଏହାକୁ କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରଖିଛି ବନ ବିଭାଗ । ଅନୁଗୋଳ ଜିଲ୍ଲାରେ ବନ୍ୟପ୍ରାଣୀଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସାଳୟ ନାହିଁ । ଉଭୟ ସାତକୋଶିଆ ଓ ଅନୁଗୋଳ ବନଖଣ୍ଡରେ ଜଣେ ଲେଖାଏଁ ବନ୍ୟପ୍ରାଣୀ ଚିକିତ୍ସକ ରହିଥିଲେ ହେଁ ସେମାନେ କେବଳ ପ୍ରାଥମିକ ଚିକିତ୍ସା ଯୋଗାଉଛନ୍ତି । ଗୁରୁତର ବନ୍ୟପ୍ରାଣୀଙ୍କ ଚିକିତ୍ସା ପାଇଁ ଢେଙ୍କାନାଳ ଉପରେ ନିର୍ଭର କରିବାକୁ ପଡୁଛି । ଜିଲ୍ଲାରେ ବନ୍ୟପ୍ରାଣୀଙ୍କୁ ଉତ୍ତମ ଚିକିତ୍ସା ଯୋଗାଇ ଦେବାକୁ କୁଲାସିଂହାରେ ଉଦ୍ଧାର କେନ୍ଦ୍ର ନିର୍ମାଣ ଚାଲିଛି । ଏହି ଉଦ୍ଧାର କେନ୍ଦ୍ରରେ ସ୍ୱତନ୍ତ୍ର ଡାକ୍ତରଖାନା ସହିତ ବାଘ, ଭାଲୁ, ହରିଣଙ୍କ ଭଳି ଅନ୍ୟ ବନ୍ୟପ୍ରାଣୀଙ୍କ ପାଇଁ ୪ଟି ଏନ୍‌କ୍ଲୋଜର ପ୍ରସ୍ତୁତ କରାଯାଇଛି । ଆରଆରଟି ଟିମ୍ ପାଇଁ ସ୍ୱତନ୍ତ୍ର ଗୃହ ଓ ୱାଚ୍ ଟାୱାର ନିର୍ମାଣ କରାଯାଇଛି । ବିଶେଷ କରି ହାତୀଙ୍କ ଚିକିତ୍ସା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ପୂର୍ବରୁ ଗୁରୁତର ହାତୀଙ୍କୁ ଚିକିତ୍ସା ପାଇଁ ଢେଙ୍କାନାଳ ନିଆଯାଉଥିଲା । ସ୍ଥାନାନ୍ତର ବେଳେ ହାତୀର ଜୀବନ ମଧ୍ୟ ଯାଉଥିଲା । ସେହିପରି ଗୋଠଛଡା ହାତୀଛୁଆକୁ ଢେଙ୍କାନାଳରେ ଥଇଥାନ୍ କରାଯାଉଥିଲା । କୁଲାସିଂହାର ହାତୀ ଉଦ୍ଧାର କେନ୍ଦ୍ର କାର୍ଯ୍ୟକ୍ଷମ ହେବା ପରେ ଆଉ ଚିକିତ୍ସା ପାଇଁ ହଇରାଣ ହରକତ ହେବାକୁ ପଡିବନି । ଏଠାରେ ହାତୀଙ୍କ ପାଇଁ ଦୁଇଟି କ୍ରାଲ୍ ନିର୍ମାଣ କରାଯାଇଛି । ହାତୀ ଛୁଆଙ୍କ ପାଇଁ ସ୍ୱତନ୍ତ୍ର କ୍ରାଲ୍ ପ୍ରସ୍ତୁତ କରାଯାଇଥିବା ବେଳେ ସ୍ୱତନ୍ତ୍ର ଭାବେ ମଟ୍ ପ୍ରସ୍ତୁତ କରାଯାଇଛି । ଟ୍ରେଞ୍ଚ୍ ଖୋଳାଯାଇ ଏକ ବିସ୍ତୀର୍ଣ୍ଣ ଅଞ୍ଚଳରେ ଉତ୍ପାତିଆ ଦନ୍ତାଙ୍କୁ ରଖାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି । ଅପରପକ୍ଷରେ ହାତୀଙ୍କ ସମେତ ଅନ୍ୟ ବନ୍ୟପ୍ରାଣୀଙ୍କ ପାଇଁ ନିର୍ମାଣ ହୋଇଥିବା ଚିକିତ୍ସାଳୟରେ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ରହିବ । ୨୪ ଘଣ୍ଟିଆ ଚିକିତ୍ସା ସାଙ୍ଗକୁ ଉନ୍ନତଧରଣର ପରୀକ୍ଷାଗାର ରହିବ । ଡାକ୍ତରଖାନା ନିର୍ମାଣ ଶେଷ ହୋଇଥିବା ବେଳେ କିଛି ଆଭ୍ୟନ୍ତରୀଣ କାର୍ଯ୍ୟ ବାକି ରହିଛି । ଆସନ୍ତାକାଲି ବିଶ୍ୱ ହସ୍ତୀ ଦିବସ ଅବସରରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ କୁଲାସିଂହାରେ ନିର୍ମାଣାଧୀନ ଏହି ବନ୍ୟପ୍ରାଣୀ ଉଦ୍ଧାର କେନ୍ଦ୍ରର ମଡେଲ୍ ପ୍ରଦର୍ଶନ କରାଯିବ ବୋଲି ଅନୁଗୋଳ ଡିଏଫ୍‌ଓ ନୀତିଶ୍ କୁମାର ପ୍ରକାଶ କରିଛନ୍ତି ।

### ବଡ଼ଧରଣର ସାର କଳାବଜାରୀ

# ୧୯୦ ବସ୍ତା ବେଆଇନ ସାର ଜବତ



**ଜଗତସିଂହପୁର(ଅମୃତ ମିଡିଆ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଗାରୋଇ ଡାହାଣୀଖିଆ ଗାଁରୁ ବିପୁଳ ପରିମାଣର ବେଆଇନ ସାର ଜବତ । ବିଶେଷ ସୂତ୍ରରୁ ଖବର ପାଇ ତହସିଲଦାର, ପୁଲିସ ଓ କୃଷି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବେଆଇନ ଭାବେ ଗଚ୍ଛିତ ରଖାଯାଇଥିବା ୧୯୦ ବସ୍ତା ସାର ଜବତ କରାଯାଇଛି । ମାଲିକ ତାରକ ସାହୁଙ୍କ ଘର ପାଖରେ ଥିବା ଜଣେ ସମ୍ପର୍କୀୟଙ୍କ ଘରେ ସେ ତାଲା ପକାଇ ରଖିଥିବା ୟୁରିଆ, ଡିଏପି, ଗ୍ରୋମର ଓ ପଟାସ ସାର ମିଶାଇ ପ୍ରାୟ ୧୫୫ ବସ୍ତା ସାର ଜବତ କରାଯାଇଥିବା ବେଳେ ତାରକ ଙ୍କ ବଜାରରେ ଥିବା ଦୋକାନରୁ ଆଉ ୩୫ ବସ୍ତା ସାର ଜବତ କରାଯାଇଛି । ସମୁଦାୟ ୧୯୦ ବସ୍ତା ସାର ଜବତ କରିଛି ନାଉଗାଁ କୃଷି ବିଭାଗ । ବେଆଇନ ଭାବେ ସାର ଗଚ୍ଛିତ ରଖିବା ଓ ବିକ୍ରି ସମ୍ପର୍କରେ ବିଭାଗ ପକ୍ଷରୁ ଅଧିକ ଯାଞ୍ଚ ଜାରି ରହିଛି । ସମସ୍ତ ୧୯୦ ବସ୍ତା ସାରକୁ ଜବତ କରିବା ସହିତ ତାର ମାନ ପରୀକ୍ଷା ପାଇଁ ସାମ୍ପୁଲ ସଂଗ୍ରହ କରାଯିବା ପରେ ତାର ଗୁଣବତ୍ତା ପରୀକ୍ଷା ନିମନ୍ତେ ଲାବ୍ରୋଟୋରିକୁ ପଠାଯାଇଛି । ଲାବ୍ରୋଟୋରି ପରୀକ୍ଷା ରିପୋର୍ଟ ଆସିବା ଯାଏ ନିକଟସ୍ଥ ଡେରିକି ପ୍ରାଥମିକ କୃଷି ସମବାୟ ସମିତିରେ ଏହି ସାରକୁ ଗଚ୍ଛିତ ରଖାଯାଇଛି । ଅନ୍ୟପଟେ ବର୍ତ୍ତମାନ ଚାଷ କାର୍ଯ୍ୟ ଚାଲିଥିବା ବେଳେ ଚାଷୀଙ୍କ ଆବଶ୍ୟକୀୟ ମୁତାବକ ସାର ବଜାରରେ ମିଳୁ ନାହିଁ । ଏହାର ସୁଯୋଗ ନେଇ ଚୋରା ବେପାରିମାନେ ସକ୍ରିୟ ହୋଇ ଉଠିଛନ୍ତି । ଯାହା ଫଳରେ ଚାଷୀ ଚଢା ଦରରେ ସାର କ୍ରୟ କରୁଛନ୍ତି । କୃଷି ବିଭାଗର ଏହି ଚଢ଼ାଉ ପରେ ସାର କଳାବଜାରୀ କରୁଥିବା ବ୍ୟବସାୟୀଙ୍କ ମଧ୍ୟରେ ଚିନ୍ତା ବଢ଼ିଯାଇଛି । ତେବେ ତଦନ୍ତ ସମୟରେ ଉକ୍ତ ସାର ପୁରୀ ଜିଲ୍ଲାରୁ ଆସିଥିବା ଜଣାପଡ଼ିଥିଲା । ସରକାରଙ୍କ ନିୟମ ଅନୁସାରେ ଜିଲ୍ଲା ବାହାରୁ ସାର ଆଣିବାକୁ ହେଲେ ଜିଲ୍ଲା ପ୍ରଶାସନର ଅନୁମତି ପତ୍ର ଆବଶ୍ୟକ । ଉକ୍ତ ସାର ଆସିଥିବା ବେଳେ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲା ପ୍ରଶାସନ ଅନୁମତି ପତ୍ର ପ୍ରଦାନ କରିଛନ୍ତି କି ନାହିଁ ତାହା ତଦନ୍ତ ସାପେକ୍ଷ ।

# ପକ୍ଷୀ ଖାଇବାକୁ ଆସି ପଞ୍ଜୁରୀ ଭିତରେ ଫସିଲା ନାଗ

## ଦୁଇଟି ଚଢେଇକୁ ଗୋଟା ଗିଳିଦେଲା



**ବାଙ୍କୀ(ଅମୃତ ମିଡିଆ) :** ପଞ୍ଜୁରୀ ଭିତରେ ନାଗ । ପକ୍ଷୀ ଖାଇବାକୁ ଆସି ଫସିଲା ନାଗ ସାପ । କଟକ ଜିଲ୍ଲା ବାଙ୍କୀ ମେଡିକାଲ ରାସ୍ତାରେ ପ୍ରଦୀପ୍ତ କୁମାର ମିଶ୍ର ନାମକ ଜଣେ ବ୍ୟକ୍ତିଙ୍କ ଘରେ ପଞ୍ଜୁରୀ ଭିତରେ ଚଢେଇ ରଖିଥିଲେ । ସୂଚନା ଅନୁଯାୟୀ, ବାଙ୍କୀ ବଜାର ନିକଟସ୍ଥ ପ୍ରଶାନ୍ତ ମିଶ୍ରଙ୍କ ଘରେ ଗତକାଲି ଅପରାହ୍ନ ସମୟରେ ଏକ ୪ ଫୁଟର ନାଗ ସାପ ପଶି ଆସିଥିଲା । ଘର ବାରଣ୍ଡାରେ ଟଙ୍ଗା ଯାଇଥିବା ଚଢେଇ ପଞ୍ଜୁରୀ ଭିତରେ ସୁଯୋଗ ପାଇ ସାପଟି ପଶିଥିଲା । ସେଠାରେ ଥିବା ୨ଟି ପୋଷା ଚଢେଇଙ୍କୁ ସାପଟି ଗୋଟି ଗୋଟି କରି ଗିଳି ଦେଇଥିଲା । ଚଢ଼େଇ ଖାଇ ସାରିବା ପରେ ଆଉ ପଞ୍ଜୁରୀ ଭିତରୁ ବାହାରିପାରିନଥିଲା। ବାହାରିବାକୁ ଚେଷ୍ଟା କରି ବିଫଳ ହେବା ପରେ ନାଗ ସାପଟି ପଞ୍ଜୁରୀ ଭିତରେ ଭୟଙ୍କର ଭାବେ ଗର୍ଜନ କରିବାକୁ ଲାଗିଥିଲା । ସାପର ଗର୍ଜନ ଶୁଣି ପରିବାର ଲୋକେ ସେଠାକୁ ଯାଇ ଦେଖିବା ବେଳକୁ ପଞ୍ଜୁରୀ ଭିତରେ ନାଗକୁ ଦେଖି ଭୟଭୀତ ହୋଇପଡ଼ିଥିଲେ । ତୁରନ୍ତ ଏନେଇ ସ୍ନେକ ହେଲ୍ପ ଲାଇନ ସଦସ୍ୟଙ୍କୁ ଫୋନ୍ କରି ଜଣାଇଥିଲେ । ସ୍ନେକ ହେଲ୍ପ ଲାଇନ ସଦସ୍ୟ ଘଟଣାସ୍ଥଳରେ ପହଞ୍ଚି ଅତି ସତର୍କତାର ସହ ସାପଟିକୁ ପଞ୍ଜୁରୀ ଭିତରୁ ଉଦ୍ଧାର କରିଥିଲେ ।

### ଜାମୁମାଳ ଅଞ୍ଚଳରେ ରାସ୍ତା ବିପର୍ଯ୍ୟସ୍ତ

# ଶିକ୍ଷା ଓ ଯାତାୟାତ ପାଇଁ ସଂଘର୍ଷ କରୁଛନ୍ତି ଛାତ୍ରୀଛାତ୍ରଙ୍କ ସହ ଗ୍ରାମବାସୀ



**ଜମନକିରା(ଅମୃତ ମିଡିଆ):** ଆଧୁନିକ ସମାଜରେ ଉତ୍ତମ ସଡ଼କ ଯୋଗାଯୋଗ ବିକାଶର ଏକ ପ୍ରମୁଖ ମାପକାଠି । କିନ୍ତୁ ଆଜି ବି ଅନେକ ଗ୍ରାମାଞ୍ଚଳ ଏହି ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଦୁର୍ଦ୍ଦଶା ଭୋଗୁଛନ୍ତି । ଦେଶ ସ୍ୱାଧୀନତା କୁ ଆଉ ଗୋଟିଏ ଦିନ ପାରେ ୮୦ ବର୍ଷରେ ପଦାର୍ପଣ କରିବାକୁ ଥିବା ବେଳେ ଗ୍ରାମାଞ୍ଚଳର ଲୋକେ ବିକାଶ ଠାରୁ ବହୁ ଦୂରରେ ଅଛନ୍ତି । ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ସୁଦବଲଣ୍ଡା କଲୋନୀପଡ଼ା ଠାରୁ ଜାମୁମାଳ ଗ୍ରାମ ଦେଇ ଜଟିଆ ଖୋଲାଡ଼ିହି ଗ୍ରାମ ପର୍ଯ୍ୟନ୍ତ ଯାଇଥିବା ମୁଖ୍ୟ ରାସ୍ତାରେ । ଏହି ରାସ୍ତାଟି ବର୍ତ୍ତମାନ ଅତି ଶୋଚନୀୟ ଅବସ୍ଥାରେ ଥିବାବେଳେ ପ୍ରତିଦିନ ଶହ ଶହ ଲୋକଙ୍କ ଜୀବନ ଦୁର୍ବିସହ ହୋଇପଡ଼ିଛି । ଖାଲଖମାରେ ଭର୍ତ୍ତି ରାସ୍ତାଟି ଏବେ ମରଣଯନ୍ତା ପାଲଟିଛି । ରାସ୍ତାଟି ସମ୍ପୂର୍ଣ୍ଣ ମାଟି ଓ ଗୋଡ଼ିରେ ନିର୍ମିତ, କୌଣସି ପକ୍କା କାର୍ଯ୍ୟ ହୋଇନାହିଁ । ଏହି କଚ୍ଚା ରାସ୍ତାର ଅବସ୍ଥା ବର୍ଷା ଦିନେ ଅତି ଶୋଚନୀୟ ହୋଇପଡ଼ିଛି । ରାସ୍ତାରେ ଅନେକ ବଡ଼ ବଡ଼ ଖାଲ ହୋଇଛି, ଯେଉଁଥିରେ ବର୍ଷା ପାଣି ଜମି ରହି ପଚପଚ କାଦୁଅ ସୃଷ୍ଟି କରୁଛି । ଗାଡ଼ି ମୋଟର ଯାତାୟାତ ଦୂରର କଥା, ପାଦରେ ଚାଲିକି ଯିବା ମଧ୍ୟ କଷ୍ଟକର ହୋଇପଡ଼ିଛି । କାଦୁଅରେ ଗାଡ଼ିର ଚକ ଦାଗରୁ ଜଣାପଡୁଛି ଯେ, ଗ୍ରାମବାସୀମାନେ କେତେ କଷ୍ଟରେ ଏହି ରାସ୍ତା ଦେଇ ଯାତାୟାତ କରୁଛନ୍ତି । ଜରୁରୀକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ବା ଅଗ୍ନିଶମ ଗାଡ଼ି ଏଠାକୁ ଯିବା ଆସିବା ଅସମ୍ଭବ। ସ୍କୁଲରେ ପଢୁଥିବା ପ୍ରାୟ ୨୬୦ ଜଣ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇ ପଡିଛି । ଏହି ରାସ୍ତା ଶୋଚନୀୟ ହେବା ଯୋଗୁଁ ସବୁଠାରୁ ଅଧିକ ପ୍ରଭାବିତ ହେଉଛନ୍ତି କୋମଳମତି ଛାତ୍ରୀଛାତ୍ରମାନେ । ଜାମୁମାଳ ଆଶ୍ରମ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରମାନେ ପ୍ରତିଦିନ ଏହି ବିପଜ୍ଜନକ ରାସ୍ତା ଦେଇ ଯିବାକୁ ବାଧ ହେଉଛନ୍ତି। କାଦୁଅ ରାସ୍ତାରେ ଯିବା ବେଳେ ଅନେକ ସମୟରେ ପିଲାମାନେ ଖସିପଡ଼ି ଆହତ ହେଉଛନ୍ତି। ସେମାନଙ୍କ ପୋଷାକ, ବହି ବସ୍ତାନୀ କାଦୁଅରେ ନଷ୍ଟ ହୋଇଯାଉଛି। ବଡ଼ ବର୍ଷା ହେଲେ ପିଲାମାନେ ସ୍କୁଲ୍ ଯାଇପାରନ୍ତି ନାହିଁ, ଯାହା ସେମାନଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି କରୁଛି। ଅଭିଭାବକମାନେ ନିଜ ପିଲାମାନଙ୍କୁ ନେଇ ଚିନ୍ତାରେ ଅଛନ୍ତି। ଏହି ସମସ୍ୟା ଦୀର୍ଘ ଦିନର ହୋଇଥିଲେ ମଧ୍ୟ ସ୍ଥାନୀୟ ଜନପ୍ରତିନିଧି ବା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୁଦବଲଣ୍ଡା, ଜାମୁମାଳ ଓ ଜଟିଆଖୋଲଡିହି ଆଦି ୩ଟି ଗ୍ରାମର ଲୋକଙ୍କ ପାଇଁ ଏହା ଏକମାତ୍ର ସଂଯୋଗୀକରଣ ରାସ୍ତା। ସ୍ଥାନୀୟ ଲୋକେ କାଦୁଅ ରାସ୍ତାରୁ ମୁକ୍ତି ମିଳିବା, ଆଶ୍ରମ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସୁରକ୍ଷିତ ପାଠପଢ଼ା ପାଇଁ ରାସ୍ତା ତୁରନ୍ତ ମରାମତି କରିବା ପାଇଁ ସ୍ଥାନୀୟ ପ୍ରଶାସନ ଏହି ଗୁରୁତର ସମସ୍ୟା ପ୍ରତି ତୁରନ୍ତ ଧ୍ୟାନ ଦେବା ପାଇଁ ଦାବି ହେଉଛି। ତୁରନ୍ତ ଏହି ରାସ୍ତାକୁ ପକ୍କା କରିବା ପାଇଁ ଏବଂ ଛାତ୍ରୀଛାତ୍ରମାନଙ୍କୁ ଏକ ସୁରକ୍ଷିତ ଯାତାୟାତର ବ୍ୟବସ୍ଥା କରିବା ପାଇଁ ସରକାର ଓ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି ।

# ଲଗାଣ ବର୍ଷାରେ ଧୋଇଗଲା ପୋଲ, ଯାତାୟାତ ଠପ୍

**ମୋରଡା(ଅମୃତ ମିଡିଆ):** ଲଘୁଚାପ ଜନିତ ଲଗାଣ ବର୍ଷା ଗତକାଲି ରାତିଠାରୁ ଜାରି ରହିଛି । ଫଳରେ ମୋରଡା ବ୍ଲକର ବାରିପଦା - ଜଳେଶ୍ୱର ମୁଖ୍ୟ ରାସ୍ତାର ଚିତ୍ରଡା ବନ୍ଧ ଉପରେ ୩ ଫୁଟ ଉପରେ ଜଳ ପ୍ରବାହିତ ଯୋଗୁଁ ଯାତାୟାତ ଠପ୍ ହୋଇଯାଇଛି । ସେହିପରି ବାରମାଇଲ - ବାଘଡା ମୁଖ୍ୟର ମୋହନପୁର ବନ୍ଧ ଉପରେ ୪ ଫୁଟ ଉପରେ ଜଳ ପ୍ରବାହିତ ଯୋଗୁଁ ଯାତାୟାତ ଠପ୍ ହୋଇଯାଇଛି। ସେହିପରି ମୟୂରଭଞ୍ଜଜିଲ୍ଲା ଶୁଳିଆପଦା ବ୍ଲକ କୋଷ୍ଠା ଦେଉଳି ମୁଖ୍ୟରାସ୍ତା ଝାଲିଆମରାଠାରେ ଲଗାଣ ବର୍ଷାରେ ଧୋଇଯାଇଛି ପୋଲ୍। ବହୁଦିନରୁ ପୋଲଟି ଦୁର୍ବଳ ଅବସ୍ଥାରେ ଥିବାରୁ ଧୋଇଯାଇଛି । ୮ଟି ପଂଚାୟତର ହଜାର ହଜାର ଲୋକ ଏହି ପୋଲ ଦେଇ ଯିବା ଆସିବା କରନ୍ତି। ସେହିଭଳି ଜମ୍ବିରାପାଳ ସୁରୁକିଖାଳ ଉପରେ ତିନିଫୁଟ ପାଣି ପ୍ରବାହିତ କରିବାରୁ ଧେଙ୍କିଆ କାଣିମୋହୁଲି ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ଠିକ ସେହିପରି ରାସଗୋବିନ୍ଦପୁର ବ୍ଲକର ଚାରିଟି ପଞ୍ଚାୟତରେ ବର୍ଷା ପାଣି ପ୍ରବେଶ କରିଛି । ନାକିଚୁଆ, ମାଣିଦା, ଖୁଣ୍ଟାପାଳ ଓ ସାରମୂଳା ପଞ୍ଚାୟତର ଲୋକଙ୍କୁ ପ୍ରଶାସନ ପକ୍ଷରୁ ସ୍ଥାନାନ୍ତରିତ କରାଯାଇଛି । ଘଟଣାସ୍ଥଳରେ ଓଡ୍ରାଫ ଟିମ୍ ଓ ଅଗ୍ନିଶମ ବିଭାଗ ପହଞ୍ଚି ଥିବା ଜଣାପଡ଼ିଛି । ଘଟଣାସ୍ଥଳକୁ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ ପରିଦର୍ଶନ କରିବା ସହିତ ସ୍ଥିତି ଉପରେ କଡା ନଜ଼ର ରଖିଛନ୍ତି ।

# ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ

**ଜି.ଉଦୟଗିରି(ଅମୃତ ମିଡିଆ):** ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ସମସ୍ତ ସ୍କୁଲ,କଲେଜ ଛାତ୍ରୀଛାତ୍ରମାନଙ୍କୁ ନେଇ ଘର ଘର ତ୍ରିରଙ୍ଗା ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମରେ କଳିଙ୍ଗ ମହାବିଦ୍ୟାଳୟ,ଇନ୍ଦିରା ପ୍ରିୟଦର୍ଶିନୀ ଉଚ୍ଚ ମାଧ୍ୟମିକ ମହିଳା ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ପିଏମଶ୍ରୀ ହବାକ ଉଚ୍ଚ ବିଦ୍ୟାଳୟ, ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶତାଧିକ ଛାତ୍ରୀଛାତ୍ରମାନେ ଏକ ଦୀର୍ଘ ଲମ୍ବା ଜାତୀୟ ପତାକା ଧରି ସହର ପରିକ୍ରମା କରିଥିଲେ। ସ୍ଥାନୀୟ ହାବାକ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ ଠାରୁ ଆରମ୍ଭ ହୋଇଥିବା ଏହି ଘର ଘର ତ୍ରିରଙ୍ଗା ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ମାନଗୋବିନ୍ଦ ପ୍ରଧାନ,ସ୍ଥାନୀୟ ବିଜେପି ନଗର ସଭାପତି ଭେଙ୍କଟେଶ୍ୱର ବେହେରା,ସ୍ଥାନୀୟ ତହସିଲଦାର ସମୁଦ୍ର ମିଶ୍ର, ଭାରପ୍ରାପ୍ତ ବିଡିଓ ସତ୍ୟନାରାୟଣ ମିଶ୍ର, ଅତିରିକ୍ତ ତହସିଲଦାର ଦେବାଶିଷ ଜେନା, ଶିକ୍ଷୟିତ୍ରୀ ଶିକ୍ଷକ,ଅନ୍ୟ କର୍ମଚାରୀ ତଥା ସ୍ଥାନୀୟ ଭାଜପା ନେତୃବୃନ୍ଦ ଉପସ୍ଥିତ ରହିଥିଲେ ।

# ଅନୁଗୋଳ ବନ୍ଦ; ଜୀବନଯାତ୍ରା ପ୍ରଭାବିତ



**ଅନୁଗୋଳ(ଅମୃତ ମିଡିଆ):** ପ୍ରଦୂଷଣ ରୋକିବା ସହ ବେଆଇନ କୋଇଲା ଓ ପାଉଁଶ ପରିବହନ ବିରୋଧରେ ପଦକ୍ଷେପ ନେବା ଦାବିରେ ବୁଧବାର କଂଗ୍ରେସ ପକ୍ଷରୁ ଅନୁଗୋଳ ଜିଲ୍ଲା ବନ୍ଦ କରାଯାଇଛି। ଏହାର ପ୍ରଭାବ ସାଧାରଣ ଜୀବନଯାତ୍ରା ଉପରେ ପଡ଼ିଛି। ବନ୍ଦ ପାଇଁ ଜିଲ୍ଲାରେ ଜୀବନଯାତ୍ରା ଏକ ପ୍ରକାର ଠପ୍ ହୋଇଯାଇଥିଲା ବେଳେ ଅପରାହ୍ଣ ପରେ ସ୍ଥିତି ସ୍ୱାଭାବିକ ହୋଇଛି। କଂଗ୍ରେସ ପକ୍ଷରୁ ସକାଳ ୬ଟାରୁ ୧୨ ଘଣ୍ଟିଆ ଅନୁଗୋଳ ବନ୍ଦ ଡାକରା ଦିଆଯାଇଥିଲା। କୋଇଲା ପରିବହନ ଯୋଗୁ ସୃଷ୍ଟି ହୋଇଥିବା ସମସ୍ୟାର ସମାଧାନ ସହିତ ମିଥ୍ୟା ଅଭିଯୋଗରେ ଗିରଫ କରାଯାଇଥିବା କୋଶଳାର ୫ ଆନ୍ଦୋଳନକାରୀଙ୍କ ମାମଲା ପ୍ରତ୍ୟାହାର ଦାବିକୁ ଲୋକଙ୍କ ସମର୍ଥନ ମିଳିଥିଲା। ଏଥିପାଇଁ ଆଜି ସକାଳୁ ଅନୁଗୋଳ ସହରରେ ଦୋକାନ ବଜାର ଖୋଲିନଥିଲା। ବିଭିନ୍ନ ସ୍କୁଲ, କଲେଜ ମଧ୍ୟ ବନ୍ଦ ରହିଥିଲା। କଂଗ୍ରେସ କର୍ମୀମାନେ ହୁଲୁରିସିଂହା, ରାଜ୍ ହୋଟେଲଛକ, ହେମସୁରପଡ଼ା, ହାଟଛକ ଆଦି ସ୍ଥାନରେ ରାସ୍ତାରୋକ କରିଥିଲେ। ଦିନ ପ୍ରାୟ ୧୦ଟା ପରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ବ୍ୟାଙ୍କ ଖୋଲିଥିଲେ ମଧ୍ୟ କଂଗ୍ରେସ ନେତା ଓ କର୍ମୀ ପିକେଟିଂ କରି ଏସବୁ ବନ୍ଦ କରିଦେଇଥିଲେ। ଘରୋଇ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା ବେଳେ କିଛି ସରକାରୀ ବସ୍ ଗନ୍ତବ୍ୟସ୍ଥଳକୁ ଯାଇଥିଲା। କିନ୍ତୁ, ଯାତ୍ରୀ ନ ଥିଲେ। ସହର ଖାଁ ଖାଁ ଲାଗୁଥିଲା। କେବଳ ଔଷଧ ଦୋକାନ ଖୋଲା ରହିଥିଲା। ଦୁଇଚକିଆ ଗାଡ଼ି ଯିବାଆସିବା କରୁଥିଲେ ମଧ୍ୟ ୪ ଚକିଆ ଗାଡ଼ି ପ୍ରାୟ ନ ଥିଲା। ତେବେ, ଜିଲ୍ଲା ଦେଇ ରେଳ ଚଳାଚଳ ସ୍ୱାଭାବିକ ରହିଥିଲା। ଅନୁଗୋଳ ସହର ସମେତ ତାଳଚେର, ପାଲଲହଡ଼ା, ଆଠମଲ୍ଲିକ, ଛେଣ୍ଡିପଦା, ବଅଁରପାଳ ଆଦି ସ୍ଥାନରେ ବନ୍ଦ ଯୋଗୁଁ ଏହାର ପ୍ରଭାବ ସାରା ଜିଲ୍ଲା ଉପରେ ପଡ଼ିଥିଲା। ଅନୁଗୋଳ ଜିଲ୍ଲା ଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ରାସ୍ତାରୋକ କରାଯାଇଥିବାରୁ ଏହି ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ସେହିପରି ୧୪୯ ନମ୍ବର ଜାତୀୟ ରାଜପଥରେ ମଧ୍ୟ ଗାଡ଼ି ଚଳାଚଳ ଠପ୍ ହୋଇଯାଇଥିଲା। ବନ୍ଦ ପାଳନ ସମୟରେ ବିଭିନ୍ନ ସ୍ଥାନରେ କଂଗ୍ରେସ କର୍ମୀ ଓ ପୁଲିସ ମୁହାଁମୁହିଁ ହୋଇଥିଲେ। ଏପରିକି ପୁଲିସ ବହୁ କଂଗ୍ରେସ ନେତା ଓ କର୍ମୀଙ୍କୁ ଉଠାଇ ନେଇ ଥାନାରେ ଅଟକ ରଖିଥିଲା। ଅପରାହ୍ଣ ପରେ ଗାଡ଼ିମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା ବେଳେ କିଛି ଦୋକାନ ଖୋଲିଥିଲା। ତେବେ, ବଜାରରେ ଗହଳିଚହଳି ନ ଥିଲା। ଜିଲ୍ଲା କଂଗ୍ରେସ ସଭାପତି ସୁନିଲ ପ୍ରଧାନ କହିଛନ୍ତି, ପ୍ରଦୂଷଣରେ ଅଣନିଃଶ୍ୱାସୀ ହୋଇପଡ଼ିଥିଲା ଅନୁଗୋଳ ଜିଲ୍ଲାବାସୀ ଏହି ବନ୍ଦକୁ ନିଜଆଡ୍ରୁ ସମର୍ଥନ ଦେଇଛନ୍ତି। ବିଭିନ୍ନ ସଂଘ, ସଂଗଠନ ଓ ଅନୁଷ୍ଠାନ ମଧ୍ୟ ବନ୍ଦରେ ସାମିଲ ହୋଇଛନ୍ତି। ଅନୁଗୋଳ ବନ୍ଦ ସମ୍ପୂର୍ଣ୍ଣ ସଫଳ ହୋଇଥିଲା ବେଳେ ଏହା ପ୍ରଶାସନ ଓ ସରକାରଙ୍କ ପ୍ରତି ଏକ ଚେତାବନୀ। କୋଇଲା ପରିବହନ ଓ ପାଉଁଶ ଚାଲାଣ ପାଇଁ ହେଉଥିବା ପ୍ରଦୂଷଣକୁ ରୋକିବା ଦିଗରେ ପଦକ୍ଷେପ ନିଆନଗଲେ ଆଗକୁ ଏହି ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

### ସମୁଦ୍ର ଆଁରେ ୪୫ ତଟବର୍ତ୍ତୀ ଅଞ୍ଚଳ

# ୨୮ ବର୍ଷରେ ବିଲୀନ ହେଲାଣି ଜିଲ୍ଲାର ୨୬ ଗାଁ



**କେନ୍ଦ୍ରାପଡ଼ା(ଅମୃତ ମିଡିଆ):** କୂଳ ଲଂଘୁଛି ସମୁଦ୍ର । ଭାସିଯାଉଛି ଭିଟାମାଟି । ସଙ୍କଟରେ ପଡ଼ିଛି ଜୀବନ ଜୀବିକା । ଆଖି ଆଗରେ ଭାସିଯାଉଛି ଗାଁ, ରାସ୍ତା, ମନ୍ଦିର, ପିଢ଼ିପିଢ଼ିର ସ୍ମୃତି । ସମୁଦ୍ର କୂଳ ଲଂଘିବା ଦ୍ୱାରା ମତ୍ସ୍ୟଜୀବୀଙ୍କ ଉପରେ ମଧ୍ୟ ପ୍ରଭାବ ପଡୁଛି । କେନ୍ଦ୍ରାପଡ଼ା ଜିଲ୍ଲା ଦେଇ ଯାଇଥିବା ୧୪୯.୩୬ କିଲୋମିଟର ବ୍ୟାପୀ ତଟବର୍ତ୍ତୀ ଅଞ୍ଚଳରୁ ୪୫% ଅଞ୍ଚଳ ଏବେ ସମୁଦ୍ରର ଆଁକୁ ଗଲାଣି । ୧୬.୮% ଅଞ୍ଚଳ ପୂର୍ବବତ୍ ସ୍ଥିର ଥିବା ବେଳେ ୩୮.୯% ଅଞ୍ଚଳରେ ବେଳାଭୂମି ବଢ଼ି ଗ୍ରାସ କରୁଥିବା କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ବିଭାଗ ମନ୍ତ୍ରୀ ସର୍ବାନନ୍ଦ ସୋନ୍ୱାଲ ସୂଚନା ଦେଇଛନ୍ତି । ବିଜେଡି ସାଂସଦ ସସ୍ମିତ ପାତ୍ରଙ୍କ ପ୍ରଶ୍ନର ଉତ୍ତର ରଖିବାକୁ ଯାଇ ମନ୍ତ୍ରୀ ସଂସଦରେ ଏହି ତଥ୍ୟ ରଖିଛନ୍ତି । ସୂଚନାଯୋଗ୍ୟ ଯେ, ଗତ ୨୮ ବର୍ଷ ଅର୍ଥାତ୍ ୧୯୯୦ରୁ ୨୦୧୮ ମସିହା ମଧ୍ୟରେ ଅଧିକ କୋପ ଦେଖାଇଛି ସମୁଦ୍ର । ଏହି ସମୟରେ ୬ ଉପକୂଳବର୍ତ୍ତୀ ଜିଲ୍ଲାର ଗାଁ ସମୁଦ୍ରରେ ବିଲୀନ ହୋଇ ସାରିଛି । ଇତିମଧ୍ୟରେ କେନ୍ଦ୍ରାପଡ଼ାର ୨୬, ଗଞ୍ଜାମର ୧୪ ଓ ପୁରୀର ୬ ଗାଁ ସମୁଦ୍ରରେ ବିଲୀନ ହୋଇ ସାରିଥିବା ଜଣାଯାଇଛି । କେବଳ କେନ୍ଦ୍ରାପଡ଼ା ନୁହେଁ, ପୁରୀ ଦେଇ ଯାଇଥିବା ୧୩୮.୧୬ କିଲୋମିଟର ତଟବର୍ତ୍ତୀ ଅଞ୍ଚଳରୁ ୧୦.୨% ଅବକ୍ଷୟର ଶିକାର ହୋଇଥିବା ବେଳେ ୧୧.୫% ଅଞ୍ଚଳ ସ୍ଥିର ଓ ୭୮.୩% ଅଭିବୃଦ୍ଧି ଅପେକ୍ଷାରେ ଅଛି । ବାଲେଶ୍ୱର ଜିଲ୍ଲା ଦେଇ ଯାଇଥିବା ୮୮.୨୩ କିଲୋମିଟର ଅଞ୍ଚଳରୁ ୨୩.୮% ସମୁଦ୍ର ଗର୍ଭରେ ଲୀନ ହୋଇଥିବା ବେଳେ ୨୨.୩% ସ୍ଥିର ରହିଛି ଓ ୫୪% ଅଂଶରେ ବେଳାଭୂମି ବୃଦ୍ଧି ପାଉଛି । ଭଦ୍ରକ ଓ ଗଞ୍ଜାମରେ ମଧ୍ୟ ଅନୁରୂପ ତଟ କ୍ଷୟ ହୋଇ ଚାଲିଛି । ଭଦ୍ରକ ଜିଲ୍ଲା ଦେଇ ୭୨.୩୬ କିଲୋମିଟର ବ୍ୟାପୀ ତଟରେଖା ଯାଇଥିବା ବେଳେ ୪.୬% ଅଞ୍ଚଳ ସମୁଦ୍ର ଆଁରେ ଗଲାଣି ଏବଂ ୧୯.୬% ସ୍ଥିର ରହିଛି ଓ ୭୫.୮ ପ୍ରତିଶତ ଅଞ୍ଚଳରେ ବିସ୍ତାର କରିବାର ଆଶା ରହିଛି । ଗଞ୍ଜାମ ଜିଲ୍ଲାରେ ୬୦.୧୮ କିଲୋମିଟର ଅଞ୍ଚଳ ମଧ୍ୟରୁ ୪୫.୭% ଅଞ୍ଚଳକୁ ସମୁଦ୍ର ଗ୍ରାସ କରିସାରିଲାଣି । ଏଠାରେ ୨୭.୭% ସ୍ଥିର ଥିବା ବେଳେ ୨୬.୬% ଅଞ୍ଚଳରେ ତଟବର୍ତ୍ତୀ ଅଞ୍ଚଳ ବୃଦ୍ଧି ପାଉଛି । ଓଡ଼ିଶା ଦେଇ ଯାଇଥିବା ମୋଟ୍ ୫୬୪.୧୪ କିଲୋମିଟର ବ୍ୟାପୀ ତଟବର୍ତ୍ତୀ ଅଞ୍ଚଳ ମଧ୍ୟରୁ ୨୮.୩% ସମୁଦ୍ର ମଧ୍ୟକୁ ଚାଲିଗଲାଣି । ଅବଶିଷ୍ଟ ୧୭.୬% ସ୍ଥିର ରହିଛି ଓ ୫୪.୧% ଅଞ୍ଚଳରେ ବେଳାଭୂମି ବଢ଼ିବା ଆଶଙ୍କା ରହିଛି । ଜାତୀୟ ଉପକୂଳ ଗବେଷଣା କେନ୍ଦ୍ର ଓଡ଼ିଶା ଉପକୂଳରେ ଅନେକ ସ୍ଥାନରେ ସମ୍ବେଦନଶୀଳ ସ୍ଥାନ ଚିହ୍ନଟ କରିଛି । ଯେଉଁଠାରେ ବର୍ଷବର୍ଷ ଧରି ସମୁଦ୍ର କ୍ଷୟ ହୋଇଚାଲିଛି । ଏହା ଭିତରେ କେନ୍ଦ୍ରାପଡ଼ା ଜିଲ୍ଲାର ହେଟାମୁଣ୍ଡିଆ, ହୁକିଟୋଲା, ପେଣ୍ଠ-ସାତଭାୟା, ସାତଭାୟାଗହୀରମଥା ଆଦି ଅଞ୍ଚଳ ରହିଛି । ରାଜନଗର ବ୍ଲକ୍ର ସମୁଦ୍ର ଉପକୂଳବର୍ତ୍ତୀ ଗ୍ରାମକୁ ସମୁଦ୍ର ଜୁଆରରୁ ସୁରକ୍ଷା ପାଇଁ ପେଣ୍ଠକୁ ଲାଗି ଥିବା ସୁନ୍ଦରପାଳ, ଗୋବର୍ଦ୍ଧନପୁର, ଓଲସାହି, ପ୍ରହରାଜପୁର, ପ୍ରସନ୍ନପୁର, ଖଣ୍ଡମରା ଆଦି ଗ୍ରାମ ସମେତ ଆଖପାଖ ୫୬ଟି ଗ୍ରାମର ପ୍ରାୟ ୫୦ ହଜାର ଲୋକ ସମୁଦ୍ର ପ୍ରକୋପରୁ ବର୍ତ୍ତିବା ପାଇଁ ପେଣ୍ଠ ବେଳାଭୂମିଠାରେ ଜିଓ ସିନଥେଟିକ ୱାଲ୍ ନିର୍ମାଣ କରାଯାଇଥିଲା । ହେଲେ ଗତବର୍ଷ ସାମୁଦ୍ରିକ ବାତ୍ୟା ମୋନ୍ଥା ଆସିବା ଆଗରୁ ଜୁଆର ମାଡ଼ରେ ଏହା ଦବି ଯାଇଥିଲା । ଏହି ୱାଲ୍ ସ୍ଥାନୀୟ ବାସିନ୍ଦାଙ୍କୁ ସୁରକ୍ଷା ଦେବା ବଦଳରେ ବର୍ତ୍ତମାନ ସମୁଦ୍ର ଗର୍ଭରେ ବିଲୀନ ହେବାକୁ ବସିଲାଣି । ପେଣ୍ଠ ବେଳାଭୂମିର ମୋଟ ୬୭୫ ମିଟର ବ୍ୟାପୀ ଅଞ୍ଚଳରେ ପଥର ପ୍ୟାକିଂ କରାଯାଇଥିଲା । ୩୨ କୋଟି ଟଙ୍କା ବ୍ୟୟରେ ଜିଓ ସିନଥେଟିକ ୱାଲ୍ ଉପକୂଳବାସୀଙ୍କ ଧନଜୀବନ ସୁରକ୍ଷିତ ରଖିପାରିବ ବୋଲି ଆଶା ଥିଲା । ତେବେ ସିନଥେଟିକ୍ ୱାଲ୍ ଦବିବା ଫଳରେ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି ।

## ପୁରୀ ପ୍ରଶାସନ ପକ୍ଷରୁ ସହରରେ ତ୍ରିରଙ୍ଗା ଶୋଭାଯାତ୍ରାରେ ଛାତ୍ରୀଛାତ୍ର ଓ ସହରବାସୀମାନେ ବଡ଼ଦାଣ୍ଡରେ ପଦଯାତ୍ରା କରୁଛନ୍ତି
































# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.116, Friday, 14 August 2026, Puri, Pages - 25, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୧୬, ଶୁକ୍ରବାର, ୧୪ ଅଗଷ୍ଟ ୨୦୨୬, ପୁରୀ, ୨୫ ପୃଷ୍ଠା, ମୂଲ୍ୟ - ୯ ଟଙ୍କା



